# ଶ୍ରେୟସୀ

**ନଭେମ୍ବର ୨୦୨୩**



Photo by Dr Ranjit K Sahu, USA

ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ସେପ୍ଟେମ୍ବର ଠାରୁ ଡିସେମ୍ବର ପର୍ଯ୍ୟନ୍ତ ହେଉଛି ଆମର ଅନେକ ପର୍ବପର୍ବାଣୀର ସମୟ । ଦଶହରା, ଲକ୍ଷ୍ମୀପୂଜା, କୁମାରପୂର୍ଣ୍ଣମୀ, ଦୀପାବଳୀ, ବାଲିଯାତ୍ରା, ବଡଓଷା ଆଦି ପର୍ବପର୍ବାଣୀ ଏହି ସମୟରେ ପଡିଥାଏ । ଏହା ଭିତରୁ ଦୀପାବଳି ପର୍ବର ମହତ୍ତ୍ୱ ଅନେକ ।

ଅନେକ କାଳରୁ ପାରମ୍ପରିକ ଭାବରେ ହିନ୍ଦୁମାନେ ଏହି ପର୍ବକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରିଆସୁଛନ୍ତି । କାର୍ତ୍ତିକ ମାସ ଅମାବାସ୍ୟା ତିଥିଟି ହିଁ ହେଉଛି ଦୀପାବଳୀ । ଏହି ଦିନ ପରିବାରରେ ଦୀପଦାନ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଡକାଯାଇଥାଏ – "ବଡବଡୁଆ ହୋ, ଅନ୍ଧାରରେ ଆସ, ଆଲୁଅରେ ଯାଅ...ବାଇଶି ପାହାଚରେ ଗଡ଼ ଗଡ଼ାଉଥାଅ ।" ସତରେ, ଆମମାନଙ୍କର ପିତୃପୁରୁଷମାନଙ୍କୁ ମନେପକାଇବାର କି ଅଭିନବ ପନ୍ଥା ।

ଦୀପାବଳୀର ତାତ୍ପର୍ଯ୍ୟ ବିଷୟରେ କୁହାଯାଏ ଯେ ଲଙ୍କା ବିଜୟ କରି ଯେତେବେଳେ ରାମ, ଲକ୍ଷ୍ମଣ, ସୀତା ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିବାପରେ

ISSN NO.
2582-208X

ଅଯୋଧ୍ୟାର ନଗରବାସୀ ଅଯୋଧ୍ୟାକୁ ଦୀପମାଳାରେ ସୁସଜ୍ଜିତ ବିଜୟ ଉତ୍ସବ ପାଳନ କରିଥିଲେ ଆଉ ସେହିଦିନଠାରୁ ଏହି ଉତ୍ସବ ପାଳିତ ହୋଇଆସୁଛି ।

ଏହି ପର୍ବରେ ନିଜ ଘରକୁ ସୁସଜ୍ଜିତ କରାଯାଇଥାଏ । ଏହି ପର୍ବକୁ ଆଲୋକର ପର୍ବ ମଧ୍ୟ କୁହାଯାଇଥାଏ । ଏହି ଦିନରେ ମାଟି ଦୀପ ଜାଳି ନିଜ ନିଜର ଘରକୁ ସଜାଯାଇଥାଏ । ଏହି ଅବସରରେ ଶ୍ରୀଗଣେଶ, ଲକ୍ଷ୍ମୀ ମାତା ଏବଂ ଶ୍ରୀ ରାମଙ୍କର ପ୍ରତିମା କିଣାଯାଇଥାଏ ।

ଦୀପାବଳି ହେଉଛି ପ୍ରେମ ଏବଂ ସୌହାର୍ଦ୍ଦ୍ୟର ପ୍ରତୀକ । ଏହି ପର୍ବ ଆମକୁ ସର୍ବଦା ଆଗକୁ ବଢିବାକୁ ପ୍ରେରଣା ଦେବା ସହ ନିଜ କର୍ମ ଦ୍ୱାରା ଅନ୍ଧକାରକୁ ଆଲୋକିତ କରିବାର ସନ୍ଦେଶ ଦେଇଥାଏ । ନିଃସନ୍ଦେହ, ଏହିପରି ପର୍ବପର୍ବାଣୀ ଦ୍ୱାରା ଆମ ସଂସ୍କୃତିକୁ ବଜାୟ ରଖାଯିବା ସହ ପରିବାରବର୍ଗଙ୍କୁ ଯୋଡିରଖିବାରେ ସହାୟକ ହୋଇଥାଏ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୨ |
| ଅଭିମାନ | ଡ. ପ୍ରସନ୍ନ କୁମାର ବଳ | ୨୨ |
| ବାକି ଅଛି ଆଉ ଯେତେ ଦିନ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୪ |
| ନୃତ୍ୟ ସଂପର୍କ | ଡକ୍ଟର ବିଜ୍ଞାନୀ ଦାସ | ୨୬ |
| କାହାକୁ କହିବା ଇଏ ମୋ' ନିଜର | ଶଶଧର ମହାପାତ୍ର | ୩୬ |
| ଥରେ ଆସି ଦେଖନ୍ତ ନି | ପୁଷ୍ପାଞ୍ଜଳି ପଣ୍ଡା | ୩୮ |
| ଏକଦା | ବିନୟ ମହାପାତ୍ର | ୪୦ |
| କୃଷ୍ଣ | ଭାରତୀ ମୁଦୁଲି | ୪୮ |
| ଜୀବନ୍ତ ଉପାଖ୍ୟାନ | ସସ୍ମିତା ନାୟକ | ୪୯ |
| ଜ୍ଞାନ ମୋତି | ଅଳକା ମହାନ୍ତ | ୫୧ |
| ଲଳିତ ନିବନ୍ଧ-ପରିବାର | ବଦ୍ରୀ ମହାନ୍ତ | ୫୨ |
| ଦୀପାନ୍ୱିତା (ଦିବାଲୀ ରାତ୍ରୀ) | ଇଂ. ସୁଶାନ୍ତ କିଶୋର ବଳ | ୫୬ |
| ମଉନ ରାଗ | ଜୟଶ୍ରୀ ପଟ୍ଟନାୟକ | ୬୦ |
| ପୂର୍ଣ୍ଣାହୁତି | ଶାନ୍ତିଲତା ମିଶ୍ର | ୬୧ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୬୩ |
| ଜୀବନ ଏକ ରଫ୍ ଖାତା | ବାସନ୍ତୀ ଲତା ଜେନା | ୭୦ |
| ଦୁର୍ଗାଙ୍କ ଭକ୍ତି ଗୀତ | ଅଜିତ କୁମାର ରାଉତ | ୭୨ |
| ସେ ବି ସ୍ୱପ୍ନ ଦେଖେ | ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ | ୭୪ |
| ହେବି ମୁଁ ଝରା ଶେଫାଳୀ | ସଂଯୁକ୍ତା ସାହୁ | ୭୭ |
| ମା'ଦୁର୍ଗା ଓ ଦଶହରା | ଜୟନ୍ତୀ ଓଝା | ୭୯ |
| ମା ଫଳେଷୁ କଦାଚନ | ସତ୍ୟନାରାୟଣ ପ୍ରସାଦ ନାୟକ | ୮୨ |
| ବ୍ୟାସ ପୂର୍ଣ୍ଣିମା/ ଗୁରୁ ପୂର୍ଣ୍ଣିମା | ଛବି ରାଣୀ ପତି | ୮୪ |

ISSN NO.
2582-208X


| | | |
|---|---|---|
| ଗତି | ଅଳକା ରାୟ | ୮୬ |
| ଆମ ଗଭିର ଚେତନାର ସ୍ୱରୂପ – 'ଶ୍ରୀ ଗଣେଶ' | ଶିବମ୍ ପଟ୍ଟନାୟକ | ୮୮ |
| ଆଉ ଥରେ କଣ ତୁମେ ଫେରନ୍ତନି | କୁଞ୍ଜବିହାରୀ ରାଉତ | ୯୧ |
| ସମ୍ପର୍କ | ଅରୁଣ କୁମାର ମହାପାତ୍ର | ୯୩ |
| ଓଡ଼ିଆ ଶିଶୁସାହିତ୍ୟରେ ଲୋକକାହାଣୀ | ଡ଼ ପଲ୍ଲିମର ଦାଶ | ୯୫ |
| ଜୀବନ ଓ ମୃତ୍ୟୁ | ଝିଲିମିଲି ସାହୁ | ୯୮ |
| ଶାରଦୀୟ ଶୁଭ୍ର ଶୋଭା | ନଳନୀ ଦାଶ | ୧୦୦ |
| ଶେଷ ଠିକଣା | ସିନ୍ଧୁ ନନ୍ଦିନୀ | ୧୦୨ |
| ଈଶ୍ୱର ଯଦି ପଚାରନ୍ତି ! | ଡ. ସଂଘମିତ୍ରା ଭଞ୍ଜ | ୧୦୪ |
| ପାରଳାର ବୀର ଓଡ଼ିଆ | ପାରଳାର ବୀର ଓଡ଼ିଆ | ୧୦୬ |
| ବର୍ଷାସ୍ନାତ ମହାନଗରୀ | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୧୧୨ |
| ଲାଞ୍ଛ | ରାଧାମୋହନ ପୂଜାହାରୀ | ୧୧୪ |
| ବୀର ଯବାନ | ସ୍ମୃତି ରେଖା ନାୟକ | ୧୧୬ |
| ପାପ ପଞ୍ଜୁରୀ ରେ ପୂଣ୍ୟ ଶାରୀ | ସୁଶ୍ରୀ ଶୁଭସ୍ମିତା ମହାନ୍ତ | ୧୧୮ |
| ଏଣ୍ଡୁଅ | ଆଶୁତୋଷ ମେହେର | ୧୨୦ |
| ପୃଥିବୀ ବ୍ୟାଘ୍ର ଦିବସ | ଶମ୍ଭୁନାଥ ଦାସ | ୧୨୫ |
| ଆମେ ଓ ତୁମେ | ଡ. ଜ୍ଞାନେଶ୍ୱର ମିଶ୍ର | ୧୨୭ |
| ମୋ ପ୍ରିୟା | ବନଲତା ଦାସ | ୧୨୯ |
| ଅନ୍ନଦାତ୍ରୀ ମାତା | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୧୩୧ |
| କ୍ଷୁଦ୍ରଗଳ୍ପ-ଘର | ପ୍ରଦୀପ୍ତ କୁମାର ମିଶ୍ର | ୧୩୩ |
| ସନେଟ୍...ମନୁଆ ପାଇଁ ମନ | ମଧୁମିତା ମିଶ୍ର | ୧୩୫ |
| ପୋତିବା ଗଛ କାଟିବା ନାହିଁ | ରଘୁନାଥ ତ୍ରିପାଠୀ | ୧୩୬ |

ISSN NO.
2582-208X


| | | |
|---|---|---|
| ଶୂନ୍ୟତା | ମନୋରମା ମହାନ୍ତ | ୧୩୮ |
| ନିଜ କଥା | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୪୦ |
| ଉନ୍ନତ ଚରିତ୍ର ର ଅଧିକାରୀ ବୀର ବାଜି ରାଉତ | ଅସିତ ମହାନ୍ତ | ୧୪୧ |
| କାଶତଣ୍ଡୀ | ଡଃ ପ୍ରଦୀପ କୁମାର ପଣ୍ଡା | ୧୪୫ |
| କଳ୍ପଚିତ୍ର | ପ୍ରତିଭା ଦାସ | ୧୪୭ |
| ଶବ୍ଦ ସବୁ ସରିଗଲା ପରେ | ବର୍ଷାରାଣୀ ମହାମଲ୍ଲିକ | ୧୪୯ |
| ରାମାୟଣରୁ କିଛି | ନରେନ୍ଦ୍ର ପ୍ରସାଦ ବେହେରା | ୧୫୧ |
| ସବୁଠି ଏହି ଧନ୍ଦା | ଜୟ କୁମାର ମିଶ୍ର | ୧୫୫ |
| ସବୁ ଜାଳିଦିଏ ସନ୍ଦେହ ନିଆଁ | ବିନୋଦିନୀ ଦାଶ | ୧୫୮ |
| ଯିବ ନାହଁ ପଥ ଭୁଡି | ଅଲେଖ ମେହେର | ୧୬୦ |
| ବର୍ଷା ଗୋ ତୁମେ.... | ଶାଶ୍ୱତୀ ନନ୍ଦ | ୧୬୧ |
| ନାଟକ-ଭଲ ମଣିଷ ଖୋଜିବା ଆସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୩ |
| ଜୟ ମାଁ ଦୁର୍ଗା | ନିରୂପମା ପଟେଲ | ୧୬୮ |
| ଗୁରୁ ଦିବସ | ରାଜକିଶୋର ସ୍ୱାଇଁ | ୧୬୯ |
| ମନ ପକ୍ଷୀ | ବାଙ୍କାବିହାରୀ ମହାକୁର | ୧୭୧ |
| ଅନ୍ଧକାର ଅକଟୋପସ୍: ସେଲୁଲାର ଜେଲ୍ | ପ୍ରିୟବ୍ରତ ପାତ୍ର | ୧୭୨ |
| ସନ୍ତକ | କୀର୍ତ୍ତନ ସାହୁ | ୧୭୬ |
| ଶକ୍ତି ସ୍ୱରୂପିଣୀ ସୌମ୍ୟା | ଡଃ ପ୍ରିୟମ୍ବଦା ସାମଲ | ୧୭୭ |
| ସୁସ୍ଥ ଓଡିଶା ସୁଖୀ ଓଡିଶା | ଅନୁପମା ବିଶ୍ୱାଳ | ୧୭୯ |
| ଶ୍ରୀମଦ୍ଭାଗବତ-ଜୀବନ ଜିଜ୍ଞାସାର ସରଳ ସମାଧାନ | ପୁଷ୍ପଲତା ବେହେରା | ୧୮୧ |
| ସ୍ମାଇଲ ପିଲିଜ ବିକ୍ରମ | ଅଳକା ରାୟ | ୧୮୬ |

ISSN NO.
2582-208X


| | | |
|---|---|---|
| ଯାଦୁକର | କଳ୍ପନା ମିଶ୍ର | ୧୮୯ |
| ପୁନଶ୍ଚ ସମ୍ଭାବନା | ବେଣୁଧର ସୂତାର | ୧୯୧ |
| ରଘୁଆ | କୁଞ୍ଜ ବିହାରୀ ସାହୁ | ୧୯୩ |
| ମାଆ ! ତୋତେ ଖୋଜୁଛି ତାରାଙ୍କ ମେଳେ | ଶେଷଦେବ ପଣ୍ଡା | ୨୦୪ |
| ଏକାକି ପିତୃ ପ୍ରାଣ | ଡକ୍ଟର ସତ୍ୟବ୍ରତ ଦାସ | ୨୦୬ |
| ଯା'  ଉଡ଼ିଯା' | ବିଜୟିନୀ ଜେନା | ୨୦୯ |
| ସୁଖର ସଂଜ୍ଞା | ସୀତାରାମ ଦାଶ | ୨୧୧ |
| ବୋହୂ ବେଦନା | ଦିଲ୍ଲୀପ ଶତପଥୀ | ୨୧୪ |
| ଦେବୀପକ୍ଷ | ମାନସ ରଞ୍ଜନ ନାୟକ | ୨୧୬ |
| କୃଷକ ସଲାମ୍ ତୋତେ ! | ଦଣ୍ଡାସି ପ୍ରଧାନ | ୨୧୭ |
| ସତ୍ୟମ୍ ଶିବଂମ୍ ସୁନ୍ଦରମ୍ | ଅଜିତ ପାଢି | ୨୨୦ |
| ଦୁଇଟି ଅଣୁଗଳ୍ପ | ଅମ୍ବିକା ଶଙ୍କର ମିଶ୍ର | ୨୨୨ |
| ସହୀଦ ସନ୍ତାନ ବାଜି ରାଉତ | କାର୍ତ୍ତୀକେଶ୍ୱର ନାୟକ | ୨୨୪ |
| ତୁମ ଅଭିନବ ଖେଳ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୨୨୫ |
| ଆଲୁଅ ଅନ୍ଧାର ର ଲୁଚକାଳି | ବିରଞ୍ଚି ନାରାୟଣ ମିଶ୍ର | ୨୨୭ |
| ବାସ୍ତବିକ ଭାବଧାରା ଗଳ୍ପ: ସ୍ମୃତି ପଟ୍ଟନାୟକଙ୍କ "ଅନ୍ଧାର ର ପ୍ରତିବିମ୍ବ" | ଅପରାଜିତା ମହାରଣା | ୨୨୮ |
| ମାଆ ଗୋ ତ୍ରିପୁରା ସୁନ୍ଦରୀ | ଦେବାର୍ଚ୍ଚନ ମେହେର | ୨୩୪ |
| ମେଘୁଆ ସଞ୍ଜ | ଲିନା ମହାନ୍ତ | ୨୩୬ |
| ରାତିର ରାଣୀ | ଲୀଳାବତୀ ପରିଡ଼ା | ୨୩୭ |
| କର୍ମ ଫଳିବ | ଅଭିମନ୍ୟୁ କାନୁନଗୋ | ୨୩୯ |

ISSN NO.
2582-208X


| | | |
|---|---|---|
| ଗୀତାରେ ଧର୍ମର ସଜ୍ଞା | ଅମରନାଥ ବାରିକ | ୨୪୦ |
| ଅନ୍ଧ କରି ମୋତେ ଦେରେ କାଳିଆ | ବିଜୟ କୁମାର ସାହୁ | ୨୪୬ |
| ମୋ ଗାଁରେ ଶୀତ | ପ୍ରଶାନ୍ତ କୁମାର ନାଥ | ୨୪୮ |
| ଭବାନୀ ଅଷ୍ଟକମ୍ | ଜୟନ୍ତୀ ଦେବୀ | ୨୪୯ |
| ଯୁଗେ ଯୁଗେ ଦେବଶିଳ୍ପୀ- ବିଶ୍ୱକର୍ମା | ଭ୍ଗ୍ୟଶ୍ରୀ ନନ୍ଦ | ୨୫୧ |
| ରାବଣ ଅଟେ ମୋ ନାମ | ଜୟନ୍ତ କୁମାର ମଲ୍ଲିକ୍ | ୨୫୬ |
| ହେରାପଞ୍ଚମୀ | ତ୍ରିପତି ପ୍ରଧାନ | ୨୫୮ |
| ପ୍ରିୟା ଗୋ ତୁମେ | ଜନ୍ମଜୟ ନାୟକ | ୨୬୦ |
| ନିରବ ରାତି | ଜୟଲକ୍ଷ୍ମୀ ସେଠୀ | ୨୬୨ |
| ତମ କବିତା-ମୋ କବିତା | ଡ଼ ମାନସ ବେହେର୍ | ୨୬୬ |
| ପାଗିଳି | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୩୮ |
| ଆ କା ମା ବୈ...... | ନୀଳମଣି ଗୁନ୍ଦ | ୨୭୦ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୭୨ |
| ଫଳାଫଳ | ନିରଞ୍ଜନ ସାହୁ | ୨୭୬ |
| ପ୍ରଣବ ମୁଖାର୍ଜୀ ସ୍ମରଣେ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୨୭୭ |
| ଶବ୍ଦର ଲୁଚକାଳି | ଅମୃତନାରାୟଣ ଶତପଥୀ | ୨୭୯ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୨୮୧ |
| ହୃଦୟ ତୁମକୁ ଝୁରେ | ଝରଣା ବାରିକ | ୨୮୮ |
| ଉପାସନା | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୨୮୯ |
| କ'ଣ ସେ ନଈର ନାଁ | ବିଶ୍ୱନାଥ କର | ୨୯୧ |
| ଛତ୍ରପତି ଶିବାଜୀ ମହାରାଜଙ୍କ ରାଜ୍ୟାରୋହଣର ସାମାଜିକ-ରାଜନୈତିକ ପ୍ରଭାବ | ଅରୁଣ କୁମାର ତ୍ରିପାଠୀ | ୨୯୩ |

ISSN NO.
2582-208X


| | | |
|---|---|---|
| ଦେବୀ ଦଶଭୁଜା | ବିକାଶ କୁମାର ହୋତା | ୨୯୯ |
| ଗାଁ କାନ୍ଦୁଛି | ନନ୍ଦିନୀ ରାଉତ | ୩୦୧ |
| ମନକୁ କରିଛ ବଶ | ତାରାପ୍ରସାଦ ଜେନା | ୩୦୩ |
| ନାରୀ | କୁମରଲାଲ ରଣା | ୩୦୫ |
| ଶିକ୍ଷକଟିଏ | କାଳିପ୍ରସାଦ ମହାପାତ୍ର | ୩୦୬ |
| ତୁହି ମା ଭବାନୀ | ହରେରାମ ପଣ୍ଡା | ୩୦୭ |
| ଇଏ ଦୁନିଆଁ ରୀତି | ଶିଶିର କୁମାର ପଣ୍ଡା | ୩୦୯ |
| ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ଓ ବିଶ୍ୱକର୍ମା | ସୁହାସିନୀ ବାରିକ୍ | ୩୧୦ |
| ଶୀତ ସାୟନ୍ନ | ସୁହଂସ ଭୋଇ | ୩୧୨ |
| ଡେଙ୍ଗୁର ଭୟ | ପ୍ରଦୀପ୍ତ କୁମାର ଦାସ | ୩୧୪ |
| ମଣିଷ ଜୀବନେ ସମୟ ନିୟଣ୍ଟ | ସୁରମା ମିଶ୍ର | ୩୧୫ |
| ସତସଙ୍ଗ କଣ ? | ଡ. ଅର୍ଜୁନ ଚରଣ ବାରିକ୍ | ୩୧୭ |
| ଚାଷ ଅଛି ଯାହାର | ଚତରଂଜନ ବେହେରା | ୩୧୯ |
| କୃଷ୍ଣ ଲୀଳା | ମୋନାଲିସା ପାଣିଗ୍ରାହୀ | ୩୨୧ |
| ବିଘ୍ନେଶ୍ୱର ଅଷ୍ଟୋତ୍ତର ଶତ ନାମ ସ୍ତୋତ୍ରମ୍ | ଦେବଯାନୀ ବାରିକ୍ | ୩୨୩ |
| ନୀଳାଚଳ ନିବାସୀ | ସତ୍ୟନାରାୟଣ ମିଶ୍ର | ୩୨୫ |
| ପାର୍ବଣ ଫେରିଛି | ରାମ ଚନ୍ଦ୍ର ପ୍ରଧାନ | ୩୨୬ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୨୭ |
| କେତେ ଦୁଃଖ ଲେଖିଛ ମୋ କପାଳେ ? | ଅନନ୍ତ କୁମାର | ୩୨୯ |
| ତରୁଣ ମନର ପରିଣାମ | ଅବିନାଶ ସାହୁ | ୩୩୧ |
| ଧର୍ମ ସ୍ତମ୍ଭ | ମନୋରଞ୍ଜନ ସୁରୁଜାଲ | ୩୩୫ |
| ଜଣେ ଯଦି ଆସନ୍ତା | ସିଦ୍ଧେଶ୍ୱର ତ୍ରିପାଠୀ | ୩୩୭ |
| ନିରବ ଯନ୍ତ୍ରଣା | ସୁରାତ୍ରୀ ପ୍ରଧାନ | ୩୩୮ |

ISSN NO.
2582-208X



| | | |
|---|---|---|
| ବିଘ୍ନରାଜ ଶ୍ରୀ ଗଣେଶ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୩୩୯ |
| ଖଣ୍ଡିଆ ଭୂତ | ମୁକେଶ କୁମାର ସାହୁ | ୩୪୦ |
| ପ୍ରଣୟର ଅଭିଳାଷ | ପ୍ରସନ୍ନ କୁମାର ମେହେର | ୩୪୬ |
| ଗଙ୍ଗାଧର ମେହେର | ରିତେଶ ସାହୁ | ୩୪୮ |
| ଜୀବନର ମାନେ ନାହିଁ... | ଶିଶିର କୁମାର ସାମଲ | ୩୫୦ |
| ସମ୍ପର୍କ ଓ ଯୋଗାଯୋଗ | ଅଧ୍ୟାପକ ଅବିନାଶ ବାରିକ୍ | ୩୫୧ |
| ଆମେ ଏବେ ଆମର ନୁହଁ | ଦୀନବନ୍ଧୁ ବେଜ | ୩୫୬ |
| ଶୀତ ତୁମେ | ଦୁଷ୍ମନ୍ତ ବେହେରା | ୩୫୮ |
| କବି | ସୁଧୀର ମେହେର | ୩୬୦ |
| ଭାଗବତ କଥା - ୪ (ଧାରାବାହିକ) | ନରେନ୍ଦ୍ର ପ୍ରସାଦ ବେହେରା | ୩୬୨ |
| ଉମା ମହେଶ୍ୱର ସ୍ତୋତ୍ରମ୍ | ଅଧ୍ୟାପିକା ରେଜାଲିନ୍ ବାରିକ୍ | ୩୬୫ |
| କୁମ୍ଭକର୍ଣ୍ଣର ପ୍ରଶ୍ନ | ବିନୟାନନ୍ଦ ବସ୍ତିଆ | ୩୬୮ |
| ସର୍ବଦେବ କୃତ ଶ୍ରୀ ଲକ୍ଷ୍ମୀ ସ୍ତୋତ୍ରମ୍ | ଅଭିଳାଶ ବାରିକ୍ | ୩୭୦ |
| ସନ୍ଧ୍ୟା ସକାଳ ଠାରୁ ଭଲ, ବିଶ୍ରାମ ଜଗିଥାଏ | ଡୁଇଟ୍ ଡେଭିଡ ଫିଲିପ | ୩୭୨ |
| ଆସ୍ତିକତା ଓ ନାସ୍ତିକତା ଉପରେ ଯୁକ୍ତି ତର୍କ | ବାଲ୍ମୀକି ନାୟକ | ୩୭୩ |
| ଜଗତେ ନଥାନ୍ତା ଦୁଃଖ | ଦାସ କମଳ କୁମାର | ୩୭୯ |
| ସ୍ୱପ୍ନର ନାୟିକା | କମଳାକାନ୍ତ ମହାନନ୍ଦ | ୩୮୧ |
| ସପନ | ଶିବରାମ ସାହୁ | ୩୮୨ |
| ଦୁର୍ଗା ପଂଚ ରତ୍ନମ୍ | ମାଳତୀ ଦେବୀ | ୩୮୩ |
| **ସ୍ୱାସ୍ଥ୍ୟ ବିଭାଗ** | | |
| କିସମିସ୍ ର ପାଣି | ଅଭିମନ୍ୟୁ କାନୁନଗୋ | ୩୮୫ |

ISSN NO.
2582-208X


| | | |
|---|---|---|
| **ଆମ ହାଣ୍ଡିଶାଳ** | | |
| ମଖାନା ଖିରି | ରୋଜାଲିନ୍ ବାରିକ୍ | ୩୮୯ |
| **ଆଞ୍ଚଳିକ** | | |
| ଆଏଲା ନୂଆଁଖାଇ | ବବଲି ତ୍ରିପାଠୀ | ୩୯୨ |
| ନୂଆଁଖାଇ | ସାଇପ୍ରସାଦ ସାହୁ | ୩୯୪ |
| ଯଶୋଦା-କାହ୍ନା | ସନ୍ତୋଷ କୁମାର ବେହେରା | ୩୯୭ |
| ନୂଆଖାଇ | ପ୍ରେମାଞ୍ଜଳ ମେହେର | ୩୯୯ |
| ଫୁଲ୍ ଗୁଟେ ମତେ କରିଦିଅ ପର୍ଭୁ | ମାନସ ରଞ୍ଜନ ସାହୁ | ୪୦୦ |
| ଗନ୍ଧରା ମୁହୁଁ | ଗଜାନନ ମିଶ୍ର | ୪୦୧ |
| ମୁରଦାର୍ | ସୁନୀଲ କୁମାର ଅଗସ୍ତି | ୪୦୨ |
| **ଶିଶୁ ବିଭାଗ** | | |
| ନିଜେ ତିଆରି କରିବା ମିଶି ଖାଇବା | ଡ଼ଃ ରଞ୍ଜିତ କୁମାର ସାହୁ | ୪୦୪ |
| ଆଶିଷ ପାଇଛି ଫଳ ଦୋକାନୀ | ଦୀନବନ୍ଧୁ ପୋଇ | ୪୦୯ |
| ଟିକି ପିଲା ମୁଁ | ଯଜ୍ଞଦତ୍ତ ସାମନ୍ତରାୟ | ୪୧୧ |
| ଟିକି ଝରଣା | ଅମରନାଥ ବାରିକ | ୪୧୨ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୧୪ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୧୫ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୧୯ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୨୦ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୧୭-ଅରଣ୍ୟର ଆଦିମ ମାନବ

ଅସୀମ ଭାବିଲେ ଶୋମ୍ପେନମାନେ ତାଙ୍କ ଭାବିବା ଜଙ୍ଗଲୀ ଲୋକଙ୍କଠାରୁ ଟିକେ ଭିନ୍ନ ଲାଗୁଛନ୍ତି । ଏମାନେ ଏକ ଦ୍ୱୀପ, ଅଲଗା ଯାଗାରେ ଅଛନ୍ତି, ଟିକଏ ଅଲଗା ହେବେ ନିଶ୍ଚୟ। ସେମାନଙ୍କର ଅଣ୍ଟାରେ ଲେଙ୍ଗୁଟି ଅଛି । ସେଇଟା ତ ସେ ଆଗରୁ ଅନେକ ଫଟୋରେ ଦେଖିଛନ୍ତି । ବୋଧହୁଏ ଏକଦମ ଲଙ୍ଗଳା ଜଙ୍ଗଲୀ ମଣିଷ ଫଟୋରେ ସେ ଦେଖିନାହାନ୍ତି । ଏକଦମ ଲଙ୍ଗଳା ହୋଇଥିଲେ ମଣିଷ ସେତେବେଳେ ମାଙ୍କଡ ହୋଇଥାନ୍ତା। ତେଣୁ ମାଙ୍କଡକୁ ମଣିଷ ହିସାବରେ ଚହ୍ନଣ କରିବାକୁ କେହି ନୃତତ୍ୱବିଦ ଠିକ ଭାବିନାହାନ୍ତି । ତେଣୁ ଅସୀମ ବର୍ଣ୍ଣନା କରାଯାଇଥିବା ହିସାବରେ ପ୍ରାୟ ଏକ ପ୍ରକୃତ ଜଙ୍ଗଲୀ ମଣିଷ ଦେଖିଲେ । ସେ ନିଜ ଭିତରେ ଥିବା ଚହ୍ନରେ ସାମାନ୍ୟ ପରିବର୍ତ୍ତନ ଆଣୁଥିଲେ ।

ଯଦି ଏମାନେ ଜଙ୍ଗଲୀ ମଣିଷ ତେବେ କ'ଣ ଆଜିକାର ମଣିଷ ପରି ବ୍ୟବହାର କରିବେ ? ମଣିଷ ବିବର୍ତ୍ତନବାଦରେ ଆଗକୁ ବଢୁଛି ।

ଯଦି ସେମାନେ ଆଜିକାର ମଣିଷ ସହ କେବେ ସାକ୍ଷାତ କରିଥିବେ ତାଙ୍କର କ'ଣ ପରିବର୍ତ୍ତନ ହୋଇଥିବ ? ତେଣୁ ଆଉ କିଛି ଖୋଜିନିଆଯାଉ । ଜଙ୍ଗଲୀ ମଣିଷକୁ ଜାଣିବାକୁ ହେଲେ କେବଳ ମଣିଷ ନୁହେଁ, ତା'ର ଆଖ ପାଖର ଗଛବୃକ୍ଷ, ଜୀବଜନ୍ତୁଙ୍କୁ ଜାଣିବାକୁ

ISSN NO.
2582-208X

ପଡିବ । ସେ ଏମିତି ଜଙ୍ଗଲ ଭିତରେ ବହୁତ ବୁଲିଲେ । ଶୋମ୍ପେନ ବୁଲୁଥିବା ଜଙ୍ଗଲରେ ଅଛି ବହୁ ବଡ ବଡ ଗଛ ଯଥା ହ୍ୱାଇଟ ଚୁଗଲୁମ, ବ୍ଲାକ ଚୁଗଲୁମ, ଜଙ୍ଗଲୀ ଆମ୍ବ, ହ୍ୱାଇଟ ଧୂପ, ପୁନ, ରୁଦ୍ରାକ୍ଷ, ବାଦାମ ଭଳ ବଡ ଗଛମାନ ମିଳେ । କୂଳ ଆଡକୁ ମିଳେ ତଥା ଜଙ୍ଗଲ ଭିତରେ ଝରଣା କୂଳରେ ପାଣ୍ଡାନାସ ବା କେଓଡା ଗଛ ବେଶି ମିଳେ । ଜଙ୍ଗଲ ଭିତରେ ଜଙ୍ଗଲୀ ଗୁଆ ଗଛ ବହୁପରିମାଣରେ ଅଛି । ଜଙ୍ଗଲରେ ମଧ୍ୟ ଅନେକ ଫଳଗଛ ଯଥା ମହୋଓ୍ୱା, ଗୁଲର ଆଦି ଫଳ ଗଛ ଅଛି । ବାଉଁଶ, ବେତ ଆଦି ମଧ୍ୟ ଯଥେଷ୍ଟ ମିଳେ। ଜଙ୍ଗଲରେ ବନ୍ୟ ଶୂକର, କ୍ରାବ ଇଟିଙ୍ଗ ମାକାକ, ନକୋବରୀ ପିଜିଅନ ବା କପୋତ, ମେଗାପଡ ଭଳ ପକ୍ଷୀ ମିଳିଥାନ୍ତି । ସେମାନେ କେଉଁ କେଉଁ ଗଛ ନିଜ ବ୍ୟବହାରରେ ଆଣୁଛନ୍ତି କେଜାଣି ? ବନ୍ୟ ଶୂକର ସେମାନଙ୍କର ଭୋଜ୍ୟ ବୋଲି ସମସ୍ତେ ଜାଣନ୍ତି । ଆଉ ଅନ୍ୟ ଜୀବମାନଙ୍କୁ ସେମାନେ ଶିକାର କରନ୍ତି କି ନାହିଁ ? ସେ ସବୁ ଜଣାନଥିଲା । ହୁଏତ ବୁଲୁବୁଲୁ କହିପାରିବେ ଦେଖିପାରନ୍ତି ।

## ୨-ଆଉ ଏକ ସମୁଦ୍ରକୂଳିଆ ଶୋମ୍ପେନ ହଟ

ସେମିତି ଦିନେ ବୁଲୁବୁଲୁ ଅସୀମ ଏକ ଶୋମ୍ପେନ ହଟକୁ ପୂର୍ବ ଉପକୂଳରେ ଦେଖିବାକୁ ପାଇଲେ । ହଟ୍ ଟି ପ୍ରାୟ ସମୁଦ୍ରକୂଳକୁ ଲାଗିକରି ଥିଲା । ଅନ୍ୟ ହଟ୍ ଭଳି ଏ ହଟ୍ କାଠ ବାଉଁଶର ପ୍ଲାଟଫର୍ମ ଉପରେ ତିଆରି ହୋଇଥିଲା ଆଉ ଉପର ଥିଲା ପତ୍ର ଛାଉଣୀ । ଦୂରରୁ ଲାଗୁଥିଲା ଏକ ରେକଟାଙ୍ଗଲ ବା ଚତୁର୍ଭୁଜ ଉପରେ ଏକ ବୃତ୍ତକୁ ରଖିଦିଆଯାଇଛି । ଏକ ପାଣ୍ଡାନାସ ଗଛ ପାଖରେ ଆଉ ଏକ ହଟର ତିଆରି ଚାଲିଥିଲା ଏବଂ ଢାଞ୍ଚା ବନିଯାଇଥିଲା । ମାଟିରୁ କାଠର ଖୁମ୍ବମାନ ପୋତାଯାଇଥିଲା ଆଉ ପ୍ଲାଟଫର୍ମ ତିଆରି ପାଇଁ ସେମାନେ ବାଉଁଶ ଆଉ କାଠ ବ୍ୟବହାର କରିଥିଲେ ଆଉ ବେତ ପରି ରଶିରେ ଭଲକରି ବାନ୍ଧି ଦେଇଥିଲେ । ଶୋମ୍ପେନମାନେ ବେଶି ପରିମାଣରେ ପୂର୍ବ ଉପକୂଳରେ ଅଛନ୍ତି ଆଉ ନିକୋବରୀମାନେ ବେଶି ପଶ୍ଚିମ ଉପକୂଳରେ ରହୁଛନ୍ତି । ଏକ ଅତି ସାଧାରଣ ହଟ୍ । ଏକ ତରୁଣ ଥିଲା ସେ ଘରେ, ମୁହଁରେ ବୟସର ଦାଗଟିଏ ନାହିଁ, କିନ୍ତୁ ଦାନ୍ତ କଳା ପଡିଆସିଛି । ଏ ନୂଆ ଲୋକମାନଙ୍କୁ ଦେଖି ତା' କପାଳ ସାମାନ୍ୟ କୁଞ୍ଚିତ ହୋଇଗଲା । କିନ୍ତୁ ସେ କିଛି ଆକ୍ରାମଣାତ୍ମକ ବ୍ୟବହାର କଲାନାହିଁ । ପରେ ଆଉ କିଛି ଶୋମ୍ପେନ ଦେଖାହେଲେ ।

ISSN NO.
2582-208X

ସେମାନେ କପଡା ପିନ୍ଧିଥିଲେ । ଏକ ବୁଢୀ ମଧ୍ୟ ଥିଲା ଆଉ ସେ ଅଣ୍ଟାତଳକୁ ଲୁଙ୍ଗି ଭଳି ଚେକ କପଡା ପିନ୍ଧିଥିଲ, ବେକରେ ଥିଲା ଧଳା ପ୍ଲାଷ୍ଟିକ ମାଳାରେ କେଇ ପରସ୍ତ ଆଉ କାନରେ ଏକ ପତଳା ପ୍ଲାଷ୍ଟିକ ପାଇପ ଲଗାଇଥିଲା । ସେମାନେ କାନରେ ବାଉଁଶ ପିନ୍ଧନ୍ତି । ବୋଧହୁଏ ସରୁ ପାଇପକୁ ସମୁଦ୍ରକୂଳରୁ ପାଇଯାଇଥିବ ଆଉ ସେଥିରେ କାନ ପାଇଁ ଏପଯୁକ୍ତ ଲମ୍ବ ପାଇପ କାଟିନେଇଥିବ । ଆଉ ଜଣେ ପୁରୁଷ ନିଜ ବାମ କାନରେ ମଧ୍ୟ ଏକ ସବୁଜ ରଙ୍ଗର ପାଇପ ଲଗାଇଥିଲା ଆଉ ପାଇପର ମୁହଁ ବନ୍ଦ କରିବା ପାଇଁ ସେଥିରେ ଏକ ସରୁଆ କାଠ ପୁରାଇଥିଲା । ଲୋକମାନଙ୍କ ଦେହରେ ଥିଲା ଅଣ୍ଟାତଳକୁ କପଡା, ଲେଙ୍ଗୁଟି ଭଳି ପିନ୍ଧିଥିଲେ । ସେମାନଙ୍କର ଓଠ ଆଉ ଦାନ୍ତ ଏକଦମ କଳା ପଡିଯାଇଥିଲା ।

ସେମାନଙ୍କ ପାଖରେ ଥିଲା କେଓଡାର ଫଳ । ବାହରେ ପଡିଥିଲା ଏକ ସରୁଆ ଡଗଆଉଟ ଡିଙ୍ଗି । ଭିତରେ ବସିବା ପାଇଁ କାଠ ଛକି ହୋଇ କେଉଁଠି କେଉଁଠି ଆଡା ଦିଆଯାଇଥିଲା । ସେମାନଙ୍କର ଏକ ନୂଆ ଡିଙ୍ଗି ତିଆରି ଚାଲୁଥିଲା । ଭିତରଟା ପ୍ରାୟ ଖୋଲିଦେଇଥିଲେ । ପାଖରେ ଗୋଟାଏ ଯାଗାରେ ସେମାନଙ୍କ ଶିକାରର ଅସ୍ତ୍ରଶସ୍ତ୍ର ସବୁ ରଖାଯାଇଥିଲା । ସେ ସବୁ ମୁଖ୍ୟତଃ ତେଣ୍ଟା ଥିଲା ଆଉ ଫଳି ସବୁ ଲୁହାରେ ତିଆରି ହୋଇଥିଲା । ଅନେକ ପ୍ରକାରର ତେଣ୍ଟା । ବେଣ୍ଟ ସବୁ କାଠରେ ତିଆରି ହୋଇଥିଲା ଆଉ ଲୁହାକୁ ଭଲଭାବେ ବେଣ୍ଟରେ ବାନ୍ଧି ଦିଆଯାଇଥିଲା ।

ଏମାନେ କଥା କହିଲାବେଳେ ସେ ଶୋମ୍ପେନମାନେ ହସୁଥିଲେ । ସେମାନେ କିଛି କଥା ବୁଝିପାରୁନଥିଲେ କିନ୍ତୁ ସମସ୍ତଙ୍କ ମୁହଁରେ ହସ ଥିଲା । ଏଥିରୁ ଜଣାପଡୁଥିଲା ଶୋମ୍ପେନମାନେ କୂଳରେ ରହି ବାହାର ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି । ପାଖରେ ଠିଆ ହୋଇଥିବା ଛୁଆମାନେ ମଧ୍ୟ ଡ୍ରେସ ପିନ୍ଧିଥିଲେ । ଗୋଟାଏ ଶୋମ୍ପେନ ତ ଶାର୍ଟ ମଧ୍ୟ ପିନ୍ଧିଥିଲା । କେହି ଏମାନଙ୍କୁ ଦେଇଯାଇଥିବ । ଶୋମ୍ପେନ ତରୁଣଟି ନିଜ ହଟର ମୁହଁରେ ବସି ସେମାନଙ୍କୁ ଅନାଇଥିଲା । ହଟ୍ ଉପରକୁ ଚଢିବା ପାଇଁ ଥିଲା ଏକ ଶିଡି । ତା' ମୁହଁରେ ନିରୀହ ଅନୁସନ୍ଧିତ୍ସା ଭରିରହିଥିଲା । ଆଗରୁ ଆସୁଥିବା ସମୁଦ୍ର ପବନ ତା' ମୁହଁରେ ପିଟିହେଉଥିଲା ।

ISSN NO.
2582-208X

ଏମିତି ଦିଶୁଥିବା ଜଙ୍ଗଲୀ ଶୋମ୍ପେନମାନେ ଅସୀମଙ୍କ ଭିତରର ଜଙ୍ଗଲୀ ଲୋକର ଚିତ୍ରକୁ ବହୁତ ବଦଳାଇ ଦେଉଥିଲେ । ଜଙ୍ଗଲୀ ଲୋକମାନେ ଅନ୍ୟ ଲୋକଙ୍କ ସଂସ୍ପର୍ଶରେ ଆସିଲେ ବହୁତ ବଦଳି ଯାଆନ୍ତି । ଏଇଟାକୁ ସେ ପଦାର୍ଥ ବିଜ୍ଞାନର ଇଣ୍ଡକସନ ଇଫକ୍ଟେ କହିବେ । ସାମାଜିକ ବିଜ୍ଞାନରେ କ'ଣ କୁହାଯାଉଛି କେଜାଣି ? ଯଦି ଏହି ଶୋମ୍ପେନମାନେ ପୁରା ବଦଳି ଗଲେ ଆଉ ଜଙ୍ଗଲୀ ରହିବେନି । ଯାହାହେଉ ସେଇଟା କେବେ ହେବ, ତାହା ଜଣାନାହିଁ । କିନ୍ତୁ ଗୋଟାଏ କଥା ପ୍ରମାଣିତ ହେଉଥିଲା ଯେ ଏଠାକାର ଜଙ୍ଗଲୀ ଲୋକ ଡିଙ୍ଗି ଧରି ମାଛମାରେ । ଏଇଟା କେଉଁ ନୃତତ୍ତ୍ୱବିଦ ଦେଇଥିବା ଚିତ୍ରରେ ସେ ପାଇନାହାନ୍ତି । ଥାଇପାରେ, କିନ୍ତୁ ତାଙ୍କ ନଜରକୁ ଆସିନି । ତାଙ୍କ ଜଣା ଜଙ୍ଗଲୀ ଲୋକର ଚିତ୍ରରେ ଜଙ୍ଗଲୀ ଲୋକଟି ଶିକାର ପଛରେ ବର୍ଚ୍ଛା ଧରି ଦୌଡୁଛି । କେଉଁଠି ମାଛ ଧରିବା କାହିଁ ମନେ ପଡୁନି । ଶୋମ୍ପେନ ଭଳି ଜଙ୍ଗଲି ଲୋକମାନେ ତାହାହେଲେ ପାଣି ଭିତରକୁ ଯାଇପାରନ୍ତି । ପାଣି ଉପରେ ବିଜୟ ପାଇବାକୁ ଚେଷ୍ଟା କରିପାରନ୍ତି । ତା'ହେଲେ ସମୁଦ୍ରକୂଳରେ ରହିଲେ ଜଙ୍ଗଲୀ ଲୋକଟିଏ ସମୁଦ୍ର ଉପରେ ବିଜୟ ପାଇବାକୁ ଚେଷ୍ଟା କରେ । ନଦୀ କୂଳରେ ରହିଲେ ନଦୀ ଉପରେ ବିଜୟ ଲାଭକରିବାକୁ ଚେଷ୍ଟା କରେ ଆଉ ଜଙ୍ଗଲ ଭିତରେ ରହିଲେ ଜଙ୍ଗଲ ଉପରେ ଜୟଲାଭ କରେ ।

### ୩-ଜଙ୍ଗଲ ଭିତରେ ଶୋମ୍ପେନଙ୍କ ସହ ସାକ୍ଷାତ

ସେଦିନ ବ୍ୟାଙ୍କ ମ୍ୟାନେଜର ଭଟ୍ଟବାବୁ ଅସୀମଙ୍କ ସହ କ୍ୟାମ୍ପବେଲ ବେର ଘଞ୍ଚ ଜଙ୍ଗଲରେ ବୁଲିବାକୁ ଲାଗିଲେ । ସେ ଏକ ପତଳା ଲୋକ, ଯଥେଷ୍ଟ ବୁଦ୍ଧିମାନ କିନ୍ତୁ ଟଙ୍କା ପଇସା କାରବାରରୁ ବେଳେବେଳେ ବାହାରି ଆସିବାକୁ ଚାହାନ୍ତି । ଆଉ ତାଙ୍କ କଥାରେ ନୂଆ ଜିନିଷମାନ ଭରିଥାଏ । ଅସୀମ ମଧ୍ୟ ନୂଆ ଜିନିଷ ଖୋଜି ଖୁସି ହୋଇଯାଆନ୍ତି । ଇଷ୍ଟ ୱେଷ୍ଟ ରୋଡର ଶୋମ୍ପେନ ହଟ୍ ପର୍ଯ୍ୟନ୍ତ ଗାଡି ଚାଲିଲା । ଏ ରାସ୍ତା ଗ୍ରେଟ ନିକୋବର ଦ୍ୱୀପକୁ ମଝିରୁ କାଟି ଦେଇଛି ଆଉ ସମୁଦ୍ରକୂଳ ବହୁ ଦୂରରେ ଅଛି । ଜଙ୍ଗଲ ଗଭୀର ହୋଇଯାଉଥିଲା ଆଉ ଗଛ ଲତା ସବୁ ଅଚିହ୍ନା ହୋଇଯାଉଥିଲା । ଅଚିହ୍ନା ହେଲେ କ'ଣ ହେଲା ଗଛ ଲତାଙ୍କର ବୃଦ୍ଧି ଆଉ ବିଭିନ୍ନତାରେ ଅସୀମ ତଥା ଭଟ୍ଟବାବୁ ଖୁସି ହୋଇଯାଉଥିଲେ ।

ISSN NO.
2582-208X

ରାସ୍ତା ଧାରରେ ଟିକେ ଖାଲି ଜାଗା ଆଉ ଆକାଶକୁ ମୁଣ୍ଡ ଟେକିଥିଲା ଏକ ଲମ୍ବା ଗଛ, ପଛରେ ଲାଗିକରି କେଉଁ ଗଛ ନଥିବାରୁ ଆକାର ଭଲକରି ଜଣାଯାଉଥିଲା । ମୁଖ୍ୟ ଗଣ୍ଡିଟି କିଛି ବାଟ ସିଧା ଚାଲିଯାଇଛି ଆଉ ଅନ୍ୟ ଛୋଟ ଗଛମାନଙ୍କ ଉପରେ ଚାରିଆଡକୁ ଡାଳ ମେଲିଯାଇଛି ଆଉ ଧିରେ ଡାଳ ଉପର ଆଡକୁ ସରୁଆ ହୋଇଯାଇ ଠିକ ସବା ଉପର ମଝିରେ ସାମାନ୍ୟ ଗୋଜିଆ ହୋଇଯାଇଛି ।

"ମନ୍ଦିରର ମୁଖଶାଳା ।"

ଅସୀମ ଆଶ୍ଚର୍ଯ୍ୟ ହୋଇଗଲେ ଭଟ୍ଟବାବୁଙ୍କ କଥାରେ । ଗଛ ତାଙ୍କୁ ମନ୍ଦିର ଭଳି କ'ଣ ଦେଖାଗଲାଣି । କର୍ଣାଟକର ସମୁଦ୍ରକୂଳରୁ ଆସିଛନ୍ତି । ବହୁତ ପୂଜା ପର୍ବ କରନ୍ତି । ଅତି ଧାର୍ମିକ ବ୍ୟକ୍ତି । ତେଣୁ ତାଙ୍କୁ ଗଛ ମଧ୍ୟ ମନ୍ଦିର ଲାଗୁଥିବ ।

"ଆକାର ଭଲ କରି ଦେଖୁନାହାନ୍ତି, ମନ୍ଦିର କ'ଣ ସେମିତି ଦେଖାଯାଉନି କି ?"

ଅସୀମ ଏକ ମନ୍ଦିରର ଆକୃତିକୁ ମନେ ପକାଇଲେ । ବେସ ବା ମୂଳରୁ ସିଧା ହୋଇ ଏକ ଗୋଲ ଆକୃତି ବା ସିଲିଣ୍ଡର ବେଶ କିଛି ବାଟ ଚାଲିଯାଏ । ତା'ପରେ ମନ୍ଦିର ଗୋଜିଆ ହୋଇଆସି ଏକ ଦଧିନଉତି ପାଖରେ ସରିଯାଏ ଆଉ ସେଇଠି ଶେଷରେ ଗୋଜ ହୋଇ ନିଜର ଆକାରର ପୂର୍ଣଚ୍ଛେଦ ପକାଏ । ସେମିତି ଭାବରେ ଦେଖିବାକୁ ଗଲେ ଏହି ଗଛର ଆକୃତି ତ ଏକ ମନ୍ଦିର ଦେଖାଯାଉଛି । କ୍ୟାମ୍ପବେଲ ବେରେ ଗଛର ଏମିତି ଆକୃତି ଖୋଜିଦେଇଥିବାରୁ ଅସୀମ ଖୁସି ହୋଇଗଲେ । କ୍ୟାମ୍ପବେଲରେ ଲୋକେ ରୁଦ୍ରାକ୍ଷ ଗଛ ଲଗାଇଛନ୍ତି । ରୁଦ୍ରାକ୍ଷ ତ ପୂଜା ପର୍ବ, ଧର୍ମ କର୍ମରେ ଲାଗେ । ସେମାନଙ୍କ ମଗର ନାଳା କ୍ୟାମ୍ପରେ ଏକ ବଡ ରୁଦ୍ରାକ୍ଷ ଗଛ ଅଛି । ସେଥିରୁ ବହୁତ ରୁଦ୍ରାକ୍ଷ ମିଳେ । ଅସୀମ ରୁଦ୍ରାକ୍ଷ ଗଛର ଆକୃତି କଥା ମନେ ପକାଇଲେ ।

ସେମାନଙ୍କୁ ଭୂମିରେ ଉଠିଥିବା ଛୋଟ ଛୋଟ ଫର୍ଣଗଛ ଦେଖିବାକୁ ଭଲ ଲାଗୁଥିଲା । କିଛି ଲୋକେ ଏକ ପ୍ରକାରର ଫର୍ଣ ପତ୍ରକୁ ଶାଗ ଭାବରେ ବ୍ୟବହାର କରନ୍ତି । ଅସୀମ ମଧ୍ୟ ଖାଇଛନ୍ତି । ଭଲ ଲାଗେ । ଫର୍ଣ ପତ୍ର ଖୋଲିଯିବା ଆଗରୁ ଗଛରୁ ବାହାରିଥିବା ଶେଷ

ISSN NO.
2582-208X

ଶାଖାରେ ପତ୍ର ତେଲୁଣିପୋକ ପରି ଗୋଲ ହୋଇଯାଇଥାଏ, ଯେମିତି ଏକ ସବୁଜ ତେଲୁଣି ପୋକ ଏକ ଡାଙ୍ଗର ଶେଷ ଆଡକୁ ଗୋଲ ହୋଇ ଝୁଲୁଛି । ତା'ପରେ ମଣିଷ ଗଲା ପରେ ଧିରେ ପତ୍ରମାନ ତେଲୁଣି ପୋକ ଖୋଲିଲାପରି ଖୋଲିଯାଉଛି । ସରୁଆ ବାଉଁଶର କଣିମାନ କେଉଁ ଗଳାବାଟ ବାଟ ଖୋଜି ଆକାଶକୁ ଲମ୍ବିଯାଇଥିଲା । ପରେ ସେଥିରୁ ଧିରେ ପତ୍ର ବାହାରିବ । ସେହି ବାଉଁଶର ଏକୁଟିଆ କଣିକୁ ଏକ ବୁଢିଆଣୀ ନିଜ ବସାର ବେସ ବନାଇଦେଇଥିଲା ଆଉ ପାଖ ଫର୍ଣଗଛର ଖୋଲା ପତ୍ରକୁ ନେଇ ଶୂନ୍ୟରେ ନିଜର ଏକ ବଡ ଜାଲ ତିଆରି କରି ଶିକାରର ପ୍ରତୀକ୍ଷାରେ ଥିଲା । ବୁଢିଆଣୀର ଥିଲା ଚାରି ଚାରି କରି ଆଠଟା ଲମ୍ବା ଗୋଡ । ଆଗ ଲମ୍ବା ଗୋଡରେ ବୁଢିଆଣୀ ଶିକାରକୁ ଧରି ଡଙ୍କ ମାରିଥାଏ ।

କିଛି ଗଛରେ ଧଳା ଫୁଲମାନ ପେନ୍ଥାହୋଇ ଫୁଟିଥିଲା । ସେଥିରୁ ବାହାରି ଆସିଥିଲା ଛୋଟ କେଶରମାନ । ବୋଧହୁଏ କ୍ଲୋରୋଡେନଡ୍ରନ ପ୍ରଜାତିର ଧଳା ଫୁଲ ଥିବା ଝାଡିଗଛ । ଏହାର ଲାଲ ଫୁଲ ମଧ୍ୟ ଅଛି । କିଏ ଯେମିତି ଗୋଛାକରି ବଡ ଆକାରର ଧଳା ଗଙ୍ଗଶିଉଳୀ ଫୁଲଗୁଡିକୁ ଏକାଯାଗାରେ ସଜାଇ ଦେଇଛି । ଧଳା କେଶରମାନ ସିଧାହୋଇ ମୁକୁଟ ଭଳି ମୁଣ୍ଡ ଟେକିଛି । ସେମାନେ ଅନେକ ପ୍ରକାରର ଫୁଲ ପାଇଲେ । ମୁଖ୍ୟତଃ ଫୁଲର ରଙ୍ଗ ଧଳା ଥିଲା । ଅନେକ ପ୍ରଜାପତି ମଧ୍ୟ ଫୁଲରେ ଆସି ବସିପଡୁଥିଲେ । ଜଙ୍ଗଲରୁ କ୍ରମାଗତ ଭାବେ ଝିଙ୍କାରୀର ଝିଁ ଝିଁ ଶବ୍ଦ ଆସୁଥିଲା । ମଝିରେ ମଝିରେ ପକ୍ଷୀମାନେ କେଉଁ ଉହାଡରୁ ଡାକ ଦେଉଥିଲେ । ଭଟ୍ଟବାବୁ ଆଉ ଅସୀମ ନୁଆ ପ୍ରକାରର ରୂପ ଆଉ ରଙ୍ଗ ଜଙ୍ଗଲରୁ ଖୋଜିଚାଲିଥିଲେ ।

ସେମାନଙ୍କୁ ବାଉଁଶ ଦେଖିବାକୁ ଭଲ ଲାଗୁଥିଲା । ବାଉଁଶର ପବ ସବୁ ପ୍ରଥମରୁ ନରମ ଆଉ ଲମ୍ବା ଥାଏ । ସେଥିରେ ବାଉଁଶ କରଡି ଘୋଡେଇ ହୋଇଥାଏ, ସତେ ଯେମିତି ଏକ ଲଜେନସକୁ କଏ ଜରିରେ ପ୍ୟାକ କରିଛି ଆଉ ତା'କୁ ପରେ ଧିରେ ଅନପ୍ୟାକ କରିବ ବା ଖୋଲିଦେବ । ପ୍ୟାକଙ୍ଗରେ ସୁବିଧାହେବ ବୋଲି ଜରିରେ ବାଉଁଶକୁ ଠାଏ ଠାଏ କରଡିରେ ଗୁଡାଇ ଦିଅଯାଇଛି । ମଣିଷ କଛି ଭାବିବା ଆଗରୁ ପ୍ରକୃତିରେ ତାହାହେଲେ ପ୍ୟାକଙ୍ଗ ସିଷ୍ଟମ ଅଛି ।

ISSN NO.
2582-208X

ଜଙ୍ଗଲ ଭିତରୁ ଏକ ପାଦ ଚଲା ରାସ୍ତା ଦେଖାଗଲା । ସ୍ଥାନଟା ଶୋମ୍ପେନହଟ ପାଖାପାଖି । ଭଟ୍ଟବାବୁ ଦୁଇଜଣ ଶୋମ୍ପେନଙ୍କୁ ପ୍ରଥମେ ଦେଖିନେଲେ । ସେ କିଛି ନୂଆ ଜିନଷ ଆବିଷ୍କାର କଲା ଭଳି ଚପା କଣ୍ଠରେ ପାଟି କରି ଉଠିଲେ-"ଶୋମ୍ପେନ, ଶୋମ୍ପେନ ।"

ଅସୀମ ବି ଚମକ ପଡିଲେ । ଏକଦମ ଜଙ୍ଗଲ ଭିତରେ ସେ ଶୋମ୍ପେନ ଦେଖିବେ । ହୃଦୟର ଗତି ବଢିଯିବା କଥା । ପୁରା ଜଙ୍ଗଲୀ ଲୋକ ହୋଇଥିବେ ଏହି ଶୋମ୍ପେନମାନେ। ଯଦି ସେମାନେ ବିଶ୍ୱାସର ବୃକ୍ଷ ତଳେ ନଠିଆହୋଇଥିବେ ତେବେ? ସେମାନେ କ'ଣ ତାଙ୍କର ପୁରୁଣା ଚିତ୍ରର ଜଙ୍ଗଲୀ ଲୋକ ଭଳି ଦେଖାଯାଉଥିବେ । ସମୁଦ୍ରକୂଳଆ ଶୋମ୍ପେନମାନେ କିଛି ଜଙ୍ଗଲୀ ଲୋକଙ୍କ ସହ ମିଳୁଛନ୍ତି, କିନ୍ତୁ ପୁରା ମିଳୁନାହାନ୍ତି । ରଙ୍ଗ କଥା ଆସୁନ, ସେହି ଝାମ୍ପୁରା ବାଳ, ବଲ୍ଲମ ଧରି ଶିକାର ପଛରେ ଗୋଡାଇବାର ଚିତ୍ର, ପୁରା କେମିତି ମିଳୁନଥିଲା ।

ଏଣେ ସମସ୍ତଙ୍କ ମୁହଁ ସେ ଚଲା ରାସ୍ତା ଆଡକୁ ବୁଲିଗଲା ଆଉ ଗାଡିର ଗତି ଧିର ହୋଇଗଲା। ଆଉ ଭଟ୍ଟବାବୁ ଗାଡି ଅଟକିବା ମାତ୍ରେ ଶୋମ୍ପେନମାନଙ୍କ ଆଡକୁ ଚାଲିଗଲେ । କ୍ୟାମ୍ପବେଲ ବେରେ ଶୋମ୍ପେନମାନେ ଆକ୍ରାମକ ନୁହଁନ୍ତି । କେହି କୁଆଡେ ଲେଖିନାହାନ୍ତି । ତଥାପି, ତଥାପି? ତେଣୁ ଡରିବାର କିଛି କାରଣ ନାହିଁ । ଅସୀମ ନିଜ ଭିତରର ନିଃଶ୍ୱାସକୁ ଟିକଏ ରୋକି ନେଇଥିଲେ । ସମସ୍ତେ ଅବଶ୍ୟ ଅସୀମଙ୍କ ଭଳି ଜଙ୍ଗଲୀ ଲୋକର କଳ୍ପନା କରୁନଥିବେ । ସେମାନେ ଶବ୍ଦ ଶୁଣି ମଣିଷ ଗଢୁଥିବେ । ଅସୀମ କିନ୍ତୁ ଚିତ୍ର, ବିଚାର, ବୁଦ୍ଧି ନେଇ ଏକ ଜଙ୍ଗଲୀ ମଣିଷ ଗଢୁଛନ୍ତି । ଚାରିଆଡେ ଘଞ୍ଚ ଜଙ୍ଗଲ, ଗଛ ଲତା ରାସ୍ତା ଉପରକୁ ମାଡି ଆସି ଚଲା ବାଟ ପ୍ରାୟ ଲୁଚାଇ ଦେଇଛି ।

ସେପଟୁ ଦୁଇଜଣ ଶୋମ୍ପେନ ଚାଲିଚାଲି ଆସୁଥିଲେ । ଜଣେ ସାମାନ୍ୟ ଲମ୍ବା ଆଉ ଜଣେ କିଶୋର ବୟସର । ଅସୀମ ଆଉ ତାଙ୍କ ଦଳ ପ୍ରଥମଥର ପାଇଁ ଘୋର ଜଙ୍ଗଲ ଭିତରେ ଶୋମ୍ପେନ ଦେଖିଲେ । ସେମାନଙ୍କ ଅଣ୍ଟାରେ କପଡାର ଲେଙ୍ଗୁଟି ଥିଲା ଆଉ ଦେହ ଖୋଲା ଥିଲା । ସେମାନେ ହାତରେ ବେଶ ଲମ୍ବା, ପ୍ରାୟ ମଣିଷ ଶରୀରର ଦେଢର ଦୁଇଗୁଣ ଲମ୍ବା ହେବା ଭଳି ସରୁଆ କାଠର ବର୍ଛା ଧରିଥିଲେ । ଗୋଟାଏ ବର୍ଛାର ଆଗରେ କେତେଟା କଣ୍ଟା

ISSN NO.
2582-208X


ଥାଇ ଏକ ଲୁହାର ଫଳ ଲାଗିଥିଲା । ମାଛ ଧରିବାକୁ ଏହା ବେଶ ଉପଯୋଗୀ । ଏମାନେ ଏହାଦ୍ୱାରା ନାଳାରୁ ମାଛ ମାରୁଥିବେ । ସେମାନଙ୍କ ହାତରେ ଲମ୍ବା ଲୁହାର ଦାଓ ଥିଲା । ଏପଟେ ଟ୍ରି ଫର୍ନ ଗୁଡିକ ଲମ୍ବ ଥିଲା, ପ୍ରାୟ ବଡ କଦଳ ଗଛ ବା ତାଠାରୁ ଉଚ୍ଚ । ଶୋମ୍ପେନ ଦୁଇଜଣ ନଜର ଲମ୍ବ ବର୍ଚ୍ଛାକୁ ରାସ୍ତାର ଧାରରେ ଗୋଟାଏ ଜାଗାରେ ପକାଇ ଦେଇ ଏମାନଙ୍କ ପାଖକୁ ଆସିଲେ । ସେମାନଙ୍କ ବାମ ହାତରେ ଦାଓ ଏବେବି ଥିଲା । ବୟସ୍କ ଲୋକଟି ବେକରେ ମାଳ ପକାଇ ନଥିଲା କିନ୍ତୁ କିଶୋରର ବେକରେ ମୋଟା ସରୁସରୁ ମାଳ ପଡିଥିଲା। ସେମାନଙ୍କ ଗୋଡରେ ଚପଲ ଆଦି ନଥିଲା । ଏମାନେ ଥିଲେ ଏକଦମ ଜଙ୍ଗଲ ଭିତରେ ରହୁଥିବା ଅତି ଆଦିମ ଅଧିବାସୀ ଶୋମ୍ପେନ ।

ସମୟ ସେତେବେଳକୁ ମଧ୍ୟାହ୍ନ । ପାଖରେ ଶୋମ୍ପେନ ହଟ୍ । ସେଠାରେ ଶୋମ୍ପେନମାନଙ୍କୁ ଆତିଥ୍ୟ ଦିଆଯାଏ । କଥା ବୁଝାବୁଝି କରିବ ପାଇଁ ଜଣେ କର୍ମଚାରୀ ଅଛନ୍ତି । ଭଟ୍ଟବାବୁ ଶୋମ୍ପେନମାନଙ୍କ ପାଖରେ ବସିପଡିଲେ ଆଉ ସେମାନଙ୍କ ସହ କଥା ହେବାକୁ ଚେଷ୍ଟା କଲେ । କିନ୍ତୁ ସେଥିରେ କାହିଁ କ'ଣ ହୁଅନ୍ତା । କେହି କାହା ଭାଷା ବୁଝିପାରୁନଥିଲେ । ଯାହା କିଛି ସାମାନ୍ୟ ଠାରରେ । ଏତିକି ବୁଝି ହେଉଥିଲା ସେମାନଙ୍କୁ ଶୋମ୍ପେନ ହଟରେ କିଛି ଖାଇବାକୁ ମିଳିବ । ଏତେ ଘଞ୍ଚ ଜଙ୍ଗଲ ଭିତରେ ରହୁଥିବା ଶୋମ୍ପେନମାନଙ୍କ ପାଇଁ ସରକାରୀ ତରଫରୁ କିଛି ବ୍ୟବସ୍ଥା କରାଯାଇଛି ।

ଶୋମ୍ପେନ ହଟ୍ ରାସ୍ତାଠାରୁ ତଳକୁ ଥିଲା ଆଉ ଯିବା ଆସିବା ପାଇଁ ସିମେଣ୍ଟର ସିଡି ତିଆରି ହୋଇଥିଲା । ସେ ରାସ୍ତାରେ ଶୋମ୍ପେନମାନେ ତଳକୁ ଓହ୍ଲାଇ ଆସିଲେ । ତଳେ କିଛି କୋଠାଘର ଆଉ ସେ ଭିତରୁ ଗୋଟିଏ ଥିଲା ରୋଷେଇ ଘର । ଖାଇବା ପାଇଁ ଏକ ଛାତ ଥାଇ ବାରଣ୍ଡାର ବ୍ୟବସ୍ଥା ଥିଲା । ସେ ଲୋକମାନେ ସେଇଠି ବସିଲେ । ଦେଖିବାରୁ ଜଣାଗଲା ଯେ ବୟସ୍କ ବ୍ୟକ୍ତିଟିର ଡାହାଣ ଆଖି ବୋଧେ ଖରାପ ହୋଇଯାଇଛି । ଶୋମ୍ପେନ କମପ୍ଲେକ୍ସରେ ଅନେକ ଘର ଥିଲା । ଜଣେ କର୍ମଚାରୀ ରହୁଥିଲେ । ସେ ଶୋମ୍ପେନମାନଙ୍କୁ ଏକ ଆଲୁମିନିୟମ ଡେକଚ ଓ ଚାଉଳ ଦେଲେ । ଶୋମ୍ପେନମାନେ ଡେକଚରେ ପାଣି ଭରିଲେ ଆଉ ତା'କୁ ରୋଷେଇ ଜାଗାକୁ ନେଇନେଲେ । ରୋଷେଇ ଜାଗା ଟିକେ କଳା ପଡିଯାଇଥିଲା । ଚୂଲାରେ କିଛି ପାଉଁଶ ଥିଲା । ଚୂଲାରେ ଶୋମ୍ପେନମାନେ କାଠ ପୁରାଇ

ISSN NO.
2582-208X

ନିଆଁ ଲଗାଇ ଚୂଲ୍ଲି ଉପରେ ହାଣ୍ଡି ବସାଇଦେଲେ । ଜଙ୍ଗଲ ଭିତରିଆ ଶୋମ୍ପେନମାନେ ତାହାହେଲେ କିଛି ରୋଷାଇବାସ ଶିଖିଯାଇଛନ୍ତି । ସମୁଦ୍ରକୂଳିଆ ଶୋମ୍ପେନମାନଙ୍କ ବସ୍ତିରେ ଅସୀମ ହାଣ୍ଡି ଇତ୍ୟାଦି ଦେଖିଥିଲେ ।

ଶୋମ୍ପେନ ହାଟରେ ଏହି ରୋଷେଇ କରିବାର ଦେଖି ଅସୀମଙ୍କୁ ଲାଗୁଥିଲା ଯେ ଶୋମ୍ପେନମାନେ ନିଜ କାମ ନିଜେ କରନ୍ତି ଆଉ ଚୂଲ୍ଲିରେ କେମିତି ରୋଷାଇ କରାଯାଏ ତାହା ଜାଣନ୍ତି । ସେମାନେ ମୁହଁରେ ଚୁଲ୍ଲିକୁ ଫୁଙ୍କୁଥିଲେ ଫଳରେ କାଠରେ ଜଲଦି ନିଆଁ ଲାଗୁ । ଚୂଲ୍ଲିରେ ନିଆଁ ଦେଖାଗଲା, ଏମାନେ ଶୁଖିଲା କାଠକୁ ସମୟ ଦେଖି ଚୂଲ୍ଲିରେ ପେଲି ଦେଉଥିଲେ । ଫଳରେ ନିଆଁ ଲିଭୁନଥିଲା । କିଛି ସମୟ ପରେ ରୋଷାଇ ସରିଗଲା । କେବଳ ଭାତ । ତା'ପରେ ସେମାନେ ହାଣ୍ଡିକୁ ଖାଇବା ଜାଗାକୁ ଆଣିଲେ । ଦୁଇଟା କଦଳୀ ପତ୍ର କାଟିନେଇ ଆସିଥିଲେ । ସେଇଥିରେ ଭାତକୁ ଢାଳକରି ଖାଇବେ । ଏକ ଡଙ୍କି ଭଳି ବାସନରେ ନିଜ ନିଜ ପତ୍ର ଉପରେ ଭାତ ବାଢ଼ିନେଲେ । ସେମାନେ ଖାଇବା ପୂର୍ବର ହାତ ମୁହଁ ଧୋଇଲେ ନାହିଁ । ଦୁଇଜଣ ଏଡେ ବେଳକରେ ଥିବା ଭାତକୁ ପୁରା ଖାଇନେଲେ ।

"ଶୋମ୍ପେନମାନଙ୍କୁ ରୋଷେଇ କରିବାକୁ ଦେବା ଏକ ଭଲ ଉଦ୍ୟମ ।"-ଭଟ୍ଟବାବୁ କହିଲେ।

ଅସୀମ ମୁଣ୍ଡ ହଲାଇଲେ । ସେ ମଧ୍ୟ ଏହା ଭଲ ବୋଲି ବୁଝୁଥିଲେ । ସେମାନଙ୍କୁ ଏହା ଦ୍ୱାରା ନିଆଁର ବ୍ୟବାହାର, ଉପକାରିତା ଆଉ ଚୁଲ୍ଲିରେ ରୋଷାଇ ଆଦି ଶିଖାଯାଉଛି । ଯଦି କେବଳ ଖାଇବାକୁ ଦିଆହେଉଥାନ୍ତା ତାହାହେଲେ ଶୋମ୍ପେନମାନେ ରୋଷେଇ କରିବା ଶିଖନ୍ତେ ନାହିଁ । ସେଥିରେ କେବଳ ଦାନ ଖଇରାତରେ ଭିକାରୀ ଖାଇଲା ଭଳି ଖାଇ ଫେରିଆସୁଥାନ୍ତେ । ତାହାହେଲେ ଶିକ୍ଷା ଦେବାର ମୁଖ୍ୟ ଉଦ୍ଦେଶ୍ୟ ବିଫଳ ହୁଅନ୍ତା ।

"କିଛି ଦେବା ଉଚିତ, କିନ୍ତୁ ତାହା ସହ କିଛି ଶିକ୍ଷା ଦେବା ବାଂଛନୀୟ ।"- ଭଟ୍ଟବାବୁ କହିଲେ ।

ଅସୀମ ମୁଣ୍ଡ ହଲାଇଲେ । ତଥାପି ଅସୀମଙ୍କ ମନରେ ସେହି ପୁରୁଣା ଜଙ୍ଗଲୀ ମଣିଷର ଚିତ୍ର ନାଚିଗଲା । ନିଜ ପୁରୁଣା ବିଚାର ବଦଳିବାକୁ ଚାହୁଁନଥିଲା । ସେଥିରେ ଜଙ୍ଗଲୀ ମଣିଷ

ISSN NO.
2582-208X

କାଠରେ ନିଆଁ ଲଗାଉଛି । ସେଥିରେ କିଛି ଜୀବକୁ ଶିକାର କରି ଜଳାଉଛି ଆଉ ମାଂସକୁ କାମୁଡି କାମୁଡି ଖାଉଛି । ସେ ଦେଖିଥିବା ଆଗର ଚନ୍ଦ୍ରରେ କାହିଁ ବାସନ କୁସନ ଦିଶିନଥିଲା। ତାଙ୍କ ଭିତରର ଜଙ୍ଗଲୀ ମଣିଷ ଏବେକାର ଜଙ୍ଗଲୀ ମଣିଷଠାରୁ ପୁରୁଣା, ତେଣୁ ଆଉ କିଛି ଜିନିଷର ଆବଶ୍ୟକତା ଅଛି ବୋଲି ସେତେବେଳେ ଜାଣିପାରିନଥିଲା । ଏବେକାର ଜଙ୍ଗଲୀ ମଣିଷ ବଦଳଯାଉଛନ୍ତି । ଦିନ ବଦଳ ରାତି ହେଉଛି, ରାତି ଯାଇ ଦିନ ହେଉଛି । ସମୟ ବଦଳୁଛି, ଜଙ୍ଗଲୀ ମଣିଷମାନେ କିଛି ବଦଳିବେ ।

ଫେରିବା ବେଳକୁ ରାତି ହୋଇଆସିଥିଲା । ସେମାନେ ରାସ୍ତା ଉପରେ ଏକ ଅଜଗର ସାପକୁ ଦେଖିଲେ । ପୁରା ଅନ୍ଧାରରେ ସାପଟି ରାସ୍ତାକୁ ପାର ହେଉଥିଲା । ବେଶ ଲମ୍ବା ସାପଟିର ରଙ୍ଗ କଳା-ହଳଦିଆ, ଉପରେ ଗାଢ କଳା ଛାପମାନ ଅଛି । ସାପଟିର ବେଶ ମୋଟା ଦେହ । ଟର୍ଚ୍ଚ ଆଲୋକରେ ସାପର ଆଖି ଜଳଜଳ ଭଳି ଲାଗୁଥିଲା । ଏମାନେ ସାପକୁ ଦେଖି ଅଟକିଗଲେ ଆଉ ସାପ ନଡରରେ ରାସ୍ତା ପାର ହୋଇଗଲା । ଅସୀମ ଜଙ୍ଗଲକୁ ଅନାଇ ଭାବୁଥିଲେ ଦିନର କଥା । ଏମିତି ଗଭୀର ଜଙ୍ଗଲ ଭିତରେ କେଉଁଠି ଶୋମ୍ପେନମାନେ ଅଜଗର ଭଳି ସାପ ସହ ରହୁଥିବେ ଆଉ ଦିନରେ ଜଙ୍ଗଲୀ ଜୀବଙ୍କ ପଛରେ ଦୌଡୁଥିବେ। ବର୍ତ୍ତମାନ କନ୍ତ କୁଡିଆରେ ନିଶ୍ଚିନ୍ତରେ ନିଦ ଯାଇଥିବେ ।

"ଜଙ୍ଗଲୀ ମଣିଷର ଚନ୍ଦ୍ର ବଦଳଯାଉଛି ।"- ସେ ନିଜ ଭିତରେ କହିହେଲେ ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଅଭିମାନ



ଡ. ପ୍ରସନ୍ନ କୁମାର ବଳ

ଜଗତର ନାଥ ଆହେ ଜଗନ୍ନାଥ ତୁମେ ତ ଜଗତ ସାହା,
ଏ ଧରାଧାମରେ ଏତେ ଯେ ଅନ୍ୟାୟ ନାହିଁ ପୁଣି ତାର ରାହା ।୧ ।

ଯେ ଯାହା ଚାହିଁଲା, ତାହା ସେ କରିଲା, ମନେ ନାହିଁ କାର ଭୟ,
ଧର୍ମ ଓ ଅଧର୍ମ ମଧ୍ୟରେ ତଫାତ ହୁଏ ନାହିଁ ତାର ଲୟ ।୨ ।

କାଳିଆ ସାଆନ୍ତ ଥାଉ ଥାଉ ପୁଣି ଏପରି ଅନ୍ୟାୟ କିଆଁ,
ଅଧମ ମାନବ ଜାଣିପାରୁନାହିଁ, ଭାଗ୍ୟେ ତା ଲାଗୁଛି ନିଆଁ ।୩ ।

ଏ ଜନ୍ମରେ ଯେତେ ପାପ ଯେ କରୁଛି ହିସାବ ରଖୁଛ ତୁମେ,
ଆର ଜନମରେ ଫଳ ହିଁ ତ ଦେବ, ଅବଶ୍ୟ ଭୋଗିବେ ଜନେ ।୪ ।

ଏ ଜଗତ ବାସୀ ଦାସ ତ ତୁମର, ୟାକୁ କିଏ ମନା କରେ,
ତୁମ ଦରଶନ, ସେବା କିଛି କରି ଜୀବନକୁ ଧନ୍ୟ ମଣେ ।୫ ।

ସମାଜ ମଧ୍ୟରେ ନାକରାତ୍ମକର ଭାବ ଯେ ବହି ଚାଲିଛି,
ଏହି କାହାରିକୁ ସାହା ହେବା କଥା ସମ୍ପୂର୍ଣ୍ଣ ଭୁଲି ଯାଇଛି ।୬ ।

ISSN NO.
2582-208X

ଭାଇଚାରା ଆଜି ଏ ସମାଜରୁ କି ଚାଲି ଯାଇଅଛି କେଣେ
କାହାପାଇଁ କାର ଦରଦ ହିଁ ନାହିଁ, ନିଜ ସ୍ୱାର୍ଥ ଖାଲି ମଣେ ।୭ ।

ପିତା ମାତାଙ୍କର ସ୍ନେହ ଓ ମମତା ଆଜି ତ ବାଜି ପଡିଛି,
ନିଷ୍ଠୁର ସନ୍ତାନ ବୁଝି ପାରେ ନା ସେ ସ୍ୱାର୍ଥରେ ଅନ୍ଧ ହୋଇଛି ।୮ ।

ଭାଇ ଭଉଣୀଙ୍କ ମନରେ ଆଉ ସେ ନିଜର ଭାବନା ନାହିଁ,
ନିଜ ସ୍ୱାର୍ଥ ବଳେ ଅକ୍ତିଆର ହୋଇ ଅନ୍ୟ ପାଇଁ ଚିନ୍ତା ନାହିଁ ।୯ ।

ଏତିକି ଗୁହାରୀ ଆହେ ନାରାୟଣ, ଆଣ ବାଟକୁ ସଭିଙ୍କୁ,
ପ୍ରକୃତି ନିୟମ ମାନିକି ଚଳନ୍ତୁ, ଜାତିର ଟେକ ରଖନ୍ତୁ ।୧୦ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ବାକି ଅଛି ଆଉ ଯେତେ ଦିନ



ଭାସ୍କର ଚନ୍ଦ୍ର ଖଣ୍ଡା

ବାକି ଅଛି ଆଉ ଯେତେ ଦିନ
ଚାହେଁ ଯେତେବେଳେ ବସି
ବାଲୁକାମୟ ସାଗର ବେଳାରେ
କରେ ପ୍ରୟାସ ଦେଖିବାକୁ
ପାଉ ନଥାଏ ଆଖି ଯେଉଁ ଆରପାରିକୁ
ଓହୋ! ଜାଣି ପାରୁଥାନ୍ତି ଯଦି ମୁଁ
ଦେଖି ପାରୁଥାନ୍ତି ଯଦି ମୁଁ
କରି ପାରୁଥାନ୍ତି ଅଛିଣ୍ଡା ଗଣିତର ହିସାବ ।୧।

ବସିଲିଣି ଅନେକ ବେଳୁ
ଆସିଲିଣି ଚାଲି ଅନେକ ପଥ
ଚାଲିଥିବି ଏମିତି ଆଉ କେତେ ଦିନ ?
ଜାଣେ ନାହିଁ ସେ ସବୁର ହିସାବ ।୨।

ଝୁଣ୍ଟିବି ପଡିଛି
ପଡିଥିବା ରାସ୍ତା ମଝିରେ ପଥରକୁ
ଯାଇଛି ଭିଜି ଝରି ପଡୁଥିବା
ଲୋତକର ଅଶ୍ରୁ ବିନ୍ଦୁରେ ଚିବୁକ ।୩।

ISSN NO.
2582-208X

କାଳ ବୈଶାଖିର ଝଡ
ପୂର୍ଣ୍ଣଗର୍ଭା ନଦୀର ଅଟ୍ଟହାସ୍ୟ
ଅସହ୍ୟ ଥଣ୍ଡାର ପ୍ରକୋପ
ବୋଳି ହୋଇ ଯାଇଛି ଦେହରେ
ଢେଉରେ ବାଲୁକା ମିଶ୍ରିତ ଜଳରାଶି
ଶୁଖିଗଲା ପରେବି
ଯାଇଛି ନେଷି ହୋଇ ଦେହ ଯାକ
ଜାବୁଡି ଧରିଛନ୍ତି ଖୁବ୍ ଜୋରରେ ସେମାନେ
ତାକୁ ଆଉ କଣ ଝାଡିବି
ସତେ ଯେପରି ସିଏବି ଶରୀରର ଏକ ଅଂଗ ।୪।

କି ଲାଭ ପାଇବି ସତେ
ଭିତରର ଯନ୍ତ୍ରଣା ସବୁ
ଅଯଥାରେ କରି ପରିପ୍ରକାଶ
ହସ ହସ ମୁଖମଣ୍ଡଳରେ
କରିବି ସ୍ୱାଗତ ତୋତେ
ହେ ଜୀବନ !
ବାକି ଅଛି ଆଉ ଯେତେଦିନ ।୫।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁର୍, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ନୃତ୍ୟ ସଂପର୍କ



ଡକ୍ଟର ବିଜ୍ଞାନୀ ଦାସ

ସେଇଟା ଥିଲା ୨୦୨୩ ମସିହାର, ଶନିବାର, ଜୁନ୍ ୧୭ ତାରିଖ । ଚପଳା କ୍ଲାସ୍‌ର ସମସ୍ତ ନୃତ୍ୟବନ୍ଧୁମାନେ ଅନେକ ପରିମାଣରେ ଉତ୍ସାହିତ ଥିଲେ । ସେମାନେ ସମସ୍ତେ ବୟସ୍କ; ଅନେକଙ୍କର ବୟସ ପଚାଶରୁ ଅଧିକ । ଦୁଇଜଣ ସେମାନଙ୍କ ମଧ୍ୟରୁ ଚାଳିଶି ପାଖାପାଖି। ସେମାନେ ସମସ୍ତେ ଏକ ନୂଆ ଧରଣର ପୋଷାକରେ ସଜ୍ଜିତ ଥାଆନ୍ତି । ସେମାନଙ୍କ ପୋଷାକ ସମସ୍ତଙ୍କ ଠାରୁ ନିଆରା ଲାଗୁଥାଏ । ପୋଷାକର ମୁଖ୍ୟ ଆକର୍ଷଣ ଥାଏ ଗୋଲାପି ରଙ୍ଗର ପରର ସ୍କାର୍ଫ, ଯେଉଁଟାକି ସେମାନଙ୍କର ଗଳା ମଠନ କରି ଦୁଇ କଡରେ ଅଣ୍ଟା ପର୍ଯ୍ୟନ୍ତ ଝୁଲି ରହିଥାଏ । ଏମିତିରେ ତ ଅନ୍ୟ ସମସ୍ତ ଗ୍ରୁପ୍ ସେଇ ସବୁ ଏକା ଧରଣର, ଚକମକିଆ, ରଙ୍ଗବେରଙ୍ଗର ଲେହେଙ୍ଗା, ଘାଗରା, ଇତ୍ୟାଦି ପିନ୍ଧି ନାଚ କରିବାକୁ ପ୍ରସ୍ତୁତ ଥାଆନ୍ତି । କିନ୍ତୁ ଚପଳାର ଗ୍ରୁପ୍ ଉପରେ ସମସ୍ତଙ୍କର ନଜର ଲାଖି ଯାଉଥାଏ । କେବଳ ସେମାନଙ୍କର ପୋଷାକକୁ ଦେଖି । କଳା ଟି-ସାର୍ଟ, ଧଳା ସ୍କର୍ଟ ଓ କଳା ଟି-ସାର୍ଟ ଉପରେ ଗୋଲାପି ରଙ୍ଗର ପକ୍ଷୀପରର ସ୍କାର୍ଫ ସହିତ କେଶରେ ଧଳାଫୁଲ ସେମାନଙ୍କ ବେଶଭୂଷାକୁ ଆହୁରି ଆକର୍ଷଣୀୟ କରିଥାଏ ।

ସେମାନେ ସମସ୍ତେ ପରିବେଷଣ କରିବାକୁ ପ୍ରସ୍ତୁତ କରିଥାନ୍ତି ହେଲେନ୍‌ର ଏକ ଗୀତ, ୧୯୬୯ର ପୁରୁଣା ହିନ୍ଦୀ ସିନେମା ଇନ୍ତକାମର "ଆ ଜାନେ ଜା' ଗୀତ । ପ୍ରଥମେ ଯେତେବେଳେ ନୃତ୍ୟ ଶିକ୍ଷକ ଏ ଗୀତଟି ଶିଖେଇବାକୁ ଆରମ୍ଭ କରିଥିଲେ, ଚପଳାକୁ ପସନ୍ଦ ଆସୁନଥିଲା । ଏ ବୟସ୍କ ଚେହେରାରେ ଏମିତି ଏକ ଗୀତରେ କିଏ ନାଚିବ ମ ? ତେବେ କ୍ଲାସ୍‌ର ଅନ୍ୟ ସମସ୍ତେ ଏ ଗୀତଟିକୁ ପସନ୍ଦ କଲେ, କହିଲେ, "ଗୀତଟା ସିନା ପୁରୁଣା,

ISSN NO.
2582-208X

କିନ୍ତୁ ଏଭଳି ଏକ ଗୀତରେ ନାଚିବା ଆମ ପାଇଁ ଏକ ନୂତନ ଅନୁଭୂତି ହେବ ।' କ୍ଲାସ୍‌ର ସମସ୍ତେ ଯେତେବେଳେ ଏ ଗୀତ ପସନ୍ଦ କଲେ, ଆଉ କଣ କାଳିଗାଇର ଭିନ୍ନ ଗୋଠ କରି ଚପଳା ଅଡି ବସିଥାନ୍ତା ?

ଏଇ ନାଚଟି ଶିଖିବା ଆରମ୍ଭ କରିବା ସମୟରେ ସେମାନେ ଥିଲେ ୭ ଜଣ । କିନ୍ତୁ ସେଥିରୁ ଦୁଇଜଣ ପ୍ରଥମେ ଓହରିଗଲେ । ସେମାନଙ୍କର ବିଦେଶ ଭ୍ରମଣ କରିବାର ଯୋଜନା ଥିଲା ଓ ନାଚ ପାଇଁ ସମୟ ଦେଇପାରିବେନି ବୋଲି ଆଗ୍ରହ ରଖିଲେନି । ଆଉ ଜଣେ ସାଙ୍ଗର ପୁଅର ଗ୍ରାଜୁଏସନ୍ ଥିଲା ଜୁନ୍ ୧୭ ତାରିଖ ଦିନ, ସିଏ ବି ମନ ବଳେଇଲାନି । ଯଦିଓ ସିଏ ସବୁ କ୍ଲାସ୍‌କୁ ଆସୁଥିଲା ଓ ଅଭ୍ୟାସ କରୁଥିଲା, ତେବେ ପରିବେଷଣରେ ରହିପାରିଲାନି। ସେମାନେ ୪ ଜଣ ବଳିଲେ । ସେମାନଙ୍କ ସହିତ ମିଶିଗଲା ଜରମାନ୍‌ଟାଉନ୍‌ର ଜଣେ ସ୍ତ୍ରୀ ଲୋକ । ସିଏ ସେଠି ତା' କ୍ଲାସ୍ ରେ କେବଳ ଜଣେ ହିଁ ଥିଲା। ଏମିତି ହୋଇ ସେମାନେ ପାଞ୍ଚଜଣ ସେଇ "ଆ ଜାନେ ଜା' ନୃତ୍ୟଟି ପରିବେଷଣ କରିଥିଲେ । ସେ ନୃତ୍ୟଟି ସମସ୍ତଙ୍କୁ ଏତେ ଭଲଲାଗିଥିଲା ଯେ ଆର୍ଯ୍ୟା ନାଚ ସଂସ୍ଥାର ମାଲିକାଣୀ, ରୁପାଲ୍ ସେମାନଙ୍କର ସାକ୍ଷାତକାର ନେବାକୁ ଚାହିଁଲା । ସତରେ ଅନେକ ଭଲ ଲାଗୁଥିଲା । ବିଶେଷ କରି ଚପଳାକୁ ଏ ସବୁ ମଜା ଲାଗୁଥିଲା । ପରିଣତ ବୟସରେ ଏମିତି ସବୁ ରୋମାଞ୍ଚକର, ନୃତ୍ୟ ପରିବେଷଣ କରିବା, ତା ନିଜ ବୟସକୁ କୋଡିଏ-ତିରିଶି ବର୍ଷ ପଛକୁ ଫେରାଇ ନେଇ ଯାଉଥିଲା ଓ ଶରୀରରେ ସେମିତି ଶକ୍ତି ଓ ବିଚକ୍ଷଣତା ଭରି ଦେଉଥିଲା ।

ସେଦିନର ପରିବେଷିତ ୧୫-୧୬ଟି ନୃତ୍ୟର ନିର୍ଦ୍ଦେଶକ ଥିଲେ କେବଳ ଜଣେ ମାତ୍ର ଶିକ୍ଷକ। ସିଏ ବିଚରା ଧନ୍ଦି ହୋଇ ସାରା ସପ୍ତାହ ଯାକ ଏ ସହର, ସେ ସହର ହୋଇ ନୃତ୍ୟ ଶିକ୍ଷା ପ୍ରଦାନ କରୁଥିଲେ । ଅନ୍ୟ କିଛି ଶିକ୍ଷକ ଆର୍ଯ୍ୟା ସଂସ୍ଥା ଛାଡି ନିଜନିଜର ସଂସ୍ଥା ଖୋଲିଥିଲେ ଓ ଅନେକ ଆର୍ଯ୍ୟା ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଯୋଗ କରି ନିଜ ସଂସ୍ଥାରେ ନାଚ ଶିଖିବାକୁ ପ୍ରବର୍ତ୍ତାଉଥିଲେ । ସେଦିନ ସମସ୍ତେ ସେ ଶିକ୍ଷକ ମୋହସିନ୍‌ଙ୍କର ଅନେକ ପ୍ରଶଂସା କଲେ । କିନ୍ତୁ ଚପଳା ଅନୁଭବ କରୁଥିଲା, ଏତେ ସବୁ ପ୍ରଶଂସା ଭିତରେ କିଛି ଯେମିତି କେଉଁଠି ଫାଙ୍କ ପଡିଯାଇଛି । ଦୀପର ସଳିତା ଯେମିତି ଲିଭିବା ପୂର୍ବରୁ ଖୁବ୍ ଜୋରରେ ଜଳିଉଠେ, ମୋହସିନ୍‌ଙ୍କର ସେଦିନର ଭୁରିଭୁରି ପ୍ରଶଂସା, ଛାତ୍ରଛାତ୍ରୀ ମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଦର୍ଶକ ମାନଙ୍କ କରତାଳି ସେମିତି ହିଁ ଜଳି ଉଠିଥିଲା ।

ISSN NO.
2582-208X

କାରଣ ସେଇ ଜୁନ୍ ମାସ ହିଁ ଆର୍ଯ୍ୟା ନାଚ କଂପାନୀ ସହିତ ମୋହସିନ୍‌ଙ୍କର ଶେଷ ମାସ ଥିଲା ।

କୋଭିଡ୍ ସମୟରେ ଯେତେବେଳେ ଜୁମ୍ ରେ କ୍ଲାସ୍ ଚାଲିଥିଲା, ସେତେବେଳେ ଅନେକ ଛାତ୍ରଛାତ୍ରୀ ନାଚ ଛାଡିଦେଲେ । ଯଦି ଛାତ୍ରଛାତ୍ରୀ ନାହାନ୍ତି, ତେବେ ଆୟ କେଉଁଠୁ ହେବ ? ସେ ସମୟରେ ହୁଏତ ଆର୍ଯ୍ୟା ସଂସ୍ଥାର ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ ବଡ କଠିନ ସମୟ ଦେଇ ଗତି କରିଛନ୍ତି । ସେମାନଙ୍କ ମାସିକ ଦରମା କମିଯାଇଛି ଓ ଦୈନିକ ଚଳଣିରେ ଅସୁବିଧା ହୋଇଛି । ଯଦିଓ ସେମାନଙ୍କ କହିବା ଅନୁସାରେ ଆର୍ଯ୍ୟା ସଂସ୍ଥାକୁ ସରକାରୀ ଅନୁଦାନ ମିଳିଛି, ବିଭିନ୍ନ ସଂସ୍ଥାରୁ ସାହାଯ୍ୟ ମିଳିଛି, ତେବେ କେତେ ମିଳିଛି, ସେଇଟା ପ୍ରକୃତରେ କେହି ଜାଣନ୍ତିନି, କେବଳ ଅନୁମାନ କରନ୍ତି । ମଣିଷ ଯେତେବେଳେ ହଇରାଣ ହୁଏ, ତାର ଦୈନିକ ଗୁଜୁରାଣ ମେଣ୍ଟାଇବାରେ ସନ୍ତୁଷ୍ଟ ନରହେ, ସେତେବେଳେ କେତେ ଆଉ ଆଦର୍ଶ ଓ ସଚ୍ଚୋଟ ପଣିଆକୁ ପାଥେୟ କରି ବଞ୍ଚିପାରିବ ? ସେଥିପାଇଁ ଅନେକ ନୃତ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଆର୍ଯ୍ୟା ସଂସ୍ଥା ଛାଡି ସ୍ୱାଧୀନ ଭାବେ ନିଜନିଜର ନାଚ କ୍ଲାସ୍ ଖୋଲିଦେଲେ । ମୋହସିନ୍ କିନ୍ତୁ ଜୁନ୍ ୨୦୨୩ ପର୍ଯ୍ୟନ୍ତ ଆର୍ଯ୍ୟା ସହିତ ରହିଥିଲେ ।

ଜୁନ୍ ୨୫ ତାରିଖ, ରବିବାର ଦିନ ଚପଳା ଗ୍ରୁପ୍‌ର ଶେଷ କ୍ଲାସ୍ ଥିଲା । ସେଇ କ୍ଲାସ୍ ରେ ସମସ୍ତେ କିଛି କିଛି ନୂଆ ନୃତ୍ୟ ଭଙ୍ଗୀ ସବୁ ଶିଖିଲେ । ବାର୍ଷିକ ଉତ୍ସବ ତ ସରିଛି, ଆଉ ଗୋଟିଏ କ୍ଲାସରେ କଣ ବା କିଏ ଶିଖିବ ? ଅବଶିଷ୍ଟ ସମୟ କେବଳ ଗପଶପରେ ବିତିଲା। ଗପଶପ ସମୟରେ ମୋହସିନ୍ କହିଲେ, "ମୁଁ ଆଉ ଏ ମାସ ପରଠାରୁ ଆର୍ଯ୍ୟା ସହିତ ନଥିବି ।'

ସେଇଥିରୁ ଜଣେ ସାଙ୍ଗ ରଜନୀ ପଚାରିଲା, "ନଥିବ ମାନେ କଣ କରିବ ? କୁଆଡେ ଯିବ ?'

"ମତେ ରୁପାଲ୍ ମାଡାମ୍ କାଲିଫର୍ଣ୍ଣିଆ ଯିବାକୁ କହୁଛନ୍ତି । ହେଲେ ମେରୀଲାଣ୍ଡ ରେ ମୁଁ ଆଠ ବର୍ଷ ରହିଲିଣି । ଏଠି ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କ ସହିତ ଏକ ରକମର ସଂପର୍କ ହୋଇଗଲାଣି । ଏବେ ମତେ ମେରୀଲାଣ୍ଡ ଛାଡି କାଲିଫର୍ଣ୍ଣିଆ ଯିବାକୁ ଭଲଲାଗୁନି ।'

ISSN NO.
2582-208X

"ତେବେ କଣ ଭାରତ ଫେରିଯିବ ?'

"ନା, ଭାରତ ତ ଫେରିବିନି, ଭାବୁଛି ଆର୍ୟ୍ୟା ସଂସ୍ଥା ଛାଡି ଦେଇ ନିଜ ସଂସ୍ଥା ଖୋଲିବି ।'

"ସେଇଟା କଣ ସହଜ ହେବ ? ତମ ପାଖକୁ ଛାତ୍ରଛାତ୍ରୀ ଆସିବେ ? ଯଥେଷ୍ଟ ରୋଜଗାର ହୋଇ ଗୁଜୁରାଣ ମେଣ୍ଟିପାରିବ ?'

"କେତେ ଜଣ ଛାତ୍ରଛାତ୍ରୀଙ୍କର ପିତାମାତା ଆଶ୍ୱାସନା ଦେଇଛନ୍ତି । ସେମାନଙ୍କ ସାହାଯ୍ୟ ନେବି । ହେଲେ ଆପଣମାନଙ୍କ ସାହାଯ୍ୟ ବି ଦରକାର କରୁଛି । ଯଦି ମୋର ନୂଆ ସ୍କୁଲ୍ ହୁଏ, ତେବେ ଆପଣମାନେ ସମସ୍ତେ ମୋ ସ୍କୁଲ୍‌କୁ ଆସିବେ ତ ?'

ଅନ୍ୟ ସମସ୍ତେ କହିଲେ, "ନିଶ୍ଚୟ ଆସିବୁ ।'

ଚପଳା ବି "ଆସିବୁ' ବୋଲି କହିଲା, କିନ୍ତୁ ପର ମୁହୂର୍ତ୍ତରେ ମନେ ପକେଇଲା, "ଆରେ ମୁଁ ତ ସେପ୍ଟେମ୍ବର ପାଇଁ ଆର୍ୟ୍ୟା ସହିତ ରେଜିଷ୍ଟ୍ରେସନ୍ କରିସାରିଛି । ସେମାନେ କଣ ସେ ରେଜିଷ୍ଟ୍ରେସନ୍ ଫି ଫେରେଇବେ ?'

ସେଦିନ କ୍ଲାସ୍ ସରିବା ପରେ ବାହାରକୁ ଆସି ସେମାନେ, ନୃତ୍ୟ ବନ୍ଧୁମାନେ, ସମସ୍ତେ ପରସ୍ପର ସହିତ କଥା ହେଲେ । "ମୋହସିନ୍ ଜଣେ ଭଲ ଶିକ୍ଷକ । ତାଙ୍କୁ ଆମମାନଙ୍କର ସାହାଯ୍ୟ କରିବା ଆବଶ୍ୟକ । ସିଏ ଯଦି କାଲିଫର୍ଣ୍ଣିଆ ନ ଯାଇ ଏଠି ଆର୍ୟ୍ୟା ସହିତ ରହନ୍ତି ତ ଭଲ, ଆମେ ସମସ୍ତେ ତାଙ୍କ କ୍ଲାସରେ ରହିବା । ଆଉ ସିଏ ଯଦି ଅଲଗା ସଂସ୍ଥା କରି ନାଚ ଶିଖାନ୍ତି ତ, ଆମେମାନେ ତାଙ୍କ ସଂସ୍ଥା ସହିତ ରହିବା ।'

ଚପଳାର ମୁଣ୍ଡ କିଛି କାମ କରୁନଥିଲା । ଏତେ ସହଜ ଜିନିଷଟା ହଠାତ୍ ଏତେ ଜଟିଳ ହୋଇଯିବ ବୋଲି ସିଏ ଆଶା କରିନଥିଲା । ଏ ନାଚ ଶିଖିବା ତାର କେବଳ ବ୍ୟାୟାମ ପାଇଁ, ଶରୀରକୁ ସୁସ୍ଥ ଓ ତାଜା ରଖିବା ପାଇଁ । କେଉଁଠି ଯାଇ ନୃତ୍ୟ ପରିବେଷଣ କରିବା ମୂଳ ଉଦ୍ଦେଶ୍ୟ ନୁହେଁ । ହେଲେବି ସେମିତି କରିବାକୁ ପଡେ, ଯେହେତୁ ସେଇଟା ହେଲା ଶିଖିବାର ଗୋଟିଏ ଦିଗ । ପରିବେଷଣ କରିବାର ନଥିଲେ, ସେମାନେ ଠିକ୍ ଭାବେ କିଛି ଶିଖିବେନି । ହେଲେ ସେ ସହଜ, ସରଳ ପ୍ରକ୍ରିୟାରେ ଯେ ଏମିତି ଏକ ପ୍ରତିବନ୍ଧକ ଆସିଯିବ, ସେକଥା ଚପଳା ମୁଣ୍ଡର ପଶୁନଥିଲା । ଏ କୋଭିଡ୍ ପାଇଁ ଏମିତି ସବୁ କଥା ।

ISSN NO.
2582-208X

ସେ କୋଭିଡ୍ ହିଁ ସମସ୍ତଙ୍କର ଜୀବିକା ଉପରେ ଆଖି ପକେଇଦେଲା । ନହେଲେ ତ ସବୁ ଠିକ୍‌ଠାକ୍ ଥିଲା । ଆର୍ଯ୍ୟା ସଂସ୍ଥାର କାର୍ଯ୍ୟନିର୍ବାହୀ ରୁପାଲ୍ ପ୍ରତି ଚପଳାର ଭଲ ଧାରଣା ଥାଏ। ଜଣେ ସ୍ତ୍ରୀ ଲୋକ ଭାରତୀୟ ନୃତ୍ୟ ଶୈଳୀକୁ ନେଇ ସାରା ଆମେରିକାରେ ନୃତ୍ୟ ଶିଖାଇବାର ସ୍ୱପ୍ନ ଦେଖିପାରିଛି, ସେଇଟା କଣ କମ କଥା ? ଭାରତରୁ ଶିକ୍ଷକ ମାନଙ୍କ ପାଇଁ ଭିସା ବ୍ୟବସ୍ଥା କରି ଅଣେଇବା, କେଉଁ ସହରରେ କେଉଁ ଶିକ୍ଷକ ରହିବେ, ସେ ବିଷୟରେ ଭାବିବା, ସେମାନଙ୍କର ରହିବା, ଦରମା ଇତ୍ୟାଦି ବିଷୟରେ ବୁଝିବା, କିଛି କମ କଥା ନୁହେଁ । ସେଥିପାଇଁ ଆର୍ଯ୍ୟା ସଂସ୍ଥା ଛାଡି ଆଉ କେଉଁଠି ଶିଖିବା କଥା ସିଏ ଭାବିପାରେନି । ଯଦିଓ କୋଭିଡ୍ ସମୟରେ ଜୁମ୍ ମାଧ୍ୟମରେ ଶିଖିବାକୁ ତାକୁ ବି ଅସୁବିଧା ହେଉଥିଲା, ତଥାପି ଶିକ୍ଷକଙ୍କର ଦରମା ବିଷୟ ଚିନ୍ତା କରି ସିଏ କୋଭିଡ୍ ସମୟରେ ବି ଆର୍ଯ୍ୟା ସହିତ ରହିଥିଲା ।

ଚପଳା ଯେମିତି ଭାବୁଥିଲା, ଅନ୍ୟମାନେ ମଧ୍ୟ ସେମିତି ଭାବୁଥିଲେ । ସେମାନେ ସମସ୍ତେ ନୃତ୍ୟ ବନ୍ଧୁ । ଚପଳା ଏକା ଓଡିଶାର । ଗୀତା ଉତ୍ତରପ୍ରଦେଶର ଝିଅ, ଲୋପା ଗୁଜୁରାଟୀ, କିନ୍ତୁ ତାର ପରିବାରର ସମସ୍ତେ ଦକ୍ଷିଣ ଆଫ୍ରିକାରେ ଅବସ୍ଥାପିତ । ୟାମିନୀ ଓ ରାଧିକା ତାମିଲ୍‌ନାଡୁର ଝିଅ । ଏଇମାନେ ସମସ୍ତେ କୋଭିଡ୍ ସମୟରେ ମଧ୍ୟ ନୃତ୍ୟବନ୍ଧୁ ରହିଥିଲେ। କୋଭିଡ୍ ପୂର୍ବରୁ ସେମାନଙ୍କ କ୍ଲାସ୍‌ରେ ଥିଲେ ସମୁଦାୟ ୧୬ ଜଣ ଝିଅ । ଉପରୋକ୍ତ ସ୍ତ୍ରୀ ଲୋକମାନଙ୍କ ବ୍ୟତୀତ ସେ କ୍ଲାସରେ ଥିଲେ ୫ ଜଣ ଗୁଜୁରାଟର, ୨ ଜଣ ରାଜସ୍ଥାନର, ଜଣେ ଆନ୍ଧ୍ରର, ଜଣେ ମହାରାଷ୍ଟ୍ରର, ଜଣେ କୃଷ୍ଣକାୟ ଆମେରିକାନ୍ ଓ ଜଣେ ପଞ୍ଜାବର । କୋଭିଡ୍ ସମୟରେ ପ୍ରାୟ ସାତ ମାସ ପର୍ଯ୍ୟନ୍ତ ସମସ୍ତେ ଜୁମ୍ ରେ କ୍ଲାସରେ ରହିଥିଲେ । ତେବେ କୋଭିଡ୍ କଟକଣା ଯେହେତୁ କ୍ରମାଗତ ଭାବେ ଲାଗିରହିଲା, ଅନେକ ସେଥିପାଇଁ ବନ୍ଦ କରିଦେଲେ କାରଣ ଜୁମ୍ ରେ ଡାହାଣ, ବାମ ଠଉରାଇବାରେ ସେମାନଙ୍କୁ କଷ୍ଟ ହେଲା । ତାପରେ ଯେଉଁ ୬ ମାସରେ ଥରେ ଆର୍ଯ୍ୟା ସଂସ୍ଥାର ଶୀତକାଳୀନ ଓ ଗ୍ରୀଷ୍ମକାଳୀନ ସମାରୋହ ଜୁମ୍ ରେ ରହୁଥିଲା, ସେଥିରେ ନାଚିବା ସମୟରେ ସମସ୍ତେ ହଡବଡେଇ ଯାଉଥିଲେ । କିଛି ଠଉରାଇ ପାରୁନଥିଲେ । ଶେଷରେ ଅତିଷ୍ଠ ହୋଇ ସେମାନେ ବିଦାୟ ନେଲେ ।

୨୦୨୧ ମସିହା ମାର୍ଚ୍ଚ ୨୭ ତାରିଖରେ ଜୁମ୍ ମାଧ୍ୟମରେ ଆର୍ଯ୍ୟା ଡ୍ୟାନ୍ସ୍ କଂପାନୀର ଗୋଟିଏ ସମାରୋହ ହୋଇଥିଲା । ସେ ପ୍ରୋଗ୍ରାମ୍ ପର୍ଯ୍ୟନ୍ତ ସେମାନଙ୍କୁ ଜୁମ୍ ମାଧ୍ୟମରେ

ISSN NO.
2582-208X

ନାଚ ଶିଖାଉଥିଲେ ସେମାନଙ୍କର ଶିକ୍ଷକ ରୋହନ୍ । ୨୦୨୧ ମସିହା ମାର୍ଚ୍ଚ ପରେ ରୋହନ୍ ନିଉଜର୍ସୀ ଚାଲିଗଲେ ଓ ଅନ୍ୟ ଗ୍ରୁପ୍ ମାନଙ୍କୁ ନାଚ ଶିଖାଇବାର ଦାୟିତ୍ଵ ନେଲେ । ଚପଳା ଗ୍ରୁପ୍ର କ୍ଲାସ୍ ନେଲେ ଆଉ ଜଣେ ଶିକ୍ଷକ । ତାଙ୍କ ନା ମୋହସିନ୍ ।

୨୦୨୧ ଏପ୍ରିଲ୍ ବେଳକୁ ଭାରତରେ କୋଭିଡ୍ର ଦ୍ଵିତୀୟ ପ୍ରବାହ ଚାଲିଥିଲା । ସେ ସମୟରେ ଯ୍ଯାମିନୀର ବାପା କୋଭିଡ୍ରେ ଆକ୍ରାନ୍ତ ହେଲେ । କିଛିଦିନ ଯ୍ଯାମିନୀ ଅନୁପସ୍ଥିତ ରହିଲା । ନାଚକ୍ଲାସ୍ ରେ ରାଧିକା ଯ୍ଯାମିନୀର ବାପାଙ୍କ ସ୍ୱାସ୍ଥ୍ୟ ବିଷୟରେ ବିବରଣୀ ଦେଉଥିଲା । ଶେଷରେ ଦିନେ ଖବରଦେଲା ଯେ, ଯ୍ଯାମିନୀର ବାପା ଶେଷନିଶ୍ୱାସ ତ୍ୟାଗକଲେ । ଯ୍ଯାମିନୀ ଏମିତିରେ ତିନି ମାସ ପର୍ଯ୍ୟନ୍ତ କ୍ଲାସ୍ କଲାନି ।

କ୍ଲାସ୍ ଯେହେତୁ ଜୁମ୍ ରେ ହେଉଥିଲା, ମଝିରେ ମଝିରେ ଟେକ୍ସାସ୍ରୁ, କାଲିଫର୍ଣ୍ଣିଆରୁ, ମିଚିଗାନ୍ରୁ ଓ ଆମେରିକାର ଅନ୍ୟ ରାଜ୍ୟମାନଙ୍କରୁ ଜଣେଜଣେ ଯୋଗ ଦେଉଥିଲେ, ପୁଣି ବିଦାୟ ନେଉଥିଲେ । ୨୦୨୧ ଅଗଷ୍ଟ ମାସ ବେଳକୁ, ସମସ୍ତେ ପ୍ରାୟ କୋଭିଡ୍-୧୯ ଟୀକା ନେଇସାରିଥିଲେ । ତେଣୁ ଆର୍ଯ୍ୟା ଡ୍ୟାନ୍ସ୍ କଂପାନୀ ସେପ୍ଟେମ୍ବର ୨୦୨୧ରୁ ସମସ୍ତ କ୍ଲାସ୍ ଷ୍ଟୁଡିଓରେ ଆରମ୍ଭ କରିବାକୁ ସ୍ଥିରକଲା । ସମସ୍ତଙ୍କୁ ଚେତାବନୀ ବି ଦିଆଗଲା ଯେ ଶ୍ରେଣୀଗୃହରେ ମାସ୍କ ପିନ୍ଧିବେ ଓ ସାନିଟାଇଜର୍ ବ୍ୟବହାର କରିବେ । ପ୍ରବେଶ ସମୟରେ ଶିକ୍ଷକ/ଶିକ୍ଷୟିତ୍ରୀ ସେମାନଙ୍କର ଶରୀରର ଉତ୍ତାପ ମାପିବେ ଓ ତାପରେ ସେମାନେ ଭିତରକୁ ଯାଇପାରିବେ । ସମସ୍ତଙ୍କୁ ସାମାଜିକ ଦୂରତା ମଧ୍ୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଗଲା । ଚପଳାର କ୍ଲାସ୍ ଆରମ୍ଭହେଲା ସେପ୍ଟେମ୍ବର ୧୮ ତାରିଖ ଶନିବାର ଦିନଠାରୁ । ସମସ୍ତେ ଶ୍ରେଣୀରେ ସତର୍କତା ଅବଲମ୍ବନ କରୁଥିଲେ, ମୁହଁରେ ମୁଖା ପିନ୍ଧୁଥିଲେ, ପର୍ସ୍ପରଠାରୁ ଦୂରତା ରକ୍ଷା କରୁଥିଲେ । ଏମିତି କିଛଦିନ ଚାଲିଲା । ତାପରେ ଆସିଲା କୋଭିଡ୍ର ଆଉ ଏକ ପ୍ରତିରୂପ ଓମିକ୍ରନ୍ର ପ୍ରବାହ । ସେତେବେଳେ ପ୍ରାୟ ମାସକ ପାଇଁ ସବୁ କ୍ଲାସ୍ ଜୁମ୍ ରେ ହେଲା; ଅବଶ୍ୟ ସେଥିରୁ ପନ୍ଦର ଦିନ କ୍ରିଷ୍ଟମାସ୍ ପାଇଁ ଛୁଟି ଥିଲା । କିନ୍ତୁ ସେ ବର୍ଷର ଶୀତକାଳୀନ ସମାରୋହ ଆଉ ଲୋକଙ୍କ ଗହଳରେ ହୋଇପାରିଲାନି, ହେଲା ଜୁମ୍ ରେ । ୨୦୨୨ ଫେବୃୟାରୀ ବେଳକୁ କ୍ଲାସ୍ ରେ ଆଉ ଦୁଇଜଣ ଯୋଗ ଦେଲେ। ସେମାନେ ଅନ୍ୟ ଏକ ଶ୍ରେଣୀରେ ଥିଲେ । ତେବେ ସେ ଶ୍ରେଣୀର ସମୟ ଦିନରୁ ରାତିକୁ ବଦଳିଯିବାରୁ, ସେମାନେ ଚପଳାର କ୍ଲାସ୍ ରେ ରହିଲେ । ଏବେ କ୍ଲାସ୍ ହେଉଥିଲା ପ୍ରତି ରବିବାର ଦିନ, ଅପରାହ୍ନ ଦୁଇଟା ବେଳେ ।

ISSN NO.
2582-208X

ଏମିତି ହୋଇ ସବୁ ଚାଲିଥିଲା । ହେଲେ ମଧ୍ୟ କୋଭିଡ୍ ପୂର୍ବରୁ ଯେତେ ସଂଖ୍ୟାରେ ଛାତ୍ରଛାତ୍ରୀ ଥିଲେ, ସେତେ ଆଉ ରହିଲେନି । ହୁଏତ ସମସ୍ତଙ୍କ ଜୀବନରେ କିଛି ଅଲଗା ରକମର ପରିବର୍ତ୍ତନ ଆସିଲା, ମନରେ ଅଲଗା ରକମର ଖିଆଲ ଆସିଲା । ସେଇଥିପାଇଁ ହୁଏତ ନୃତ୍ୟ ଶିକ୍ଷକମାନଙ୍କୁ ଠିକ୍ ରୂପେ ପାରିଶ୍ରମିକ ମିଳୁନଥିଲା । ଯଦି କ୍ଲାସ୍ ରେ ପନ୍ଦର ଜଣଙ୍କ ବଦଳରେ ସାତ ଜଣ ରହିଲେ, ତେବେ ଆୟ ତ କମିଲା ନା । ଆଉ ସେଇ ଅନୁସାରେ ଶିକ୍ଷକମାନଙ୍କ ଦରମା ମଧ୍ୟ । ଏଇଭଳି ସମୟ ଦେଇ କିଛିଦିନ ଚାଲିଲା । କ୍ଲାସ୍ ରେ କେତେଜଣ ସବୁବେଳେ ସବୁକଥା ଜାଣିବାକୁ ଚାହାନ୍ତି । ସମସ୍ତେ ଯେତେବେଳେ ରୋହନ ଠାରୁ ମେସେଜ୍ ପାଇଲେ ତା' କ୍ଲାସ୍ ରେ ଯୋଗ ଦେବାପାଇଁ, ସମସ୍ତଙ୍କର ଆର୍ଯ୍ୟା ବିଷୟରେ ଅଧିକ ଜାଣିବାର ଆଗ୍ରହ ବଢିଲା । ସେତେବେଳେ ଶିକ୍ଷକ ମୋହସିନ୍ ଆର୍ଯ୍ୟା ସଂସ୍ଥା ପ୍ରତି ଅନୁରକ୍ତ ଥିଲେ । ଆର୍ଯ୍ୟା ସଂସ୍ଥାର ବିରୁଦ୍ଧରେ କିଛି କହନ୍ତିନି । ଅନ୍ୟ ନୃତ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ବିଷୟରେ ପଚାରିଲେ, ସେମାନଙ୍କର ଜୀବନ ସଂଘର୍ଷ ବିଷୟରେ କହନ୍ତି ।

ଭାରତର ପ୍ରଧାନ ମନ୍ତ୍ରୀ ମୋଦି ଯେତେବେଳେ ଜୁନ ୨୦୨୩ରେ ବାସିଂଟନ୍ ଡିସି ଆସିବାର ଯୋଜନା ହେଲା, ସେତେବେଳେ ତାଙ୍କ ପ୍ରୋଗ୍ରାମ୍ ପାଇଁ ଆର୍ଯ୍ୟା ସଂସ୍ଥା ତରଫରୁ ନୃତ୍ୟ ପ୍ରଦର୍ଶନ ପାଇଁ ଅଭ୍ୟାସ ଚାଲିଲା । କିନ୍ତୁ ସେଇ ସମୟରେ ଶିକ୍ଷକ ମୋହସିନ୍ଙ୍କୁ ସଂସ୍ଥା ଅଣଦେଖା କରି ସେ ନୃତ୍ୟର ଦାୟିତ୍ୱ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଦେଲେ । ସେଇକଥାଟା ମୋହସିନ୍ଙ୍କୁ ଅନେକ ବାଧିଲା । ଆର୍ଯ୍ୟାର ଖରାପ ସମୟରେ ସିଏ ତା' ସହିତ ଥିଲେ । ସପ୍ତାହର ସାତଦିନ ଯାକ ଅକ୍ଲାନ୍ତ ପରିଶ୍ରମ କରି ମେରୀଲାଣ୍ଡ ଓ ଭରଜିନିଆର ବିଭିନ୍ନ ସହରରେ ନାଚ ଶିଖାଇବାକୁ ଯାଉଥିଲେ । କିନ୍ତୁ ଯେତେବେଳେ ଟିକେ ସମ୍ମାନର କଥା ଆସିଲା, ମୋଦିଙ୍କ ଭଳି ଅତିଥିଙ୍କର ପ୍ରୋଗ୍ରାମରେ ନିଜର ଭୂମିକା ରଖିବାର ସମୟ ଆସିଲା, ସେତେବେଳେ ତାଙ୍କୁ ଅଣଦେଖା କରାଗଲା ।

ତାପରେ ଆସିଲା ଆଉ ଏକ ଖରାପ ସମ୍ବାଦ; ମୋହସିନ୍ଙ୍କୁ କାଲିଫର୍ଣ୍ଣିଆ ପଠାଇଦେବାର ପ୍ରସ୍ତାବ ।

ଏ ସବୁ ଭିତରେ ଦୁଇମାସ ବିତିଯାଇଥିଲା । ଏଠିକାର ଗ୍ରୀଷ୍ମ ସମୟରେ, ଅର୍ଥାତ୍ ଜୁଲାଇ ଓ ଅଗଷ୍ଟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହେ । ସମସ୍ତେ ପ୍ରାୟ ଛୁଟି କଟାଇବାକୁ ଅନ୍ୟ

ISSN NO.
2582-208X

ସହର, ଦେଶ ଇତ୍ୟାଦି ଯାତ୍ରା କରନ୍ତି । ତେଣୁ ଆର୍ଯ୍ୟା କ୍ଲାସ୍ ବି ବନ୍ଦ ରହେ । ତେବେ କୋଭିଡ୍ ପରଠାରୁ ସମସ୍ତେ ଜୁମ୍ ସହିତ ପରିଚିତ ହୋଇଗଲେ । ତେଣୁ ଜୁଲାଇ ଓ ଅଗଷ୍ଟରେ ଆର୍ଯ୍ୟା ଜୁମ୍ ମାଧ୍ୟମରେ ନାଚ କ୍ଲାସ୍ ଜାରି ରଖିଥିଲା । ଏବର୍ଷ ଚପଳାକୁ ସେଥିପାଇଁ ସମୟ ନଥିଲା । ତେଣୁ ସିଏ ଯୋଗ ଦେଇନଥିଲା । ହଠାତ୍ ସେପ୍ଟେମ୍ବରରେ ମୋହସିନ୍‌ଙ୍କ ଠାରୁ ଏକ ମେସେଜ୍ ମିଳିଲା । ସିଏ ଜଣେ ଛାତ୍ରଙ୍କ ପିତାମାତାଙ୍କ ସାହାଯ୍ୟରେ "ତାଲ୍ ଏକାଡେମୀ' ନାମକ ଏକ ନୃତ୍ୟ ଅନୁଷ୍ଠାନ ଗଢିଛନ୍ତି ଓ ତାର କ୍ଲାସ୍ ଆରମ୍ଭ ହେଉଛି ସେପ୍ଟେମ୍ବର ୧୦ରୁ; କଲମ୍ବିଆ ସହରର ଏକ ନୃତ୍ୟ ଷ୍ଟୁଡିଓରୁ ।

ରାଧିକା ମଧ୍ୟ ସେମାନଙ୍କର ନାଚ ହ୍ୱାଟ୍ସ୍‌ଆପ୍ ଗ୍ରୁପ୍ ରେ ଖବର ଦେଇ ସମସ୍ତଙ୍କୁ ଜଣେଇଲା ଓ ସିଏ ପ୍ରଥମ କ୍ଲାସ୍‌କୁ ଯାଉଛି ବୋଲି ଲେଖିଲା । ଚପଳା ସେ ନୂଆ ଅନୁଷ୍ଠାନ ଓ କ୍ଲାସ୍ ବିଷୟରେ ଆଗ୍ରହ ରଖି ପ୍ରଥମ କ୍ଲାସ୍ ରେ ଯୋଗଦେବାକୁ ଗଲା । ଷ୍ଟୁଡିଓଟି ଚପଳାର ପସନ୍ଦ ଆସିଲା । ସେ ଷ୍ଟୁଡିଓଟି ଏକ କାରାଟେ ଶିଖାଇବାର ଷ୍ଟୁଡିଓ । ସେ ହଲ୍‌ର ଦୁଇପାର୍ଶ୍ୱରେ ବଡ ସାଇଜ୍‌ର ଦର୍ପଣ ଲାଗିଥିଲା । ସେପ୍ଟେମ୍ବର ମାସର ସେ ପ୍ରଥମ କ୍ଲାସ୍ ରେ କେବଳ ଦୁଇଜଣ ଥିଲେ, ରାଧିକା ଓ ଚପଳା । ଶିକ୍ଷକ ମୋହସିନ୍ ଅତି ଦକ୍ଷ ଶିକ୍ଷକ, ସିଏ ନିଜ ଶୈଳୀରେ ଏକ ନୂଆ ଗୀତରେ ନୃତ୍ୟ ଶିକ୍ଷା ଦେଲେ । କ୍ଲାସ୍ ପରେ ଚପଳା ତାଲ୍ ଏକାଡେମୀର ପ୍ରତିଷ୍ଠାତା ମିଷ୍ଟର ଆକାଶ ଶର୍ମାଙ୍କ ସହିତ ପରିଚିତ ହେଲା ଓ ମୋହସିନ୍‌ଙ୍କୁ ସାହାଯ୍ୟ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଲା ।

ଦ୍ୱିତୀୟ କ୍ଲାସ୍ ରେ ରାଧିକା ଅନୁପସ୍ଥିତ ଥିଲା । ତେବେ ଅନ୍ୟ ନୂଆ ଦୁଇଜଣ ଛାତ୍ରୀ ଯୋଗ ଦେଇଥିଲେ, ଓ ପୁରୁଣା ଜଣେ ନୃତ୍ୟ ବନ୍ଧୁ ଉପସ୍ଥିତ ଥିଲେ ।

ଆର୍ଯ୍ୟା ଠାରୁ ବି ଚପଳା ଖବର ପାଇଲା । ଚପଳା ଯେଉଁ ଶନିବାରର ସକାଳ କ୍ଲାସ୍ ପାଇଁ ରେଜିଷ୍ଟ୍ରେସନ୍ କରିଥିଲା, ଛାତ୍ରଛାତ୍ରୀଙ୍କ ଅଭାବ ପାଇଁ ସେ କ୍ଲାସ୍ ଆଉ ହୋଇପାରିବନି । ବୟସ୍କଙ୍କ ପାଇଁ ସେ କ୍ଲାସ୍ କଲମ୍ବିଆରେ ପ୍ରତି ରବିବାର ରାତିରେ ୮ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ଚାଲିବ ।

ଚପଳା ବିଚଳିତ ହେଲା । କଣ କରିବ କିଛି ବୁଝିପାରିଲାନି । ବିଶେଷତଃ ରବିବାର ରାତ୍ରିରେ କୌଣସି କ୍ଲାସ୍ କରିବାରେ ଆଗ୍ରହ ତାର ନଥିଲା । ତାପରେ ଦେଖିଲା ଯେ ନିଜ ଘର ପାଖ ସହର କ୍ଲାର୍କସ୍‌ଭିଲ୍ ରେ ପ୍ରତି ବୁଧବାର ରାତିରେ ବୟସ୍କଙ୍କ ପାଇଁ କ୍ଲାସ୍ ହେବ ।

ISSN NO.
2582-208X

ଥରେ ପରୀକ୍ଷା କରିବା ପାଇଁ ସେପ୍ଟେମ୍ବର ୨୦ ତାରିଖ, ବୁଧବାର ଦିନ ଚପଳା ସେ କ୍ଲାସ୍‌କୁ ଗଲା । ସେଠି କେହି ବି ନଥିଲେ । କେବଳ ଦୁଇଜଣ ଶିକ୍ଷକ ମହଜୁଦ୍ ଥିଲେ । ଚପଳା ପଚାରିଲା, "କଣ ଏ କ୍ଲାସ୍ ରେ କେହି ଛାତ୍ରୀ ନାହାନ୍ତି ?'

ସେମାନେ କହିଲେ, "ନା । ତାପରେ ଏଇଟା ନୁଆ ଷ୍ଟୁଡିଓ ତ, ହୁଏତ ଅନେକ ଜାଣିନାହାନ୍ତି ।'

"ଆଉ ପିଲାମାନଙ୍କ କ୍ଲାସ୍ । ସେଥିରେ ଛାତ୍ରଛାତ୍ରୀ ଅଛନ୍ତି ନା ନାହିଁ ?'

"ହଁ, ସେଥିରେ ଛାତ୍ରଛାତ୍ରୀ ଅଛନ୍ତି । କେବଳ ବୟସ୍କଙ୍କ କ୍ଲାସ୍‌ର ଏପର୍ଯ୍ୟନ୍ତ କେହି ନାହାନ୍ତି।'

"କଲମ୍ବିଆର ସେ ରବିବାର ରାତି କ୍ଲାସ୍‌ର ଛାତ୍ରୀ ହେଉଛନ୍ତି ?'

"ହଁ, ସେ କ୍ଲାସ୍ ଠିକ୍ ଚାଲିଛି । କେବଳ ଏଇ କ୍ଲାସ୍ ରେ ଏପର୍ଯ୍ୟନ୍ତ ଆମେ କାହାକୁ ଦେଖିନୁ। ଆଜି ଆପଣଙ୍କ ସହିତ ଦେଖାହେଲା ।'

ସେ ଦୁଇଜଣ ଅଳ୍ପ ବୟସର ପିଲା ମନେ ହେଉଥିଲେ; ହୁଏତ ୨୫-୩୦ ବର୍ଷ ହେବ କି କଣ । ତାଙ୍କ ଭିତରୁ ଜଣେ ରାଜସ୍ଥାନର ଥିଲା ଓ ଜଣେ ଗୁଜୁରାଟର । କିନ୍ତୁ ଉଭୟ ବମ୍ବେରେ ହିଁ ନାଚ ଶିଖାଉଥିଲେ । ସେମାନଙ୍କ ସହିତ ପ୍ରାୟ ୧୫ ମିନିଟ୍ କଥାବାର୍ତ୍ତା କଲା ଚପଳା । ସେ ସମୟ ଭିତରେ ଅନ୍ୟ କେହି ନ ପହଞ୍ଚିବାରୁ ଚପଳା ଫେରିବାକୁ ଚାହିଁଲା । ସେ ନୂଆ ଶିକ୍ଷକଙ୍କ ମଧ୍ୟରୁ ଜଣେ ଚପଳାର ନାମ ଓ ଇମେଲ୍ ରଖିଲା । ଯଦି ସେ କ୍ଲାସ୍‌କୁ ଅନ୍ୟ ଛାତ୍ରଛାତ୍ରୀ ମାନେ ଆସନ୍ତି, ତେବେ ସେମାନେ ଚପଳାକୁ ଜଣେଇବେ ବୋଲି କହିଲା।

ଏଣୁ ଚପଳା ସ୍ଥିରକଲା ଯେ ସିଏ ମୋହସିନ୍‌ର କ୍ଲାସ୍ ରେ ହିଁ ରହିଥିବ । ଯଦି ଆର୍ଯ୍ୟା ଠାରୁ ଖବର ଆସେ, ତେବେ ୨-୩ ମାସ ପାଇଁ ସିଏ ଉଭୟ ସ୍ଥାନକୁ ନୃତ୍ୟ ଶିକ୍ଷା ପାଇଁ ଯିବ ।

ଆର୍ଯ୍ୟା ଠାରୁ ଆଉ କିଛ ଖବର ଆସିନଥିଲା ।

ISSN NO.
2582-208X

ଅକ୍ଟୋବର ୧ ତାରିଖର କ୍ଲାସ୍ ରେ କିଛି ନୂଆ ଛାତ୍ରୀ ଯୋଗ ଦେଇଥିଲେ । ସେମାନଙ୍କୁ ମିଶେଇ କ୍ଲାସ୍ ରେ ୧୨ ଜଣ ହୋଇଗଲେ । କ୍ଲାସ୍ ଶେଷରେ ସେମାନେ ପୁରୁଣା ନୃତ୍ୟବନ୍ଧୁ ମାନେ ଯେବେ ଗପିଲେ, ରାଧିକା କହିଲା, "ମୋହସିନ୍‌ଙ୍କୁ କହିବା, ସିଏ ୨ଟି କ୍ଲାସ୍ କରନ୍ତୁ। ନହେଲେ ଏତେ ଜଣଙ୍କ ସହିତ କ୍ଲାସ୍ କରିବା କଠିନ ହୋଇଯିବ । କିଏ କେଉଁ କ୍ଲାସ୍ ରେ ଅନୁପସ୍ଥିତ ରହିଲା ତ, ସେଇ ଏକା ଶିକ୍ଷା ବାରମ୍ବାର ଦୋହରେଇବାକୁ ପଡିବ । ତାହେଲେ ଲାଭ କଣ ?'

ଅକ୍ଟୋବର ୮ ତାରିଖରେ ମୋହସିନ୍‌ଙ୍କର ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ କ୍ଲାସ୍ ରେ କୋଠରି ଭର୍ତ୍ତି। ସମସ୍ତଙ୍କୁ ମିଶାଇ ଚପଳାର କ୍ଲାସ୍‌ର ପ୍ରାୟ ୧୭ ଜଣ ଥିଲେ । ସେଥିରୁ ସେମାନେ ପୁରୁଣା ନୃତ୍ୟବନ୍ଧୁ ପାଞ୍ଚ ଜଣ ଥିଲେ ଓ ଅନେକ ନୂଆ ସ୍ତ୍ରୀ ଲୋକମାନେ ଯୋଗ ଦେଇଥିଲେ । ନୂଆ ସ୍ତ୍ରୀ ଲୋକମାନଙ୍କ ବୟସ ସବୁ ୩୦ରୁ ୬୦ ଭିତରେ ହେବ । ତେବେ ସମସ୍ତଙ୍କ ମନରେ ଫୂର୍ତ୍ତି ଥିଲା । ସମସ୍ତେ ଏକା ସାଙ୍ଗରେ ଅଭ୍ୟାସ କରୁଥିବା ସମୟରେ ଭାରି ଉପଭୋଗ କରୁଥିଲେ । ଚପଳାକୁ ସେ ଅନୁଭୂତି ଭଲଲାଗିଲା ।

ଯାହାହେଉ ମୋହସିନ୍ କୂଳରେ ଲାଗିଗଲେ । ମୋହସିନ୍‌ଙ୍କର ଏ ଯେଉଁ ନୂଆ ଚେଷ୍ଟା, ନୂଆ ଚାକିରି, ସେ ଚେଷ୍ଟାର ସଫଳ ଭବିଷ୍ୟତ ପାଇଁ ଚପଳା ମନେମନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲା।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# କାହାକୁ କହିବା ଇଏ ମୋ’ ନିଜର



ଶଶଧର ମହାପାତ୍ର

କାହାକୁ କହିବା ଇଏ ମୋ’ ନିଜର
କାହାକୁ କହିବା ପର
ଯାହାକୁ ଭାବୁଛୁ ଇଏ ତ ନିଜର
ସିଏ ହେଇଯାଏ ପର ।
ପର ଲୋକ ବରଂ ହେଉଛି ନିଜର
ନିଜ ଲୋକ ହୁଏ ପର
ସୁଯୋଗ ଉଣ୍ଡିକ ନିଜ ଲୋକଟିଏ
ମୂଳରୁ କାଟଇ ଚେର ।
ଦୁନିଆ ଯାଇଛି ଅନେକ ବଦଳି
ସ୍ୱାର୍ଥ କରିଛି ଅନ୍ଧ
ସ୍ନେହ ଶ୍ରଦ୍ଧା ପ୍ରେମ ଶବ୍ଦବାଣ ଆଜି
ମାନୁନାହିଁ ବାଡ଼ ବନ୍ଧ ।
ସୁଖରେ ହୁଅନ୍ତି ସାଥୀ ସଭିଏଁ
ଦୁଃଖରେ ନହୁଏ ଦେଖା
ପ୍ରକୃତ ବନ୍ଧୁଙ୍କୁ ଚହ୍ନିବ ଜାଣିଥା
ଦୁଃଖବେଳେ ଯିଏ ସଖା ।
ଯେଉଁ ବନ୍ଧୁ ଦିନେ କହିଥିଲା ଥରେ
ବଢ଼ାଇଦେବ ତା’ ହାତ
ବୁଝିବାକୁ ତୁମେ ଶତ ଚେଷ୍ଟାକଲେ

ISSN NO.
2582-208X

ଅବୁଝା ହୁଏ ସେ ଗଣିତ ।
ଏ କଳ କାଳରେ କଥା ଦେଇଥିଲେ
କଥା ହୁଏ ବିପରୀତ
ଏକରୁ ଅନେକ ସର୍ତ୍ତ ଲାଗିଯାଏ
ଭୁଲି ହୁଏନାହିଁ ସେତ ।
ନିଜ ସ୍ୱାର୍ଥପାଇଁ ଯିଏ ହୁଏ ବନ୍ଧା
ନୁହେଁକି ସିଏ ପାଗଳ ?
ଏହି ଦୁନିଆରେ ତିଷ୍ଠିବା ପାଇଁକି
ଜଗିରଖି ତୁମେ ଚଳ ।
କାହାକୁ ଭରସା ନକରି ଏଥର
ପ୍ରଭୁପାଦେ ରଖ ଲୟ
ନିଜ ହାତେ ନିଜ କାମ କର ବନ୍ଧୁ
ହେବ ସମସ୍ତଙ୍କ ପ୍ରିୟ ।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଥରେ ଆସି
# ଦେଖନ୍ତ ନି



ପୁଷ୍ପାଞ୍ଜଳି ପଣ୍ଡା

ସୂର୍ଯ୍ୟ ଚନ୍ଦ୍ର ତାର୍
ନଦୀ ନାଳ ଗଛ ବୃଛ
କଞ୍ଚିତ ବଦଳ ଥିଲେବି
ସେମିତି ସବୁଥିବେ
ମୁଁ ନଥିବି...!
ତୁମ ଆଖପାଖରେ ।
ଥରୁଟେ ଗୃହଁନ୍ତନ...!
ତମେ କଣ କଛି  ବ ଦେଖି କ ପାରୁନ,
ଶୁନ୍ ଶାନ୍ ଘର ବାହାର
ଜାଣିଛ, କେହି କଛି ଦେଖି ବେନ ...!
ମାଟି, ପାଣି, ପବନ, ସାହି, ପଡିଶା,
ନଜଲ୍ଲୋକ, ପରଲ୍ଲୋକ
କାହାକୁ ଫରକ ପଡିବନ
ଥରୁଟିଏ ଦୃଷ୍ଟି ପକାଇ ଦିଅନ୍ତୁ ନ...!!

ଖୁବ୍ କଷ୍ଟ ଦାୟକ ଏ ବେଦନା,
ଅସହଣୀ ସମୟର ଏ ଯନ୍ତ୍ରଣା
ଏକଲ୍ ପଣର ଏକକଥା
ଏକ ପର୍‌ଜୟ ଏକ ଆହତ ଯୋଦ୍ଧାର

ISSN NO.
2582-208X

ଆଲୋକ ଆସିବା ଡେରିହୁଏ
ଅନ୍ଧାର ତ ଏ ଯାଏ ଛାଡ଼ିବି...!!


ସୂର୍ଯ୍ୟୋଦୟ କ ସୂର୍ଯ୍ୟାସ୍ତ
ଧୂଧୂ ଖରାବେଳେ ,କ ସନ୍ଧ୍ୟା ବେଳ
ଅବା କେତିମିତି ଅନ୍ଧାର ରାତି
ଘୁମନ୍ତ ଆଖିରେ ସ୍ୱପ୍ନ ଭର୍ତ୍ତି
ନରୋଳା ପ୍ରେମର କଘଞ୍ଚ ଛାତି
ସବୁ ସେମିତି ମନ ଉଖାରୁଛି
କାହାକୁ ପାଶୋରି ଯାଏନ....!

ସୁଖ ଭୋଗୀ ମଣିଷ ମନ ଟେ
ଏମିତି ଗୋଟଉଥିବି,
ଛୋଟ ଛୋଟ ସୁଖ,
ତମେ ଆସ କ ନ ଆସ
ମୁଁ ଥାଏ କ ନଥାଏ
ଆୟୁଷ ଥାଉ ବା ନଥାଉ
ସମର୍ପଣ ରେ ସବୁ ମୁକ୍ତ
ସତ୍ୟ ସିଦ୍ଧାନ୍ତ ଯାଣି
ତୁମକୁ ପ୍ରେମ କରିବା ର
ଅନୁରାଗ ର
ପ୍ରିତିପର୍ଣ୍ଣା ଭାବ
ମୋର କେବେ ଛାଡିବିନ ।
ତୁମେ ଥରେ ଆସି ଦେଖନ୍ତ ନ ..!!!

କେନ୍ଦ୍ରାପଡ଼ା

ISSN NO.
2582-208X

# ଏକଦା



ବିନୟ ମହାପାତ୍ର

(1964-65 ମସିହା ସମୟର ପୃଷ୍ଠଭୂମି ଉପରେ କାହାଣୀଟି ରଚତ)

ଜାନୁଆରୀ ମାସର ଶୀତ ସକାଳ, ଚାରି ପଟେ ଘନ କୁହୁଡି ତାର ବହଳ ଚାଦର ତଳେ ସବୁ କିଛି ଢାଙ୍କି ରଖିଥାଏ । ଘନ କୁହୁଡି ଘେରା ଦୁଧିଆ ସକାଳରେ ଆମ କୂଅ ପାଖ ପିଜୁଳି ଗଛଟା ବି ଭଲ ଭାବେ ଦିଶେନି । ପ୍ରତିଦିନ ସକାଳେ ନିତ୍ୟକର୍ମ ପାଇଁ କୂଅ ପାଖରେ ଆମେ ସାତ ଭାଇ ଭଉଣୀ ପହଞ୍ଚି ଯାଉ । ସେଠାରେ ପହଞ୍ଚି ଆମେ ଦେଖୁ, ଆମର ସେଇ ଝଙ୍କାଳିଆ ପିଜୁଳି ଗଛ ତଳେ କେତେ ଗୁଡିଏ ଅଧା ଖିଆ, ଖଣ୍ଡିଆ ପିଜୁଳି ସେମାନଙ୍କର କ୍ଷତାକ୍ତ ନାଲି ନାଲି ପେଟ ଦେଖେଇ ପଡି ଥାଆନ୍ତି, ସତେ ଅବା କେହି ତାଙ୍କର ପେଟ ଚିରି ସେମାନଙ୍କ ଅନ୍ତବୁଜୁଳା ବାହାର କରି ଦେଇଛି । ଆଉ ସେଇ ଖଣ୍ଡିଆ ପିଜୁଳି ଗୁଡିକ ବଡ ଭୟାତୁର କଣ୍ଠରେ ଯେମିତି କହୁଥାନ୍ତି, ଆରେ ଦେଖରେ, କାଲି ରାତିରେ ବାଦୁଡି ପଲ ଆସି କେମିତି ଆମ ପେଟ ଚିରି ଆମକୁ ଖାଇ ଦେଇଛନ୍ତି !

ଏଇ ପିଜୁଳି ଗଛଟା ଆମର ବାରମାସୀ ପିଜୁଳି ଗଛ, ବର୍ଷର ସବୁ ଋତୁରେ ସେଥିରେ ନୂଆ ନୂଆ ଫୁଲ ଫୁଟୁ ଥାଏ, କସି ପିଜୁଳି ବି ଥାଏ, ଆଉ ବହୁତ ସାରା ପାଚିଲା ପିଜୁଳି ବି ଝୁଲୁ ଥାଏ । ଖୁବ୍ ମିଠା ଆଉ ମାଉଁସିଆ ସେ ପିଜୁଳି, ତାର ମଞ୍ଜି ବି ବହୁତ ନରମ ନରମ, ଭିତରଟା ତାର ଲାଲ ଟହ ଟହ । କିନ୍ତୁ ବଡ ବିଚିତ୍ର କଥା, ସବୁ ଦିନ ଦି'ପହରରେ ଆମେ ଯେତେ ବେଳେ ସ୍କୁଲରୁ ଫେରି ଏଇ ଗଛରେ ଚଢି ପାଚିଲା ପଜୁଳି ଖୋଜୁ, ସେତେ

ISSN NO.
2582-208X

ବେଳେ ଆମକୁ ଗୋଟିଏ ବି ପାଚିଲା ପିଜୁଳି ମିଳେନା । କିନ୍ତୁ ସବୁ ଦିନ ସକାଳେ ଗଣ୍ଡା ଗଣ୍ଡା ଖଣ୍ଡିଆ ପିଜୁଳି ଏଇ ଗଛ ମୂଳରେ ଏମିତି ପଡି ଥାଏ । ଏଇ ପିଜୁଳି ଗଛଟା ବୋଧେ ବାଦୁଡି ମାନଙ୍କର ସାଙ୍ଗ, ଦିନରେ ଆମଠୁ ପିଜୁଳି ଲୁଚେଇକି ରଖେ, ଆଉ ରାତି ହେଲେ ବାଦୁଡିଙ୍କୁ ଗିଫ୍ଟ ଦେଇ ଦିଏ ।

ମୁଁ ପିଜୁଳି ଗଛକୁ ଅନେଇ ପାଚିଲା ପିଜୁଳି ଖୋଜୁଥାଏ, ଠିକ୍ ସେଇ ସମୟରେ ବଡ ଭାଇ ପଛ ପଟରୁ ଆସି ମୋ କାନ ପାଖରେ ବଡ ପାଟିରେ କହେ, ହେଃ, ସେ ଖଣ୍ଡିଆ ପିଜୁଳି ଆଡେ ଚାହିଁ କଣ ଭାବୁଛୁ । ଜଲ୍ଦି ଦାନ୍ତ ଘସି ପକା, ସ୍କୁଲ ପାଇଁ ଡେରି ହୋଇ ଯିବ ଯେ । ଦାନ୍ତ କାଠିଟାକୁ ପାଟିରେ ପୁରେଇ ମୁଁ ଜୋରରେ ଭିଡି ଭାଡି ଦାନ୍ତ ଘସୁ ଘସୁ, ଭାଇ ପୁଣି କହେ, ନେ ଏଇ ଅଙ୍ଗାର ଗୁଣ୍ଡ ଟିକିଏ, ଏଥିରେ ଥରେ ଭଲ କରି ଘସି ଦେ, ଦେଖିବୁ ଦାନ୍ତ ସବୁ କେମିତି ଚକ୍ ଖଡି ପରି ଏକଦମ୍ ଚକ୍ ଚକ୍ ଧଳା ଦେଖା ଯିବ । ସେତେ ବେଳେ ଦାନ୍ତ ଘସିବା ପାଇଁ ଟୁଥ୍ ପେଷ୍ଟ କି ବ୍ରସ କିଛି ବି ମିଳୁ ନଥିଲା । ଜଙ୍ଗଲରୁ ଶାଳ କି କରଞ୍ଜ ଦାନ୍ତ କାଠି ଆଣି ଆଦିବାସୀ ମାନେ ବିକ୍ରି କରନ୍ତି, ମୋଟା ପତଳା ହୋଇ ଦଶ କୋଡିଏଟା ଦାନ୍ତ କାଠି, ଗୋଟିଏ ବିଡା ପାଞ୍ଚ ପଇସାରେ ମିଳି ଯାଏ । ବଡ ଲୋକ ମାନେ କିଏ କିଏ ଗୁଡାଖୁରେ ବି ଦାନ୍ତ ଘସନ୍ତି କିନ୍ତୁ ତେବେ ବି ତାଙ୍କର ଦାନ୍ତ କାଠି ଦରକାର ହୁଏ, ଦାନ୍ତ ଘସିବାକୁ ନୁହେଁ, ବରଂ ଜିଭ ଛେଲିବାକୁ । ଦାନ୍ତ କାଠିକୁ ଦାନ୍ତରେ କାମୁଡି ମଝିରୁ ଦିଫାଡ କରି ଦିଆ ଯାଏ, ଆଉ ସେଥିରେ ଜିଭ ଛେଲା ହୁଏ । ଭାଇର ଦାନ୍ତଘସା ଜିଭ ଛେଲା ସବୁ ସରିଲାଣି, ସେ ଠିଆ ହୋଇ ମୋତେ ଦେଖୁ ଥାଏ କାଳେ ମୁଁ ଆଉ ଅଧିକ ଡେରି କରି ଦେବି ବୋଲି । କହିଲା, କିରେ ସରିଲା ତୋ ଦାନ୍ତଘସା, ଏବେ ଜଲଦି ଜିଭ ଛେଲି ପକା, ମାଆ ତେଣେଖାଇବାକୁ ଡାକୁଥିବ । ମୁଁ ଦାନ୍ତକାଠିକୁ ଦାନ୍ତରେ ଫାଡି ଦି'ଚିରା କରିବା ବେଳକୁ ମାଆ ଡାକ ପକାଏ, ଆରେ ସରିଲା ତମର, ମୁଁ ପଖାଳ ବାଢିଲିଣି ସଅଳ କାମ ସାରି ଆସ ସମସ୍ତେ, ଖାଇବ। ସିଆଡେ ସ୍କୁଲ ଘଣ୍ଟି ବାଜିଯିବ ଯେ ।

ଶୀତ ଦିନ ସକାଳ, ତଥାପି ସ୍କୁଲ ତ ଯିବାକୁ ହେବ । ସାଢେ ସାତଟାରୁ ସ୍କୁଲ ଆରମ୍ଭ ହୁଏ ସ୍କୁଲ । ସକାଳୁ ଉଠି ଦାନ୍ତ ଘସି, ପଖାଳ ଖାଇ ସ୍କୁଲ ପାଇଁ ସଫା ସୁତୁରା ଡ୍ରେସ ପିନ୍ଧୁ, ଆମ ସ୍କୁଲ ବେଳ ସମୟରେ ସ୍କୁଲ ୟୁନିଫର୍ମ ବୋଲି କିଛି ନଥିଲା, କିନ୍ତୁ ଘର ପିନ୍ଧା ଆଉ ସ୍କୁଲ ପିନ୍ଧା ଡ୍ରେସ ଅଲଗା ଅଲଗା ପ୍ରକାରର ଥିଲା । ହାପ ପ୍ୟାଣ୍ଟ, ହାପ ସାର୍ଟ । ଶିତ ହେଉକି

ISSN NO.
2582-208X

ବର୍ଷା କି ଖରା ଦିନ, ବର୍ଷ ସାରା ସବୁ ଦିନ ସେଇ ଏକା ହାପ୍ ପ୍ୟାଣ୍ଟ, ହାପ୍ ସାର୍ଟ । ସ୍ୱେଟର କାଁ ଭାଁ କାହା କାହା ପାଖରେ କେମିତି ଥାଏ । କଲେଜ ପଢିଲେ ଯାଇ ଫୁଲ୍ ପ୍ୟାଣ୍ଟ ମିଳୁଥିଲା । ଡ୍ରେସ ପିନ୍ଧିବାକୁ ଗଲା ବେଳକୁ ବାପା କେଉଁଠି ଥିବେ କେଜାଣି, ଆସି ପଚାରିବେ କିଏ କିଏ ସକାଳୁ ଝାଡା ଯାଇନ ? ସେତେ ବେଳେ ବାଡିରେ ଆମର ଗୋଟିଏ ବରପାଲି ପାଇଖାନା ଥିଲା । ଆଜି କାଲି ପରି ସେତେ ବେଳେ ସମସ୍ତଙ୍କ ବାଡିରେ କୁଅ କିମ୍ବା ପାଇଖାନା ନଥିଲା, ଆଜି କାଲି ପରି ସ୍ୱଚ୍ଛ ଭାରତ କଥା କାହା ମନରେ ଆସି ନଥିଲା ବୋଧେ । ସକାଳ ହେଲେ କିଏ ରସ ଢାଳ, କିଏ ପିତଳ ଢାଳରେ ପାଣି ଧରି ଗାଁ ମୁଣ୍ଡରେ ଥିବା ବିଲ ଭିତରକୁ ନହେଲେ ପୋଖରୀ ହୁଡାକୁ ନିତ୍ୟକର୍ମ ସାରିବାକୁ ଯାଆନ୍ତି । ଆମେ ସାତ ଭାଇ ଭଉଣୀ, ସକାଳ ଛଅଟାରେ ଉଠି ସାଢେ ଛଅଟା ଭିତରେ ସମସ୍ତେ ଯେ ପାଇଖାନାର ଦର୍ଶନ କରିଥିବେ, ସେ କଥା କହିବା ମୁସ୍କିଲ । କିନ୍ତୁ ବାପାଙ୍କ ଆଗରେ ସମସ୍ତେ ଗୋଟିଏ ସ୍ୱରରେ ହଁ, ଝାଡା ଯାଇଛୁ କହି ଦିଅନ୍ତି । କିଏ ସତ କହୁଛି କିଏ ମିଛ କହୁଛି, ସେ କଥା ପରଖିବାକୁ ବାପାଙ୍କ ପାଖରେ ସମୟ ନଥାଏ । କିନ୍ତୁ ଏଇଟା ରେଗୁଲାର ଫରମାଲିଟି, ବାପା ସବୁ ଦିନ ଆମକୁ ନିଶ୍ଚୟ ପଚାରୁ ଥିଲେ, ଏବଂ ଆମେ ସମସ୍ତେ ଏକ ସ୍ୱରରେ ହଁ ଯାଇଛୁ କହି ଦେଉ ଥିଲୁ ।

ଦାନ୍ତ ଘସିବା ପରେ ମୁହଁ ଧୋଇ ସାରି ପାଣି ଟିକିଏ ହାତରେ ନେଇ ମୁଣ୍ଡବାଳକୁ ଓଦା କରି ଦେଉ, ଯେପରି ଗାଧୋଇଲା ପରି ଦିଶିବ । ଘରେ ମାଆ ତେଲ ଶିଶି ନେଇ ଆମର ଅପେକ୍ଷା କରିଥାଏ, ମେଞ୍ଚାଏ ତେଲ ମୋ ମୁଣ୍ଡରେ ବୋଳି ପକାଏ । ବଡ ଭାଇ ନିଜେ ନିଜେ ତା ମୁଣ୍ଡରେ ତେଲ ଲଗାଏ ଆଉ ସିନ୍ଥୁଣି କାଢି ବଡ ଷ୍ଟାଇଲରେ ତା ମୁଣ୍ଡ କୁଣ୍ଡାଏ, ଯେମିତି ଆମର ଜଣେ ପିଉସା ଚୁଟି ଷ୍ଟାଇଲ କରି ମୁଣ୍ଡ କୁଣ୍ଡାନ୍ତି । କିନ୍ତୁ ମାଆ ମୋ ମୁଣ୍ଡ କୁଣ୍ଡାଇ ଦିଏ । ପାଲା ଦିନେ ମୋ ମୁଣ୍ଡର ଚୁଟି ସହଜରେ କୁଣ୍ଡେଇ ହୁଏନା । ଯେତେ ପାଣି ଲଗାଅ କି ତେଲ ବୋଳ, କୁଣ୍ଡେଇ ଦେଲା ପରେ ବି ସବୁ ଚୁଟି ସିଧା ଠିଆ ଠିଆ ହୋଇ ରହନ୍ତି । ସେଇଥି ପାଇଁ ମୋ ବଡ ଭାଇ ସବୁ ବେଳେ ମୋତେ ଟିଙ୍ଗା ବାଳିଆ କହି ଚିଡାଏ। ମାଆ ବି ବେଳେ ବେଳେ ବ୍ୟସ୍ତ ହୋଇ ଯାଏ, କହେ କଣ କରିବି ତୋ ଚୁଟିକୁ? ଯେତେ କୁଣ୍ଡେଇଲେ ବି ଠିଆ ଠିଆ ହୋଇ ରହୁଛି । ବଡ ଭାଇ ମୋତେ ଚିଡେଇବାକୁ କହେ, ମାଆ ତା ଚୁଟିକୁ ଟିକିଏ ଇସ୍ତ୍ରୀ କରି ଦେଉନୁ । ମୁଁ ରାଗି ଯାଏ, ବଡ ଭାଇକୁ ମାରିବାକୁ ବାହାରିଲା ବେଳେ ମାଆ ମୋତେ ଧରି ପକାଏ ଆଉ କହେ, ହେଇ, ସ୍କୁଲ ପାଇଁ ଡେରି

ISSN NO.
2582-208X

ହେଉଛି, ଚାଲ ଜଲ୍ଦି ଜଲ୍ଦି ଖାଇନିଅ, ସ୍କୁଲ ଡେରିରେ ପହଞ୍ଚିଲେ ମାଷ୍ଟ୍ରେ ଏକ ଗୋଡିଆ ଠିଆ କରେଇ ଦେବେ । ସ୍କୁଲରୁ ଫେରିଲେ ପଛେ ଝଗଡା କରି ନେବ ।

ବେଶ ପୋଷାକ ସାରିବା ପରେ ଖାଇବା ପର୍ବ । ଏତେ ସକାଳୁ କିଏ ବା କଣ ରୋଷେଇ କରି ପାରିବ? ତେଣୁ ଖରା ହେଉ କି ବର୍ଷା କି ଶୀତ, ସବୁ ଦିନ ସକାଳେ ବାସି ପଖାଳ । ସ୍କୁଲରୁ ଆସିଲା ପରେ, ଦି ପହର ମିଲ୍ ରେ ଗରମ ଭାତ, ଡାଲି, ତରକାରୀ, ଭଜା ଆଉ କେତେ କଣ ରନ୍ଧା ହୋଇ ଥାଏ । ସେ ସମୟରେ ସହରର ଲୋକେ କେବଳ ରାତିରେ ରୁଟି ଖାଉ ଥିଲେ, ନହେଲେ ଗାଆଁରେ ତ ରାତିର ଡିନରରେ ସଜ ପଖାଳ, ସକାଳ ବ୍ରେକଫାଷ୍ଟରେ ବାସି ପଖାଳ, ଦି'ପହରର ଲଞ୍ଚଟା କିନ୍ତୁ ଗରମ ଭାତ ଆଉ ପଞ୍ଚଅଡା ତିଅଁଣ ! ସକାଳ ପଖାଳ ପାଇଁ ରାତିର ବଳକା ଆଳୁ ଛୁଇଁ ଭଜା କିମ୍ବା ଆଳୁ କି ବାଡି ବାଇଗଣ ପୋଡା ସହିତ ମାଆ ବାଢି ଦିଏ ତିନି ଚାରି କଂସାରେ ବାସି ପଖାଳ । ମାଟି ହାଣ୍ଡିର ସେ ଥଣ୍ଡା ଥଣ୍ଡା ପଖାଳ । ରୋଷେଇ ତ ରସ ଡେକ୍ଚିରେ ହୁଏ କିନ୍ତୁ ଭାତ ପଖଳା ଯାଏ ମାଟି ହାଣ୍ଡିରେ, ସେଥିରେ ଗିନାଏ ଜୁଆଣ ମିଶା ଯାଏ (ଜୁଆଣ କହିଲେ ଆଗ ଦିନର ପୁରୁଣା ଖଟା ତୋରାଣୀ ଯେମିତି ଦହି ବସେଇବା ପାଇଁ ଖୀରରେ ଦି'ଚାମଚ ଦହି ମିଶା ଯାଏ) । ସେ ସମୟର ପଖାଳର ମହକ ଆଜି ବି ମନରେ ସାଇତା ହୋଇ ରହିଛି, ଅଭୁଲା ସେ ମହକ, ସେ ସୁଆଦ । ଅମୃତର ମହକ ବୋଧ ହୁଏ ଏମିତି ଥାଏ !

ଗୋଟେ କଂସାରେ ଦି' ଦି'ଜଣ । ମୁଁ ଆଉ ମୋ ବଡ ଭାଇ ଗୋଟିଏ କଂସାରେ ଖାଇ ବସୁ । ଆଜି ବି ମନେ ପଡିଲେ ବଡ ହସ ଲାଗେ । ମୋ ବଡ ଭାଇ ଟିକେ ବେଶି ସୁତୁରା ମଣିଷ, ମୁଁ ବସୁ ବସୁ କହିବ, ଯାଆ ଭଲ କରି ହାତ ଧୋଇ ଆସ । ତାପରେ, ପୋଡା ଆଳୁ ବାଇଗଣ କେବଳ ସିଏ ପାଗ କରି ଚକଟିବ । ମୋତେ କୁଆଡେ ଭଲ ପାଗ କରି ଆସେନି। ଆଳୁ ବାଇଗଣ ଚକଟିବା ଭିତରେ ମୋତେ ଦୁଇ ତିନି ଥର ଭାତ କଂସାରୁ ନ ଉଠେଇଲେ ତାର ଚକଟା ପର୍ବଟା ସମ୍ପୂର୍ଣ୍ଣ ହୋଇ ପାରେନା । ଥରେ କହିବ ଯାଆ ବାଡିରୁ ଧନିଆ ଗଛ ଦିଟା ଓପାଡି ନେଇଆ, ବସୁ ବସୁ ପୁଣି କହିବ, ତୁ ଭଲ କି ଧୋଇକି ଆଣିନୁ, ଏଇ ଦେଖୁନୁ ଧନିଆ ଚେରରେ କେମିତି ମାଟି ଲାଗିଛି, ଇତ୍ୟାଦି ଇତ୍ୟାଦି । କିନ୍ତୁ ଶେଷ ଆଳୁ ଚକଡା ପାଗ ବହୁତ ସୁଆଦିଆ ହୋଇଥାଏ । ଚକଟା ପାଗଟା ଏତେ ଟେଷ୍ଟି ହୋଇ ଥାଏ ଯେ ଆଙ୍ଗୁଠି ଚାଟି ଆମେ ଖାଇ ଯାଉ । ମୁଁ ତରବରରେ ଖାଇବା ବେଳେ ବଡ ଭାଇ

ISSN NO.
2582-208X

କଂସା ଭିତରେ ମୋ ହାତକୁ ଜାବୁଡି ଧରିବ, କହିବ ଏତେ ଜଲ୍ଦି ଜଲ୍ଦି କାହିଁକି ଭାତ ଗିଳି ପକୁଛୁ ? ଗାଡି ପଳେଇବ କି ? ତୋ ପେଟ ଭିତରେ ଚୋବାଇବାକୁ କଣ ଆହୁରି ଅଲଗା ଦାନ୍ତ ଅଛି ? ଧୀରେ ଧିରେ ଖା ନହେଲେ ତଣ୍ଟିରେ ଲାଗିବ । ସକାଳ ପଖାଳ ସାଙ୍ଗରେ କେବେ ଚିଙ୍ଗୁଡି, ଲୁଣି ସୁଖୁଆ ଶୋରିଷ ମସଲା ଦେଇ ଭଜା ହୋଇ ଥାଏ । କେବେ ରସୁଣ ଅଦା କଞ୍ଚା ଲଙ୍କା ସହିତ ବଡିଚୁରା, କେବେ କୋଶଳା ସାଗ ଭଜା, କେବେ ଆଳୁ ମୂଳା ଭଜା କେବେ ଆଳୁ ଫୁଲକୋବି ଭଜା । ସାଙ୍ଗ ହୋଇ ଖାଇ ବସିଲେ ଜଣା ପଡେନି, ସକାଳୁ ସକାଳୁ ଆମେ କେତେ ଯେ ପଖାଳ ଖାଇ ଯାଉ ।

ଆମର ହାପ୍ ଇୟରଲି ପରୀକ୍ଷା ଏଇ ଶୀତ ଦିନରେ ହୁଏ, ପରୀକ୍ଷା ସରିଲା ପରେ ଧାନକଟା ଛୁଟି ଆରମ୍ଭ ହୋଇଯାଏ । ଯେତେ ଦିନ ଆମର ପରୀକ୍ଷା ଥାଏ, ସେତେ ଦିନ ମାଆ ବଡି ଭୋର, ରାତିକରୁ ଉଠି ଆମ ପାଇଁ ଗରମ ଭାତ, ମୁଗ ଡାଲିର ଡାଲମା ଆଉ ଆଳୁ ଭରତା ରାନ୍ଧି ଦିଏ । ମୁଗ ଡାଲିରେ ସବୁ ପରିବା ପଡି ଥାଏ, ବିଶେଷ କରି ମୂଳା ପଡି ଥାଏ ସେଥିରେ । ଆଃ, ଆଜି ବି ମୋର  ମନେ ପଡିଯାଏ ସେ ଡାଲମାର ମହକ ଆଉ ତାର ସୁଆଦ । ବାମ୍ଫ ଉଠୁ ଥିବା ଗରମ ଗରମ ଭାତରେ, ଘର ତିଆରି ଗୁଆଘିଅ ଆଉ ମୂଳା ବାସନା ବାଲା ସେ ଡାଲମା, ଆଜି ମନେ ପଡିଲେ ପାଟିରୁ ଲାଳ ବୋହି ଆସେ, ଆଉ ଆଖିରୁ ଲୁହ ଝରି ଆସେ । ମନେ ପଡି ଯାଏ ମାଆର ସେଇ କମନୀୟ, ମମତାମୟୀ ରୂପ। ତାର ସେ ପ୍ରେମମୟୀ ହୃଦୟରେ କେତେ ଯତ୍ନରେ ନିଜ ସନ୍ତାନ ମାନଙ୍କ ପାଇଁ ଅମୃତ ପରଶି ଦିଏ ତାର ହାତ ରନ୍ଧା ବ୍ୟଞ୍ଜନରେ । ସେଥିରେ ଯେତିକି ତେଲ ମସଲା ନଥାଏ ତା ଠାରୁ ଅନେକ ବେଶି, ତାର ମମତା ମିଶି ଥାଏ । ଆଜି ବି ମନେ ପଡେ ସେଇ ପିଲା ଦିନ। ସବୁ ଦୁଷ୍ଟାମୀ, ଅଳି ଅଝଟ, ଜିଦ୍ ରାଗ ରୁଷା ସବୁ କିଛି କେତେ ସହଜତାର ସହିତ ସେ ସହି ଯାଉ ଥିଲା । ଆଜି ସେ ଆଉ ନାହିଁ, ହେଲେ ଏଇ ହୃଦୟ ଭିତରେ ଆଜି ବି ତାର ସ୍ମୃତି ସେମିତି ତାଜା ହୋଇ ରହିଛି । ସେ ସ୍ଥାନ ଆଉ କେହି ନେଇ ପାରିବନି । ମାଆ ଆଖି ସାମ୍ନାରେ ଥିଲେ ବୋଧ ହୁଏ ତାର ଭଲ ପାଇବା ସେତେ ଭଲ ଭାବରେ ଅନୁଭବ କରି ହୁଏନା କିନ୍ତୁ ତାରି ଅନୁପସ୍ଥିତିରେ ତାର ଅଭାବ ସବୁ ଠାରୁ ଅଧିକ ଅନୁଭୂତ ହୁଏ ।

ଖାଇ ସାରିବା ପରେ ସ୍କୁଲ ଯିବା ପର୍ବ । ସ୍କୁଲ ବସ୍ତାନୀକୁ କାନ୍ଧର ଓହଲେଇ ଚାଲ ସ୍କୁଲ । ସେତେ ବେଳେ ତ ସ୍କୁଲ ବ୍ୟାଗ, ଟିଫିନ୍ ବାକ୍ସ କି ୱାଟର ବଟଲ କିଛି ନଥିଲା । ବହି

ISSN NO.
2582-208X

ରଖିବାକୁ ସମସ୍ତଙ୍କ ପାଖରେ ଗୋଟି ଗୋଟିଏ ବହି ବସ୍ତାନୀ ଥାଏ । ବସ୍ତାନୀ କହିଲେ ମୋଟା କନାରେ ତିଆରି ବ୍ୟାଗଟିଏ । ତା ଭିତରେ ବସିବା ପାଇଁ ଗୋଟିଏ ଆସନ, ଖଣ୍ଡେ ମାଟି ସିଲଟ, କାହା କାହା ପାଖରେ ଟିଣ ସ୍ଲେଟ ବି ଥାଏ, ସେଥିରେ ଅକ୍ଷର ଆଉ ସଂଖ୍ୟା ପ୍ରାକ୍ଟିସ କରା ଯାଏ । ମିଶାଣ, ଫେଡାଣ ଆଦି ଅଙ୍କ କଷା ହୁଏ । ଦୁଇ ଚାରି ଖଣ୍ଡ ବନଖଡି, ଚକ୍ ଖଡି ମୋଟା ଆଉ ଛୋଟ, ବନଖଡି ସରୁ ଆଉ ଲମ୍ବା । ଖଣ୍ଡେ ଛବିଳ ମଧୁ ବର୍ଣ୍ଣବୋଧ ବହି, ଆଉ ଖଣ୍ଡେ ଅଙ୍କ ବହି । ଲୋୟର ପ୍ରାଇମେରୀ ସ୍କୁଲ କହିଲେ ପ୍ରଥମରୁ ତୃତୀୟ ଶ୍ରେଣୀ ଯାଏ । ଯାହା ପାଠ ପଢା ହୁଏ ସେ ସବୁ କେବଳ ସ୍କୁଲରେ ହୁଏ । ନା କିଛି ଖାତା ନା ପେନ କି ପେନସିଲ ନା ହୋମୱାର୍କ । କେବଳ ଓଡିଆ ପାଠ । ଅ, ଆ, ଇ, ଈ, ଏକ, ଦୁଇ, ତିନ, ଚାରି, ପାଞ୍ଚ । ପଣିକିଆ, ଦି'ଦୁଣେ ଚାର, ଦୁଇ ତିରିକି ଛଅ, ଦୁଇ ଚଉକ ଆଠ, ଦୁଇ ପଞ୍ଚା ଦଶ ଏମିତି ପଚିଶକ ପର୍ଯ୍ୟନ୍ତ ପଣିକିଆ । ସ୍କୁଲରେ ପ୍ରାର୍ଥନା ପରେ କ୍ଲାସରେ ପ୍ରଥମେ ପଣକିଆ ବୋଲା ସହିତ କ୍ଲାସ ଆରମ୍ଭ ହୁଏ । ପଣକିଆ ବଡ ବଡ ପାଟିରେ ଆବୃତ୍ତି କରା ଯାଏ । ପଣିକିଆ ବୋଲା ହେଲା ବେଳେ, ଲାଗେ ସ୍କୁଲ ଯେମିତି ପଡୁଛି, ଉଠୁଛି । ଚତୁର୍ଥ ଶ୍ରେଣୀ ହେଲେ ଯାଇ ପିଲାଙ୍କର ମାଇନର ସ୍କୁଲ ହୁଏ । ସେତେ ବେଳେ ପିଲା ମାନଙ୍କୁ କାଠି କଲମ ଆଉ ସ୍ୟାହି ଦୁଆତ ଆଉ ଖାତା ମିଳେ ଲେଖିବାକୁ । ଫାଉଣ୍ଟନ ପେନ କେହି ଦିଅନ୍ତିନି ପିଲାଙ୍କୁ, ବଲପେନ ତ ସ୍କୁଲ କାମରେ ଆଲାଉ ହୁଏନା । ଚତୁର୍ଥ ଶ୍ରେଣୀରେ ଇଂଗ୍ରାଜୀ ଶିଖା ଯାଏ । ଏ, ବି, ସି, ଡି, ଇ, ଏଫ, ଜି, ୱାନ, ଟୁ, ଥ୍ରୀ, ଫୋର, ପାଇଭ ଆଦି ପଢା ହୁଏ । ବା ବା ବ୍ଲାକ ସିପ୍ ହାଭ ୟୁ ଏନି ଉଲ୍ ରାଇମ୍ସ ଶିଖା ଯାଏ ।

ଆମେ ସବୁ ଦିନ ସମୟ ଆଗରୁ ସ୍କୁଲରେ ପହଞ୍ଚି ଯାଉ । କିନ୍ତୁ ହେଡମାଷ୍ଟ୍ରେ ଆସିଲେ ଯାଇ କ୍ଲାସ ରୁମର ତାଲା ଖୋଲା ଯାଏ । ଆମ ସ୍କୁଲର ହେଡମାଷ୍ଟ୍ରେ, ଗାଆଁ ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ବି ଥିଲେ । ସ୍କୁଲଟି ଆମର ଚାରି ବଖରାର ଉଚା ଚାଳ ଛପର ଘରଟିଏ ଥିଲା । ତିନି ବଖରା ତିନି କ୍ଲାସ ପାଇଁ ଆଉ ଗୋଟିଏ ବଖରାରେ ହେଡ ମାଷ୍ଟ୍ରେଙ୍କ ଅଫିସ୍, ଷ୍ଟୋର ଆଉ ଆଲମାରୀ ପାର୍ଟିସନ ପଛ ପଟେ ଟିଚରସ କମନ ରୁମ । ଷ୍ଟାଫ କହିଲେ ହେଡମାଷ୍ଟ୍ରଙ୍କୁ ମିଶାଇ ଚାରି ଜଣ ଶିକ୍ଷକ । ସ୍କୁଲରେ ତ ଘଣ୍ଟିଟିଏ ବି ଟଙ୍ଗା ହୋଇ ଥାଏ । ସେଇଟା ଦିନରେ ଦୁଇ ଥର ବାଜେ । ଥରେ ସକାଳ ପ୍ରାର୍ଥନା ପାଇଁ ଆଉ ଥରେ ଦିନ ବାରଟା ବେଳେ ସ୍କୁଲ ଛୁଟି ହେବା ପାଇଁ । ସେତେ ବେଳେ ସମସ୍ତଙ୍କ ପାଖରେ ଘଡି ନଥିଲା

ISSN NO.
2582-208X

କି ଆଜି କାଲି ପରି ମୋବାଇଲ ବି ନଥିଲା ସମୟ ଦେଖିବାକୁ । ହେଡମାଷ୍ଟ୍ରଙ୍କ ଅଫିସରେ ଗୋଟିଏ ପେଣ୍ଡୁଲମ ଘଡି ଥାଏ । ସେଇଟାକୁ ଦେଖି ହେଡମାଷ୍ଟ୍ରେ ଯେତେ ବେଳେ କହିବେ, ସେତେ ବେଳେ କେହି ଜଣେ ଶିକ୍ଷକ ଘଣ୍ଟି ବଜେଇ ଦିଅନ୍ତି । କେହି ନିକଟରେ ନଥିଲେ କେବେ କେବେ ନିଜେ ହେଡମାଷ୍ଟ୍ରେ ବି ଘଣ୍ଟି ବଜେଇ ଦିଅନ୍ତି ।

ଆମ ସ୍କୁଲଟି ଝାଟି ମାଟିର ଘର, କାନ୍ଥ ମାଟିର, ଚଟାଣ ବି ମାଟିର, ଉପରେ ଚାଳ ଛପର। କ୍ଲାସ ଘର ପ୍ରତି ଶନିବାର ସ୍କୁଲ ଛୁଟି ପରେ ଗୋବରରେ ଲିପା ପୋଛା ହୁଏ । ବର୍ଷା ଦିନେ କେବେ କେବେ କ୍ଲାସ ରୁମରେ ପାଣି ଗଳିଲେ ସକାଳକୁ ସେଠି ଛତୁ ବି ଫୁଟି ଯାଏ । କ୍ଲାସରେ ଫର୍ଣ୍ଣିଚର କହିଲେ, କେବଳ ସାରଙ୍କ ପାଇଁ ଗୋଟିଏ ଟେବୁଲ, ଆଉ ଗୋଟିଏ ଚଉକି ଏବଂ କାନ୍ଥରେ ଟଙ୍ଗା ହୋଇ ଥାଏ କଳାପଟା ଟିଏ । ପିଲା ମାନେ ପାଳି କରି କ୍ଲାସ ରୁମରେ ଝାଡୁ ଲଗାନ୍ତି । କ୍ଲାସ ଝାଡୁ ଲଗା ସରିଲା ପରେ ଆମେ ସବୁ ବସ୍ତାନୀ ନେଇ ଧାଡି ଧାଡି ହେଇ ବସିବା ପାଇଁ ରଖୁ । ବସ୍ତାନୀରୁ ଆସନ କାଢି ବିଛେଇ ଦେଉ । ପୁଅ, ଝିଅ ସମସ୍ତଙ୍କ ପାଇଁ ଗୋଟିଏ ସ୍କୁଲ । କୋଡିଏ ତିରିଶ ଜଣ ପୁଅ ଆଉ ଦୁଇ ତିନି ଜଣ ଝିଅ ଥାଆନ୍ତି ଆମ କ୍ଲାସରେ । ଝିଅ ମାନଙ୍କ ପାଇଁ ଆଗ ଧାଡିଟି ଛାଡି ଦିଆ ଯାଏ । କ୍ଲାସର ପ୍ରଥମରୁ ଯିଏ ଥରେ ଯେଉଁ ସ୍ଥାନରେ ବସି ଗଲା, ସେ ଜାଗାଟି ତା ପାଇଁ ପକ୍କା ହୋଇ ଯାଏ। କିନ୍ତୁ ବେଳେ ବେଳେ ପିଲା ମାନେ ନିଜର ସାଙ୍ଗ ବଦଳେଇ ଦିଅନ୍ତି, ତେଣୁ ଜାଗା ବି ବଦଳେ। ସେଇ ସମୟରେ ପିଲାଙ୍କ ଭିତରେ ଝଗଡା ହୁଏ । ସେତେ ବେଳେ ଶିକ୍ଷକଙ୍କର ମଧ୍ୟସ୍ଥତାର ଆବଶ୍ୟକତା ହୁଏ । ଏଇ ସମୟରେ ପ୍ରାର୍ଥନା ପାଇଁ ଘଣ୍ଟି ବାଜେ । ସବୁ ପିଲା ନିଜ ନିଜ କ୍ଲାସରୁ ବାହାରି ସ୍କୁଲ ବାରଣ୍ଡାରେ ଧାଡି ହୋଇ ଠିଆ ହୋଇ ଯାଆନ୍ତି । ଦୁଇ ଜଣ ଝିଅ ପ୍ରାର୍ଥନା ବୋଲନ୍ତି । 'ଆହେ ଦୟାମୟ ବିଶ୍ୱବିହାରୀ' ବାକି ସବୁ ପିଲା ପାଳି ଧରନ୍ତି । ପ୍ରାର୍ଥନା ପରେ କ୍ଲାସ ଆରମ୍ଭ ହୁଏ । ମାଷ୍ଟ୍ରଙ୍କ ଟେବୁଲ ଉପରେ କଞ୍ଚା କନିଅର ବେତଟିଏ ଥୁଆ ହୋଇ ଥାଏ । ଏଇଟା କ୍ଲାସ ମନିଟରର ଡିୟୁଟି । ସବୁ ଦିନ ନୂଆ ବେତ । ସେ ସମୟରେ ପାଠ ପଢା ବଡ କଡା ଥିଲା, ମାଷ୍ଟ୍ରେ ବି । ସେମାନେ କିନ୍ତୁ ପିଲା ମାନଙ୍କୁ ନିଜର ପୁଅ ଝିଅ ପରି ସ୍ନେହ କରୁ ଥିଲେ । ବଡ ସ୍ନେହରେ ଧ୍ୟାନ ଦେଇ ସବୁ ବୁଝାଇ ଶିଖଉ ଥିଲେ । କିନ୍ତୁ ବେତର ଡର ବି ଥିଲା ପିଲାଙ୍କ ମନରେ । ଏଇ ଡରକୁ ତାଜା କରିବା ପାଇଁ ମଝିରେ ମଝିରେ ତାର ବ୍ୟବହାର ବି କରୁ ଥିଲେ । କିଏ କିଏ ତ ବେତ ବାଜିବା ଆଗରୁ ଠିଆ ଠିଆ ପ୍ୟାଣ୍ଟରେ ପରିସ୍ରା କରି ଦେଉ ଥିଲେ । ସେ ପୁଅ ହେଉ କି ଝିଅ ହେଉ କିଛି

ISSN NO.
2582-208X

ଫରକ ନଥିଲା ମାଷ୍ଟ୍ରଙ୍କ ପାଖରେ । ବେତ ମାଡ କଥା ଘରେ ମାଆ ବାପାଙ୍କ ପାଖରେ କେବେ ଅଭିଯୋଗ କଲେ ବି ସେଥିରେ କିଛି ଫରକ ପଡୁ ନଥିଲା । ବରଂ ମାଆ ବାପା ଓଲଟି କହୁଥିଲେ, ତୁ ପାଠ ପଢିବୁନି, ତାହେଲେ ମାଷ୍ଟ୍ରେ ତୋତେ ବେତରେ ମାରିବେନି ତ ଆଉ କଣ ଗେଲ କରିବେ ? ତେଣୁ ସ୍କୁଲ କଥା ସ୍କୁଲରେ ହିଁ ରହେ । ଆଉ ତା ପରଦିନ ସବୁ ପିଲା ପାଠ ଘୋଷି କି ଆସି ଯାଆନ୍ତି । ଯେଉଁ ଦିନ ପାଠ ଘୋଷା ହୋଇ ନଥାଏ, କେତେ ଦିଅଙ୍କୁ ଡାକୁ, ହେ ପ୍ରଭୁ ଆଜି ମାଷ୍ଟ୍ରେ ସ୍କୁଲ ନ ଆସନ୍ତେ କି ହେଲେ । କିନ୍ତୁ ପ୍ରଭୁ କେବେ ବି ଆମ ଗୁହାରୀ ଶୁଣନ୍ତିନି ! ଖରା ହେଉ କି ବର୍ଷା ହେଉ, କି ଝଡି ତୋଫାନ, କେବେ କୌଣସି ଶିକ୍ଷକ ଛୁଟି କରିବା ମୁଁ କେବେ ବି ଦେଖିନି । ସେଇ ମାଟି ଝାଟିର ସ୍କୁଲରେ ମାଷ୍ଟର ମାନଙ୍କର ସ୍ନେହ ଆଦର ଓ କଡା ଅନୁଶାସନ, ଦେଶ ଜାତିକୁ କେତେ କେତେ ମହାନ ଡାକ୍ତର, ଅଫିସର, ଇଞ୍ଜିନିୟର, ଓକିଲ ଓ ଜଜ୍ ଦାନ କରିଛି ।

ଆଜିର ସବୁ ସୁଖ ସୁବିଧା ଭିତରେ ଛାତ୍ର ମାନଙ୍କ ଭିତରେ ଆଜି ସେ ଅନୁଶାସନ ନାହିଁ । ଶିକ୍ଷକ ମାନଙ୍କ ପ୍ରତି ଛାତ୍ରଙ୍କର ସେ ଭକ୍ତି, ସେ ସମ୍ମାନ ନାହିଁ । ଶିକ୍ଷା ଆଜି ବ୍ୟବସାୟ ପାଲଟି ଯାଇଛି । ଆଜି କେହି ଜ୍ଞାନ ଅର୍ଜନ ପାଇଁ ନୁହେଁ ବରଂ ଭଲ ଚାକିରୀଟିଏ କି ଅଧିକ ରୋଜଗାର ପାଇଁ ପାଠ ପଢୁଛନ୍ତି । ଶିକ୍ଷକ ବି ସେମିତି, ବିଦ୍ୟା ଦାନର ମନୋବୃତ୍ତି ନାହିଁ, ଖାଲି ବିଦ୍ୟା ବିକ୍ରୟ ପାଇଁ ଅଛନ୍ତି । ଯେଉଁଠି କିଣା ବିକାର ସମ୍ବନ୍ଧ ଥାଏ ସେଠି ସମ୍ବେଦନା, ସମ୍ମାନ ବା ପ୍ରେମର ଭାବ କେଉଁ ଠାରୁ ଆସିବ ?

ପଟିଆ, ଭୁବନେଶ୍ୱର

ISSN NO.
2582-208X

# କୃଷ୍ଣ



ଭାରତୀ ମୁଦୁଲି

ଆକାଶର ବାଦଲରେ କୃଷ୍ଣ
ଧରାରେ କୃଷ୍ଣ
ବର୍ଷାରେ କୃଷ୍ଣ
ଗଛ ଛାଇରେ କୃଷ୍ଣ
ନଦୀର ଧାରାରେ କୃଷ୍ଣ
ପାରାବାରେ କୃଷ୍ଣ
ମୀରାର ଭକ୍ତରେ କୃଷ୍ଣ
ରାଧାର ପ୍ରେମରେ କୃଷ୍ଣ
ସବୁଠି ଏଇ କୃଷ୍ଣ
ପ୍ରତି ପଥରେ ଖୋଜି ପାଉଛି
କୃଷ୍ଣ କୃଷ୍ଣ ଆଉ କୃଷ୍ଣ
ଆକାଶରୁ ପାତାଳ କୃଷ୍ଣ
ସ୍ୱର୍ଗରୁ ନର୍କ କୃଷ୍ଣ
ସଙ୍ଗୀତରେ କୃଷ୍ଣ
ତୁମ ଆଉ ମୋ ଭିତରେ କୃଷ୍ଣ
ସବୁଆଡ଼େ ଅସୀମ ସେଇ କୃଷ୍ଣ

ଗବେଷିକା, ଓଡ଼ିଆ ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଜୀବନ୍ତ ଉପାଖ୍ୟାନ



ସସ୍ମିତା ନାୟକ

ଟୋପା ବରଷା ରୁ
ବରଷା ଟୋପାରୁ
ଭସା ବାଦଲ ରୁ
କୋହଲ୍ ପାଗରୁ
ଲେଖକ ଖୋଜନ୍ତୁ
ନସ୍ତବ୍ଧ ନିର୍ଜନ ସ୍ଥାନ।।

ବଉଦ ଉହାଡୁ
ଖୋଲ୍ ଆକାଶରୁ
ମୃଦୁ ମଳୟରୁ
ସମୁଦ୍ର ତଟରୁ
କବି ଭାବୁକ ରୁ
ଖୋଜୁଥାନ୍ତୁ ଶବ୍ଦ ମାନ ।।

ଇନ୍ଦ୍ର ଧନୁର ସାତ ରଙ୍ଗ ରୁ
ସବୁଜ ଶାଖାରୁ
ବନ ଜଙ୍ଗଲରୁ
ମୟୂର ପୁଚ୍ଛରୁ
ଘାସ ଗାଲିଚ୍ଚ ରୁ
ସାଉଁଟି ଅଣାଇ ପ୍ରେମ ସୁରଙ୍ଗ।।

ଦୂର ପାହାଡ଼ରୁ
ପାହାଡ ଖଦାନୁ
ଅସ୍ତ ସୁରୁଜ ରୁ
ଝରଣା କୂଳରୁ
କୁଳୁ କୁଳୁ ନାଦୁ
କଲମ ମୁନରେ
ଆଙ୍କି ଦେଇଥାଏ ସୁନେଲି ରଙ୍ଗ ।।

ପ୍ରେମ ରେ ପୁରକ
ଭାବରେ ରସିକ
କଥାରେ ମଧୂର୍ଯ୍ୟ
ଗ୍ଭହାଣି ରେ ତିକ୍ଷ
ମନ ମୋହିକର।।

ISSN NO.
2582-208X

ଖୋଜୁ ଗ୍ଭଲିଥାଏ
ସୋପ୍ନର ବାସ୍ତବ ମଧୁର ସ୍ୱର

ଜହ୍ନ ଆଲୁଅ ରୁ
କେବେ କେବେ
ଅନ୍ଧାର ରାତିରୁ
ତାର୍ ଙ୍କ ମେଳାରୁ
କଳା ବାଦଲ ରୁ
ଶାନ୍ତ ଚନ୍ଦନ ରୁ
ପାଇଥାଏ ସୁର ଝଙ୍କାର।।

ଫଗୁଣ ମାସରୁ
ବସନ୍ତ ଋତୁ ରୁ
କୋଇଲି ସ୍ୱର ରୁ
ପକ୍ଷୀ ଗହନରୁ
ବାସ ସୁଗନ୍ଧ ରୁ
ଭାବନା ନଷାରୁ
ତୋଳଆଣିଥାଏ ପ୍ରେମ ଅଭିର।।

କାକଟପୁର, ନଇଁଗୁଆଁ, ପୁରୀ

ISSN NO.
2582-208X

# ଜ୍ଞାନ ମୋତି



ଅଳକା ମହାନ୍ତି

ତନ୍ଦ୍ରା ସିକ୍ତ ରଜନୀ ରେ ଅଜ୍ଞାନ ର ବାସ
ମାୟାର ସେ କାରାଗାରେ ବୁଦ୍ଧି ବି ଅବଶ ।

ମନ କୁ ଭୁଲାଇ ମାୟା କରେ ଯେ ରାଜତ୍ୱ
ତୁଟି ଯାଏ ଈଶ୍ୱର ଙ୍କ ଠାରୁ ଯେ ମମତ୍ୱ ।

ଅଜ୍ଞାନତା, ପ୍ରବରତା ଅନ୍ଧକାର ସମ,
ଡୁବି ଯାଏ ମନୁଷ୍ୟ ସେ ହୁଏ ଯେ ନିର୍ମମ ।

କାମ କ୍ରୋଧ ଅହଙ୍କାର ଜନ୍ମ ନଏ ସେଠୁ,
ସେ ମୂର୍ଖଙ୍କୁ ନ ମିଳଇ ଆଲୋକ କେଉଁଠୁ।

ଅନ୍ଧ ପ୍ରାୟେ ହୋଇଯାଏ ହୁଏ ଦିଗହରା,
ପଙ୍କିଳ ସଂସାର ରେ ହୁଏ ସେ ବେସାହାରା ।

ରାବଣର ମାୟା ଯାଲେ ଆତ୍ମ ରୂପୀ ସୀତା
ମୋହଗ୍ରସ୍ତେ ସୀମା ଲଂଘି ନରହିଲା ଚେତା ।

ପରମାତ୍ମା ରାମ ଏକା ଉଦ୍ଧାର କରତା,
ଭୁଲି ସବୁ ମାୟା ମୋହ କର ତାଙ୍କ ଚନ୍ତା ।

ଦେହ ଥାଉ ସଂସାରରେ ଆତ୍ମା ତାଙ୍କ ସହ
ପଙ୍କଜାକୁ ସ୍ପର୍ଶ ମଧ ନକରେ ତା ବାସ ।

ଦେହ ଭୁଲି ଦେହୀ ଅଭିମାନୀ ହୁଅ ଭାଇ
ତରିଯିବ ସଂସାରରୁ ପ୍ରଭୁ ନାମ ଗାଇ ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ଲଳିତ ନିବନ୍ଧ- ପରିବାର



ବଦ୍ରୀ ମହାନ୍ତ

ଶାନ୍ତି ପାଇଁ ଅନ୍ତଃହୀନ ଜିଜ୍ଞାସା, ସୁଖ ନିମନ୍ତେ ଅଦମ୍ୟ ପ୍ରଚେଷ୍ଟା ଓ ଜୀବନ ବ୍ୟାପି ସାଧନା ଦ୍ୱାରା ସନ୍ତୋଷକୁ ଆପଣାର କରି ଆନନ୍ଦ ଦୋଳିରେ ଝୁଲିବାକୁ ଚାହିଁ ଚାହିଁ ସମୟ ସରି ଯାଉଛି, ଅଥଚ ପୂର୍ଣ୍ଣତା ଆହୁରି ଅପହଞ୍ଚ ହୋଇ ରହି ଯାଉଛି ମଣିଷ ପାଇଁ। ଶାନ୍ତି ନାମକ ମହାର୍ଘ୍ୟ ବସ୍ତୁଟି ତା'ର ନିକଟ ଦୁରତ୍ୱରେ ଥାଇ ସବୁବେଳେ ନାନାଦି ଦୃଶ୍ୟ ଦେଖାଇ ତାକୁ ଯେ ମୋହିତ କରୁଛି ଏ କଥା ସହଜରେ ଠାବ କରି ପାରୁନି। କେଉଁଠି ସେ ସୁଖର ଇସ୍ତାହାର? ଶାନ୍ତିପୂର୍ଣ୍ଣ ପରିବେଶଟି କେଉଁଠି? କେଉଁ ବ୍ୟକ୍ତି ବା ବ୍ୟକ୍ତି ସମୂହ ଜୀବନକୁ ରସୋତ୍ତୀର୍ଣ୍ଣ କରୁଛନ୍ତି? ଚାରିପାଖର କାନ୍ଥ ଓ ମୁଣ୍ଡ ଉପରର ଛାତକୁ ନେଇ ଗଢା ଯାଇଥିବା ଆବଦ୍ଧ କଠୋରୀରୁ ଯେଉଁ ଜୀବନ ସଙ୍ଗୀତ ଭାସି ଆସୁଛି ଓ ଚିତ୍ର ଚରିତ୍ରମାନେ ଉଦ୍ଭାସିତ ହୋଇ ଉଠୁଛନ୍ତି, ତାକୁ କୁହା ଯାଉଛି ପରିବାର, ଯାହା ଆମ ଜୀବନ ଯାତ୍ରାର ଏକ ଅନିବାର୍ଯ୍ୟ ବ୍ୟବସ୍ଥା। ପ୍ରେମ ପରି ପରିବାର ଦୁନିଆର ସର୍ବଶ୍ରେଷ୍ଠ ଉପାଦାନ।

ପିତା ମାତା ଭାଇ ଭଉଣୀ ପୁତ୍ର କନ୍ୟା ଜେଜେ ଜେଜେମା କକା ଖୁଡୀ ଓ ପୁତୁରା ଝିଆରୀ ମାନଙ୍କୁ ନେଇ ଗଢି ଉଠୁଥିବା ପରିବାର ନାମକ ପବିତ୍ର ଅନୁଷ୍ଠାନଟି ସଦାବେଳେ ସୃଷ୍ଟି କରିଥାଏ ମନ୍ଦିରର ଭ୍ରମ। ମହ ମହ ବାସ୍ନା ଚାରିଦିଗକୁ ସମ୍ପ୍ରସାରିତ ହୋଇ ଯାଉଥାଏ। ପାଖ ପଡୋଶୀ ଆତ୍ମୀୟ ସ୍ୱଜନ ପରିବାରର ଭଲ ମନ୍ଦ ପ୍ରତକ୍ଷ କରିବା ସହ ରୂପ ଦିଅନ୍ତି ସହଭାଗିତା ଓ ସହଯୋଗିତାକୁ। ସହିଷ୍ଣୁତା, ସହନଶୀଳତା ଓ ଅନୁଶାସନ ମନ୍ତ୍ରରେ ଦୀକ୍ଷିତ ହୋଇଥିବା ଯୋଗୁଁ କୌଣସି ଅପ୍ରୀତିକର ସ୍ଥିତି ବା ରଣଭୂମିର ସମ୍ଭାବନା ନ ଥାଏ।

ISSN NO.
2582-208X

ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ସଠିକ ବୁଝାମଣା ଦ୍ୱାରା ପରିବାରର ଅସ୍ତିତ୍ୱ ବାରି ହୋଇପଡେ ।

ମଣିଷ ହୁଅନ୍ତୁ ବା ପଶୁ, ସମସ୍ତଙ୍କ ପାଇଁ ଲୋଡ଼ା ପରିବାର । ଏହା ନିର୍ଦ୍ଧାରିତ କରେ ଜୀବନଶୈଳୀ, ସୁରକ୍ଷିତ ରଖେ ପ୍ରତି ସଦସ୍ୟଙ୍କୁ ଏବଂ ପ୍ରାଣରେ ଭରିଦିଏ ଅଫୁରନ୍ତ ଶକ୍ତି ଓ ସାହସ । ଖଞ୍ଜା ହୋଇଥିବା ବ୍ୟବସ୍ଥା ଓ ସମାଜ ସହିତ ତାଳ ଦେଇ ଚାଲିବା ଶିଖାଏ ପରିବାର । ନିଜର ଆଶା ଆକାଂକ୍ଷା ସ୍ୱପ୍ନ ଅଭିଳାଷ ଓ ଲକ୍ଷ୍ୟ ଫଳପ୍ରସୂ ହେବ ପଶ୍ଚାତରେ ଥିବା ପରିବାରର ସଦିଚ୍ଛା ପ୍ରତି ସଦସ୍ୟଙ୍କ ଆଶୀର୍ବାଦ ଏବଂ ନୈତିକ ସାହସ ରୂପକ ଅଦୃଶ୍ୟ ହାତକୁ ଅସ୍ୱୀକାର କରି ହେବ ନାହିଁ । ଅବସର ବିନୋଦନ, ପର୍ବ ପର୍ବାଣୀ ପାଳନ ଓ ବିବାହ ଉତ୍ସବ ମାନଙ୍କ ଦ୍ୱାରା ଆନନ୍ଦ ମୁଖରିତ ହୋଇ ଉଠୁଥିବା ପରିବାର ବିବିଧ ରଙ୍ଗ, ବାସ୍ନା ସୁରଭି ଭରା ବଗିଚା ପରି । ମାଳି ଭାବରେ ନିଜକୁ ଅହରହ ବ୍ୟସ୍ତ ରଖୁଥିବା ବରିଷ୍ଠ କୌଣସି କାଳେ ନିଜକୁ କ୍ଳାନ୍ତ ମନେ କରେ ନାହିଁ । ସଂସ୍କାର ଓ ମୂଲ୍ୟବୋଧର ଖଡିପାଠ ଶିକ୍ଷା ଦେଉଥିବା ପରିବାରର ଭୂମିକା ଓ ମହତ୍ୱ ଅପରିସୀମ । କୌଣସି ବିଦ୍ୟାଳୟ ପୁସ୍ତକ ବା ଅନୁଷ୍ଠାନ ଯାହା ଦେଇ ନପାରେ, ତାହା ପ୍ରାପ୍ତ ହୁଏ ପରିବାରରୁ ।

ସୁଖ ଦୁଃଖ, ଅଭାବ ଅସୁବିଧା, ପ୍ରାପ୍ତି ଅପ୍ରାପ୍ତି, ଆଲୁଅ ଅନ୍ଧାର ଓ ଆଶା ନିରାଶାକୁ ପାଥେୟ କରି ପ୍ରତିଟି ଜୀବନ ଗତିଶୀଳ । ଏହା ପରିବାର ଜୀବନର ଏକ ନିତ୍ୟ ନିୟମିତ ଦୃଶ୍ୟ । ଏଥିରେ ବିଚଳିତ ହୋଇ ଉଠିବା ଅଥବା ଏହାକୁ କେନ୍ଦ୍ର କରି ବିଶ୍ୱାସ ଓ ଭରସା ହରାଇ ଦେଲେ ତୁଟିଯାଏ ପରିବାରର ସମ୍ମାନ ପ୍ରତିପତ୍ତି ଆଭିଜାତ୍ୟ । ଏକତ୍ୱର ମନ୍ତ୍ରରେ ଦୀକ୍ଷିତ ସଦସ୍ୟମାନେ କୌଣସି ସମୟରେ ହତାଶ ହୋଇ ଦୁର୍ଭାବନାକୁ କାନ୍ଧରେ ସବାର କରିନେଲେ ଅଶାନ୍ତ ହୋଇ ଉଠେ ପରିବାରର ବାୟୁମଣ୍ଡଳ, ଆନନ୍ଦ ଦୂରେଇଯାଏ ସୁରକ୍ଷିତ ସ୍ଥାନକୁ ।

ପରିବାର ବିନା ମଣିଷ ଅସମ୍ପୂର୍ଣ୍ଣ । ତାହା ପିତୃକେନ୍ଦ୍ରୀତ ହେଉ ବା ମାତୃକେନ୍ଦ୍ରୀତ, ଆର୍ଥିକ ଦୃଷ୍ଟିରୁ ଉଚ୍ଚ ବର୍ଗର, ମଧ୍ୟମ ବର୍ଗର ବା ନିମ୍ନ ବର୍ଗର ହୋଇପାରେ, ମାତ୍ର ସବୁଠି ପ୍ରେମ ସ୍ନେହ ଭଲ ପାଇବା ତ୍ୟାଗ ସମର୍ପଣର ସ୍ୱର ଏକା ପ୍ରକାର । ସଭିଏଁ ଅତି ଅଦ୍ଭୁତ ଭାବରେ ବନ୍ଧା ପଡ଼ିଥାନ୍ତି ବୃଦ୍ଧଠାରୁ ଶିଶୁ ପର୍ଯ୍ୟନ୍ତ । ଇଚ୍ଛା ଅନିଚ୍ଛା ରୁଚି ଅଭିରୁଚି ଓ ବୃତ୍ତିରେ ବିବିଧତା

ISSN NO.
2582-208X

ଏଠାରେ ଗୌଣ ମନେ ହୁଅନ୍ତି । ହୃଦୟ ଓ ଆତ୍ମାର ବିଚିତ୍ର ସଙ୍ଗମ ଦ୍ୱାରା ଆଲୋକିତ ହୁଏ ପରିବାରର ଅଗଣା । ମୁଖିଆ ଓ ଜ୍ୟେଷ୍ଠର ଆଦେଶ ନିର୍ଦ୍ଦେଶ ଦାୟିତ୍ୱ ଓ ଆଶୀର୍ବାଦର ଛାତତଳେ ସନ୍ତାନ ସନ୍ତତିଙ୍କର ଶାରୀରିକ ମାନସିକ ଓ ବୌଦ୍ଧିକ ବିକାଶ ପରିପୃଷ୍ଟ ହୁଏ । ଜ୍ୟେଷ୍ଠର ଆଦର୍ଶ ସଫଳତା ଓ ଦର୍ଶନ ଅନ୍ୟମାନଙ୍କ ପାଇଁ ଉଦାହରଣ ରୂପେ ବିବେଚିତ ହେଉଥିବାରୁ ପିଢି ପରେ ପିଢି ଏହାକୁ ଅନୁସରଣ କରନ୍ତି । ବୟସ ଓ ସମ୍ପର୍କ ଅନୁସାରେ ସଭିଙ୍କର ସ୍ୱତନ୍ତ୍ର ମହତ୍ୱ ରହିଛି ସତ, ମାତ୍ର ଶିକ୍ଷା ଦୀକ୍ଷା ଓ ବୃତ୍ତି ଭିନ୍ନ ଭିନ୍ନ ହେବା ଦ୍ୱାରା ସାମଗ୍ରିକ ପରିବାର ଜୀବନ ପ୍ରଭାବିତ ହୁଏନାହିଁ ।

ସମୟର ଦ୍ରୁତ ପରିବର୍ତ୍ତନ ଓ ଅର୍ଥନୀତି ମଣିଷର ଜୀବନଶୈଳୀକୁ ଏପରି ପ୍ରଭାବିତ କରିଛି ଯେ ପରିବାରର ଏକ କରୁଣ ଚିତ୍ର ଅହରହ ବ୍ୟଥିତ କରୁଛି ମନକୁ ପ୍ରାଣକୁ । ଯୌଥ ପରିବାର ଭାଙ୍ଗିଯିବା ସହିତ ସୃଷ୍ଟି ହେଉଥିବା ଛୋଟ ପରିବାର ଭିତରେ ଆଉ ଦିଶୁନାହିଁ ଛଳ ଛଳ ଗତି, ସୌହାର୍ଦ୍ଦ୍ୟ, ଶାନ୍ତି ପ୍ରୀତି ପାରସ୍ପରିକ ବୁଝାମଣା । ଅର୍ଥନୈତିକ ସ୍ୱଚ୍ଛଳତା ସମ୍ପନ୍ନତା ଶିକ୍ଷା ସମୃଦ୍ଧିର ଅର୍ଗଳୀରେ ବନ୍ଧା ପଡିଥିବା ମଣିଷଟି ଖୋଜୁଛି ଶାନ୍ତି । ଆପଣାର ସମ୍ପର୍କ ମାନଙ୍କ ଭିତରେ ସୃଷ୍ଟି ହେଉଥିବା ଦ୍ୱନ୍ଦ ଅସହିଷ୍ଣୁତା ଅବିଶ୍ୱାସ ସ୍ୱାର୍ଥପରତା ଓ ଆତ୍ମକେନ୍ଦ୍ରୀକ ଭାବନା ପରିବାରକୁ ଲହୁ ଲୁହାଣ କରିଦେଉଛି । କ୍ଷତ ବିକ୍ଷତ କରୁଛି ତାର ଅନ୍ତରାତ୍ମା । ଜ୍ୟେଷ୍ଠ ପ୍ରତି ଅସମ୍ମାନ, ସମ୍ପତ୍ତିର ମୋହ, ଜ୍ଞାନର ଅହଂକାର ଓ ଆକାଶ ପରିବ୍ୟାପ୍ତ ସ୍ୱପ୍ନକୁ ନେଇ ଯେଉଁ ମଣିଷଟି ବୁଡି ରହିଛି ବିଳାସ ବ୍ୟସନରେ, ସେ ବା କିପରି ବୁଝିବ ପରିବାରର ସଂଜ୍ଞା, ପରିବାରର ଆଭିଜାତ୍ୟ !

ପରିବାର ଆଶ୍ରିତ ଓ ପରିବାରବାଦ ସାମ୍ପ୍ରତିକ ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥାର ମଞ୍ଚ ଭିତରେ ଏକ ବିଶେଷ ସ୍ଥାନ ମାଡି ବସିଥିବାରୁ ନାନାଦି ତର୍କ ବିତର୍କ ଭିତରେ ସମାଧାନର ରାସ୍ତା ଖୋଜୁଛି ମଣିଷ । ଆଜନ୍ମରୁ ପରିବାର ଖୋଳପାରେ ବିଭିନ୍ନ ସ୍ଥିତି ସହ ସମ୍ପୃକ୍ତ ରହିଥିବା ସଦସ୍ୟ ଜଣକ ନିଜ ଯୋଗ୍ୟତାକୁ ଅଣଦେଖା କରି ଜ୍ୟେଷ୍ଠ ଅର୍ଜିତ ସାର୍ବଜନୀନ ଖ୍ୟାତି ସମ୍ମାନ ପ୍ରତିପତ୍ତି ଓ ପ୍ରତିଷ୍ଠାକୁ ନିଜର ବୋଲି ଭାବି ବସିବା ଯୋଗୁଁ ସୃଷ୍ଟି ହେଉଛି ଦ୍ୱନ୍ଦ । ବୃତ୍ତି ନାଆଁରେ ଅସନ୍ତୁଳିତ ଅବସ୍ଥାକୁ ଉପନୀତ ହୋଇ ଯାଉଥିବାରୁ ଭୁଶୁଡ଼ି ପଡୁଛି ଅନୁଷ୍ଠାନ,ଯୋଗ୍ୟତା ପଦାନତ ହେଉଛି । ଏ ବିପଦରୁ ବ୍ୟବସ୍ଥାକୁ ବଞ୍ଚାଇ ରଖିବା ପାଇଁ ବାଇ ମହାନ୍ତି କହନ୍ତି, 'ସମୟ ଆମକୁ ଯେଉଁ ରାସ୍ତାରେ ଯିବାକୁ ଅନୁପ୍ରେରିତ କରୁଛି,

ISSN NO.
2582-208X

ଯେଉଁ ଛୋଟ ସଂସାର ଭିତରେ ବାନ୍ଧି ରଖିବାକୁ ବାଧ୍ୟ କରୁଛି, ତାକୁ ଆମେ ଅସ୍ୱୀକାର କରି ପାରିବା ନାହିଁ ସତ, ମାତ୍ର ପରିବାରର ସମ୍ମାନ ସ୍ୱାଭିମାନ ଆଭିଜାତ୍ୟ ବଜାୟ ରଖିବା ପାଇଁ ଏକତା ସୂତ୍ରରେ ବାନ୍ଧିହୋଇ ଆନନ୍ଦରେ ଅଗଣା ଆକାଶକୁ ଆଲୋକିତ କରି ପାରିବ ତ !'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଦୀପାନ୍ୱିତା
# (ଦିବାଲୀ ରାତ୍ରୀ)



ଇଂ. ସୁଶାନ୍ତ କଶୋର ବଳ

ଘନ ତମିସ୍ରା କୁ ଦୂରି ଆଲୋକ ସମାହାରୀ
ସାରା ଦୁନିଆକୁ କରିଥାଏ ଜଗମଗ .
କୋଟି ପ୍ରଦୀପ ସମବେତେ ମଳି
କରନ୍ତି ତାଂକ କ୍ଷୀଣ ରଶ୍ମୀ ବିକରିତ.
ମନରେ ତାର ନଥାଏ  ଅନୁତାପ
କିମ୍ପାଇ ସେ ଏତେ ନୀଷ୍ପ୍ରଭ ?
ସାନ୍ତ୍ୱନା ତାକୁ ମିଳଇ ଏତିକି ଯେ-
ଛାର ଖଦ୍ୟୋତ ଯଦି ତାର ଶରୀର
ଆଲୋକେ ବସୁଧାକୁ କରେ ଆଲୋକିତ;
ତେବେ ସେତ ତାଠାରୁ ବହୁଗୁଣେ ତେଜ
କିମ୍ପାକରିବ ସେ ଅକାରଣେ ମନସ୍ତାପ ?
ଦିବସବଂଧୁ ଦିବାକରଂକ ପରି ନହୋଇ
ପାରିଲେ ବି ସେ ତେଜସ୍ବୀୟ;
ତା' କ୍ଷୀଣ ରଶ୍ମୀରେ ବି କରିପାରେ
ଅମା ଅଂଧାରର ପଖ୍ୟଚ୍ଛେଦ.

ସାଗର ଠାରୁ ହ୍ରାଦିନୀ ଖ୍ୟୁଦ୍ର,
ହ୍ରାଦିନୀ ଠାରୁ ଖ୍ୟୁଦ୍ର ହ୍ରଦ.
ହ୍ରଦ ଠାରୁ ଖ୍ୟୁଦ୍ର ପୁଷ୍କରଣୀ,

ISSN NO.
2582-208X

ପୂଷ୍କରଣୀ ଠାରୁ ଖ୍ୟୁଦ୍ର କୂପ ·
କୂପ ଠାରୁ ଖ୍ୟୁଦ୍ର ମୃତିକାର ପାତ୍ର
ଯିଏ କରିଥାଏ ବ୍ୟଂଜନ ପ୍ରସ୍ତୁତ·
ସେହି ଖାଦ୍ୟଖାଇ ଜନେ ବଳୀୟାନ
ଲଭିଥାନ୍ତି ସେଥୁଂ ଉନ୍ମେଷ ସମୃଦ୍ଧି ·

ହଁ ଫରକ ସିରଫ୍ ଏତିକି ଯେ,
ଦିବାକର ଥାନ୍ତି ନିତ୍ୟ ଦେଦୀପ୍ୟମାନ,
ଦିପାବଳୀର ଅବଧି ମାତ୍ର ଏକରାତ୍ର !
ହେଲେ ଭାଇ ଏହି ଏକହି ରାତ୍ରେ ବି
ସେ ପାରିଥାଏ ସର୍ଭିଂକ ମନ ତୋଷିତ,
ଯାହା ରହିଥାଏ କର୍ଣେ ଅଖ୍ୟତେ
ବରଷସାରା ଶବ୍ଦିତ ବିକମ୍ପିତ·

ରଂଗବୈଭବର ଫଲଗୁ ଖେଳାଏ
ହର୍ଷିତେ ଥାନ୍ତି ଅଗଣ ଜନ ·
ରଂଗର ସାଥେ ଶବ୍ଦର ମେଲଣ
ଚମକାଇ ପବନ ଦୋହଲାଇ ଗଗନ ·
ଝଲସାଇ ପୂରାସାରା ନଭମଣ୍ଡଳ
ଭରି ଉଠିଥାଏ ଧୂମ୍ର ବିତାନ ·

ଏକହି ରାତ୍ରୀରେ ବରଷକ ମଜା
ନେଇଥାନ୍ତି ଆବାଳବୃଦ୍ଧା ଗଣ ·
ମଶକ, ମାଛି, କୀଟ, ପତଂଗେ ସବୁ
ଜଳିପୋଡିଯାଇ ଦେଖିଥାନ୍ତି ସମସାନ ·
ପ୍ରଦୀପର ରଶ୍ମୀ, ଆଲୋକର ବନ୍ୟା
ଶବ୍ଦର ତରଂଗ-ସମ୍ମିଳିତେ ସୃଜନ୍ତି
କର୍ଣ, ଚଖ୍ୟୁ ପାଇଂ ଏକ ଅଭୁଲା ଖ୍ୟଣ

ISSN NO.
2582-208X

ଚ଼ାଲୁଚ଼ାଲୁ ଯେବେ କଣ୍ଟା ଫୁଟିଯାଏ
ବୋହିଯାଏ ପାଦୁ ଗାଢ ରକତ,
ସାବଳ, କୋଦାଳ, କୋଡି, ଗଇନ୍ତି
କାମେ ନଆସନ୍ତି, ଯାହା କରିଥାଏ
ଏକ ସାମାନ୍ୟ ଲୌହଛୁଂଚି ଅଶକ୍ତ .

ସୁଲୁସୁଲୁ ବାଆ ଲେପିଥାଏ ଶରୀରେ
ଶାନ୍ତି ପ୍ରଶାନ୍ତିର ଅଂଜନ
ଝଂଜା ବାତ୍ୟା ପ୍ରଭଂଜନ ତାହା କରି
ନପାରିଥାନ୍ତି ଥାଇକିବି ଶକ୍ତ ଅପଘନ.

ଜଳପୋତ ସିନା ସମୂଦ୍ରେ ତରିବ
ବୋହିନେବ ଯାତ୍ରୀ ଦେଶ ବିଦେଶ
ହେଲେ ତୀରେ ଲାଗିଗଲେ ବାରେ
ଦରକାର ପଡେ ଖ୍ୟୁଦ୍ର ଜାନ
ପହୁଂଚାଇବାକୁ ତାଂକୁ ନିଜ ଆବାସ.

ସବୁଜନ ଯଦି ହୁଅନ୍ତି ବିଦ୍ୱାନ ପଣ୍ଡିତ
ଗ୍ୟାନ ବାଣ୍ଟିଥାନ୍ତି ମୁକ୍ତିମଣ୍ଡପେ ବସି.
କିଏ ପୁଣି ଶୁଣିବ ତାଂକ ଗ୍ୟାନତତ୍ୱ
ସବୁତ ମହାରଥୀ ଏକୁ ଆରକ .

କଠିନ ଶବ୍ଦକୁ ସରଳ ଅର୍ଥେ
ବୁଝାଇବା ପାଇଂ ଦରକାର ପଡେ
ସହଜ ବୋଧଗମ୍ୟ ଶବ୍ଦ.
ନିତ୍ୟ ବ୍ୟବହାର୍ଯ୍ୟ ଦୈନଂଦିନ କାର୍ଯ୍ୟେ
ଲାଗିନଥାଏକି ଅତି ସାଧାରଣ ଶବ୍ଦ ?

ପ୍ରଚଣ୍ଡ ରୌଦ୍ରେ ଝୁଲସାଇ ବସୁଧା,
ଯେବେ ଲୁଚି ଯାଇଥାନ୍ତି ଦିବାକର

ISSN NO.
2582-208X

ପଶ୍ଚିମଆକାଶେ ଦୂର ଚକ୍ରବାଳ କୋଳେ,
ସଦୟ ଚଂଦ୍ର, କୋଟି ତାରକା,
ଅଗଣ ଖଦ୍ୟୋତେ ମିଳିମିଶି କରି,.... କରିକି ନଥାନ୍ତି ଉର୍ବୀକୁ ଆଲୋକିତ,.....
ବିତରି ତାଂକ ସୁକୋମଳ ଚମ୍ପକିତ ମନମହକିଆ ବିଭାସ ?

ଉଜ୍ଜ୍ୱଳ ଆଲୋକପାଇଂ ନୁହେଂ ଦିପାବଳୀ
ଏହାର ତତ୍ୱ ନୀଗୁଢ଼ ଦାର୍ଶନୀକ .
ନିଜ କ୍ଷୀଣ ନୀଷ୍ପ୍ରଭ ଆଲୋକେ
ସେ ଏୟା କହିଥାଏଯେ -
ବଡ ଛୋଟ, ଖ୍ୟୁଦ୍ର ବିଶାଳ, ପ୍ରୁଥୁ ସାମାନ୍ୟ
ନିଜନିଜ ସ୍ଥାନେ ଥା'ନ୍ତି ଉପଯୋଗୀ .
ଦରକାର ବେଳେ କାର୍ଯ୍ୟେ ଆସିଥାନ୍ତି
ଯାହା ମାଗିଥାଏ ସମୟ ଓ ପରିସ୍ଥିତି .

ପରିଶେଷେ :
ଦିପାବଳୀ ନୁହଂଇ କେବଳ ଶାବ୍ଦିକ.
ଏହା ଅଟେ ମାର୍ମିକ, ତାତ୍ୱୀକ,ଧାର୍ମିକ
ଦିଗଦର୍ଶକ, ପଥ ପ୍ରଦର୍ଶକ .
ଯାହାକୁ ସଂଖିପ୍ତେ କୁହା ଯାଇଥାଏ
- 'ଦ୍ୱୀପାନ୍ୱିତା'*

[କିଛି ଶବ୍ଦାର୍ଥ : ତମିସ୍ରା : ଅଂଧକାର / ଦେଦୀପ୍ୟମାନ : ଯାହାର ଦିପ୍ତୀ ଥାଏ / ଅପଘନ : ଶରୀର / ଚକ୍ରବାଳ : ଦିଗବଳୟ / ପ୍ରୁଥୁ : ବିରାଟ , ମୋଟା,ବିଶାଳକାୟ / ଶାବ୍ଦିକ : ଶବ୍ଦ ଆଧାରିତ / ମାର୍ମିକ : ମର୍ମ ଆଧାରିତ / ତାତ୍ୱିକ : ତତ୍ୱ ଆଧାରିତ / ବିଭାସ : ଦିପ୍ତି, ଆଲୋକ / ସ୍ରୁଜନ୍ତି : ସ୍ରୁଜନ କରନ୍ତି, ସ୍ରୁଷ୍ଟି କରନ୍ତି / ଦିବାକର : ସୂର୍ଯ୍ୟ / ନୀଷ୍ପ୍ରଭ: ପ୍ରଭାହୀନ ]

କଟକ

ISSN NO.
2582-208X

# ମଉନ ରାଗ



ଜୟଶ୍ରୀ ପଟ୍ଟନାୟକ

ମନତଳର ସେ ଗହନ କଥାକୁ ତୁମପାଶେ କହିଥିଲି
ମଉନ ରାଗରେ ପୀରତି ଫାଶରେ ନିଜେ ନିଜେ ଛନ୍ଦିହେଲି
ମନ୍ଦ ମଳୟ ଯେବେଠାରୁ ବହିଲାମନେ କେତେ ଖୁସିହେଲି
ମହରଗ ହେଲା ପ୍ରେମ ଯୋଉଦିନ ମନକୁ ଆୟତ୍ତ କଲି ।1

ମଉଳି ଗଲା ଶିହରଣ ଯେତେ ପଦେ ଆଘାତରେ ତୁମ
ମରକତ ମଣି ସମ ସଞ୍ଚିଥିଲି ବହୁମୂଲ୍ୟ ଦେଇ ପ୍ରେମ
ମନ୍ଦିର ଗଢିଲି ଜୀବନ୍ୟାସ ଦେଲି ଗର୍ଭଗୃହେ ରଖି ମୂର୍ତ୍ତି
ମରଣ ବି ଦିନେ ହାର ମାନିଯିବ ଭାବି ବିରଳ ଏ ପ୍ରୀତି ।2

ମନଗଢା ଥିଲା କଥା ଯେତେ ତୁମ ଏବେ ସବୁ ଜାଣିଗଲି
ମନ୍ଦାକିନୀ ସମ ମମତାର ଝର ବନ୍ଧ ବାନ୍ଧି ରୁଦ୍ଧ କଲି
ମଧୁକାଳ ଭାବି ଯେଉଁ ସମ୍ପର୍କକୁ ପ୍ରୀତିରଙ୍ଗେ ରଙ୍ଗାଇଲି
ମଧୁମାସ ଖରା ଫିକା କରିଦେଲା ଅନ୍ତରେ ଏବେ ବୁଝିଲି ।3

ମନବିକି ପୁଣି ଭୁଲିହୁଏ ପ୍ରୀତି ତୁମଠାରୁ ଶିଖିଗଲି
ମଦନଲେଖର ଯେତେ ପ୍ରୀତି ଶବ୍ଦ ମିଛଥିଲା ଭାବିନେଲି ।

ଗଙ୍ଗନଗର, ଭୁବନେଶ୍ୱର, 7978110474

ISSN NO.
2582-208X

# ପୂର୍ଣ୍ଣାହୁତି



ଶାନ୍ତିଲତା ମିଶ୍ର

ଜୀବନ ବହିର ଯେଉଁ ଯେଉଁ ପୃଷ୍ଠାରେ,
ତୁମ ନାମେ ଯେବେ କିଛି ଲେଖା ନଥାଏ,
ପଢିବାକୁ ଟିକେ ବି ଭଲ ନଲାଗେ ।
ପୃଷ୍ଠା ସବୁକୁ ନିରବେ ଓଲଟାଇ ଚାଲେ ।।
ଯେଉଁ ଅଧ୍ୟାୟରେ ଦେଖେ,
ତୁମ ଭୁମିକାର କିଛି ଅବତାରଣା ଥାଏ ।
ଥରେ ନୁହଁ ବାରମ୍ବାର ପଢି ଚାଲେ,
ଓଲଟ ପାଲଟ କରି ପୃଷ୍ଠାକୁ ଦେଖୁଥାଏ ।।
କିନ୍ତୁ ଦୁର୍ଭାଗ୍ୟ ବହିର ଅଧା ଯାଏ ଥିଲ ତୁମେ,
ମୁଖ୍ୟ ନାୟକର ଭୁମିକାରେ କରୁଥିଲ ଅଭିନୟ ।
ପୁଣି କଣ ହେଲା ଜାଣେନା ଆଉ ଦେଖି ପାରୁନି
ହଠାତ ଥମି ଗଲା କାହିଁ ଲେଖକର ସେ ଲେଖନି ।।
ଅଧ୍ୟାୟ ପରେ ଅଧ୍ୟାୟ ପଢି ପଢି ଚାଲୁଥିଲି
ହଠାତ୍ ଅଧାରୁ ସବୁ ଚରିତ୍ର ବିଷୟରେ ଲେଖା ଅଛି ।
କିନ୍ତୁ ତୁମ ବିଷୟରେ ଆଉ କିଛି ଲେଖା ଯାଇ ନାହିଁ
ତେଣୁ ପଢିବାକୁ ଆଉ ବହି ମୋତେ ଭଲ ଲାଗୁ ନାହିଁ ।।

ISSN NO.
2582-208X

ସବୁରି ଅଜାଣତେ ତୁମ ଅନ୍ତର୍ଦ୍ଧ୍ୟାନ କଣ ସମୀଚୀନ ଥିଲା
ଏ ଜୀବନ ବହିର ଯିଏ ସ୍ରଷ୍ଟା, ସିଏ କଣ ଗଲେ ଭୁଲି ।
ତୁମେ ଏ ବହିର ଥିଲ ଏକ ମୁଖ୍ୟ ଅଂଶ ବୋଲି
ତୁମ ବିନା ଏ ବହିର ମୂଲ୍ୟ ଯିବ ଯେ ହ୍ରାସ ହୋଇ ।।
ଏବେ ବହିଟିକୁ ସେଇଠି ସେମିତି ରଖିଦେଲି
ପୃଷ୍ଠା ଓଲ୍‌ଟାଇବାକୁ ଆଉ ଇଛା ହେଉ ନାହିଁ ।
ବହିକୁ ଦେଖିବାକୁ ଆଗ୍ରହ ଉତ୍ସାହ ଗଲା ମରି
ତେଣୁ ପଢିବାର ଆଗ୍ରହକୁ ପୂର୍ଣ୍ଣାହୁତି ଦେଇ ଦେଲି ।।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨୭ )

ସୌମ୍ୟକାନ୍ତ ଭାଇ ଓ ଚଇନୁ ପାସ୍ କଲା ପରେ ଯାଇଁ ତାଙ୍କ ବହି ସବୁ ଶଗଡ଼ରେ ବୁହା ହେଇ ଯାଇଥିଲା ଆମ ଗାଁକୁ । କିନ୍ତୁ ସେହି ବହି ଉପାଖ୍ୟାନ ପାଇଁ ଏବେ ବହୁତ ବିଳମ୍ବ ଅଛି । ତାକୁ ପରେ ବର୍ଣ୍ଣନା କରିବା । ତା ପୂର୍ବରୁ ମୋ ଜୀବନର ଏକ ମହତ୍ୱପୂର୍ଣ୍ଣ, ଅଭିନ୍ନ ଓ ମଧୁର ଅଧ୍ୟାୟଟିଏ ଛାଡ଼ି ଦେଇଗଲେ ଅସମ୍ପୂର୍ଣ୍ଣ ଲାଗିବ ।

ଆମ ଶ୍ରେଣୀର ବୟସ୍କ ହେଉଥିବା କର୍କଶ ରାଢ଼ ସ୍ୱର ମାନଙ୍କୁ ମଧୁର ସଙ୍ଗୀତମୟ ସ୍ପର୍ଶଟିଏ ଦେଉଥିଲା ଏକମାତ୍ର ଛାତ୍ରୀ ମମତାର ସ୍ୱର। ମମତା ରାଉଳ - କୋକିଳକଣ୍ଠି, ମଧୁର ଭାଷିଣୀ । ମମତାର ବୀଣାଜୀଣା ସ୍ୱର କାନରେ ବାଜିଲେ ଲାଗେ କୋଉଠି ସତେ ସୁନାର କୁନି କୁନି ଘଣ୍ଟି ବାଜୁଛି ।

ମୁଁ ସ୍କୁଲରେ ଭର୍ତ୍ତି ହେଲା ବେଳେ ମୋଟ୍ ଏଗାରଜଣ ଝିଅପିଲା ପଢୁଥିଲେ। ଝିଅ ମାନେ ସପ୍ତମର ଏରୁଣ୍ଡି ଡିଅଁନ୍ତୁ ଅବା ନ ଡିଅଁନ୍ତୁ  ଘରର ଏରୁଣ୍ଡି ବନ୍ଧ ଡେଇଁବା ନିଶ୍ଚିତ ଥିଲା। ବାପଘରର, ଗାଁ ଦାଣ୍ଡର, ସଖି ସହଚରୀଙ୍କ ସବୁ ମାୟା ବନ୍ଧନ ତୁଟେଇ କାନ୍ଦି କନ୍ଦେଇ ଚାଲି ଯାଉଥିଲେ ଆଉ ଜଣକର ଏରୁଣ୍ଡି ଟପି ସବୁଦିନ ପାଇଁ ପରଗୋତ୍ରୀ ହେଇ । କେଜାଣି ମମତା ରାଉଳ କେମିତି ରହି ଯାଇଥିଲା।

ISSN NO.
2582-208X

ଷଷ୍ଠ ସପ୍ତମରେ ଦଶ ଜଣ ଓ ମୋ ଶ୍ରେଣୀରେ ସିଏ ଥିଲା ଏକମାତ୍ର ଝିଅ। ରୂପ ରଙ୍ଗ ଓ କଣ୍ଠକୁ ଛାଡ଼ି ଦେଲେ ମୁଁ ଆକର୍ଷଣର କୌଣସି କାରଣ ପାଉ ନଥିଲି ତା ପାଖରେ। ଗଧିଟାଏ ଥିଲା ସିଏ। ସାର୍ ମାନେ ତ ଝିଅ ମାନଙ୍କୁ କଦାପି ଗାଳିମାଡ଼ ଦେଉ ନଥିଲେ । ଏମିତି ରେ ବି ଝିଅଟାଏ। ପାଠଟା ତା ପାଇଁ ଏତେ ଜରୁରୀ ନଥିଲା। କିନ୍ତୁ ଉଷା ଦିଦି ବହୁତ ରାଗୁଥିଲେ ତା ଉପରେ । ବୋଗସ୍ , ଗୋବରମୁଣ୍ଡି , ଭୁତମୁଣ୍ଡି, ବେକୁବ୍ , ମରାମୁହିଁ ଏମିତି କେତେ କେତେ ବିଶେଷଣ ଦ୍ୱାରା ବିଭୁଷିତ କରୁଥିଲେ । କିନ୍ତୁ କୋକିଳକଣ୍ଠି ମମତାଠାରୁ ଆହୁରି ଅଧିକ ମହୁ ଝରୁଥିବା ଉଷା ଦିଦିଙ୍କ କଣ୍ଠରୁ ବାହାରୁଥିବା ସେ ସବୁ ଗାଳି କାଟେ ନାହିଁ କି ବାଧେ ନାହିଁ, ନା ତାକୁ ନା ଆମକୁ ।

ଖୁବ୍ ସୁନ୍ଦର ଗୀତ ବୋଲୁଥିଲା ମମତା । ବିଚାରୀଟା ଏକୁଟିଆ ଝିଅ ଆମ ଶ୍ରେଣୀରେ ତେଣୁ ମଧ୍ୟାହ୍ନରେ ସେ ତଳ ଶ୍ରେଣୀର ପିଢି ପିଢି, ଚିନକିଟରି ଝିଅ ମାନଙ୍କ ସହିତ ବସୁଥିଲା। ତାଙ୍କର ଗାଣ ବାଜଣା ଚାଲୁଥିଲା କୂଅ ପାଖର ଗୋଟିଏ ଅବ୍ୟବହୃତ ବଖରାରେ। ସେଇଟା ଜାଣି ତାଙ୍କର କମନ୍ ରୁମ୍ । ପୁଅମାନେ ଲୁଚି ଲୁଚି ଗୀତ ଶୁଣୁଥିଲେ। କେବେ କେମିତି ଶିକ୍ଷକ ମାନେ ମଧ୍ୟ ତାକୁ ଡାକି ଗୀତ ଶୁଣୁଥିଲେ।

- ଖାଲି ଗୀତ ଗାଉଥା ହେଲା, ପଢ଼ା ଶୁଣା ଚୁଲିକୁ ଯାଉ। ଗାଉଣୀ ନାଚୁଣୀ ବନବୁ ନା କି? ସେଇ ଚୁଲିରେ ନି ରଖିଥା ତୋର୍ ଭବିଷ୍ୟତ। କିଛି ହେବ ନାଇଁ ତୋର୍ ଦେଇକିରି। ଭୁତମୁଣ୍ଡି ନେହିଲେ।

ମମତା ଦୁଇଧାଡ଼ି ଡାଳିମ୍ବ ମଞ୍ଜିଆ ଦାନ୍ତ ଦେଖେଇ ହସିଦିଏ ମୁଚକି ମୁଚକି।

ପଛ ଆଡୁ ଖେଚଡ଼ ବିନୋଦ କୁହେ, - ନାଇଁ ଦିଦି, ସିଏ ଗାଉ, କଥାରେ କହନ୍ ପରା "ନିଲଜ୍ ବଜାୟ , ସଲଜ୍ ଗାୟ , ଅତି ପୁଡାର୍ ମୁହାଁ ନାଚତେ ଯାୟ୍"

ଉଷା ଦିଦି ବିଜ୍ଞାନ ପଢାଉଥିଲେ। ବିଜ୍ଞାନ ପରି ଗୂଢ଼ ବିଷୟ ମମତାର ଅନୁର୍ବର ମସ୍ତିଷ୍କର ବାଏଁ ବାଏଁ ଚାଲି ଯାଉଥିଲା, ଗୋଟିଏ ବୃତ୍ତର ସ୍ପର୍ଶରେଖା ପରି ତୀର୍ଯ୍ୟକ ଭାବରେ କେବଳ

ISSN NO.
2582-208X

ତାର ଫମ୍ପା  ମୁଣ୍ଡକୁ ଟିକେ ଛୁଇଁ ଦେଇ । କେବଳ ସାହିତ୍ୟ ଓ ରାଷ୍ଟ୍ରଭାଷା ହିନ୍ଦୀରେ ସେ ମୋତେ ଟକ୍କର ଦେଉଥିଲା। ଧୁମ୍ ଉପନ୍ୟାସ ପଢୁଥିଲା।

- ଶ୍ୟଃ, ଯାହାକୁ ଛଅ ପଣିକା ଆସତେ ନାଇଁ ସିଏ ଫେର୍ ରଟବ ଆବର୍ତ୍ତ ସାରଣୀ (ପିରିଓଡିକ୍ ଟେବୁଲ୍) । କହନା ଦେଖି, ହିଲିୟମ୍ ର ପରମାଣୁ ସଂଖ୍ୟା କେତେ ?

......

- ଛୁଞ୍ଚିଟା ବୁଡିଯାୟ୍ ପାଣିରେ ଆଉ ଡଙ୍ଗାଟା କେମତି ଭାସେଇ ?

......

- କହ ଦେଖେଇଁ, ଚିନିର ଫର୍ମୁଲା ।

....

ପଛ ପଟୁ ସେଇ ବଗୁଲିଆ ବିନୋଦ କୁହାଟି ଉଠେ, - ଏଇ ମମତା, କହନା, ପାଣିର ଫର୍ମୁଲା ।

ପଛ ଆଡ଼କୁ ବୁଲି ଗୋଟାଏ ଖେସଡ଼ିଆ ଚାହାଣୀ ଫିଙ୍ଗେ ମମତା, ଏଣ୍ଡରେଇ କରି (ଆଖି ତରାଟି), ଅପଢଙ୍ଗିଆ ମୁହଁ  କରି । ଶ୍ରେଣୀ ସାରା ହସରେ ଫାଟି ପଡେ।

- ଚୁପ୍ ।

ଉଷାଦିଦିଙ୍କ ଚୁପ୍ କହିବାଟା ବି ଚୁଟକୁଲା ପରି ଲାଗେ କାରଣ ସେ ବି ଓଠ ଚିପି ହସ ଲୁଚେଇବାକୁ ବୁଲି ପଡ଼ନ୍ତି କଳାପଟା ଆଡ଼କୁ ।

- ଏଇ ମମ୍ ତା, ଟିକେ ମନ୍ ଦେ ରେ । ନେହିତେ। ସେଇ ଖୁସଣୀ ଡଙ୍କାରେ ତୋର୍ ଜୀବନ୍ ଯିବ ଯେ । ଏ ଅଭି, ଦେ ବାବୁ ଦେ, ତାର୍ ଟିକେ ଉଦ୍ଧାର କରି ଦେ। ଏଠେ ସିନା

ISSN NO.
2582-208X

ଆମର୍ ମାନେ ଅନୁଗ୍ରହ ପାସ୍ କରେଇ ଦେଉଥିନ୍ତୁ। ବୋର୍ଡରେ ତାହା ଫେଲ୍ ହେବ ଯେ ଏଟା। ମମ୍ ତା, କାଲଠୁ ଅଭି ପାଖ୍ ରେ ପଢ଼ବୁ ଯାଇକିରି ହେଲା ?

ଫଁସି ଯାଇଥିଲି ମୁଁ । ମମତାକୁ ପଢେଇବା ଅର୍ଥ ନାଳ ଖୋଳି ପାଣି ଆଣିବା। କାରଣ ସମସ୍ତେ ଏଟା ଭଲକରି ଧ୍ୟାନ୍ ଦେଇଛନ୍ତି ଯେ ଯେବେଠାରୁ ଉଷା ଦିଦି ଓ ମମତା ହୋଷ୍ଟେଲ୍ ରେ ରହିଲେଣି ମମତା ବାଁରେଇ ହେଇ ମୋ ପାଖକୁ ଆସେ । ମୁଁ ଅବଶ୍ୟ ଝଟକି ଯାଇ ଖେଦି ଦିଏ ତାକୁ । ସମସ୍ତେ ଜାଣିଛନ୍ତି ଯେ ମମତା ରାଉଳ ସବୁବେଳେ ଗୋଟାଏ ଗୀତ ଗୁଣୁଗୁଣୁ ହେଉଥାଏ ଯେତେବେଳେ ବି ମୁଁ ତାର ପାଖାପାଖି ଥାଏ ।

"ଏଇ ପ୍ରୀତି ଫୁଲ ଝରା ପଥେ ତୁମ ସାଥି ହୋଇ
ଆଜି ଭାବୁଛି, ଏଇ ଜୀବନେ ଗଲି ସବୁ କିଛି ପାଇ ।"

କିନ୍ତୁ ଏକଥା ଠଉରେଇ ନଥାନ୍ତି ଯେ ମୁଁ ପ୍ରେମର ଧାର୍ ଧୁର୍ ଧାରେ ନାହିଁ। ମମତା ରାଉଳଠି କିଛି ଏମିତି କାରଣ ବି ଖୋଜି ପାଏନାହିଁ, ଯଦ୍ୱାରା ମୋର ତା ସହିତ ଭାବ ହେଇଯିବ। ପାଠ, ପାଠ, ଭବିଷ୍ୟତ, ଭବିଷ୍ୟତ, ସ୍ୱପ୍ନ, ସ୍ୱପ୍ନ ରଟି ମୁଁ ନିରସା ମଣିଷଟିଏ ପାଲଟି ଯାଇଥାଏ ।

ବାହ୍ୟ ସୌନ୍ଦର୍ଯ୍ୟଟା ମୋ ପାଇଁ କେବେହେଲେ ସେତେଟା ମହତ୍ତ୍ୱ ରଖୁ ନଥିଲା। ଏମିତି ତାର ଅନ୍ତରଟା ମଧ୍ୟ କିଛି ଖରାପ ତ ନଥିଲା। ତେବେ ମୋତେ ସମ୍ମୋହିତ ବା ବିମୋହିତ କରିବା ପାଇଁ ବୋଧେ ଆଉ କିଛି ଦରକାର ଥିଲା, କିନ୍ତୁ, ମୁଁ ତାର ସମ୍ମୋହନରୁ, ତାର ଆକର୍ଷଣର ପରିଧିରୁ ବାହାରି ଯାଇ ପାରିଥିଲି କି ?

ନବମ ଶ୍ରେଣୀରେ ପଢୁଥିଲା ବେଳେ ଉଷା ଦିଦିଙ୍କର ବିବାହ ହୋଇଥିଲା। ତାଙ୍କ ସ୍ୱାମୀ ରହୁଥିଲେ ପାଟଣାରେ। ସେ ଦିଦିଙ୍କୁ ପ୍ରବର୍ତ୍ତାଇଥିଲେ ଚାକିରୀ ଛାଡ଼ି ଦେବାପାଇଁ। କିନ୍ତୁ ଦିଦି ରାଜୀ ହୋଇ ନଥିଲେ। ପ୍ରଥମେ ସେ ରହୁଥିଲେ ସ୍କୁଲଠାରୁ ଅଳ୍ପ ଦୂରରେ ଜଣେ ସମ୍ପର୍କୀୟ ମାଉସୀ ଘରେ । ବିବାହ ପରେ ପ୍ରଧାନ ଶିକ୍ଷକଙ୍କୁ ଅନୁନୟ କରି ହୋଷ୍ଟେଲ୍ ରେ ରହିବା ପାଇଁ ବ୍ୟବସ୍ଥା କରିବା ପାଇଁ କହିଥିଲେ। ପ୍ରଧା ଶିକ୍ଷକ ଟିକେ ବେମନରେ ରାଜୀ

ISSN NO.
2582-208X

ହେଇଥିଲେ । ବଢ଼ି ଆସୁଥିବା ପୁଅ ପିଲା ମାନଙ୍କ ସହିତ ଉଷା ଦିଦି ? ଅବଶ୍ୟ ହୋଷ୍ଟେଲ୍ ରେ ଆମ ପିଲା ମାନଙ୍କ ବ୍ୟତୀତ ଅନାଦି ମଉସାଙ୍କର ପରିବାର ରହୁଥିଲେ। ଆଉ ସେତେବେଳେ ମୋ ହିସାବରେ ପିଲା ମାନଙ୍କର ଦିମାଗରେ ଏତେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହୁ ନଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପ୍ରତି ଯଥେଷ୍ଟ ସମ୍ମାନବୋଧ ରହୁଥିଲା। ସୁତରାଂ ଦିଦି ରହିଲେ ହୋଷ୍ଟେଲ୍ ରେ । ଅନାଦି ମଉସାଙ୍କର ପାଖ ବଖରାଟି ସଫା କରି ଦିଆଗଲା। ଆମକୁ ବହୁତ ଭଲ ଲାଗୁଥିଲା। କିଛି ରଙ୍ଗୀନ ଆଉ କୋମଳ ହେଲା କଳା ଧଳା ଜୀବନ। ପୁଣି ଆସିଲା କୁନିଝିଅ ତନୁ। ସମସ୍ତଙ୍କ ଆଖିର ତାରା । ଉଷା ଦିଦି ମଝିରେ ମଝିରେ ଯାଉଥିଲେ ତାଙ୍କ ସ୍ୱାମୀଙ୍କ ପାଖକୁ। ବେଳେ ବେଳେ ଦିନେ ଦୁଇଦିନ ପାଇଁ ତାଙ୍କ ସ୍ୱାମୀ ମଧ୍ୟ ଆସୁଥିଲେ। ସେ ସରକାରୀ କର୍ମଚାରୀ ଥିଲେ। ଶେଷକୁ ଆସିଲା ମମତା।

ତାକୁ ହୋଷ୍ଟେଲ୍ ରେ ରହିବା ପାଇଁ ଉଷା ଦିଦି କହିଥିଲେ। ପାଠରେ ଏକଦମ୍ ପଛୁଆ ଥିଲା ସିଏ। ଆଉ କେଜାଣି ଉଷା ଦିଦିଙ୍କ ବେଶି ଧ୍ୟାନ ସବୁବେଳେ ଝିଅଙ୍କ ଆଡ଼କୁ ଯାଉଥିଲା। ଝିଅ ମାନଙ୍କୁ ସିଏ ଖେଳଛୁଟିରେ ପାଠ ପଢ଼ାଉଥିଲେ। ତାଙ୍କର ଜିଦି ଥିଲା ମମତାକୁ ଯେମିତି ହେଲେ ମେଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ କରେଇବେ।

ଏମାନେ ସବୁ ଆସିଲା ପରେ ଆମ ଛାତ୍ରାବାସର ଋତୁ ବଦଳିଗଲା। ଆହୁରି ରଙ୍ଗୀନ ହେଇଗଲା ବାତାବରଣ। ପୁଅ ମାନଙ୍କ ଧଳା ନେଳିଆ ଶାର୍ଟ୍ ପ୍ୟାଣ୍ଟ ସହିତ ରଙ୍ଗୀନ ସାଲୁଆର୍, କୁର୍ତ୍ତା, ରିବନ୍, ଶାଢ଼ୀ, କୁନି କୁନି ଜାମା ପ୍ୟାଣ୍ଟ ଶୁଖିଲା କୂଅ ପାଖ ତାରରେ। ନିରସା ଭାତ ଡାଲି ସହିତ କେବେ କେବେ ଦିଦିଙ୍କ ରୋଷେଇ ଶାଳରେ ମିଠା ପିଠା ପିକନିକ ହେଲା। ରାତିରେ ଗୀତ ଆସର ଚାଲିଲା। ମମତାର ସ୍ୱର ଲହରୀରେ ବ୍ୟାପ୍ତ ହେଲା କିଶୋର ହୃଦୟ।

କିନ୍ତୁ ମୁଁ ଯେ ଏକ ଅଦୃଶ୍ୟ ସୂତ୍ର ଦ୍ୱାରା ଆକର୍ଷି ହେଇ ଯିବି ମୋତେ ଜଣା ନଥିଲା। ସଙ୍ଗୀତର ସପ୍ତସ୍ୱରର ମୂର୍ଚ୍ଛନା ଯେ ମୋର ବିଦ୍ୟାପ୍ଲୁତ ମନକୁ ମୂର୍ଚ୍ଛିତାବସ୍ଥାରେ ପହଞ୍ଚେଇ ଦେବ ମୋର କଳ୍ପନାର ବାହାରେ ଥିଲା।

ISSN NO.
2582-208X

ଦିଦିଙ୍କ ଆଦେଶାନୁସାରେ ମୁଁ ପଢେଇବା ଆରମ୍ଭ କଲି ମମତାକୁ। ପ୍ରଥମେ ଦିକଦାର୍ ଲାଗିଲା। ତା ମୁଣ୍ଡରେ ସତେ ଯେମିତି ଗୋବର ଭର୍ତ୍ତି ହେଇଛି। ତାକୁ ତ୍ରିକୋଣମିତି ବା ଜ୍ୟାମିତି ପଢେଇବା ପାଇଁ ରେଖା, ବିନ୍ଦୁ ପାଖକୁ ଘୋଷାରି ନେବାକୁ ପଡିଲା। ଇଂରାଜୀ ଗ୍ରାମାର୍ ପଢେଇବା ବେଳେ ଭାଓ୍ୱେଲ୍ କନସୋନେଣ୍ଟରେ ଝୁଣ୍ଟିଲା। ଭୁଗୋଳ ଇତିହାସ ପଢେଇଲା ବେଳେ ପୃଥିବୀ ଗୋଲ୍, ଆଉ ଭାରତ ଏକ ମହାଦେଶ ନୁହେଁ ବୁଝେଇବାକୁ ପଡ଼ିଲା। ବିରକ୍ତେଇ ଗଲି ମୁଁ, ଏଇଟାକୁ ଏକାଦଶ ଯାଏଁ ଟାଣିଲା କିଏ ? ଆଉ ତା ମାଆ ବାପା କେଉଁ ଚମତ୍କାରର ଆଶାରେ ଏକୁ ପାଠ ପଢ଼ଉଛନ୍ତି।

ମୋର ବିରକ୍ତି ସେ ବୁଝିଲା କି କଣ, ଚେଷ୍ଟା କଲା ମୋତେ ବିରକ୍ତ ନ କରିବା ପାଇଁ। ଶୁଆ ପରି ଯାହା ପାଠ ଦେଲି ରଟି ପକେଇଲା। ବୁଝୁ କି ନ ବୁଝୁ। ତାକୁ ମୁଁ ସିଲେକ୍ଟିଭ୍ ପଢିବା ପାଇଁ କହିଲି। ଯେମିତି ହେଲେ ତିରିଶ ନେଖା ନମ୍ବର ରଖିଦେଲେ ପାସ୍ ଟା ତ କରିଯିବ। ଦିନବେଳେ ସମୟ ମିଳୁ ନଥିବାରୁ ମୁଁ ଭୋର୍ ଚାରିଟାରୁ ତାକୁ ପଢେଇବା ପାଇଁ ଯାଉଥିଲି । ଉଷା ଦିଦିଙ୍କ କୋଠରୀ ସଂଲଗ୍ନ ତାର କୋଠରୀ ଭିତରେ । ଦିଦିଙ୍କ କୋଠରୀ ଓ ତା କୋଠରୀ ମଝିରେ କେବଳ ପରଦାଟିଏ ପଡ଼ିଥିଲା । କବାଟ ଦିଦି ଖୋଲୁଥିଲେ ଓ ସେ ବି ସେତିକି ଭୋରରୁ ଉଠି ଝିଅର ଜାବତୀୟ କାମ ସାରୁଥିଲେ। ତେଣୁ ସନ୍ଦହର ଅବସର ନଥିଲା ।

ସେଦିନ ମଧ୍ୟ ଭୋରରୁ ଯାଇଥିଲି । ସେ କରିଥିବା ଗଲତ୍ ସଲତ୍ ଅଙ୍କ ଦେଖି ବିରକ୍ତ ହେଇଗଲି, - ଏ ମମତା, ତୁଇ ପଢୁଛୁ କିପେଇଁ ଯେ ? ଘରେ ଯାଇକରି ଘରକରଣା ଶିଖତୁ ହେଲେ। ବାହାଘର୍ ପରେ କାମ୍ ଆସତା।

ଅଚାନକ୍ ଅଦିନ ମେଘ ଘୋଟି ଆସିଲା। ତା ଆଖିରୁ ଝରଝର ବର୍ଷା ବୋହିଗଲା। ଆଉ ସେହି ବର୍ଷାରେ ମୁଁ ଓଦା ହେଇ ଯାଉଥିଲି ଗୋଟାପଣେ। ବର୍ଷାପାଣି ସହିତ ବୋହି ଯାଉଥିଲି ଖାଲଢିପ, ଝାଡ଼ ଝଙ୍କାଡ଼ ନମାନି । ଅମାନିଆ ହେଇ ଯାଉଥିଲା ମନ ।

ଏତେ ଦରଦୀ ହେଇଗଲେ ମୁହୂର୍ତ୍ତ ମାନେ ସବୁ ଯେ ତାର ସେଇ ସାନ କୋଠରୀ ଭିତରେ ମୁଁ ଆକଟା ହେଇ ଯାଉଥିଲି, ଆକ୍ତାମାକ୍ତା ହେଇ ଯାଉଥିଲେ ବି ମୋ ଭିତରର କୋଉ ଅଭ୍ୟନ୍ତରେ ଥିବା ଗୁପ୍ତ, ସୁପ୍ତ ଇଚ୍ଛାମାନେ । ଗୁମୁରି ଉଠୁଥିଲା ମୋ ହୃଦୟର ଗୋଟାଏ

ISSN NO.
2582-208X

ଖାଲି ଜାଗା। ମୁଁ ଜାଣି ପାରୁ ନଥିଲି ଏସବୁ ଭାବ ପ୍ରବଣତାର ଉଦ୍ଗମ ସ୍ଥଳ କେଉଁଠି। କେଉଁ ଏକ ସୂକ୍ଷ୍ମମାତିସୂକ୍ଷ୍ମ ତନ୍ତୀ ଭିତରେ ଫୁଲଠୁ ନରମ, ମହୁଠାରୁ ମିଠା ଭାବଟିଏ ଉଦୟ ହେଇ ସାରିଥିଲା । ଗରମ ହେଇ ଯାଉଥିଲା ମୋ ଶରୀର। ଝାଳେଇ ଯାଉଥିଲେ ହାତ ପାଦ। ଆଣ୍ଠୁ ଭାଙ୍ଗି ବସିଥିଲା ସିଏ ବାମ ହାତକୁ ଭୂଇଁରେ ଠେପି । ମୁଁ ତାର ହାତ ଉପରେ ଅନାୟାସରେ ମୋର ଥରଥର ହାତ ରଖିଦେଲି ଯନ୍ତ୍ରଚାଳିତ ପରି । ଗୋଟାଏ ସୂକ୍ଷ୍ମ ଅଥଚ ତୀବ୍ର ତରଙ୍ଗ ଶିରଶିରେଇ ହେଇ ପ୍ରବାହିତ ହେଇଗଲା ମୋର ତାଳୁରୁ ତଳିପା ଯାଏ। ମୋତେ ଝିଞ୍ଜାଡ଼ି ପକେଇଲା । ମୋର ସମ୍ପୂର୍ଣ୍ଣ ଶରୀର ହେଲା ଘର୍ମାକ୍ତ। ଶୀରା ପ୍ରଶୀରା ହେଲା ସ୍ଫୀତ ।

ଝିଅ ମାନଙ୍କର ହାତ ଏତେ କୋମଳ ହେଇ ଏମିତି ଆଘାତ ଦେଇପାରେ ? ତାଙ୍କର ସ୍ପର୍ଶ ଏତେ ପ୍ରତିକ୍ରିୟାଶୀଳ ? ସେ ଧୀରେ ନିଜ ହାତ ଖସେଇ ନେଇଥିଲା, ଆଉ ସକାଳର କବ୍ବା ସବୁଦିନ ଅପେକ୍ଷା ଟିକେ ଡେରିରେ ଆସିଥିଲା କି କଣ, ଗଛ ଉପରୁ ଲଗାତାର୍ ଡାକି ଚାଲିଥିଲା ,

ଉଠ୍ ପୁଟୁର୍.....ଉଠ୍ ପୁଟୁର୍.......ଉଠ୍ ପୁଟୁର୍ ......

ମୁଁ ମଧ୍ୟ ତଡ଼ିତ୍ ବେଗରେ ବାହାରକୁ ଚାଲି ଆସିଥିଲି, ବେଶ୍ କିଛି ସମୟ ପର୍ଯ୍ୟନ୍ତ ଠିଆ ହେଇ ଯାଇଥିଲି ଗଙ୍ଗଶିଉଳି ଗଛକୁ ଆଉଜି, ମୋ ଦେହର ଧକ୍କା ସହି ନପାରି ନ ଝଡ଼ିଥିବା ଫୁଲ ସବୁ ଝଡ଼ି ପଡ଼ିଲେ ଟୁପ୍ ଟାପ୍ ।

- କି ହେଲା କିରେ ?

ସୂର୍ଯ୍ୟର ବ୍ରାହ୍ମ ମୁହୂର୍ତ୍ତର ଧ୍ୟାନ ଭଙ୍ଗ ହେଇ ଯାଇଥିଲା ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଜୀବନ ଏକ ରଫ୍ ଖାତା



ବାସନ୍ତୀ ଲତା ଜେନା

ବସ୍ତାନିରେ ବହି ଥାଉ କି ନ ଥାଉ
ରଫ୍ ଖାତା ଥାଏ ରହି
ବିଭିନ୍ନ ବିଷୟ ସେ ଖାତାରେ ଥାଏ
ଖୋଜିଲେ ସବୁ ମିଳଇ ।୧।

ସାହିତ୍ୟ ଗଣିତ ଇଂରାଜୀ ବିଜ୍ଞାନ
ଭୂଗୋଳ ଓ ଇତିହାସ
ରଫ୍ ଖାତା ଆମ ସହାୟ ହୁଅଇ
ଲିଖନେ ଦିଏ ସନ୍ତୋଷ ।୨।

ଯେତେ ବେଳେ ଯାହା ଆବଶ୍ୟକ ହୁଏ
ରଫ୍ ଖାତା ଖୋଲା ଯାଏ
ଆବଶ୍ୟକ ପାଠ ନିର୍ଦ୍ଦିଷ୍ଟ ଖାତାରେ
ଘରେ ବସି ଲେଖା ଯାଏ ।୩।

ଏ ଜୀବନ ଆମ ରଫ୍ ଖାତା ଭଳି
ଅନୁଭୂତିରେ ଭରିଛି
ଦୁଃଖ ସୁଖ ସାଥେ ହସ କାନ୍ଦ ଲୁହ
ଆବେଗ ପୂରି ରହିଛି ।୪।

ଅଭିଜ୍ଞତା ଆମ ଜୀବନ ବହୁଳ
ହୃଦୟେ ସଞ୍ଚିତ ଥାଏ
ଲୋଭ ମୋହ ମାୟା ସ୍ୱାର୍ଥରେ ଜଡିତ
ହିଂସା ଇର୍ଷା ଦ୍ୱେଷ ରହେ ।୫।

ସତ୍ୟ ଦୟା କ୍ଷମା ନ୍ୟାୟ ଆଚରଣ
ଧର୍ମର ମହାନ ଗୁଣ
ସ୍ନେହ ଶ୍ରଦ୍ଧା ପ୍ରେମ ଜୀବନ ଖାତାରେ
ମହାନତା ନିଦର୍ଶନ ।୬।

ISSN NO.
2582-208X

ପର ଉପକାର ତ୍ୟାଗ ମନୋଭାବ
ସମ୍ଭାବନା ସହଯୋଗ
ଏକତା ମନ୍ତ୍ରରେ ଏକତା ସୂତ୍ରରେ
ମହତ୍ତ୍ୱ ଗୁଣେ ସଂଯୋଗ ।୭।

ବୁଦ୍ଧି ବିଦ୍ୟା ଜ୍ଞାନ ଉତ୍ତମ ଚରିତ୍ର
ଅବା ଅଧମ ଚରିତ୍ର
ଭଲ ମନ୍ଦ ବାର୍ତ୍ତା ଚେତନା ସ୍ପନ୍ଦନେ
ହୁଅଇ ଆମ ଜାଗ୍ରତ ।୮।

ପାଇବାର ନିଶା ଆଶା ସ୍ୱପ୍ନ ଯେତେ
ସ୍ମୃତି ମଧୁର ସଂଗୀତ
ଜୀବନ ଖାତାଟି  ରଫ୍ ଖାତା ହୁଏ
ସମୀକ୍ଷାରେ ଅବଗତ ।୯।

ଉତ୍ସାହ ପ୍ରେରଣା ଆନନ୍ଦ ବିଷାଦ
ଘଟଣାର କିମ୍ବଦନ୍ତୀ
ବେଳେ ବେଳେ ସ୍ମୃତି ବ୍ୟତି ବ୍ୟସ୍ତ କରେ
ନ ମିଳଇ ଟିକେ ଶାନ୍ତି ।୧୦।

ରଫ୍ ଖାତା ଆମ ଜୀବନ ହୁଅଇ
ଏ କଥା ନିରାଟ ସତ୍ୟ
ନମ୍ରତା ବିନୟ  ସୁଶୀଳ ଗୁଣରେ
ସର୍ବେ ଚଳ ଅବିରତ  ।୧୧।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଦୁର୍ଗାଙ୍କ ଭକ୍ତି ଗୀତ



ଅଜିତ କୁମାର ରାଉତ

ଝଗଡ଼ି...ମାନ ବୃତ୍ତେ

ମହିଷା ! ମର୍ଦ୍ଦିନୀ ତୁ ଅରୂପା
ଦୁଷ୍ଟ ସଂହାରେ ତୁହି ମାଁ ସ୍ୱରୂପା।।ପଦ।।.......(୦)
ସିଂହ ବାହିନୀ ତୁହି ମା ଜନନୀ
ଆସହେ ଦେବୀ ଶୀଘ୍ର ମେଦିନୀ
ସଜ୍ଜିତ ହୁଏ ମଣ୍ଡପ ଭବାନୀ
ଶସ୍ୟଶ୍ୟାମଳାପୂର୍ଣ୍ଣ ଧରଣୀ।। ମହିଷା.................(୧)
ପରିତ୍ରାଣର ଋତୁରେ ଏ ଧରା
ପବିତ୍ର ହୁଏ ଟି ମର୍ତ୍ତ୍ୟରେ ସାରା
ଦୂର କରି ଦେଉ ପାପରଭାରା
ଆଗମନେ ତବ ଭକ୍ତିର ଧାରା।। ମହିଷା.................(୨)
ପବନ ତାଳେ ତାଳ କାଶଦଣ୍ଡୀ
ନୃତ୍ୟରତ ଥାଏ ଭକ୍ତିରେ ହୁଣ୍ଡି
ଶରତ ଋତୁ ଟି ପରା ଏରୁଣ୍ଡୀ
ମର୍ତ୍ତ୍ୟଧାମେଯହୁଁ ଆସିବେ ଚଣ୍ଡୀ ।। ମହିଷା..............(୩)
ବାଜିବ ଦୁନ୍ଦୁଭି ଭକ୍ତିର ତାଳେ
ଶଙ୍ଖ ହୁଳହୁଳି ପୂଜନ ସ୍ଥଳେ

ISSN NO.
2582-208X

ବିରାଜିତ ଦେବୀ ମଣ୍ଡପ କୋଳେ
ମନ୍ତ୍ର ଉଚ୍ଚାରଣ ମୁଖ ମଣ୍ଡଳେ।। ମହିଷା...............(୪)
ଅମୃତ କାଳେ ହେବେ ଆବିର୍ଭାବ
ପବିତ୍ର ଭାରତେ ଗୁଞ୍ଜିବ ରାବ
ଦୂର କରି ଦେବେ ଦୁଷ୍ଟ ସ୍ୱଭାବ
ବୁଣିବେ ଏଠି ପ୍ରେମ ପ୍ରୀତି ଭାବ।। ମହିଷା...............(୫)
କଲ୍ୟାଣମୟୀ ମା ବିନ୍ଧ୍ୟ ବାସିନୀ
ମହିଷା ମର୍ଦ୍ଦିନୀ ଜଗଜ୍ଜନନୀ
ଦୁଷ୍ଟ ବିନାଶିନୀ ଦୁର୍ଗତି ନାଶିନୀ
ଭକ୍ତ ଡ଼ାକ ଦିଏ ଶୁଣ ତାରିଣୀ।। ମହିଷା............(୬)
କଷ୍ଟ ଦୂର କର ଦୁଃଖ ଦୟିନୀ
ଡ଼ାକୁଅଛିନିତ୍ୟେ ତୋତେଭବାନୀ
ନଜର ଦିଅ ମା ବିନ୍ଧ୍ୟ ବାସିନୀ
ଦୂର କର ଚିନ୍ତା ଶକ୍ତି ରୂପିଣୀ।। ମହିଷା............(୭)

କଳାବାଡିଆ
ମୋ:- ୭୨୦୫୩୪୩୫୬୯
ସଭାପତି ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

ISSN NO.
2582-208X

# ସେ ବି ସ୍ୱପ୍ନ ଦେଖେ



ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ବଣ ପାହାଡ ଘେରା
ସବୁଜିମାରେ ଭରପୁର
ଗାଁଟିଏ ଯେଉଁଠି ସୂରୁଜ ବୁଡ଼ିଲେ
ମାଡ଼ିଆସେ ଘନ ଅନ୍ଧାର  ବିରାଟ
ଆଁ ଟାଏ  କରି,ସତେକି ଗିଳିଦବ,
ଗାଁର ସମଗ୍ର ଅସ୍ତିତ୍ୱକୁ
ସଭ୍ୟତାର ଉଜ୍ୱ ଳ ଆଲୋକ
କାହିଁ କେତେ ଦୁରେ ଆଖି ମିଟ ମିଟ
କରେ ଗାଁ ଆଡେ ଚାହିଁ
ମୁରୁକି ହସେ ପାଟିରେ ପିନ୍ଧା ପଣତକୁ ଦେଇ।।

ସେଇ ଗାଁର କୋଳରେ ମାଟିର ମହ ମହ
ବାସ୍ନାରେ ବିଭୋର  ଝିଅଟିଏ
ନିଇତି ସ୍ୱପ୍ନ ଦେଖେ
ନୀଳ ଆକାଶର କାନଭାସ୍ ରେ ଆଙ୍କିଦିଏ
ସାତରଙ୍ଗ ଇନ୍ଦ୍ରଧନୁ,
କାନ ଡେରି ଶୁଣେ
ବାଇ ଚଢ଼େଇର ଗୀତ
ପବନର ସାଇଁ ସାଇଁ ଶବ୍ଦ
ଝରଣାର କୁଳୁ କୁଳୁ ସୁର

ISSN NO.
2582-208X

ଫୁଲ ମାନଙ୍କର ଫୁସୁର୍ ଫାସର୍ କଥା
କୋଇଲିର ମିଠା ମିଠା ବୋଲି
ମନଖୋଲି ଗୀତ ଗାଏ , ଜୀବନର ଗୀତ ।

ନୂଆଁ ଣିଆ ଚାଳ ଘର ଲିପା ପୋଛା ଝାଟି ମାଟି
କାନ୍ଥରେ ଲେଖା ଷଠି ଘର ଆଉ ତା ପାଖରେ
ଭୋକର ଭୂଗୋଳ ର ଚିତ୍ର , ଘରର ଗୋଟିଏ କୋଣରେ
ବାସି ପଖାଳ ହାଣ୍ଡିଟିଏ  ବସିଥାଏ ତଳକୁ ମୁହଁ ପୋତି
ଆଉ ତା ପାଖରେ ଠିଆ ହୋଇ ଥାଏ ବେଦନା ଭରା
ଯନ୍ତ୍ରଣାରେ ଜଡ ସଡ ବର୍ତ୍ତମାନ
ଝିଅଟି ସେଥିରୁ କଣ ବୁଝେ କେଜାଣି ,
ଘଡ଼ିଏ ମନ ମାରି ବସେ , ତା ପର ମୁହୂର୍ତ୍ତ କୁ
ସବୁ ଭୁଲିଯାଏ , ହସି ହସି ଦୌଡ଼ିଯାଏ ଘରର
ଦାଣ୍ଡ ଦୁଆର ଟପି ,  ଅଗଣା ଟପି ଗାଁ ଦାଣ୍ଡକୁ
ଗାଁ ଦାଣ୍ଡର ପଥୁରିଆ ଆବଡା ଖାବଡା ଧୂଳି
ଧୁସରିଆ ରାସ୍ତାରେ ଦୌଡେ
ତା ଦୌଡା ସରେନି
ଦୌଡୁଥାଏ ସେମିତି ଦୌଡୁଥାଏ ।।

ସେ ସ୍ୱପ୍ନ ଦେଖେ ଦିନର ସଫା ଆଲୁଅରେ
ସ୍ୱପ୍ନରେ ତା ଦେହରେ ଡେଣା ଲାଗେ
ଡେଣା ଝାଡି ସେ ଉଡିଯାଏ ଦୂରକୁ ଦୂରକୁ
ନୀଳ ଆକାଶ ଛାତିରେ ,
ଜହ୍ନ ରେ ଲେଖିଦିଏ ନାଆଁ ତାର
ତାରାଙ୍କ ମେଳରେ ଲୁଚକାଳି ଖେଳେ
ସମୟର ଅନନ୍ତ ଛାତିରେ ଆଙ୍କି ଦିଏ
ତାର ଲକ୍ଷ୍ମୀ ପାଦ ,

ISSN NO.
2582-208X

ଆଉ ସେହି ପାଦରେ ଘସି ଘସି ଲିଭାଇ ଦିଏ
ଯେତେ ସବୁ ଲୁହ ଆଉ କୋହର କବିତା
ଯେତେ ସବୁ ଭେକ ଆଉ ଭୋକର କାହାଣୀ
ଯେତେ ସବୁ  ଯନ୍ତ୍ରଣା ର ଚାରୁ ଚିତ୍ରପଟ
ଏକାବେଳେ ପାଲଟିଯାଏ
ଅନବଦ୍ୟା ଅନୁପମା ଆଉ ଅଲିଭା ଦୀପାଳି ଟିଏ ।

ଶିକ୍ଷୟିତ୍ରୀ

ISSN NO.
2582-208X

# ହେବି ମୁଁ ଝରା ଶେଫାଳୀ



ସଂଯୁକ୍ତା ସାହୁ

ଝରା ଶେଫାଳୀ ମୋ ଆୟୁଷ ଅଳ୍ପ
ଝରି ପଡୁଥାଏ ପରା
ସେଇ ସମୟଟା କେତେ ଯେ ସୁନ୍ଦର
ବାସ ବିତରେ ଚଉଦିଗ ସାରା ।
ମୁଁ ଛୋଟ ଫୁଲଟିଏ ରଙ୍ଗ ମୋ ସୁନ୍ଦର
ଝରା ଶେଫାଳୀ ମୁହିଁ
ମୋ ଜୀବନର ବଡ଼ ସାର୍ଥକତା ଅଟେ
ଦିଏ ଅମୂଲ୍ୟ ଶିକ୍ଷା ଯହିଁ ।
ହେଉ ପଛେ ଜୀବନଟା ଅଳପ ଦିନ
ସୁଗୁଣ ହେଉ ପ୍ରସ୍ଫୁଟିତ
ଛାପ ଛାଡିଦେଇଯାଅ ଏଇ ସମାଜରେ
ବାସ ହେଉଥିବ ସୁରଭିତ ।
ଜୀବନରେ ଯଦି ଭଲ କାମ ସବୁ କରି
ଦୁନିଆଁରୁ ବିଦାୟ ନେବ
ଝରା ଶେଫାଳୀ ଭଳି ବାସ ଚହଟିବ
ଚିରଦିନ କୀର୍ତ୍ତି ରହିଯିବ ।

ISSN NO.
2582-208X

ସଭିଙ୍କ ଜୀବନ ପାଣି ଫୋଟକା ଭଳି
ଶେଫାଳୀ ପରି ଝଡ଼ିଯିବ
ଏତେ ସୁନ୍ଦର ଦୁନିଆଁ ପ୍ରଭୁ ଦେଇଛନ୍ତି
କାହିଁକି ଗର୍ବ ଏତେ କରିବ ।
ମୁଁ ଏତିକି ମିନତୀ କରୁଛି ହେ ଈଶ୍ୱର
ଆର ଜନ୍ମକୁ ଶେଫାଳୀ ହେବି
ଗୁହାରି ମୋର ରଖିବ ହେ ଦୀନବନ୍ଧୁ
ସଭିଙ୍କ ହୃଦୟରେ ରହିଯିବି ।

ଗ୍ରାମ ହାମା, ଜଗତସିଂହପୁର

ISSN NO.
2582-208X

# ମା'ଦୁର୍ଗା ଓ ଦଶହରା



ଜୟନ୍ତୀ ଓଝା

'ଓଁ ସର୍ବ ମଙ୍ଗଲ୍ୟ ମାଙ୍ଗଲ୍ୟେ
ଶିବେ ସର୍ବାର୍ଥ ସାଧିକେ
ଶରଣ୍ୟେ ତ୍ରୟମ୍ବକେ ଗୌରୀ
ନାରାୟଣୀ ନମଃସ୍ତୁତେ" ।

ପ୍ରାଚୀନ କାଳରେ ମହିଷାସୁର ନାମକ ଏକ ରାକ୍ଷସ ଥିଲା । ଦୀର୍ଘଦିନ ଧରି କଠିନ ତପସ୍ୟା ପରେ ବ୍ରହ୍ମଦେବଙ୍କୁ ସେ ପ୍ରସନ୍ନ କରାଇଥିଲେ । ବ୍ରହ୍ମଦେବ ତାଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ସେ ତାଙ୍କୁ ବରଦାନ ମାଗିବାକୁ କହିଲେ । ମହିଷାସୁର କହିଲେ 'ହେ ବ୍ରହ୍ମଦେବ ମତେ ଏମିତି ଏକ ବରଦାନ କରନ୍ତୁ, ଯେମିତି ତିନି ଲୋକରେ ମତେ ଯେମିତି କେହି ପରାସ୍ତ କରିପାରିବେ ନାହିଁ"! ଦେବତା ହୁଅନ୍ତୁ ବା ଅସୁର ବା ମନୁଷ୍ୟ ମତେ କେହି ପରାସ୍ତ କରିପାରିବେନି । ବ୍ରହ୍ମଦେବ ତଥାସ୍ତୁ କହି ଚାଲିଗଲେ ।

ମହିଷାସୁର ବରଦାନ ପାଇ ତିନିଲୋକରେ ହା ହା କାର ମଚାଇଥିଲେ ।ସ୍ୱର୍ଗ ଲୋକରେ ଆକ୍ରମଣ କରି ଦେବତା ଲୋକଙ୍କୁ ପରାସ୍ତ କରି ଇନ୍ଦ୍ର ଲୋକକୁ ମଧ୍ୟ ନେଇଯାଇଥିଲେ । ସବୁ ଦେବତା ମାନେ ମିଶିକରି ତ୍ରିଦେବଙ୍କ ନିକଟକୁ ଆସିଥିଲେ । ଆଉ ଏହାର ପ୍ରତିକାର ପାଇଁ ଯଜ୍ଞ ଆରମ୍ଭ କଲେ । ଏହାପରେ ତ୍ରିଦେବ ନିଜର ସମସ୍ତ ଶକ୍ତିକୁ ଗୋଟିଏ ଜାଗାରେ ଏକତ୍ରିତ କଲେ । ଏବଂ ସେଠାରେ ଜଣେ ସୁନ୍ଦର ଦେବୀଙ୍କର ଆବିର୍ଭାବ ହେଲା । ସେଇ ଦେବୀଙ୍କର ନାମ ମା ଦେବୀ ଦୁର୍ଗା ରଖଗଲା ।

ISSN NO.
2582-208X

ଦେବୀ ଦୁର୍ଗା ଙ୍କୁ ବ୍ରହ୍ମଦେବଙ୍କର କମଣ୍ଡଳୁ, ମହାଦେବଙ୍କର ତ୍ରିଶୂଳ, ବିଷ୍ଣୁଙ୍କର ସୁଦର୍ଶନ ଚକ୍ର, ଏହିପରି ସବୁ ଦେବଦେବୀ ନିଜର ଅସ୍ତ୍ରମାନ ପ୍ରଦାନ କଲେ । ସବୁ ଅସ୍ତ୍ରଶସ୍ତ୍ର ଧାରଣ କରି ମହିଷାସୁରକୁ ବଦ୍ଧ କରିବାକୁ ସେଠାରୁ ଚାଲିଗଲେ! ମହିଷାସୁର ମଧ୍ୟ ଦେବୀ ଦୁର୍ଗାଙ୍କର ସୁନ୍ଦରତା ବିଷୟରେ ଜଣାପଡିଗଲା । ସେ ତାଙ୍କୁ ଦେଖିବା ପାଇଁ, ତାଙ୍କୁ ଖୋଜିବାକୁ ଲାଗିଲେ । ମହିଷାସୁର ଯେମିତି ମା ଦୁର୍ଗାଙ୍କୁ ଦେଖିଲେ, ସେ ତାଙ୍କ ରୂପରେ ମୋହିତ ହୋଇଗଲେ । ଆଉ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଲେ ।ମା ଦୁର୍ଗା କହିଲେ, ଯଦି ତୁମେ ମତେ ଯୁଦ୍ଧରେ ପରାସ୍ତ କରିପାରିବ, ତାହେଲେ ମୁଁ ତୁମକୁ ବିବାହ କରିବି ।

ଏହାପରେ ମହିଷାସୁର ଓ ମା ଦୁର୍ଗାଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଗଲା । ଦଶଦିନ ଯାଏ ମହିଷାସୁର ଓ ଦେବୀଦୁର୍ଗା ଙ୍କ ମଧ୍ୟରେ ଲଗାତାର ଯୁଦ୍ଧ ଚାଲିଲା । ଏହାପରେ ଅନ୍ତରେ ଦଶମ ଦିନରେ ଦେବୀ ମା ଦୁର୍ଗା ମହିଷାସୁରକୁ ବଧ କରିଥିଲେ, ଓ ତିନିଲୋକକୁ ମହିଷାସୁର ଠାରୁ ରକ୍ଷା କରିଥିଲେ । ସମସ୍ତ ଦେବା ଦେବୀ ପ୍ରସନ୍ନ ହୋଇ ମା ଦୁର୍ଗାଙ୍କର ଜୟ ଜୟ ଗାନ କଲେ । ସେବେଠାରୁ ମା ଦୁର୍ଗା ମହିଷାମର୍ଦ୍ଧିନି ନାମରେ ନାମିତ ହେଲେ! ଆଉ ଏହି ଦିବସ ବିଜୟା ଦଶମୀ ନାମରେ ନାମିତ କରାଗଲା । ନଅ ଦିନ ନଅ ରାତି ଲଢେଇ କାରଣରୁ ବିଜୟା ଦଶମୀ ଯାଏ ଏହାକୁ ନବରାତ୍ରି ମଧ୍ୟ କୁହାଯାଏ । ବିଜୟର ପ୍ରାପ୍ତି ଦଶଦିନ ଯାଏ ହୋଇଥିବାରୁ ଏହାକୁ ଦଶହରା ମଧ୍ୟ କୁହାଯାଏ ।

### ଦ୍ୱିତୀୟ କଥା :

ରାମାୟଣ ସମୟରେ ସେତେବେଳେ ପ୍ରଭୁ ଶ୍ରୀରାମ ରାବଣର ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ସେତେବେଳେ ବ୍ରହ୍ମଦେବ ପ୍ରଭୁ ଶ୍ରୀରାମଙ୍କୁ ଚଣ୍ଡୀ ଦେବୀଙ୍କୁ ପୂଜନ କରିବାକୁ ପରାମର୍ଶ ଦେଇଥିଲେ । ବିଧି ଅନୁସାରେ ଚଣ୍ଡୀପୂଜା ପାଇଁ ଓ ହବନ ପାଇଁ 108 ଟି ନୀଳପଦ୍ମ ର ଆବଶ୍ୟକ ପଡିଲା । ଯାହାର ବନ୍ଦୋବସ୍ତ ମଧ୍ୟ ହୋଇସାରିଥିଲା । ଏପଟେ ରାବଣ ମଧ୍ୟ ଅମରତ୍ୱ ପ୍ରାପ୍ତ କରିବା ପାଇଁ ଚଣ୍ଡୀପାଠ କରିଥିଲେ । ଏହିକଥା ଇନ୍ଦ୍ରଦେବ ପବନ ଦେବଙ୍କ ମାଧ୍ୟମରେ ପ୍ରଭୁ ଶ୍ରୀରାମଙ୍କୁ ଜଣାଇଥିଲେ । ରାବଣ ନିଜର ମାୟା ବଳରେ ପ୍ରଭୁ ଶ୍ରୀରାମଙ୍କର ପୂଜା ସ୍ଥଳୀରୁ ଗୋଟିଏ ନୀଳପଦ୍ମ ନେଇଯାଇଥିଲେ ।

ISSN NO.
2582-208X

ଯାହାଦ୍ଵାରା ପ୍ରଭୁ ଶ୍ରୀରାମଙ୍କର ପୂଜାରେ ବାଧା ସୃଷ୍ଟି ହୋଇଥିଲା । ଏହାଦେଖି ସମସ୍ତେ ଚିନ୍ତିତ ହୋଇପଡ଼ିଥିଲେ ।କାଳେ ଶ୍ରୀରାମଙ୍କର ସଂକଳ୍ପ ଭାଙ୍ଗିଯିବ, ସମସ୍ତେ ଡରି ଯାଇଥିଲେ । କାଳେ ମା ଦୁର୍ଗା କ୍ରୋଧିତ ହୋଇଯିବେ! ଠିକ ଏହି ସମୟରେ ପ୍ରଭୁ ଶ୍ରୀରାମଙ୍କର ମନେ ପଡିଲା ତାଙ୍କୁ କମଳ ନୟନ, ରାଜୀବଲୋଚନ ଓ ନବ କଞ୍ଜନ ବୋଲି କୁହାଯାଏ । ସେ ତାଙ୍କର ଗୋଟିଏ ଆଖିକୁ ମା'ଙ୍କ ନିକଟରେ ସମର୍ପି ଦେବାକୁ ଲାଗିଲେ । ଶ୍ରୀରାମ ଯେମିତି ତାଙ୍କର ଗୋଟିଏ ଆଖିକୁ ବାହାର କରିବାକୁ ଉଦ୍ୟମ କରିବା ସମୟରେ ମା' ଦୁର୍ଗା ଆବିର୍ଭାବ ହୋଇ କହିଲେ, ମୁଁ ତୁମ ପୂଜାରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଅଛି! ମୁଁ ତୁମକୁ ବିଜୟର ଆଶୀର୍ବାଦ ଦେଉଛି ।


ଏଥୁ ଅନ୍ତେ ସେପଟେ ରାବଣର ପୂଜା ସମୟରେ ପ୍ରଭୁ ହନୁମାନ, ଏକ ଛୋଟ ବାଳକ ବ୍ରାହ୍ମଣ ରୂପରେ, ସେଠାରେ ପହଁଞ୍ଚିଲେ, ଓ ସେଠାରେ ଅନ୍ୟ ବ୍ରାହ୍ମଣ ଙ୍କ ସହିତ ବସିଗଲେ ।

ଯଜ୍ଞରେ ବୋଲା ହେଉଥିବା ଶ୍ଳୋକ 'ଜୟ ଦେବୀ ଭୂତ ହରିଣୀରେ, ହରିଣୀ ବଦଳରେ କରିଣୀ ର ଉଚ୍ଚାରଣ କରିଦେଇଥିଲେ । ହରିଣୀର ଅର୍ଥ ହେଉଛି ଭୂତ ର କଷ୍ଟ ହରଣ କରିବା, ଓ କରିଣୀର ଅର୍ଥ ହେଉଛି ଭୂତ କୁ କଷ୍ଟ ଦେବା । ଏଥିରେ ମା ଦୁର୍ଗା ରାଗିଯାଇ ରାବଣକୁ ବିନାଶ ହେବାର ଅଭିଶାପ ଦେଇଥିଲେ! ଏବଂ ତାପରେ ଶ୍ରୀରାମ ଙ୍କ ହସ୍ତରୁ ରାବଣର ମୃତ୍ୟୁ ହୋଇଥିଲା । ଦଶାନନ ରାବଣର ଶିର ଛେଦନ କରିଥିବାରୁ ଏହାକୁ ମଧ୍ୟ ଦଶହରା ନାମରେ ନାମିତ କରାଯାଇଥାଏ ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ମା ଫଳେଷୁ କଦାଚନ



ସତ୍ୟନାରାୟଣ ପ୍ରସାଦ ନାୟକ

ପାପ ଆଉ ପୁଣ୍ୟର ଦୋଳିରେ
ଝୁଲୁଛି ଏ ମଣିଷ ଜୀବନ
ଧର୍ମର ନିକିତିରେ ସତେ ଅବା
କିଏ ଜଣେ ତଉଲୁଛି
ନ୍ୟାୟ, ଅନ୍ୟାୟ, ନୀତି, ଅନୀତି, କୀର୍ତ୍ତି, ଅପକୀର୍ତ୍ତି
ସଂସ୍କୃତି, ଅପସଂସ୍କୃତି,ହିଂସା, ଅହିଁସା
ସୁକର୍ମ, ଦୁଷ୍କର୍ମ ଆଦିର କର୍ମଫଳ ।
ସଭିଏଁ କୁହନ୍ତି ମଲା ଗଲାର ଏ ସଂସାର
ଆସିଥିଲୁ ଶୂନ୍ୟ ହସ୍ତେ, ଯିବୁ ଶୂନ୍ୟ ହସ୍ତେ
ଦୃଶ୍ୟମାନ ପାର୍ଥିବ ଭୋଗ୍ୟ ବସ୍ତୁ ପାଇଁ
ଏହା ହିଁ ପ୍ରଯୁଜ୍ୟ ।
କିନ୍ତୁ?
ଅପାର୍ଥିବ ଭୋଗ୍ୟ ବସ୍ତୁ ଅଟେ ପାପ,ପୁଣ୍ୟ
ଯାହା ଖାଲି ଆଖିକୁ ଅଦୃଶ୍ୟ
ଜନ୍ମ ବେଳେ ଧରି ଆସେ
ପୂର୍ବ ଜନ୍ମ ର ପ୍ରାରବଧ ।

ISSN NO.
2582-208X

ଆଉ ?
ମୃତ୍ୟ ବେଳେ ନେଇ ଯାଏ ଯେତେ ସବୁ
ଏ ଜନ୍ମର ସଞ୍ଚିତ, ଅଭୁକ୍ତ
ସେଥିରେ ଟିକିଏ ହୁଏ ନାହିଁ ଓଲମ, ବିଲୋମ
ବେଳ ଥାଉ ଥାଉ ବନ୍ଧ ବାନ୍ଧରେ ଗୋବିନ୍ଦ
ନେବାକୁ ଚାହଁୁଛ ଯଦି ପୁଣ୍ୟ ମକରନ୍ଦ ।

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ବ୍ୟାସ ପୂର୍ଣ୍ଣିମା/ ଗୁରୁ ପୂର୍ଣ୍ଣିମା



ଛବି ରାଣୀ ପତି

ଗୁରୁ ନୁହଁଇ ତ ସାଧାରଣ ନର
ଅଟନ୍ତି ପରମେଶ୍ୱର
ଅଜ୍ଞାନ ରୂପକ ଅନ୍ଧକାର ଠାରୁ
ରଖନ୍ତି ସର୍ବଦା ଦୂର ।
ଗୁରୁ ହୋଇଥାନ୍ତି ପଥ ପ୍ରଦର୍ଶକ
ଆଲୋକ ବାର୍ତ୍ତିକା ସମ
ଶିକ୍ଷା ଦିକ୍ଷା ବଳେ ଜୀବନ ଗଢନ୍ତି
ସେ ଆମ ପୁଣ୍ୟର ଧାମ ।
ପରାଶର ସତ୍ୟବତୀଙ୍କର ପୁତ୍ର
ବ୍ୟାସ କୃଷ୍ଣ ଦ୍ୱୀପାୟନ
ଆଷାଢ଼ ଶୁକ୍ଳରେ ପୂର୍ଣ୍ଣିମା ତିଥିରେ
ହୋଇଥିଲେ ସିଏ ଜନ୍ମ ।
ନାରାୟଣ କୃଷ୍ଣ ଦ୍ୱୀପାୟନ ରୂପେ
ବିଦ୍ୟାଶିକ୍ଷା ଯେବେ କଲେ
ଅନର୍ଗଳ ଭାବେ ବେଦ ପାଠ କରି
ବେଦବ୍ୟାସ ନାମ ନେଲେ ।

ISSN NO.
2582-208X

ଦିବ୍ୟନେତ୍ର ଧାରି ମହର୍ଷି ବ୍ୟାସଙ୍କ
ଉଚ୍ଚାରଣ ବାକ୍ୟ ମତେ
ବିରାମ ନନେଇ ପ୍ରଭୁ ଶ୍ରୀ ଗଣେଶ
ଲେଖିଗଲେ ନିଜ ହସ୍ତେ ।
ଅଠର ପର୍ବରେ ମହାଭାରତ ଯେ
ରଚିଲେ ପୁରାଣ ଶାସ୍ତ୍ର
ସଂସ୍କାର ମାର୍ଗର ବାର୍ତ୍ତା ବାଢ଼ିଥିଲେ
ଜ୍ଞାନ କୁ କରିଣ ଅସ୍ତ୍ର ।
ଗୁରୁ ଗୁରୁଜନ ଆଦର ସମ୍ମାନ
ତ୍ୟାଗ , ପର ଉପକାର
ଥିଲେ ତାଙ୍କ ନିତି ଆଦର୍ଶରେ ମତୀ
ମିଳୁଥିବ ସୁବିଚାର ।
ପିତା ମାତା ପରେ ଗୁରୁ ଙ୍କ ଆଶିଷ
ଦିଏ ଅଲୌକିକ ଶକ୍ତି
ସେ ଶକ୍ତି ସଞ୍ଚମେ ଭକ୍ତ ଭଳିଗଲେ
ହେବ ନାରାୟଣ ପ୍ରାପ୍ତି ।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟ ଶାସନ, ବିରିଡ଼ି , ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ଗତି



ଅଳକା ଗୁପ୍ତ

ମୋ ସରଳତା ହେଉ ଅବା
ଅନ୍ୟମନସ୍କତା, ଜାଣି ପାରିଲି ନାହିଁ
କେବେ ବଦଳି ଗଲା ମୋ ଗତି
କେବେ ଛାଡ଼ିଗଲା ଛାଇ ମୋ ଗତିର
ପ୍ରଚାର ପ୍ରସାରର ଗହଳିରେ
ପଛରେ ରହିଗଲେ ଗୁଣମାନ
ବଦଳି ଗଲେ ସବୁ ଦୁର୍ଗୁଣରେ
ଯେତେ ଚିଲେଇଲେବି
କିଏ ଅବା ଶୁଣୁଛି!!!
ଏବେ ତ ଆଖି କାନ ମୁଣ୍ଡ
ସବୁ କୋଲମରା..ସବୁ ଶୂନ
ସଞ୍ଜ ନଇଁଲା ପରେ କି ଆଉ ଶୁଭେ
କୋଇଲିର କୁହୁତାନ!!

ଏବେ ମୁଁ କ୍ରୁଶବିଦ୍ଧ
ଫେରି ପାଇବିକି ମୋର
ପୂର୍ବ ର ଗତି!!
ଏବେ ଶବ୍ଦ ସବୁ ମୋର

ISSN NO.
2582-208X

କଲେଣି ଆତ୍ମବିଶ୍ଳେଷଣ
ମୁଁ ଦେଖିବା ଆଗରୁ
ପୋଡିଗଲା ମୋର
ବାଡି ବାଇଗଣ ତିଅଣ

କେତେ ବନ୍ଧୁର ପଥ ପାରିହେଲି
ଆଖି ବୁଜି ଧାଇଁ ଥିଲି ଏକ
ଅବିଶ୍ୱସନୀୟ ଉଚ୍ଚତାକୁ
ମୂହୁର୍ତ୍ତକରେ ପିନ୍ଧାଇ ଦେଇଥିଲେ
ଆଶ୍ଚର୍ଯ୍ୟର ଫୁଲମାଳ
ଏହା ବିଜୟର ନା ପରାଜୟର
ଅବସାଦ ର ଚାଦର ତଳେ
ସାଉଁଟୁଛି ମୋର ପୁରୁଣା
ସ୍ମୃତିମାନ....
ଏ କେଉଁ ପ୍ରକାରର ଗତି
ଯେଉଁଠି ଗତିଶୀଳ ମଣିଷଟି
ସେଇ ଏକା ପରିସ୍ଥିତି ରେ
ଗୋଡ଼ ଛାଟେ ଓ ପହଁରେ!!!

ଭୁବନେଶ୍ୱର
୭୯୭୮୩୩୨୦୬୧

ISSN NO.
2582-208X

# ଆମ ଗଭିର ଚେତନାର ସ୍ୱରୂପ - 'ଶ୍ରୀ ଗଣେଶ'



ଶିବମ୍ ପଟ୍ଟନାୟକ

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ବିଘ୍ନ ବିନାଶକ, ଅଗ୍ର ପୂଜ୍ୟ ଗଣେଶଙ୍କର ପୂଜା ଦେଶବ୍ୟାପୀ ମହା ଆଡ଼ମ୍ବରରେ ପାଳନ କରାଯାଏ । ମହାରାଷ୍ଟ୍ରରେ ପ୍ରତିବର୍ଷ ମହା ସମାରୋହ ରେ ଅନୁଷ୍ଠିତ ହେଉଥିବା ଗଣେଷ ପୂଜା ବିଶ୍ୱ ବିଖ୍ୟାତ । ସେଠାରେ ପ୍ରତିବର୍ଷ ପୂଜା ଅବସର ରେ ନିର୍ମାଣ କରାଯାଉଥିବା ଗଣେଶଙ୍କ ବିଭିନ୍ନ ଆକାର ଆଉ ଆକୃତି ର ମୂର୍ତ୍ତି ଆକର୍ଷଣ ର କେନ୍ଦ୍ର ପାଲଟିଥାଏ । ଗଣେଶଙ୍କୁ ସନାତନ ଧର୍ମରେ ବିଦ୍ୟା ବୁଦ୍ଧି ଏବଂ ବିଘ୍ନ ନାଶକାରି ଦେବତା ଭାବରେ ପୂଜା କରାଯାଇଥାଏ । ଗଣେଷ ବିଦ୍ୟାର ଦେବତା ହୋଇଥିବାରୁ ଏହି ଦିନଟିକୁ ବଡ ଆନନ୍ଦରେ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ର - ଛାତ୍ରୀ ମାନଙ୍କ ଦ୍ୱାରା ଗଣେଶଙ୍କର ପୂଜା ଅନୁଷ୍ଠିତ ହୋଇଥାଏ ।

ଆମେ ପ୍ରତିବର୍ଷ ଗଣେଷ ଙ୍କୁ ବିଭିନ୍ନ ରୂପରେ ପୂଜା କରିଥାଉ । କେହିକେହି 65 ଫୁଟ୍, ବାହୁବଳୀ ଭାବରେ କିମ୍ବା ଛୋଟ କୌତୁକିଆ ପିଲା ରୂପରେ ଗଣେଷଙ୍କ ପୂଜା କରିଥାନ୍ତି । ମାତ୍ର ଏମିତି କରିବାଦ୍ୱାରା ଆମେ ଆମ ପୂଜା ପଦ୍ଧତି ର ବାସ୍ତବତା ଠାରୁ ଦୂରେଇ ଯାଉଛେ । ସନାତନ ଧର୍ମରେ ପଞ୍ଚ ଦେବତା ଯଥା - ଶିବ, ବିଷ୍ଣୁ, ଶକ୍ତି, ସୂର୍ଯ୍ୟ ଏବଂ ଗଣେଷ ଙ୍କୁ ପ୍ରସ୍ତର ରୂପରେ ପୂଜା କରାଯାଏ । ଏଥି ରେ ଶିବଙ୍କୁ ଲିଙ୍ଗ ରୂପରେ, ଶକ୍ତି ଙ୍କୁ ଧାତୁ ପ୍ରସ୍ତର ଭାବରେ, ବିଷ୍ଣୁ ଙ୍କୁ ଶାଳଗ୍ରାମ ଭାବରେ, ସୂର୍ଯ୍ୟ ଙ୍କୁ ସ୍ଫଟିକ ରୂପରେ ଏବଂ ବିନାୟକ ଙ୍କୁ ସ୍ୱର୍ଣ୍ଣ ଲିଙ୍ଗ ବା ଲାଲ୍ ପଥର ରେ ପୂଜା କରାଯାଇ ଥାଏ । କାରଣ ଷଡଚକ୍ର ବ୍ରହ୍ମ ଜ୍ଞାନ ଅନୁସାରେ ଆମର ମୂଳାଧାର ଚକ୍ର କୁ ଲାଲ ରଙ୍ଗ ରେ ଚିହ୍ନଟ କରାଯାଏ । ଯାହାର ଅଧିପତି ଅଟନ୍ତି ଗଣେଷ । ତେଣୁ ମଧ୍ୟ ଗଣେଷଙ୍କ ଶରୀର ରେ ସିନ୍ଦୂର ର ପ୍ରଲେପ ଦିଆଯାଏ ।

ISSN NO.
2582-208X

ଏହାକୁ ବାହାର ଦୁନିଆରେ ପରିପ୍ରକାଶ ନିମନ୍ତେ ନାଲି ପଥର ର ବ୍ୟବହାର ଆରମ୍ଭ ରୁ ରହି ଆସିଛି । ତେବେ କେତେକ ଆଧୁନିକ ବିଚାରବାଦୀ ଗଣେଷଙ୍କର ଏହି ସ୍ୱରୂପ କୁ; ତାଙ୍କର ଗଜମୁଣ୍ଡ କୁ ଏବଂ ମୂଷିକ ବାହନକୁ ହାସ୍ୟାସ୍ପଦ ଏବଂ ଅବାସ୍ତବ ବୋଲି କହିଥାନ୍ତି । କିନ୍ତୁ ପ୍ରକୃତରେ ଗଣେଶଙ୍କର ସ୍ୱରୂପ କୌଣସି ପଶୁ କିମ୍ବା ମଣିଷର ମିଶ୍ରଣ ନୁହେଁ । ଏହା ହେଉଛି ଆମ ଚେତନାର ଗହନ ଅଧ୍ୟୟନ ର ପ୍ରତୀକ ଏବଂ ଆମ ଶରୀର ର କୁଣ୍ଡଳିନି ଜାଗରଣ ପ୍ରକ୍ରିୟା ର ସ୍ୱରୂପ ।

କାହିଁକି କେବଳ ଅଷ୍ଟ ବିନାୟକ ଙ୍କୁ ହିଁ ପୂଜା କରାଯାଏ ? କାହିଁକି ଗଣେଷଙ୍କର ଶୁଣ୍ଢ ସଦା ସର୍ବଦା ବକ୍ର ଆକାରର ହୋଇଥାଏ ? ? ଚାଲନ୍ତୁ ଏ ସବୁ ବିଷୟର ଆଲୋଚନା କରିବା ।

ଅଷ୍ଟ ବିନାୟକ ଅଷ୍ଟ ସିଦ୍ଧି ଯଥା - 1. ଅଣୀମା, 2. ଗାରିମା, 3. ମହିମା, 4. ଲଘିମା, 5.ପ୍ରାପ୍ତି, 6. ପ୍ରାକର୍ମ୍ୟ, 7. ଇସିତ୍ୱ, ୫.ବସିତ୍ୱ ର ପ୍ରତୀକ । ଏହି ଅଷ୍ଟ ବିନାୟକ ଙ୍କୁ ସିଦ୍ଧ କରିବା ଦ୍ୱାରା ଜଣେ ମନୁଷ୍ୟ ଅଷ୍ଟ ସିଦ୍ଧି କୁ ପ୍ରାପ୍ତ ହୋଇଥାଏ । ଆହୁରି ମଧ୍ୟ ମନରେ ପ୍ରଶ୍ନ ଉଠେ ଯଦି ଗଣେଷଙ୍କ ମସ୍ତକ ହାତୀର ତେବେ ହାତୀର ଶୁଣ୍ଢ ସିଧା ରହୁଥିବା ବେଳେ ଗଣେଷ ଙ୍କ ଶୁଣ୍ଢ ବଙ୍କା କାହିଁକି ? ଚାରି ଭୁଜା, ମୂଷା ର ବାହାନ, ଗୋଟିଏ ଦାନ୍ତ ବଡ ବିଚିତ୍ର ପଶ୍ଚିମ ସଭ୍ୟତା କୁ ଅନୁସରଣ କରୁଥିବା ଓ ଆଧୁନିକ ଚିନ୍ତାଧାରା ରେ ବିଶ୍ୱାସ ରଖୁଥିବା ଲୋକମାନଙ୍କୁ ବଡ ବିଚିତ୍ର ଲାଗିଥାଏ । ମାତ୍ର ଏ ସବୁକୁ ବୁଝିବାକୁ ହେଲେ ଆମକୁ ଶାସ୍ତ୍ର ର ଗଭୀରତା କୁ ବଡ଼ ନିଖୁଣ ଭାବରେ ବୁଝିବାକୁ ହେବ । ଗଣେଶ ଙ୍କ ଶରୀର ରେ ହାତୀର ମୁଣ୍ଡ ହେଉଛି ଜ୍ଞାନର ପ୍ରତୀକ । ଗଜ ମସ୍ତକରେ ଥିବା ବ୍ରହ୍ମରନ୍ଧ୍ର ଯେଉଁଠାରେ ମୁକ୍ତା ରହିଥାଏ ତାହା ହେଉଛି ଜ୍ଞାନ ଚକ୍ର । ବକ୍ର ତୁଣ୍ଡ ହେବାର କାରଣ, ଯେତେବେଳ ଆମେ ଚେତନାକୁ ସ୍ଥିର ରଖି ଇଶ୍ୱର ଙ୍କୁ ପାଇବା ଉଦ୍ଦେଶ୍ୟ ରେ ଧ୍ୟାନସ୍ଥ ହୋଇଥାଉ ସେହି ସମୟ ରେ ଆମ ମନର ଗତି ସର୍ବଦା ନିମ୍ନଗାମୀ ହୋଇଥାଏ । ଯେତେବଳେ ଆମେ ଆମର ଆନ୍ତରିକ ଚେତନାର ଶକ୍ତିକୁ ନିମ୍ନଗାମୀ ରୁ ଉର୍ଦ୍ଧଗାମୀ କରାଇ ଥାଉ ସେହି ସମୟ ରେ ଆମର ଆଧ୍ୟାତ୍ମିକତା ଆଡ଼କୁ ଯାତ୍ରା ଆରମ୍ଭ ହୋଇଥାଏ । ତେଣୁ ତାଙ୍କର ଶୁଣ୍ଢ ସଦା ସର୍ବଦା ଉର୍ଦ୍ଧ ଗାମୀ ହୋଇ ରହିଥାଏ । ମୂଷିକ ବାହନ ହେବା ପଛର କାରଣ ହେଉଛି, ମୂଷା ସବୁବେଳେ ମାଟି ତଳକୁ ଗତି କରିଥାଏ । ତେଣୁ ସେହିଭଳି ଆମକୁ ମଧ୍ୟ ଆଧ୍ୟାତ୍ମିକ ଜଗତ ରେ ଉଚ୍ଚ ଆୟାମ କୁ ପ୍ରାପ୍ତ କରିବାକୁ ହେଲେ ନିଜ ଚେତନାର ଗଭୀର ଧରାତଳ ମଧ୍ୟ କୁ ପ୍ରବେଶ କରିବାକୁ ପଡ଼ିବ । ଗୋଟିଏ ଦାନ୍ତ ଭଙ୍ଗା ହେବାର କାରଣ, ଯେତେ

ISSN NO.
2582-208X

ଯେତେ ଆମେ ଗୋଟେ ଗୋଟେ କୁଣ୍ଡଳିନୀ କୁ ଭେଦ କରି ଯିବା; ଯଥା - ମୂଳାଧାର, ସ୍ୱାଦିଷ୍ଠାନ, ଅନାହତ, ଆଜ୍ଞା ଚକ୍ର ର ଭେଦନ ପରବର୍ତ୍ତୀ ଯାତ୍ରା ଦ୍ୱୈତ ମାର୍ଗ ଦ୍ୱାରା ସମ୍ଭବ ନୁହେଁ । ଅର୍ଥାତ୍ ଈଶ୍ୱର ଏବଂ ସଂସାର ଦୁହିଁଙ୍କ ମଧ୍ୟରେ ଏକା ସାଙ୍ଗରେ ମନଯୋଗ ଅସମ୍ଭବ । ତେଣୁ ବ୍ୟକ୍ତିକୁ ଜଣଙ୍କ ସହିତ ସମ୍ପର୍କ ଛିନ୍ନ କରିବାକୁ ପଡ଼ିବ । ଏହା ହିଁ ହେଉଛି ଗଣେଶ ଙ୍କ ଏଭଳି ରୂପର କାରଣ ।

ମାତ୍ର ଏବେ ଆମ ପାଇଁ ଗଣେଷ ପୂଜା ଆଉ ଭକ୍ତି , ଉପାସନାର ପର୍ବ ହୋଇ ରହିନାହିଁ । ଏହା ଖାଲି ଏକ ଆଡମ୍ବର ପୂର୍ଣ୍ଣ ଉତ୍ସବ ହୋଇ ରହିଯାଇଛି । ପୂଜା ମଦ୍ୟ ପାନ, ଲାଉଡ ସ୍ପିକର ପ୍ରତିଯୋଗିତା, ମେଲୋଡି ଆଦି ର ଆୟୋଜନ ପାଇଁ ଏକ ଅବସର ପାଲଟିଛି । ଏମିତି କରି ଆମେ ସନାତନ ଧର୍ମର ଏହି ପବିତ୍ର ପରମ୍ପରା କୁ କେଉଁ ଆଡ଼କୁ ନେଉଚେ ଏବଂ ଏହି ପବିତ୍ର ପୂଜା କୁ କଳୁଷିତ କରି ଭବିଷ୍ୟତ ପିଢ଼ି ପାଇଁ କି ବାର୍ତ୍ତା ଦେଉଛେ ସେ ବିଷୟରେ ଚିନ୍ତା କରିବାର ସମୟ ଆସି ପହଞ୍ଚିଛି ।

କଳନ୍ତୁର୍, ବିରିଡ଼ି, ଜଗତସିଂହପୁର, 754130
ଫୋନ - 9078205777

ISSN NO.
2582-208X

# ଆଉ ଥରେ କଣ ତୁମେ ଫେରନ୍ତନି



କୁଞ୍ଜବିହାରୀ ରାଉତ

ତୁମେ ଯେବେ ଆସିଲ
ମୃଦୁ ମଳୟ ବହିବା ସାଙ୍ଗକୁ
ଫଗୁଣ ନେସି ହୋଇଗଲା ମୋ ଦେହ ରେ
ସୁନ୍ଦର ସ୍ୱପ୍ନ ସବୁ
ବୁଢିଆଣୀ ଜାଲ ପରି ଖେଳେଇ ହୋଇଗଲେ
ମୋ ନୟନର ଓଢ଼ଣା ତଳେ
ଧୁ ଧୁ ଖରା ବି ମତାଣିଆ ହେଲା
ବର୍ଷା, ଶୀତ ରାତି ନିଜର ଲାଗିଲେ
ସତେ ଯେପରି ଚତୁର୍ଦ୍ଦିଗ
ବସନ୍ତ ର ବାର୍ତ୍ତା ମହକିଗଲା
ବୟସର ଉତ୍ତାଳ ତରଙ୍ଗ
ବନ୍ଧହୀନ ନଦୀ ଭଳି ବହି ଚାଲିଲେ
ଆଗକୁ ଆଗକୁ ଆହୁରି ଆଗକୁ
ସ୍ୱପ୍ନ ସହ ନିଦ,ଅତି ନିବିଡ଼ ହୋଇଗଲେ
ସାଧାରଣରୁ ମୁଁ ଅସାଧାରଣ ପାଲଟିଗଲି
ସତେ ଯେପରି ମୁଁ କମଳଦେଶ ରାଜକୁମାର
ଆଉ ସବୁ ତୁଚ୍ଛ .... ସବୁ ତୁଚ୍ଛ
ଖାଲି ସୁନ୍ଦର ରୋମାଣ୍ଟିକ ଭାବନା
ନିଜର ହୋଇଗଲେ
ଅମରି କଣ୍ଟାବଣ ବି ସୁନ୍ଦର ଲାଗିଲେ
ଆଉ ତା'ପରେ.......

ISSN NO.
2582-208X

ତୁମେ ଗଲାପରେ
ନିଦ ସବୁ ଦୂରେଇ ଗଲେଣି
ସ୍ୱପ୍ନ ସବୁ ଅଦରକାରୀ ଭାବି
ବାଟ ଭାଙ୍ଗି ଚାଲିଗଲେଣି
ବସନ୍ତ ରୁଗ୍ଣ ରୋଗୀ ପରି
ହତାଶିଆ ହୋଇ ଦୂରରୁ ଦେଖୁଛି
ମଳୟ ବୋଧେ ହଜାଇ ଦେଲାଣି ଠିକଣା
ଫଗୁଣ ଆଉ ସାଙ୍ଗ ହୋଇନାହିଁ ତା'ର
କୋଇଲି ବି ଭୁଲିଗଲାଣି ତା'ସ୍ୱର
ଗ୍ରୀଷ୍ମ, ବର୍ଷା ଓ ଶୀତ ର
ପରାକ୍ରମ ଏବେ ଅଧିକ ହେଲାଣି
ଶୁଖିଗଲାଣି ବଗିଚାର ଗଛପତ୍ର
ଥୁଣ୍ଟା ହୋଇଗଲେଣି ସେସବୁ
ଆଉ ନାହିଁ ସେ ଆପଣାପଣ
ନାହିଁ ସେ ପ୍ରେମର ବାସ୍ନା
ମନ ଆଉ ରୋମାଞ୍ଚିତ ହେଉନାହିଁ
ତୁମେ ବି ଫିକା ପଡିଆସିଲଣି
ମୋ ମନର କାନଭାସ ଉପରେ
ବୋଧହୁଏ.....ଏଇ ବୋଧେ
ଜୀବନର ବାସ୍ତବତା
ଯାହାକୁ ଗ୍ରହଣ କରିବାକୁ ହେବ
ନିଜର ଅନିଚ୍ଛା ସତ୍ତ୍ୱେ .....
ସତରେ ସେଦିନ ଓ ଆଜିର
ଦିନ ମଧ୍ୟରେ ଅନେକ ପାର୍ଥକ୍ୟ
ଏଇ ପାର୍ଥକ୍ୟକୁ ଦୂରେଇଦେବା ପାଇଁ
ତୁମେ କଣ ସତରେ ଆଉ ଥରେ ଫେରନ୍ତନି ?

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ସମ୍ପର୍କ



ଅରୁଣ କୁମାର ମହାପାତ୍ର

ପିତାମାତା ଖାଲି ଜନ୍ମଦାତା ସିନା
କର୍ମଦାତା ଭଗବାନ
ନିଜ ଆଚରଣ କରେ ପ୍ରଦର୍ଶନ
ନିଜର ପାରିବା ପଣ ।
ସମସ୍ତେ ଚାହାଁନ୍ତି ନେବାପାଇଁ ସିନା
ଦେବାରେ କୃପଣ ପଣ
ଛଳନାରେ ପୂର୍ଣ୍ଣ ବାକ୍ୟ ହୁଏ ବର୍ଷା
ସତେ ଅବା ଦୀନହୀନ ।
ସବୁ କଲା କର୍ମ କର୍ତ୍ତବ୍ୟ ନାମରେ
ହୋଇଯାଏ ମୂଲ୍ୟହୀନ
ଅପରପକ୍ଷର ମଣିଷ ବୁଝେନା
ନିଜ କର୍ତ୍ତବ୍ୟ ପାଳନ ।
ପିତାମାତା ସହି ନାନାଦି କଷଣ
କରନ୍ତି ପରିପାଳନ
ଦୟା ସ୍ନେହ କ୍ଷମା କୋଠରୀ ଆବଦ୍ଧ
ସନ୍ତାନ ହୃଦ ପାଷାଣ ।


www.vedantimagazine.com


ISSN NO.
2582-208X

ଝର ଝର ଝରେ ଯନ୍ତ୍ରଣା ଝରଣା
ମଣିଷ ବୁଝେନା କୋହ
ତୃଷ୍ଣା ମେଣ୍ଟାଇବା ନିଶାରେ ବିଭୋର
ବୁହାଏ ରକ୍ତ ପ୍ରବାହ ।
ନିଜ ରକ୍ତ ସତେ ବୁଝେନାହିଁ ସଦ୍ୟ
ସମ୍ପର୍କର ନିରବତା
ଧରିତ୍ରୀ କାହିଁକି ଗାଇ ବୁଲେ ନାହିଁ
ଲଙ୍ଗଳ କ୍ଷତର ଗାଥା ।
ମମତାର ତ୍ୟାଗ ସେନେହ ପ୍ରଭାବ
ବୁଝିଛି ଯେଉଁ ମାନବ
ହିଂସା ଦ୍ୱେଷ ଭାବ କ୍ରୁରତା ସାମ୍ରାଜ୍ୟ
ବିସ୍ତାର କାହୁଁ ବା ହେବ ?
ନିଜ ବିବେକକୁ ସଜାଇ ଗାନ୍ଧାରୀ
ବାନ୍ଧିଲେ ଅନ୍ଧ ପୁଟୁଳି
ଛଳନାର ଖୋଳ ସାଜି ମୃଗତୃଷ୍ଣା
ରୂପାୟିତ ଭଳି ଭଳି ।
ସାଉଁଟେ ନିଜର ଅସ୍ତିତ୍ୱର ସତ୍ତା
ଶୁଭଇ ଚିତ୍କାର ତର୍କ
ଲିଭି ଲିଭି ଆସେ ମନୁଷ୍ୟ ମନରୁ
ମହାନ୍ ଶବ୍ଦ ସମ୍ପର୍କ ।

ପ୍ରତାପ ପୁର, ଗଞ୍ଜାମ
(ଅଶ୍ୱପୁରମ୍, ତେଲେଙ୍ଗାନା)

ISSN NO.
2582-208X

# ଓଡ଼ିଆ ଶିଶୁସାହିତ୍ୟରେ ଲୋକକାହାଣୀ



ଡ଼ ପଲିମର ଦାଶ

ମାନବ ସୃଷ୍ଟିର ଅଙ୍କୁର ଅସୀମ ଶକ୍ତି, ସମ୍ଭାବନା ଓ ପ୍ରତିଶ୍ରୁତି ଆଦିକୁ ନେଇ ଶିଶୁମାନଙ୍କର ଜନ୍ମ। ଆଗାମୀ ପିଢ଼ିର ବର୍ତ୍ତାବହ ଓ ଭବିଷ୍ୟର ଆଲୋକ ହେଉଛନ୍ତି ଶିଶୁ । ଶିଶୁଟିଏ ବଡ଼ ହୋଇ ତାର ଦାୟିତ୍ୱସବୁ ସୁଚାରୁ ରୂପେ ପରିଚାଳନା କରେ । ଗୋଟିଏ ପରିବାରରେ ଶିଶୁଜନ୍ମରୁ ନେଇକି ତାର ଲାଳନପାଳନ ପ୍ରଯନ୍ତ ଅନେକ କାର୍ଯ ସବୁ ସ୍ଥିର ହୋଇରହେ । ଶିଶୁଟି ଏ ଗୋଟିଏ ପରିବାରରେ ଜନ୍ମ ନେଲା ପରେ ଘରେ ସବୁକିଛି ବଦଳି ଯାଇଥାଏ। ସମସ୍ତଙ୍କ ମନରେ ଖୁସିର ଲହରି ଖେଳିଯାଏ । ଶିଶୁମାନଙ୍କୁ ଭଗବାନଙ୍କ ଅବତାର ବୋଲି କୁହାଯାଏ । ସେମାନେ ସରଳ ଓ ନିରୀହପୁର୍ଣ୍ଣ ବାତାବରଣରେ ସମସ୍ତଙ୍କୁ ଆନ୍ଦୋଳିତ କରିଥାନ୍ତି। ଜୀବଜଗତରେ ଯେ କୌଣସି ଜୀବ ଅର୍ଥାତ୍ ହିଂସ୍ରଜନ୍ତୁ ହୁଅନ୍ତୁନା କାହିଁକି ସମସ୍ତେ ଶିଶୁକାଳୀନ ସମୟରେ ହିଂସ୍ରତାକୁ ପରିହାର କରି ନିରୀହତାର ପରିଚୟ ଦେଇଥାନ୍ତି । ସେଥିପାଇଁ ଶିଶୁମାନେ ସମସ୍ତଙ୍କର ଆଦରଣୀୟ ।

ଶୈଶବ କାଳ ହେଉଛି ମାନବ ଜୀବନର ମଧୁରକାଳ ଯେଉଁଥିରେ ସେ ସାଂସାରିକ ଜୀବନଠୁ ବହୁଦୂରରେ ଏକ ଅଲଗା ଦୁନିଆରେ ସରଳ, ନିରୀହ, ପୁଲକିତକର ଏକ ସ୍ୱତନ୍ତ୍ର ଘରଟିଏ କରି ସେ ଆଗକୁ ବଢିଚାଲେ। ସଂସାରର ସମସ୍ତ ଜୀବମାନଙ୍କର ଶୈଶବ ଅବସ୍ଥା ଆସିଥାଏ । ଶିଶୁମାନଙ୍କୁ ଆଧାରକରି ପୃଥିବୀର ବିଭିନ୍ନ ଭାଷାରେ ସାହିତ୍ୟ ରଚନା କରାଯାଇଛି । କବି କଳ୍ପନାରେ ଭାବପ୍ରବଣତା ହେଉ ବା ଦାର୍ଶନିକ ଦୃଷ୍ଟିକୋଣ ହେଉ ସେଥିରେ ସେ ଆବଦ୍ଧ ନ ରହି ବାସ୍ତବ ଜୀବନରେ ମଧ୍ୟ ଶିଶୁସୃଷ୍ଟିର ମହତ୍ତ୍ୱ ସ୍ୱୀକୃତ ହୋଇଅଛି। ଶିଶୁ ମାନଙ୍କୁ ସବୁବେଳେ ସ୍ନେହ, ଆଦର ଏହିଭଳି ଶ୍ରଦ୍ଧାଭାବର ଆବଶ୍ୟକତା

ISSN NO.
2582-208X

ଲୋଡା ହୋଇଥାଏ । ବତ୍ସାଲ୍ୟ ମମତାରେ ବନ୍ଧା ଶିଶୁମାନେ ସବୁଠାରେ ଆଦରଣୀୟ, ଶୋଭିତ, ପୁଷ୍ପଚିତ ଏବଂ ଲୋକଙ୍କର ମାଧ୍ୟମ ହୋଇଥାନ୍ତି ।ମାନବ ସୃଷ୍ଟିର ଅଙ୍କୁର ଅସୀମ ଶକ୍ତି, ସମ୍ଭାବନା ଓ ପ୍ରତିଶ୍ରୁତି ଆଦିକୁ ନେଇ ଶିଶୁମାନଙ୍କର ଜନ୍ମ। ଆଗାମୀ ପିଢ଼ିର ବର୍ତ୍ତାବହ ଓ ଭବିଷ୍ୟର ଆଲୋକ ହେଉଛନ୍ତି ଶିଶୁ । ଶିଶୁଟିଏ ବଡ଼ ହୋଇ ତାର ଦାୟିତ୍ୱସବୁ ସୁଚାରୁ ରୂପେ ପରିଚାଳନା କରେ । ଗୋଟିଏ ପରିବାରରେ ଶିଶୁଜନ୍ମରୁ ନେଇକି ତାର ଲାଳନପାଳନ ପ୍ରଯନ୍ତ ଅନେକ କାର୍ଯ ସବୁ ସ୍ଥିର ହୋଇରହେ । ଶିଶୁଟି ଏ ଗୋଟିଏ ପରିବାରରେ ଜନ୍ମ ନେଲା ପରେ ଘରେ ସବୁକିଛି ବଦଳି ଯାଇଥାଏ। ସମସ୍ତଙ୍କ ମନରେ ଖୁସିର ଲହରି ଖେଳିଯାଏ । ଶିଶୁମାନଙ୍କୁ ଭଗବାନଙ୍କ ଅବତାର ବୋଲି କୁହାଯାଏ । ସେମାନେ ସରଳ ଓ ନିରୀହପୁର୍ଣ୍ଣ ବାତାବରଣରେ ସମସ୍ତଙ୍କୁ ଆନ୍ଦୋଳିତ କରିଥାନ୍ତି। ଜୀବଜଗତରେ ଯେ କୌଣସି ଜୀବ ଅର୍ଥାତ୍ ହିଂସ୍ରଜନ୍ତୁ ହୁଅନ୍ତୁନା କାହିଁକି ସମସ୍ତେ ଶିଶୁକାଳୀନ ସମୟରେ ହିଂସ୍ରତାକୁ ପରିହାର କରି ନିରୀହତାର ପରିଚୟ ଦେଇଥାନ୍ତି । ସେଥିପାଇଁ ଶିଶୁମାନେ ସମସ୍ତଙ୍କର ଆଦରଣୀୟ ।

ଶୈଶବ କାଳ ହେଉଛି ମାନବ ଜୀବନର ମଧୁରକାଳ ଯେଉଁଥିରେ ସେ ସାଂସାରିକ ଜୀବନଠୁ ବହୁଦୂରରେ ଏକ ଅଲଗା ଦୁନିଆରେ ସରଳ, ନିରୀହ, ପୁଲକିତକର ଏକ ସ୍ୱତନ୍ତ୍ର ଘରଟିଏ କରି ସେ ଆଗକୁ ବଢିଚାଲେ। ସଂସାରର ସମସ୍ତ ଜୀବମାନଙ୍କର ଶୈଶବ ଅବସ୍ଥା ଆସିଥାଏ । ଶିଶୁମାନଙ୍କୁ ଆଧାରକରି ପୃଥିବୀର ବିଭିନ୍ନ ଭାଷାରେ ସାହିତ୍ୟ ରଚନା କରାଯାଇଛି । କବି କଳ୍ପନାରେ ଭାବପ୍ରବଣତା ହେଉ ବା ଦାର୍ଶନିକ ଦୃଷ୍ଟିକୋଣ ହେଉ ସେଥିରେ ସେ ଆବଦ୍ଧ ନ ରହି ବାସ୍ତବ ଜୀବନରେ ମଧ୍ୟ ଶିଶୁସୃଷ୍ଟିର ମହତ୍ତ୍ୱ ସ୍ୱୀକୃତ ହୋଇଅଛି। ଶିଶୁ ମାନଙ୍କୁ ସବୁବେଳେ ସ୍ନେହ, ଆଦର ଏହିଭଳି ଶ୍ରଦ୍ଧାଭାବର ଆବଶ୍ୟକତା ଲୋଡା ହୋଇଥାଏ । ବତ୍ସାଲ୍ୟ ମମତାରେ ବନ୍ଧା ଶିଶୁମାନେ ସବୁଠାରେ ଆଦରଣୀୟ, ଶୋଭିତ, ପୁଷ୍ପଚିତ ଏବଂ ଲୋକଙ୍କର ମାଧ୍ୟମ ହୋଇଥାନ୍ତି । Millicent shinn ନାମ୍ନୀ ଜଣେ ଆମେରିୀୟ ମହିଳା ତାଙ୍କର ଏକବର୍ଷ ବୟସ୍କା ଝିଆରୀର ଆଚରଣକୁ ଗଭିରଭାବେ ଅଧ୍ୟାୟନ କରି ଏକ ପୁସ୍ତକ ରଚନା କରିଥିଲେ ଯାହାର ନାମ ଥିଲା "biography of a baby" । ପୁଣି ୧୮୪୦ ମସିହାରେ ପ୍ରଖ୍ୟାତ ବୈଜ୍ଞାନିକ ଚାଲସ୍ ଡ଼ାରଉଇନ ନିଜର ଶିଶୁପୁତ୍ରର ଆଚାରଣକୁ ଲକ୍ଷ୍ୟକରି ମାନବ ଶିଶୁର କ୍ରମବିକାଶ ସମ୍ପର୍କରେ ଏକ

ISSN NO.
2582-208X

ପ୍ରଣାଳୀଗତ ଅଧ୍ୟୟନ ଆରମ୍ଭ କରି ପୁସ୍ତକଟିଏ ରଚନା କଲେ ତାର ନାମ ସେ ଦେଲେ "A biographical sketch of an infant " ।

ଶିଶୁପାଇଁ କବି ଯୁଗେ ଯୁଗେ ଭାବୁକ ହୋଇ ଲେଖିଚାଲିଛି ବିଭିନ୍ନ କାହାଣୀ, ଗୀତ, କଳ୍ପନାର ଭାବଧାରାରେ ବୋହି ଯାଇଛି । ସ୍ୱପ୍ନ ଦେଖିଛି ଅନେକ ସ୍ୱପ୍ନ ଦେଖାଇଛି। । ଶିଶୁମାନଙ୍କୁ ତା ଗଳ୍ପରେ । ପୁଣି ଶୈଶବକାଳ ହେଉଛି ମାନବ ଜୀବନର ଏକ ସୁନ୍ଦର ମଧୁରତମ ସମୟ ।

ବିଦଗ୍ଧ ସାହିତ୍ୟ ପୂର୍ବରୁ ମୌଖିକ ସାହିତ୍ୟ ବା ଲୋକସାହିତ୍ୟର ଆଧିପତ୍ୟ ରହିଥିଲା । ଯେଉଁଥିରେ କାହାଣୀ, ଗୀତ, ପ୍ରବାଦ, ପ୍ରବଚନ, ଢଗଢମାଳି, ନାନବାୟ ଗୀତ ଇତ୍ୟାଦି । ଲୋକସାହିତ୍ୟରେ ନ ଥାଏ କୌଣସି ବୟସର ପ୍ରତିବଦ୍ଧତା ବା ନ ଥାଏ କୌଣସି ନିୟମ । ଲୌକିକ ହେଉ ବା ଅଲୌକିକ ହେଉ ପୁଣି ରୂପକଥା ବା ଉପକଥା ହେଉ ଏଥିରେ ସ୍ୱପ୍ନ ଓ କଳ୍ପନା ବିଳାସ କାହାଣୀର ଯାଦୁକାରୀ ଦିଗକୁ ଦେଖାଇଥାଏ। ସହଜ ସରଳ ବୋଧଗମ୍ୟ ବିଷବସ୍ତୁକୁ ନିଜ ଶୈଳୀରେ କହିଚାଲେ ଯେଉଁ ଥିରେ ନ ଥାଏ କୌଣସି ବାଧାବିଘ୍ନ ଥାଏ ସବୁ ମନଛୁଆଁ କଥା ଯାହା ଶିଶୁ ସୁଲଭ ମନରେ ଆହୁରି ରୋମାଞ୍ଚିତ କରେ । ପଶୁପକ୍ଷୀ ଡାହାଣୀ ଠାରୁ ଆରମ୍ଭ କରି ଅସୁର ଅସୁରୁଣୀ ଯାଏ ପୁଣି ବିଭିନ୍ନ ଓଷାବ୍ରତ ବାଣିଜ୍ୟ ବ୍ୟବସାୟ ସବୁକିଛି ଏହାର ବିଷୟବସ୍ତୁ ହୋଇଥାଏ । ଓଡ଼ିଶାର ପୁରପଲ୍ଲୀରେ ଜଣାଥିବା କାହାଣୀଟିଏ ହେଉଛି ତଅପୋଇ, ସାତଭାଇରେ ଗୋଟିଏ ଭଉଣୀ। ସେମାନେ କିଭଳି ନିଜ ଅଲି ଅଲି ଭଉଣୀକୁ ଭଲ ପାଆନ୍ତି ଭାଇସବୁ ବାଣିଜ୍ୟ କରିବା ପାଇଁ ବିଦେଶକୁ ଗଲା ପରେ କିଭଳି ତଅପୋଇକୁ ତା ଭାଉଜ ମାନେ କଷ୍ଟ ଦିଅନ୍ତି ସେ ସବୁ ବର୍ଣ୍ଣିତ। ଶିଶୁସାହିତ୍ୟ

କହିଲେ ପ୍ରଥମେ ବାଉଳା ଗାଇ କାହାଣୀ, ବାଘକଥା, ସିଂହ ଓ ମୂଷାର ବନ୍ଧୁତା କଥା ପ୍ରଥମେ ମୁଣ୍ଡକୁ ଆସେ ।

ଶିଶୁମନର କମଳ ମନକୁ ବୁଝିବା ବେଳେ ବେଳେ କଷ୍ଟ ହେଇଯାଏ ସେ ସମୟର ବିଭିନ୍ନ ଲୋକକାହାଣୀ କହି ଶିଶୁ ମାନଙ୍କୁ ଉତ୍ସାହିତ କରନ୍ତି ।

ଝାରସୁଗୁଡ଼ା

ISSN NO.
2582-208X

# ଜୀବନ ଓ ମୃତ୍ୟୁ



ଝିଲିମିଲି ସାହୁ

ଜୀବନ, ଅମୂଲ୍ୟ ଉପହାର
କୁଆଁ କୁଆଁ ରାବରୁ ଆରମ୍ଭ
ଜ୍ୱଳନ୍ତ ଜୀବନ ଯାତ୍ରା
ଚମତ୍କାରିତା ପରିପୂର୍ଣ୍ଣ
ପୂର୍ବ ଲିଖିତ ନୃତ୍ୟ ନାଟିକା। ।।

ମୃତ୍ୟୁ, ଗଭୀରତାପୂର୍ଣ୍ଣ ରହସ୍ୟ
ଏକ ନିଛକ ବାସ୍ତବିକତା
ଠିକ୍ ନାଟକର ଯବନିକା ପରି
କହିପାର, ଜ୍ଞାତରୁ ଅଜ୍ଞାତ ଯାତ୍ରା
ଯେଉଁଠି ଆତ୍ମା ଖୋଜନ୍ତି ଜୀଇଁବା ରାସ୍ତା। ।।

ଜୀବନ ଓ ମୃତ୍ୟୁ ଦିବାରାତ୍ରର ଖେଳ
ସମାନ ମୁଦ୍ରାର ଦୁଇଟି ପାର୍ଶ୍ୱ
ଜୀବନ ଚକ୍ରର ସମାନ ଅଧା ଅଧା
ଏ ପାଖରେ ଜୀବନ୍ତ ଆତ୍ମା ତ.....
ଆରପାଖେ, ଶରୀର ପ୍ରାପ୍ତିର ସ୍ପର୍ଦ୍ଧା। ।।

ISSN NO.
2582-208X

ଆସ, ଏଇ ଦିନ ରାତିର ଖେଳରେ
ମୃତ୍ୟୁକୁ ଆଲିଙ୍ଗନ କରି
ଜୀବନକୁ ସମ୍ମାନ ଦେବା
ଈଶ୍ବରଙ୍କ ଅଦୃଶ୍ୟ କାନଭାସରେ
କାଳଜୟୀ ଦୃଶ୍ୟମାନ ଚିତ୍ର ଆଙ୍କିବା ।।

ଶାନ୍ତିରେ, ନୁହେଁ ଯୁକ୍ତି ରେ
ନୁହେଁ ଘୃଣାରେ, ସ୍ନେହ ଶରଧାରେ
ଦିବ୍ୟ ମୁକ୍ତିର ପଥ ଖୋଜିବା
ସୂର୍ଯ୍ୟ ନହେଲେ ବି ତାରାଟିଏ ହୋଇ
ଜୀବନକୁ ଜୀଇଁ ଅମର ଆତ୍ମା ସାଜିବା। ।

ସହ. ଶିକ୍ଷୟିତ୍ରୀ
ନୟାଗଡ଼

ISSN NO.
2582-208X

# ଶାରଦୀୟ ଶୁଭ୍ର ଶୋଭା



ନଳନୀ ଦାଶ

ପାର୍ବଣର ଋତୁ ଆସିଲାଣି ଏବେ
ସଜେଇ ହେଲାଣି ଧରା
ଶାରଦୀୟ ଜହ୍ନ ନିର୍ମଳ ଆକାଶେ
ଦିଶିଲାଣି ଭାରି ତୋରା ।।
ପ୍ରକୃତି ସୁନ୍ଦରୀ ଫଳ ପୁଷ୍ପ ଧରି
ପୂର୍ଣ୍ଣଗର୍ଭା ଶୋଭାମୟ
ତରୁଡାଳେ ଶୁଭେ ପକ୍ଷୀଙ୍କ କାକଳୀ
ଲାଗିଲାଣି ମଧୁମୟ ।।
ଶୁଭ୍ର ବସ୍ତ୍ରାବୃତା ହୋଇ କାଶତଣ୍ଡୀ
ଝୁମିଲାଣି ନଦୀ ତୀରେ
ମାଆ ଆଗମନେ ଆଲଟଚାମର
ବିଞ୍ଚିସେ ସ୍ୱାଗତ କରେ ।।
ନିଶି ବିଜନରେ ଗଙ୍ଗଶିଉଳିତ
ରଚିଲାଣି ଅଭିସାର

କ୍ଷେତେ ଧାନଗଛ ମନମୋହି ନିଏ
ଦିଶେ ସବୁଜ ସୁନ୍ଦର ।।
ନିର୍ମଳ ଆକାଶେ ଫୁଲେଇ ଜହ୍ନଟା
ଚୁନାଚୁନା ତାରା ମେଳେ
ଜୋଛନା ବରଷି ଭସା ବାଦଲରେ
ନୃତ୍ୟର ଆସର ତୋଳେ ।।
ସରସୀର ଜଳେ ସମୀର ହିଲ୍ଲୋଳେ
ଝୁମିଲାଣି ନୀଳକଇଁ
ସରମୀ ସରମୀ ପ୍ରିୟ ପାଶେ ତାର
ମନ କଥା ଦେଲା କହି ।।
ଶରତ ଆକାଶ ନିର୍ମଳ ଶୋଭାରେ
ପକ୍ଷୀ କଲେ କୋଳାହଳ
ପତି ଦରଶନେ ପଙ୍କଜିନୀ ହସି
ହୁଅଇ ଭାବ ବିହ୍ୱଳ ।।

ISSN NO.
2582-208X

ଧରାଟିହସୁଛି ଶୋଭା ସମ୍ଭାରରେ
ଶ୍ୱେତରଙ୍ଗ ବର୍ଣ୍ଣବିଭା
ରଙ୍ଗଣି ଟଗର ଜହ୍ନିଫୁଲ ଫୁଟି
ଲାଗିଲାଣି ମନଲୋଭା ।।
ମଧୁକକୁଞ୍ଜରୁ ମଧୁମକ୍ଷିକାଟି
ଉଲ୍ଲାସ ଚିତ୍ତରେ ଉଡି
ଫୁଲପରେ ବସି ମଧୁ ନିଏ ଶୋଷି
ଗୁଞ୍ଜରଣେ ଡେଣା ଝାଡି ।।
ଛିଟ ପ୍ରଜାପତି ମଖମଲି ଡେଣା
ଝାଡି ମତୁଆଲା ହୋଇ
କୁଞ୍ଜ କାନନରେ ବିହରଣ କରେ
ଭ୍ରମର କୁ ସାଥେ ନେଇ
ଆସିବେ ମାଦୁର୍ଗା ଭୁବନମୋହିନୀ
ପାପ ତାପ ଦେବେନାଶି
ଅଶାନ୍ତି ଅନ୍ୟାୟ ଦୂରକରି ଦେଇ
ଶାନ୍ତିବାରି ଦେବେ ସିଞ୍ଚି

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୭୩୭୦୦୯୫୨୪୧

ISSN NO.
2582-208X

# ଶେଷ ଠିକଣା



ସିନ୍ଧୁ ନନ୍ଦିନୀ

ମାଟିର ମଣିଷ ମାଟିରେ ମିଶିବ
ଶେଷ ଠିକଣା ଶ୍ମଶାନ
କର ସତକର୍ମ ନିତ୍ୟ ପରୋପକାର
ଆତ୍ମା ହୋଇବ ମହାନ

ଜନ୍ମ ଅଛି ଯଦି ମୃତ୍ୟୁବି ଅଛି
କାମନା ବାସନା କର ତ୍ୟାଗ
ଯେତେ ବାନ୍ଧିଲେବି ସଂପର୍କ ଦଉଡି
ପାଳଦଉଡି ଶେଷେ ଲୋଡ଼ା ହେବ

ମନୁଷ୍ୟ ଜୀବନ କ୍ଷଣିକ ମାତ୍ର
ଘୁରଇ ଆୟୁଷ ଚକ୍ର
ଆସିଛି ଏକା ଯିବି ମୁଁ ଏକା
କେହି ନୁହେଁ କାହା ସଙ୍ଗର

ଶବ ଉଠୁଥିବ ଖଇ ପଡୁଥିବ
ଶୁଭୁଥିବ ରାମନାମ
ମଡ଼ା ପଛେପଛେ ଗୋବର ପାଣିରେ
ଲିଭି ଯିବ ପଦ ଚିହ୍ନ

ISSN NO.
2582-208X

ମଶାଣି ନିଆଁରେ ପାଉଁଶ ବେଦୀରେ
ସବୁ ଜଳିପୋଡି ଯିବ
ରାଗରୁଷା ଗର୍ବ ଅହଂକାର
ନିମିଷେ ଉଭେଇ ଯିବ

ଶେଷ ପରିଚିୟ ମଶାଣିର ବାଟ
ଶେଷ ପାଉଣା ଧର୍ମକର୍ମ
ପାପପୂଣ୍ୟ ଭରା ଏ ମର ଶରୀର
ଶେଷ ଠିକଣା ଶ୍ମଶାନ

ଭୁବନେଶ୍ୱର

ISSN NO.
2582-208X

# ଈଶ୍ୱର ଯଦି ପଚାରନ୍ତି !



ଡ. ସଂଘମିତ୍ରା ଭଞ୍ଜ

ପଛରୁ ଟାଣି ଧରି ରୋକି ନେବାର
ସେ ଲୋଭନୀୟ ଜାଲ ନାହିଁ
କି ଯୋଜନା ନାହିଁ ଆଗତର,
ଯଦି ଈଶ୍ୱର ଏହି କ୍ଷଣି
ସାମ୍ନାକୁ ଚାଲି ଆସି
ତାଙ୍କ ସାଥେ ଯିବା ପାଇଁ
ପାଛୋଟି ନିଅନ୍ତି
ମୁଁ ଖୁବ୍ ଆଗ୍ରହରେ ଚାଲନ୍ତି ପଛରେ !
ଗୋଡ ଲମ୍ବାନ୍ତିନି ! କି ବାହାନା କରନ୍ତିନି
ମୋ ପରିବାର ଅଛି କି ମୋର କିଛି କାମ ଅଛି
କି କହନ୍ତିନି ମୋତେ ଆଉ କିଛି ଦିନ
ବଞ୍ଚିବାକୁ ଦିଅ !
କାହିଁକି ନା ମୋ ପାଖେ ଅଛି ମୋର
ଶେଷ ଚାରି ଦଶନ୍ଧିର ସତ
ମୋ ପାଖେ ଅଛି
ମଣିଷଙ୍କ ପ୍ରେମ ଆଉ ଘୃଣାର ସବୁ ଇତିବୃତ୍ତ !
ମିଛ ମମତାର ରଜ୍ଜୁ

ISSN NO.
2582-208X

ପ୍ରେମର ନାଁ ରେ
ଯେତେକ ଫିସାଦୀ
ସ୍ୱାର୍ଥପାଇଁ ଚାଲିଥିବା
ଯେତେ କାରସାଦି
ମୁଁ ଜାଣେ କାହିଁକି ହେଉଛି
ନିରୀହ ମଣିଷଟେ ଏଠି
ନିତି ଆତ୍ମଘାତୀ !
ମଧୁକ୍ଷରା ପୃଥିବୀର ଚତୁଃପାର୍ଶ୍ୱେ
ମିଛ - ମିଛ ଆଉ ଖାଲି ମିଛ
ଓଠ ଧାରେ ଅମୃତର ଲେପ ଆଉ
ବିଷ ଖାଲି ବିଷ ଆଉ ବିଷ !
ଆସନ୍ତେ କି ଈଶ୍ୱର !
ମୁଁ ଖାଲି କୁହନ୍ତି
ତମ - ମୋ - ସବୁଙ୍କ ଘୁମର !

***

ISSN NO.
2582-208X

# ପାରଳାର ବୀର ଓଡ଼ିଆ



ହର ପ୍ରସାଦ ସୁଆର

ସ୍ୱାଧୀନତା ସଂଗ୍ରାମର ପ୍ରଥମ ଆନ୍ଦୋଳନ ଆମ ବୀର ଓଡ଼ିଆଙ୍କ ଦ୍ୱାରା ହୋଇଥିଲା, ଏକଥା ଊଣା ଅଧିକେ ସମସ୍ତ ଓଡ଼ିଆ ଜାଣନ୍ତି । ତେବେ ଏହି ବାସ୍ତବତାକୁ ଅନ୍ୟାନ୍ୟ ରାଜ୍ୟ ବା ସେଠାକାର ଜନଗଣ ଗ୍ରହଣ କରିବାକୁ ନାରାଜ । ଏଣୁ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ନେଇ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକ ତଥା ବିଭିନ୍ନ ପ୍ରଦେଶରୁ ବାହାରିଥିବା କୌଣସି ପୁସ୍ତକରେ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆଙ୍କ ଅବଦାନ ସମ୍ପର୍କରେ ଗୋଟିଏ ବାକ୍ୟ ମଧ୍ୟ ସ୍ମୃତିଚାରଣ କରାଯାଇନାହିଁ । ଯାହା ସମସ୍ତ ଓଡ଼ିଆ ଜାତିଙ୍କ ପ୍ରତି ଚରମ ଅପମାନ । ଭାରତର ଏକ ସର୍ବ ପ୍ରାଚୀନ ଦଳ କେନ୍ଦ୍ର ସରକାରଙ୍କ ଶାସନ କ୍ଷମତାରେ ଦୀର୍ଘଦିନ ଧରି ଥିବା ସତ୍ତ୍ୱେ ଓଡ଼ିଶା ତଥା ଓଡ଼ିଶାର ବହୁମୁଖୀ ଆନ୍ଦୋଳନକୁ ସଂପୂର୍ଣ୍ଣ ରୂପେ ଅଣଦେଖା କରିଛି । ଏଥିପାଇଁ ପ୍ରତିଟି ସ୍ୱାଭିମାନୀ ଓଡ଼ିଆ ବ୍ୟଥିତ । ଓଡ଼ିଆଙ୍କ ସ୍ୱାଭିମାନକୁ ଦିଲ୍ଲୀ ଦରବାରରେ କେବେହେଲେ ଅଗ୍ରାଧିକାର ଦିଆଯାଇନାହିଁ । ଖୁସିର ବିଷୟ ଏହି ଯେ ଆଜି ଦେଶର ମହାମହିମ ରାଷ୍ଟ୍ରପତି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି । ଏହି ସୁଯୋଗରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅଚର୍ଚ୍ଚିତ ଦିଗ ବା ଘଟଣା ସମୂହକୁ ନେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ବୃହତ ପୁସ୍ତକ ନବ୍ୟ ରୂପରେ ପ୍ରକାଶିତ ହୋଇପାରନ୍ତା । ତେବେ ଏସବୁ କରିବା ନିମନ୍ତେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି । ଓଡ଼ିଆଙ୍କୁ ଯେନତେନ ପ୍ରକାରେଣ ଦବେଇ ରଖିବାକୁ ହେବ । ତାଙ୍କ ସାହସ, ସତତା ଓ ଗୁଣାବଳୀ ଆଦିକୁ ଲୋକଲୋଚନକୁ ଆସିବାକୁ ଦିଆଯିବ ନାହିଁ । ଏହି ଘୃଣ୍ୟ ତଥା ନଗ୍ନ ମାନସିକତା ଶାସକ ଗୋଷ୍ଠୀଙ୍କ ମଧ୍ୟରେ ରହିଛି । ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ବା କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତ

ISSN NO.
2582-208X

ରତ୍ନ ଦିଆଯାଇପାରନ୍ତା ହେଲେ ଓଡିଆଙ୍କ ପାଇଁ କିଛି କରାଯିବ ନାହିଁ । ଓଡ଼ିଆ ମାନେ ଯେପରିକି ଅଲଗା ଏକ ଭୂଖଣ୍ଡର କୌଣସି ଇତର ପ୍ରାଣୀ । ବାସ୍ତବରେ ବିଭେଦ ତଥା ଜାତିଆଣ ମନୋଭାବ ନରଖି ସେମାନଙ୍କ କଥା ଆଗେ ଭାବିବା, ବୁଝିବା ବା ଅଗ୍ରାଧିକାର ଦେବା ଦରକାର । କିଛି ଓଡ଼ିଆଙ୍କୁ ବଡ଼ବଡ଼ ପଦବୀରେ ଅର୍ଥାତ, ଆଳଙ୍କାରିକ ପଦବୀରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଦେଲେ ଯେ ଓଡ଼ିଶାକୁ ବାସ୍ତବିକ ନ୍ୟାୟ ମିଳିଯିବ ବା ସେମାନଙ୍କ ହଜି ଯାଇଥିବା ସ୍ୱାଭିମାନ ଓ ଗରିମା ନୂତନ ଭାବେ ଦିବାଲୋକରେ ଝଲସିବ, ଏହା ଭାବିବା ଏକ ଦୁଃସ୍ୱପ୍ନ ବା ଦିବାସ୍ୱପ୍ନ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଆଙ୍କୁ କେବଳ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ଏକ ଓଡ଼ିଆ ଅସ୍ମିତା ନୁହଁ । ସେହି ସମୟରେ ଦେଶର କିଛି କ୍ଷମତାଶାଳୀ ଜନପ୍ରତିନିଧି ମାନେ ସତ୍ୟକୁ ଗୋପନ କରିବାକୁ ଯାଇ,ତଥ୍ୟକୁ ମଧ୍ୟ ଗୋପନ କରିଛନ୍ତି । ଭାରତର ସବୁଠାରୁ ପ୍ରଥମ ବିଦ୍ରୋହ ତଥା ଆନ୍ଦୋଳନ ହେଉଛି ଅବିଭକ୍ତ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ଅଞ୍ଚଳର ପାଇକ ବିଦ୍ରୋହ। ବିଷୋୟୀ, ଦୋରା, ପାଇକ ଓ ସଉରା ମାନେ ଏକତ୍ରିତ ହୋଇ ମାଟିର ସୁରକ୍ଷା ନିମନ୍ତେ ବହୁବାର ନିର୍ଭୀକତାର ସହ ଆଗେଇ ଆସିଛନ୍ତି,ଯୁଦ୍ଧ କରିଛନ୍ତି, ମାରିଛନ୍ତି, ମରିଛନ୍ତି, ଜେଲଦଣ୍ଡ ଭୋଗିଛନ୍ତି, କଳାପାଣି ଯାଇଛନ୍ତି ଓ ବ୍ରିଟିଶ ସରକାରଙ୍କ ଦ୍ୱାରା ଫାସୀଖୁଣ୍ଟରେ ଝୁଲିଛନ୍ତି ଯାହା ଖୁବ ମର୍ମସ୍ପର୍ଶୀ, ବେଦନା ଦାୟକ ଏବଂ ଭାବିଲେ ଅବାକ ଲାଗେ ।

ପରବର୍ତ୍ତୀ ସମୟରେ ଗଞ୍ଜାମ ଜିଲ୍ଲାର ପାଇକ ମାନଙ୍କ ଦ୍ୱାରା ସଂଘଟିତ ବିଦ୍ରୋହ ଏବଂ ତତ୍ ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଜିଲ୍ଲା ସହ ଅନ୍ୟ ଜିଲ୍ଲା ଗୁଡିକର ପାଇକ ମାନଙ୍କର ମେଳି ହୋଇ ବ୍ରିଟିଶଙ୍କ ବିରୋଧରେ ଆକ୍ରମଣ, ଆନ୍ଦୋଳନ, ପ୍ରଜାମେଳି, ବିଦ୍ରୋହ, ଗୋପନ ଷଡଯନ୍ତ୍ର ଆଦି ହୋଇଥିଲା । ତତ୍କାଳୀନ ସମୟରେ ପ୍ରଶାସନିକ ଭାବେ ଗଜପତି ଜିଲ୍ଲା ମାନ୍ୟତା ନପାଇଥିଲେ ସୁଦ୍ଧା ଏହି ଗଜପତି ଅଞ୍ଚଳର ବୀର ଯୋଦ୍ଧାଗଣ ଇଂରେଜଙ୍କୁ ଚକମା ଦେଇପାରିଥିଲେ । ଏବେବି ଆମ ଓଡ଼ିଆ ଲୋକେ ଜାଣନ୍ତି, ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନ ମାନେ କେବଳ ଖୋର୍ଦ୍ଧାର ପାଇକ ଆନ୍ଦୋଳନ ଏବଂ ଭଦ୍ରକର ରକ୍ତତୀର୍ଥ ଇଞ୍ଚୁଡି। ପୂର୍ବ ଓ ଉତ୍ତର ଓଡ଼ିଶାର ଲୋକଙ୍କ ଦ୍ୱାରା ଦକ୍ଷିଣ ଓଡ଼ିଶାର ଆନ୍ଦୋଳନ ହେଉ କିମ୍ବା କୌଣସି ମହତ କାମ ଏବଂ ଏପରିକି ସାଧାରଣ ଜନତାଙ୍କୁ ମଧ୍ୟ ଗଞ୍ଜାମିଆ ବା ବରପୁରିଆ ବୋଲି ଆକ୍ଷେପ କରାଯାଏ ବା କୃତିତ୍ୱକୁ ଲଘୁ କରି ଦେଖାଯାଏ । ଫଳରେ ଭାରତ ସରକାରଙ୍କୁ ମଧ୍ୟ ଏହି ଅନୈକ୍ୟର ସୁଯୋଗ ମିଳିଯାଉଛି । ଯାହାବି ହେଉନା

ISSN NO.
2582-208X

କାହିଁକି କଥାରେ ଅଛି ,ଚିନିକୁ ଅନ୍ଧକାରରେ ଖାଇଲେ ମିଠା ବା ଦିବାଲୋକରେ ଖାଇଲେ ବି ମିଠା ଲାଗେ ଏହା ଧ୍ରୁବସତ୍ୟ । ଠିକ ସେହିପରି  ଗଜପତି ଜିଲ୍ଲାର ବୀର ଓଡିଆ ଜାତିଙ୍କ ମନରୁ କେହି କେବେ ସତ୍ୟକୁ ଅପସରି ଦେଇପାରିବ ନାହିଁ । ଗଜପତି ଜିଲ୍ଲାର ପାଇକ ମାନଙ୍କର ଲଢୁଆ ମନୋବୃତ୍ତି ବ୍ରିଟିଶ ସୈନ୍ୟଙ୍କ ମଧ୍ୟରେ କମ୍ପନ ସୃଷ୍ଟି କରିଥିଲା । ତା'ଛଡା ସେ ସମୟରେ ପାରଳାକୁ ଆସିବାକୁ ହେଲେ ଉପଯୁକ୍ତ ରାସ୍ତାଘାଟ ନଥିବା ହେତୁ ବଣଜଙ୍ଗଲ ଏବଂ ବଡବଡ ପାହାଡ଼ ଅତିକ୍ରମ କରି ଆସିବାକୁ ପଡୁଥିଲା । ସେମାନେ ଆମ ବିରୁଦ୍ଧରେ ଯୁଦ୍ଧ କରିବେ କ'ଣ, ଅନେକେ କ୍ଲାନ୍ତ ହୋଇ ଫେରିଯିବାକୁ ବାଧ୍ୟ ହୋଇଥିଲେ । ଗଜପତି ଜିଲ୍ଲାର ବୀର ଓଡ଼ିଆଙ୍କ ସଂଘଟିତ ଆନ୍ଦୋଳନକୁ ହିଁ ଭାରତର ସ୍ୱାଧିନତାର ପ୍ରଥମ ଆନ୍ଦୋଳନ ବୋଲି କାହିଁକି ବା କୁହାଯିବ ଏବଂ ଏଥିପ୍ରତି ପାରଳାଖେମୁଣ୍ଡି ରାଜ୍ୟବାସୀଙ୍କର କ'ଣ ସବୁ ଅବଦାନ ରହିଥିଲା ତା'ର ଅତି ସଂକ୍ଷିପ୍ତ ଘଟଣାବଳୀ ଏଠାରେ ଅବତାରଣା କରାଯାଇପାରେ ତା'ନହେଲେ ପ୍ରକୃତ ବୀରଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧା ମିଳିପାରିବ ନାହିଁ । ଏଣୁ ଏହି ଆନ୍ଦୋଳନର ଗତି ପ୍ରକୃତି କିପରି ସଂଘର୍ଷମୟ ଥିଲା ତାହା ନିମ୍ନରେ ବର୍ଣ୍ଣିତ କରାଗଲା ।

ପାରଳାଖେମୁଣ୍ଡି ରାଜ୍ୟରେ ମୋଟ ୧୨ଗୋଟି ଗିରିଦୁର୍ଗ ଥିଲା । ପ୍ରତି ଗିରିଦୁର୍ଗ ଦାୟିତ୍ୱରେ ଜଣେ ଜଣେ  ବିଷୋୟୀଙ୍କୁ ରଖାଯାଇଥିଲା । ଗିରିଦୁର୍ଗ ଗୁଡିକର ନାମ ଥିଲା ରାୟଗଡ, କୁମୁଳସିଙ୍ଗି, ଜିରାଙ୍ଗ, କଇଁପୁର, ଗୁମ୍ମା, ଗାଇବା, ସେରଙ୍ଗ, ଅଜୟଗଡ, ନାରାୟଣପୁର, ନମନାଗଡ, ଗଣ୍ଡାହାତୀ ଓ ଲାବଣ୍ୟଗଡ । ୧୯୩୬ ପୂର୍ବରୁ ପାରଳାଖେମୁଣ୍ଡି ରାଜ୍ୟରେ ଚବିଶି ଗୋଟି ଦୋରାତା ନାମ ଥିଲା ଯାହାର ମୁଖ୍ୟ ଜଣେ ଜଣେ ଦୋରା ଏବଂ ଅଠଚାଳଶି ଗୋଟି ମଖସା ଥିଲା । ମଖସାର ଦାୟିତ୍ୱରେ ମଖସାଦାର ଥିଲେ । ପାରଳା ରାଜ କଚିରୀରେ ବହୁ ସଂଖ୍ୟକ ପାଇକ ନିଯୁକ୍ତି ଥିଲେ । ପାଇକ ମାନଙ୍କୁ ରାଜ୍ୟ ସୁରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା ଓ ରାଜସ୍ୱ ପ୍ରଶାସନିକ କାର୍ଯ୍ୟରେ ଉପଯୋଗ କରାଯାଉଥିଲା । ପାଇକମାନେ ଥିଲେ ବଳଶାଳୀ, ସାହସୀ ଏବଂ ପ୍ରଭୁ ଭକ୍ତ । ଏମାନେ ବାରୁଦଖୁନ୍ଦା ବନ୍ଧୁକ, ଖଣ୍ଡା, କଟୁରୀ, ଟାଙ୍ଗିଆ, ଛୁରୀ ଓ ଲାଠି ଆଦି ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥିଲେ । ଗିରିଦୁର୍ଗ ଇଲାକାରେ ଶବରମାନେ ରହୁଥିଲେ ଏବଂ ସେମାନେ ଧନୁ, ତୀର, ବାରୁଦଖୁନ୍ଦା ବନ୍ଧୁକ ସହ ଅନ୍ୟାନ୍ୟ ମାରଣାସ୍ତ୍ର ବ୍ୟବହାର କରୁଥିଲେ । ଇଂରେଜ ପ୍ରତିରୋଧ ସଂଗ୍ରାମରେ ବିଷୋୟୀ ଓ ଶବର ମାନେ ଅଂଶ ଗ୍ରହଣ କରି ରାଜ୍ୟ ରକ୍ଷା ପ୍ରତି ଉତ୍ସର୍ଗୀକୃତ ଥିଲେ ।

ISSN NO.
2582-208X

୧୪୩୫ରେ ସୂର୍ଯ୍ୟବଂଶୀ ରାଜାମାନଙ୍କ ଅଧିକାରକୁ ପାରଳା ତଥା ଖେମୁଣ୍ଡିର ଗଜପତିମାନେ ସ୍ୱୀକାର ନକରିବାରୁ ଏକାଧିକବାର ସଂଘର୍ଷର ସୂତ୍ରପାତ ହୋଇଥିଲା । ପ୍ରଥମ ସଂଘର୍ଷ କପିଳେନ୍ଦ୍ର ଦେବଙ୍କ ସହ ଖେମୁଣ୍ଡିର ଗଜପତି ମଧୁକର୍ଣ୍ଣଭାନୁଙ୍କର ୧୪୧୮-୧୪୪୧ ପର୍ଯ୍ୟନ୍ତ ହୋଇଥିଲା । କପିଳେନ୍ଦ୍ର ଦେବ ପରାଜିତ ହୋଇ ପ୍ରତ୍ୟାଗମନ କରିଥିଲେ । କପିଳେନ୍ଦ୍ର ଦେବଙ୍କ ସହ ଖେମୁଣ୍ଡିର ଗଜପତି ମୃତ୍ୟୁଞ୍ଜୟ ଭାନୁଙ୍କର ଦ୍ୱିତୀୟ ସଂଘର୍ଷ ୧୪୪୧ - ୧୪୬୭ ପର୍ଯ୍ୟନ୍ତ ଲାଗିଥିଲା । ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସନ୍ଧି ହେବା ଫଳରେ ଉଭୟେ ଉଭୟଙ୍କୁ ସାହାଯ୍ୟ କରିବାର ଅଙ୍ଗୀକାର କରିଥିଲେ । ମାଧବସୁନ୍ଦର ଗଜପତି ଭାନୁଦେବ ୧୪୬୭ ରୁ ୧୪୯୫ ମଧ୍ୟରେ ଖେମୁଣ୍ଡିର ସିଂହାସନ ଆରୋହଣ କରିବା ପରେ କଳିଙ୍ଗର କେତେକ ଅଞ୍ଚଳ ନିଜ ଅଧିକାରକୁ ନେଇଯିବାରୁ ଓଡ଼ିଶାର ଅନ୍ୟାନ୍ୟ ଗଜପତି ମାନଙ୍କ ସହ ତାଙ୍କର ବିବାଦ ଉପୁଜିଥିଲା । ଫଳରେ ସେ ବିଶାଳ ସେନାବାହିନୀ ସହ ଗଜପତି ପୁରୁଷୋତ୍ତମ ଦେବଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ଶେଷରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇଥିଲା ।

ମୋଗଲ ଶାସନ ବେଳେ ପାରଳାଖେମୁଣ୍ଡି ରାଜା ମାନଙ୍କର ମୋଗଲ ବାଦଶାହଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା । ମରହଟ୍ଟା ଆଧିପତ୍ୟରୁ ଜଗନ୍ନାଥ ମନ୍ଦିରକୁ ମୁକ୍ତ କରିବା ପାଇଁ ରାଜା ଜଗନ୍ନାଥ ନାରାୟଣ ଦେବ ତତ୍କାଳୀନ ଖୋର୍ଦ୍ଧା ରାଜା ବୀରକେଶରୀ ଦେବଙ୍କୁ ପତ୍ର ଲେଖି ତାଙ୍କ ସହାୟତା ଲୋଡ଼ିଥିଲେ । ସେ ଅସମ୍ମତ ହେବାରୁ କ୍ଷୁବ୍ଧ ଜଗନ୍ନାଥ ନାରାୟଣ ଦେବ ଖୋର୍ଦ୍ଧା ଆକ୍ରମଣ କରି ବୀରକିଶୋର ଦେବଙ୍କୁ ପରାଜିତ କରି ଜଗନ୍ନାଥ ମନ୍ଦିରକୁ ନିଜ ଦଖଲକୁ ନେଇ ଆସିଥିଲେ । ପାରଳାଖେମୁଣ୍ଡି ରାଜା ନିଜକୁ ସାର୍ବଭୌମ ନରପତି ଜ୍ଞାନ କରି ମୋଗଲ ବାଦଶାହଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିଥିଲେ ସୁଦ୍ଧା ମୋଗଲ ପ୍ରଶାସକ ମାନଙ୍କ ଉତ୍ପୀଡନରୁ ଜମିଦାରଙ୍କୁ ସୁରକ୍ଷା ଦେଇଥିଲେ । ଖଲ୍ଲିକୋଟର ଜମିଦାର ମୋଗଲ ଶାସକଙ୍କ ବିନାନୁମତିରେ ଦୁର୍ଗ ନିର୍ମାଣ କରିବା ହେତୁ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିଥିଲା । ପାରଳା ରାଜା ଜଗନ୍ନାଥ ନାରାୟଣ ଦେବଙ୍କ ହସ୍ତକ୍ଷେପ ଯୋଗୁଁ ଖଲ୍ଲିକୋଟର ଜମିଦାର ମୋଗଲ ଆକ୍ରୋଶରୁ ରକ୍ଷା ପାଇଥିଲେ । ଖୋର୍ଦ୍ଧାରାଜା ବୀରକେଶରୀ ଦେବ ଅନ୍ୟାୟ ଭାବେ ଖଲ୍ଲିକୋଟର ଘୋଡ଼ାବାଡ଼ ତାଲୁକାକୁ ଦଖଲ କରିନେବା ଖବର ପାଇ ପାରଳା ରାଜା ଜଗନ୍ନାଥ ନାରାୟଣ ଦେବ ଆଗେଇ ଆସି ପିତାଙ୍କ ମୃତ୍ୟୁ ଯୋଗୁଁ ପୁତ୍ର ନଳିନାକ୍ଷ ଦେବଙ୍କୁ ଖଲ୍ଲିକୋଟର ରାଜାଭାବେ ପ୍ରତିଷ୍ଠିତ କରାଇଥିଲେ । ଇଂରେଜମାନେ ପାରଳାଖେମୁଣ୍ଡିରେ ୧୭୬୭ରେ ପ୍ରଥମ ପ୍ରତିରୋଧର

ISSN NO.
2582-208X

ସମ୍ମୁଖୀନ ହୋଇ ମାଦ୍ରାଜ ଫେରି ପାଇଥିଲେ । ବାସ୍ତବରେ ୧୫୭୧ ପୂର୍ବରୁ ପାରଳାଖେମୁଣ୍ଡି ଓଡ଼ିଶାରେ ଥିଲା । ଏପ୍ରିଲ ୧୯୩୬ରେ ପୁନଶ୍ଚ ଓଡ଼ିଶାରେ ମିଶି ୧୯୪୭ ରେ ଦେଶ ସ୍ୱାଧୀନ ହେଲା । ଭାରତର ସ୍ୱାଧିନତାର ଇତିହାସରେ ପାରଳାଖେମୁଣ୍ଡିରେ ୧୭୬୭ରେ ସଂଘଟିତ ଇଂରେଜ ପ୍ରତିରୋଧ ଓ ତତଃପରବର୍ତ୍ତୀ କାଳର ସମସ୍ତ ପ୍ରତିରୋଧ ଓଡ଼ିଶାରେ ସଂଘଟିତ ଘଟଣା ଭାବେ ବିବେଚିତ ହେବାରେ କୌଣସି ପ୍ରଶ୍ନ ଥାଇନପାରେ ।

ପାରଳାଖେମୁଣ୍ଡି ରାଜ୍ୟ ନିଜର ସ୍ୱାଧୀନତା ରକ୍ଷା ପାଇଁ ଯେଉଁ ଲଢେଇ ଆରମ୍ଭ କରିଥିଲା ୧୭୬୭ରେ, ତାହା ପ୍ରତିରୋଧ/ବିଦ୍ରୋହର ରୂପ ନେଇଥିଲା । ସୁଦୀର୍ଘ ୬୭ ବର୍ଷ ପର୍ଯ୍ୟନ୍ତ ଇଂରେଜଙ୍କ ସହ ଲଢେଇ ଲାଗି  ରହିଥିଲା । ଶେଷରେ ରାଜଶକ୍ତି ଦୁର୍ବଳ ହୋଇଯିବା ପରେ ଗଣ ସଂଗ୍ରାମର ରୂପ ନେଇଥିଲା । ପାରଳାଖେମୁଣ୍ଡିର ଅନେକେ ଆନ୍ଦୋଳନ କରିବାକୁ ଯାଇ ଫାଶୀ ଓ କଳାପାଣି ଦଣ୍ଡ ପାଇଛନ୍ତି । ୧୮ ଜଣ ଫାଶୀ ପାଇଥିବା ବେଳେ ୧୦୩ ଜଣ ବନ୍ଦୀ ଜୀବନ ବିତାଇଛନ୍ତି ଓ ୨୫ ଜଣ କଳାପାଣି ଦଣ୍ଡ ଭୋଗିଛନ୍ତି । ଏଣୁ ବାସ୍ତବରେ ଯଦି ରକ୍ତତୀର୍ଥ କୁହାଯିବାର ଆବଶ୍ୟକ ଥାଏ, ତାହାହେଲେ ପ୍ରକୃତ ରକ୍ତତୀର୍ଥ ହେଉଛି ପାରଳାଖେମୁଣ୍ଡି । ଶହୀଦଙ୍କ ଜାଗିରି ସେମାନଙ୍କ ଅବର୍ତ୍ତମାନରେ ସେମାନଙ୍କ ପରିବାରଠାରୁ ଛଡାଇ ନିଆଯାଇଛି । ଇଂରେଜ ପ୍ରତିରୋଧ ସଂଗ୍ରାମରେ ପାରଳାର ବୀରତ୍ୱର ଗାଥା ପ୍ରଚାର ଅଭାବରେ ତା'ର ଯଥାର୍ଥ ସ୍ଥାନ ନପାଇବା ଏକ ବିଡମ୍ବନା । ପାରଳାଖେମୁଣ୍ଡିର ଇଂରେଜ ପ୍ରତିରୋଧ ସଂଗ୍ରାମକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କହିବା ନ୍ୟାୟୋଚିତ ହେବ କାରଣ ଏହା ଏକ ନିରାଟ ସତ୍ୟ ଘଟନା । ଯଥାର୍ଥରେ ଭାରତର ସ୍ୱାଧୀନତା ସଂଗ୍ରାମକୁ ପାରଳାଖେମୁଣ୍ଡିର ଯଥେଷ୍ଟ ଅବଦାନ ଥାଇ ସୁଦ୍ଧା ଅନାଲୋଡିତ ଓ ଅଚର୍ଚ୍ଚିତ ଅବସ୍ଥାରେ ବଣମଲ୍ଲୀ ଭଳି ପ୍ରସଙ୍ଗଟା ଲୋକାନ୍ତରକୁ ଚାଲିଯାଇଛି ଯାହା ଭାରତ ସରକାରଙ୍କ ଦ୍ୱାରା ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସକୁ ନେଇ ପୁନଃ ଏକ ପୁସ୍ତକ ଲେଖାଯାଇ ସେଥିରେ ଏ ପ୍ରସଙ୍ଗକୁ ସ୍ଥାନିତ କଲେ ପ୍ରକୃତ ନ୍ୟାୟ ମିଳିବା ସହ ଉକ୍ତ ପ୍ରସଙ୍ଗ ଲୋକଲୋଚନକୁ ଆସିପାରିବ । ଫଳରେ ଖାଲି ପାରଳାବାସୀଙ୍କ ନୁହଁ ଓଡ଼ିଶା ତଥା ସମଗ୍ର ଭାରତବାସୀଙ୍କ ଟେକ ରହିବ ଓ ଭାରତର ବୀରତ୍ୱର ଗାଥା ପୁନଃ ପ୍ରମାଣିତ ହେବ ।

ଗଜପତି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କିଛି ପାଇକ ଅଛନ୍ତି । ପ୍ରତିବର୍ଷ ଦୁର୍ଗାଷ୍ଟମୀ ଓ ନବମୀ ତିଥିରେ, ସେହି ପାଇକ ମାନେ ବୀରତ୍ୱର ନିଦର୍ଶନ ସ୍ୱରୂପ ବଡବଡ ଖଣ୍ଡା, ଢାଲ ଏବଂ

ISSN NO.
2582-208X

ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଧରି ପଟୁଆରରେ ବାହାରି ସାହିସାହି ବୁଲି ନାନାପ୍ରକାର ସମରକଳା ପ୍ରଦର୍ଶନ କରନ୍ତି ଯାହା ଖୁବ ଆକର୍ଷଣୀୟ । ଏସବୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ହୁଏ । ସେହି ସମୟରେ ବାହାରୁ ଯିଏ କେହି ଆସିଲେ ସେ ସମୟର ଯୁଦ୍ଧ କଳାକୌଶଳ ଗୁଡିକ ଦେଖିପାରିବ । ଏବେ ସୁଦ୍ଧା ଏସବୁର ପ୍ରମାଣ ଏବଂ ନିଦର୍ଶନ ରହିଛି । ଏହି ପଟୁଆରକୁ ସ୍ଥାନୀୟ ଲୋକେ ଖଣ୍ଡା ସାଧନର ପଟୁଆର ବାହାରିଛି ବୋଲି କହନ୍ତି । ଏଣୁ ଭାରତର ସ୍ୱାଧିନତାର ଇତିହାସରେ ବାସ୍ତବରେ ଗଜପତି ତଥା ଅବିଭକ୍ତ ଗଞ୍ଜାମ ଜିଲ୍ଲାର ଯଥେଷ୍ଟ ଅବଦାନ ରହିଛି । ପାରଳାଖେମୁଣ୍ଡିର ପ୍ରତିରୋଧ ସଂଗ୍ରାମକୁ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ସ୍ୱୀକୃତି ଦେବା ନିମନ୍ତେ ଇତିମଧ୍ୟେ ସ୍ଥାନୀୟ ବୁଦ୍ଧିଜୀବିଙ୍କ ତରଫରୁ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଏହି ମାନ୍ୟତା ଦେବା ବା ନଦେବା ନିର୍ଭର କରୁଛି ଓଡ଼ିଶାର ସମସ୍ତ ଜନପ୍ରତିନିଧିଙ୍କ ଆନ୍ତରିକ ଉଦ୍ୟମ ତଥା ଭାରତ ସରକାରଙ୍କର ସଦିଚ୍ଛା ଉପରେ । ଏଣୁ ଆମର ପ୍ରିୟ ରାଜ୍ୟ ସରକାର,ସେହି ଲଢୁଆ ବୀର ପାଇକଙ୍କ ସ୍ମ□ତି ଉଦ୍ଦେଶ୍ୟରେ "ପାଇକ ଦିବସ" ପାଳନ କରିବା ଉଚିତ ହେବ । ସେହି ପାଇକ ଦିବସରେ ରାଜ୍ୟସାରା ପାଇକଙ୍କ ଉପରେ କୁଇଜ୍, ବକ୍ତୃତା, ଚିତ୍ର ପ୍ରଦର୍ଶନୀ, ପ୍ରବନ୍ଧ ଆଦି ପ୍ରତିଯୋଗିତାର ଆୟୋଜନ କରି ନୂତନ ଯୁବପୀଢିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଯୁକ୍ତି ସଙ୍ଗତ ହେବ । ପାରଳାର ବୀର ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଶାସନିକ ସହଯୋଗିତା ମାଧ୍ୟମରେ "ଶହୀଦ ସ୍ମୃତି ସ୍ତମ୍ଭ" ଟିଏ ନିର୍ମାଣ କରିବା ଉଚିତ ପଦକ୍ଷେପ ହେବ ।

ସହାୟକ ଗ୍ରନ୍ଥ ସୂଚୀ – ପୂର୍ଣ୍ଣଚନ୍ଦ୍ର ମହାପାତ୍ର "ପାରଳାର ଲଲାମ" ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ପ୍ରକାଶକ : ସିଦ୍ଧାନ୍ତ, ପାରଳାଖେମୁଣ୍ଡି ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା – ଗଜପତି/ ଚଳଭାଷ:୭୫୦୧୭୫୨୪୨୮

ISSN NO.
2582-208X

# ବର୍ଷାସ୍ନାତ ମହାନଗରୀ



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ଆଜିକାଲି ଉନ୍ମୁଖ, ଅବିନ୍ୟସ୍ତ ହୋଇ   ଉଜୁଡ଼ି ପଡୁଛି ସ୍ୱପ୍ନର ସହର ---
ମାଟିଲଗ୍ନା,  ମାୟାନଗରୀ------
ବର୍ଷାରେ ଭିଜି ଯାଇ....
ମୁଁ ଦେଖୁଛି ତାକୁ
ଚପଳ କୈଶୋର ଭାବ ନେଇ
ଯେଉଁ ବୟସରେ କାଗଜ ଡ଼ଙ୍ଗା
ଧିରେ ଛାଡ଼ିଦେଇ/
ବର୍ଷା ସ୍ରୋତରେ,
ଦୂରକୁ ଯାଇ ମାରୁଥିଲି ତାଳି,
ଆଉ କହୁଥିଲି
ଯାରେ ଯାଆ ମୋ  ସଖି ପାଶେ
କହିବୁ ତାକୁ ମୁଁ ଖୋଜୁଛି କେତେ
ଆ ମୋ ସେଥିରେ ଆ
ଛିଟି ପଡୁଛି ବର୍ଷା ଠୋପା
ରିମଝିମ୍ ସୁରେ ତାଳ ଦେଇ
ମୋ ଝରକା ର ରେଲିଂ ଦେଇ
ମୁହଁରେ ଛିଟା ମାରି,
ଠୋ ଠା ହସିଦେଇ
ଯୁଆଡ଼େ ଆଖି ପହଁରୁଛି

ISSN NO.
2582-208X

ସେଠି ଖାଲି ଧୂଆଁଳିଆ ମେଘସ୍ନାତ ମୂର୍ଚ୍ଛନା
ଆକାଶର ଅଗଣାରେ
ଚାଲିଛି ସଜବାଜ_
ଛାଇ ଭଳି ମାଡ଼ି ବସି ଛି
ସନ୍ଧ୍ୟାର ବାଦଲ
ଶୁଣିବାକୁ ବର୍ଷାର ଗଜଲ !
ସ୍ୱପ୍ନିଳ ଆକାଶରୁ ଖସିଆସେ ମୁଁ
ମୂର୍ଚ୍ଛନା ଶୁଣି
କିଏ ସେ ? ?
କାହାର ମୂର୍ଚ୍ଛନା ? ?
ନୁହେଁ ତ ମୋର ଅନ୍ତସ୍ୱର!!
ପଡୋଶୀ ଘରୁ ଭାସି ଆସୁଥାଏ
ସଙ୍ଗୀତର କଲ୍ଲୋଳ ,
କେହି ଜଣେ ଗାଉଥାଏ......
ରିମଝିମ୍ ଗିରେ ସାୱନ୍..........
ସୁଲଗ ସୁ ଲଗ ଯା ୟେ ମନ୍.....
ଇ ଏ ସେଇ ମାୟା ନଗରୀ!
ଅଛି ଏଠି ପ୍ରେମ.....
ଅଛି ଏଠି ବିରହ....
ଅଛି ଏଠି ସମ୍ମୋହନ.....
ସବୁ ଏଠି ଚିତ୍ରିତ
ପ୍ରଜାପତି ର ଖେଳ....

ଜାମସେଦପୁର

ISSN NO.
2582-208X

# ଲାଞ୍ଚ



ରାଧାମୋହନ ପୂଜାହାରୀ

ଶବ୍ଦଟି ଶୁଣିବାକୁ ଯେତିକି ମଧୁର ସେତିକି ବିକୃତ
ନେଲାବାଲାଙ୍କ ପାଇଁ ଏହା ଏକ ମିଠା ଅନୁଭବ,
ଦେଲାବାଲାଙ୍କ ପାଇଁ ଏହା ଏକ କଷ୍ଟସାଧ୍ୟ ବ୍ୟାପାର ।
ସେ ନେଲାବାଲା ଲୋକଟା ସତରେ କେତେ ମହାନ୍ !
ଯିଏ ବୁଝିପାରେନି ଦେଲାବାଲାର ଅସହ୍ୟ ପରିସ୍ଥିତି,
ବୁଝିପାରେନି ତା' ମଜବୁରୀ, ତା' ମାନସିକ କଷ୍ଟ,
ତା' ଲାଚାରପଣ...
କାମ କରିଦେବାର ବାହାନା ଦେଖାଇ ଲୁଟି ଚାଲେ
ସେହି ସରଳ, ନିରୀହ, ଗରୀବ ଲୋକଙ୍କୁ...
ଖେଳିଚାଲେ ସେମାନଙ୍କ ମାନସିକତା ସହିତ ।
ଦେଲାବାଲା ବି କମ୍ ନୁହଁନ୍ତି !
ହଁ, କାମ ହେଇଯିବା ଆଶାରେ ବାଧ୍ୟବାଧକତାରେ
ଦେଇଚାଲନ୍ତି ସେମାନେ...
କେବେ ଗହଣାଗାଣ୍ଠି -ଜମିବାଡ଼ି ବିକ୍ରିକରି,
ତ ପୁଣି କେବେ ସେଗୁଡ଼ିକୁ
ଅନ୍ୟ ଲୋକଙ୍କ ପାଖରେ ବନ୍ଧକ ପକାଇ ।
ଆଉ କିଛି ଦେଲାବାଲା ତ ଏତେ ମହାନ୍ ଯେ,
ସେମାନେ ନିଜର ପାରିବାପଣିଆ ର ପରିଚୟ ଦେଇ
କିଛି ଅତିରିକ୍ତ ଅର୍ଥ ଗେଞ୍ଜି ଦିଅନ୍ତି
ତାଙ୍କ ପକେଟ୍‌ରେ ଜୋର୍‌ଜବରଦସ୍ତ

ISSN NO.
2582-208X

ଠିକ୍ କୌଣସି ପଞ୍ଚତାରକା ହୋଟେଲର ୱେଟର୍‌କୁ
ଟିପ୍ସ ଦେଲା ଭଳି ।

ଏମିତି ଘଟଣା ମୋ ଦେଶରେ କେଉଁ ନୂଆ କଥା ଯେ...
ଏହା ଆମ ସଭ୍ୟ ସମାଜର ଗୋଟେ ପୁରୁଣା ପରମ୍ପରା
ଯାହା ଚାଲିଆସୁଛି କାହିଁ କେଉଁ ଅନାଦି କାଳରୁ...
ଡାକ୍ତରଖାନା ହେଉ ଅବା ଶିକ୍ଷାନୁଷ୍ଠାନ
ଚାକିରୀ କ୍ଷେତ୍ରରେ ହେଉ ଧର୍ମାନୁଷ୍ଠାନ
ଆଜି ସବୁଠି ଏହାର ବୋଲବାଲା ଚାଲିଛି...
ସବୁଠି ନେଲାବାଲାଙ୍କ ପାଇଁ ଏହା ଏକ ଅମୋଘ ଅସ୍ତ୍ର
ଯାହାକୁ ସେମାନେ ସ୍ଥାନ-କାଳ-ପାତ୍ର ଦେଖି
ଠିକ୍ ସମୟରେ ହାତେଇ ଥାଆନ୍ତି ।
ବାସ୍ତବରେ ଏହା ବହୁରୂପୀ
କେଉଁଠି ପିସି, କେଉଁଠି ଡୋନେସନ୍ ତ କେଉଁଠି ଗିଫ୍ଟ,
କେବେ ସେବା, କେବେ ଚା-ପାଣି ଖର୍ଚ୍ଚ
ତ କେବେ ପୁଣି ଟିପ୍ସ ।

ବିଡ଼ମ୍ବନାର ବିଷୟ ଯେ, ଆଜି ଆମେ ସମସ୍ତେ
ଏହି କଳୁଷିତ ଶବ୍ଦ ସହିତ ଆଙ୍ଗାଙ୍ଗୀଭାବେ ଜଡ଼ିତ,
ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ହେଉ...
ଯାହା ରାଷ୍ଟ୍ରର ନବ-ନିର୍ମାଣର ଅନ୍ତରାୟ ସୃଷ୍ଟି କରୁଛି,
ଯାହା ରାଷ୍ଟ୍ରର ଅର୍ଥନୈତିକ ପ୍ରଗତିରେ ପ୍ରତିବନ୍ଧକ ସାଜୁଛି,
ଯାହା ଭ୍ରଷ୍ଟାଚାର ଭଳି ଗୋଟେ
ସାମାଜିକ କଳଙ୍କକୁ ଜନ୍ମ ଦେଉଛି,
ଆଜି ପ୍ରତିଟି କ୍ଷେତ୍ରରେ ତା'କୁ ଆପଣେଇବାରେ
ଆମେ ସମସ୍ତେ ସିଦ୍ଧହସ୍ତ...
ଆମେ ସମସ୍ତେ ଅଭ୍ୟସ୍ତ...

ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

ISSN NO.
2582-208X

# ବୀର ଯବାନ



ସ୍ମୃତି ରେଖା ନାୟକ

ଧନ୍ୟ ହେ ତୁମେ ବୀର ଯବାନ
ଧନ୍ୟ ତୁମର ସେ ଜୀବନ,
ଧନ୍ୟ ତୁମର ପିତା, ମାତା ଆଉ
ଧନ୍ୟ ତୁମର ଜନ୍ମସ୍ଥାନ ।
ଦେଶ ମାତୃକା କୁ ସୁରକ୍ଷା ଦେବାକୁ
ତ୍ୟାଗ କର ନିଜ ଜୀବନ,
ଭାରତ ମାଆ ର ବୀର ପୁତ୍ର ତୁମେ
ଧନ୍ୟ ତୁମେ ବୀର ଯବାନ ।
ନିଜ ପରିବାର ଭୁଲିଯାଇ
ଦେଶ ସେବାରେ ଉତ୍ସର୍ଗ କର ପ୍ରାଣ,
ଆମ ଏ ଦେଶର ସମ୍ମାନ ତୁମେ
ଧନ୍ୟ ତୁମେ ବୀର ଯବାନ ।
ଖରା, ବର୍ଷା,ଶୀତ ଖ୍ୟାତିର ନକରି
ସୀମାନ୍ତେ ପ୍ରହରୀ ସାଜିଛ,
ଆମେ ସୁଖ ନିଦେ ଶୋଇବୁ ବୋଲି
ତୁମେ ନିଜ ନିଦ କୁ ହଜେଇ ଦେଇଛ ।

ISSN NO.
2582-208X

ମରଣ କୁ ବରଣ କରି ତୁମେ
ଗୁଳି ଆଗରେ ଛାତି ପତେଇଛ
ଦେଶ କୁ ସୁରକ୍ଷା ଦେବାପାଇଁ ତୁମେ
ହସି ହସି କି ପରାଣ ଦେଇଛ ।
ତୁମେ ଏ ଦେଶର  ଗର୍ବ,ଗୌରବ
ତୁମେ ଏ ଦେଶ ର ସମ୍ମାନ,
କୋଟି କୋଟି ପ୍ରଣାମ ଜଣାଏ ତୁମକୁ
ଧନ୍ୟ ତୁମେ ବୀର ଯବାନ ।

ତୋର୍, ଆଦର୍ଶ ପଡା, ବରଗଡ଼

ISSN NO.
2582-208X

# ପାପ ପଞ୍ଜୁରୀ ରେ ପୂଣ୍ୟ ଶାରୀ



ସୁଶ୍ରୀ ଶୁଭସ୍ମିତା ମହାନ୍ତ

ପାପ ପଞ୍ଜୁରୀ ରେ ପୂଣ୍ୟ ର ଶାରୀ ଯେ
ହେଉଅଛି ଛଟପଟ,
ଆହେ ଚକା ଆଖି ଶୁଣ ବାରେ ଦୁଃଖ
ଖୋଲିଦିଅ ମୁକ୍ତି ବାଟ ।

ଜୀବନ ରେ କେବେ ପାଇନାହିଁ ସୁଖ
ଭୋଗିଛି ବହୁ ଯନ୍ତ୍ରଣା,
ଦୁନିଆ ଭିତରେ ହଜି ମୁଁ ଯାଇଛି
ଖୋଜି ପର ଓ ଆପଣା ।

ମୋହ, ମାୟାରେ ଯେ ଛନ୍ଦି ମୁଁ ହୋଇଛି
ଚାରିପାଖ ଅନ୍ଧକାର,
ପାପ ଅନ୍ଧାର ରୁ ପୂଣ୍ୟ ଆଲୋକ କୁ
ପ୍ରଭୁ ତୁମେ ପାରି କର ।

ଲୋଡ଼ା ନାହିଁ ଆଉ ଏପରି ଜୀବନ
ହୋଇଅଛି ମୁଁ ଯେ ବନ୍ଦୀ,
ଦିବା ଠାରୁ ନିଶି ବିତଇ ମୋହର
ହସ ମୁଖେ କାନ୍ଦି କାନ୍ଦି ।

ISSN NO.
2582-208X

ଦୁଃଖ ଦରିଆ ରେ ସାଜି ମୁଁ ନାଉରୀ
ମନ କୁ ଆହୁଲା କରି,
ପାଏ ନାହିଁ ମୁଁ ଯେ ଥଳ କୂଳ କିଛି
ପ୍ରଭୁ କରିନିଅ ପାରି।

ଅଧର୍ମ ସଂସାରେ ରହିବାକୁ ପ୍ରଭୁ
ତିଳେ ହେଲେ ଇଛା ନାହିଁ,
ପାପ ପଞ୍ଜୁରୀ ରୁ କରିଦିଅ ମୁକ୍ତ
ଆହେ ବ୍ରହ୍ମାଣ୍ଡ ଗୋସେଇଁ।

ନବରଙ୍ଗପୁର

ISSN NO.
2582-208X

# ଏଣ୍ଟୁଅ



ଆଶୁତୋଷ ମେହେର

ନିଜର ମୁହଁ ଦେଖିବାପାଇଁ..ଯାହାକୁ ଦର୍ପଣ ଭାବି ତା ଆଗରେ ସେ ଠିଆ ହେଲା, ସେଇଟା ଦର୍ପଣ ନ ଥିଲା, ଥିଲା ଗୋଟାଏ ସ୍ୱଚ୍ଛ ପାରଦର୍ଶୀ କାଚର ବଡ ଝରକାଟିଏ, ସହରର ସବୁଠୁଁ ବଡ ଇନ୍ଦ୍ରଧନୁ ମଲ୍ ଦୋକାନ ଘର ର । ଝରକା ଦେଇ ଆର ପଟରେ ଘଟୁଥିବା ଘଟଣା ସବୁ, ତାକୁ ଫଟିକ୍ ଦେଖାଯାଉଥିଲା। ଆରପଟରେ ହାଉଯାଉ ହେଉଥିଲେ କିଛି ମଣିଷ, କଣ ସବୁ ଜିନିଷ ପତ୍ର କିଣିଥୁଲେ। କିଛ ଲୋକ ତାଙ୍କ ଭିତରୁ, ଜିନିଷ ପତ୍ରକୁ ହାତକୁ ନେଉଥିଲେ, ପରଖୁଥିଲେ ଆଉ ରଖିଦେଉଥିଲେ.. ଦରକାର ହେବନି ବୋଲି ଭାବି ।

ଏ ସଂସାରର ମଣିଷ ଗୁଡା ଏଇମିତି। ନିଜ ଦରକାରି ଜିନିଷ କିଣନ୍ତି..ତାକୁ ଇସ୍ତମାଲ୍ କରନ୍ତି..... ତା ପରେ ଡଷ୍ଟବିନ୍ ରେ ଫିଙ୍ଗନ୍ତି। ଏ ସଂସାର ଅଧିକାଂଶ ମଣିଷ ଏଇମିତି ସ୍ୱାର୍ଥପର....ନିଜ ମତଲବ ସରିଲେ ମୁହଁ ମୋଡନ୍ତି । ଛାଡ ସେ କଥା। ସେ ନିଜେ ତ ଭୁକ୍ତଭୋଗୀ, କାହାକୁ ପଚାରିବା କଣ ଦରକାର ??

ମାଖନୁ ଦେଖିଲା ତା ପଟକୁ ପୋଲିସ୍ କନେଷ୍ଟବଲ ଜଣକ ଆସୁଛନ୍ତି ବୋଧେ। ମୁହଁ ମୋଡି କାଚଝରକାର ପଛପଟ କୋଣକୁ ବୁଲିଗଲା। ସନ୍ଦେହ, ତାକୁ ପୋଲିସ୍ ଖୋଜିବା ଆରମ୍ଭ କରିଦେଇଛି ? ହୋଇପାରେ ନହୋଇପାରେ ମଧ୍ୟ ।

କନେଷ୍ଟବଲ ଟା ସିଧା ଚାଲିଗଲା। ସପିଂମଲରେ ସବୁ ଦିନିଆଁ ସଂଧ୍ୟାକାଳୀନ ଡ୍ୟୁଟିରେ ଅଛି ଯାହା ଜଣାପଡୁଛି । ଟିକିଏ ସହଜ ହୋଇ ନିଜକୁ ସଳଖାଇଲା ମାଖନୁ।

ISSN NO.
2582-208X

ଦୁଇପହର ଖାନାକୁ ତିନି ଚାରି ଘଣ୍ଟା ବିତିଲାଣି। ପେଟରେ ସାମାନ୍ୟ ଭୋକ ରୁଗ୍ ରୁଗ୍ କଲାଣି। ଆଗ ପଟେ ଥିବା ଫାଷ୍ଟଫୁଡ୍ ଦୋକାନକୁ ପଶି, ଗୋଟାଏ ଖାଲି ଟେବୁଲ ରେ ବସି, ବୟକୁ ଆର୍ଡର କଲା ଅଧପ୍ଲେଟ୍ ଭେଜ୍ ଚାଉମିନ ଆଉ ଗରମ୍ ଗରମ୍ କଫି ଆଣିବାକୁ।

ଆଖି ପଡିଲା ସାମ୍ନା କାନ୍ଥରେ ଥିବା ଟେଲିଭିଜନରେ ଚାଲିଛି ସଦ୍ୟ ସରିଥିବା ନିର୍ବାଚନର ଖବର। ସେ କର୍ମୀ ଭାବରେ କାମ କରିଥିବା ସୁଖବାସୀ ଦଳର ହୋଇଛି ବିପୁଳ ବିଜୟ। ତା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଶ୍ରୀ ପରିଚୟ ସାମନ୍ତ ବିଜୟୀ ହୋଇଛନ୍ତି। ଖବର କହୁଛି ଆସନ୍ତା କାଲିର ନୂଆଁ ମନ୍ତ୍ରୀମଣ୍ଡଳରେ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ବି ମିଳିପାରେ ।

ଏଇ ସେ, ସାମନ୍ତ ମହାଶୟଙ୍କ ଯାହାଙ୍କ ପାଇଁ ଗାଁ ଘର ଦ୍ୱାର ଛାଡି ସହରରେ ପଡିରହିଥିଲା ଗତ ଦୁଇତିନି ମାସ ଧରି...ତାଙ୍କ ସପକ୍ଷରେ ପ୍ରଚାର କରିବାକୁ। ପ୍ରାର୍ଥୀ ଚୟନ ଠାରୁ ଦଳର ଟିକଟ ହାସଲ ପାଇଁ....ପ୍ରାର୍ଥୀ ପତ୍ର ଦାଖଲ ବେଳେ ପ୍ରୋସେସନ୍ କରିବା ଆଉ ଗାଁଗଣ୍ଡା ଗଳିକନ୍ଦି ବୁଲିବୁଲି ପ୍ରଚାରରେ ମାତି ତାଙ୍କୁ ଜିତାଇବାର ଖେଳ ସେ ଖେଳିଛି। ଯେଉଁଠି ଯାହା ମିଳୁଥିଲା ସେଇତକ ଖାଇ....ଉପର ତଳ ଯେଉଁଠି ଜାଗା ମାଳିଲା ରାତି ଟା କାଟି ...ଦିନରାତି ସମାନ କରିଥିଲା ସେ ଅନ୍ୟ କର୍ମୀଙ୍କ ସହ। ହେଲେ ନିର୍ବାଚନ ପ୍ରଚାରର ଶେଷ ଦିନରେ ସେ ଯେଉଁ ଭୁଲ କଲା ସେଇଥି ପାଇଁ ତା'ର ଏ ଅବସ୍ଥା । ଫେରାର୍ ଆସାମୀ ପାଲଟିଛି ସେ ଆଜି। ତା' ନାଁ ରେ ପୋଲିସ୍ ର ୱାରେଣ୍ଟ ବାହାରିଛି, ଗିରଫ କରିବା ପାଇଁ!!

ପରେ ପରେ ସେ ବୁଝିପାରିଛି ଭୁଲ ଥିଲା ତା ନିଜରି। ପର ର ଉସକା କଥାରେ ବିନା ଲାଭ କ୍ଷତି ବିଚାରି, ମନ ଉଦ୍ମାଦନାରେ, ଗଣ୍ଡଗୋଳ ସୂତ୍ରପାତ କରିଥିଲେ ତା କର୍ମୀଗୋଷ୍ଠୀ ବିରୋଧୀଙ୍କ ସଭାକାର୍ଯ୍ୟ ଚାଲିଥିଲାବେଳେ। ସେଇ ସୁଯୋଗ ନେଇ ସେ ତଳୁ ଉଠାଇ ଛାଟିଥିଲା ବଡ ପଥର ଗୋଡିଟା ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଯିଏ ଭାଷଣ ଦେଉଥିଲେ ମଞ୍ଚ ଉପରୁ। ମୂହୁର୍ତ୍ତ ଭିତରେ ସେଇଟା ଯାଇ ବାଜିଥିଲା ତାଙ୍କ ନାକ ଉପରେ ଆଉ ଝରିଯାଇଥିଲା ରକ୍ତ ଧାରଧାର। ହୋହଲ୍ଲା ମଚିଯାଇଥିଲା ସବୁଆଡେ। ସୁଯୋଗ ପାଇ ଚୁପଚାପ୍ ଖସିଯାଇଥିଲା ନିଜେ ।

ଗଡବିଜୟ କଲା ପରି ଧାରଣା ନେଇ ନିଜ ପ୍ରାର୍ଥୀଙ୍କ କେମ୍ପରେ ପହଞ୍ଚିଲା ପରେ ବୁଝିଲା, ସେ ଯେମିତି ଏକଦମ୍ ଅଲୋଡା ହୋଇଯାଇଛି, ସତେ ଅବା ଜଣେ ଅଜଣା ଚରିତ୍ର

ISSN NO.
2582-208X

ସମସ୍ତଙ୍କ ଆଖିରେ। ପ୍ରାର୍ଥୀ ଶ୍ରୀ ପରିଚୟ ବାବୁ ବି ନିଜ ଧୋବ୍ ଫରଫର୍ କୁର୍ତ୍ତାରୁ ଧୂଳି ଝାଡିଲା ପରି କହିଥିଲେ....ଖାଲି ହୋହଲ୍ଲା କରି ଗଣ୍ଡଗୋଳ କରି ବିରୋଧୀଙ୍କ ସଭା ଭଣ୍ଡୁର ପାଇଁ ତାଙ୍କ ଆଦେଶ ଥିଲା... ପଥର ମାରି କାହା ନାକ ଫଟାଇବାକୁ ନୁହେଁ। ନିର୍ବାଚନ ସମୟ ନିର୍ବାଚନ କମିଶନଙ୍କ ହାତରେ ପୋଲିସ୍ ପାଓ୍ୱାରଫୁଲ୍....ଓ୍ୱାରେଣ୍ଟ ବାହାରି ସାରିଛି। ତା ପରେ ଆଉ ଦୁଇ ଦିନ ପରେ ନିର୍ବାଚନ... ପାଞ୍ଚ ଦିନରେ ଫଳାଫଳ। ତାଙ୍କ ଜିତିବା ସମ୍ଭାବନା ବହୁତ ବେଶୀ। ସେ ରିକ୍ସ୍ ନେଇ ପାରିବେନି ଏ ସମୟରେ। ପୋଲିସ ଉପରେ ତା ପାଇଁ ଚାପ ଦେଇପାରିବେନି। ତେଣୁ, ତାଙ୍କ କେମ୍ପ ଯଥାଶୀଘ୍ର ଛାଡି ନିଜର ସୁରକ୍ଷା ବ୍ୟବସ୍ଥା ନିଜେ କରୁ। ଫୋରାର୍ ରହୁ ଆସନ୍ତା ମାସଟେ। ସରକାର ବନିଲା ପରେ ଯାହାକିଛି ଦେଖିବା ।

ଆଉ ସେ ପରିପେକ୍ଷୀରେ..ଧୋକାଖାଇ ପ୍ରତାରିତ ହୋଇ ଏଇ ସାତ ଆଠ ଦିନ ହେଲା ସେ ଘୁରିବୁଲୁଛି ବାରଦ୍ୱାର ଶୁଣ୍ଢୀପିଣ୍ଡା ହୋଇ । ଆଉ ଏବେ ବସିଛି ମଲ୍ ର ଫାଷ୍ଟଫୁଡ୍ ଦୋକାନରେ ପେଟର ଭୋକ ମେଟାଇବାକୁ ।

..."·ସାର୍ ଆପଣଙ୍କ ଭେଜ୍ ଚାଉମିନ୍...ଖାଇ ନିଅନ୍ତୁ। ଟିକେ ଛାଡିକିନା କଫି ଆଣିଦେବି। ଗରମ ଗରମ ଭଲ ଲାଗିବ....ଏଇ ଯେମିତି ଗରମା ଗରମ ନ୍ୟୁଜ୍ ଆସୁଛି ଏଇ ଟେଲିଭିଜନ୍ ରୁ। ହେଲେ ଆଉ ପଦେ କଥା କହିବି ଯଦି ଅନୁମତି ଦେବେ।"

ପାଟିରେ ପ୍ରଥମ ଚାମଚ ଚାଉମିନ୍ ପୁରାଉ ପୁରାଉ ସେ କହିଲା...." ହଉ...କହ"

"..."·ଆଜ୍ଞା, ଏ ନିର୍ବାଚନ ଲଢୁଥିବା ଲୋକ ଗୁଡାକ ନିଜକୁ ନେତା ବୋଲି କହନ୍ତି ସିନା, ହେଲେ ମୋଟ ଭଲ ମଣିଷ ନୁହନ୍ତି।"

"....କେମିତି ?"

...." ଏଇ ଦୁଇମାସ ତଳେ ମୋର ଗୋଟେ ସାଙ୍ଗ ଡାକିକରି କହିଲା, ଏ ହୋଟେଲ ଚାକିରୀ ଛାଡି ମୋ ସାଙ୍ଗରେ ଆସ..ଏବେ ନିର୍ବାଚନ ସମୟ....ପାର୍ଟିବାଲାଙ୍କ କର୍ମୀକାମ କରିବା। ଦିନକୁ ପାଞ୍ଚଶହ ଟଙ୍କା ସହ ଗାଡି ପାଇଁ ପେଟ୍ରୋଲ୍, ଖାଇବା ପିଇବା ଯାହାକୁ ଯେତେ ମୁଫତ୍। ହେଲେ ମୁଁ ତାକୁ ମନା କରି କହିଲି ଏ ହୋଟେଲରେ ଦିନକୁ ଶହେ ଟଙ୍କା ସହ ଖାଇବା ରହିବା ଫ୍ରି....ଶାନ୍ତିରେ ଅଛି। ନିଜ ପରିଶ୍ରମର ଫଳ ବହୁତ ମିଠା ଓ ମୂଲ୍ୟବାନ

ISSN NO.
2582-208X

...ପରର ବେଶୀ ଦାମି ଦୟା ଠାରୁ। ତା ପରେ ଗତ ପାଞ୍ଚ ବର୍ଷ ତଳେ ନିର୍ବାଚନରେ କର୍ମୀ କାମ କରି ପ୍ରତାରିତ ହୋଇ ମୋ ବଡଭାଇ ପୋଲିସ୍ ର ମାଡ ଖାଇଲା ଆଉ ଜେଲରେ ଦୁଇ ବର୍ଷ ରହି ଘରକୁ ଫେରିଥିଲା। ବଡ କଷ୍ଟକର ଦୁଃଖଦ ଅନୁଭୂତି ଆମ ପରିବାରରେ ଅଛି ଆଜ୍ଞା।"

ଚକିତ ହୋଇ ସବୁ ଶୁଣୁଥିଲା ମାଖନୁ ଭୋଇ।

....."ଆପଣ ଖାଆନ୍ତୁ ଆଜ୍ଞା। ମୋ କଥା ଶୁଣି ଚାମଚ ଧରି ହାତ ଚାପି ବସିଗଲେ ଯେ!! ହଉ ଆପଣଙ୍କର କଫି ଆଣୁଛି ମୁଁ।"

କିଛି ସମୟ ପରେ, କଫି ରଖୁ ରଖୁ ବୟ ପଚାରିଲା, "ଆଉ କିଛି ଦରକାର କି ବିଲ୍ ଆଣିବି, ଆଜ୍ଞା?"

....."ବିଲ୍ ଘେନିଆସ। ହଁ ବିଲରେ କଷ୍ଟମର୍ ନାଁ ଲେଖିବ ....ସଂଗ୍ରାମ ଘଡଙ୍ଗୀ!!"

ବିଲ୍ ଉପରେ ସଂଗ୍ରାମ ଘଡଙ୍ଗୀ ର ନାଁ ଦେଖି ହସିଲା ମାଖନୁ। ଟି ସାର୍ଟ ଗଞ୍ଜି ଭିତରକୁ ହାତ ପୁରାଇଲା...ହାତରେ ବାଜିଲା ପଇତା।

ଉଠିଲା, ଆଗ ବେସିନ୍ ରେ ହାତଧୋଇ ବାହାରକୁ ଯିବ।

ଓ୍ୱାସବେସିନ୍ ର ଦର୍ପଣରେ ନିଜ ମୁହଁ ଦେଖି ହଠାତ୍ ଚମକିଲା ସେ, ଏ କି ବିଚିତ୍ର ପରିବର୍ତ୍ତନ? ଏ କଣ ସେ ନିଜେ..ଗାଁ ର ଚାଷୀ ମାଖନୁ ଭୋଇ ନା ଆଉ ଜଣେ କିଏ?? ଗତ ଦୁଇ ମାସରେ ମୁହଁରେ ଦାଢୀ ବଢିଯାଇଛି ଯଥେଷ୍ଟ ଆକାରରେ। ଖାଇବାପିଇବା, ବସାଉଠାରେ ଅନିୟମିତା, ଟିକେ ବେଶୀ ପରିଶ୍ରମ ଓ ପରେ ପରେ ଏଇ ଦୁଃଖଦ ଘଟଣା ର ବିଷାଦରେ ଶୁଖି ଯାଇଛି ମୁହଁ। ପଶି ଯାଇଛି ଆଖି ଦୁଇଟା କୋରଡ ଭିତରକୁ।

ଜୀବନ ରେ ଏଇ ସଦ୍ୟ ଘଟିଯାଇଥିବା ଘଟଣା ସବୁର ଦୁଃଖଭରା କଥା ଲେଖୁ ଲେଖୁ ସେ ନିଜେ ଯେମିତି ପାଲଟି ଯାଇଛି ଗପ ଭିତରର ମୁଖ୍ୟ ଖଳନାୟକ ଟି'ଏ !!

ଆଜ୍ଞା ଆପଣଙ୍କ ପରିଚୟ ?" ଗେଟ୍ ପାଖରେ କନେଷ୍ଟବଲ ଟା ବାଟ ଓଗାଳୁଥିଲା।

ISSN NO.
2582-208X

ବିଲ୍ ଟା ବଢାଇଦେଲା ମାଖନୁ।

...."ଓହୋ.... ସଂଗ୍ରାମ ଷଡଙ୍ଗୀ। ହେଲେ ଏଇଟା ଚଳିବନି, ସରକାରୀ ଆଇ ଡି ପ୍ରୁଫ୍ ଦେଖାନ୍ତୁ।"

ପର୍ସ ଅଣ୍ଡାଳି ଆଧାର କାର୍ଡ ଟା ବାହାରକରି ବଢାଇ ଦେଲା ମାଖନୁ।

"ଠିକ୍ ଅଛି ସଂଗ୍ରାମ ବାବୁ। ଆପଣ ଯାଇପାରିବେ।"

ଆଧାରକାର୍ଡ ଟା ପର୍ସରେ ରଖିଲା ବେଳେ ମାଖନୁ ଭାବୁଥିଲା... ବଞ୍ଚିବା ପାଇଁ ସରୀସୃପ ଏଣ୍ଡୁଅ ରଙ୍ଗ ବଦଳାଇଥାଏ ତାକୁ ତ କେହି ଠକଟେ ବୋଲି ଧରନ୍ତି ନାହିଁ ...ତେଣୁ ସେ ଯଦି ଦୁଇଶହ ଟଙ୍କା ଦେଇ ଡୁପ୍ଲିକେଟ୍ ଆଧାରକାର୍ଡ ତିଆରିକରିଛି କେଉଁ ବିଚାରା ସଂଗ୍ରାମ ଘଡଙ୍ଗୀ ନାଁ ରେ ତେବେ ସେତ କାହାକୁ ଠକିଛି ବୋଲି ଧରାହେବା କଥା ନୁହେଁ !!!


ଏ ଦୁନିଆଁ ସାରା ସବୁ ମଣିଷ ଗୋଟାଏ ଗୋଟାଏ ଏଣ୍ଡୁଅ। ସୁବିଧା ସୁଯୋଗ ଦେଖି ସେମାନେ ରଙ୍ଗ ବଦଳାଇଥାନ୍ତି, କିଏ କମ୍ ତ କିଏ ଟିକିଏ ବେଶୀ !!

ଅନ୍ଧାର ରେ ମିଶିଯାଉଥିଲା ମାଖନୁ ଭୋଇ, କେଜାଣେ କେତେ ଦିନଧରି ସଂଗ୍ରାମ ଷଡଙ୍ଗୀ ର ରଙ୍ଗ ବୋଳା ମୁହଁ ଧରି ସେ ବାଟ ଚାଲିବ !!

୫୪ ଆର୍ଯ୍ୟପଲ୍ଲୀ
କଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪
ମୋ-୯୪୩୭୦୮୫୩୯୬

ISSN NO.
2582-208X

# ପୃଥିବୀ ବ୍ୟାଘ୍ର ଦିବସ



ଶମ୍ଭୁନାଥ ଦାସ

ଆହାଃ କି ସୁନ୍ଦର ଏ ପୃଥିବୀ ଗାତ୍ର
ଜଳ ସ୍ଥଳ ଗିରିବନ,
ବିଭିନ୍ନ ପାଦପ ଭିନ୍ନ ଭିନ୍ନ ଜନ୍ତୁ
ରଙ୍ଗ ବେରଙ୍ଗ ଶୋଭନ ।
ଭିନ୍ନ ଭିନ୍ନ ପଶୁ ପକ୍ଷୀଙ୍କର ବାସ
ପଲ୍ଲୀଠାରୁ ଗିରି-ବନ
ସେମାନଙ୍କ ଗୀତ ନୃତ୍ୟରେ ମୋହିତ
ସର୍ବ ଜନ-ମନ ପ୍ରାଣ ।
କିଛି ପଶୁପକ୍ଷୀ ଗୃହପାଳିତ ଯେ
ବନୋଦ୍ୟାନେ ବିଚରଣ
ଅନ୍ୟ କିଛି ଆମ ଜୀବନେ ବିପଦ
ବନ୍ୟ ଜନ୍ତୁ ଆକ୍ରମଣ ।
ବାଘ ସିଂହ ଭାଲୁ ଆଦି ବନ୍ୟ ପ୍ରାଣୀ
ମାଂସାଶୀ ଭାବେ ଗଣନ
ଜଙ୍ଗଲରେ ଅବା ଚିଡିଆଖାନାରେ
ବିଚରଣ କି ବନ୍ଧନ ।
ବାଘ ଅଟେ ଆମ ଜାତୀୟ ପଶୁ ଯେ
ସୁରକ୍ଷା ବ୍ୟାଘ୍ର ପ୍ରକଳ୍ପ
ମାରତ୍ମକ ଜନ୍ତୁ ହେଲେ ବି ଆମର

ISSN NO.
2582-208X

ଶୋଭେ ବାଘମାମୁଁ ଗଳ୍ପ ।
ମହାବଳ ଅବା କଲରାପତ୍ରିଆ
ଚିତା ବାଘ ସୁଶୋଭନ
ବାଘ ଛାଲ ଅତି ସୁନ୍ଦର ଅମୂଲ୍ୟ
ଶିବନର ବସ୍ତ୍ରାସନ ।
ଜୁଲାଇ ମାସର ଅଣତିରିଶ ଯେ
ପୃଥିବୀ ବାଘ ଦିବସ
ସରକାରଙ୍କର ସୁରକ୍ଷା ଯୋଜନା
ହେଉ ସଫଳ ସରସ ॥

ମୁଖ୍ୟ ସଂପାଦକ,
ଅଭିଯାନ, କୋଲକାତା
ମୋ: ୯୦୩୮୩୯୭୧୩୫

ISSN NO.
2582-208X

# ଆମେ ଓ ତୁମେ



ଡ. ଜ୍ଞାନେଶ୍ୱର ମିଶ୍ର

ଦୁନିଆଁରେ ସବୁ ଲୋକ ଯଦି ପଣ୍ଡିତ ହୋଇଯିବେ
କିଏ କାହା କଥା କାହିଁକି ଶୁଣିବ
ଦୁନିଆଁ ରେ ସବୁଲୋକ ମୂର୍ଖ ହୋଇଗଲେ
କିଏ ଅବା କାହାକୁ ମାନିବ ।

ଏହାରି ଫାଙ୍କରେ ଆମେ ଦଳେ
ଗଜ ମୂର୍ଖ, ଅଧା ମୂର୍ଖ ଅଛୁଁ ବୋଲି
ତୁମକୁ ଲୋକ ପଣ୍ଡିତ କୁହନ୍ତି
ତୁମେ ସଭାକଲେ ଭାଷଣ ଦେଲେ
କବିତା ପଢିଲେ, ପ୍ରବଚନ ଦେଲେ
ଅବା ଭୋଟ ପ୍ରଚାର କରିଲେ
ସବୁଠାରେ ଦରକାର ଆମ ଉପସ୍ଥିତି ।

ଖାଇବା ବ୍ୟବସ୍ଥା ଥିଲେ ସଭା ପରେ
ଆଗଧାଡି ଛାଡି ଚେୟାର ଖାଲି ରଖୁନା ହଲ୍ ରେ
ତାଳି ବଜାଇବା ଠିକା ଆମେ ନେଉ
ବୁଝୁ ଘୋଡାଡିମ୍ବ ଭାଷଣ ସରିଲେ
ସବୁ ବୁଝିଲା ପରେ ତାଳି ମାରିଥାଉଁ ।

ISSN NO.
2582-208X

ଆମେ ଚାହୁଁ ସବୁଦିନେ ସଭା ଚାଲିଥାଉ
ନିମନ୍ତ୍ରଣ ପତ୍ର ନାହିଁ ଦରକାର
ଆମେ ଛାଏଁ ଛାଏଁ ଯାଉ ।

ଆମେ ଅଛୁଁ ବୋଲି ତୁମ ସାହିତ୍ୟ
ତୁମ ପ୍ରବଚନ ସବୁର ଆଦର
ଆମେ ନଥିଲେ ତୁମକୁ କିଏ କହିବ
ଆଜ୍ଞା! ନମସ୍କାର ।

ଖାଲି ତୁମେ ଥିଲେ ପ୍ରଶଂସା ବା ନିନ୍ଦା
କିଏ କାହାକୁ କରନ୍ତା
ଖାଲି ଆମେଥିଲେ
ଗ୍ରାମରୁ ସହର ଗୁଣ୍ଡାରାଜ ଚାଲିଥାନ୍ତା

ଯୁଗ ଯୁଗ ଧରି ପଣ୍ଡିତ ଓ ମୂର୍ଖ
ରହୁଥିଲେ, ରହୁଛନ୍ତି, ରହିବେ ମଧ୍ୟ
ଏତ ଅଙ୍ଗ ଆମ ସମାଜର
ତେଣୁ ଆସନ୍ତୁ, ଆମେ ଅନ୍ୟ ବିଜ୍ଞ ମିଶି
ସାଧ୍ୟମତେ ଏପରି କାମ କରିବା
ବିଶ୍ୱ କହିବ, ଆମ ଦେଶ ସବୁଠାରୁ ସରସ ସୁନ୍ଦର ॥

ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ମୋ ପ୍ରିୟା



ବନଲତା ଦାସ

ଚାରିଆଡ଼େ ଅନ୍ଧକାର
ମନରେ ଖେଳେ ଜୁଆର ।
ହେଲେ ତୁମେ ନାହଁ ମୋ ପାଖର
ଥିଲେ ଥାଅପଛେ ଯେତେ ଦୂର ।
ସର୍ବଦା ରହିଛ ରହିବ ମୋ ହୃଦୟର
ଏ କି ଦୃଶ୍ୟ ଆଜିର ସକାଳର ।
ବେଶୀ ମନେ ପଡ଼େ ସବୁ ପଛକଥା ତୁମର
ଯଦି ମୋତେ ଭାବୁଥାନ୍ତ ନିଜର ।
ପର ନକରି କରିଥାନ୍ତ ଆପଣାର
ଯେତେ ଦୁଃଖ ଆସୁ ସଂସାରର ।
ସବୁବେଳେ ତୁମ ସ୍ଥାନ ମୋ ହୃଦୟର
ଆଜି ଯେଉଁ ବ୍ୟାକୁଳତା ଭରି ଯାଉଛି ମନରେ ମୋର ।
କିଏତାକୁ ବାନ୍ଧି ରଖିବ କୁହ ପ୍ରିୟା ମୋର ?
ଗଲ ଯେ ଗଲ ସବୁ ଛାଡ଼ିଗଲ ପଛର ।
କଣ ବା ଥିଲା ଦୋଷ ମୋହର ?
ଟିକେ ଟିକେ ଅଭିମାନର ।
ଭାଙ୍ଗିଗଲ ମୋର ପ୍ରେମର ସଂସାର
ଆଜି ଭଳି ଦିନର ।

ISSN NO.
2582-208X

ମନେପଡୁନାହିଁ କଣ ମୋ କଥା ତମର ?
ଟିପିଟିପି ଶୀତୁଆ ଝଡି ବର୍ଷାର ।
ମାତିଛନ୍ତି ଚାରିଆଡେ ବୁଲା କୁକୁର
ଏ ଦୃଶ୍ୟ କେଡେ ସୁନ୍ଦର ।
ତାଙ୍କ କର୍କଶ ଚିତ୍କାର ଫଟାଏ ଗିରି ମୋ କାନର
ଆଗପଛ ନ ଭାବି ମାତିଛନ୍ତି ପ୍ରେମର ।
ସତକୁହ ପ୍ରିୟା ମୋର
କଣ କିଛି ହେଉନାହିଁ ତୁମ ଶରୀର ।
କେମିତି ରହିବି କୁହ ପ୍ରିୟା ମୋର ?
ଏ ସବୁ ଦେଖି ବସା ବାନ୍ଧୁଛି ମନର ।
ପାଖେ ଥିଲେ ପ୍ରିୟା ମୋର
ହୃଦୟରେ ଖେଳିଥାନ୍ତା ଖୁସିର ଜୁଆର ।
ଗଢିଥାନ୍ତେ ମିଶି ତାଜମହଲ ପ୍ରେମର
ଦୂରେ ଥିଲେ ଥାଅପଛେ ପ୍ରାଣ ମୋର ।
ଆଉ କାହା ମନେ କରିବନି ଘର
ମୋତେ କରି ପର ।
ରହିଛି ରହିବି ହୋଇ ନିଜର
ସର୍ବଦା ପାଖେ ତୁମର ।
ଇତି ତୁମର
ଅତି ଆପଣାର ପ୍ରେମିକବର
ରସିକ ନାଗର ସତ୍ୟ ସୁନ୍ଦର ।।

ବାଲେଶ୍ୱର

ISSN NO.
2582-208X

# ଅନ୍ନଦାତ୍ରୀ ମାତା



ବିଜୟଲକ୍ଷ୍ମୀ ପଟ୍ଟନାୟକ

ଭୋଦୁଅ ସକାଳ ଖରା ଛାଇ ନେଇ
ସଜବାଜ ହୋଇ ଆସି
କଷି ଖରାର ଓଢ଼ଣୀ ଭିତରୁ
ଉଷୁମ ଟାଣୁଛି ବସି ।
କଅଁଳ ଘାସର ଶେଜ ଉପରେ
ପାଚିଲା ଧାନର କେଣ୍ଡା
ଶିରଶିରେଇ ମାଟିର ଦେହରେ
ଉତ୍ସବର ମନମୁଣ୍ଡା ।
ଆକାଶର ମୁଗ୍ଧ ଠାର ବୁଝିବାକୁ
ନୂତନ ଶସ୍ୟ ସମ୍ଭାର
ଅନ୍ନମୟ କୋଷ ପ୍ରାଣମୟ କୋଷ
ଧରି ହେଲେଣି ବାହାର ।
ଅନ୍ନ ବ୍ରହ୍ମ ବୋଲି ନୂତନ ଧାନରେ
ପୂଜା ହୁଏ ଠାକୁରାଣୀ
ଚଞ୍ଚୁ ମାରିବନି ପୋକ କି ଝିଣ୍ଟିକା
ଅବା ପକ୍ଷୀ କେହି ପୁଣି ।
ସେଇ ତ କୈବଲ୍ୟ ସେଇ ତ ନିର୍ମାଲ୍ୟ
ସେଇ ତ ମହାପ୍ରସାଦ
ସେଇ ଅନ୍ନ କରେ ଅନ୍ନମୟ କୋଷ

ISSN NO.
2582-208X

ହୃଷ୍ଟ ପୁଷ୍ଟ ନିରାପଦ ।
ଅନ୍ନ ବିନା ପ୍ରାଣୀ ଜୀବ ଧରେ ନାହିଁ
ଅନ୍ନମୟ ପିଣ୍ଡ ଏହି
ଅନ୍ନରୁ ରକତ ଅନ୍ନ ବିଦ୍ୟା ବୁଦ୍ଧି
ଅନ୍ନ ହିଁ ଜଗତେ ଦେହୀ ।
ପ୍ରଥମ ଅନ୍ନକୁ ଦେବୀଙ୍କୁ ସଅଁପି
ଆଶୀର୍ବାଦ ଭିକ୍ଷା କରୁ
ଦିଅମା ସମ୍ପର୍କ ଦିଅ ମା ସମୃଦ୍ଧି
ଦିଅ ପରିବାର ଠାରୁ ।
ପାଟିର ସୁଆଦ ଅନ୍ନରୁ ଆସଇ
ପିଠା ପଣା ଯେତେ ପରି
ଛପନ ପଉଟି ଭୋଗ ମୂଳତତ୍ତ୍ୱ
ଅନ୍ନହିଁ ଅଟେ ସବୁରି ।
ଅନ୍ନମୟ ପିଣ୍ଡ ଅନ୍ନେ ଗଢାହୁଏ
ମନୋମୟ ପ୍ରାଣମୟ
ଆନନ୍ଦମୟରେ ପହଞ୍ଚିବା ପାଇଁ
ଅନ୍ନ ହିଁ ଅଟେ ସର୍ବସ୍ୱ ।
ଗୋଲକ ବିହାରୀ ପ୍ରାଣମୟ ହରି
ମାତା ଲକ୍ଷ୍ମୀ ଠାକୁରାଣୀ
କେତେ ନାମ ଧରି ଆତଯାତ ମାତା
ମାଗୋ କୃପା ବରଷିଣୀ ।
ସବୁରି ଅମାର ଭରିଦିଅ ମାତା।
ରୋଗ ଶୋକ ହେଉ ଦୂର
ସାରା ପୃଥିବୀରେ ଶାନ୍ତି ବିରାଜୁ ମା'
ଅନ୍ନରେ ପୁରୁ ଭଣ୍ଡାର ।

ଭୁବନେଶ୍ୱର ୧୬

ISSN NO.
2582-208X

# କ୍ଷୁଦ୍ରଗଳ୍ପ-
# ଘର



ପ୍ରଦୀପ୍ତ କୁମାର ମିଶ୍ର

ସବୁବେଳେ ଘରପ୍ରତି ମୋର ଗୋଟେ ବିରାଟ ଦୁର୍ବଳତା। ଏହା ମୋ ଚାକିରୀ କରିସାରିବା ପରେ ଗୋଟେ ଝୁଙ୍କ। ବାପାଙ୍କ ଦ୍ୱାରା ତିଆରି ହୋଇଥିବା ଘରତ ସବୁ ଠିକଠାକ ସେଥିରେ ଆମର କୈଶୋର ଯୁବକ ଓ ଚାକିରୀ ଜୀବନର ପ୍ରାରମ୍ଭ। ମାତ୍ର ହଠାତ ବାପା ଓ ପରେ ପରେ ବୋଉର ରୋଗରେ ମୃତ୍ୟୁ ମୋତେ ମାନସିକ ଓ ଆର୍ଥିକ ସ୍ତରରେ ଭାଙ୍ଗିଦେଲା। ମୋର ପତ୍ନୀ କିନ୍ତୁ ନୂଆ ଘର ସପକ୍ଷରେ ଆଦୌ ନୁହନ୍ତି। ମୁଣ୍ଡ ଉପରେ ଋଣ ପୁଣି ଘର ବନେଇବାର ଝୁଙ୍କ ନିକଟରେ ସେ ନୀରବ ରୁହନ୍ତି ।

ଯେତେ ସୁନ୍ଦର ଘର ମୁଁ ଦେଖେ ସେଠାରେ ଘଡ଼ିଏ ରହିଯାଏ। ଭାବେ ସେ ଘରର ସ୍ୱତନ୍ତ୍ରତା ମୋତେ କିଛି ନା କିଛି ନୂଆ ଲାଗେ। ତାର ଗଠନ ମୋ ନୂଆଘରେ ଉପଯୋଗ କରିବାର ମନସ୍ଥ କରେ। ଗୁଗୁଲ ଓ ବିଭିନ୍ନ ଗଣମାଧ୍ୟମ ରୁ ଘରର ନକ୍ସା ଓ ଘରର ଚାକଚକ୍ୟ ସର୍ବଦା ଦେଖିବାର ସମୟ ବିତାଇଦିଏ। ମୋର ସହଧର୍ମିଣୀ ଏସବୁ ଦେଖି ମୋତେ ବେଳେବେଳେ ପାଗଳ ଆଖ୍ୟା ବି ଦେବାକୁ ପଛାନ୍ତି ନାହିଁ ।

ଏମିତି ଘର ଦେଖି ତା ସମ୍ପର୍କରେ ଶୁଣି ଶୁଣି ଅନେକଙ୍କ ଘରେ ମୁଁ ପହଞ୍ଚି ଯାଏ । ତାଙ୍କର ଘରରେ ଖର୍ଚ୍ଚ କେତେ ବର୍ଗଫୁଟ କେମିତି ବାସ୍ତୁଶାସ୍ତ୍ରକୁ ଅନୁସରଣ କରାଯାଇଛି କି ବହୁତ ପ୍ରଶ୍ନର ଉତ୍ତର ଖୋଜେ। ଶେଷରେ ଧନ୍ୟବାଦ ଜଣାଏ ସେମାନେ ବି ତାଙ୍କର ପାରିବା ପଣିଆ ଦେଖି ବେଶ ଖୁସିହୋଇ ଅନେକ ଘର ସମ୍ପର୍କରେ ଗଳ୍ପ କୁହନ୍ତି। ଏହା ଅବଶ୍ୟ ଅନେକ ଥର କୁହାଯାଇଥାଏ ପୁଣି ମୋପରି ଲୋକ ସମ୍ମୁଖରେ ଏହା ବହୁବାର କହିବାରେ ସେମାନେ ଖୁସି ହୁଅନ୍ତି। ମୋ ଘର ବେଶ ଭଲ ଥାଇବି ମୁଁ ଅନ୍ୟର ଘରଦେଖି ମୋଘରର

ISSN NO.
2582-208X

ଖରାପ ସମ୍ପର୍କରେ ବାହୁନି ବସେ। ଘରପାଇଁ ଦିଆଯାଉଥିବା ବିଜ୍ଞାପନ ରୁ ଜୀବନରେ ଘର ଥରେ କରାଯାଏ ଏପରି ସିମେଣ୍ଟ ଏପରି ରଡ଼ ଏପରି ରଙ୍ଗ ମୁଁ ନଜରରେ ରଖିଥାଏ ।

ଦିନେ ଅଫିସ ରୁ ଫେରୁ ଫେରୁ ବଜାରର ଗୋଟିଏ ସୁରମ୍ୟ ଓ ସୁନ୍ଦର ଘର ନିକଟରେ ମୋ ଗାଡ଼ି ରଖିଦେଇ ସେଘରକୁ ଗଲି। ଘର ସାମ୍ନାର ମାର୍ବଲ ବେଞ୍ଚରେ ବସିଥିବା ପ୍ରୌଢ଼ ଓ ପ୍ରୌଢ଼ା ଦୁଇଜଣଙ୍କୁ ନମସ୍କାର କଲି। ସେମାନେ ମୋତେ ପାଇ ବେଶ ଖୁସିହୋଇଗଲେ। ମୋର ପରିଚୟ ପରେ ମୋତେ ବସି ତାଙ୍କର ଗପ ଆରମ୍ଭ କଲେ। କହିଲେ ବାପା ମୋଜୀବନର ସମସ୍ତ ପୁଞ୍ଜି ବିନିଯୋଗ କରି ଏହି ଘରଟି କଲି, ଘରର ଋଣ ଶୁଝିଲାବେଳକୁ ମୋର ଚାକିରୀ ସରି ଆସିଥାଏ। ହେଲେ ଅବସର ପରେ ପୁଅଦୁଇଜଣ ଆମେରିକା ଓ ଅଷ୍ଟ୍ରେଲିଆ ରେ । ସେମାନେ ବର୍ଷେ ଦୁଇବର୍ଷ ରେ ଆସନ୍ତି। କେହି ନାହାନ୍ତି ଏ ଘରକୁ ଦେଖା ରେଖା କରିବାକୁ। ସେମାନେ ଆଉ ଫେରିବେନି ବରଂ ସେମାନେ ଆମକୁ ସେଠାକୁ ଯିବାକୁ କହୁଛନ୍ତି। ନିଜର ଝାଳବୁହା କଷ୍ଟରେ କରିଥିବା ଘରକୁ ଆମେ ଛାଡିପାରୁନୁ। ଆମପାଇଁ ଏଇନା ଗୋଟିଏ ବଖରା ଯଥେଷ୍ଟ। ରୋଷେଇଆ ଆସି ରୋଷେଇକରି ଚାଲିଯାଏ ଆମେ ଏମିତି ଖାଇନେଉ। ଯୁବବସ୍ଥା ସବୁବେଳେ ନଥାଏ ପୁଅ, ତେଣୁ ଘର କରିବା ମୋର ଗୋଟିଏ ବଡ଼ ଭୁଲ। ଆମଅନ୍ତେ କେବଳ ଆମର ଆତ୍ମା ସ୍ୱର୍ଗକୁ ନଯାଇ ଏହି ଘର ଚତୁର୍ପାଶ୍ୱରେ ଘୁରି ବୁଲିବ ।

ମୁଁ ଆଉ କୌଣସି କଥା ଶୁଣିବା ଅବସ୍ଥାରେ ନଥାଏ। ମୋତେ କେବଳ ମୋ ସ୍ତ୍ରୀ ଦେଇଥିବା ପରାମର୍ଶ ଶୁଭିଯାଉ ଥାଏ। ତାଙ୍କଠାରୁ ବିଦାୟ ନେବାକୁ ଉଦ୍ୟତ ହେବାବେଳେ ସେମାନେ କହୁଥାନ୍ତି ପୁଅ ଘର ବୁଲିବ ପରା। ମୁଁ କହିଲି ଆଉ କେବେ ବାବା ଏବେ ଟିକେ ମୋତେ କାମରେ ଯିବାକୁ ପଡ଼ିବ। ସେମାନେ ମୋତେ ପୁଣି ଆସିବାକୁ କହି ଗେଟ ପାଖରେ ଛାଡିକରି ଗଲେ ।

ଘରେ ପହଞ୍ଚି ମୁଁ ମୋ ଘର କରିବାର ଝୁଙ୍କ କମାଇଦେଲି। ଋଣକରି ଆଉ ଘର କରିବାର ନିଶା ମୋ ମୁଣ୍ଡରୁ ସରିଯାଇଥାଏ। ମୋ ପୁଅ ଏଇ ସହର ରେ ଚାକିରୀ କରୁ ଏହା ଏଣିକି ମୁଁ ସ୍ୱପ୍ନ ଦେଖିବି। ମୁଁ ବୁଝିଲି ଘର ସଜା ସଜି ଓ ମାର୍ବଲ ଟାଇଲରେ ହୁଏନି ବରଂ ସ୍ନେହ ଶ୍ରଦ୍ଧା ଓ ପରିବାର ନେଇ ହୁଏ। ମୋତେ ଲାଗିଲା ମୋ କାନ୍ଧରୁ ଘରକରିବାର ବେତାଳ ତାର ସ୍ୱସ୍ଥାନ ପ୍ରସ୍ଥାନ କରିସାରିଛି ।

ଅରେଇ, ଯାଜପୁର/9658614728

ISSN NO.
2582-208X

# ସନେଟ୍...ମନୁଆ ପାଇଁ ମନ



ମଧୁମିତା ମିଶ୍ର

ରଥରେ ଚଢ଼ିଲ ଯେବେଠୁ ଠାକୁରେ ମନ ଥିଲା ତୁମଠାରେ
ଯିବାକୁ ଶ୍ରୀକ୍ଷେତ୍ର ଅତି ଯତ୍ନ ମୁଁ ଯେ କରୁଥିଲି ଏହିଠାରେ
ଆଡ଼ପ ଅବଢ଼ା ବାହାରିଲା ପରେ ପାଇବାକୁ ହେଲା ମନ
ପାଆନ୍ତି କି ଟିକେ ମହାପ୍ରସାଦ ମୁଁ ଭାବୁଥିଲି ରାତିଦିନ ।

ଅଦିନିଆ ବର୍ଷା ଅସୁବିଧା କଲା ଜମା ବାହାରି ହେଲାନି
କେଉଁଦିନ କେଉଁ ସମସ୍ୟା ଆସିଲା ଆଉ ଯାଇ ପାରିଲିନି
ବିକଳ ହେଲି ମୁଁ ବାହୁଡ଼ା ହେଲାରୁ ମନ ମୋର କାନ୍ଦୁଥିଲା
ରଥରେ ଥରୁଟେ ଦେଖିବା ପାଇଁ ସେ ଛଟପଟ ହେଉଥିଲ ।

ଅଧର ପଣାରେ ଦେଖି ଆସିଥିଲି ସକାଳୁ ପରା ତୁମକୁ
ହେଲେ ମନ କିନ୍ତୁ ଅଝଟ ହେଲା ମୋ ରସଗୋଲା ଖାଇବାକୁ
ଦର୍ଶନେ ସନ୍ତୁଷ୍ଟ ହୋଇଥିଲା ଚକ୍ଷୁ ମନ ପୁଣି ଇଚ୍ଛା କଲା
ରସଗୋଲା ତୁମେ ଦେବ ବୋଲି ମୋର ମନରେ ଆଶାଟେ ଥିଲା ।

ବୁଝିଲ କି ସତେ ମନର ଅବସ୍ଥା ପଠେଇଲ ରସଗୋଲା
ପାଟିରେ ଖାଇଲି ମନରେ ପାଇଲି ଧନ୍ୟ ତୁମ ଲୀଳାଖେଳ ।

ଭୁବନେଶ୍ୱର

ISSN NO.
2582-208X

# ପୋତିବା ଗଛ କାଟିବା ନାହିଁ



ରଘୁନାଥ ତ୍ରିପାଠୀ

ସଡ଼କ ଧାରେ ଗଛଟି ଥାଇ
ଡାଳକୁ ତାର ଚଳାଇ କହେ
ମାନବ ତୁମେ ଜାଣିଛ କିବା
କା ପାଇଁ ଧୀର ପବନ ବହେ ॥
ତୁମରି କେହି ପୂରୁବ ସୁରୀ
ଲଗାଇଥିଲେ ଏଠାରେ ମୋତେ
ସେହି ଦିନରୁ ହୋଇଛି ଠିଆ
ଖରା ବରଷା କାକର ଶୀତେ ॥
ପଡି ରହିଛି ସବୁ ସହୁଛି
କାହାକୁ କେବେ ନ ଦେଇ ଦୋଷ
ବରଷ ସାରା ନୀରବ ରହି
କରଇ ସେବା ମୁଁ ବାରମାସ ॥
ଯୋଗାଇଥାଏ ବାସ ବସନ
ସାରା ଜନମ କଷଣ ସହି
ଅଙ୍ଗାରକାମ୍ଳ ନିଏ ମୁଁ ସଦା
ଅମଳଜାନ ତୁମକୁ ଦେଇ ॥
ନିଦାଘକାଳେ ମୋର ଛାଇରେ
ଥକ୍କା ମାରନ୍ତି କେତେ ବାଟୋଇ

ISSN NO.
2582-208X

କେତେ ଯେ ପଶୁ କେତେ ଯେ ପକ୍ଷୀ
ରହନ୍ତି ଡାଳେ ନୀଡ଼ ବିଛେଇ ॥
ଫୁଲ ବେଳରେ ଫୁଟାଏ ଫୁଲ
ପରଜାପତି ଖେଳେ ତା ସାଥେ
ଫଳ ବେଳରେ ଫଳାଏ ଫଳ
ସାରା ଦୁନିଆ ଜୀବଙ୍କ ହିତେ ॥
ଉପକାର ମୋ ସବୁକୁ ଭୁଲି
ନିଜ ସ୍ୱାର୍ଥରେ କାଟୁଛ ମୋତେ
ସାରା ସଂସାର ପରିବେଶକୁ
ରକ୍ଷା କରିବା ମିଶ ମୋ ସାଥେ ॥
ବୃକ୍ଷ ସମ୍ପଦ ପଦା ହୋଇଲେ
ଶୁଦ୍ଧ ପବନ ପାଇବା କାହିଁ
ଦେଖିବ ଖାଲି ଜିମୂତମାଳ
ବରଷା ଆଉ ଝରିବ ନାହିଁ ॥
କବି ବନ୍ଧୁଙ୍କୁ ଯୋଡୁଛି ହାତ
ବୁଝାଇଦେବେ ଲେଖି କବିତା
ବୃକ୍ଷ ଜଗତ ସୁରକ୍ଷା ବିନା
ରହିବ ନାହିଁ ଜୀବନ ସତ୍ତା ॥
ଆସ ସଭିଏଁ ହୋଇବା ଏକ
ପରିବେଶର ସୁରକ୍ଷା ପାଇଁ
ମିଳାଇ ହାତ ପଣ କରିବା
ପୋତିବା ଗଛ କାଟିବା ନାହିଁ ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ଶୂନ୍ୟତା



ମନୋରମା ମହାନ୍ତ

ମୁଁ ଜାଣେ !
ଏକ ବିରାଟ ଅସହାୟତାକୁ
ଭଲ ମୁଁ ପାଇଛି !
ମୁଁ ଚାଲିଛି ଆଗକୁ ଆଗକୁ
ଆଶା ଭରା ସ୍ୱପ୍ନ ଗୁଡିକରେ
ହାତ ମୋର ମୁଠାକରି
କିନ୍ତୁ ଜଣା ଅଛି ମୋତେ.....
ମୁଠା ମୋର ଖୋଲି ଦେଲେ
ହାତ ଖାଲି ଶୂନ୍ୟତା ରେ ଭରା
ଯାହା ପାଇଁ ଲୁହ ସବୁ ମୋର
ନଦୀ ହୋଇ ବହିଯାଏ.....
ସେଥିରେ ସେ କେବେ
ଥରଟିଏ ଭାସିଯିବ ନାହିଁ.....
କଳ୍ପନାର ମିନାର ମୁଁ
ତୋଳୁଛି ଯା ପାଇଁ
ଥରଟିଏ ମୁହୂର୍ତ୍ତକ ପାଇଁ
ସେଠି ସେ ଅଟକି ଯିବନି.....
ଯେଉଁ ମନ୍ଦିର ବେଢ଼ାରେ ବସି
ସଜାଡୁଛି ପୂଜା ଉପଚାର

ISSN NO.
2582-208X

ମୁଁ ଜାଣିଛି
ମୋ ମନର ଦେବତା ଟି
ତା ଭିତରେ ନାହିଁ....
ଯାହା ପାଇଁ ସବୁକିଛି ମୋର
ଆନ୍ଦୋଳିତ ହେଉଥାଏ ସଦା
ଜାଣେ ମୁହିଁ
ସେ କେବେ ମୋ ଦୁଆରେ
ପାଦ ଥାପିବନି.....
ତଥାପି.....
ସବୁକିଛି ମୋର
ଅବ୍ୟାହତ ରହିଛି ତା ପାଇଁ
ଯଦିଓ ଜାଣେ ମୁହିଁ.....
ପରିଣତ ହେବ ସବୁ ଦିନେ
ଶୂନ୍ୟତାର ଏକ
ବିରାଟ ଇଲାକାରେ.....!!

କୂଳସାହି, ଅଲଣାହାଟ,
ଜଗତସିଂହପୁର

ISSN NO.
2582-208X

# ନିଜ କଥା



ଡକ୍ଟର ମନୋରଞ୍ଜନ ବିଷୋୟୀ

ଅଳକା ପ୍ରତିମା କିମ୍ବା ରଜନୀଗନ୍ଧାର
ପ୍ରତିଛବି ବିନା ନାରୀ କ'ଣ ନାହିଁ ?
ସୀତା କିମ୍ବା ଯାଜ୍ଞସେନୀ ଅଥବା
ଏ ଧରା ବକ୍ଷେ ଅତୀତ ଗୌରବ ଗାଥା
ଗାଇବାକୁ ମୁକୁଳା କଣ୍ଠର ସ୍ୱର
ଏ କଣ୍ଠରେ କେବେବି ତ ତାଳ ଦେଇନାହିଁ ।
ମୋ ମା'ର କଳିଜା ଦେଇ
ପ୍ରେମ କିଣିବାର ଅଭିଜ୍ଞତା କିମ୍ବା
ଦୁଃସାହସ ଏବେ ବି ମୋର ନାହିଁ ।
ସ୍ୱପ୍ନ ମୋର ଅଧା ଜଳା
ତେଣୁ ମୋ ସ୍ୱପ୍ନର ମାନସୀମାନେ
ତୁମକୁ କିଣିବା ପାଇଁ ମୋ ସାହସର
ଲମ୍ବ ପ୍ରସ୍ଥ ଏବେ ବି ମୋତେ ଜଣାନାହିଁ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

ISSN NO.
2582-208X

# ଉନ୍ନତ ଚରିତ୍ର ର ଅଧିକାରୀ ବୀର ବାଜି ରାଉତ



ଅସିତ ମହାନ୍ତ

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଅନେକ ଯୋଦ୍ଧା କ୍ରାନ୍ତିକାରୀ ସେମାନଙ୍କର ଅତୁଳନୀୟ ଯୋଗଦାନ କରି ଯାଇଛନ୍ତି ଏବଂ ସେମାନଙ୍କ ପାଇଁ ଦେଶ ସ୍ୱାଧୀନତା ପାଇବା ପାଇଁ ସକ୍ଷମ ହୋଇ ଥିଲା, ସେମାନଙ୍କ ମଧ୍ୟରୁ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮) ହେଉଛନ୍ତି ଜଣେ ଯିଏ କେବଳ ମାତ୍ର ୧୨ ବର୍ଷ ବୟସରେ ଇଂଗରେଜ ମାନଙ୍କର ଗୁଳିର ଶିକାର ହୋଇଥିଲେ। ଇତିହାସରେ ବାଜି ରାଉତଙ୍କୁ ସବୁଠାରୁ କମ ବୟସରେ ସହିଦ ହେବାର ଆଖ୍ୟା ଦିଆଯାଇଛି । ଉଲ୍ଲେଖନୀୟ ତଥ୍ୟ ହେଉଛି ଯେ ବାଜି ରାଉତଙ୍କର ଜନ୍ମ ଏବଂ ମୃତ୍ୟୁ ଗୋଟିଏ ମାସରେ ହୋଇଥିଲା I ଆଜି ତାଙ୍କର ଜନ୍ମଦିନ, ଏହି ଦିନରେ ତାଙ୍କର କ୍ରାନ୍ତିକାରୀ ଚରିତ୍ର ବିଷୟରେ ଯୁବ ସମାଜକୁ ଜାଣିବା ନିହାତି ଆବଶ୍ୟକ ।

ବାଜି ରାଉତଙ୍କର ଜନ୍ମ ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଢେଙ୍କାନାଳ ଜିଲାର ଏକ ଛୋଟ ଗ୍ରାମରେ ହୋଇଥିଲା । ଛୋଟ ବେଳୁ ପିତାଙ୍କୁ ସେ ହରାଇଥିଲେ । ମା ତାଙ୍କର ଲାଳନ ପାଳନ ପାଖ ଗ୍ରାମରେ ଆଜୀବିକା କରି କରୁଥିଲେ । ସେହି ସମୟରେ ଢେଙ୍କାନାଳର ରାଜା ଶଙ୍କର ପ୍ରତାପ ସିଂହଦେବ ରାଜୁତି କରୁଥିଲେ, ଗରିବ ମାନଙ୍କର ଶୋଷଣ କରିବା ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ଏହି ଶୋଷଣର ଶିକାର ବାଜି ରାଉତଙ୍କ ମା ମଧ୍ୟ ଥିଲେ । ଏହି ଶୋଷଣ ବିରୁଦ୍ଧରେ ଲୋକ ମାନଙ୍କର ଅସନ୍ତୋଷ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଥିଲା । ଅତି ଅସହ୍ୟ ହେବାରୁ ଲୋକମାନେ ରାଜାଙ୍କ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଦେଲେ, ଏହି ସଂଗ୍ରାମ ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିଲା । ବୈଷ୍ଣବ ଚରଣ ପଟ୍ଟନାୟକଙ୍କୁ ଲୋକମାନେ ସ୍ନେହରେ ବୀର ବୈଷ୍ଣବ ବୋଲି

ISSN NO.
2582-208X

ଡାକୁଥିଲେ । ସେ ରାଜାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପ୍ରଜାମଣ୍ଡଳ ସ୍ଥାପନ କଲେ, ଏହାର ଅର୍ଥ ଲୋକମାନଙ୍କର ଆନ୍ଦୋଳନ ଏହାକୁ ଭିତ୍ତି କରି ସେ ଆନ୍ଦୋଳନକୁ ତେଜ କଲେ ।

ଏହି ପ୍ରଜା ମଣ୍ଡଳରେ ବୀର ବୈଷ୍ଣବ ଗୋଟିଏ ବାହିନୀ ସ୍ଥାପନ କଲେ ଯାହାର ନାମ ଥିଲା "ବାନର ସେନା" । ଏହି ବାହିନୀରେ ସମସ୍ତ ପିଲାମାନେ ମିଶିଥିଲେ, କମ ବୟସ ହେଲେ ମଧ୍ୟ ବାଜି ରାଉତ ଏହି ସେନାରେ ଯୋଗ ଦେଲେ । ପ୍ରଜାମଣ୍ଡଳର ପ୍ରଭାବ ଧୀରେ ଧୀରେ ଚାରିଆଡେ ବ୍ୟାପିଗଲା । ଏହି ଆନ୍ଦୋଳନ ଇଂରେଜ ଏବଂ ରାଜା ଶଙ୍କର ପ୍ରତାପଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଗଲା । ସେମାନେ ବୀର ବୈଷ୍ଣବଙ୍କୁ ଖୋଜିବାରେ ଲାଗିଲେ । ଏହି ସମୟରେ ରାଜା ଶଙ୍କର ପ୍ରତାପ ସିଂହଦେବ "ରାଜଭକ୍ତ କର" ଏବଂ "ଇମାନଦାରୀ କର" ଲାଗୁ କଲେ । ଯେଉଁମାନେ ଏହି କର ଦେଇପାରୁ ନଥିଲେ ସେମାନଙ୍କ ଘର ନଷ୍ଟ କରିବା ସଂଗେ ସଂଗେ ସେମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ କରାଯାଉଥିଲା । ଏସବୁ ଦେଖି ଲୋକମାନେ ବିଦ୍ରୋହକୁ ଆହୁରି ତେଜ କଲେ । ରାଜା ଏବଂ ଇଂରେଜ ବୈଷ୍ଣବଙ୍କୁ ଖୋଜି ବାହାର କରିବା ପାଇଁ ଲୋକ ଲଗାଇଦେଲେ । ଅଧିକାରୀ ମାନଙ୍କ କାନରେ ପଡିଲା ଯେ ବୀର ବୈଷ୍ଣବ ବ୍ରାହ୍ମଣୀ ନଦୀ ପାର ହୋଇ ଅନ୍ୟ ଗ୍ରାମକୁ ଚାଲି ଯାଇଛନ୍ତି । ଏହା ଶୁଣି ତାଙ୍କ ପଛରେ ସନ୍ୟବଳ ଲଗା ଦିଆଯାଇଥିଲା କିନ୍ତୁ ଗ୍ରାମର ଲୋକମାନେ ଏହି ସନ୍ୟବଳକୁ ଘେରି ଯାଇ ସେମାନଙ୍କୁ ରୋକି ଦେଇଥିଲେ । ଏହା ଦେଖି ସନ୍ୟବଳ ଲୋକମାନଙ୍କ ଉପରେ ଗୁଳିର ବର୍ଷଣ କରିଥିଲେ, ଯାହାଫଳରେ ଲୋକମାନେ ଜୀବନ ବଞ୍ଚାଇବା ପାଇଁ ଧାଡି ଭାଙ୍ଗି ଦୌଡ଼ାଦୌଡ଼ି ହୋଇ ପଳାଇଥିଲେ । ଏହାପରେ ୧୧ ଅକ୍ଟୋବର ୧୯୩୮ ରେ ନଦୀ ପାର ହେବା ପାଇଁ ନଦୀ କୂଳରେ ପହଁଚିଲେ ଯେଉଁଠାରେ ବାଜି ରାଉତ ନାଆରେ ଶୋଇଥିଲେ । ତାଙ୍କୁ ପୂର୍ବରୁ ଆଦେଶ ମିଳିଥିଲା ଯେ ସନ୍ୟଦଳ ଯେପରି ନଦୀ ପାର ନହୁଏ ସେପ୍ରତି ନଜର ରଖିବା ପାଇଁ । ବାଜି ରାଉତ ଘାଟରେ ତୟାର ହୋଇ ଥିଲେ, ସନ୍ୟଦଳ ବାଜି ରାଉତଙ୍କୁ ଆଦେଶ ଦେଇଥିଲେ ଯେ ସେମାନଙ୍କୁ ନଦୀ ପାର କରିବା ପାଇଁ କିନ୍ତୁ ବାଜି ରାଉତ ସେମାନଙ୍କୁ ସଫା ମନା କରିଦେଇଥିଲେ । ସନ୍ୟଦଳ ବାର ବାର ଆଦେଶ ଦେଲାପରେ ମଧ୍ୟ ସେ ନ ମାନିବାରୁ ରାଗରେ ଲାଲ ହୋଇ ବନ୍ଧୁକ ବଟରେ ବାଜି ରାଉତଙ୍କୁ ଆଘାତ ଦେଇଥିଲେ, ଏହି ଆଘାତ ଏତେ ଜୋର ଥିଲା ଯେ ବାଜି ରାଉତଙ୍କ ମୁଣ୍ଡରେ ଫ୍ରାକ୍ଚର ହୋଇଯାଇ ଥିଲା । ଏତେ ଛୋଟ ବୟସର ପିଲା ଉପରେ ଇଂରେଜ

ISSN NO.
2582-208X

ମାନଙ୍କର ଏପରି ବ୍ୟବହାର ସେମାନଙ୍କର କୃରତାକୁ ଦର୍ଶାଏ । ବାଜି ରାଉତଙ୍କ ଉପରେ ପ୍ରହାର ଏତେ ଜୋରରେ କରା ଯାଇଥିଲା, ସେ ତଳେ ପଡି ଯାଇଥିଲେ, କିନ୍ତୁ ସେ ବଡ଼ପାଟିରେ ଚିଲେଇ ଥିଲେ ଯାହା ଫଳରେ ସମସ୍ତଙ୍କୁ ଗ୍ରାମବାସୀ ମାନଙ୍କୁ ପୋଲିସ ମାନଙ୍କର ଖବର ମିଳିଯାଇଥିଲା । ଏହା ଦେଖି ପୋଲିସ ପୁଣି ବନ୍ଧୁକର ବଟରେ ବାଜି ରାଉତଙ୍କ ମୁଣ୍ଡରେ ଆଘାତ ଦେଲେ ଏବଂ ଆଉଜଣେ ପୋଲିସ ତାଙ୍କ ଉପରକୁ ଗୁଳି ଚଳାଇଥିଲେ । ଏହି ଖବର ଯେତେବେଳେ ଗ୍ରାମବାସୀ ମାନଙ୍କୁ ମିଳିଥିଲା ସେମାନେ ଦଳ ହୋଇ ଘାଟ ଆଡକୁ ମାଡି ଆସିଥିଲେ, ଏହା ଦେଖି ଇଂରେଜମାନେ ଡରି ଯାଇଥିଲେ, ବୀର ବୈଷ୍ଣବ ଙ୍କ ପିଛା କରିବା ଦୂରର କଥା ଜୀବନ ବଞ୍ଚାଇ ସେଠାରୁ ଖସି ପଳାଇଥିଲେ। ବାଜି ରାଉତଙ୍କର ନାଆରେ ଯିବା ସମୟରେ ସେମାନେ ପୁଣି ଗୁଳି ଚଳାଇ ଥିଲେ ଯେଉଁଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା ।

୧୨ ବର୍ଷର ବାଜି ଭୟଭୀତ ହେଲେ ନାହିଁ କିମ୍ବା ସେଠାରୁ ଦୌଡ଼ି ପଳାଇନଥିଲେ, କିନ୍ତୁ ସେମାନଙ୍କ ସହିତ ଦୃଢ ଭାବରେ ଲଢ଼ିଥିଲେ । ବ୍ରିଟିଶ ସୈନିକମାନେ ତାଙ୍କର ସାହସିକତା ଏବଂ ଦେଶପ୍ରେମର ମୂଲ୍ୟାଙ୍କନ କରିବାରେ ସକ୍ଷମ ହୋଇନଥିଲେ। ବାଜିଙ୍କ ମନରେ ଦେଶପ୍ରେମର ଦୃଢ ଭାବନା ଥିଲା, ଯାହାର ଫଳାଫଳ ହେଲା ସେ ବଳିଦାନ ଦେବାକୁ ସ୍ୱୀକାର କରିଥିଲେ କିନ୍ତୁ ବ୍ରିଟିଶମାନଙ୍କ ଆଗରେ ନତମସ୍ତକ ହେବାକୁ ଗ୍ରହଣ କରିନଥିଲେ। କ୍ରୋଧିତ ବ୍ରିଟିଶ ସୈନିକମାନେ ବାଜି ରାଉତଙ୍କୁ ଗୁଳି ଚଳାଇଥିଲେ। ଏହି ସମୟରେ ବାଜିଙ୍କ ସହ ଗାଁର ଲକ୍ଷ୍ମଣ ମଲିକ, ଫାଗୁ ସାହୁ, ହର୍ଷି ପ୍ରଧାନ ଏବଂ ନଟା ମଲିକଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ଏହି ପିଲାମାନଙ୍କର ବଳିଦାନର ଖବର ସାରା ଦେଶରେ ବ୍ୟାପିଗଲା । ବୀର ବୈଷ୍ଣବ ଏହି ସହିଦ ମାନଙ୍କର ଶବକୁ ଟ୍ରେନ ରେ କଲିକତା ନେଇ ଯାଇଥିଲେ, ସେଠାରେ ଲୋକମାନେ ଲାଲ ସଲାମ ର ଆବାଜ ଦେଇ ସେମାନଙ୍କୁ ସମ୍ମାନର ସହିତ ନେବାକୁ ଆସିଥିଲେ । ଷ୍ଟେସନ ରୁ ବାଜି ରାଉତ ଏବଂ ଅନ୍ୟ ସହିଦ ମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହିତ ବିବିନ୍ନ ଗଳି ଦେଇ ଅନ୍ତିମ ସଂସ୍କାର ପାଇଁ ନିଆ ଯାଇଥିଲା। ଏହି ସହିଦ ମାନଙ୍କୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଲୋକମାନେ ରାସ୍ତା କଡରେ ଛିଡାହୋଇ ସମ୍ମାନ ଜଣାଇଥିଲେ । ଏହି ବଳିଦାନ ଏକ ଛୋଟ ଶିଶୁର ଥିଲା ଯିଏ କେବଳ ୧୨ ବର୍ଷ ବୟଷରେ ନିଜର ଦେଶ ଏବଂ ସ୍ୱାଧୀନତାର ଆବଶ୍ୟକତାକୁ ବୁଝି, ବିନା ଡରରେ ଇଂରେଜ ମାନଙ୍କ ଆଖିରେ ଆଖି ମିଶାଇ ଦେଶପାଇଁ ଜୀବନ

ISSN NO.
2582-208X

ଦେଇଗଲା । ଏହା ଦେଶର ଲୋକମାନଙ୍କ ହୃଦୟରେ ଶିହରଣ ଶୃଷ୍ଟି କରିଦେଇ ଗଲା । ଏଠାରୁ ସ୍ୱାଧୀନତା ଆନ୍ଦୋଳନର ବୈପ୍ଲବିକ କାହାଣୀ ଆରମ୍ଭ ହେଲା । ଏହି ମର ଶରିରଗୁଡିକୁ (ହୃଷୀ ପ୍ରଧାନ, ଗଉରୀ ନାୟକ, ରଘୁ ନାୟକ, ନଟ ମଳିକ, ଲକ୍ଷ୍ମଣ ମଳିକ ଏବଂ ଫଗୁ ସାହୁ) ନେଇ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିଲା ଏବଂ ପରେ କଟକ ଅଣାଯାଇଥିଲା । ସେତେବେଳେ ଢେଙ୍କାନାଳ କଟକ ଜିଲ୍ଲାରେ ଥିଲା କଟକରେ ମଧ୍ୟ ଏହି ମର ଶରିରଙ୍କୁ ନେହି ବାହାରିଥିବା ପଟୁଆର ଓ ସେଗୁଡିକୁ ସମ୍ମାନ ଜଣାଇବା ପରେ କାଠଯୋଡ଼ି ନଦୀକୂଳ ଖାନନଗର ମଶାଣୀରେ ଶବସଂସ୍କାର କରାଗଲା । ଏହି ଅଭିଯାନର ନେତୃତ୍ୱରେ ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଥିଲେ ସେମାନଙ୍କ ମଧ୍ୟରେ ଥିଲେ ମହାନ କବି ସଚ୍ଚିଦାନନ୍ଦ ରାଉତରାୟ । ପରେ କବିଙ୍କ ମନାସାରୁ ଜନ୍ମ ନେଇଥିଲା ଐତିହାସିକ କାବ୍ୟ "ବାଜି ରାଉତ" ନୁହେଁ ବନ୍ଧୁ, ନୁହେଁ ଏହା ଚିତା, ଏ ଦେଶ ତିମିର ତଳେ - ଏ ଅଲିଭା ମୁକତି ସଳିତା ନୁହେଁ ଏହା ଜଳିବା ପାଇଁ ଏହାର ଜନମ ଏଠି ଜାଳି ପୋଡି, ଦେବାକୁ ଧସାଇ । ଏହି ସାହସୀ ବାଳକ କଟକ ଖାନନଗର ସ୍ମଶାନରେ ଶବଦାହ କରାଯାଇଥିଲା। ଯେଉଁଠାରେ କବି କାଳନ୍ଦୀ ଚରଣ ପାଣିଗ୍ରାହୀ ଲେଖିଛନ୍ତି- "ଲକ୍ଷ୍ମଣ ଆସ, ନାଟ, ରଘୁ, ହୁରୁସି ପ୍ରଧାନ, ତୂରୀ ବଜାଅ, ବିଗୁଲ୍ଲ ବଜାଅ, ସେ ମରି ନାହାଁନ୍ତି, ସେ ମରି ନାହାଁନ୍ତି, ବାର ବର୍ଷର ବାଜିଆ ମରି ନାହିଁ ..." । ଏହି ସମ୍ମାନ କେବଳ ଏକ ଉଚ୍ଚ ଚରିତ୍ରକୁ ହିଁ ମିଳିପାରେ । ଆଜିର ଯୁବ ସମାଜ ଏହି ଚରିତ୍ରକୁ ବୁଝି ବର୍ତମାନ ପରିସ୍ଥିତିରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଅତ୍ୟନ୍ତ ଜରୁରୀ।

ଆବାହକ, ଓଡ଼ିଆ ଭ଼ାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# କାଶତଣ୍ଡୀ



ଡଃ ପ୍ରଦୀପ କୁମାର ପଣ୍ଡା

ଯାଇଛି ବରଷା ଆସିଛି ଶରତ
ବିମଳ ଦିଶେ ମରତ,
ହିଡର ମୁଣ୍ଡରେ କାଶତଣ୍ଡୀ ହସି
ଶରତେ କରେ ସ୍ୱାଗତ ।।
ମାଆଁ ଆଗମନେ ଆନନ୍ଦିତ ମନେ
ଶ୍ୱେତ ଚାମର ନେଇ,
ଧୀର ପବନରେ ସଜବାଜ କରେ
ପାର୍ବଣ ଋତୁକୁ ଚାହିଁ ।।
ବିଭୁ ଭକ୍ତିଭାବ ହୃଦୟରେ ହେବ
ଅହଂ ଈର୍ଷ୍ୟା ଯେବେ ନାହିଁ,
ବିମଳ ନିର୍ମଳ ଧବଳ ସକଳ
ମନେ ଭକ୍ତିଭାବ ବହି ।।
କାଶତଣ୍ଡୀ ଫୁଲ ବର୍ଣ୍ଣରେ ଧବଳ
ମନେ ଭକ୍ତିଭାବ ସୃଜେ,
ସମର୍ପଣ ଭାବ ହୃଦଗତେ ବହି
ଆଧ୍ୟାତ୍ମ ସାଗରେ ମଜେ ।।

ISSN NO.
2582-208X

ମାତୃ ସ୍ୱରୂପିଣୀ ଜଗତ ଜନନୀ
ଶୁଭାଗମନ ଲଗନ,
କାଶତଣ୍ଡୀ ଜୁଟି ଦଳ ଦଳ ଫୁଟି
ବାରତା ଦିଅନ୍ତି ଜାଣ ।।
ନ ଥାଉ ବାସ ନ ଆସୁ ପାଶ
ମଧୁଗ୍ରାହୀ ସେ ମଧୁପ,
ନାହିଁ ଅବଶୋଷ ପାର୍ବଣେ ବିଶେଷ
ଶକ୍ତି ମନ୍ତ୍ର କରେ ଜପ ।।
ଚାମର ଚାଳନା ଧୀରେ କରୁଥାଏ
ନ ହୋଇ ସେ ଆନମନା,
ଭାବ ଭକତିରେ ପୂଜିଲେ ଅନ୍ତରେ
ଦେବେ କରନ୍ତି ଘେନା ।।

ସମ୍ବଲପୁର

ISSN NO.
2582-208X

# କଳ୍ପଚିତ୍ର



ପ୍ରତିଭା ଦାସ

ସେଦିନ ହଠାତ ତୁମ ସହିତ
ପରିଚୟ ହୋଇଥିଲା,
ଜନଗହଳେ ନା ଦେଉଳରେ
ନା କେଉଁ  ନୀରବ ମୂହୁର୍ତ୍ତରେ
କେଉଁଠି କେମିତି ଯେ,
ସଠିକ ଭାବରେ ମନେ ନାହିଁ।

ହେଲେ,  ପରିଚୟ  ପରେ
ଏମିତି ଲାଗୁଥିଲା ଯେମିତି ତୁମକୁ ବହୁ ଦିନ ପୂର୍ବରେ
ଜାଣିଥିଲି, ଶୁଣିଥିଲି, ଦେଖିଥିଲି
ଠିକ୍ ମୋ ମାନସ ପଟରେ ଥିବା
ସେହି କଳ୍ପଚିତ୍ର  ଅନୁରାଗଙ୍କ ପରି।

ତୁମ ହସ ହସ ମୁହଁ ଅଧରେ
ଫୁଟିଥିବା ସତେଜ ଗୋଲାପ ଟି
ମୋ ମନ ବଗିଚାକୁ ଶ୍ୟାମଳୀ କରି
ଉଜ୍ଜୀବୀତ କରୁଥିଲା

ISSN NO.
2582-208X

ପ୍ରାଣପାଇ ଉଠିଥିଲି ସନ୍ଧ୍ୟାର ଜହ୍ନ
ଚଞ୍ଚଳା ନଇଟିଏ ହୋଇ ବହି ଯାଉଥିଲା
ଏକାନ୍ତରେ ନୀରବ ହୋଇ।

ସମୁଦ୍ର ପରି ଗଭୀର
ଫୁଲ ପରି କୋମଳ ନିର୍ମଳ
ଆକାଶ ପରି ବିଶାଳ ତୁମ ହୃଦୟରେ
ସେଦିନ ମୁଁ ଖୋଜି ପାଇଥିଲି ମୋର ପୃଥିବୀ ।

ତୁମରୀ ଚିର ସୁନ୍ଦର ନାନ୍ଦନିକ
ଅନୁଭବରେ ଥିବା
ଜୀବନର ସତ୍ୟତାକୁ ଅନୁଭବ କରିଥିଲି,
ପ୍ରାଣବନ୍ଧୁ ମୋର...
ପ୍ରେମ ହିଁ ସତ୍ୟ ଅଟେ
ଅକପଟରେ ନତଜାନୁ ହୋଇ ମାନିନେଇଥିଲି ।

ଆଜି ସଂଘାତ ମଝିରେ ଜୀବନର
ମାଧୁର୍ଯ୍ୟକୁ ଅନୁଭବ କରିଛି,
ମରୁମୟ ଜୀବନକୁ ଆଶ୍ୱସ୍ତ କରି
ଭଲପାଇବାରେ ପୁନର୍ଜୀବିତ ହୋଇଛି
ଜୀବନର ପ୍ରେମରେ ପଡିଛି।

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ଶବ୍ଦ ସବୁ ସରିଗଲା ପରେ



ବର୍ଷାରାଣୀ ମହାମଲ୍ଲିକ

ଶବ୍ଦ ସବୁ ସରିଗଲା ପରେ
କଣ ତୁମ ପାଇଁ ଲେଖିବି
କଲମ ଧରି...
ସାଧା କାଗଜ ପୃଷ୍ଠାରେ..
ତୁମ ପାଇଁ ଶବ୍ଦର ଘୋର ଅଭାବ
ନିହାତି ଅଭାବ..
ତୁମ ଭଳି ନାୟିକାର ରୂପ ପରିକଳ୍ପନା
କି ତୁମ ଗୁଣର ବର୍ଣ୍ଣନା କରିବାକୁ ଶବ୍ଦ କାହିଁ
ଅଣ୍ଡାଳି ହୁଏ ମୁଁ ଦୀର୍ଘ ରାତିରେ
ଶବ୍ଦ ସବୁ ସରିଗଲା ପରେ ।
ତୁମେ ନାଚୁଥାଅ ମୋ ମାନସ ପଟରେ
ପ୍ରବେଶ କର ଅଧାଖୋଲା ମୋ ଭଙ୍ଗା ହୃଦୟ ରେ
ତୁମେ ହସୁଥାଅ, ରୁଷୁଥାଅ ଟିକିଏ କଥାରେ
ତୁମ ପାଇଁ ମୁଁ କିଏ ?
ତୁମେ ଉଦ୍ୟାନ ର ସବୁଠୁଁ ସୁନ୍ଦର ଫୁଲ
ମୁଁ ଯତ୍ନ ନେବା ପାଇଁ ଛାର ମାଳିଟିଏ
ଶବ୍ଦ ସବୁ ସରିଗଲା ପରେ

ISSN NO.
2582-208X

ତୁମ କୁ ନେଇ ମୁଁ କଣ ଲେଖିବି
ତୁମେ ତ ଏ କବି ର ମାନସୀ କବିତା
ନାୟକ ମୁଁ ନ ହେଲେ ବି ତୁମେ ମୋ ନାୟିକା
ଶବ୍ଦ ସବୁ ସରିଯାଏ ତୁମ ଠାରେ ପହଁଞ୍ଚିଲେ,
ତୁମେ ଧଳା ପରୀ, ଗୋଲାପୀ ପରୀ କି
ନୁହଁ ସବୁଜ ପରୀ ଅବା ସୁନେଲୀ ପରୀ
ତୁମେ ସ୍ୱତନ୍ତ୍ର ମୋ ଠାରେ
ଶବ୍ଦ ସବୁ ସରିଗଲା ପରେ
ପୁଣି ତୁମେ ଜନ୍ମ ନିଅ ମୋ ମାନସ ପଟରେ
ତୁମେ ସୁକୁମାରୀ ଅନନ୍ୟ ଅଦ୍ୱିତୀୟା
ଯାହା ଲେଖିଦିଏ ତୁମେ ତ ସେଇ
ଶବ୍ଦ ସବୁ ସରିଗଲା ପରେ..
ତୁମେ ପୁଣି ହୁଅ ଆବିର୍ଭୂତା..
ମୋ ହୃଦୟ ନାୟିକା ହେ କବିତା!

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ISSN NO.
2582-208X

# ରାମାୟଣରୁ କଛି



ନରେନ୍ଦ୍ର ପ୍ରସାଦ ବେହେରା

## କୁଶଧ୍ୱଜ କପରି ସଙ୍କାସ୍ୟ ରାଜ୍ୟର ରାଜସିଂହାସନରେ ଅଧିଷ୍ଠିତ ହେଲେ

ଅଯୋଧ୍ୟାରେ ରାଜା ଦଶରଥ ଚିନ୍ତାକୁଳ ହୋଇ ବସିଥାନ୍ତି । ତାଙ୍କର ପ୍ରିୟତମ ପୁତ୍ର ରାମ ମହର୍ଷି ବିଶ୍ୱାମିତ୍ରଙ୍କ ସଙ୍ଗେ କେତେକାଳରୁ ଗଲେଣି । ଏପର୍ଯ୍ୟନ୍ତ ଅଯୋଧ୍ୟାକୁ ଫେରିଲେ ନାହିଁ । ରାମର ପିଲା ବୟସ । ମାୟାବୀ ରାକ୍ଷସଙ୍କ ସଙ୍ଗେ କିପରି ସେ ତାଳଦେଇ ଯୁଦ୍ଧ କରୁଥିବ; କ'ଣ ହେଲା ତା'ର ? ଏହିସବୁ ନୈରାଶ୍ୟମୟ ଚିନ୍ତା ଦଶରଥଙ୍କ ହୃଦୟକୁ ଆଚ୍ଛାନ୍ନକରି ରଖିଥିଲା । ରାଣୀମାନଙ୍କର ବିଶେଷତଃ କୌଶଲ୍ୟାଙ୍କ ଅବସ୍ଥା ରାମଙ୍କ ବିହୁନେ ଆହୁରି ଶୋଚନୀୟ । ରାମଙ୍କୁ ସ୍ମରି କୌଶଲ୍ୟାଙ୍କ ଦୁଇନେତ୍ରରୁ ଅବିରଳ ଅଶ୍ରୁଧାରା ବହିଯାଉଥାଏ । ରାମଙ୍କ କଥା ଭାବି ଦଶରଥ ଓ କୌଶଲ୍ୟା ଘଡିକି ଘଡି ମୂର୍ଚ୍ଛା ହେଇଯାଉଥାନ୍ତି ।

ରାମଙ୍କ କଥା ଆଲୋଚନା କରିବା ପାଇଁ ରାଜା ଦଶରଥ ନିଜର ପାତ୍ରମନ୍ତ୍ରୀ, ଅନ୍ୟାନ୍ୟ ସଭାସଦ ଓ କୁଳପୁରୋହିତ ବଶିଷ୍ଠମୁନିଙ୍କୁ ନେଇ ସଭାରେ ବସିଲେ । ରାମ କଥା କହୁ କହୁ ଦଶରଥ ବିକଳ ହୋଇ ଚେତା ହରେଇଲେ । ଦଶରଥ ଅଚେତ ହୋଇ ପଡିଯିବାର ଦେଖି ସମସ୍ତେ ପାଣିଛାଟି, ପଙ୍ଖାକରି ଦଶରଥଙ୍କ ଚେତା ଫେରାଇଲେ । ଦଶରଥଙ୍କୁ ସାନ୍ତ୍ୱନା ଦେଇ ବଶିଷ୍ଠ କହିଲେ--ହେ ରାଜନ୍, ମହର୍ଷି ବିଶ୍ୱାମିତ୍ର ଯେତେବେଳେ ପାଖେ ପାଖେ ଅଛନ୍ତି ରାମ ଲକ୍ଷ୍ମଣଙ୍କର କୌଣସି ଅନିଷ୍ଟ ଘଟିପାରିବ ନାହିଁ । ପୁଣି ରାମ ସାମାନ୍ୟ

ISSN NO.
2582-208X

ମନୁଷ୍ୟ ନୁହନ୍ତି । ସେ ହେଉଛନ୍ତି ସ୍ୱୟଂ ନାରାୟଣଙ୍କର ଅବତାର । ଅସୁରମାନଙ୍କୁ ନିଧନ କରିବା ପାଇଁ ନର ଦେହରେ ତାଙ୍କର ଜନ୍ମ । ତେଣୁ କୌଣସି ଅସୁର ତାଙ୍କର କୌଣସି କ୍ଷତି କରିପାରିବେ ନାହିଁ । ବଶିଷ୍ଠମୁନିଙ୍କ କଥା ଶୁଣି ଦଶରଥଙ୍କଠାରେ ଧୈର୍ଯ୍ୟ ଉପୁଜିଲା । ଦଶରଥ କହିଲେ --ଯାହାହେଉ ବର୍ତ୍ତମାନ ଆମେ ରାମ ଲକ୍ଷ୍ମଣଙ୍କ ବିଷୟରେ ସମ୍ବାଦ ସଂଗ୍ରହ କରିପାରିବା ସେ ବିଷୟ ଆପଣମାନେ ଏଠି ବିଚାରକରି ମୋତେ କହନ୍ତୁ । ମୋର ଅବସ୍ଥା ତ ଆପଣମାନେ ଦେଖୁଛନ୍ତି । ରାମ ଅଭାବରେ ମୁଁ ବର୍ତ୍ତମାନ ଚିନ୍ତାଶକ୍ତିରହିତ । ତେଣୁ ଆପଣମାନେ ବିଚାରକରି ମୁଁ ଯାହା କହିଲି ସେ ବିଷୟରେ ମୋତେ ବାଟ ବତାନ୍ତୁ ।

ଏହି ସମୟରେ ଦ୍ୱାରପାଳ ଆସି ଦଶରଥଙ୍କୁ ପ୍ରଣାମ କଲା । ଦ୍ୱାରପାଳ କହିଲା--ମହର୍ଷି ବିଶ୍ୱାମିତ୍ରଙ୍କ ଅନୁମତି ନେଇ ମିଥିଳାର ରାଜା ଜନକ ଆପଣଙ୍କ ପାଖକୁ ଦୂତ ପଠାଇଛନ୍ତି । ଜନକଙ୍କ ଦୂତ ଆପଣଙ୍କୁ ସାକ୍ଷାତ ମାଗି ସିଂହଦ୍ୱାରରେ ଅପେକ୍ଷାରତ । ଦଶରଥ ଦ୍ୱାରପାଳଙ୍କୁ କହିଲେ--ଶୀଘ୍ର ସେହି ଦୂତଙ୍କୁ ସସମ୍ମାନରେ ମୋ ପାଖକୁ ନେଇ ଆସ । ସଙ୍ଗେ ସଙ୍ଗେ ଦ୍ୱାରପାଳ ଜନକଙ୍କ ଦୂତଙ୍କୁ ଆଣି ଦଶରଥଙ୍କ ସମ୍ମୁଖରେ ଉପସ୍ଥାପନ କଲା ଓ ନିଜେ ଦ୍ୱାରଦେଶକୁ ଫେରିଗଲା । ଜନକଙ୍କ ଦୂତ ସତାନନ୍ଦ ପ୍ରଥମେ ମହର୍ଷି ବଶିଷ୍ଠଙ୍କୁ ଓ ତତ୍ପରେ ଦଶରଥଙ୍କୁ ପ୍ରଣାମ କରି ନିଜର ପରିଚୟ ଦେଲେ । ତାଙ୍କୁ ଦଶରଥ ବଡ଼ ଆଦରରେ ଯଥାଯୋଗ୍ୟ ଆସନରେ ବସାଇଲେ । ଦଶରଥଙ୍କୁ ସତାନନ୍ଦ କହିଲେ--ମହର୍ଷି ବିଶ୍ୱାମିତ୍ରଙ୍କ ଅନୁମତି ନେଇ ମିଥିଳାର ରାଜା ଜନକ ନିଜ ପକ୍ଷରୁ ବାର୍ତ୍ତାଦେଇ ମୋତେ ଆପଣଙ୍କ ପାଖକୁ ପଠାଇଛନ୍ତି । ମହର୍ଷି ବିଶ୍ୱାମିତ୍ର, ରାମ ଓ ଲକ୍ଷ୍ମଣ ବର୍ତ୍ତମାନ ରାଜା ଜନକଙ୍କ ଅତିଥିରୂପେ କୁଶଳରେ ଅଛନ୍ତି । ରାମ ଲକ୍ଷ୍ମଣ ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ଆପଣଙ୍କ ପାଖରୁ ଯାଇ ସିଦ୍ଧାଶ୍ରମରେ ଭୟଙ୍କରୀ ରାକ୍ଷସୀ ତାଡକା ଓ ରାକ୍ଷାସ ସୁବାହୁକୁ ଶରପେଷି ବଧ କରିଛନ୍ତି । ସେମାନେ ରାକ୍ଷାସ ସୈନ୍ୟମାନଙ୍କୁ ସମୂଳେ ବିନାଶ କରିଛନ୍ତି । ମାରୀଚ ଦୈତ୍ୟକୁ ତୀରମାରି ବହୁ ଯୋଜନ ଦୂରକୁ ଫିଙ୍ଗି ଦେଇଛନ୍ତି । ମିଥିଳାକୁ ଆସୁ ଆସୁ ରାମ ଅହଲ୍ୟା ପଥର ଉପରେ ପାଦଧୂଳିଦେଇ ଗୌତମମୁନିଙ୍କ ପତ୍ନୀ ଅହଲ୍ୟାଙ୍କୁ ଉଦ୍ଧାର କରିଛନ୍ତି । ଗଙ୍ଗାନଦୀ ପାର ହେଲାବେଳେ ଦରିଦ୍ର ନାବିକକୁ ଧନାଢ୍ୟ କରିଛନ୍ତି । ଜନକଙ୍କ ପାଖରେ ଥିବା ଶିବଧନୁକୁ ମହାମହା ବୀରମାନେ ଭାଙ୍ଗିପାରି ନ ଥିଲେ । ଭାଙ୍ଗିବେ କ'ଣ ? ସୂତାଏ ମଧ୍ୟ ଟେକିପାରି ନ ଥିଲେ । କିନ୍ତୁ ରାମ ସେହି ଧନୁକୁ ଅତି ସହଜରେ ଉଠାଇଧରି ସେଥିରେ ଗୁଣ ଦେଲାବେଳେ ଧନୁ ପ୍ରଚଣ୍ଡ ଶବ୍ଦକରି ଦୁଇଖଣ୍ଡ

ISSN NO.
2582-208X

ହୋଇଯାଇଛି । ନିଜର ଶପଥ ଅନୁସାରେ ରାଜା ଜନକ ନିଜ ଝିଅ ସୀତାଙ୍କୁ ରାମଙ୍କ ସହିତ ବିଭାଦେବା ପାଇଁ ପ୍ରସ୍ତୁତ । ସେହି ଶୁଭ ବିବାହ କାର୍ଯ୍ୟ ସକାଶେ ବରପିତା ଭାବରେ ଆପଣଙ୍କର ଉପସ୍ଥିତିର ଏକାନ୍ତ ଆବଶ୍ୟକତା ଥିବାରୁ ରାଜା ଜନକ ଆପଣଙ୍କୁ ନିମନ୍ତ୍ରଣ କରିଛନ୍ତି । ଆପଣ ପହଞ୍ଚିବା ସଙ୍ଗେ ସଙ୍ଗେ ଶୁଭକାର୍ଯ୍ୟ ଅନୁକୂଳ ହେବ । କୁଳଗୁରୁ ମହର୍ଷି ବଶିଷ୍ଠ, ମନ୍ତ୍ରୀ, ସୁମନ୍ତ୍ର, ଅନ୍ୟାନ୍ୟ କେତେକ ମନ୍ତ୍ରୀ ଓ ବ୍ରାହ୍ମଣ, ଭରତ, ଶତ୍ରୁଘ୍ନ, କୌଶଲ୍ୟା, କୈକେୟୀ, ସୁମିତ୍ରା ତଥା ବହୁ ଦାସୀଙ୍କୁ ସଙ୍ଗରେଘେନି ରାଜା ଦଶରଥ ନିଜର ଚତୁରଙ୍ଗ ବଳ ସହ ମିଥିଳାରେ ଯାଇ ପହଞ୍ଚିଲେ ।

ଏହାପରେ ଦୁଇରାଜା ବସି ବହୁତ ସମୟ ଧରି ଦୁଃଖ ସୁଖ ହେଲେ । ତାପରେ ଦଶରଥଙ୍କୁ ଜନକ କହିଲେ --ଆସନ୍ତାକାଲି ମୋର ଯଜ୍ଞ ସମାପ୍ତ ହେବାକୁ ଯାଉଛି । ତା ପରଦିନ ସୀତାଙ୍କ ସହିତ ରାମଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ କରିବା । ଏହାପରେ ଜନକ ଦୂତ ପଠାଇ ଇନ୍ଦୁମତୀ ନଦୀ ତୀରରେ ଥିବା ସଙ୍କାସ୍ୟ ରାଜ୍ୟର ରାଜା କୁଶଧ୍ୱଜକୁ ଡକାଇ ଆଣିଲେ । କାରଣ କୁଶଧ୍ୱଜ ଜନକଙ୍କ ସାନଭାଇ ଥିଲେ । ଯଜ୍ଞ ସମାପନ ଦିବସରେ ରାଜା ଜନକ ଯଜ୍ଞସ୍ଥଳ ପାଶ୍ୱରେ ଗୋଟିଏ ସଭାର ଆୟୋଜନ କରିଥିଲେ । ସେହି ସଭାରେ ସମସ୍ତଙ୍କ ଗହଣରେ କୁଳଗୁରୁ ଓ ପରମହିତକାରୀ ମହର୍ଷି ବଶିଷ୍ଠ ଜନକ ରାଜାଙ୍କ ଆଗରେ ରାଜା ଦଶରଥଙ୍କ ପୂର୍ବପୁରୁଷ ଅଯୋଧ୍ୟାର ସୂର୍ଯ୍ୟବଂଶ ବିଷୟରେ ଆମୂଳଚୂଳ ବର୍ଣ୍ଣନା କରିଥିଲେ । ଏହାପରେ ମିଥିଳାଧିପତି ଜନକ ତାଙ୍କ ବଂଶର ବିବରଣୀ ପ୍ରଦାନ କଲେ । ଜନକ କହିଲେ--ମୋ ବଂଶର ପ୍ରଥମ ବ୍ୟକ୍ତି ହେଉଛନ୍ତି ନିମି । ନିମିଙ୍କ ପୁତ୍ର ମିଥି । ମିଥିଙ୍କ ପୁତ୍ର ଜନକ (୧ମ) । ଜନକ (୧ମ) ଙ୍କ ପୁତ୍ର ଉଦାବସୁ, ଉଦାବସୁଙ୍କ ପୁତ୍ର ଶ୍ରୀଚନ୍ଦନବର୍ଦ୍ଧନ, ଶ୍ରୀଚନ୍ଦନବର୍ଦ୍ଧନଙ୍କ ପୁତ୍ର ସୁକେତୁ, ସୁକେତୁଙ୍କ ପୁତ୍ର ରାଜର୍ଷି ଦେବରାତ, ଦେବରାତଙ୍କ ପୁତ୍ର ବୃହଦ୍ରଥ, ବୃହଦ୍ରଥଙ୍କ ପୁତ୍ର ସୁଧୃତି, ସୁଧୃତିଙ୍କ ପୁତ୍ର ଧୃଷ୍ଟକେତୁ, ଧୃଷ୍ଟକେତୁଙ୍କ ପୁତ୍ର ହର୍ଯ୍ୟାଶ୍ୱ, ହର୍ଯ୍ୟାଶ୍ୱଙ୍କ ପୁତ୍ର ମେରୁ, ମେରୁଙ୍କ ପୁତ୍ର ପ୍ରତ୍ୟନ୍ଧତ, ପ୍ରତ୍ୟନ୍ଧତଙ୍କ ପୁତ୍ର କୀର୍ତ୍ତିରଥ, କୀର୍ତ୍ତିରଥଙ୍କ ପୁତ୍ର ଦେବମୀଢ, ଦେବମୀଢଙ୍କ ପୁତ୍ର ବିବୁଧ, ବିବୁଧଙ୍କ ପୁତ୍ର ମହୀଧ୍ୱଜ, ମହୀଧ୍ୱଜଙ୍କ ପୁତ୍ର ଯଶୋରଥ, ଯଶୋରଥଙ୍କ ପୁତ୍ର ମହାରୋମା, ମହାରୋମାଙ୍କ ପୁତ୍ର ସ୍ୱର୍ଣ୍ଣରୋମା, ସ୍ୱର୍ଣ୍ଣରୋମାଙ୍କ ପୁତ୍ର ପରମଧାର୍ମିକ ହ୍ରସ୍ୱରମା । ହ୍ରସ୍ୱରମାଙ୍କ ପୁତ୍ର ମୁଁ "ଜନକ" ଓ ମୋର ସାନଭାଇ କୁଶଧ୍ୱଜ । ପିତାଙ୍କର ମୁଁ ବଡ଼ପୁଅ ବୋଲି ପିତା ମୋତେ ରାଜ୍ୟଭାର ଦେଲେ ଓ କୁଶଧ୍ୱଜକୁ ମୋର ପୂର୍ଣ୍ଣ ତତ୍ତ୍ୱାବଧାନରେ

ISSN NO.
2582-208X

ଦେଇଗଲେ । ମୋର ଏହି ସାନଭାଇଟିକୁ ମୁଁ ଅତୀବ ସ୍ନେହରେ ମୋ ପାଖେ ପାଖେ ରଖିଥିଲି । ଏହି ସମୟରେ ସଙ୍କାସ୍ୟ ରାଜ୍ୟର ରାଜା ସୁଧନ୍ୱା ମିଥିଳାକୁ ଆସି ମୋତେ ଶିବଧନୁ ଓ ସୀତାକୁ ମାଗିଲା । ମୁଁ ନାହିଁ କରିବାରୁ ଦୁଷ୍ଟ ସୁଧନ୍ୱା କ୍ରୋଧାନ୍ୱିତ ହୋଇ ମୋ ସହିତ ଘୋର ଯୁଦ୍ଧ କଲା । ସେହି ଯୁଦ୍ଧରେ ମୋ ହସ୍ତରେ ନିହତ ହେବାରୁ ମୁଁ ମୋ ସାନ ଭାଇ କୁଶଧ୍ୱଜକୁ ସେହି ସଙ୍କାସ୍ୟ ରାଜ୍ୟର ରାଜସିଂହାସନରେ ଅଧିଷ୍ଠିତ କଲି । ସେହିଦିନୁ ସଙ୍କାସ୍ୟ ରାଜ୍ୟର ରାଜାରୂପେ କୁଶଧ୍ୱଜ ଖୁବ୍ ସୁନ୍ଦର ଭାବରେ ପ୍ରଜାମାନଙ୍କୁ ପାଳି ଆସୁଛନ୍ତି। ମୁଁ ତ ରାମଙ୍କ ସହିତ ସୀତାଙ୍କୁ ବିବାହ ଦେବି । ସେଥି ସଙ୍ଗେ ସଙ୍ଗେ ମୋ ସାନଝିଅ ଉର୍ମିଳାକୁ ଲକ୍ଷ୍ମଣଙ୍କ ସହିତ ବିବାହ ଦେବାପାଇଁ ମୁଁ ଇଛା କରିଛି । ଏଥିରେ ଦଶରଥ ସମ୍ମତ ଦିଅନ୍ତେ ଜନକ କହିଲେ--ଜ୍ୟୋତିଷମତରେ ଆଜି ମଘାରକ୍ଷ ଭୋଗ ହେଉଛି । ଏହାପରେ ପୂର୍ବ ଫାଲଗୁନୀ ହେବ । ତେଣୁ ବିବାହ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା ଆବଶ୍ୟକ । ଏହି ସମୟରେ ମହର୍ଷି ବିଶ୍ୱାମିତ୍ର କହିଲେ--ରାଜା କୁଶଧ୍ୱଜଙ୍କର ଦୁଇଗୋଟି ଝିଅ ଅଛନ୍ତି । ସେ ଦୁହିଁଙ୍କ ମଧ୍ୟରୁ ଜଣକୁ ଭରତଙ୍କ ସହିତ ଓ ଆଉ ଜଣକୁ ଶତ୍ରୁଘ୍ନଙ୍କ ସହିତ ବିଭା ଦେଲେ କିପରି ହୁଅନ୍ତା ? ବିଶ୍ୱାମିତ୍ରଙ୍କର ଏ ପ୍ରସ୍ତାବକୁ ଜନକ ଓ ଦଶରଥ ସମର୍ଥନ କଲେ । ଏହାପରେ ଜନକଙ୍କ ପ୍ରାର୍ଥନାରେ ଦୁଇ ମହର୍ଷି ବଶିଷ୍ଠ ଓ ବିଶ୍ୱାମିତ୍ର ଏହି ବିବାହ କାର୍ଯ୍ୟ ଯଥାବିଧିରେ ନିର୍ବାହ କଲେ । ବିବାହବେଦୀରେ ସୀତାଙ୍କୁ ରାମ, ଉର୍ମିଳାଙ୍କୁ ଲକ୍ଷ୍ମଣ, ମାଣ୍ଡବୀଙ୍କୁ ଭରତ ଓ ଶ୍ରୁତକୀର୍ତ୍ତିଙ୍କୁ ଶତ୍ରୁଘ୍ନ ପତ୍ନୀରୂପେ ଗ୍ରହଣ କଲେ । ତାପରେ ମୂଲ୍ୟବାନ ଯୌତୁକ ସହ ଝିଅଜ୍ୱାଇଁ ମାନଙ୍କୁ ଦଶରଥଙ୍କ ଜିମାଦେଇ ଜନକ ପରମ ସମ୍ମାନରେ ବିଦାୟଦେଲେ । ଅଯୋଧ୍ୟାରୁ ଦଶରଥଙ୍କ ସହିତ ଯେଉଁମାନେ ଆସିଥିଲେ ସେମାନଙ୍କୁ ଏବଂ ପୁତ୍ରମାନଙ୍କୁ ସଙ୍ଗରେ ଘେନି ଦଶରଥ ମିଥିଳାରୁ ଅଯୋଧ୍ୟାକୁ ଫେରିଆସିଲେ । ତା' ପରେ ଜନଜ ତପସ୍ୟା କରିବା ପାଇଁ ହିମାଳୟକୁ ଯାତ୍ରାକଲେ ।

ଆଳଦା, ଖଇରା , ବାଲେଶ୍ୱର

ISSN NO.
2582-208X

# ସବୁଠି ଏହି ଧନ୍ଦା



ଜୟ କୁମାର ମିଶ୍ର

ହୁଏ  ଧରାବନ୍ଧା, ଛନ୍ଦମନ୍ଦ ଧନ୍ଦା
ନିତିଦିନିଆଁ ସେ ହେଲା,
ଭିତିରି ଭିତିରି, ସବୁତ ଅନ୍ଧାରି
କରୁଥାଏ ଠିଆପାଲା ॥
କିଏକହେ ତାକୁ, ହାତ ଗୁଞ୍ଜାଟିକୁ
କିଏ ଲାଞ୍ଚ, ବଟି କୁହେ,
କିଏ ଭେଟି କୁହେ, ଶ୍ରଦ୍ଧାକହି ଦିଏ
ଏକ ଏକାନ୍ତରେ କିଏ  ॥
ଦେବାର ତରିକା, ଭିନ୍ନଭିନ୍ନ ଦେଖା
ଉଦେଶ୍ୟଟି ପରା  ଏକ
କାମ ଆଦାୟର, ଉପାୟ ବେଭାର
କେଉଁଠି କିପରି ଦେଖ ॥
ମୂର୍ଖ ଓ ଅଜ୍ଞାନୀ, ହୁଏ ମହାଜ୍ଞାନୀ
ପ୍ରମାଣ ପତ୍ରଟି ପାଏ,
ଡିଗ୍ରୀ ଓ ଡିପ୍ଲୋମା, ଉପାଧି ମିଳିବା
ଅତି ସହଜିଆ ହୁଏ ॥
କଲେ ଦିଆନିଆଁ, ମେଳୁଥାଏ ଯାହା
ହାତ ପାଆନ୍ତାରେ ଆସି,
ଅସମ୍ଭବ ସବୁ, ସମ୍ଭବଟି ହୁଏ

ISSN NO.
2582-208X

ମିଳେ ସରଗର ଶଶୀ ॥
ପ୍ରତିଯୋଗୀତାରେ, ପ୍ରତିଯୋଗୀ କରେ
ସଫଳତା ହାତ ଧରେ,
ପୂରୁବ ପ୍ରସ୍ତୁତି, ଅବା ପ୍ରିୟା ପ୍ରୀତି
ମୁହଁଚୁହାଁ କାମ ବାରେ ॥
ଦେଇ କେ ଜାଣିଲେ, ମନକୁ ମୋହିଲେ
ରତିପ୍ରୀତି କିଏ ଦିଏ,
ଗୁପୁତ ସମ୍ପଦ, ଇଜ୍ଜତ ମହତ
ଧନ ଅନୁଚର ହୁଏ ॥
କାର୍ଯ୍ୟାଳୟ, ଦେଖ, ସ୍ଥିତିକୁ ପରଖ
ନିରେଖି ନିରେଖି ଟିକେ,
କୋଣବାଡ଼ ତଡ଼, ଲୁଚାଛପା ବଡ଼
ଫୁସରୁ ଫାସର ଶଙ୍କେ ॥
ଭଦ୍ର ଚୋରଙ୍କର, ବଡ଼ କାରବାର
ଗୋଛି କାଟା, କଛା କଟା
ଝିଂଟିକାକୁ ମାରି, ବଣି ପୋଷିକରି
ସଭା ସମିତିରେ ହଟା ॥
ଆମେ ଉଧାରୁଛୁ, ପ୍ରଜାପାଇଁ ଅଛୁ
ଆମ ତନୁମନ  କାନ୍ଦେ,
ଆପଣା ସ୍ୱାର୍ଥଟି, ପ୍ରମୁଖ ସେଇଠି
ଲାଭ, ଲୋଭ ଆଶେ  ଧନ୍ଦେ ॥
ଯିଏ ଦେଇ ଜାଣେ, କେବେ ଗଣ୍ଡେପଣେ
ତାପ୍ରତି ସରାଗ  ବଢ଼େ,
କେତେ  ଡକାହକା, ଚଉକିଟି ପକା
ହାକିମଟି ହାତ ଯୋଡ଼େ ॥
ହୁଏ ତାର କାମ, ଲଙ୍ଘିଣ  ନିୟମ
କେତେ ଖଞ୍ଜପଟ କଥା

ISSN NO.
2582-208X

ଅଯୋଗ୍ୟ କେଉଁଠି, ଯୋଗ୍ୟତାର ଭେଟି
(ଘେନି) ଟେକେ ନିଜ ମଥା ॥
କୁକୁରକୁ ମାଂସ, କରଇ ବେହୋସ
ହିତାହିତ ଜ୍ଞାନ ମାରେ,
ଯିଏ ଯାହା କହୁ, ନିନ୍ଦା ରାଷ୍ଟ୍ର ହେଉ
ଦେହମନ ସହିପାରେ ॥
ଦାନ୍ତଦେଖା ହସ, ବୃଥା ପଉରସ
ଦାଣ୍ଡ ଦେଖାଣିଆ କଥା,
ନିର୍ଲଜ ବେଭାର, ନିତି କାରବାର
ପରପାଶେ ବିକ୍ରି ମଥା ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ସବୁ ଜାଳିଦିଏ ସନ୍ଦେହ ନିଆଁ



ବିନୋଦିନୀ ଦାଶ

ସଂସାର ବୁକୁରେ ଘର କରିଛନ୍ତି
ଅବିଶ୍ୱାସ ଘୃତେ ଜଳିବା କିଆଁ
ଏକଥାକୁ କେହି ଭୁଲି ଯିବା ନାହିଁ
ସବୁ ଜାଳିଦିଏ ସନ୍ଦେହ ନିଆଁ ।

ସନ୍ଦେହ ବଳୟ ଭିତରେ ହୃଦୟ
ହୁତୁହୁତୁ ପରା ଜଳିବା ସାର
ପ୍ରତ୍ୟେକ ମୁହୂର୍ତ୍ତ ଅଣନିଃଶ୍ୱାସୀ
ଜୀଇଁବା ହୁଅଇ କଷ୍ଟକର ।

ପ୍ରତାପ ତାହାର ଏତେ ଯେ ପ୍ରଖର
ଶୁଷ୍କ କରିଦିଏ ସ୍ନେହ ମମତା
ହୃଦୟହୀନତା ସାରଇ ମହତ
ଛିଣ୍ଡିଯାଇଥାଏ ସମ୍ପର୍କ ସୂତା ।

ସୁପଥକୁ ଛାଡ଼ି ବିପଥରେ ଧାଏଁ
ହରାଇ ନିଜର ବିବେକବୋଧ
ସହନ ଶକତି ଦିନୁଦିନ କ୍ଷୀଣ
ହୁଏ ଧୈର୍ଯ୍ୟ ଗୁଣର ଅବରୋଧ ।

ଉଣ୍ଡାଳି ଉଣ୍ଡାଳି ଛିଦ୍ରକୁ ଖୋଜିବା
କେବଳ ଜଣେ ସନ୍ଦେହୀ ଲକ୍ଷଣ
ଘୃଣା ଆଉ କ୍ରୋଧେ ସର୍ବଦା ଅଶାନ୍ତ
ବୁଝାମଣା ନିତି ନ ପଶେ ମନ ।

ହସଖୁସି ଭରା ଦୁନିଆ ଭିତରେ
ସବୁ ସରସତା କରି ହରଣ
ଶୁଣାଏ ହୃଦୟ ରୁଦ୍ଧ କୋଠରୀରୁ
ନିର୍ବାସିତର କ୍ରନ୍ଦନ ସ୍ୱନ ।


www.vedantimagazine.com

ISSN NO.
2582-208X

ତ୍ୟାଗୀର ମନଟି ହୁଅଇ ଦୁର୍ବଳ
ସନ୍ଦେହୀ ଛୁଟଇ ଅଧୋଗତିରେ
କିଆଁ ସେ ନିଆଁକୁ ଲିଭାଇ ନଦେଇ
ଜଳୁଥିବା ନିତି ହା-ହୁତାସରେ ।

ଏ ସନ୍ଦେହ ପାଇଁ ପିତାଙ୍କ ନିର୍ଦ୍ଦେଶେ
ପର୍ଶୁରାମ କଲେ ମାତାଙ୍କୁ ହତ୍ୟା
ସତ୍ୟକୁ ଜାଣି ବି ଶିରୀରାମଚନ୍ଦ୍ର
ସୀତା ବନବାସ ଦେଲେ ଅଗତ୍ୟା ।

ମାନବ ରୂପରେ ଭଗବାନ ଜନ୍ମି
ଶୁଣାଇଲେ ଯେଉଁ ସନ୍ଦେହ ଗାଥା
ଭାବିଦେଲେ ଟିକେ ମନରେ ଆମର
ହୁଏନି କି ସତେ ଟିକିଏ ବ୍ୟଥା !

ସନ୍ଦେହ ନିଆଁରେ ଯେବେ ନ ଜଳିବା
ବିଶ୍ୱାସୁ ମିଳିବ ଅପାର ଶାନ୍ତି
ଭରସା ସେଠାରେ ତୋଳି ପ୍ରେମ-ଗୀତି
ଜୀବନେ ଭରିବ ପରମ ତୃପ୍ତି ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଯିବ ନାହିଁ ପଥ ହୁଡି



ଅଲେଖ ମେହେର

ଇନ୍ଦୁକୁ ଚକୋର  ଘନକୁ ଚାତକ
  ଅର୍ଣ୍ଣବକୁ ଖୋଜେ ନଇ,
ଜୀବାତ୍ମା ଖୋଜଇ  ମୁକତି କକୁଭ
  ନିତ୍ୟ ବିଭୁପାଦେ ନଇ ।
ଲୌହ ଦଣ୍ଡ ଯେହ୍ନେ  ଚୁମ୍ବକ ସମୀପେ
  ଆକର୍ଷଣେ ହୁଏ ଏକ,
କୁମୁଦିନୀ ଚନ୍ଦ୍ର  ଘସ୍ରକୁ ଉତ୍ପଳ
  ଚିତ୍ତ ମୋର ଏସନକ ।
ସମର୍ପିଲି  ସର୍ବ  ମାନ ଯଶ କୀର୍ତ୍ତି
  ଗୋପର ଗୋପିକା ହୋଇ,
ପ୍ରେମ ସ୍ରୋତସ୍ୱିନୀ  ଗରଭେ ବୁଡାଅ
  ନିଷ୍କଳ ଭକତି ଥୋଇ ।
ପ୍ରାରବ୍ଧ ବୁଝିବା  ଆୟତ୍ତ ବାହାରେ
  ବହି ନର କଳେବର,
ଉରଃସ୍ଥଳେ ରହି  ବୃଜିନ ପଥରୁ
  ନିବୃତ୍ତେ ଶକତି ଭର ।

ସୋଽହଂ ର ସ୍ୱର  ବକ୍ଷ କି ଭୁଲିବ
  ତୃଷାର୍ତ୍ତ ଭୁଲେ କି ପୟ,
ଯେଣେ ଅନାଇଲେ  ତୁମ ବକ୍ତ୍ର ଦିଶେ
  କି ପାଇଁ କରିବି ଭୟ ?
ଶରୀର ରଥ ମୋ  ଜୀବନ ସଂଗ୍ରାମେ
  ଯେବେ ପଡିବ ଭୁଷୁଡି,
ଖଇ କଉଡିର  ଆଶା ନାହିଁ ନାଥ
  ଯିବନାହିଁ ପଥ ହୁଡି ।
ଯାଯାବର ଭାଳେ  ଦୁର୍ଗତି କଷଣ
  ମିଶା ଯେହ୍ନେ କ୍ଷୀର ନୀର,
ମାଗୁଛି ଶରଣ  ଧରି ଶ୍ରୀ ଚରଣ
  କରି ନତ ହୀନ ଶିର ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ବର୍ଷା ଗୋ ତୁମେ....



ଶାଶ୍ୱତୀ ନନ୍ଦ

ବର୍ଷା ଗୋ ତୁମେ ଆସ ଯେବେ ଧରିତ୍ରୀକୁ ନୂଆ ରୂପ ନେଇ,
ସେବେ ଚଳ-ଚଞ୍ଚଳ ହୋଇ ଉଠେ ଆକାଶ ଠୁ ଭୂଇଁ ।
ବର୍ଷା ଗୋ ତୁମ ସ୍ପର୍ଶ ପାଇ ଯେବେ ପୂରି ଉଠେ ସାଗର ଠୁ ନଈ,
ସେବେ ଉଛୁଳା ଜଳରେ ଖାଲି ନାଚି ଉଠେ ତୁମର ସେ କଳାମେଘୀ ଛାଇ।
ବର୍ଷା ଗୋ....

ବର୍ଷା ଗୋ ତୁମ ବଦାନ୍ୟରେ ଥାଏ କେତେ ଅମୃତ କୁହୁକ,
ଧରଣୀର ଶୁଷ୍କ ବକ୍ଷେ ଖେଳିଯାଏ ମିଠା ମିଠା ମାଟିର ମହକ।
ବର୍ଷା ଗୋ ତୁମ ଅନ୍ତରରେ ଭରା କେତେ ଅସରନ୍ତି ଦୁଃଖ,
ବୋହିଯାଏ ଅଶ୍ରୁତୁଲ୍ୟ ଫଟାଇ ସେ ଆକାଶର ବକ୍ଷ ।
ବର୍ଷା ଗୋ......

ବର୍ଷା ଗୋ ତୁମ ପରଶରେ ଭରି ରହେ ଏତେ ଶୀତଳତା,
ଏକ ବୁନ୍ଦା ଆସ୍ୱାଦନେ ଚାତକର ଅନ୍ତିମ ପ୍ରତୀକ୍ଷା।
ବର୍ଷା ଗୋ ତୁମ ଏକ ସ୍ରୋତେ ମିଳିବାର ଆଶା,
ଅଙ୍କିଦିଏ ଜୀବନରେ ସଂହତିର ଭିନ୍ନ ଏକ ଦିଶା।
ବର୍ଷା ଗୋ.......

ISSN NO.
2582-208X

ବର୍ଷା ଗୋ ତୁମେ ଯେତେ ବରଷିଲେ ନୂଆ ନୂଆ ଲାଗ,
କ୍ଷଣସ୍ଥାୟୀ ଏ ଜୀବନେ ବିଞ୍ଚିଦିଅ ଖୁସିର ମୁହୂର୍ତ୍ତ।
ବର୍ଷା ଗୋ ତୁମ ବାରିଧାରା ନିର୍ମଳ - ନିର୍ଭୀକ-ନିଃସ୍ୱ,
ଶତ ବିଜୁଳି ଗର୍ଜନେ ସେତ ହୁଏନାହିଁ ତିଳେ ଭୟଭୀତ।

କଳାପଥର,କଟକ
ଦୂରଭାଷ- ୮୯୨୬୨୧୭୭୦୭

ISSN NO.
2582-208X

# ନାଟକ

# ।।ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ୮ ଦୃଶ୍ୟ ।।

ଏକାକୀ ରଶ୍ମି ଠାକୁରଙ୍କୁ ଗୁହାରି କରୁଥାଏ ।

ରଶ୍ମି- ହେ ପ୍ରଭୁ ଜଗନ୍ନାଥ! ତୁମେ ହିଁ ଆମ ଭାଇ ଭଉଣୀଙ୍କର ସାହା ଭରଷା। କରୋନା କବଳରେ ବାନ୍ଧି ବାପା-ବୋଉକୁ ତ ଆମଠୁ ଛଡେଇନେଲ ବାକି ଜୀବନ କେମିତି କାଟିବୁ ପାଦେ ପାଦେ ଦୁର୍ବିସହ ହୋଇପଡୁଛି । ଜାଣେନି ତୁମ କୃପା ଆମ ଉପରେ ଅଛି କି ନା..?

(କଉ ମହାନ୍ତି ପ୍ରବେଶି )

କଉ- ନା ବିଲକୁଲ ନାହିଁରେ ମା' ତୁମ ଦିଇଟାଙ୍କ ଉପରେ ଠାକୁର ଭରଷା କରିବେ କଣ ମୁଁ ତ ଭରଷା କରିପାରୁନି। ଶଳା ୫ ମାସ ହେଲା ଘରଭଡା ଦେଇନ ଆହୁରି କଣ ନା ଠାକୁରଙ୍କ ପାଖେ ଗୁହିରି କରି କୁଶଳରେ ରହିବାକୁ ଚାହୁଁଛୁ। ମୋ ହୃଦକୁ ବାଧିଛି ମାନେ ତୁମେ ଭାଇ ଭଉଣୀ ଦିଇଟାକୁ କିଛି କୁଳେଇବନି।

ରଶ୍ମି-ଆପଣ ଏମିତି ରାଗୁଛନ୍ତି କାହିଁକି ମଉସା?

କଉ-ରାଗିବିନି ଆଉ କଣ ଫୁଲ ଚନ୍ଦନ ଦେଇ ପୂଜା କରିବି? ଶଳା ମୋ ୫ ମାସର ଘରଭଡା ଦିଅ ନହେଲେ ଘର ଖାଲି କର। ସେ ଅଶୋକା କାହିଁ? ସେଦିନ ତ ବଡ଼ ଟାଉଁ ଟାଉଁ ହେଇ କହୁଥିଲା ଏକାଥରେ ୫ ମାସର ଘରଭଡା ଦେଇଦେବ। ଆଜି କୁଆଡେ ଲୁଚିଛି ଶଳା। ଅଶୋକା! ବେ ଅଶୋକା! କୁଆଡେ ଲୁଚିଛୁ ଆସି ମୋ ୫ ମାସର ଘରଭଡା ଦେଇଯା।

ISSN NO.
2582-208X

ରଶ୍ମି- ଅଶୋକ ଘରେ ନାହିଁ ମଉସା।

କଉ- ମୁଁ ଜାଣେ ସେ ଆଜି ଦିନରେ ଘରେ ରହିବନି।ଓ ଠ କଣ ନ କହେ ଓଟ କଣ ନ ଖାଏ! ହଉ ସେ ନଥିଲା ତ କଣହେଲା ତୁ ତ ଅଛୁ। ମୋ ପାଉଣା ଦେଇଦେ ମୁଁ ଯାଏ।

ରଶ୍ମି- ଏ ମାସ ବି ଆପଣଙ୍କ ଘରଭଡା ଦେଇହେବନି ମଉସା।

କଉ- ଏ ମାସ ଦେଇହେବନି ଆର ମାସ ଦେଇପାରିବିନି, ତା ଆର ମାସକୁ ଦେବି, ଏମିତି ହଉ ହଉ ୫ ମାସ ବିତିଗଲାଣି। ତାମାନେ ତୁମେ ଭାଇ ଭଉଣୀ ଦିଇଟା ମୁଫତରେ ମୋ ଘରେ ରହିବ ନା କଣ ବେ ? ଆଜିରେ ଘରଭଡା ଦେବ ତ ରହିବ ନହେଲେ ଆଉ କୋଉଠି ରହିବ ଯାଅ।

ରଶ୍ମି- ଆମ ପରିସ୍ଥିତିକୁ ଥରେ ଭାବନ୍ତୁ ମଉସା।

କଉ- ତମ ପରିସ୍ଥିତିକୁ ଭାବି ଭାବି ମୁଁ କଣ ତମ ଦିଇଟାଙ୍କ ଭାଇ ବନ୍ଧୁ କୁଟୁମ୍ବ ହେଇଯିବି ? ବିଲକୁଲ ନୁହେଁ! ମୁଁ କଉ ମହାନ୍ତି ମୋ ପରି ଆଉ କେହି ନାହାନ୍ତି। ଗୋଟେ ଘଟରେ ବାଘ ଛେଳିକୁ ପାଣି ପିଆନ୍ତି। ଆରେ ହେ ତମେ ଦିଇଟା ମୋତେ କଣ ଭାବିଛ କି ଢେଙ୍କି ନା ଢେମଣା ? ଶୀଘ୍ର ୫ ମାସର ଘରଭଡା ବାହାର କର ନଚେତ ପେଡି ପୁଟୁଳା ବାନ୍ଧି ସଜବାଜ ହୁଅ।

ରଶ୍ମି- ମୁଁ ହାତ ଯୋଡୁଛି ମଉସା ଆଉ କିଛିଦିନ ଅପେକ୍ଷା କରନ୍ତୁ। କରୋନା ପରେ ଅଶୋକ ଯେଉଁ ଫ୍ୟାକ୍ଟ୍ରିରେ କାମ କରୁଥିଲା ସେଇଟା ଏବେସୁଦ୍ଧା ବନ୍ଦ ଅଛି। ମ୍ୟାନେଜର କହିଛନ୍ତି ଆସନ୍ତା ମାସ ଫ୍ୟାକ୍ଟ୍ରି ଖୋଲିବ। ଅଶୋକ କାମରେ ଲାଗିଗଲେ ବାକିଥିବା ଘରଭଡା ଦେଇଦବୁ।

କଉ- ନା ଆଉ କୋହଳ କରିହେବନି, ଜମା ନୁହେଁ। ଆଜିରେ ଘରଭଡା ନେବି ନହେଲେ ତମ ଦିହିଙ୍କୁ ଘରୁ ବିଦା କରିବି।

ରଶ୍ମି- ମଉସା! ଏତେ ନିର୍ଦ୍ଦୟ ହୁଅନ୍ତୁ ନାହିଁ। ମୁଁ କଥା ଦେଉଛି ଅଶୋକ କାମରେ ଲାଗିଗଲେ ଆପଣଙ୍କର ସବୁ ଟଙ୍କା ଶୁଝିଦେବୁ।

ISSN NO.
2582-208X

କଉ- ସେ ପାଣି ସାଉଁଳା କଥା ମୋତେ ଆଉ ଶୁଣାନା। ଆଜିରେ ୫ ମାସର ଘରଭଡ଼ା ଦେ ନହେଲେ ଘର ଛାଡ। ଆରେ ହେ କପିଳା! ଶଳାଟା କେତେ ଦୂରରେ ରହିଗଲା କି ଘଡ଼ିଏ ହେଲା ମୁଁ ପହଞ୍ଚିଲିଣି ଏ ପର୍ଯ୍ୟନ୍ତ ଦେଖାନାହିଁ।

କପିଳ- ମୁଁ ଆଚି ଯାଇଚି ଲୋ ବାପା।

କଉ- ଏତେବେଳ ଯାଏ କୁଆଡେ ପଛରେ ରହିଗଲୁ ?

କପିଳ- ହେଇ..ତମଲ ଯୋଉ ବାଗ ନା! ତମେ ନିଜେ ତ କହିଲ ବାହାଲେ ଥା, ମୁଁ ଦାକିଲେ ଆଚିବୁ।

କଉ- କଣ କରିବା କହିଲୁ ?

କପିଳ- କନ ହେଇଚି ମୋ ବାପାଲ କନ ହେଇଚି ?(ବାପାକୁ ଧରି ବହଲାଏ )ମୋତେ କୁହ ମୁଁ ଚବୁ ଚମାଧାନ କଲିଦେବି ।

କଉ- ଛେନାଗୁଡ଼ କରିବୁ! ମୋ ମୁଣ୍ଡକୁ ପିତ ଚଢି ଗଲାଣିରେ... ଆରେ ଏ ଟୋକି ଆଉ ତା' ଭାଇ ୫ ମାସ ହେଲା ଘରଭଡା ଦେଇ ନାହାନ୍ତି। କହୁଛି କଣ ନା ଏ ମାସ ବି ଦେଇ ପାରିବିନି।

କପିଳ- ତମେ ମୋ ବାପାକୁ ଜାଣିନ। ସେ ନା ଭାଲି ଲାଗି। କଉ ମହାନ୍ତି ତାଙ୍କ ପଲି ଆଉ କେହି ନାହାନ୍ତି। ଯେମିତି ହେଉ ଆଜିରେ ଯୁଗାଡ଼ କଲି ଘଲଭଲା ଦେଇଦିଅ।

ରଶ୍ମି- ପାଖରେ ତ ଗୋଟେ ବୋଲି ଟଙ୍କା ନାହିଁ ଓଳିଏ ଖାଉଛୁ ତ ଓଳିଏ ଉପାସ ରହୁଛୁ। ସେଥିରେ ପୁଣି ଏତେଗୁଡିଏ ଟଙ୍କା ଆଣିବି କୋଉଠୁ ?

କପିଳ- ଚେକଥା ମୋ ବାପା କିଛି ବୁଝିବ ନାହିଁ। ଟଙ୍କା ପକାଅ ନଚେତ ଘଲ ଚାଡିଦିଅ। (କାଳୀପଦ ଆସେ )

କାଳୀ- ମୁଁ ଜାଣେ ତୁମେ ଦୁହେଁ ବିଚାରୀକୁ ହଇରାଣ କରିବ। କୁହ କଉ ମହାନ୍ତି ତୁମର କେତେ ଟଙ୍କା ବାକି ଅଛି ମୁଁ ସବୁ ଦେଇ ଦେଉଛି।

କଉ-ଆରେ କାଳୀପଦ ବାବୁ!ଜୁହାର ଆଜ୍ଞା! ଆବେ କପିଳା ଜୁହାର ହୁଅ। ଆମ ଅଞ୍ଚଳର କେତେବଡ଼ କଣ୍ଟ୍ରାକ୍ଟର। କେତେ ନାଁ ତାଙ୍କର। ମୁଁ ଜାଣେ ଆଜ୍ଞା ଆପଣ ହିଁ ବିଚାରୀର ଦୁର୍ଦ୍ଦିନରେ ସାହାଯ୍ୟ କରି ପାରିବେ।

ISSN NO.
2582-208X

କାଳୀ-ମୋ କଥା ପରେ ଚେକିବ ଏବେ କୁହ ତୁମର କେତେ ଟଙ୍କା ବାକି ଅଛି।

ରଶ୍ମି- ନା ତୁମେ କଣପାଇଁ ମଉସାଙ୍କୁ ଟଙ୍କା ଦେବ।

କାଳୀ-କ୍ଷତି କଣ ହେଲା ତୁମେ ଦେଇପାରୁନ ମୁଁ ଦେଇଦେବି। ଏଥିରେ ତମ ମୋର ପାର୍ଥକ୍ୟ ଆସିଲା କୋଉଠୁ ?

ରଶ୍ମି- ପାର୍ଥକ୍ୟ ଅଛି। ଘରଭଡା ପରିଶୋଧ କରି ତୁମେ ଭାବିଛ ରଶ୍ମିକୁ ଅକ୍ତିଆର କରିବ।

କାଳୀ- ତୁମେ ବୁଝୁନ ରଶ୍ମି କାଳୀପଦ ତୁମପାଇଁ କିଛି ବି କରିପାରେ।

ରଶ୍ମି-ତୁମର ସେ ସାହାଯ୍ୟ ମୋର ଲୋଡ଼ା ନାହିଁ ତୁମେ ଏଠାରୁ ଚାଲିଯାଅ।

କାଳୀ- ଅମାନିଆ ହୁଅନି ରଶ୍ମି ତୁମ ଭଲ ପାଇଁ ମୁଁ ପଛେ ପଛେ ଛାଇ ପରି ଚାଲିଛି। ତୁମେ ଖୁସି ହେଲେ ମୁଁ ଖୁସି। ତୁମେ ଦୁଃଖ ପାଇଲେ ମୋତେ ବଡ଼ କଷ୍ଟ ହୁଏ। ପ୍ଲିଜ ମନାକରନି ରଶ୍ମି। କୁହ କଉ ମହାନ୍ତି ତୁମର କେତେ ଟଙ୍କା ଦରକାର।

କପିଳ- ବାପାଲୋ ଆମ ହିଚାବଟା ତାଙ୍କୁ କହୁନ।

କଉ- ପାଞ୍ଚ ହାଜର କରି ପାଞ୍ଚ ମସର ପଚିଶ ହଜାର ଆଜ୍ଞା।

କାଳୀ- ଏଇ ଧର ପୂରା ପଚିଶ ହଜାର। ଏଥର ମନ ଶାନ୍ତି ହେଲା ?

କାଉ-ଆଜ୍ଞା! ସଂପୂର୍ଣ୍ଣ ଶାନ୍ତି। ମୁଁ ଆସୁଛି ଆଜ୍ଞା। ଆ -ରେ କପିଳା ଘରକୁ ଯିବା ଆ (ଦୁହିଙ୍କର ପ୍ରସ୍ଥାନ)

ରଶ୍ମି-ତୁମେ କଣପାଇଁ ଏତେଗୁଡିଏ ଟଙ୍କା ଦେଇ ମୋତେ ଋଣୀ କରିଦେଲ ? ଏତେ ଟଙ୍କା ମୁଁ କେମିତି ଶୁଝିବି ?

କାଳୀ- ରିଲାକ୍ସ ରଶ୍ମି ରିଲାକ୍ସ। ତୁମେ ଯେ ମୋ ମନର ମାନସୀ, ମୋ ହୃଦର ହିତୈଷୀ, ମୋ ଆତ୍ମାର ଜୀବାତ୍ମା। ତୁମେ ମୋତେ କଣପାଇଁ ଟଙ୍କା ଶୁଝିବ। ବରଂ ତୁମକୁ ସାହାଯ୍ୟ କରିପାରିଛି ବୋଲି ନିଜକୁ ଜଣେ ଖାଣ୍ଟି ପ୍ରେମିକ ରୂପେ ପ୍ରତିପାଦନ କରିପାରିଛି।

ରଶ୍ମି- କଣପାଇଁ ସେ ବାଜେ କଥା ମୋତେ ଶୁଣାଉଛ।

ISSN NO.
2582-208X

କାଳୀ- କାଳୀପଦ କେବେ ବାଜେ ବକବସ କରେନି ରଶ୍ମି। ପିଲାଟି ଦିନରୁ ଏକା ସାଙ୍ଗରେ ସ୍କୁଲ ଯିବା, ଏକା ସାଙ୍ଗରେ ଖେଳିବା, ଏକା ସାଙ୍ଗରେ ଖାଇବା ଏପରିକି ଏକା ସାଙ୍ଗରେ ମେଳା ମହୋତ୍ସବରେ ବୁଲିବା ଏସବୁ କଣ ବାଜେ କଥା।

ରଶ୍ମି- ସେସବୁ ମୋ ପାଇଁ ଅତୀତ ପୃଷ୍ଠା। ଅତୀତରେ ତୁମେ ଥିଲ ମୋର ବେଷ୍ଟ ଫ୍ରେଣ୍ଡ। ଫ୍ରେଣ୍ଡସିପର ମାନେ ନୁହେଁ ଯେ ମୁଁ ତୁମକୁ ପ୍ରେମ କରୁଛି।

କାଳୀ- କିନ୍ତୁ ମୁଁ ତୁମକୁ ଅସୁମାରୀ ପ୍ରେମ କରେ।

ରଶ୍ମି- ଏକତରଫା ପ୍ରେମରେ କିଛି ମାନେ ଥାଏନା କାଳୀ! ଚାଲିଯାଅ ତୁମେ ଏଠୁ।

କାଳୀ- ତୁମେ ଆଜି ମୋତେ ଚାଲିଯିବାକୁ ବାଧ୍ୟ କରୁଛ। ହଁ କାହିଁକି କରିବନି। ଡାକ୍ତର ପ୍ରେମିକର ଘରଣୀ ହେବାକୁ ସଜବାଜ ହେଉଛ। ରାତି ରାତି ସ୍ୱପ୍ନରେ ବିଭୋର ହେଉଛ। ଭାଙ୍ଗିଦେବି! ସବୁକିଛି ଛିନ୍ନଭିନ୍ନ କରିଦେବି। ତୁମ ଘରଣୀ ହେବାର ସ୍ୱପ୍ନକୁ ପୋଡି ଜାଳି ପାଉଁଶ କରିଦେବି। ନା ତୁମକୁ ତାର ଘରଣୀ ସାଜିବାକୁ ଦେବି ନା ତୁମ ସ୍ୱପ୍ନକୁ ସାକାର ହେବାକୁ ଦେବି! ତୁମେ ମୋର..କେବଳ ମୋର (ରଶ୍ମିକୁ ଆଙ୍ଗୁଳି ନିର୍ଦ୍ଦେଶ ଅବସ୍ଥାରେ ଫ୍ରିଜ)

ରାଧାକାନ୍ତ(ଲାଇଟ ଯୋନରେ)-ହଠାତ ମୁଁ ବାଟବଣା ହେଇଗଲି ଆଜ୍ଞା। ଏ ଦୁହିଙ୍କ ମଧ୍ୟରେ ଭଲ ମଣିଷ କିଏ ଚିହ୍ନି ପାରୁନି। ଖୋଜୁଛି, ତାଙ୍କରି ଆଜ୍ଞାରେ ଖୋଜି ଚାଲିଛି ଭଲ ମଣିଷଟିଏ। ହୁଏତ କେବେ ଦିନେ ଭବିଷ୍ୟତ ଦେବ ଭଲ ମଣିଷର ସନ୍ଧାନ।

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଜୟ ମାଁ ଦୁର୍ଗା



ନିରୂପମା ପଟେଲ

ପାର୍ବଣର ରାଣୀ ବିଘ୍ନ ବିନାସିନୀ
ଆଦ୍ୟ ଶକ୍ତି ମାଗୋ ତୁହିଁ,
ଆସ ଅବତରି ଧରାଧାମେ ତୁମେ
ସର୍ବ ଭକତ ରହିଛୁ ଚାହିଁ ।

ସଜାଇ ରଖିଛୁ ପଦ୍ମ ଫୁଲ ସଙ୍ଗେ
କଲା ଦହନାର ମାଳ
ଧୂପ, ଦୀପ, ଝୁଣା ବନ୍ଦାଇ ମାଗୋ
ଭୋଗ ବାଢ଼ିଦେବୁ ନାରିକେଲ ।

ସିଂହ ବାହିନୀ ମାଁ ସିଂହେ ବିରାଜିତ
ତୁମ ମହିମା ଅପରମ୍ପାର,
ଦୁଷ୍ଟ ଦୈତ୍ୟ ନାଶି ଧରାଧାମେ ଆସି
ଜଗତ ଉଦ୍ଧାର କର
ମାଁ ଜଗତ ଉଦ୍ଧାର କର ।।

ମହିଆପଲ୍ଲୀ, ବଲାଙ୍ଗୀର

ISSN NO.
2582-208X

# ଗୁରୁ ଦିବସ



ରାଜକିଶୋର ସ୍ୱାଇଁ

ଗୁରୁ ପୂଜା କରି ଲଭିବା ପାଇଁ ତାଙ୍କ ଆଶିଷ
ପ୍ରଚଳିତ ଆମ ଦେଶରେ ପର୍ବ ଗୁରୁ ଦିବସ,
ଜାତ ପାଇଁ ମନେ ଗୁରୁଙ୍କ ପ୍ରତି ଭକ୍ତି ଭାବନା
ଦେବାପାଇଁ ତାଙ୍କୁ ସମ୍ମାନ ହୁଏ ଗୁରୁ ବନ୍ଦନା ।୧।
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଯେ ଗୁରୁ ଦେବ ମହେଶ
ସଫଳତା ପାଇଁ ଜୀବନେ ଲୋଡା ତାଙ୍କ ଆଶିଷ,
ଦେବ ବାଣୀ ପରା ଗୁରୁଙ୍କ ମୁଖ ନିଃସୃତ କଥା
ମାନି ଉପଦେଶ ଚଳିବା ସେ ପରା ବିଦ୍ୟାଦାତା ।୨।
ସବୁ ଶିକ୍ଷା ଅନୁଷ୍ଠାନର ଗୁରୁ ଅଟନ୍ତି ପ୍ରାଣ
ଛାତ୍ରଛାତ୍ରୀମାନେ ପରା ସେ ହୃଦୟର ସ୍ପନ୍ଦନ,
ଅଜ୍ଞାନ ଅନ୍ଧାରେ ଜ୍ଞାନର ଗୁରୁ ଆଲୋକଧାରା
ଦିନରେ ସୂରୁଜ ରାତିରେ ତାଙ୍କ ପାଇଁ ସେ ତାରା ।୩।
କାଦୁଅ ମେଞ୍ଚାକୁ କରନ୍ତି ସେ ସୁନ୍ଦର ମୂରତି
ପ୍ରାଣ ପ୍ରତିଷ୍ଠାତା ଛାତ୍ରର ତା ପାଇଁକି ନିୟତି
ବିଦ୍ୟାର୍ଥୀଙ୍କ ମନେ ଜଳାନ୍ତି ସେ ଆଶାର ଆଲୋକ
ପାଖେପାଖେ ରହି ସଜନ୍ତି ତାଙ୍କ ମାର୍ଗଦର୍ଶକ ।୪।
ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଥିଲେ ଜଣେ ଶିକ୍ଷକ
ହୋଇଥିଲେ ଗୁରୁ ଆଶିଷ ଲଭି ଏ ଦେଶ ମୁଖ୍ୟ
ଜଣାଇବା ପାଇଁ ଗୁରୁଙ୍କୁ ଶ୍ରଦ୍ଧା ଭକ୍ତି ସମ୍ମାନ

ISSN NO.
2582-208X

ଗୁରୁ ପୂଜା ପାଇଁ ଅର୍ପିଲେ ନିଜ ଜନମ ଦିନ ।୫।
ସେପ୍ଟେମ୍ବର ପାଞ୍ଚ ତାରିଖ ଦିନ ସବୁ ବରଷ
ଛାତ୍ରଛାତ୍ରୀମାନେ ପାଳନ୍ତି ଏ ପବିତ୍ର ଦିବସ,
ଏସବୁ କଥାକୁ ହେଜନ୍ତୁ ଆଜି ସବୁ ଶିକ୍ଷକ
ନ ଲଗାନ୍ତୁ ଗୁରୁ ନାମରେ ଅପବାଦ କଳଙ୍କ ।୬।
ଶିକ୍ଷାର୍ଥୀମାନଙ୍କୁ ଚାପରୁ ମୁକ୍ତ କରିବା ପାଇଁ
ତାଙ୍କ ମନୁ ବ୍ୟଥା ହରନ୍ତୁ ମିଠା ବଚନ କହି,
ଆଲୋକିତ କରିବା ପାଇଁ ବିଦ୍ୟାର୍ଥୀଙ୍କ ଜୀବନ
ସଳିତା ହୋଇ ସେ ଜଳନ୍ତୁ ଫେରିବ ସେ ସୁଦିନ ।୭।
ତନୁ ମନ କରି ନିର୍ମଳ କରନ୍ତୁ ଶିକ୍ଷାଦାନ
ଆଜି ତାଙ୍କପାଇଁ ସବୁଠୁ ଏହା ବଡ ଆହ୍ୱାନ ।୮।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ମନ ପକ୍ଷୀ



ବାଙ୍କାବିହାରୀ ମହାକୁର

ମନ ପକ୍ଷୀଟିଏ ବାସ କରିଅଛି
ବୃକ୍ଷରୂପି ଶରୀରରେ
ଖରା ବରଷା ଅବା ଶୀତ କାକରେ
ଗୀତଗାଏ ସାତସୁରେ ।

ପବନଠୁ କ୍ଷୀପ୍ର ବେଗରେ ଧାଏଁ ସେ
ନିମିଷେ ବିଶ୍ୱ ଭ୍ରମଣ
ଅସାଧ୍ୟ ସାଧନ ଅଗମ୍ୟେ ଗମନ
ନ ମାନଇ ବାଧାବିଘ୍ନ ।

ହୃଦୟେ ସାଇତି ଅସରନ୍ତି ସ୍ୱପ୍ନ
ବିଶ୍ୱାସେ ବାନ୍ଧିଛି ବସା
କର୍ମ କରିଚାଲେ ନିଃସ୍ୱାର୍ଥ ଭାବେଣ
ଧର୍ମକୁ କରି ଭରଷା ।

ଜନ ରାଇଜର ଗହନ ବଣରେ
କରୁଥାଏ ବିଚରଣ
ଭାବର ବନ୍ଧନେ ହୋଇ ସମର୍ପିତ
ଭୁଲିଯାଏ ଅଭିମାନ ।

ସତ୍ୟ ଶାନ୍ତି ଦୟା କ୍ଷମା ପଥ ଘେନି
ଯେବେ ସେ ଗାଅଇ ଗୀତି
ଅଜଣା ବାଟୋଇ ମନତୋଷ ହୋଇ
ହୃଦୟେ ରଖେ ସାଇତି

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଅନ୍ଧକାର ଅକଟୋପସ୍:
# ସେଲୁଲାର ଜେଲ୍

ପ୍ରିୟବ୍ରତ ପାତ୍ର

ବିଶ୍ୱାସ କରନ୍ତୁ, ଭଗବାନ ଭୟରେ ଆଣ୍ଡାମାନ ଛାଡି ଚାଲିଯାଇଛନ୍ତି । ନହେଲେ ଗଲା କୋଡିଏ ବର୍ଷରେ, ଅନ୍ତତଃ ବେଳାଭୂମିରେ ନିଶ୍ଚିତ ରୂପେ ଭେଟାଭେଟି ହୋଇଥାନ୍ତୁ । ମୁଁ ହେଉଛି ଏଠିକାର ଭଗବାନ । ହାଃ ହାଃ ହାଃ .......। ଏଠାକୁ ଆସି ଜଣେ ମଧ୍ୟ ଜୀବନ ନେଇ ଫେରିନାହାନ୍ତି । ବ୍ୟସ୍ତ ହେବାର ନାହିଁ, ଏହି ଜେଲ ର କାନ୍ଥ ସବୁ ଅନୁଚ୍ଚ । କାହିଁକି ଜାଣ? କାରଣ ଜଦି ତୁମେ ଭିତରୁ କେହି କାନ୍ଥ ଡେଇଁ ଚାଲିଯିବାର ଦୁଃସାହସ କରେ, ତେବେ ଜଙ୍ଗଲର ହିଂସ୍ର ପଶୁପକ୍ଷୀ ବା ସର୍ପରାଜିଙ୍କ ଦ୍ୱାରା ଅଚିରେ ମୃତ ହେବ । ହୁଏତ ଜୀବଜନ୍ତୁ ଦୟା ଦେଖେଇ ପାରନ୍ତି, କିନ୍ତୁ ଏଠାକାର ଆଦିମ ଅଧିବାସୀଙ୍କ ଧନୁ ନିର୍ଗତ ବିଷାକ୍ତ ଶର "ଦୟା"ର ମାୟାରେ ବଶବର୍ତ୍ତି ନୁହଁ । ସେଥିରୁ ବି ଯଦି ବଞ୍ଚି ଯାଅ, ତେବେ ଭୀମ ଦର୍ଶନ ଆଦିମ ନରଖାଦକଙ୍କ ଆରକ୍ତ ନୟନ ଯୁଗଳ ଯେ କେହି ପଳାତକର ହୃତସ୍ପନ୍ଦନ ବନ୍ଦ କରିଦେବ । ତା ସତ୍ତ୍ୱେ ବି ଯଦି ବଞ୍ଚିଯାଅ, ତମକୁ ବଣୁଆ ଲୋକେ ଜିଅନ୍ତା ଖାଇଯିବେ । ବିଶ୍ୱାସ କର ହାଃ ହାଃ ହାଃ । ଏହା ଥିଲା ଜେଲ୍ ଆରକ୍ଷୀ ବେରୀ ସାହେବଙ୍କ ନିର୍ବାସନରେ ଆସିଥିବା କଏଦୀମାନଙ୍କୁ ପ୍ରଥମ ପ୍ରୀତିପୂର୍ଣ୍ଣ ସମ୍ଭାଷଣ । ବିଂଶ ଶତାବ୍ଦୀର ଆରମ୍ଭରେ, ପ୍ରାୟ ତିରିଶି ବର୍ଷ ଧରି କୁଖ୍ୟାତ ସେଲୁଲାର ଜେଲ୍ ରେ ଆତଙ୍କରାଜ ଚଳେଇଥିବା ବେରୀ ସାହେବ, ତମାମ କଳାପାଣି ଆତଙ୍କର ଏକ ଘନୀଭୂତ ରୂପ ଥିଲେ । ମୂଳ ଭୂଖଣ୍ଡ ଭାରତରୁ ଅତି ଦୟନୀୟ ଭାବେ ବନ୍ଧା ହୋଇ ଆଣ୍ଡାମାନରେ ପହଞ୍ଚୁଥିବା ସ୍ୱାଧୀନତାସେନାନୀ, ଏହି ନିର୍ଜନ ବେଳାଭୂମିରେ ଭାରି ବୁଟ୍ ସହ ଢିଲା ଟ୍ରାଉଜର ପିନ୍ଧା ଭୀଷଣାକୃତି ବେରୀ ସାହେବଙ୍କୁ ଦେଖି ସ୍ତବ୍ଧ ହେଉଥିଲେ ଏବଂ ଦୁର୍ବଳ ମୁଖରୁ "ବନ୍ଦେ ମାତରଂ" ର ଆବାଜ କିଛି ସମୟ ପାଇଁ ଲିଭି ଯାଉଥିଲା । ଚେପଟା ଅବିର ରଙ୍ଗର ନାକ ସହ ଜୁଳୁଜୁଳିଆ ଛୋଟ ଆଖି ଏବଂ ପର୍ବତାକାୟ ବିଶାଳ ଶରୀରରେ ଏହି ଜେଲ୍ ଆରକ୍ଷୀ ଏକ ପାର୍ବତ୍ୟ ବେଙ୍ଗର ଭ୍ରମ ସୃଷ୍ଟି କରୁଥିଲେ ।

ISSN NO.
2582-208X

ଆଣ୍ଡାମାନ ଦ୍ୱୀପପୁଞ୍ଜର ରାଜଧାନୀ ପୋର୍ଟବ୍ଲେୟାର ସହର ମଝିରେ ରହିଛି କୁଖ୍ୟାତ ସେଲୁଲାର ଜେଲ୍ । ପ୍ରତିଦିନ ସନ୍ଧ୍ୟାରେ ଏଠାରେ "ଶବ୍ଦ" ଓ ଆଲୋକର ଏକ ସୋ ହୋଇଥାଏ । ଜେଲ୍ ର ତମାମ କୋଠରୀ ସବୁରେ ଲଣ୍ଠନ ଜଳିଉଠେ । କଏଦୀମାନଙ୍କ କରୁଣ କୋଳାହଳ ସାଙ୍ଗକୁ ଚାବୁକମାଡ ଓ ମୃତ୍ୟୁର ବିଭୀଷିକା ଶବ୍ଦ ସିନେବଜାର ନାସିରୁଦ୍ଦିନ୍ ଶାହାଙ୍କ କଣ୍ଠରେ ଭାସି ଆସେ । ନିରବ ନିଥର ବେଳାଭୂମିରେ ସମୁଦ୍ରର ହିଲ୍ଲୋଳ ସାଙ୍ଗକୁ ଭାରି ବୁଟର ଶବ୍ଦ, ଆକର୍ଣ୍ଣ ଆସୁରିକ ହସ ସଦ୍ୟ ଫଞ୍ଚ କଏଦୀଙ୍କ ହାତ ପାଦରେ ଲାଗିଥିବା ମୋଟା ଲୌହ ଶୃଙ୍ଖଳର ବାଲିରେ ଘୋଷାରି ହେବାର ଶବ୍ଦ ସବୁ କିଛି ଜୀବନ୍ତ ଲାଗେ । ତମାମ କାହାଣୀ ବର୍ଣ୍ଣନା କରୁଥାଏ ଜେଲ୍ ମଧ୍ୟସ୍ଥ ଏକମାତ୍ର ତଥା ଦୁଇଶହ ବର୍ଷର ପ୍ରାଚୀନ ବରଗଛ । ମେଗା ସିରିଏଲ୍ "ମହାଭାରତ" କୁ ସମୟ ଯେପରି ସାକ୍ଷୀ ପୁରୁଷ ଭାବେ ବର୍ଣ୍ଣନା କରୁଥାଏ, ଠିକ୍ ସେହିପରି ସେଲୁଲାର ଜେଲର ଆଦିଗନ୍ତ ବର୍ଣ୍ଣିତ ହେଉଥାଏ ସେହି ପ୍ରବୃଦ୍ଧ ସାକ୍ଷୀ ବରଗଛର କଣ୍ଠରେ । ସମୟ ହୁଏତ ତଟସ୍ଥ ଥିଲା, କିନ୍ତୁ ବରଗଛର ବାଷ୍ପରୁଦ୍ଧ କଣ୍ଠ ଅସୁମାରୀ ଯନ୍ତ୍ରଣାର ଦିବସ ସବୁକୁ ବଡ ଅସହାୟ ଭାବେ ସ୍ମରଣ କରୁଥିଲା । ଜେଲ୍ ନିର୍ମାଣଠୁ ଜେଲ ର ପତନ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ଦୃଶ୍ୟ, ଦେହକୁ ଶିହରିତ କରେ, ଆତ୍ମାକୁ ଅବସନ୍ନ କରି ପକାଏ । ସ୍ୱାଧୀନତା ଚାହୁଁଥିବା ଗୋଟିଏ ଦେଶର ଲୋକଙ୍କ ପ୍ରତି, ଆଉ ଦଳେ ଲୋକ କେତେ ବର୍ବର ହୋଇପାରନ୍ତି ସେ କଥା ଭାବି ଲୋମ ଟଙ୍କୁରି ଉଠେ । ଭଗବାନ ଏତେ ନିଷ୍ଠୁରତା ସହୁଥିଲେ କେମିତି? ବିଦଗଧ ଶ୍ରୋତା ଦର୍ଶକ ଦେଖନ୍ତି ଶହ ଶହ ଜେଲ୍ କୋଠରୀ ଆଗରେ ଲଣ୍ଠନ ଲାଗିଛି କୋଳାହଳ ଭାସି ଆସୁଛି, ଇଂରେଜମାନଙ୍କ ଦୃପ୍ତ କଣ୍ଠର ଔଦ୍ଧତ୍ୟ ସାଙ୍ଗକୁ ନିର୍ମମ ପ୍ରହାରର ଶବ୍ଦ, କଏଦୀଙ୍କ କରୁଣ ଚିତ୍କାର, ସମବେତ "ବନ୍ଦେ ମାତରଂ" ର ଗଗନ ବ୍ୟାପ୍ତ ଶବ୍ଦ, ଫାସୀ ପୂର୍ବର ଚର୍ଚ୍ଚମାନଙ୍କର ଢଂ ଢଂ ଘଣ୍ଟା ଶବ୍ଦ - ଇତ୍ୟାଦି, ଜଣେ ନିହାତି ସ୍ଥୁଳ ଧର୍ମୀ ପର୍ଯ୍ୟଟକକୁ ମଧ୍ୟ ଜୀବନ ଲାଗିଥାଏ । ଇତିହାଃ କହେ ଜେଲ୍ ରକ୍ଷକ ମହୋଦୟ ଡେ. ବେରୀ ସାହେବଙ୍କୁ ଶେଷ ସମୟରେ ପକ୍ଷାଘାତ ରୋଗ ଆକ୍ରମଣ କରିଥିଲା ଏବଂ ସେ ଚାଲିବାକୁ ଅକ୍ଷମ ହୋଇଯିବାପରେ ଏକ ଧଳା ଲୁଗା ଆବୃତ୍ତ ହୋଇ ଏକ ଦୋଳା ସାହାଯ୍ୟରେ ଜାହାଜ ପର୍ଯ୍ୟନ୍ତ ଯାଇଥିଲେ ଓ ଇଂଲଣ୍ଡ ଫେରିଯାଇଥିଲେ ।

ପରାଧୀନ ଭାରତରେ ଏକ ତମସାଚ୍ଛନ୍ନ ସମୟରେ ତିଆରି ହୋଇଥିଲା, ଆଣ୍ଡାମାନ ଭଳି ଏକ ନିଷିଦ୍ଧ ପୃଥିବୀରେ ଏହି ସପ୍ତବାହୁ ଯୁକ୍ତ ଅକଟୋପସ୍ ଆକୃତିର ସେଲୁଲାର ଜେଲ୍, ସେଦିନର ଆତଙ୍କ ଆଜି ଏକ ସ୍ମୃତି ସୌଧ, ସ୍ୱାଧୀନତା ସେନାନୀଙ୍କ କଷଣ ଶିବିର ଆଜି

ISSN NO.
2582-208X

ଆମୋଦ ଧର୍ମୀ ପର୍ଯ୍ୟଟକଙ୍କ ନମ୍ବର ଓ୍ୱାନ ଦର୍ଶନୀୟ ଆଇଟମ୍। ବିବେକାନନ୍ଦ ତାଙ୍କ ଜୀବଦ୍ଦଶାରେ ଥରେ ଏହି ନିର୍ମାଣାଧୀନ କୋଠରୀ ସବୁକୁ ଦେଖି କହିଥିଲେ – "ଆଧ୍ୟାତ୍ମିକ ସାଧନା ପାଇଁ, ତପସ୍ୟା ପାଇଁ ଚମତ୍କାର ଜାଗାଟିଏ।" ଏହି ଜେଲ୍ ପରିସରଟିର ନିସ୍ତବ୍ଧତା ପ୍ରକୃତରେ ଚମତ୍କାର ।

ସାତ ବାହୁ ପ୍ରସାର କରି ଅକଟୋପସ୍ ଢଙ୍ଗରେ ବିରାଜିତ ଏହି କାରାଗାରଟି ତିନିତାଲା ବିଶିଷ୍ଟ ଓ ସେଥିରେ ସର୍ବମୋଟ ୬୯୮ଟି କୋଠରୀ ମହଜୁଦ୍ ଥିଲା। କୋଠରୀଗୁଡିକ ୧୩ ଫୁଟକୁ ୭ ଫୁଟର ଆୟତାକାର, ଆଗରେ ମୋଟାମୋଟା ରେଲିଂଯୁକ୍ତ ଲୌହ କବାଟ। କୋଠରୀର ପଛବାଡରେ ଦଶ ଫୁଟ ଉଚ୍ଚରେ ଛୋଟିଆ ଝରକା। ଲୌହ କବାଟର ବାହାର ପଟ ଗେଡା ଏପରି ଭାବେ କାନ୍ଥ ଭିତରେ ସଂଲଗ୍ନ ହୋଇ ରହିଛି ଯେ ଜଣେ ଭିତରୁ ତାଲା ବା ଗେଡାକୁ ଛୁଇଁ ସୁଦ୍ଧା ପାରିବ ନାହିଁ। ରୁମ୍ ଆଗରେ ଧଶ ଫୁଟ ଓସାରର ବାରଣ୍ଡା, ବାରଣ୍ଡାକୁ ଲାଗି ଲୁହା ଖାଡିର ଜାଲି। କେନ୍ଦ୍ରରେ ରହିଛି ଏକ ସିଡିଯୁକ୍ତ ପର୍ଯ୍ୟବେକ୍ଷଣ କେନ୍ଦ୍ର। କେନ୍ଦ୍ରସ୍ଥ ଗମ୍ବୁଜଟି ପାଞ୍ଚତାଲା ବିଷିଷ୍ଟ ଏବଂ ସବା ଉପର ତାଲାରେ ରହିଛି ତତକାଳୀନ ସମୟର ଅନ୍ତେବାସୀ କଏଦୀଙ୍କ ନାମରେ ଏକ ଲମ୍ବା ତାଲିକା। ଜାପାନୀ ଆକ୍ରମଣବେଳେ ତୋପ ମାଡରେ ତିନିଟି ଓ୍ୱିଙ୍ଗ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିଲା। ଆଜିକାଲି ଗୋଟିଏ ଓ୍ୱିଙ୍ଗ୍ ରେ ହସପିଟାଲ ଚାଲିଛି, ବାକି ତିନିଟି ଯାହା ସ୍ମୃତିସୌଧ ହୋଇ ରହିଛି। ଜେଲ୍ ପ୍ରବେଶ କକ୍ଷରେ ଗୋଟିଏ କଡକୁ ରହିଛି ଲାଇବ୍ରେରୀଯୁକ୍ତ ଗବେଷଣା କେନ୍ଦ୍ର, ସୁଭାଷ ବୋଷଙ୍କ ବିରଳ ଫଟୋ ଚିତ୍ର ସମ୍ବଳିତ ଏକ ଆର୍ଟ ଗ୍ୟାଲେରୀ ତଥା ସେ କାଳର ଆଣ୍ଡାମାନର କିଛି ସୁଷ୍ପ୍ରାପ୍ୟ ଫଟୋଚିତ୍ର। ନିକଟସ୍ଥ ରୋସ୍ ଦ୍ୱୀପରେ ଏକଦା ଗଢି ଉଠିଥିବା ଇଂରେଜ ବସତିର ଚଳଚଞ୍ଚଳ ଜୀବନର ଛବି। ଉଲଗ୍ନ ଆଦିମ ଅଧିବାସୀଙ୍କ ସମବେତ ଛବି, ସେ କାଳର ସ୍ନାନାଗାର, ମଦ୍ୟଶାଳା ଆଦିର କଳା ଧଳା ଛବି ସବୁ ଇଂଲଣ୍ଡ ସଂଗ୍ରହାଳୟରୁ ସଂଗୃହୀତ ହୋଇଛି। ସୁଭାଷ ବୋଷଙ୍କ ଅବତରଣ ତଥା ଜେନେରାଲ ଇସି କାଭାଙ୍କ ସହ ଆଲୋଚନାକାଳୀନ ଫଟୋ, ଯାହାକି ସୁଭାଷବୋଷଙ୍କ ଶେଷ ଫଟୋ ବୋଲି ଧରାଯାଏ, ତାହା ଏଠାରେ ରହିଛି। ଏକ ଛୋଟିଆ ମ୍ୟୁଜିୟମରେ ରହିଛି ଜେଲ ପରିସର ଭିତରେ ଅକଥନୀୟ ଅତ୍ୟାଚାରରେ ସାହାଯ୍ୟ କରୁଥିବା ମୂକ ଯନ୍ତ୍ରପାତି, ଯେପରିକି ନଡିଆର କତା କାଢିବା ପାଇଁ ଗୋଜିଆ ଲୁହା, ନଡିଆ ପେଷିବା ପାଇଁ ପଥର ଚକି, କଏଦୀଙ୍କ ପିଠିରୁ ଛାଲ ଉତାରିବା ପାଇଁ ଚମଡା ଚାବୁକ ଓ ବେତ, ଦେହରୁ ପୁଳା ପୁଳା ମାଂସ କାଢିବା ପାଇଁ ଲୁହା ଚିମୁଟା, ତତଲା ଲୁହା ଚେଙ୍କ ପାଇଁ ଲୁହା ଖାଡି, ନଖ ଓପାଡିବା

ISSN NO.
2582-208X


ପାଇଁ ସ୍ୱତନ୍ତ୍ର ଚିମୁଟା, ତଥା ସେ କାଳର ବ୍ୟବହୃତ ବନ୍ଧୁକ ଓ ହାତ ହତିଆର । ଗୋଟିଏ କୋଣରେ ରହିଛି ଫାସି ମଞ୍ଚ । ଏକା ଥରେ ତିନିଜଣଙ୍କୁ ଫାସି ଦେବାର ବ୍ୟବସ୍ଥା ଥିବା ଫାସି ମଞ୍ଚ ସବୁ ଭୂଗର୍ଭ କୋଠରୀ ସଂଲଗ୍ନ ହୋଇଛି । ଫାସିର ଦଉଡି ସବୁ ଅଫିଟା ଗଣ୍ଠିଯୁକ୍ତ ରହିଛି କାରଣ କାଳେ ଯଦି ଅତ୍ୟୁତ୍ସାହୀ ପର୍ଯ୍ୟଟକ ଜଣେ ବେକ ଲଗାଇ ବିଚିତ୍ର ଅନୁଭୂତି ପାଇଁ ଓହଳି ଯିବେ – ତେବେ କଥାଟି ଭୟାବହ ହେବ । ବିଦାୟୀ ଆତ୍ମାଙ୍କୁ କୋଳେଇ ନେବାପାଇଁ ବୋଧେ ମାତା ମେରୀଙ୍କର ଷ୍ଟାଚ୍ୟୁଟାଏ ଫାସି ମଞ୍ଚ ପାଖରେ ରହିଛି । ଜେଲ କାନ୍ଥ ଓ କୋଠରୀ ସବୁ ପୂର୍ବବତ୍ ରଙ୍ଗହୀନ ରହିଛନ୍ତି ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ସନ୍ତକ



କୀର୍ତ୍ତନ ସାହୁ

ଅନେକ କଥା ତ
କହିବାର ଥିଲା
ତମେ ଅଧାରୁ
ହାତ ଛାଡି ଦେଲ
ମୁଁ ଏକ ମୁହାଁ
ଅକେଲା ଚାଲିଛି
ତମେ ଦେଖେଇ ଥିବା
ବାଟରେ
ତମେ ଦେଇ ଥିବା
ପ୍ରେମ ସନ୍ତକକୁ
ଗଣ୍ଠିଲି କରି

ଏବେ ତମେ
ଏତେ ଦୂରରେ ଯେ
ହାତ ବଢେଇଲେ
ପାଉନି

ମୁଁ ସେ ସନ୍ତକକୁ
ଖୁବ୍ ଯତ୍ନରେ
ସାଇତି ରଖିଛି
ପୁଣି ଭେଟରେ
ଭେଟି ଦେବାକୁ
ମର୍ତ୍ତ୍ୟର କଣ୍ଟା ବଣରେ
ଅବା ସ୍ୱର୍ଗର
ନନ୍ଦନକାନନରେ ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ଶକ୍ତି ସ୍ୱରୂପିଣୀ
# ସୌମ୍ୟା



ଡଃ ପ୍ରିୟମ୍ବଦା ସାମଲ

ଶକ୍ତି ସ୍ୱରୂପିଣୀ ଡଃ ସୌମ୍ୟା
ତୁମେ ସୌମ୍ୟ ଦର୍ଶିନୀ
ନାରୀ ଜାତି ପାଇଁ ପ୍ରେରଣା
ଗର୍ବ ଗୌରବ ମଣ୍ଡିନୀ ।
କଟକରେ ଜନ୍ମି ଶିକ୍ଷା ଲାଭ କଲ
ଛାତ୍ରୀ ତୁମେ ମେଧାବିନୀ
ଜୁନିଅର ରିସର୍ଚ୍ଚ ସ୍କଲାରସିପ ପାଇ
ସମାଜତତ୍ତ୍ୱେ ପିଏଚ.ଡି ଧାରିଣୀ ।
ପିଲାଦିନ ଇଚ୍ଛା ସ୍ୱପ୍ନକୁ ପୂରଣ
କରିଲ ଧିଶକ୍ତି ବଳେ
କଠିନ ପରିଶ୍ରମ ଧୈର୍ଯ୍ୟ ଶକ୍ତି
ଆସେ ନିଶ୍ଚୟ ସୁଫଳେ ।
ଅସାଧ୍ୟକୁ ସାଧ୍ୟ କରିଣ ଓଡ଼ିଶାର ପ୍ରଥମ
ଆଇ ପି ଏସ ଅଫିସର
ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ାରେ
ଯୋଗ ଦେଲ କାର୍ଯ୍ୟ କ୍ଷେତ୍ରର ।
ଉଣେଇଶ ଚୌରାନବେରେ
କାର୍ଯ୍ୟ ଭାର କଲ ପ୍ରାପ୍ତ
ଦେଖାଇଲ ତୁମ ବୁଦ୍ଧିମତାର ପରିଚୟ

ISSN NO.
2582-208X

ନକ୍ସଲ ଅଞ୍ଚଳେ ନକରି ତିଳେ ଭୟ।
ଜନ ସାଧାରଣ ସୁରକ୍ଷା ପାଇଁ
ମଶଲ ପାୱାର ନୁହେଁ
ଦକ୍ଷତା ବୁଦ୍ଧିମତା ଆଉ ବିଶ୍ୱାସ
ଏହା ତୁମ ମତର ପରିଚୟ।
ବିଜୟୱାଡା କରିମନଗର ସାଇବରାବାଦ
ବିଶାଖପାଟଣା ବିଜୟ ନଗର
ୱାରଙ୍ଗଲ ଠାରେ ଦାୟିତ୍ୱ ସମ୍ପନ୍ନ କରି
ସୁଶାସନ ବଳେ ସମାଜ ସୁଧାର।
ଧନ୍ୟ ତୁମେ ସୌମ୍ୟା ନାରୀ ସମାଜର
ଉଡ଼ାଇ ବିଜୟ କେତନ
ନାରୀ ସମାଜର ଦିଗଦର୍ଶନେ
ଦୃଷ୍ଟାନ୍ତ ତୁମର ନାମ।
ଜୀବନେ ସୁଫଳ ପାଅ ଶୁଭଫଳ
କରଇ ମୁହିଁ ପ୍ରାର୍ଥନା
ପ୍ରଭୁ ଜଗନ୍ନାଥ ସାହା ହେଉଥାନ୍ତୁ
ପୁରୁ ସର୍ବ ମନୋକମନା।

ଛତିଶଗଡ଼/ନନ୍ଦନ ବିହାର,
ପଟିଆ, ଭୁବନେଶ୍ୱର

ISSN NO.
2582-208X

# ସୁସ୍ଥ ଓଡିଶା ସୁଖୀ ଓଡିଶା



ଅନୁପମା ବିଶ୍ୱାଳ

ସବୁଜିମା କୋଳେ ଆନନ୍ଦରେ ଖେଳେ
ସ୍ରଷ୍ଟାଙ୍କର ବରଦାନ
କଅଁଳ ପରାଣ ନିରୋଗ ଜୀବନ
ପ୍ରକୃତିର ଅବଦାନ।
ସୁଷମ ଆହାର ଅଟେ ସ୍ୱାସ୍ଥ୍ୟକର
ନୁହଇ ରୋଗର ଘର
ଦେହ ପାଇଁ ହିତ ଜୀବନର ମିତ
ହେବା ନାହିଁ ତାଠୁ ଦୂର ।
ସୁସ୍ଥ ପରିବେଶ ଜୀବନ ବିକାଶ
କରଇ ଯେ ନିରନ୍ତର
ବ୍ୟତିକ୍ରମ ହେଲେ ଅକାଳରେ  ଯମ
ପାଖରେ ହୁଏ ହାଜର ।
ନଈ ଗିରି ଝର କାନନ ସାଗର
ସୁନାର ଫସଲ କ୍ଷେତ
ଫୁଲ ଫଳ ଭରା ପ୍ରକୃତି ପସରା
ଉଡ଼ଇ ଉତ୍କଳ ନେତ ।
ଉତ୍କଳ ସନ୍ତାନ ସବୁଠି ମହାନ
ନରଖି ମନରେ ଭୀତି

ISSN NO.
2582-208X

ଗଢ଼ିଣ ନିଜକୁ ବଢ଼ନ୍ତି ଆଗକୁ
ଗାଇ ଜୀବନର ଗୀତି ।
ବିଜ୍ଞାନାଗାରରେ ଗବେଷଣାଗାରେ
ପରୀକ୍ଷଣେ ରତ ଥାଇ
ନୂଆ ଉଦ୍ଭାବନେ ବିକଶିତ ଜ୍ଞାନେ
ଉତ୍କଳ ନାମ ରଖଇ ।
ସଂସ୍କାର ସୁଶିକ୍ଷା  ଜନନୀର ରକ୍ଷା
ଅଟେ  ଜୀବନର ଦୀକ୍ଷା
ଆଳସ୍ୟକୁ ହରେ ପରିଶ୍ରମ କରେ
ମାଗେ ନାହିଁ କେବେ ଭିକ୍ଷା।।
ମଠ ମନ୍ଦିରରେ ଭକ୍ତି ଭାବନାରେ
ହୃଦୟେ ରଖି ବିଶ୍ୱାସ
ପୂଜି ଦେବାଦେବୀ ଧ୍ୟାଇ ତାଙ୍କ ଛବି
ଲଭଇ ଆତ୍ମସନ୍ତୋଷ ।
ନାରୀ ପ୍ରତି ଧ୍ୟାନ ନାରୀ ସୁସମ୍ମାନ
ରାଜନୀତି କ୍ଷେତ୍ରେ ସ୍ଥାନ
ସମାଜ ଗଠନେ ପୁରୁଷ ସମାନେ
ନାରୀ ମଙ୍ଗଳ ବିଧାନ ।
ସୁସ୍ଥ ଏ ଓଡିଶା ସୁଖୀ ଏ ଓଡ଼ିଶା
ଭାରତେ ରହିଛି ନାମ
ଭୁବନେ ବିଦିତ ସମ୍ମାନ ସହିତ
ରଖିବା ଆମରି କାମ ।

ଶିକ୍ଷୟିତ୍ରୀ
ମୋଦିପଡା, ସମ୍ବଲପୁର

ISSN NO.
2582-208X

# ଶ୍ରୀମଦ୍ଭାଗବତ-ଜୀବନ ଜିଜ୍ଞାସାର ସରଳ ସମାଧାନ



ପୁଷ୍ପଲତା ବେହେରା

ନମଇଁ ନୃସିଂହ ଚରଣ ।। ଅନାଦି ପରମ କାରଣ।।
ଲୀଳା ବିଧୃତ କଳେବର ।। ଦେବ ମାନବେ ଅଗୋଚର।।
ମାୟା ସଂସାରେ ଯାର ଲୀଳା।। ଯା ନାମ ଭବ ଜଳେ ଭେଳା।।

'ଓଡ଼ିଆ ଭାଗବତ' ଅତିବଡୀ ଜଗନ୍ନାଥ ଦାସଙ୍କର ଓଡ଼ିଆ ଜାତିକୁ ସର୍ବଶ୍ରେଷ୍ଠ ଦାନ। ପଞ୍ଚସଖା ଯୁଗର ପ୍ରସିଦ୍ଧ ସନ୍ଥକବି ଜଗନ୍ନାଥ ଦାସ ଭାଗବତକାର ଭାବରେ ଓଡ଼ିଶାର ଘରେ ଘରେ ପରିଚିତ। ମାଆଙ୍କର ଭାଗବତ ଶୁଣିବା ଅଭିଳାଷକୁ ପୂରଣ କରିବାକୁ ବ୍ୟାସକୃତ ସଂସ୍କୃତ ଭାଗବତର ଅନୁସରଣ ରେ ସେ ରଚନା କଲେ ଓଡ଼ିଆ ଭାଗବତ। ଜଗନ୍ନାଥ ଦାସ ସଂସ୍କୃତ ଭାଗବତ ର ସଂପୂର୍ଣ୍ଣ ଆକ୍ଷରିକ ଅନୁବାଦ ନ କରି ମୂଳ ଭାଗବତର ବିଷୟ ବସ୍ତୁକୁ ସ୍ଥୂଳ ଭାବରେ ଗ୍ରହଣ କରିଛନ୍ତି ଏବଂ ନିଜର ପାଣ୍ଡିତ୍ୟ ଓ କବିତ୍ୱ ଚାତୁରୀ ରେ ଏହାକୁ ଏକ ଭିନ୍ନ ରୂପ ଦେଇଛନ୍ତି। କେତେକ କ୍ଷେତ୍ର ରେ ଅଲ୍ପୀକରଣ, ବିସ୍ତୃତିକରଣ, ଅନୁକ୍ତ ପ୍ରକ୍ଷେପ, ଉକ୍ତନିକ୍ଷେପ ପଦ୍ଧତି ଅବଲମ୍ବନ କରିଛନ୍ତି ଭାଗବତକାର ଜଗନ୍ନାଥ ଦାସ। କେତେକ ବ୍ୟତିକ୍ରମ ସତ୍ତ୍ୱେ ଓଡ଼ିଆ ଭାଗବତ ସଂସ୍କୃତ ଭାଗବତର ସରଳ ଓ ନିଷ୍କପଟ ଭାବାନୁବାଦ। ଜଗନ୍ନାଥ ଦାସ ଶ୍ରୀମନ୍ଦିରର ବଟ ଗଣେଶଙ୍କ ପାଖରେ ବସି ପ୍ରତ୍ୟହ ଭକ୍ତମାନଙ୍କୁ ସ୍ୱଅନୁଦିତ ଓଡ଼ିଆ ଭାଗବତ ଶୁଣାଉ ଥିଲେ। ଭକ୍ତଗଣ ଏହା ଶୁଣି ତନ୍ମୟ ହୋଇ ଯାଉଥିଲେ। ଦିନେ ଏହି ସମୟରେ ଶ୍ରୀଚୈତନ୍ୟ ତାଙ୍କୁ ଭେଟିଥିଲେ ଏବଂ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ଭକ୍ତିମତ୍ତାରେ ମୁଗ୍ଧ ହୋଇ ତାଙ୍କୁ ଅତିବଡୀ' ଉପାଧି ରେ ଭୂଷିତ କରିଥିଲେ।

ISSN NO.
2582-208X

ଭାଗବତରେ ପ୍ରେମଭକ୍ତି ଅପେକ୍ଷା ଜ୍ଞାନଭକ୍ତି ପ୍ରାଧାନ୍ୟ ଲାଭ କରିଛି । ଜିଜ୍ଞାସା ହେଉଛି ଭଗବତର ମୂଳ ଆଭିମୁଖ୍ୟ । ଏହାକୁ ପାଠ କଲେ ମନ, ଅମନ, ଦେହ, ଦେହାତୀତ ସମ୍ପର୍କିତ ସମସ୍ତ ପ୍ରଶ୍ନର ସରଳ ସମାଧାନ ର ସୂତ୍ର ମିଳେ । ଭାଗବତର ଆରମ୍ଭ ଅଭିଶପ୍ତ ପରୀକ୍ଷିତଙ୍କ ଜିଜ୍ଞାସା ମନୋବୃତ୍ତିରୁ । ପାଣ୍ଡବଙ୍କ ମହା ପ୍ରସ୍ଥାନ ପରେ କଳିର ସର୍ବବ୍ୟାପି ଓ ସର୍ବଶକ୍ତିମାନ ସାନିଧ୍ୟରେ କବଳିତ, ସନ୍ତପ୍ତ ଓ ତୃଷାର୍ତ୍ତ ପରୀକ୍ଷିତ ତୃଷା ନିବାରଣ ପାଇଁ ତପସ୍ୱୀ ଅଙ୍ଗୀରସଙ୍କ ଆଶ୍ରମକୁ ଧାଇଁ ଯାଇଛନ୍ତି । ଧ୍ୟାନମଗ୍ନ ଋଷିଙ୍କୁ ଦେଖିବା ପରେ ଅପେକ୍ଷା ବଦଳରେ ଧ୍ୟାନ ଭଗ୍ନ କରିବାର ଅପଚେଷ୍ଟା ତଥା ଅହଂ ବଶରେ ପରିଚାଳିତ ହୋଇ ଋଷିଙ୍କ ଗଳାରେ ମୃତସର୍ପ ବେଷ୍ଟନ କରି ଋଷିଙ୍କ ଠାରୁ ଶାପ ପାଇଛନ୍ତି । ତପଚାରୀଙ୍କ ଶାପରେ ବିଚଳିତ ପରୀକ୍ଷିତ ଅନୁତପ୍ତ ହୋଇ ଜୀବନର ବାକି ଥିବା ସାତଦିନ ଉତ୍ତମ ବାକ୍ୟ ଶ୍ରବଣ ନିମନ୍ତେ ଆଜନ୍ମ ବ୍ରହ୍ମଚାରୀ ଶୁକଦେବଙ୍କ ସହାୟତା ଲୋଡିଛନ୍ତି ।

ଭାଗବତରେ ପରୀକ୍ଷିତଙ୍କ ପ୍ରଶ୍ନ ମୃତ୍ୟୁକୁ ଅପେକ୍ଷା ରତ ଏକ ରାଜାଙ୍କର ନୁହେଁ ବରଂ ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ଅପେକ୍ଷା କରିଥିବା ବିଜ୍ଞ ମାନବ ମନରେ ଉଠୁଥିବା ବିଭିନ୍ନ ପ୍ରଶ୍ନର ଏକ ଏକ ପ୍ରତିରୂପ ମାତ୍ର । ଶୁକଦେବ ପରୀକ୍ଷିତଙ୍କୁ ମୋକ୍ଷର ମାର୍ଗ ଦେଖାଇଛନ୍ତି । ଭାଗବତର ଏକାଦଶ ସ୍କନ୍ଦ ଯୋଗ ଓ ଜ୍ଞାନ ମାର୍ଗର ଏକ ଉଜ୍ଜ୍ୱଳ ଆଲେଖ୍ୟ। ପରିଶେଷରେ ହୋଇଛି ପରୀକ୍ଷିତଙ୍କ ଆତ୍ମମୋକ୍ଷ । ପରିସମାପ୍ତି ଘଟିଛି ସକଳ ଜିଜ୍ଞାସା ଓ ଅନ୍ୱେଷାର । ଲୋପ ପାଇଛି ସଂଶୟ ଅନ୍ଧକାର ।

ଶିକ୍ଷା, ସାହିତ୍ୟ, ଧର୍ମ, ଦର୍ଶନ, ସଙ୍ଗୀତ, ନୈତିକତା ଆଦି ବିଭିନ୍ନ ଦିଗରୁ ଭାଗବତ ଓଡ଼ିଆ ଜାତିର ଆଦର୍ଶ । ଓଡ଼ିଆ ଜାତି ପାଇଁ ଭାଗବତ ଏକ ଧର୍ମୀୟ ଗ୍ରନ୍ଥ । ଷୋଡଶ ଶତାବ୍ଦୀରେ ସରଳ ଓଡ଼ିଆ ଭାଷାରେ ରଚିତ ହୋଇଥିବା ଏପରି ଏକ ଗ୍ରନ୍ଥକୁ ହାତ ପାହାନ୍ତାରେ ପାଇ ଓଡ଼ିଆ ଜାତିର ଛାତି ଗର୍ବରେ ଫୁଲି ଉଠିଥିଲା । ଭାଗବତ ଶୁଣି ପୁଣ୍ୟ ଅର୍ଜନ କରିବା ଆଶାରେ ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀ ଗଢି ଉଠିଲା । ପ୍ରତି ସନ୍ଧ୍ୟାରେ ସେଠାରେ ଭାଗବତ ପାଠ କରାଗଲା । କ୍ରମେ ଏହି ଭାଗବତ ଟୁଙ୍ଗୀ ମାନବ ଧର୍ମ ପ୍ରଚାର ସହିତ ଆଧ୍ୟାତ୍ମିକ ଭିତ୍ତଭୂମି ନିର୍ମାଣ, ଗ୍ରାମ୍ୟ ମନୋମାଳିନ୍ୟରେ ନ୍ୟାୟ ପ୍ରଦାନ ତଥା ସମାଜ ଜୀବନର ନିର୍ମାଣ କେନ୍ଦ୍ର ପାଲଟିଗଲା । ପ୍ରତିଦିନ ଗ୍ରାମବାସୀମାନେ ଭାଗବତ ଟୁଙ୍ଗୀରେ ଏକତ୍ରିତ ହେବାରୁ ସେମାନେ ଐକ୍ୟବଦ୍ଧ ହେବାପାଇଁ ପ୍ରେରଣା ଲାଭ କଲେ । ସେମାନଙ୍କ

ISSN NO.
2582-208X

ମଧ୍ୟରେ ଜାତୀୟ ଚେତନା ଉଦ୍ରେକ ହେଲା ଏବଂ ସଂଗଠିତ ହୋଇ ନିଜକୁ ଜାତୀୟ କର୍ମରେ ନିୟୋଜିତ କରିପାରିଲେ। ଏହା ମଧ୍ୟ ପାଲଟିଗଲା ଓଡ଼ିଆ ଶିକ୍ଷାକେନ୍ଦ୍ର। ଗୋଟିଏ ଶିକ୍ଷିତ ବଂଶଧର ସୃଷ୍ଟି କରିବା ପାଇଁ ଜେଜେବାପାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ନାତିଟିଏ ହିଁ ଭାଗବତ ପାଠ କରି ମୋକ୍ଷ ଦେବାର ଅଲିଖିତ ପରମ୍ପରା ଆପେ ଆପେ ସୃଷ୍ଟି ହୋଇଗଲା। ଅର୍ଥାତ୍ ଉତ୍ତର ପୀଢ଼ିକୁ ଶିକ୍ଷିତ କରିବାର ପରମ୍ପରା ଭାଗବତ ଜନ୍ମ ଦେଲା। ଚାହାଳୀରେ ପିଲାମାନଙ୍କର ଭାଗବତ ପ୍ରଧାନ ପାଠ୍ୟ ପୁସ୍ତକ ଥିଲା। ଯେଉଁ ପିଲା ଅଧ୍ୟାୟେ ଭାଗବତ ବୋଲି ପାରିଲା ତାର ବିଦ୍ୟା ଶେଷ ହେଉଥିଲା। ଗ୍ରାମରେ ବିସୁଚିକା, ମହାମାରୀ ହେଲେ ଭାଗବତ ପାଠ, ସପ୍ତାଙ୍ଗ ଭାଗବତ ହେଉଥିଲା। ଅନେକ ଲୋକଙ୍କର ସକାଳେ ସ୍ନାନ ପରି ସନ୍ଧ୍ୟାରେ ଭାଗବତ ପାଠ କରିବା ନିତ୍ୟ ନୈମିତ୍ତିକ କାର୍ଯ୍ୟ ଥିଲା। ଜଗନ୍ନାଥ ଦାସଙ୍କ ଭାଗବତ ହେଉଛି ଏକମାତ୍ର ଗ୍ରନ୍ଥ ଯାହାକି ଓଡ଼ିଆ ମାନଙ୍କୁ ଶିକ୍ଷିତ ଓ ସଂସ୍କୃତିସଂପନ୍ନ କରିବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଚେତନା ପ୍ରଦାନ କରି ଏକ ଦାର୍ଶନିକ ଜାତିରେ ପରିଣତ କରିଥିଲା।

ଭାଗବତଗ୍ରନ୍ଥର ଛନ୍ଦ ମାଧୁରୀ ହେଉଛି ଏହାର ଲୋକପ୍ରିୟତାର ଅନ୍ୟ ଏକ କାରଣ। ଏହା ଗୁଣ୍ଡରୀ ବା ନବାକ୍ଷରୀ ବୃତ୍ତରେ ରଚିତ। ପ୍ରତ୍ୟେକ ପଦ ଦୁଇ ଚରଣ ବା ପାଦ ବିଶିଷ୍ଟ। ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ନଅ। ଏହାର ସୁଲଳିତ ଛନ୍ଦ ମାଧୁରୀ ଉଭୟ ଶ୍ରୋତା ଓ ଉଦ୍ ଗାତାଙ୍କୁ ଆନନ୍ଦ ପ୍ରଦାନ କରିଥାଏ। ଭାଗବତ ର ଭାଷା ସରଳ ଓ ସୁବୋଧ୍ୟ। ଯଥାର୍ଥରେ କବି ରାଧାମୋହନ ଗଡ଼ନାୟକ ଅତିବଡୀଙ୍କ ଲୋକପ୍ରିୟତା ପ୍ରସଙ୍ଗରେ କହିଛନ୍ତି-

ଜୀବନ ଦୁଆର ପ୍ରାନ୍ତେ ଯାହାର
ଦେଖିଦିଏ ଆସି କାଳ
କାଳଜୟ ଆଶେ ତୁମ ଭାଗବତ
ବୋଲାହୁଏ ବାରବାର।
ଦେଉଳ ସଭାରେ ଗାଆଁ ଦାଣ୍ଡରେ
ବାଟେଘାଟେ ଘରେଘରେ
ତୁମ ସୁଭାଷିତ ବାଣୀ ବାଜିଉଠେ
ଜନତାର କଣ୍ଠରେ ।

ISSN NO.
2582-208X

ଓଡ଼ିଆ ଜାତି ପାଇଁ ଭାଗବତ ଇହକାଳ ପରକାଳର ଏକ ଅମୂଲ୍ୟ ସମ୍ପଦ। ଏହା କେବଳ ଏକ ଗ୍ରନ୍ଥ ନୁହେଁ। ଏହା ଓଡ଼ିଆ ଜାତିର ଏକ ଆଧ୍ୟାତ୍ମିକ ଅନୁଭୂତି। ଜଗନ୍ନାଥ ଦାସଙ୍କ ଭାଗବତ ଦାର୍ଶନିକ ଓ ତାତ୍ତ୍ୱିକ ସୂକ୍ତି ସମୂହର ଏକ ଚାରୁ ଚିତ୍ରକଳା ।ଏଣୁ କୁହା ଯାଇଛି..

ପରମ ଶାସ୍ତ୍ର ଭାଗବତ।। ଅଭ୍ୟାସ କରୁଥିବ ନିତ୍ୟ।।

ଭାଗବତ ସମ୍ପର୍କରେ କବି କହିଛନ୍ତି –

ଏ ଯେ ପୁରାଣ ଭାଗବତ।। ନିର୍ମଳ ପଦ ବ୍ରହ୍ମ ତତ୍ତ୍ୱ।।
ସୁଜନ ହିତେ ଭାଗବତ।। ଭିଆଇ ରସମୟ ଗୀତ।।
ଅମୃତ କୃଷ୍ଣର ଚରିତ।। କହଇ ବିପ୍ର ଜଗନ୍ନାଥ।।
ପ୍ରାକୃତ ଭାଷା ଏ ପ୍ରବନ୍ଧ।। ଫିଟେ ଅନ୍ଧାର ଭବବନ୍ଧ।।

ଆଜି ମଧ୍ୟ ଗାଁ ଗାଁ ରେ ଭାଗବତ ଗାଦି, ଭାଗବତ ଘରମାନ ରହିଛି, ଭାଗବତ ପାରାୟଣ ହେଉଛି। ଭାଗବତ ଓଡିଆ ଜାତିର ଜୀବନ ବେଦ। ଭାଗବତର ଶତ ଶତ ନୀତିବାକ୍ୟ, ଅମୃତ ପଦାବଳୀ ଓଡ଼ିଆ ପୁଅ କଣ୍ଠରୁ ଏବେ ମଧ୍ୟ ପ୍ରସଙ୍ଗ କ୍ରମେ ସ୍ୱତଃ ଝରିଆସେ... ଯାହାର ଉଦାର ଉଚ୍ଚାରଣ ଜୀବନର ମାର୍ଗ ଦର୍ଶନରେ ହୋଇଥାଏ ପରମ ସହାୟକ। ଭାଗବତ ର ବହୁ ଲୋକପ୍ରିୟ ପଦ ନିତି ପ୍ରତିଦିନ ଲୋକ ମୁଖରେ ଉଚ୍ଚାରିତ। ଯଥା –

ଅମୃତ ବିନୟ ବଚନ।। କହି ତୋଷିବ ପ୍ରାଣୀମନ।।
ଯାହାକୁ ରଖିବେ ଅନନ୍ତ।। କି କରି ପାରେ ବଳବନ୍ତ।।
କାଳର ବଶ ଏ ଜଗତ।। ପ୍ରାଣୀଏ କାଳ ର ଆୟତ୍ତ।।
ମର୍ତ୍ତେ ମନୁଷ୍ୟ ଦେହବହି।। ଦେବତା ହୋଇଲେ ମରଇ।।
ସାକ୍ଷାତେ ଗୁରୁ ଯେ ଈଶ୍ୱର।। ଗୁରୁଙ୍କୁ ନମଣିବ ନର।।
ଅନେକ ଲୋକ ଯହିଁ ମିଳି।। ଅବଶ୍ୟ ଉପୁଜଇ କଳି।।
ଦଣ୍ଡିବା ଶକ୍ତି ଯାର ଥାଇ।। ସେପୁଣି କ୍ଷମା ଆଚରଇ।।
ମହତେ ଯାହା ଆଚରିବେ।। ଇତରେ ତାହା ହିଁ କରିବେ।।
ସକଳ ଦେହେ ନାରାୟଣ।। ବସନ୍ତି ଅନାଦି କାରଣ।।

ISSN NO.
2582-208X

ଧନ ଅର୍ଜନେ ଧର୍ମ କରି ।। ଧର୍ମେ ପ୍ରାପତ ନରହରି ।।
ଆହାରେ ଭଲ ମନ୍ଦ ନାହିଁ ।। ଯେ ସ୍ଥାନେ ଯେମନ୍ତ ମିଳଇ ।।
ଧନ୍ୟ ଜୀବନ ଏ ଜଗତେ ।। ଯେ ପ୍ରାଣ ଧରେ ପରହିତେ ।। ଇତ୍ୟାଦି –

ଏହିପରି ନାନା ଭକ୍ତିପୂର୍ଣ୍ଣ ଉପଦେଶ ମୂଳକ ଉକ୍ତି ମାନବ ଜୀବନର ପ୍ରତି କ୍ଷେତ୍ରରେ ଏକାନ୍ତ ଉପାଦେୟ । ଭାଗବତ ମନୁଷ୍ୟ ହୃଦୟରେ ଧର୍ମ ଓ ଭକ୍ତିଭାବ ଜାଗ୍ରତ କରି ମନୁଷ୍ୟକୁ ପୂର୍ଣ୍ଣତା ଲାଭ କରିବାକୁ ପ୍ରେରଣା ଦେଇଥାଏ ॥

ଓଁ ନମୋ ଭଗବତେ ବାସୁଦେବାୟ

ରାଉରକେଲା , ଓଡିଶା

ISSN NO.
2582-208X

# ସ୍ମାଇଲ ପିଲିଜ
# ବିକ୍ରମ



ଅଳକା ରାୟ

ବିକ୍ରମ ଧିରେ ପାଖକୁ ଯାଇ
ପ୍ରଜ୍ଞାନ କାନରେ କହିଲା
ରାଜି ହୁଅନ୍ତି ଯଦି ଚନ୍ଦ୍ରୟାନରେ
ଜହ୍ନ ରାଇଜକୁ ବୁଲିଯିବା ।
ଲାଜେଇ ଯାଇ ପ୍ରଜ୍ଞାନ
ସହସା ହଁ ଭରିଲା
ଚନ୍ଦ୍ରୟାନରେ ବିକ୍ରମ ସହ
ଜହ୍ନ ରାଇଜକୁ ଉଡ଼ିଗଲା
ଜହ୍ନ ରାଇଜରେ ଧିରେ ଓହ୍ଲାଇ
ବିଶ୍ୱରେ ଚହଳ ପକାଇଲା
ବିକ୍ରମ ର ଶକ୍ତ ବାହୁବନ୍ଧନରୁ
ବାହାରି ପ୍ରଜ୍ଞାନ,
ଚନ୍ଦ୍ରରେ ବିଚରଣ କଲା ।
ଖାଲି, ଢିପ ସବୁ ବାରିପାରି
ଖଣିଜ ଦ୍ରବ୍ୟର ସନ୍ଧାନ ପାଇଲା
ଚନ୍ଦ୍ର ରେ ଜଳ ଅଛି ଅବା ନାହିଁ
ସନ୍ଧାନରେ ଲାଗି ପଡିଲା ।

ISSN NO.
2582-208X

ଦୂରୁ ଥାଇ ବିକ୍ରମ ପ୍ରଜ୍ଞାନ ର
ଗତିବିଧି ଲକ୍ଷ୍ୟ କରୁଥିଲା
ଆତ୍ମ ସନ୍ତୋଷେ ପ୍ରଜ୍ଞାନ
ବିକ୍ରମ କୁ ସ୍ମାଇଲ ପିଲିଜ କହି
ଚିତ୍ର ଉତ୍ତୋଳନ କଲା
ଆଉ କିଛି ଚିତ୍ର ଚନ୍ଦ୍ରପୃଷ୍ଠର
ଉତ୍ତୋଳନ କଲା ପରେ
ବେଗି ବେଗି ହୋଇ ମାଡ଼ି ଚାଲିଲା
ତଥ୍ୟ ସନ୍ଧାନରେ ।

ରାତ୍ରୀ ରାଣି ଚନ୍ଦ୍ରପୃଷ୍ଠର ରେ ଆସି
କଳା ଓଢଣି ବିଛେଇ ଦେଲା
ଶିତଳତାର ସ୍ପର୍ଶ ରେ ପ୍ରଜ୍ଞାନ
ଟିକେ ଧିମେଇ ଗଲା
ରାତ୍ରୀ ହେଲାଣି ଚାଲ ଆମେ
ଘରକୁ ଫେରି ଯିବା
ବିକ୍ରମ ହସି ହସି କହିଲା ପ୍ରିୟେ,
ଜହ୍ନ ରାଇଜରେ ଆମେ ପରା
ଘର  ଟିଏ ତୋଳି ରହିବା ।
ପୃଥିବୀ ପୃଷ୍ଠକୁ ଆଉ ଆମେ
ନଫେରି  ପାରିବା
ଚନ୍ଦ୍ର ପକ୍ଷ ରେ ଚଉଦ ଦିନ
ଆମେ, ଶିତ ନିଦ୍ରାରେ ରେ ଅବସ୍ଥିତ କରିବା
ସୂର୍ଯ୍ୟଙ୍କ କିରଣ ପଡ଼ିଲେ ଆମେ
ପୁଣି ଜାଗ୍ରତ ହେବା
ଏବେଠୁ ଏଇ ଚନ୍ଦ୍ରପୃଷ୍ଠ
ଆମର ଘର ହେଲା ।

ISSN NO.
2582-208X

ନିଃଶେଷ ହେବା ଯାଏ ଦିହେଁ
ଏହିଠାରେ ବାସ କରିବା
ଚନ୍ଦ୍ର ରେ ଜ୍ଞାନ ଆହରଣ କରି
ପୃଥିବୀ ରେ ତାହା ବାଣ୍ଟିବା ।
ମିଶନ ଚନ୍ଦ୍ରପୃଷ୍ଠ କୁ ଆମେ
ପାରୁ ପର୍ଯ୍ୟନ୍ତ ସଫଳ କରାଇବା
ଚନ୍ଦ୍ରରେ ରହି ପୃଥିବୀରେ ଆମେ
ଯଶ କିର୍ତ୍ତୀ ଅରଜିବା ॥

ଭୁବନେଶ୍ୱର
୭୯୭୮୩୩୨୦୭୧

ISSN NO.
2582-208X

# ଯାଦୁକର



କଳ୍ପନା ମିଶ୍ର

ଧନ୍ୟ ତୁମେ ଯାଦୁକର ଜାଣ ଏତେ କୁହୁକ
ସୃଷ୍ଟି କୁ ଗଢ଼ିଅଛ  ଦେଇ ମିଠା ମହକ  ।

ଗଢ଼ିଛ ସମୟ ଦେଇ ସୁନୀଳ ଆକାଶ
ଫୁଲେ ଫୁଲେ ଦେଇଅଛ ସୁମଧୁର ସୁବାସ  ।

କେତେ ଜୀବ ଜନ୍ତୁ କୀଟ ପଶୁପକ୍ଷୀ ସୁନ୍ଦର
ନଦୀ ନାଳ ପରବତ ଗଛ ଲତା ସାଗର  ।

ଆକାଶରେ ତାରା ଫୁଲ ଖଞ୍ଜିଅଛ ରାତିରେ
ରଚି ଅଛ ଇଦ୍ରଧନୁ ଆକାଶର ଛାତିରେ  ।

ତୁମରି ଆଦେଶେ ଉଇଁ ସକାଳ ରେ ସୁରୁଜ
ବୁଣିଦିଏ ଚଉଦିଗେ  ସୁନା ରଙ୍ଗ ମୁରୁଜ  ।

ମନ ମୋହେ ଝରଣାର କୁଳୁକୁଳୁ ସଙ୍ଗୀତ
ଏ ସବୁ ପଛରେ ପ୍ରଭୁ ଅଛି ତୁମ ଇଙ୍ଗିତ  ।

ISSN NO.
2582-208X

ଦିନ ରାତି ଖରା ତାତି ସବୁ ତୁମ ଭିଆଣ
ସୁଖ ଦୁଃଖ ହସ କାନ୍ଦ ଜନ୍ମ ଆଉ ମରଣ ।

ଖରା ବର୍ଷା ଶୀତ ଦେଇ ଗଢିଅଛ ସୃଷ୍ଟି କୁ
ଶ୍ରେଷ୍ଠ ପ୍ରାଣୀ କରିଦେଲ ଦୁଇଗୋଡି ପ୍ରାଣୀଙ୍କୁ

ଅନୁପମ ସୃଷ୍ଟି ତୁମ ନଷ୍ଟ କରେ ମଣିଷ
ନିଜ ହାତେ ଡାକି ଆଣେ ନିଜ ପାଇଁ ବିନାଶ ।

ହରିପୁର, ସୁକନ୍ଦା,
ଯାଜପୁର-୭୫୫୦୧୮
ମୋ: 8847849093

ISSN NO.
2582-208X

# ପୁନଶ୍ଚ ସମ୍ଭାବନା



ବେଣୁଧର ସୂତାର

ବୁଝିବା ଆଗରୁ ଏ ମାୟା ସଂସାରେ
ଜୀବନର ପୁଣ୍ୟ ସ୍ଥିତି
ଏଭାଗ୍ୟ ଭୂଗୋଳେ ଜୀବନ ଜଞ୍ଜାଳେ
ଆଣିଛି ମରଣ ଭିତି ।।

ଜୀବନର ସୁର ଆରବ୍ୟେ ହସଇ
ପ୍ରାୟଶ୍ଚିତ ଏକ ହସ
ଛାଇ ଆଲୁଅରେ ଝୁରି ମରୁଥିବା
ଏ ନିଷ୍ଠୁର ଅବସୋସ ।।

ଜୀବନ ପଥରେ ସୁଖ ଅନିଷାର
ଅସମାପ୍ତ ଅନ୍ୱେଷଣ
ଉଦାସ ମନରେ ଭରିଦେଇଅଛି
ବିଶ୍ୱାସ ର ବିଲକ୍ଷଣ ।।

ଛିନ୍ନ ବୀଣା ତାରେ କିଛନ୍ଦ ଭରିବି
ଯନ୍ତ୍ରଣା ଭିଜା ମୋ କାୟା
ଭାଗ୍ୟତ ମୋପାଇଁ ସାଜିଅଛି ଆଜି
ଅପଶକୁନର ମାୟା ।।

କାଳନେମୀରଏ ଅଟ୍ଟହାସ୍ୟ ଭରେ
ବୁକୁତଳେ ହାହାକାର
ପ୍ରାଣ ପୀଡନର ଦୀର୍ଘ ଇସ୍ତାହାର
ଅଶ୍ରୁସିକ୍ତ ଉପହାର ।।

ISSN NO.
2582-208X

ଅଣାୟତ ସ୍ଥିତି ଦୁଃଖ ଅଦଉତି
ଯନ୍ତ୍ରଣାର ଜତୁଗୃହ
ଜୀବନ ସଂଗ୍ରାମେ ବ୍ୟର୍ଥ ନାୟକ ମୁଁ
ସାକ୍ଷୀ ଏ ଆଖିର ଲୁହ ।।

ଜୀବନ ଯା ପାଇଁ ମରୁ ମରୀଚିକା
ଦିଗହରା ଛନ୍ଦହରା
ସପନ ମୋପାଇଁ ମାୟା ଶିଉଳିର
ଅବରୁଦ୍ଧ ଏକ କାରା ।।

ତାରଣ ମାରଣ ସବୁକିଛି ଜାଣ
ତୁମେତ କାରଣ ହୋଇ
ଅଦୃଷ୍ଟ ତୁମେ ମୋ ଚିର ଆକାଂକ୍ଷିତ
ଅରକ୍ଷର ଭାବଗ୍ରାହୀ ।।

ଭରିଦିଅ ଏଇ ଅଲୋଡା ପ୍ରାଣରେ
ବଞ୍ଚିବାର ମାଦକତା
ଶୟନେ ସପନେ ଜାଗୁହୃଦେ ତୁମ
ଚିର ଚିନ୍ମୟ ସତ୍ତା ।।

ମୋଜୀବନ ସୁର ଉଜୁଡାଆସର
ଛନ୍ଦ ନାହିଁ ତୁମ ବିନା
ତୁମ ଅନୁକଂପା ଭରିଦେଉ ପ୍ରାଣେ
ପୁନଷ୍ଟ ସମ୍ଭାବନା ।।

ଆକୁଳ ଅନ୍ତରେ ଡାକେ ନିରନ୍ତରେ
ଶ୍ରୀଚରଣେ ଦିଅ ସ୍ଥାନ
ଅରକ୍ଷ ମୋଚନ ଅତ୍ରାହି ଭଞ୍ଜନ
ଭାବମୟ ନିରଞ୍ଜନ ।।

କେଶଦୁର୍ଗାପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ରଘୁଆ



କୁଞ୍ଜ ବିହାରୀ ସାହୁ

ଦେବୀ ପ୍ରସାଦ ସୁନ୍ଦରାୟ ଜଳସେଚନ ବିଭାଗର ପ୍ରତିଷ୍ଠାନ ଅଧିକାରୀ, ଯେକି ଛୁଟି ଦରଖାସ୍ତ ମଞ୍ଜୁର କରନ୍ତି ।

ରଘୁଆ ଘର ଖୋଜି ଖୋଜି ଦେବୀ ପ୍ରସାଦ ଓରଫ ଦେବ ମଉସାଙ୍କ ଘର ପାଖାପାଖି ପହଞ୍ଚିଲା । ଭୋଦୁଅ ମାସର କଳାହାଣ୍ଡିଆ ମେଘ ଦେଖି ଚମକିଗଲା । ଛାନିଆ ହୋଇ ଠିଆହେଲା ଦଣ୍ଡେ । କୋଉଠି ତ ନେମପ୍ଲେଟ୍ ନାହିଁ । କେହି ବି ଦିଶୁନାହାଁନ୍ତି ପାଖରେ । କାହାକୁ ପଚାରିବ ସଠିକ ଠିକଣା ।

ମେଘରେ ଜୁଡୁବୁଡୁ ହୋଇ ଜଣେ ଭଦ୍ରବ୍ୟକ୍ତି ସାଇକେଲରୁ ଓହ୍ଲାଇଲେ । ଦେଖିଲେ ଚଉଦ ପନ୍ଦର ବର୍ଷର ଟୋକାଟେ କାନ୍ଥକୁ ଆଉଜିଛି । ବୋଧହୁଏ ବର୍ଷା ଭୟରେ ଅଟକିଯାଇଛି । ଧୀର ଗଳାରେ କହିଲେ - ଆ, ଘର ଭିତରକୁ ଆ । ଅଧା ମୁକୁଳା ଦୁଆରକୁ ଖୋଲିଦେଲେ। ଘର ଭିତରୁ ଦେବୀବାବୁଙ୍କ ଝିଅ ଆସି ପରିବା ବ୍ୟାଗଟିକୁ ଘରକୁ ନେଇଗଲା । ରଘୁଆ ନାଁ ପଚାରିପାରୁନି କି ଘରକୁ ଯିବାକୁ ସାହସ କରିପାରୁନି । ଦେବୀବାବୁ କହିଲେ- ଆରେ ପୁଅ ବାହାରେ ବରକୋଳି ପରି ବର୍ଷା ଟୋପାକୁ ତୁହାକୁ ତୁହା ଘଡ଼ଘଡ଼ି ମାରୁଛି । ଭିତରକୁ ପଳେଇ ଆ । ବର୍ଷା ଥମିଗଲେ ଫେରିଯିବୁ ।

ରଘୁଆ ଡରିଡରି ଘର ଭିତରକୁ ଗଲା । ଖଟ ଉପରେ ବସିଗଲା । ଦେବୀବାବୁ ଝିଅ ସୁନୀକୁ ଶୁଖିଲା ତଉଲିଆ ଆଉ ଧୋତି ଆଣିବାକୁ କହିଲେ।

ISSN NO.
2582-208X

ହଁ ବାପା ନେଇକି ଯାଉଛି, ସୁନୀ ଉତ୍ତର ଦେଲା । ବାପାଙ୍କ ଓଦା ସରସର ଦେହକୁ ଶୁଖିଲା ତଉଲିଆରେ ପୋଛିଦେଲା । ଦେବୀବାବୁ ବି ଓଦା ସାର୍ଟ, ଧୋତି ଖୋଲିଦେଲେ ରଘୁଆକୁ ମୁହଁ କରି । ରଘୁଆ ଦେଖୁଥିଲା ସବୁ ।

ଦେବୀ ବାବୁ ଆଶ୍ୱସ୍ତି ଅନୁଭବ କଲେ । ରଘୁଆକୁ ପଚାରିଲେ - କହ ପୁଅ, ମୁଁ ତୋତେ ଚିହ୍ନିପାରିଲିନି । ତୁ ଆମ ଘରକୁ ଆସୁଥିଲୁ ନା ମେଘବର୍ଷା ଦେଖି ଘର ଦୁଆରେ ଅଟକିଗଲୁ। ତୋ ପକେଟରେ ଗୋଟିଏ ଧଳାକାଗଜ ଅଛି ।

କଥାବାର୍ତ୍ତା ଓ ହାବଭାବରୁ ରଘୁଆ ଜାଣିପାରିଲା ସେ ହିଁ ଦେବୀ ପ୍ରସାଦ ସୁନ୍ଦରାୟ ଓରଫ୍ ମଉସା । ନିଶ୍ଚିନ୍ତରେ କହିଲା ରଘୁଆ - ମୋ ନାଁ ରଘୁନାଥ ପାଇକରାୟ, ଜାନକୀନାଥ ପାଇକରାୟଙ୍କ ସାନପୁଅ । ଗେହ୍ଲାରେ ରଘୁଆ ଡାକନ୍ତି । ବାପାଙ୍କ ଛୁଟି ଦରଖାସ୍ତ ଆଣିଥିଲି। ଅପଣଙ୍କୁ ଚିହ୍ନିନି କି ଜାଣିନି । ପଚାରିବୁଝିଲି ଏ ଘର ବୋଲି । ସେଇଥିପାଇଁକି ଦାଣ୍ଡ ଦୁଆରେ ଅପେକ୍ଷା କରିଥିଲି । ଯାହାହେଉ ଦେଖାହେଇଗଲା । ନିଅନ୍ତୁ ଛୁଟି ଦରଖାସ୍ତ ।

ରହ ରହ ମୁଁ ପକେଟରୁ କାଢିଦେଉଛି, ଏତକ କହୁ କହୁ ଦେବୀ ବାବୁ ରଘୁଆ ସାର୍ଟ ପକେଟରେ ଦି ଆଙ୍ଗୁଠି ପୂରେଇ ଦରଖାସ୍ତଟିକୁ ବାହାର କରି ପଢିଲେ । ଲେଖାହେଇଛି ଜରୁରୀ ଘରୋଇ କାର୍ଯ୍ୟ ହେତୁ ଅଫିସ ଯାଇହେବନି । ଠିକ୍ ଅଛି ରଘୁଆ । ଏ ଦରଖାସ୍ତ ରଖିଲି । ତୁ ବସିଥା । ସୁନୀ ତୋତେ ବିସ୍କୁଟ, ମିଠା ଶୁନ ପାମ୍ପଡ଼ି ଆଣିଦେବ, ତୁ ଖାଇଦେବୁ । ମେଘ ଛାଡିଗଲେ, ଘରକୁ ଫେରିଯିବୁ । ରଘୁଆ ଚୁପ୍ ହୋଇ ବସିଲା ।

ଦେବୀବାବୁଙ୍କର ଚାରିତ୍ରିକ ଦୋଷ ରହିଛି । ପୁଅମାନଙ୍କୁ ଦେଖିଲେ ଟିକେ ପ୍ରଗଳଭ ହେଇଯାଆନ୍ତି । ରଘୁଆକୁ ପାଖକୁ ଡାକି କହିଲେ - ସତରେ ତୁ ଗୋଟିଏ ସୁନାମୁଣ୍ଡାଟିଏ । ଶାନ୍ତ ସୁଧାର । ମନଦେଇ ପାଠପଢୁଥା । ଦେଖିବୁ ଦିନେ ନା ଦିନେ ଭଲ ଚାକିରି କରି ନାଁ ରଖିବୁ । ଏମିତି ରସାଳିଆ କଥା କହି ରଘୁଆର ବାମ ହାତକୁ ଧରି ଚୁମାଦେଲେ। ରଘୁଆ କିଛି ବୁଝିପାରୁ ନଥିଲା । ବିବ୍ରତ ମୁଦ୍ରାରେ କହିପକାଇଲା - ମଉସା, ମୁଁ ଘରକୁ ଯାଉଛି । ବାବା ବୋଉ ମୋତେ ଚାହିଁ ବସିଥିବେ ।

ଆରେ ଟିକେ ରହିଯା । ବାହାରେ ମେଘ ଫର୍ଚ୍ଚା ହେଇନି।

ISSN NO.
2582-208X

ସୁନୀ ଥାଳିରେ ବିସ୍କୁଟ ମିଠା ଆଉ ଶୁନ ପାମ୍ପୁଡ଼ି ଆଣି ରଘୁଆକୁ ଧରେଇଦେଲା । ରଘୁଆର ଇଚ୍ଛା ନଥିଲା ଖାଇବାକୁ, ମିଠାଟିକୁ ଖାଇ ପାଣି ଢୋକେ ପିଇଦେଲା । ସୁନୀ କହିଲା - ଘର ଭିତରକୁ ବୁଲି ଆ । ରଘୁଆ ସୁନୀ ସାଥିରେ ଘରର ଏପଟ ସେପଟ ବୁଲିଲା । ଭଲ ଘର । ତାଙ୍କ ଘର ଅପେକ୍ଷା ଟିକେ ବଡ । ପଲଙ୍କ, ସୋଫା ପଡିଛି । ପଞ୍ଜୁରୀ ଭିତରେ ଶୁଆ ବସିଛି। ଡେରି ହେଇଗଲାଣି କହି ବେଗି ବେଗି ଘରମୁହାଁ ହେଲା ରଘୁଆ ।

ହଉ ଠିକ୍ ଅଛି । ତୋ ଦେବ ମଉସା ଘରେ ନଥିଲାବେଳେ ଆସିବୁ, ଗପସପ କରିବା ।

ଆକାଶ ନିର୍ମଳ ଦିଶୁଛି । ବର୍ଷାର ଚିହ୍ନ ନାହିଁ । ତାସ୍ତାକଡ଼ ଖାଲରେ ପାଣି । ସାଇକେଲ ଚଳାଇ ଘରେ ପହଞ୍ଚିଗଲା ।

ରଘୁଆର ବାପା ମା ବ୍ୟସ୍ତ ହୋଇଯାଉଥାନ୍ତି । ରଘୁଆ କେତେବେଳୁ ଗଲାଣି । ମେଘ ବର୍ଷାରେ ଓଦା ହେଇଯାଇଥିବ ବୋଲି, ଆଶଙ୍କାରେ ଡରିଯାଉଥାନ୍ତି । ରଘୁଆକୁ ଦେଖି ଖୁସି ହୋଇଗଲେ ଦୁହେଁ । ପଚାରିଲେ- ପୁଅରେ ଏତେ ଡେରି ହୋଇଗଲା ? ରଘୁଆ ସବୁ କଥା ଖୋଲି କହିଦେଲା । ତା ମାଆ, ହଉ ଯା ଘରେ ଟିକେ ଫ୍ରେଶ୍ ହୋଇଯା । ଖାଇସାରିବା ପରେ ଆମେ ଅଲମ୍ପିକ ସର୍କସ ଦେଖିବାକୁ ଯିବା । ତା ବାପା କହିଲେ- ଆମେ ସମସ୍ତେ ସର୍କସ ଦେଖିଯିବା ବୋଲି ମୁଁ ଛୁଟି ନେଇଛି ।

ରଘୁଆ ଖୁସି ହେଇଗଲା । ଗାଧୁଆଘରେ ଗାଧୋଇବେଳକୁ ଦେବ ମଉସାଙ୍କ କଥା ମନେପଡିଗଲା । ତା କାନରେ ଯାହା ସବୁ କହିଥିଲେ, ସେୟା କଲା । ଚଟାପଟ ଗାଧେଇପାଧେଇ ଠାକୁରଙ୍କୁ ମୁଣ୍ଡିଆ ମାରିଲା । ବାପା ମା'ଙ୍କସହ ଏକାଠି ଖାଇଲା । ଦିନ ୨.୧୫ ମିନିଟରେ ଅଟୋରିକ୍ସାରେ ସର୍କସ ଦେଖିବାକୁ ବାହାରିଲେ ତିନିହେଁ । ରଘୁଆର ମନରେ ଖୁସି କାହିଁରେ କେତେ । ସର୍କସରେ ଜୋକର ଦେଖିବ, ଦୋଳି ଖେଳ, ମଟରସାଇକେଲ ରେସ୍, କୁକୁର, ମାଙ୍କଡ଼, ବାଘମାନଙ୍କର ଚିତାକର୍ଷକ ଖେଳ ଦେଖିବ ।

ଦିନ ତିନିଟା ବେଳକୁ ସର୍କସ ଖେଳ ଆରମ୍ଭ ହେଇଗଲା । ଖେଳ ଦେଖି ରଘୁଆ ଖୁସି ହେଲା। ତା ବାପା କହିଲେ - ସର୍କସରେ ଦେଖୁଥିବା ଖେଳ ସହଜ ନୁହେଁ ଜଣେ ଗୁରୁଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ରଖିବା ନିହାତି ଆବଶ୍ୟକ ।

ISSN NO.
2582-208X

ଦୁଇଦିନ ପରେ କାହିଁକି କେଜାଣି ସୁନୀ ନାନୀର କଥା ମନେପଡିଲା ରଘୁଆର । ଘରେ ଜଳଖିଆ ଖାଇ ସୁନୀ ନାନୀକୁ ଦେଖା କରିବାକୁ ବାହାରିଲ। କଲିଂବେଲରେ ହାତ ମାରିଲା। ଡିଙ୍ଗଡଙ୍ଗ ଶବ୍ଦରେ ସୁନୀ କବାଟ ଖୋଲିଲା । ଦେବୀ ବାବୁ ଘରେ ନଥିବାରୁ ସୁନୀ ସ୍ୱାଧୀନ ଭାବରେ ନିଜର ମନ ପସନ୍ଦର ଡ୍ରେସ ପିନ୍ଧିଥିଲା । ରଘୁଆକୁ ଘର ଭିତରକୁ ଡାକି କବାଟ କିଳିଦେଲା ।   କ'ଣ ଖାଇବୁ କି ରଘୁଆ ?

ନା, ଜଳଖିଆ ଖାଇଛି । ସେଦିନର କଥା ମନେପଡ଼ିଲା ତ, ତୁମ ଘରକୁ ପଳେଇଆସିଲି ।

ଭଲ ହେଲା । ବାପା ଗାଁକୁ ଯାଇଛନ୍ତି । ଫେରୁ ଫେରୁ ଡେରିହେବ । ଏ ଖଟରେ ବସ ।

ଚୁପଚାପ ବସିଲା ରଘୁଆ । ସୁନୀ କିନ୍ତୁ ଦୁଇଟା କେକ ଦେଲା ରଘୁଆକୁ । ଖାଇଦେ ରଘୁଆ, କେତେବେଳୁ ଘରୁ ଆସିଲୁଣି । ସାଇକେଲ ଚଳେଇ ଭୋକ ହେବଣି ।

ରଘୁଆ ଖାଉ ଖାଉ କିଛି ପଚାରିବ ନ ପଚାରିବ ଭାବି ସଂକୋଚରେ ପଚାରିଲା - ସୁନୀ ନାନୀ, ତୁମେ ଏକୁଟିଆ ରହୁଛ । ତୁମେ ଦେବ ମଉସାଙ୍କର ନିଜ ଝିଅ !

ଚମକିପଡ଼ିଲା ସୁନୀ । ଛେପ ଢୋକିଲା କ୍ଷଣିକ । ରଘୁଆ ପାଖରେ ବସି ନିଜ ମନକଥା କହିଦେଲା - ହଁ ରଘୁଆ, ତୋତେ କେମିତି କହିବି,  କଅଣ କହିବି ! ମୁଁ ପିଲା ବେଳ କଟିଛି ବସୁନ୍ଧରା ଚାଇଲଡ କେୟାର ସେଣ୍ଟରରେ । ମାନସୀ ମା ମୋର ସେବା ଯତ୍ନ କଲେ। ମୁଁ ପୁଅଟିଏ ଥିଲି । କିନ୍ତୁ ମୁଁ ଝିଅମାନଙ୍କ ସହ ମିଳାମିଶା କରୁଥିଲି । ମାନସୀ ମା ମୋତେ ଝିଅ ଡ୍ରେସ ପିନ୍ଧାଉଥିଲେ । କଥା ପ୍ରସଙ୍ଗରେ କହିବାର ଶୁଣିଛି ଯେ ମୁଁ କୁଆଡେ ଡଷ୍ଟବିନରୁ ଉଦ୍ଧାର ହେଇଥିଲି । ମୋ ବାପା ମା କିଏ ଜାଣିନି । କୁଆଁ କୁଆଁ ଡାକ ଶୁଣି ମାନସୀ ମା ମୋତେ ଗେଲ କରିଦେଲେ । ଯଶୋଦା ପରି ପାଳିଲେ । କ୍ଷୀର ଖୁଆଇ ବଡ କଲେ । ଦିନେ ଦେବୀ ବାବୁ ବସୁନ୍ଧରା ଚାଇଲଡ କେୟାରକୁ ଆସି ମୋତେ ଦେଖି ଖୁସି ହେଇଗଲେ, ତାଙ୍କ ଘରକୁ ନେବାକୁ ଅଳିକଲେ । ମାନସୀ ମା ସବୁ କଥା କହିଲା ପରେ ବି ସେ ଗୋଟିଏ ସର୍ତ୍ତରେ ରାଜିହେଲେ - ଝିଅଟିକୁ ସବୁଦିନପାଇଁ ଘରକୁ ନେବି । ଝିଅ ଭଳି ଡ୍ରେସ ପିନ୍ଧିବ । ମୋ ପାଖରେ ରହିବ । ମୋର ସେବା ଯତ୍ନ କରିବ । ସେହିଦିନଠୁ ମୁଁ ଦେବୀ ବାବୁଙ୍କ ଘରକୁ ଆସିଲି । ବାପା ବୋଲି ସମ୍ମାନ ଦେଲି । ସେ ମୋର ଯତ୍ନ ନେଲେ, ପାଖରେ ବସି ଖୁଆଇଲେ, ଶୁଆଇଲେ । ବହୁତ ଭଲ ମୋ ବାପା ।

ISSN NO.
2582-208X

ରଘୁଆ ତୋତେ  ନିଦ ଆସୁଛି କି । ଶୋଇପଡୁନୁ ।

ନା, ନିଦ ଆସୁନି ।

ହଉ, ଠିକ୍ ଅଛି, ଖଟରେ ଶୋଇ ଶୋଇ କଥା ହେଲେ କେମିତି ହୁଅନ୍ତା !

ରଘୁଆ କହିଲା, ଭଲ ହୁଅନ୍ତା ।

ସୁନୀ ମନରେ ଅହେତୁକ ଇଛା ଉଙ୍କିମାରୁଥାଏ । କହୁ କହୁ କହିଦେଲା, ଆରେ ତୋତେ ତ ଗରମ ଲାଗୁଥିବ । ଏ ଭୋଦୁଅର ପାନିଖରା ସମ୍ଭାଳି ହେଉନି । ବେଳେ ବେଳେ ବିଦ୍ୟୁତକାଟ ମଣିଷକୁ ହଇରାଣ କରିଦେଉଛି । କଅଣ କରିବା ସରକାରୀ ଘର, ସରକାରଙ୍କ ଯାହା ଇଛା ।ଦୁର୍ଯୋଗକୁ ଆଜି ସକାଳୁ ସକାଳୁ ଏ.ସି.ଚାଲୁନି । ବାପା ଥିଲେ ସିନା ମେକାନିକ୍ ଡାକି ରିପ୍ୟାରିଂ କରିଥାନ୍ତେ । ତୁ ତ ଛୋଟ ପିଲା, ଜାମା ଖୋଲି ବସି ଯା।

ନା ସୁନୀ ନାନୀ, ତୁମେ ବ୍ୟସ୍ତ ହୁଅନି । ତୁମେ ତ ପୁଅ ବୋଲି କହୁଛ, ଆଜି ତ ତୁମ ବାପା ନାହାଁନ୍ତି, ଡ୍ରେସ ଚେଞ୍ଜ କରିଦିଅ । କେମିତି ଲାଗୁଛି ଟିକେ ଦେଖିବି ।

ରଘୁଆର ଏଭଳି କଥାରେ ସୁନୀ ଚମକିଉଠିଲା । ତା ପିଲାବେଳ କଥା ମନେପଡିଲା । ହଉ, ତୁ ଯଦି କହୁଛୁ ତୋ ସାର୍ଟ ମୋତେ ଦେଉନୁ । ମୁଁ ପିନ୍ଧିବି, ତୋ ପରି ସୁନ୍ଦର ଦିଶିବି।

ରଘୁଆ ନିଜର ସାର୍ଟ ବୋତାମ ଖୋଲିଲାବେଳକୁ ସୁନୀ ଯେମିତି ଶିହରି ଉଠୁଥିଲା । ସାର୍ଟଟିକୁ ବଢେଇଦେଲା ସୁନୀ ନାନୀକୁ । ସୁନୀ ବି ମନଖୁସିରେ ନିଜ ଡ୍ରେସକୁ ଖୋଲି ସାର୍ଟ ପିନ୍ଧିବାକୁ ପ୍ରୟାସ କଲା ।

ରହ ରହ ସୁନୀ ନାନୀ, ତୋ ଛାତିଟା ଫୁଲିଲା ଫୁଲିଲା ପରି ଦେଖାଯାଉଛି। ରହିଯା.. ରହିଯା କିଛି ସମୟ । ମୁଁ ଟିକେ ଆଖିପୂରେଇ ଦେଖି ଦେବି ।

କ'ଣ ଧରିବାକୁ ଇଛା ହେଉଛି କି, ସୁନୀ କହିଲା।

ମୋ ପିଲାଦିନର ଚେହେରା ଆଉ ଏବେକାର ଚେହେରା ଭିତରେ ଆକାଶ ପାତାଳ ଫରକ । ଏ ଘରକୁ ଆସିଲାପରେ ହିଁ ଏ ଫରକ ସହଜରେ ବାରି ହୋଇପଡୁଛି । ବାପଛେଉଣ୍ଡ

ISSN NO.
2582-208X

ବୋଲି  ମୋତେ ପାଳିପୋଷି ଭଲ ମଣିଷଟିଏ କରିଛନ୍ତି ମୋ ବାପା । ଭୋକ ଲାଗିଲେ ଖାଇବାକୁ ଦିଅନ୍ତି, ଆଖିରୁ ଲୁହ ଗଡ଼ିଲେ ମଜା ମଜା ଗପ କହି ଗେଲ କରିଦିଅନ୍ତି । ବେଳେ ବେଳେ ତାଙ୍କ ଛାତିରେ ଆଉଜି ଶୋଇପଡ଼େ ।

ଦେବ ମଉସା ତା ହେଲେ ତ ବହୁତ ଭଲ ଲୋକ । ରଘୁଆ ଆଚମ୍ବିତ ସ୍ୱରରେ କହିଲା ।

ହଁ ହଁ.... ସୁନୀ ନିର୍ଲୋଭରେ ଉତ୍ତର ଦେଲା ।

କିଛି ସମୟ ପାଇଁ ସୁନୀ ରଘୁଆର ସାର୍ଟ ପିନ୍ଧି ମଜା ଉଠେଇଲା । ଆଇନାରେ ମୁହଁ ଦେଖି ଖିଲିଖିଲି ହସିଦେଲା । ସିଏ ତ ଏ ପୁଅ ଡ୍ରେସରେ ଭଲ ଦେଖାଯାଉଛି । ହେଲେ କେମିତି କହିବ ତା ବାପାଙ୍କୁ ପୁଅ ପରି ଡ୍ରେସ ପିନ୍ଧିବ ବୋଲି ।

ରଘୁଆ ବି ନିଜ ମାଉଁସିଆ ଦେହଟିକୁ ଦେଖେଇଦେଇ କହିପକେଇଲା - ସୁନୀ ନାନୀ, ମୋତେ ଆଉ ଟିକେ ଅଧିକ ଗେଲ କରିଦିଅ । ଦେଖିଲ ଦେଖିଲ, ମା ମୋ ପାଇଁ ନୂଆ ପ୍ୟାଣ୍ଟ କିଣିଦେଇଛି । ହାତ ମାରି ଦେଖୁନ ।

ସୁନୀ  ରଘୁଆର ଖୁସିରେ ସାମିଲ ହୋଇ ଗେଲ କରିଦେଲା । ଛୋଟ ଛୁଆଟା । କଅଁଳ ବୟସ । ସହର ଭିତରେ ନୂଆ ନୂଆ ଆସିଛି । ଏଠାକାର ଆଭିଜାତ୍ୟକୁ ଜାଣିବାକୁ ସମୟ ଲାଗିବ । ହଉ,  ମୋ ପାଖରେ ଆଉଜି ବସ ।

ସୁନୀ ମନେମନେ ଭାବିଲା-  ନୂଆ ନୂଆ ନିଶ ଗଜୁରୁଛି ମାନେ, ଅଦେଖା ସ୍ଥାନଟି ଆହୁରି ରୋମାଣ୍ଟିକ ହୋଇଥିବ ।

ସୁନୀର ହେତୁ ପାଇବା କଥା ମନେପଡିଗଲା । ରଘୁଆର ମୁହଁକୁ ପାପୁଲିରେ ଆଉଁଷି ନୂଆ ପ୍ୟାଣ୍ଟରେ ହାତ ବୁଲେଇଲା । ଦାମୀ ପ୍ୟାଣ୍ଟ ଭଳି ଲାଗୁଛି । ନିଜ ମନୋକାମନାକୁ ପୂର୍ଣ୍ଣକରିବାକୁ ଇଛା ପ୍ରକଟ କରି  ରଘୁଆର ଦେହଟିକୁ ଅପର୍ଯ୍ୟାପ୍ତ ସମୟ ପର୍ଯ୍ୟନ୍ତ ଆଉଁଷିଲା । ରଘୁଆ ଦେହରୁ କିଛି ବାହାରିଗଲା ବୋଧହୁଏ !!  କଅଣ କହିବ କହିବ ବୋଲି ଭାବୁଥିଲା ରଘୁଆ । କହିପାରିଲାନି । ସୁନୀ ଜାଣିପାରୁଥିଲା । ଗପସପ ଚାଲିଲା ଅନେକ ସମୟ ଖଟ ଉପରେ ।  ସୁନୀ ଦେହରୁ ସାର୍ଟ ଖୋଲି ରଘୁଆକୁ ଦେଲା । ନିଜର ଫ୍ରକ୍ ପିନ୍ଧିପକାଇଲା ।

ISSN NO.
2582-208X

ସୁନୀ ରଘୁଆକୁ କହିଲା – ତୁ ଯେତେବେଳେ ସମୟ ପାଇବୁ, ଘରକୁ ଆସିବୁ । ମୁଁ ଫୋନ କଲେ ରିସିଭ କରିବୁ । ଆସିଲେ ମଜା ମଜା କଥା ହୋଇ ରୋମାଞ୍ଚିତ ହେବା ।

ଲାଜକୁଳା ରଘୁଆ ହସିଦେଲା । ହଁ ନାନୀ, ମୁଁ ଏବେ ଘରକୁ ଯାଉଛି, ମା ଅନେଇରହିଥିବ।

କିଛିଦିନ ପରେ ସୁନୀ ନାନୀ ଫୋନ୍ କଲା– ରଘୁଆ, ଘରେ ଅଛୁ ?

ହଁ ନାନୀ, ଏତେ ଦିନ ପରେ ମନେପଡିଲା ! ମୁଁ ଆମ ପଡୋଶୀଙ୍କ ଘରେ ଅଛି । ଯଦି କହିବ, ଉପରବେଳା ଯିବି ।

ଠିକ୍ ଅଛି ।

ରଘୁଆକୁ ପଡୋଶୀଘର ମାଉସୀ ପଚାରିଲେ – ଆରେ ରଘୁଆ, କିଏ ଫୋନ୍ କରିଥିଲା କି? ଝିଅପିଲାର ସ୍ୱର ପରି ଲାଗୁଛି । ଏ ବୟସରେ ଝିଅପିଲା ଚିହ୍ନା ହେଇଗଲେଣି କି ? ହଁ...ନିଶ ଗଜୁରି ଆସିଲାଣି, ଚିହ୍ନା ହେଉଥିବେ ଝିଅମାନେ ।

– ନା ମାଉସୀ । ମୁଁ କୋଉ ଝିଅ ବିଷୟରେ ଜାଣେନା । ଆମ ଘରେ ବାପା ବହୁତ ରାଗୀ। କାହା ସହିତ ମିଶିଲେ କି ଗପିଲେ ନାଲି ଆଖି ଦେଖେଇବେ । ଆକଟ କରି ଏଣୁତେଣୁ ଗାଳିଦେବେ। ବାପାଙ୍କୁ ମୋର ପ୍ରବଳ ଡର ।

ହଁ ମାଉସୀ, ସୁନୀ ନାନୀ । ଦେବ ମଉସାଙ୍କ ଝିଅ । ଦେବ ମଉସା କିଏ କିରେ ? ମୁଁ ତ କେବେ ତୁମ ଘରେ ଦେଖିନି ।

ରଘୁଆ କହିଲା – ଦେବ ମଉସା ଓରଫ ଦେବୀ ପ୍ରସାଦ ସୁନ୍ଦରାୟ, ମୋ ବାପାଙ୍କ ଉପରିସ୍ଥ ଅଫିସର । ତାଙ୍କରି ଝିଅ ସୁନୀ ।

ଦେବୀ ପ୍ରସାଦ ସୁନ୍ଦରାୟ ନାଁ ଶୁଣି ରଘୁଆର ପଡୋଶୀ ମାଉସୀ ଚମକି ଉଠିଲେ । ଆରେ ରଘୁଆ, ସିଏ କେମିତି ତୋ ମଉସା ହେଲେ । ସିଏ ତ ଜମା ଭଲଲୋକ ନୁହଁ । ସେ ତ ଆମର ବନ୍ଧୁବାନ୍ଧବ । ନିଃସନ୍ତାନ, ପୁଣି ପତ୍ନୀ ଚାଲିଯିବାପରେ ମନଦୁଃଖରେ ରହୁଛନ୍ତି ।

ISSN NO.
2582-208X

ଏବେ ବୋଧହୁଏ କେଉଁ ଆଶ୍ରମରୁ ଝିଅଟିଏ ଆଣିଥିବେ । ତୁ ସେ ମଉସାଙ୍କ ଘରକୁ ଯାଉଛୁ କି ?

- ହଁ ବେଳେବେଳେ ଯାଉଛି, ବାପାଙ୍କ ଛୁଟି ଦରଖାସ୍ତ ଦେବାପାଇଁ । ମୋର ସ୍କୁଲ ସାଙ୍ଗ ତାଙ୍କର ଘର ପାଖାପାଖି ରହୁଛି ।

- ସେ ଘରେ ଥିଲାବେଳେ ଯିବୁନି ।

- କାହିଁକି ?

- ସେ କଥା ପରେ କହିବି ।

- ଆଉ ଯିବିନି ମାଉସୀ, ମୁଁ ଏବେ ତୁମ ସହ କଥା ହେବି । ତୁମେ ବହୁତ ସ୍ନେହୀ ମଣିଷଟେ । ମୋ ମନକଥା ବୁଝିପାରୁଛ । ତୁମର ପୁଅଠୁ ଅଧିକ ଭଲ ପାଉଛ । ମୁରୁକି ମୁରୁକି ହସି ଦେଇ ମାଉସୀ କହିଲେ - ବସ୍ ଏଇଠି, ବହି ପଢୁଥା । ମୁଁ ଗଲି ଆଉ ଆସିଲି।

ରଘୁଆ, ରଘୁଆ ଟିକେ ଆସିଲୁ, ଲୁଗାକାନିଟା  କଣ୍ଟାରେ ଲାଗିଯାଇଛି । ଯାଉଛି ମାଉସୀ - ରଘୁଆ ଉତ୍ତର ଦେଲା ।

ଖୋଲାବହିଟି ଖଟରେ ପକେଇ ରଘୁଆ ଗାଧୁଆ ଘରକୁ ଗଲା । ମାଉସୀ ବାଲଟିଏ ପାଣି ଆଣୁ ଆଣୁ ତାଙ୍କର କାନିପଣତ କବାଟ କଣ୍ଟାରେ ଲାଗିଯାଇଛି । ଧୀରେ ଧିରେ କଣ୍ଟା କାଢୁକାଢୁ ପଣତକାନି ଚିରିଗଲା । ବ୍ଲାଉଜ ପିନ୍ଧି ନଥିବାରୁ ସବୁ କିଛି ଦେଖାଗଲା । ଯାହା କେବେ ଦେଖିନଥିଲା, ରଘୁଆ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ।

ମାଉସୀ କହିଲେ - ସତରେ ରଘୁଆ ତୁ ବହୁତ ଭଲ ପିଲା । ସରଳ ପ୍ରକୃତିର । ମନରେ ଛନ୍ଦ, କପଟ ନାହିଁ । ଗାଉଁଲି ହେଲେ ବି ନରମ ସ୍ୱଭାବର ପୁଅଟିଏ । ବୋଲମାନିବାରେ ତୁ ଏକ୍ସପର୍ଟ । ସେଇଥିପାଇଁ ମୋ କଥା ଶୁଣି ସାହାଯ୍ୟ କରିଲୁ । ଯା ବହି ପଢୁଥା, ମୁଁ ଶାଢି ଚେଞ୍ଜ କରି ଆସୁଛି । ମାଉସୀଙ୍କ ଓଠରୁ କିଛି ଗୋଟେ ପାଇଯିବାର ଆଭାସ ମିଳିଥିଲା ।

ISSN NO.
2582-208X

ରଘୁଆ ଯେତେବେଳେ ମାଉସୀର ଖୋଲା ଛାତିକୁ ଦେଖିଦେଇଛି, ଆଉ ସମ୍ଭାଳିପାରିଲାନି । ବହିଟିକୁ ଅଧାପଢାରେ ଥୋଇଦେଇ ମାଉସୀଙ୍କ ବେଡରୁମରେ ଅପ୍ରତ୍ୟାଶିତ ପ୍ରବେଶ କରି କହିଲା - ଏ ବହିର ପାଠ ବୁଝିପାରୁନି । ତୁମେ ପାଖରେ ବସି ବୁଝେଇଦିଅ । ନୋହିଲେ ମାଉସୀ, ମୁଁ ଘରକୁ ଫେରିଯାଉଛି ।

- ଆରେ ରହ ରହ, ଅଭିମାନ କିଆଁ କରୁଛୁ । ତୋତେ ଯଦି ଦାଣ୍ଡଘରେ ଏକୁଟିଆ ଏକୁଟିଆ ଲାଗୁଛି, ଏ ଖଟରେ ବସି ଯା । ମୁଁ ଦୁଇ ମିନିଟରେ ଶାଢି ଚେଞ୍ଜ କରି ତୋ ସହ କଥା ହେବି ।

ରଘୁଆ ପରି ଏଡେ ସୁନ୍ଦରିଆ ପୁଅଟିକୁ ପାଇ ମାଉସୀର ଦେହ ମନ ଶିହରି ଯାଉଥିଲା । ସେ ଅନ୍ୟର ମୁହଁକୁ ଦେଖି ମନକଥା ଜାଣିପାରନ୍ତି ବୋଲି କଲୋନୀର ଲୋକମାନେ ଗହଳି ଜମାନ୍ତି । ଏଇଟା ଗୋଟେ ମଉକା ଭାବି ମାଉସୀ ରଘୁଆ ଆଡକୁ ମୁହଁ କରି ଶାଢି ବଦଳାଇ ନିଜ ଫୁଲକା ଛାତିଟାକୁ ଦେଖେଇଦେଲେ ସଂପୂର୍ଣ୍ଣ ଭାବେ । ରଘୁଆର ଛାତି ଭିତରେ ତଡିତ ପଶିଗଲା ଅକସ୍ମାତ୍ ।

ରଘୁଆକୁ ତା ମାଉସୀ ଲସି ପିଇବାକୁ ଦେଲେ । କିଛି ସମୟ ପରେ ରଘୁଆ ଘରକୁ ଯିବାକୁ ବାହାରିଲା ଓ ସବୁବେଳେ ଆସିବାପାଇଁ ମାଉସୀଙ୍କୁ ପ୍ରତିଶ୍ରୁତି ଦେଲା।

ମାଉସୀଙ୍କୁ ବିଦାୟ ନେଲାବେଳକୁ ସୁନୀ ନାନୀର ଫୋନ୍ କଲ ଦେଖି ବିବ୍ରତ ହୋଇଗଲା । ହଁ ...ନାହିଁର ଦୋ ଛକିରେ ରିସିଭ କଲାନାହିଁ ଫୋନ କଲ୍ । ମେସେଜ ସେଣ୍ଡ କରିଦେଲା ଚତୁରତାର ସହ ।

ଘରେ ପହଞ୍ଚି ଲଞ୍ଚ କଲା ତା ମା ସାଥିରେ । ଟିକେ ରେଷ୍ଟ ନେଉ ନେଉ ମେସେଜ ବକ୍ସକୁ ଚାହିଁଦେଲା- ସୁନୀ ନାନୀ ଜଲଦି ଆସିବାକୁ ନିମନ୍ତ୍ରଣ କରିଛି ।

ଖେଳିବା ବାହାନାରେ ସୁନୀ ନାନୀ ଘରକୁ ଯାଇ ଏକ ଅହେତୁକ ଆନନ୍ଦରେ ଉଲ୍ଲସିତ ହେଲା । ଜଷ୍ଟ ବାଥରୁମରୁ ଫେରି ଡ୍ରେସ ବଦଳାଉଥିଲା ସୁନୀ ନାନୀ । ମିଠା ଆବେଗରେ ଅନେକ ସମୟ ଧରି ଗପିଲେ ରଘୁଆ ଓ ତା ସୁନୀ ନାନୀ । ଖାଁ ଖାଁ ଘର ଭିତରେ ଟୁପୁର୍ ଟୁପୁର୍ କଥା ବାସ୍ନାୟିତ କରୁଥିଲା । ସୁନୀ ନାନୀ ଜୀବନରେ ଘଟିଥିବା ଅଘଟଣକୁ ସାଦରେ ପ୍ରକାଶ କଲା । ତା ଗରିବୀପଣରେ ଫାଇଦା ନେଇ ତା ବାପା କିଭଳି ଦେହଟିକୁ

ISSN NO.
2582-208X

ଉପଭୋଗ କରୁଥିଲେ, ନିର୍ବିକାର ମନରେ କହିଦେଲା । କିଛି ସମୟ ଜାବୁଡ଼ି ଧରିଲା ରଘୁଆକୁ । ରଘୁଆ ଓଠରେ ଚୁମା ଦେଉ ଦେଉ ନିଜକୁ ଭିନ୍ନ ଆବେଗରେ ପୁଲକିତ ହେଲା। ସେତେବେଳକୁ ରଘୁଆ ନିଜ ନିୟନ୍ତ୍ରଣରେ ରହିପାରିଲାନି । ସୁନୀନାନୀ ପ୍ରକୃତରେ ଝିଅ କି ପୁଅ ଜାଣିବାକୁ ଇଛା ପ୍ରକଟ କଲା । ଆବଶ୍ୟକତାକୁ ଉପଲବ୍ଧି କରି ସୁନୀ ନାନୀକୁ ପ୍ରମୋଦିତ କଲା । ପ୍ରଫୁଲ୍ଲ ଚିତ୍ତରେ ଫେରିଆସିଲାବେଳକୁ ଦୁଆର ବାଟରେ ଦେବ ମଉସାଙ୍କୁ ଦେଖି ଅନ୍ୟମନସ୍କ ହେଇଗଲା ରଘୁଆ । ମନେପଡିଗଲା ପଡୋଶୀ ମାଉସୀଙ୍କ ସତର୍କବାଣୀ । ପାଦତଳର ମାଟି ଥରିଲା ପରି ଲାଗିଲା ।

ଦେବ ମଉସା ଲଳିତ ଢଙ୍ଗରେ କହିଲେ - କେତେବେଳୁ ଆସିଥିଲୁ ରଘୁଆ, ଫେରିଯାଉଛୁ ଯେ !

ହଁ ମଉସା, ସଞ୍ଜ ହେଲାଣି ଘରକୁ ଫେରିଯାଉଛି । ଟିଉସନ ଗଣିତ କଷିବି ।

ଆସୁନୁ, ମୁଁ ଗଣିତ ପଢେଇଦେବି । ଗଣିତ, ବିଜ୍ଞାନ, ଇନଗ୍ଲିସ୍ ବୁଝେଇଦେବି । ନା ମଉସା, ଆଜି ନୁହେଁ । ଆଉ ଯୋଉଦିନ ମନହେବ, ଆସିବି ।

ଦେବ ମଉସା ରଘୁଆକୁ ଗେଲ କରିଦେଇ ଆଶୀର୍ବାଦ ଦେଲେ । ମନଦେଇ ପାଠପଢ । ଭଲ ମଣିଷ ହୋଇ ନାଁ ରଖ ।

ରଘୁଆ କୌଣସି ପ୍ରକାରେ ମଉସାଙ୍କଠୁ ବିଦାୟ ନେଇ ଫେରିଆସିଲା ଘରକୁ । ଆକାଶରେ ପୂନେଇ ଜହ୍ନ ମୁହଁ ଦେଖଉଥିଲା ହସି ହସି ।

ରଘୁଆର ଶାରୀରିକ ପରିବର୍ତ୍ତନ ଦେଖି ତା ବାପା ହତୋତ୍ସାହିତ ହେଲେ । ଏଭଳି ଦେଖାଗଲେ କିଏ କେତେ ଟାହିଟାପରା କରିବେ । ରଘୁଆକୁ ପଚାରିଲେ - ମନ ଦେଇ ପାଠ ପଢୁଛୁ ନା ବାହାରେ ବୁଲାବୁଲି କରୁଛୁ । ରଘୁଆ ଚୁପ ରହିଯାଏ ।

ରଘୁଆର ମା' କୁ ତାଗିଦ କରି କହିଲେ - ତୁମର ଗେହ୍ଲାପଣ ଆଉ ଉଦାର ମନୋଭାବ ଯୋଗୁଁ ରଘୁଆ ପାଠପଢାରେ ଆନମନା ହେଉଛି । ମୁଁ ଡ୍ୟୁଟିକୁ ଗଲାପରେ ବୋଧହୁଏ ଘରେ ରହୁନି । ଏମିତି ହେଲେ ରଘୁଆ ମଣିଷ ହେବ କେମିତି ! ଏ ବୟସରେ ସତର୍କ ନ ରହିଲେ ଅବାଟରେ ଫଶିଯିବ ଯେ !!

ISSN NO.
2582-208X

କାହିଁକି ଯେ ମୋ ପୁଅ ଉପରେ ଗାରୁଗାରୁ ହେଉଛ ? ବୁଲିବା ବୟସ, ସାଙ୍ଗସାଥୀ କି ସାଇପଡିଶା ଘରେ ବସାଉଠା କରୁଥିବ । ସେ ଆପେ ଆପେ ବଦଳିଯିବ । ତୁମେ ପରା ସ୍କୁଲରେ ପଢିଲାବେଳେ ଦୁଷ୍ଟାମି କରୁଥିଲ । କୋଉ ଲେଖାଯୋଖା ମାଉସୀଙ୍କ ସହ ରାତିଦିନ ଗପୁଥିଲ ।

ମୁଁ ଜାଣେ, ତୁମକୁ କେବେ ଏହିକଥା କହିଥିଲି ବୋଲି ଆଜି ମୁହଁ ଉପରେ ଅଜାଡ଼ିଦେଲ । ସେତେବେଳର ସମୟ ଆଉ ଏବେକାର ସମୟ ଭିତରେ ଆକାଶ ପାତାଳ ଫରକ । ତୁମର ଲାଜ ସରମନାହିଁ, ଅବେଳରେ ବି କଥାଟିର ମଞ୍ଜ ବାହାରକରିଦେଉଛ । ତୁମେ ବିଜ୍ଞାନର ଛାତ୍ରୀ ହୋଇ କହିପାରୁଛ କେମିତି ??

ହଉ ...ହଉ...ରଘୁଆକୁ ବୁଝେଇଦେବି, କାହା ଘରକୁ ଯିବନି କି କାହା ସହ କଥାହେବନି।

ଭେରି ଗୁଡ ମାଇଁ ଡାର୍ଲିଂ...

କିଛିଦିନପରେ ରଘୁଆ ବେଶୀ ସମୟ ବାହାରେ ବୁଲାବୁଲି ନ କରି ପଢାପଢିରେ ମନଦେଲା। ଟିଉସନ ପାଠ / ସ୍କୁଲ ପାଠ ଠିକ୍ ସମୟରେ ସାରିଦେଲା । ପରୀକ୍ଷାରେ ଏ ଗ୍ରେଡ ପାଇଲା । ତା ବାପା ମା ଖୁସି ହୋଇଗଲେ ।

ଖେଳକୁଦ ଯୋଗ, ବ୍ୟାୟାମ, ସବୁଥିରେ ଆଗୁଆ ହୋଇଗଲା । ଶିକ୍ଷାମନ୍ତ୍ରୀଙ୍କ ଠାରୁ ସ୍ୱତନ୍ତ୍ର ଭାବେ ପୁରସ୍କାର ପାଇଲା । ପରିବାର ଓ ସ୍କୁଲପାଇଁ ଗୌରବ ଆଣିଲା । ନିଷ୍ଠା, ସାଧନା ଓ ଏକାଗ୍ରତା ବଳରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ହୋଇପାରେ ବୋଲି ମନ୍ତ୍ରୀ ନିଜ ଭାଷଣରେ କହିଲେ । ତାଳି ଉପରେ ତାଳି । ରଘୁଆ ଓରଫ ରଘୁବୀର ଦାସର ପ୍ରଶଂସା ଚୌଦିଗରେ ବ୍ୟାପିଗଲା । ସଭିଙ୍କଠୁ ଖୁସି ପାଇ ସୁନାପିଲା ହୋଇଗଲା ରଘୁଆ ।

(ଏକ ସତ ଘଟଣା ଉପରେ ଆଧାରିତ)

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ମାଆ !
# ତୋତେ ଖୋଜୁଛି
# ତାରାଙ୍କ ମେଳେ



ଶେଷଦେବ ପଣ୍ଡା

ଅଫେରା ଧାମକୁ ଲେଉଟି ଗଲୁ ମା
ତେଜି ଧୂଳିର ଧରଣୀ,
ମୋ ହୃଦୟ କୋଣେ ନିବାସ କରିଛୁ
ଶହେ ଜନମକୁ ପୁଣି,
ଭୁଲି ପାରୁନି ତୋର ସେନେହ,
ଅଭାଗା ହୋଇ ଲୋ ବଞ୍ଚିବାକୁ ହେବ
ପିଇ ପିଇ ଆଖି ଲୁହ ।।

ଶ୍ରଦ୍ଧାର ତଟିନୀ ଭାବର ବୈଷ୍ଣବୀ
ମୋ ହୃଦ ଦେବୀ ପ୍ରତିମା,
କେତେ ଜନମର ପୁଣ୍ୟବଳେ ସିନା
ତୋତେ ପାଇଥିଲି ମାଆ,
ଆଉ କାହୁଁ ଦେଖିବି ଏ ଡୋଳେ,
ଆରତ ହୃଦୟେ ପ୍ରତିଟି ସଞ୍ଜରେ
ଖୋଜୁଛି ତାରାଙ୍କ ମେଳେ ।।

ଛାତିରେ ପଥର ଲଦିଦେଇ ମାଆ
ଜୁଇ ଦେଲି ମୁଖେ ତୋର,
ପାଇବି କିପରି ତୋ ବାତ୍ସଲ୍ୟ ଆଉ
ରହିଲୁ ଅଫେରା ପୁର,
କାହିଁ ଲୁଚିଗଲା ତୋର ମୁହଁ,
ସୁଧାରୁ ବଳି ସେ ମମତାର ଝର
କେଉଁଠୁ ପାଇବି କୁହ ।।

ଫାଟିଯାଏ ହୃଦ ଫୁଟିଯାଏ ଆଖି
ଦେଖି ଚିତ୍ରପଟ ତୋର,
ତୋ ବିୟୋଗ କଥା ଶୁଣିବା ଆଗରୁ
କାନ ନ ହେଲା ବଧିର,
ଅଟେ ମୁହିଁ ବଡ ଭାଗ୍ୟହୀନ,
ଶୋକ ସନ୍ତାପଭରା ଜୀବନ ।।

ISSN NO.
2582-208X


ପାଞ୍ଚ ଝିଅ ପରେ ପାଇଥିଲୁ ମୋତେ
ଅଦିନେ ଗଲୁ ମା' ଚାଲି,
ସୁଖର ଦିନକୁ ବଞ୍ଚି ରହିଲୁନି
କେମିତି ପାରିବି ଭୁଲି,
ଘୂରିଯାଏ ମଥା ମୋର,
କିଏ କଢାଇବ ପଥ ଆଉ ମୋତେ
ପୋଛି ଲୋତକର ଧାର ??

ନିରକ୍ଷରା ସିନା ମାଆ ଲୋ ତୁ ମୋର
ଜ୍ଞାନର ବିଶାଳ କୋଠ,
ବିଶ୍ୱ ବିଦ୍ୟାଳୟ ଦେଇ କି ପାରିବ
ଶିଖାଇଛୁ ଯେଉଁ ପାଠ,
ଆଜି ହୋଇଅଛି ନିରାଶ୍ରୟ,
ତୋ ପଣତ କାନି ଉହାଡିଣ ଥିଲୁ
ଅଧମେ ଦେଇ ଅଭୟ ।।

ପିତାଙ୍କୁ ଆଗରୁ ଯାଇଥିଲା ଘେନି
କି କଲା ମନ୍ଦ ଦଇବ,
ତୋର ଅବସାନେ ହୃଦୟ ବିଦୀର୍ଣ୍ଣ
କେ ଅବା ଆହା କହିବ,
ମନ କଥା କିଏ ବା ବୁଝିବ,
କଷଣ ଉପରେ କଷଣ ଏ ମାଆ
ଅସହ୍ୟ ଏ ଦୁଃଖ ଭାବ ।।

ଅନ୍ଧୁଣୀ ହୋଇ ତୁ ଯାଉଥିଲୁ ମାଆ
ନ ଦେଖି ଦଣ୍ଡେ ନିମିଷ,
ପରମ ଧାମରେ କେମିତି ରହିଲୁ
ମୋତେ ମୂର୍ଚ୍ଛି ଏତେ ବର୍ଷ,
ବୃଥା ସବୁ ଯଶ ପଉରୁଷ,
ମାତୃହୀନ ହୋଇ ଧରାରେ ବଂଚିଲେ
ବିଡମ୍ବନା ଅହର୍ନିଶ ।।

କବି ମୁଁ ନୁହେଁ ଲୋ ଶିକ୍ଷକ ନୁହେଁ ଲୋ
ମୁଁ ପରା ତୋହରି ପୁଅ,
ସେତିକି ହେବ ମୋ ପଥର ସଙ୍କାଳି
ସର୍ବୋତ୍ତମ ପରିଚୟ,
ମାଆ ତୋ ପଦେ ରଖିଣ ଲୟ,
ଲଙ୍ଘିଯିବି କି ମୁଁ ଜୀବନର ମରୁ
ହୋଇଥିବି ମା ଅଜେୟ ।।

ଶାନ୍ତିରେ ଥାଆ ଲୋ ଈଶ୍ୱର ସନ୍ନିଧେ
ଆଶିଷ ଦେଉଥା ଢାଳି,
ଅରପି ଦେଉଛି ପ୍ରୟାଣ ଦିବସେ
ଲୋତକ କୁସୁମାଞ୍ଜଳି,
ଜଗା ପାଦରେ ଶରଣ ଗଲି,
କରୁଛି ବିନତି ସବୁ ଜନମରେ
ପୁଅ ତୋର ହେବି ବୋଲି ।।

ସୃଜନ କଳୟ
ପାଟଣାଗଡ, ବଲାଙ୍ଗିର

ISSN NO.
2582-208X

# ଏକାକି ପିତୃ ପ୍ରାଣ



ଡକ୍ଟର ସତ୍ୟବ୍ରତ ଦାସ

ଇଛାଥିଲା ଯଦି ଦୂରେ ଯିବାକୁ
କାହିଁ ଖେଳୁଥିଲ ମୋ ହାତ ଧରିବାକୁ ?
କପଟେ ନେଲ ଡାକି ମଝି ନଈକୁ
କଣ ପିତୃ ପ୍ରାଣ କନ୍ଦେଇବାକୁ ?
କାହିଁ ଗଲ ନେଇ ସାଥେ କୁମାରକୁ ?
ଦୁଃଖ ଦେଇ ଦୁଃଖି ବାପକୁ
ଖାଲି ତୁମେ କଣ ଭଲପାଅ ତାକୁ ?
ଛଡାଇ ନେଇ ମୋ ଅଧିକାରକୁ
ଏକା ଏକା ଚାଲିଗଲ ମୋତେ ଠେଲି ପଛକୁ
ମୁଁ ଭଲ ପାଇବି କାହାକୁ ?
ନିଃସଙ୍ଗତାରେ ଡାକିବି କାହାକୁ ?
ତୁମେ ପରା ଜନ୍ମିଛ ତାକୁ !
ଭୁଲି ଯାଇଛି ମୁଁ ଏକଥା ମନେରଖିବାକୁ
ଜନ୍ମ ଦେଇଛ ବୋଲି ପାଖରେ ରଖିବାକୁ
ହେଲେ କାହିଁ ବଂଚିତ କଲ ମୋ ଅଧିକାରକୁ ?
ଭଲ ଭାବେ ହେବ ତୁମକୁ ବୁଝିବାକୁ
କେବଳ ବାପ କରିଛି ତୁମ ମାତୃତ୍ୱ ଲାଭକୁ
ରାଗରେ ଭୁଲିଗଲ ତୁମ ସବୁ କର୍ତ୍ତବ୍ୟକୁ ?

ISSN NO.
2582-208X

କଣ ଟିକେ ସମୟ ନାହିଁ ମୋ କଥା ଭାବିବାକୁ ?
ଘରୁ ଯାଇଛ କରି ଆଶ୍ରା ଯାହାକୁ
ସିଏ କ'ଣ ପୂରଣ କରିବ ତୁମ ଅଭାବକୁ,
ଆଉ ସବୁକୁ ?
କାହିଁ ବାଧ୍ୟ ହେଉଛ ଚାପିବାକୁ,
ପଥର କରି ଛାତିକୁ ?
ଚେଷ୍ଟା କର ଥରେ ମୋ ମନର କଥା ବୁଝିବାକୁ
ଜଣେ ପିତାର ଦୁଃଖ ଆଉ ତା'ର କର୍ତ୍ତବ୍ୟକୁ
ଭଲକରି ଚାହଁ ଏ ସମାଜକୁ
ପଚାରି ବୁଝ ଇଏ ମନ ବୃନ୍ଦାବନକୁ
ଆଉଥରେ ଦେଖ ତୁମ ଅବସ୍ଥାକୁ
ମୁଁ ଜାଣେ କିଛି ଉତ୍ତର ନାହିଁ ଦେବାକୁ
ଚାହଁ ଥରେ ବିତି ଯାଇଥିବା ଯୁଗକୁ
ମାତା ସୀତା ଆଉ ଯାଜ୍ଞସେନୀଙ୍କୁ
ହେୟଜ୍ଞାନ କରି ସ୍ୱାମୀଙ୍କ କଥାକୁ
ଘରୁ ଗୋଡ କାଢେ ପରକୁ ଆପଣାର କରିବାକୁ
ନମଣି ସ୍ୱାମୀ ରୂପୀ ଈଶ୍ୱରଙ୍କୁ
କଥା ରହିଯାଇଛି ଯୁଗ ଯୁଗକୁ
କଷ୍ଟ ପାଇଛନ୍ତି ଧରି ରାଗ ହିଂସା ଆଉ କ୍ରୋଧକୁ
ଆଉ ଡେରି କରନାହିଁ,
ପଛ କଥା ସବୁ ଭୁଲିବାକୁ
ତୁମର କଣ ଭୟ ନାହିଁ ,
ଇଏ ରାକ୍ଷସ ରୂପୀ ସମାଜକୁ ?
ବେଶୀ ସମୟ ଲାଗିବନି ସବୁ ଝୁଣି ଖାଇବାକୁ
ନାହିଁ ଆଉ ବେଶୀ କିଛି କହିବାକୁ
ଏଥର ଡର ଟିକେ ସମୟକୁ
ଯଦି ମନରେ ଥାଏ ମୁଁ ତୁମ ସ୍ୱାମୀ ହେବାକୁ

ISSN NO.
2582-208X

ଏବେଠାରୁ ଚାହିଁ ବସିଲି ତୁମ ଫେରିବା ବାଟକୁ
କଥା ଦିଅ ପ୍ରିୟା ତୁମେ ଶିଘ୍ର ଆସିବାକୁ
କହୁଛି ମୁଁ କର ଅତିକ୍ରମ ସବୁ ସୀମାକୁ
ବ୍ରତ କରି ଆସ ମାନି ସତ୍ୟ କଥାକୁ
ପିତା-ମାତା, ଭାଇ-ଭଉଣୀ
ଆଉ ପୁତୁରା-ଝିଆରୀଙ୍କୁ
ଦେଇଛି କଥା ଆସିଲେ ତୁମେ
ଯିବା ବୁଲି ଶିରି କ୍ଷେତରକୁ
ସତ୍ୟ ବାକ୍ୟ ମଣି ଦେଲା ସୀମାକୁ
ରହିଯିବ ୟେ କଥା କାଳ-କାଳ ସତ୍ୟକାଳକୁ ॥

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର- ୭୫୧୦୦୪
ମୋବାଇଲ-  ୭୭୫୧୯୨୬୬୦୫

ISSN NO.
2582-208X

# ଯା' ଉଡ଼ିଯା'



ବିଜୟିନୀ ଜେନା

ତୋ' ପାଇଁ
ନୀଳ ଆକାଶ ଟିଏ
ରଚିଦେବାର  ପ୍ରୟାସ ରେ
କାଟି ଦେଲି ମୋର
ସାରା ଟା  ଜୀବନ
ତୁ ମୋର ଅନ୍ଧ ର ଲଉଡ଼ି
ତୁ,  ମୋର ଆଞ୍ଜୁଳାଏ
ସ୍ୱପ୍ନ ସୁରଭି ।

ଗହଳିମାନଙ୍କ  ଭିତରେ
ଅବା, ନିରୋଳା ଅନ୍ଧାରରେ
ଏକା ହେବୁନି ବୋଲି
ସଜେଇ ରଖିଲି
ପ୍ରତ୍ୟୟ  ଛାତ.....
ଆତ୍ମବିଶ୍ୱାସ ର  ଦମ୍ଭ ।

ମୋ ବାତ୍ସଲ ରେ ଓଦା କଲି
ତୋର ଯେତେକ  ଅବୁଝାପଣ
ପାଦ ତଳେ ଫୁଲ ନୁହେଁ
ଶତ ପ୍ରତିଶତ କଣ୍ଟା ବି ଥାଏ
ଏଇ ଚରମ ସତ୍ୟ କୁ
ନିରେଖିବା ମନ୍ତ୍ର ବତାଇଲି ଲ
ଅନେକ ଅବୁଝା କଥାମାନଙ୍କୁ
ତୋ କାନେ କାନେ
ଗୁଣୁ ଗୁଣୁ  ହେଲି ।
ନଈ କୂଳରେ ତୁ ଗଢ଼ିଥିବା
ଛୋଟ ତୋର ବାଲି ଘର ଠାରୁ
ଢ଼େର ଢ଼େର ଫରକ
ଇଟା ବାଲି ବଡ଼ ଘର ବୋଲି ଚିହ୍ନାଇଲି ।

ISSN NO.
2582-208X

ମୋ ଘର ଅଗଣାରେ ତୋ ଧୂଳି ଖେଳ
ଛୋଟ ଛୋଟ କୁଞ୍ଚି ପକା
ଛିଟ ଫ୍ରକ୍ ର ଘେର ରୁ
ଖସି ପଡୁଥିଲା ଧୂଳି ର ଅବିର
ଏବେ ସେଇ ଛିଟ ଫ୍ରକ୍ ହେଲାଣି ନିଅଣ୍ଟ ।
ଫର୍ଚ୍ଚା ଆଲୁଅ ରେ ତ
ସବୁ ଦୃଶ୍ୟମାନ
ଝଡ଼ ଅନ୍ଧାରରେ ଲମ୍ବ ପାଉଣ୍ଡ
ହୁଏତ ଏକ ବ୍ୟତିକ୍ରମ
ଅନ୍ଧବିଶ୍ବାସ ର ଅନ୍ଧଗଳି ରେ
ତୋଳି ଧର ତୁ
ଚେନାଏ ବିଶ୍ବାସ ।

ବିଛେଇ ଦେ ତୋ' ପଣତ
କାହାକୁ କିଛି ମାଗିବାକୁ ନୁହେଁ
ବିଞ୍ଚିବାକୁ ସ୍ନେହ ଖୁଦ କଣା
ଶୁଣା ତୋର ସ୍ୱର ଦୃପ୍ତ ପୂର୍ଣ୍ଣତା ର
ଦେଖିବୁ
ତୋ 'ଦୁଆର ବଉଳ ଗଛ ଟା ପାଇଁ
ପତ୍ରଝଡା ଋତୁ ବଦଳିବ
ଉଲଗ୍ନ ଡା ଡାଳ ରେ ଡାଳ ରେ
ପତ୍ର ଭରିଯିବ ।
ଛାଇ ଘଞ୍ଚ, ଆହୁରି ଘଞ୍ଚ ହେବ
କଅଁଳ ଆଶାରେ ତୋର ପର ଲାଗିଯିବ
ତା'ପରେ...
ବିସ୍ତୃତ ଆକାଶ.. ଭସା ଭସା ମେଘ
ଯା 'ଉଡି ଯା'
ଭୂଇଁ ର ଠିକଣା କୁ
ଆତ୍ମସ୍ଥ କରି ଉଡି ଯା'
ତୋ 'ଆଗରେ ହାତମେଲି ଉଭା
ଅନନ୍ତ ନୀଳିମା ।

ରାଉରକେଲା, ସୁନ୍ଦରଗଡ଼
9437759950

ISSN NO.
2582-208X

# ସୁଖର ସଂଜ୍ଞା



ସୀତାରାମ ଦାଶ

ଅନ୍ୟକୁ ସମାଲୋଚନା କରିବା ରଘୁ ମଉସାଙ୍କର ଗୋଟିଏ ବଦଭ୍ୟାସ। ଭିକାରିକୁ ଟଙ୍କାଟିଏ ଦେଇ ନିଜକୁ ଦାନବୀର କର୍ଣ୍ଣ ବୋଲି ଶହେ ଲୋକଙ୍କ ଆଗରେ କହି ହୁଅନ୍ତି। ପିଲାମାନେ ପରୀକ୍ଷାରେ ଭଲ କଲେ, ଘରେ ଘରେ ବୁଲି ନିଜ ପିଲାଙ୍କ ଗୁଣଗାନ କରନ୍ତି। ସକାଳେ ମାଂସ ତରକାରୀ ଖାଇଥିଲେ, ଲୋକଙ୍କୁ ଦେଖି ଅଧ ରାତି ପର୍ଯ୍ୟନ୍ତ ଦାନ୍ତ ଖୋଳିବା ସହ ଅଜୀର୍ଣ୍ଣ ହାକୁଟି ଦିଅନ୍ତି। ବାପ ଅଜା ଥିଲେ ଜମିଦାର। ଧନ ବଳ ଏବଂ ପ୍ରତିପତ୍ତି ଥିବାରୁ ଲୋକମାନେ ଆଗରେ କିଛି ନକହିଲେ ବି ପଛରେ ଫୁଟାଣିଆ, ବାହାପିଆ ଆଉ କୁହାମୁଣ୍ଡା କପିଳା ବୋଲି କୁହନ୍ତି।

ପିଲା ଦୁଇଟି ବିଦେଶରେ ଭଲ ଚାକିରି ପାଇବା ପରେ ମଉସାଙ୍କର ଏ ଗୁଣ ଆହୁରି ବଢ଼ିଗଲା। ପ୍ରତ୍ୟେକ ଲୋକଙ୍କୁ, ତାର ଦୋଷ ଦୁର୍ବଳତା, ଅଭାବ ଅସୁବିଧା, ଜୀବନର ନାନା ସମସ୍ୟାକୁ ସର୍ବ ସମ୍ମୁଖରେ ଆଲୋଚନା କରି ତାକୁ ଅପମାନିତ କରିବାକୁ ସେ ଖୁବ୍ ଆନନ୍ଦ ପାଆନ୍ତି। ଅନାମ କକା ଅଳ୍ପ ବୟସରେ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ରୋଗରେ ଆକ୍ରାନ୍ତ ହେଲେ। ଦିନେ ଛକ ମୁଣ୍ଡ ଚା ଦୋକାନରେ ଅନାମ କକା ଚା ପିଇବା ପାଇଁ ମନା କରିବାରୁ ରଘୁ ମଉସା ଅନାମ କକାଙ୍କ ଉଦ୍ଦେଶ୍ୟରେ କହିଲେ, "ହଇରେ ଅନାମ, ଖାଲି ଆଳୁ ସିଝା ଖାଇଲେ ଆଉ କ'ଣ ହେବ। ଜୀବନରେ କେବେ ଟଙ୍କାଟିଏ ଖର୍ଚ୍ଚ କଲୁ ନାହିଁ, ଭଲ ମନ୍ଦ ଖାଇଲୁ ନାହିଁ। ଏବେ ଡାକ୍ତରକୁ ପଇସା ସବୁ ଦେ।" ଏ କଥା ଶୁଣି ଅନାମ କକା ବହୁତ କଷ୍ଟ ପାଇଲେ। କିଛି ମାସ ତଳେ ରଘୁ ମଉସାଙ୍କ ଠାରୁ ଦୁଇ ହଜାର ଟଙ୍କା ଉଧାର ଆଣି ସେ ଚାଷ କାମରେ ଲଗାଇଥିଲେ। ଯାହାକୁ ସେ ଆଜି ପର୍ଯ୍ୟନ୍ତ ଶୁଝି ପାରି ନାହାନ୍ତି।

ISSN NO.
2582-208X

ତେଣୁ ଆଜି ଏ ଅପମାନ ପାଇଲା ପରେ ବି, ସ୍ଥାନ କାଳ ପାତ୍ର ଦେଖି ସେ ନିରବ ରହିବାକୁ ଉଚିତ ମନେକଲେ l

ହରେ କୃଷ୍ଣ ମଉସା ଗାଁ'ରେ ସମସ୍ତଙ୍କର ଅତି ପ୍ରିୟ। ନିଷ୍କପଟ ଓ ନିରଳସ ମଣିଷ। କାହାରି ହାନି ଲାଭ, ଭଲ ମନ୍ଦରେ ସେ କେବେ ଉପରେ ପଡି ମୁଣ୍ଡ ପୁରାନ୍ତି ନାହିଁ। ନିଜ କାମ ଭଲ ତ, ସେ ଭଲ। ଗାଁ ମନ୍ଦିରରେ ସେ ପୂଜକ। ସେ କେବେ, କାହାରିକୁ ଲୋଭ କରି ଦି ପଇସା ଅଧିକ ମାଗନ୍ତି ନାହିଁ। ଯିଏ ଯାହା ଦେଲା ଖୁସି ମନରେ ନଦେଖି ଅଣ୍ଟାରେ ମାରନ୍ତି। ନିଜର ସରଳତା ଓ ସଚ୍ଚୋଟପଣିଆ ପାଇଁ, ଗାଁ'ରେ ସମସ୍ତେ, ତାଙ୍କୁ ଆଦର ଏବଂ ଶ୍ରଦ୍ଧା କରନ୍ତି। ତାଙ୍କ ପୁଅ ବୋହୂ ଉଭୟ ଆଜ୍ଞାକାରୀ। ଧନର ପ୍ରାଚୁର୍ଯ୍ୟ ନଥିଲେ ବି, ଆଜିର ଅସ୍ତବ୍ୟସ୍ତ ଧାଁ ଦୌଡ଼ ଜୀବନରେ, ସେ ବେଶ୍ ଶାନ୍ତିରେ ଚଳନ୍ତି। ସେ କୁହନ୍ତି "ଦୁଃଖ କେବଳ ମନର ଭାବନା"। ରଘୁ ମଉସା, ହରେକୃଷ୍ଣ ମଉସାଙ୍କର ପଡୋଶୀ। କିନ୍ତୁ ସେ ହରେକୃଷ୍ଣ ମଉସାଙ୍କ ହସ ଖୁସି ଦେଖି ଆଦୌ ସହି ପାରନ୍ତି ନାହିଁ।

ଦିନେ ଖରାବେଳେ ଫେରିବାଲାଟିଏ ଗାଁକୁ ଆସିଥାଏ। ହରେକୃଷ୍ଣ ମଉସା ଫେରିବାଲାଠୁ ଗୋଟେ କମ୍ବଳ ମୂଲଚାଲ କରୁଥାନ୍ତି। ଏତିକି ବେଳେ ରଘୁ ମଉସା ଆସି ଉଚ୍ଚ ସ୍ୱରରେ କହିଲେ, "ହଇହୋ ହରି ଭାଇ, ଏ ଶହେ ଟଙ୍କିଆ କମ୍ବଳ କ'ଣ କିଣୁଛ। ଏ ହାଡ଼ଭଙ୍ଗା ଶୀତକୁ, ଏ କମ୍ବଳ କ'ଣ ସାମ୍ଭାଳି ପାରିବ। ଆଜିକାଲି ଯୁଗରେ, କିଏ ଆଉ ଏସବୁ ବ୍ୟବହାର କରୁଛି। ଚାଲ ଦେଖିବ ମୋ ଘରର ଇମ୍ପୋଟେଡ୍ କମ୍ବଳ। ନରମ, ଆଉ ଆରାମ। ବରଫ ଉପରେ ଶୋଇଲେ ବି ଦେହରୁ ଝାଳ ବାହାର କରିଦେବ। ଭଲ ଖାଅ, ଭଲ ପିନ୍ଧ। ଜୀବନ ସାରା ଛିଣ୍ଡା ଓ ଶସ୍ତା ପିନ୍ଧିଲ। ଏ ବୁଢା ବୟସରେ ଟିକେ ଭଲ ପିନ୍ଧ।"

ହରେକୃଷ୍ଣ ମଉସା ସ୍ମିତହାସ୍ୟ ସହ ଶାନ୍ତ ଚିତ୍ତରେ କହିଲେ, "ରଘୁ ଭାଇ, ଟଙ୍କା ଦ୍ୱାରା ଶାଗୁଆନ କାଠର ମଖମଲି ପଲଙ୍କ କିଣିହେବ, ଇମ୍ପୋଟେଡ୍ ବିଲାତି କମ୍ବଳ କିଣିହେବ କିନ୍ତୁ ସୁଖ ନିଦ ନୁହେଁ। ଧନ ଦ୍ୱାରା ସୁସ୍ୱାଦୁ ଭୋଜନ କିଣି ହେବ କିନ୍ତୁ ଭୋକ ନୁହେଁ। ଅର୍ଥ ବଳରେ ସୁନ୍ଦର ସରଞ୍ଜାମ କିଣି ହେବ କିନ୍ତୁ ସୁଖ ନୁହେଁ।...ଟଙ୍କା ଦେଇ ଯଦି ସୁଖ କିଣି ହେଉଥାନ୍ତା, ସଂସାରରେ ଦୁଃଖୀ କେହି ନଥାନ୍ତେ। ଦୁନିଆରେ କେବଳ ଭାଗ୍ୟବାନ ସେହି - ଯାହା ପାଖରେ ଭୋଜନ ସହିତ ଭୋକ ଅଛି। ଶଯ୍ୟା ସହିତ ନିଦ ଅଛି। ପର୍ଯ୍ୟାପ୍ତ ଭୋଜନ

ISSN NO.
2582-208X

ସାମଗ୍ରୀ ଥାଇ ପେଟରେ ଭୋକ ନଥିଲେ, ବିଳାସମୟ ପ୍ରାସାଦ ଥାଇ ଆଖିରେ ନିଦ ନଥିଲେ କି ଲାଭ। ରୁଟି କମେଇବା ବଡ଼ କଥା ନୁହେଁ, ପରିବାର ସହ ବସି ଖୁସିରେ ରୁଟି ଖାଇବା ବଡ଼ କଥା। ଅଢେଇ' ଦିନ ଏ ମଣିଷ ଜୀବନ! ଘର ଦ୍ୱାର ଜମି ବାଡ଼ି ଏମିତି ଥିବ। ମାତ୍ର ଚାରିଜଣ ତୁମକୁ ଶେଷ ଯାତ୍ରାରେ ଛାଡିବାକୁ ଯିବେ। କେବଳ ଚାରି ହାତ ଭୂମି ଦରକାର ହେବ। ତା ପରେ ଥିବ କେବଳ ଦୁଇ ମୁଠା ପାଉଁଶ।"

ଏ ଭଦ୍ର ଅପମାନ ଶୁଣି, ରଘୁ ମଉସାଙ୍କ ମନଟା ଏକଦମ୍ ପିତା ହୋଇଗଲା। ସେ କାହାକୁ କିଛି ନକହି, ସେଠାରୁ ଚୁପଚାପ୍ ଚାଲିଗଲେ। ସେ ଚାଲିଗଲା ପରେ ଆଖ ପାଖର ଲୋକମାନେ କହିଲେ, "ହରି ଭାଇ ଅସଲ ଗଣ୍ଠି କଥାଟିକୁ କହିଛ। ଜୋକ ମୁହଁରେ ଲୁଣ ଦେଇଛ।"

ଏହି ଘଟଣା ପରେ ରଘୁ ମଉସାଙ୍କୁ ବିଳମ୍ବିତ ରାତିରେ ନିଜର ଆକର୍ଷଣୀୟ ଦ୍ୱିତଳ ପ୍ରାସାଦର ପ୍ରଶସ୍ତ ବାଲକୋନିରେ ଅସ୍ଥିର ପଦାଚାଳନା କରିବା କିମ୍ବା ବେତ ଚେୟାରରେ ବସି କାଶିବାର କେହି ଦେଖୁ ନାହାନ୍ତି।

ସାନମୂଳେଇ, କଟକ

ISSN NO.
2582-208X

# ବୋହୂ ବେଦନା

ଦିଲ୍ଲୀପ ଶତପଥୀ

ସକାଳୁ ସକାଳୁ ଶାଶୂ ଗର ଗର
ବୋହୂର ଭାଙ୍ଗୁନି ନିଦ,
ସିଏ କି ଜାଣିଚି ଶୁଆଇ ଦଉନି
ତାର ପୁତ୍ର ଗୋଜ୍ୟବନ୍ତ!

ଦିନ ସାରା ଯେତେ ଘରର ପାଇଟି
ଗାଇ ଗୋରୁ ବିଲ କାମ,
ହାଣ୍ଡିଶାଳେ ପଶି ନ ତୁଣ ଛ 'ଭଜା
ଶାଶୂ ଭଜେ ହରିନାମ ।

ଶ୍ୱଶୁର ମରଦ କରନ୍ତି ବରାଦ
ସାଙ୍ଗ ରେ ଖୁଡୁତାଶୁର,
ଚାହା ସାଙ୍ଗେ ପାନ ତା ସାଙ୍ଗେ ଖଇନ
ଦିନରେ ଚଉଦ ଥର ।

ଘର ଲିପା ପୋଛା ହପ୍ତା ରେ ଦିଥର
ଠାକୁର ସେବା ଟା ନିତି,
ସକାଳୁ ସକାଳୁ ବାଡ଼ି ଘର ଓଳା
ଧଇଲାଇଁ ଅଣ୍ଟା ପିଠି ।

ଘର ଅଗଣାରେ ଟିଉବଲ ନାଇଁ
ବାମ୍ଫି ରୁ ଟାଣୁଛି ପାଣି,
ଅଇଁଠା ବାସନ କୂଅ ମୂଳେ ମାଜେ
ମିଣିପ ର ମହାରାଣୀ ।

ISSN NO.
2582-208X

ଭାଉଜ କାମ କୁ ଖୁଣୁଚି ନଣନ୍ଦ
ଖୁଡି ଶାଶୁ ମୋତେ ମୁହଁ,
ଶାଶୁ ବଖାଣଇଁ ସାହି ମାଇପେଙ୍କୁ
ବୋହୂଟା ଗୁଣ ର ନୁହଁ ।

ଯାନୀଯଉତୁକ ଭାର ଥୁର ଦେଇ
ବାପା କଲା କନ୍ୟା ଦାନ,
ବାପା ମୁଣ୍ଡେ ଝିଅ ନଳିତା ବୋଝ ଲୋ
ଶାଶୁ ଘରେ ଲକ୍ଷ୍ମୀ ଜାଣ ।

ଲକ୍ଷ୍ମୀ ପୁରାଣ ମୁଁ ଶୁଣିଚି ପଢ଼ିଚି
କେଜାଣି କେତେ ଯେ ଥର,
ସାଗର ଦୁଲଣୀ ବାପ ଘର ଅଛି
ଦେଖିନି ଶାଶୁ ଶ୍ୱଶୁର ।

ହେ 'ମା ମଙ୍ଗଳା ଡାକେ ଏ ଅବଳା
ଦେଖୁଚୁ ତ ଏଇ ପାଲା,
ବର ଦେଲୋ ମାଆ ବର କୁ ମୋହର
ଯାଉ ସେ ଅଗରତାଲା ।

ବିବାହ ବରଷୀ ପୁରୁ ନପୂରୁଣୁ
ପେଟରେ ରଇଲେ ପିଲା,
ବଳେ ଶାଶୁ ଡାକି ପୁଅକୁ କଇବ
ଭାରିଜାକୁ ନେଇ ପଳା ।

ପୋଷ୍ଟମାଷ୍ଟର, ମହାଲେଖକାର ଉପ ଡାକଘର
ଭୁବନେଶ୍ୱର 751001
କଥାବାର୍ତ୍ତା :7008088442

ISSN NO.
2582-208X

# ଦେବୀପକ୍ଷ



ମାନସ ରଞ୍ଜନ ନାୟକ

ଜଗତବାସୀ ଜାଗିବା ପୂର୍ବରୁ ପ୍ରକୃତି ରାଣୀ ଉଲ୍ଲସିତ
ଶାରଦୀୟ ନୀଳମେଘ ସହ ଭବ୍ୟ କାଶତଣ୍ଡି ପୁଲକିତ
ଦେବୀପକ୍ଷରେ ଉଚ୍ଚାରିତ ହୁଏ ପ୍ରାର୍ଥନାର ପାର୍ଥିବ ମନ୍ତ୍ର
ଆଚରଣେ ଉତ୍କଟ ଅଭାବ, ଚେତନାରେ ସ୍ୱାଧୀନ ସ୍ୱତନ୍ତ୍ର ।

ସୁସଜ୍ଜିତ ତୋରଣ, ଚିକ୍ ମିକ୍ ରଙ୍ଗୀନ୍ ଆଲୋକର ଆଭା
ମୃଣ୍ମୟୀ ମେଢରେ ଆଶୀର୍ବାଦ ମୁଦ୍ରାରେ କି ସ୍ୱୟଂ ଦେବୀ ଉଭା !
ମାନବ ହିଁ ମହିଷାସୁର ସାଜି, ସାଧୁଛି ପ୍ରବୃତ୍ତି କୁତ୍ସିତ
ସର୍ଜନାର ଆଦ୍ୟଶକ୍ତି କିବା ନିଃସର୍ତ୍ତ ବରଦାନରେ ପ୍ରୀତ ?

ଶକ୍ତିପୀଠେ ମହାଆଡମ୍ବରେ ଚାଲୁଛି ଷୋଡଶ ଉପଚାର
ଜୀବନ ଯଜ୍ଞରେ ଆହୁତି ନେଉଛି କି ବିବସ୍ତ୍ର ବ୍ୟଭିଚାର ?
ନିଉଛୁଣା ଇନ୍ଦ୍ରିୟ ଉଚ୍ଚାଟରେ ପ୍ରକମ୍ପେ ଦେବୀ ଆବାହନ
ସୁରା ସଙ୍ଗୀତ ରେ ଉନ୍ମତ୍ତ, ହାସ୍ୟାତ୍ମକ ନୁହେଁକି ବିସର୍ଜନ ?

ଆଧ୍ୟାତ୍ମିକତାରେ ଆଚ୍ଛନ୍ନ ସନାତନୀ ମହାମାୟୀ ପରମ୍ପରା
ବିସ୍ମୃତ କି ରେ ସଂସ୍କୃତି ତୋର, କଳୁଷିତ ଚେତନା ବତୁରା ?

ମଞ୍ଜୁରୀ ରୋଡ୍, ଭଦ୍ରକ
ଭ୍ରାମ୍ୟଭାଷ- ୯୮୯୦୮୫୧୪୨୭

ISSN NO.
2582-208X

# କୃଷକ ସଲାମ୍ ତୋତେ !



ଦଣ୍ଡାସି ପ୍ରଧାନ

କୃଷକ !
ମାଟିର ମୋହ / ଅସରାଏ ବର୍ଷାର ଆହ୍ୱାନ
ସାଥେ ମାଟିକାଦୁଅରେ ଘାଣ୍ଟିହେବାର
ପୁରୁଣା ଅଭ୍ୟାସ
ମନେ ଭରିଦିଏ ତୋ'ର କେଳାର ସାହସ-
ଝାମ୍ପିପଡୁ ଯୁଦ୍ଧରେ; ରକ୍ତକୁ ପାଣି ସହିତ ମିଶାଇ/
କ୍ରିୟା ପ୍ରତିକ୍ରିୟା ନିରୀକ୍ଷଣ ନିଶାରେ-
ଜୀବନକୁ ବାଜିରଖି ପରିବେଶ କ୍ଷେତ୍ରାଗାରେ ।
ମୋ ମନରେ ପ୍ରଶ୍ନ ଉଙ୍କିମାରୁଚି ,
ତୁ ତ୍ୟାଗବୀର ସୈନିକ ନା ବୈଜ୍ଞାନିକ ?
ବାଃ-ବାଃ ରେ କୃଷକ !
କେତେତୁ ମହାନ ସତେ !!
ସଲାମ୍ ସଲାମ୍ ତୋତେ , ସଲାମ୍ ତୋତେ ।

କିନ୍ତୁ; ତୋ'ର ପ୍ରତିଦାନେ
ଏ ଦେଶର କୋଣ ଅନୁକୋଣେ
ତୋତେ ବନାଇ ଅମଘୋ ଅସ୍ତ୍ର
ଲହୁଲୁହର ଲହରୀ

ISSN NO.
2582-208X

ଆମ ଗଣତନ୍ତ୍ର ରଜ୍ଜୁରେ
ଅନୁଶାସନ ସୂଚ୍ୟଗ୍ରେ
'କାଳିଆ/'ରଣଛାଡ଼/'ପୀଠା'ର ମହମହ
ବାସ୍ନାରେ-
ବସୁଆ ଫୁଲଆଳେ-ଗୋଟିଗୋଟି କରି
ଦିଆଯାଏଗୁନ୍ଥି,
ଗଢିହେବାକୁ ଗୋଟାଏ ସୁନ୍ଦର ଫୁଲମାଳି,
ମୋ ମାଟି ମା'ନିମିତ୍ତ-
ଇଲକ୍ଟ୍ରୋନିକ୍ କୁହୁକ ମସିନ୍ ପେଡିର/
ନାଲି ନୀଳ ବତୀ ଇସାରାରେ/ଲମ୍ବେଇହୋଇ
ଅବାଞ୍ଛିତ ସ୍ୱାର୍ଥୀ ନେତୃବର୍ଗ ଗଳାରେ
ଛଳ-ଛନ୍ଦଭରା କଅଁଳ କଥାରେ/
ସରଳ ପ୍ରାଣର ଛଳନା ଫାଶରେ ।
ହାୟରେ କୃଷକ କଙ୍କାଳ !
ଆମେସବୁ ଯେ ମେଳମେଳ ପଙ୍ଗପାଳ ଦଳ-
ନିତିଦିନ ତୋ'ରି ଚିନ୍ତା ସର୍ବତ୍ର/
ଆଜି ଦୋହଲାଇଛୁ ଦିଲ୍ଲୀ ଠାରୁ ପଲ୍ଲୀ!
କି ବିରୋଧିଦଳ/କି'ବା ଶାସନକଳ
କର୍ତ୍ତବ୍ୟରେ ଦ୍ୱାହିଦେଇ ସତେକି ବିକଳ !
ସଭା-ସମିତି-ରାଜଦରବାରେ/
ଟିଭି ପରଦା, ଖବରକାଗଜ ପୃଷ୍ଠାରେ
ହୁଏ; ଘମାଘୋଟ ଚର୍ଚ୍ଚା/ବାଦ ପ୍ରତିବାଦ/ତୋ'ର
ବଞ୍ଚିବା ପନ୍ଥା/
ବାସଗୃହ ଚିନ୍ତା-
ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ଇତ୍ୟାଦି
କେତେକେତେ କଥା-
ଭାଳୁଭାଳୁ ଦିନଯାଏ ବିତି/ରାତିଯାଏ ବିତି/

ISSN NO.
2582-208X

କିନ୍ତୁ; ହାୟରେ ସର୍ବଂସହା କଙ୍କାଳ କୃଷକ !
ତୁ ଯେମିତି ସେମିତି.... ପୁଣି ସେ' ସକାଳ ।
ପୁଣି ମିଥ୍ୟା ପ୍ରତିଶ୍ରୁତି;
ବାଦ ପ୍ରତିବାଦ/ତର୍କ/ତର୍ଜମା/ଭାଷଣ -
ଭାଳୁଭାଳୁ ଦିନଯାଏ ବିତି/
ରାତି ଯାଏ ବିତି/କିନ୍ତୁ; ରଜନୀ ପା'ନ୍ତେ ତୁ
ଯେମିତି ସେମିତି...
ପୁଣି; ସେହି ସକାଳ/ସେହି ଚର୍ଚ୍ଚା..
କାହାରେ କ'ଣ ଅର୍ପିଛୁ,
ମୁଁ ହିସାବ ରଖିନାହିଁ ସତେ/
ମୋତେ କିନ୍ତୁ;
ଯୋଗାଡି ଦେଇ ଆସୁଅଛୁଁ ଅନ୍ନମୁଠେ !
ସଲାମ୍ ତୋତେ ! ସଲାମ୍ ତୋତେ !!

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବାସଂସଦ, ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967

ISSN NO.
2582-208X

# ସତ୍ୟମ୍ ଶିବଂମ୍ ସୁନ୍ଦରମ୍



ଅଜିତ ପାଢି

ଉଠିଯାଅ ଜନ ଦେଇଦିଅ ମନ
ନେଇଯାଅ ତାଙ୍କ ଚରଣେ ଦର୍ଶନ
ଶରଣ ଆଗତ ତୁମେ ହିଁ ସ୍ୱାଗତ
ହୃଦେ ଭରିଯାଉ ତୁମରି ଆହ୍ୱାନ
ହେ ବ୍ରହ୍ମରଷି ବିବେକାନନ...(୨ ଥର)

ତୁମରି ସାଧନ ତୁମରି ପୂଜନ
ତୁମ ଭକ୍ତି ଅଟେ କୁସୁମ ଚନ୍ଦନ
ତୁମେ ସତ୍ୟ ଅଟ ତୁମେ ଶିବ ଅଟ
ତୁମେ ତ ସୁନ୍ଦର ଚୀର ଯଉବନ
କୋଟି ହୃଦୟ ର ତୁମେ ହିଁ ସ୍ପନ୍ଦନ
ଦେଇଗଲ ତୁମେ ସତ୍ୟର ସନ୍ଧାନ
ହେ ବ୍ରହ୍ମାରଷି ବିବେକାନନ....(୨ ଥର)
ତୁମରି ଜୀବନ ତୁମରି ଚିନ୍ତନ
ତୁମେ ତ ଶକ୍ତି ର ଅନୁରାଗନ
ତୁମେ ତ ଚେତନ ତୁମରି ସାଧନ
ତୁମେ ତ ଧର୍ମର ସେତୁବନ୍ଧନ
ତୁମେତ ଧର୍ମର ଅନୁସନ୍ଧାନ
ତୁମେତ ବାଣ୍ଟିଛ ମୁକ୍ତିର ବନ୍ଧନ

ISSN NO.
2582-208X

ଶରଣ ଆଗତ ତୁମେତ ସ୍ୱାଗତ
ହେ ବ୍ରହ୍ମଋଷି ବିବେକାନନ....(୨ ଥର)
ହେ ବ୍ରହ୍ମଋଷି ବିବେକାନନ ।

ସ୍ୱାମୀ ବିବେକାନନ୍ଦ.....(ବିବେକାନନ)
କଥିତ ଶବ୍ଦ ବ୍ୟବହାର ହୋଇଛି

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# ଦୁଇଟି ଅଣୁଗଳ୍ପ

ଅମ୍ବିକା ଶଙ୍କର ମିଶ୍ର

## ମାଆ ଆସିଛନ୍ତି

ବାହାଘରର ୮ ବର୍ଷ ପୁରିଗଲାଣି। ଆଜିଯାଏ ମୋ କୋଳ ଶୁନ୍ୟ। ଡାକ୍ତର ତ ମନା କରିଦେଲା । ଆଉ କେବେ ମୋ ଦୁଃଖ ବୁଝିବୁ ? ଆଉ କେତେଦିନ ସବୁରିଠାରୁ ବାଞ୍ଝ ବୋଲି ଗଞ୍ଜଣା ଶୁଣୁଥିବି ? ସକାଳୁ ଦେବୀ ମୂର୍ତ୍ତି ଆଗରେ ଦୀପ ଲଗାଇଲାବେଳେ ଆଖିରୁ ଲୁହ ଝରାଇ ନବରାତ୍ରୀର ପ୍ରଥମଦିନରେ ଅଭିଯୋଗ ଭରା ଗଳାରେ ଲୀନା କହୁଥିଲା ।

ହଠାତ ବାହାରେ ପାଟିତୁଣ୍ଡ ଶୁଣି ସେ ବାହାରକୁ ବାହାରି ଆସିଲା। କିଛିଲୋକ ଘର ସାମନାରେ ଥିବା ମ୍ୟୁନିସିପାଲଟି ଡ଼ଷ୍ଟବିନ ପାଖରେ ଠିଆହୋଇ ପରସ୍ପରକୁ କଅଣ କହୁଥିଲେ। ଜଣେ କହିଲା "ବୋଧେ ଝିଅଟା ବୋଲି କିଏ ଛାଡ଼ିଦେଇ ଯାଇଛି" । 'କିଏଜାଣେ କଥା କଅଣ" ଦ୍ଵିତୀୟ ଲୋକଟି ଉତ୍ତର ଫେରାଇଲା।

ଭିଡ଼କାଟି ଲୀନା ସେଠିକି ଗଲା। ଦେଖିଲା ଗୋଟେ କପଡ଼ାରେ ଗୁଡେଇ କିଏ ଗୋଟେ କୁନି ଝିଅକୁ ରାସ୍ତାକଡ଼ର ଡ଼ଷ୍ଟବିନରେ ଛାଡ଼ିଦେଇ ଯାଇଛି ।

ଛୁଆଟିକୁ ଦେଖି ତା ଆଖିରୁ ଲୁହ ବହିଗଲା। ଆଗପଛ ନବିଚାରି ସେ ସେଠିକି ଗଲା ଆଉ ଛୁଆଟାକୁ ଉଠେଇ ନେଇଆସିଲା। ସମସ୍ତେ ତାକୁ ଆବାକହୋଇ ଚାହିଁଥିଲେ। ସେ ଘର ଭିତରକୁ ପଶିଆସିଲା। ଦୁଆରମୁହଁରେ ତା ସ୍ଵାମୀ ଅନୁପମ ଠିଆ ହୋଇଥିଲେ ସେ ତା ପଛେପଛେ ଆସିଲେ। ଘରଭିତରେ ମାଆଙ୍କ ପାଖରେ ଦୀପ ଜଳୁଥିଲା। ସେ ଅନୁପମଙ୍କୁ ଚାହିଁ କହିଲା ଏତେଦିନେ ମା ଆମ ଦୁଃଖ ଶୁଣିଛନ୍ତି। ଆଜି ନବରାତ୍ରୀର ପ୍ରଥମଦିନରେ

ISSN NO.
2582-208X

ଆମ ଘରକୁ ମାଆ ଆସିଛନ୍ତି। ଆନୁପମ ତାକୁ ଚାହିଁ ଅଳ୍ପଅଳ୍ପ ହସୁଥିଲେ । ତା ଆଖିରୁ ବହିଯାଉଥିଲା ଅମାନିଆ ଲୁହ ।

(୨)

## ଦେବୀ

ତୁମକୁ ଯିଏ ମା ବୋଲି ଡାକୁଛି, ତୁମେ ହସି ଦେଉଛ । ଲାଗୁଛି ତୁମେ ଭାରି ସ୍ନେହୀ । ତୁମେ କିଏ ମା? ତୁମେ କୋଉଠି ରୁହ?" ବେଲଗଛ ପାଖରେ ବସିଥିବା ଅନାଥ ପିଲାଟି ପଚାରିଲା ବୁଢ଼ୀକୁ ।

ବୁଢ଼ୀ ଟିକେ ହସିଦେଲା । କହିଲା ଆରେ ପାଗଳା! ମା ବୋଲିତ ଡାକିଲୁ ପୁଣି କଅଣ ପଚାରୁଛୁ ମୁଁ କିଏ? କହିଲା "ତୁ ମୋତେ ମାଆ ଡାକିପାରିବୁ। ମୁଁ ଏଇ ବେଲଗଛ ପାଖରେ ରହେ" ।

"ମୁଁ ଏଠିକି ନୂଆକରି ଆସିଛି। କାଲିଠୁ ସପ୍ତମୀ ପୂଜା ବହୁତଲୋକ ମନ୍ଦିର ଆସିବେ ତାଙ୍କଠୁ ଭିକ ମାଗିବାପାଇଁ ମୁଁ ଆସିଛି। ମୁଁ ଅନାଥ। ପିଲାଦିନୁ ମୋ ମାଆକୁ ଦେଖିନି। ଆଜି କିଛି ଖାଇନି। ତୁମେ ଯଦି ମା ବୋଲି ନିଜକୁ କହୁଛ, ତାହେଲେ କିଛି ଖାଇବାକୁ ଦବକି?" ପିଲାଟି କହିଲା।

ବୁଢ଼ୀ ଟିକେ ହସିଦେଲା। ନିଜପାଇଁ ମାଗି ଆଣିଥିବା ପଖାଳମୁଠାକ ପିଲାଟିର କଂସାରେ ଓଜାଡ଼ି ଦେଲା। ପିଲାଟି ଖୁସିରେ ଖାଇବାରେ ଲାଗିଲା। ପିଲାର ଆଖିରେ ଥିଲା ଲୁହ। ବୁଢ଼ୀର ଆଖିରେ ଥିଲା ଲୁହ ।

ଦୂରରୁ ଗୋସେଇଁ କହୁଥିଲେ "ଆରେ କୁଆଡେ ଗଲରେ ସବୁ? ଘଣ୍ଟ ବଜାଅ। ଷଷ୍ଠୀପୂଜା ଆରମ୍ଭ କରିବାପରା। ଚାଲ ବେଲଗଛ ମୂଳକୁ ଯିବା । ମାଆକୁ ବରଣିକରି ଆଣିବା ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଫୋନ୍: ୯୪୩୮୦୧୧୫୫୪

ISSN NO.
2582-208X

# ସହୀଦ ସନ୍ତାନ
# ବାଜି ରାଉତ



କାର୍ତ୍ତୀକେଶ୍ୱର ନାୟକ

ଭାରତ ମାଟିର ସନ୍ତାନ ମୁହିଁ
ବଜାଇ ରଖିବି  ସ୍ୱାଭିମାନ
ଏ ମାଟିର ସ୍ୱାର୍ଥ କରିବିନି ବ୍ୟର୍ଥ
ଶତ ସିଂହ ମୁହିଁ   ବଳିୟାନ.....

ବାଜି ରାଉତ ମୁଁ , ବାଜିରେ ବିଜୟୀ
ବଳୀ ପଡି ହେବି ବଳିୟାନ
ଯାଗି ଉଠୁ ଆଜି ଏ, ପବିତ୍ର ଭୂଇଁ
ବାଜିଆ ର ପୁଣି ଆହ୍ୱାନ ...

ଶପଥ ନେବାରେ ଶକ୍ତ ମନରେ
ଅଖଣ୍ଡ ଭାରତ ମହିୟାନ
ସତ ସିଦ୍ଧ ଏହି ଶାନ୍ତି ର ଧାମ
ନହେଉ ମାଟିର ଅପମାନ...

ହେଲେ ହେବା ସିନା ଅମର ସହୀଦ
କାପୁରୁଷ   ଜମା ହେବାନାହିଁ
ବାଜିଆ ର ଏହି ଶ୍ରେଷ୍ଠ କାମନା
କାଳ କାଳକୁ ତ ଥିବରହି...

ଶ୍ରୀବିହାର  ବୌଦ୍ଧ
ମୋ: 7978128353

ISSN NO.
2582-208X

# ତୁମ ଅଭିନବ ଖେଳ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ମହାପ୍ରଭୁ, ଥିଲ, ଅଛ, ତୁମେ  ଥିବ
ତୁମେ ଚିରନ୍ତନ ସତ୍ୟ ସନାତନ,
ତୁମ ପରି କିଏ ହେବ,
ମହାପ୍ରଭୁ ଥିଲ, ଅଛ, ତୁମେ ଥିବ ।।

ଜେଜ ଥିଲେ ତୁମେ ଥିଲ,
ତାଙ୍କ କେବେଠୁ ହେଲାଣି କାଳ;
ତୁମେ ଥିଲ ବାବା ଥିଲେ,
ସିଏ ବି ତ ଚାଲିଗଲେ,
ମୁଁ ଏବେ ଅଛି ତୁମକୁ ଦେଖୁଛି
ହେଲାଣି  ମୋ ଯିବା ବେଳ;
ତୁମେ ଅଛ କାହିଁ ଅନାଦି ଯୁଗରୁ
କିଏ, ବୁଝିବ ତୁମର ଭାବ,
ମହାପ୍ରଭୁ ଥିଲ, ଅଛ ତୁମେ ଥିବ ।।

ଏତ ସଂସାରର ଖେଳ,
ତୁମେ ଲଗାଇଛ ମାୟାଧର;
ମିଛ ମାୟାର ସଂସାର,
ମାୟାରେ ସରବେ ଭୋଳ,
ଯୁଗ ଯୁଗାନ୍ତର ତୁମେ ଥିବ ଏହି

ISSN NO.
2582-208X

ଅଭିନୟ ମଣିଷର;
ଦେଖିବା ପାଇଁକି ଆହେ ଚକା ଆଖି
ଖେଳ, ତୁମର ଏ ଅଭିନବ,
ମହାପ୍ରଭୁ ତୁମେ ଅଛ ତୁମେ ଥିବ ।।

ପୁଅ ନାତି ଯେତେ ଆମ,
ସବୁ ଦେଖିବେ ଏମିତି ତୁମ;
ଲୀଳା ଖେଳା ଯେତେ ସବୁ,
ଲଗାଇଛ ପରା ବିଭୁ,
ସେମାନେ ବି ଯିବେ ତୁମେତ ସେମିତି
ଥିବ ସିନା ମହାପ୍ରଭୁ;
ତୁମେ ନିରାମୟ ଶୂନ୍ୟ ଠୁଳ ବ୍ରହ୍ମ
ତୁମେ, ଆଶ୍ଚର୍ଯ୍ୟ ଓ ଅସମ୍ଭବ,
ମହାପ୍ରଭୁ ଥିଲ, ଅଛ, ତୁମେ ଥିବ ।।

ଆଦି ଅନନ୍ତ ଯୁଗରୁ,
ଲୀଳା ଲଗାଇଛ ମହାମେରୁ;
ମରଣ ଶିଳ ସଂସାରୁ,
ପାରିକର ଏ ଜଂଜାଳୁ,
ତୁମ ଆଶ୍ରୟରେ ପ୍ରଫୁଲ୍ଲ କୁ ପାରି
କର ଏହି ଭବ ଜଲୁ;
ତୁମେ ପରା ନାଥ ଅଗତିର ଗତି
ଡାକେ, ବାରେ ସହାୟ ହୋଇବ,
ମହାପ୍ରଭୁ ଅଛ, ଥିଲ ତୁମେ ଥିବ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ଆଲୁଅ ଅନ୍ଧାର ର ଲୁଚକାଳି



ବିରଞ୍ଚି ନାରାୟଣ ମିଶ୍ର

ଦ୍ୱୀପ କି ବୁଝଇ ଆଲୋକ ଅନ୍ଧାର
ଜଳିବାଟା ତାର କାମ,
ଜଳିଲେ ପାଉଁଶ ହେବ କି ନାହିଁ ସେ
ନିଶ୍ଚ ହୋଇବା ତା ଧର୍ମ ।
କାଠି ଖଣ୍ଡକରେ ଟିକେ ଦେଲେ ଠେଲି
କି ଆନନ୍ଦ ତାର ଆହା,
ଉଜ୍ଜ୍ୱଳ ହୋଇଣ ଆହୁରି ଜଳଇ
ଫୁଲି ଉଠେ ତାର ହିଆ ।
ସରି ସରି ଆସେ ତେଲ ଓ ସଳିତା
ସେ ପାଇଁ ସେ ଭାବେ ନାହିଁ,
ମାଣକ ପୂରିବ ସେରକ ପୂରିବ
ଜଳୁଥିବ ଅନ୍ୟ ପାଇଁ ।
ପ୍ରଶଂସା ସବୁକୁ ଦ୍ୱୀପ ନେଉ ପଛେ
ସଳିତାର ଦୁଃଖ ନାହିଁ,
ସଭିଙ୍କୁ ଆଲୋକ ଦେବାରେ ଆନନ୍ଦ
ସେ କଥା ବୁଝେ କି କେହି ?
ଦେବାର ଆନନ୍ଦ ନଥାଏ ନେବାରେ
ଯିଏ ବୁଝେ ଏହି କଥା,
ଶୁନ୍ୟସଂହିତା ର ଭାଗ୍ୟଫଳ ଶୂନ୍ୟ
ଦିଏ ନାହିଁ ମନେ ବ୍ୟଥା ।

ଭୁବନେଶ୍ୱର
9439011063

ISSN NO.
2582-208X

# ବାସ୍ତବିକ ଭାବଧାରା ଗଳ୍ପ: ସ୍ମୃତି ପଟ୍ଟନାୟକଙ୍କ "ଅନ୍ଧାର ର ପ୍ରତିବିମ୍ବ"

ଅପରାଜିତା ମହାରଣା

ଗାଳ୍ପିକା ଜଗତସିଂହପୁର ଜିଲ୍ଲା ର ଓଡ଼ପଡ଼ା ଗ୍ରାମ ରେ ୨୪.୧୦.୧୯୭୩ ମସିହାରେ ଜନ୍ମଗ୍ରହଣ କରିଥିଲେ । "ଅନ୍ଧାର ର ପ୍ରତିବିମ୍ବ" ଗଳ୍ପ ସଂକଳନ ଟି ତତ୍କାଳୀନ ସମାଜ କୁ ନେଇ ତିରିଶ ଗଳ୍ପ ରଚିତ । ଏହି ପୁସ୍ତକ ରେ ପ୍ରକାଶ ପାଇଥିବା ପ୍ରାୟଂଶ ଗଳ୍ପ ବିଭିନ୍ନ ପତ୍ରିକା ରେ ପ୍ରକାଶିତ ହୋଇସାରିଛି । ଅମୃତାୟନ, କାଦମ୍ବିନୀ, ଝଙ୍କାର, ଗୋକର୍ଣ୍ଣିକା, ନନ୍ଦିକା, ପକ୍ଷୀଘର, ସାହିତ୍ୟ ଦର୍ପଣ, ଓଡ଼ିଶା ସମ୍ବାଦ, ଧରିତ୍ରୀ, ରାଷ୍ଟ୍ରଦୀପ, ସମାଜ ସାପ୍ତାହିକ ଇତ୍ୟାଦି ରେ ପ୍ରକାଶିତ ହୋଇସାରିଛି । ଏହି ପୁସ୍ତକ ଟି ଲେଖିକା ଓଡ଼ିଶାର ସକଳ ଜନଙ୍କର ପ୍ରାଣ ଶ୍ରୀଜଗନ୍ନାଥ ମହାପ୍ରଭୁ ଙ୍କ ଉଦ୍ଦେଶ୍ୟ ରେ ଉତ୍ସର୍ଗ କରିଛନ୍ତି । ସମସ୍ତ ଗଳ୍ପ ରେ ଗାଳ୍ପିକା କଥାବାଚିକା ହୋଇ ଗଳ୍ପ କୁ ବଖାଣୁଛନ୍ତି । ଏ ସମସ୍ତ ଗଳ୍ପ ଏକ ସମ୍ଭ୍ରାନ୍ତ ଓ ଉନ୍ନତ ଶ୍ରେଣୀର ସାମାଜିକ ଗଳ୍ପ । ସ୍ଥାନ, କାଳ, ପାତ୍ର ଓ ବର୍ଣ୍ଣନା ଶୈଳୀ ରୁ ଗଳ୍ପ ଗୁଡ଼ିକ ସତ୍ୟ ଆଧାରିତ ମନେ ହେଉଥିବା ବେଳେ ପ୍ରାୟଂଶ ଗଳ୍ପ କାଳ୍ପନିକ ଅଟେ । ସମସ୍ତ ଗଳ୍ପ ଗୁଡ଼ିକ ଉତ୍ତର ଆଧୁନିକ ଯୁଗ ର ଗଳ୍ପ । ଗଳ୍ପ ଗୁଡ଼ିକ ରେ ଏକାଧାର ରୁ ଆରମ୍ଭ ହୋଇ ଶେଷ ଆଡ଼କୁ ମୋଡ଼ ବଦଳି ଯାଇ କୌତୁହଳ ସୃଷ୍ଟି କରୁଛି । ଗଳ୍ପ ଗୁଡ଼ିକ ର ଭାଷା ଅତ୍ୟନ୍ତ ସରଳ ଓ ସାବଲୀଳ ।

"ଅଶାର କିରଣ" ଗଳ୍ପ ଟି ଆଦର୍ଶ ଶିକ୍ଷକ ଓ ଛାତ୍ର ର ସମ୍ପର୍କ କୁ ନେଇ ବର୍ଣ୍ଣିତ । ନିଖିଲ୍ ସାର ଙ୍କର ଦୁର୍ଘଟଣା ଖବରକାଗଜ ରେ ଜାଣିବାକୁ ପାଉଛନ୍ତି ପୁରାତନ ଛାତ୍ର ଯଶୋବନ୍ତ । ନିଖିଲ୍ ସାର ଙ୍କର ଦୁଇପୁଅ ଥିବା ସତ୍ତ୍ୱେ ଦାରୁଣ ସମୟରେ ଛାତ୍ର ଯଶୋବନ୍ତ ଙ୍କର ସାହାଯ୍ୟ ଚଳିତ ସମାଜ କୁ ଏକ ଶିକ୍ଷା ପ୍ରଦାନ କରୁଛି । "ବିଭୋରବେଳା" ଗଳ୍ପ ର କଥାବସ୍ତୁ ମୁଖ୍ୟ ଚରିତ୍ର ଅଧ୍ୟାପିକା ସାୟନ୍ତିନୀ । ସାୟନ୍ତିନୀ ଙ୍କର ଉତ୍ତମ ବନ୍ଧୁତା ଅଭିଜିତ ଥିଲେ। ସାୟନ୍ତିନୀ ଭାବନା ଥିଲା ତାଙ୍କ ସ୍ୱାମୀ ଜଣେ ଗଭୀର ସ୍ୱଭାବ ର ମଣିଷ । କିନ୍ତୁ ସାୟନ୍ତିନୀ ଙ୍କର ଉତ୍ତମ ବନ୍ଧୁ ଅଭିଜିତ ଥିଲେ । ଅଭିଜିତ ଙ୍କର ଝିଅ ର ଦେହ ଖରାପ

ISSN NO.
2582-208X

ହେତୁ ସାୟନ୍ତିନୀ ଙ୍କ ସ୍ୱାମୀ ମନୋଜ ପାଞ୍ଚଲକ୍ଷ ଟଙ୍କା ଦେଇ ସୁକନ୍ୟା ର ଜୀବନ ବଞ୍ଚାଇଥିଲେ ଏକଥା ସାୟନ୍ତିନୀ ଜାଣିବା ପରେ ସ୍ୱାମୀ ବିଷୟରେ ଜ୍ଞାତ ଥିବା ଭାବନା ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା । "ଆକାଶ ର ସୀମା" ଗଳ୍ପ ର କଥାବସ୍ତୁ ଏକ ନାରୀ ଉପରେ ଲିଖିତ କାହାଣୀ । ମୁଖ୍ୟ ଚରିତ୍ର ରେ ସରୋଜା ରାୟ । ବାନ୍ଧବୀ ସରୋଜା ର ସ୍ୱାମୀଙ୍କ ଅକାଳ ନିହତ ଓ ପରେ ନିଜ ପିତା ଙ୍କୁ ହରେଇବା ଦୁଃଖ ରେ ଭାଙ୍ଗି ପଡ଼ିଛନ୍ତି । ସରୋଜା ଏସବୁ ଘଟଣା ପରେ ସେ ନିଜର ଅସ୍ତିତ୍ୱ ହରେଇ ବସିଥିଲା ବେଳେ ହଠାତ କଥାବାଚିକା ସରୋଜାଙ୍କୁ ଏକ ସମ୍ମିଳନୀ ରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସହ ପାଇ ଅନେକ ଖୁସି ହୋଇଯାଇଥିଲେ । "ଦେବୀ ଦର୍ଶନ" ଗଳ୍ପ ଟି ଏକ ପ୍ରକାର କୌତୁହଳପୂର୍ଣ୍ଣ ଗଳ୍ପ । ମୁଖ୍ୟ ଚରିତ୍ର ରେ ଦୀପାଳୀ ନାମକ ଏକ ନାରୀ ର ସଂଘର୍ଷମୟ ଜୀବନଯାପନ କୁ ନେଇ ରଚିତ । ଦୀପାଳୀ ନିଜର ସତୀତ୍ୱ କୁ ହିଁ ବଳି ଦେଇଦେଇଛି ଏକ ପର ପୁରୁଷ ପାଖରେ, ଯିଏକି ପତ୍ନୀବିହନ୍ତା, ସମାଜ ରେ ନିଜ ଦୁଇ ଛୁଆ ଓ ଶାଶୁଙ୍କୁ ପୋଷିବା ପାଇଁ ଶେଷରେ ଦୀପାଳୀ ସେଇ ପୁରୁଷ ପାଖରେ ଆଶ୍ରୟ ନେଇଛି । "ଭାଲେଣ୍ଟାଇନ୍ ଡେ" ଗଳ୍ପଟି ପ୍ରଥମେ ପ୍ରେମରୁ ଆରମ୍ଭ ହୋଇ ବିରହ ରେ ଶେଷ ହୋଇଛି । ଗଳ୍ପ ଟିରେ ଶୀତଲ୍ ଓ ଆୟୁଷ ପଟ୍ଟନାୟକ ଙ୍କର ପ୍ରେମ କାହାଣୀ ବର୍ଣ୍ଣିତ । ଆୟୁଷ ର ମୃତ୍ୟୁ ପରେ ଶୀତଲ୍ ଏକ ପୋଷ୍ୟ ସନ୍ତାନ ଗ୍ରହଣ କରି କାଳ କାଟିଛି । "କରୋନାର କାରୁଣ୍ୟ ଓ ସାଧାରଣତନ୍ତ୍ର ଦିବସ" ଗଳ୍ପ ଟିର ପୃଷ୍ଠଭୂମି ସତ୍ୟ ଆଧାରିତ ଘଟଣା ଉପରେ ପର୍ଯ୍ୟବେସିତ । ବିଶ୍ୱବ୍ୟାପୀ କରୋନା ରୋଗ ସାରା ବିଶ୍ୱ କୁ ଆକ୍ରାନ୍ତ କରିଥିଲା ଓ ଦେଶରେ ଲକ୍ ଡାଉନ ପାଇଁ ଛୋଟ ଛୋଟ ବେସରକାରୀ କମ୍ପାନୀ ଗୁଡ଼ିକରେ ଝୁଲିଥିଲା ତାଲା ଅର୍ଥନୀତି ହୋଇଥିଲା ତଳମୁହାଁ । ଏହି ମହାମାରୀ ରୋଗ ଯୋଗୁଁ ଲକ୍ ଡାଉନ ରେ ସେଲିନା ଓ ତାର ପରିବାର ଉପରେ କରୋନା ର ପ୍ରଭାବ ରେ ଅର୍ଥନୀତି ର ପୀଡ଼ା ପାଇବା ଏଥିରେ ବର୍ଣ୍ଣିତ ।

"ଅନ୍ଧକାର ର ରାହା" ଏହି ଗଳ୍ପ ର ପୃଷ୍ଠଭୂମି ମଧ୍ୟ ଏକ ସତ୍ୟ ଆଧାରିତ କାହାଣୀ କୁ ନେଇ ରଚିତ । ବିଶ୍ୱବ୍ୟାପି କରୋନା ରୋଗ ଚାରିଆଡ଼େ ବ୍ୟାପିଯିବା ପାରେ ଦେଶ ସାରା ଶହ ଶହ ଲୋକ ମୃତ୍ୟୁ ବରଣ କଲେ । କୌଣସି ଦେଶ ଏହାର ନିରାକରଣ କରିପାରିଲା ନାହିଁ । ଶ୍ରୀମୟ ଚକ୍ରବର୍ତ୍ତୀ ଏହି ଗଳ୍ପ ର ମୁଖ୍ୟ ଚରିତ୍ର । ଜଣେ ବୈଜ୍ଞାନିକ ହୋଇ ମଧ୍ୟ ନିରାକରଣ ର ସୂତ୍ର ପାଇନଥିଲେ ।ଶ୍ରୀମୟ ଙ୍କ ଉତ୍ତମ ବାନ୍ଧବୀ ଶ୍ରୀରୂପା ଙ୍କ ସ୍ୱାମୀ ସନ୍ଦୀପ ଏକ ଡାକ୍ତର ହୋଇ କରୋନା ରେ ପ୍ରାଣ ହରେଇବା ଘଟଣା ରଚିତ । "ନୀଳ ସମ୍ବଲପୁରୀ

ISSN NO.
2582-208X

ଶାଢ଼ୀ ର ସ୍ମୃତି" ଗଳ୍ପ ଟି ଏକ ଅଧ୍ୟାପିକା ଓ ଛାତ୍ରୀ ଙ୍କ ମଧ୍ୟରେ ଥିବା ସ୍ନେହ ଶ୍ରଦ୍ଧା ର କାହାଣୀ କୁ ନେଇ ରଚିତ । ଛାତ୍ରୀ ଆରାଧନା ଉପହାର ରେ ତାର ପ୍ରିୟ ଅଧ୍ୟାପିକା ଙ୍କୁ ନୀଳ ରଙ୍ଗର ସମ୍ବଲପୁରୀ ଶାଢ଼ୀ ଉପହାର ଦେଇ ଅଧ୍ୟାପିକା ଙ୍କୁ ଭାବ ବିହ୍ୱଳ କଦେଇଥିବା କାହାଣୀ ରଚିତ । "ସୀତା ମା" ଗଳ୍ପ ଏକ ସାମାଜିକ ଗଳ୍ପ । ପୃଥିବୀ ର କୋଣ କୋଣ ରେ ଏହି ଘଟଣା ପ୍ରତିଦିନ ଘଟୁଥିବାର ଛବି ଏଥିରେ ବର୍ଣ୍ଣିତ । ମୁଖ୍ୟ ଚରିତ୍ର ରେ ଜେଜେମା ସୀତା ମା ଓ ନାତୁଣୀ ସୀମା ର କାହାଣୀ ଏଥିରେ ରଚିତ । "ଭିନ୍ନ ଏକ ଜୀବନ ର ରୂପକଳ୍ପ" ଗଳ୍ପ ଟି ଏକ ଐଶ୍ୱରୀୟ ପ୍ରେମ କାହାଣୀ କୁ ନେଇ ରଚିତ । ଯେଉଁ ଭଲ ପାଇବା ରେ କି ସର୍ତ୍ତ ନାହିଁ ପାଇବାର ଆସକ୍ତି ନାହିଁ। ନିର୍ମଳ ସ୍ୱଚ୍ଛ ପ୍ରେମ ବର୍ଣ୍ଣନା ରହିଛି । ଏହି ଗଳ୍ପ ରେ କଥାବାଚିକା ହେଉଛନ୍ତି ମୁଖ୍ୟ ଚରିତ୍ର । ଅତୀତ ର ସ୍ମୃତି ପାଠକ ସମ୍ମୁଖରେ ପ୍ରକାଶ କରିଛନ୍ତି । "ସ୍ୱପ୍ନିଳ ର ଦୁନିଆ" ଗଳ୍ପ ଟି ଏକ ପ୍ରେମ କାହାଣୀ । ସତ୍ୟମ୍ ଓ ସ୍ୱପ୍ନିଳ ର ପ୍ରେମ କାହାଣୀ । ସ୍ୱପ୍ନିଳ ସତ୍ୟମ୍ ଙ୍କ ସହିତ ପ୍ରଣୟ କରି ଘର ଛାଡ଼ି ଚାଲି ଆସିଥିଲେ । ସତ୍ୟମ୍ ରୋଜଗାର ଅଭାବରୁ ସ୍ୱପ୍ନିଳ କୁ ଚିଠି ଦେଇ ଛାଡ଼ି ଅନ୍ୟତ୍ର ଚାଲିଯାଇ ଏକ ନିଶା କାରବାର ରେ ନିଯୁକ୍ତ ହେବା ଏକ ସତ୍ୟ ଆଧାରିତ କାହାଣୀ ପରି ମନେହୁଏ । "ସାମନ୍ତରିକ କ୍ଷେତ୍ର" ଗପଟି ଜଣେ ବୟସ୍କ ମହିଳାଙ୍କ ଜୀବନକୁ ନେଇ ଗଢିଉଠିଛି । ଯୌବନ ଅବସ୍ଥାରେ ନାରୀର ସମ୍ବଳ ତା ସ୍ୱାମୀ, ପୌଢ ଅବସ୍ଥାରେ ସମ୍ବଳ ତାର ତା ପୁଅ । ଏହାକୁ ନେଇ କାହାଣୀ ରଚିତ । "କିଛି କିଛି ମୁହୂର୍ତ୍ତ ର ଅନ୍ତରାଳରେ" ଗଳ୍ପ ଟି ଏକ ସାମାଜିକ ଗଳ୍ପ । ପିୟାଲି ନିଜ ଶାଶୁଙ୍କ ଉପରେ ରଖିଥିବା ଭ୍ରମ ଧାରଣା ଟି ଏକ ଏନଭଲୋପ ପାଇବା ପରେ ହିଁ ଭ୍ରମ ଦୂର ହେଇଛି । "ବାସ୍ନାୟିତ ପୃଥିବୀ" ଗଳ୍ପ ରେ ନାରୀଟିଏ ଏତେ ଜୀବନର କଷ୍ଟଦାୟକ ମୋଡ଼ ଭିତରେ, ତା ପାଳିତ କନ୍ୟାଟିକୁ ନିଜ ମା ର ସନ୍ତକ ବିକ୍ରି କରି ବଞ୍ଚେଇ ପାରିଛି । "ଭିନ୍ନ ଏକ ଆକାଶ" ଗପଟି ଦୁଇ ସାଙ୍ଗଙ୍କ ଭିତରେ କଥୋପକଥନ ର କାହାଣୀ ଭଳି, ନିଜ ନିଜ ଅତୀତର ଦୁଃଖ ଘଟଣା କୁ ଜଣେ ଅନ୍ୟ ଆଗରେ ପ୍ରକାଶ କରୁଛି । ସୁଚିତ୍ରା ର ସୁନ୍ଦର ଦାମ୍ପତ୍ୟ ରେ ପୂର୍ଣ୍ଣଚ୍ଛେଦ ପଡେ ଯେତେବେଳେ ଦିନେ ଭଜନ ଗାଉ ଗାଉ ସ୍ୱାମୀ ଅଭିଜିତ ଅଚାନକ ବେହୋସ ହେଇପଡନ୍ତି ଆଉ ପରେ ଜଣାପଡେ ସେ ଗଳା କର୍କଟ ରେ ଆକ୍ରାନ୍ତ ବୋଲି । ସମସ୍ତ ଚିକିତ୍ସା ସତ୍ତ୍ୱେ ଅଭିଜିତ ଆରପାରିକୁ ଚାଲିଯାନ୍ତି "ଫେସ୍ ବୁକ୍" ଗଳ୍ପ ଟି ଏକ ଆଧୁନିକ ଗଳ୍ପ । ଉତ୍ତର ଆଧୁନିକ ଯୁଗ ର ସମାଜ ରେ ବହୁଳ ଭାବରେ ବ୍ୟବହୃତ ହେଉଥିବା ଏକ ସଫ୍ଟୱାର ଆପ୍ଲିକେସନ୍ ହେଉଛି ଫେସ୍ ବୁକ୍ । ଏହା ଲୋକ ସମ୍ପର୍କ ର ଏକ ଯୋଗାଯୋଗର ମାଧ୍ୟମ ।

ISSN NO.
2582-208X

ମୁଖ୍ୟ ଚରିତ୍ର ରେ ଅରୁଣିମା ଓ ଶ୍ରୀଦୀପ୍ । ଅରୁଣିମା ଓ ଶ୍ରୀଦୀପ୍ ଙ୍କର ସମ୍ପର୍କ ଙ୍କୁ ନେଇ କାହାଣୀ ରଚିତ । "ଘର" ଗଳ୍ପଟି ଏକ ଅବସରପ୍ରାପ୍ତ ଶିକ୍ଷକ ଙ୍କ ଉପରେ ପର୍ଯ୍ୟବେସିତ କାହାଣୀ । ଶିକ୍ଷକ ର ଜୀବନ ସେତେବେଳେ ସାର୍ଥକ ହୋଇଥାଏ ଯେତେବେଳେ ଛାତ୍ରଛାତ୍ରୀ ମାନେ ସଫଳତା ପାଇଥାନ୍ତି । ଗୁରୁଦିବସ ପାଳନ ଦିବସରେ ତାଙ୍କୁ ରାଷ୍ଟ୍ରପତି ଙ୍କ ପୁରସ୍କାର ବିତରଣ ଉତ୍ସବ ରେ ଛାତ୍ର ଓ ଶିକ୍ଷକ ଙ୍କର ଭେଟ ହୋଇଛି ।

ବୟସ ର ବାଡ଼ବତା ନାହିଁ ସେ ସମୟ ଅନୁସାରେ ପାଖରେ ଆସି ପହଂଚି ଯାଇପାରିବ । କିନ୍ତୁ ଏହି ବୃଦ୍ଧ ଅବସ୍ଥା କେହି ନ ଚାହିଁଲେ ମଧ୍ୟ ଏହା ଆସିଥାଏ । କାରଣ ବୃଦ୍ଧବସ୍ଥା ସଦାସର୍ବଦା କଷ୍ଟ ଦେଇଥାଏ । ଆଜି ସେହି କଷ୍ଟ ରୁ ବର୍ତ୍ତୀ ଯାଇପାରି ନାହାଁନ୍ତି ବିଶାଳକାୟ ଶରୀର, ବେପରୱା ବପୁଧାରୀ ମଣିଷ "ମାନବୀୟ" ଗଳ୍ପ ଟି ର ଚରିତ୍ର ଘନ କାକା । "ମ୍ଳାନ ଗୋଧୂଳି" ଏହି ଗଳ୍ପ ଟିରେ ଏକ ପବିତ୍ର ବନ୍ଧନ ର କାହାଣୀ ବର୍ଣ୍ଣିତ । ମୁଖ୍ୟ ଚରିତ୍ର ରେ ସାର୍ଥକ ମିଶ୍ର ଗଳ୍ପ ର କଥାବାଚକ ଓ ବର୍ଷା ।ସାର୍ଥକ ବର୍ଷା କୁ ନେଇ ଏକତରଫା ପ୍ରେମ କରି ବର୍ଷା ପାଖକୁ ଯାଇ ଜାଣିବାକୁ ପାଇଲେ ବର୍ଷା ଆଉ ଇହଜଗତ ରେ ନାହାଁନ୍ତି କ୍ୟାନସର ରୋଗ ରେ ପୀଡ଼ିତ ଥିଲେ ବର୍ଷା ଓ ସଂସାର ରୁ ବିଦାୟ ନେଇସାରିଛନ୍ତି । ସେଠାରେ ସାର୍ଥକ ଙ୍କର ନୀରବ ପ୍ରେମ ତାଙ୍କ ହୃଦୟରୁ ଅପସରି ଯାଇଥିଲା। ବୃତ୍ତ ମଧ୍ୟରେ ବିନ୍ଦୁଟିଏ" ମଣିଷ ଜୀବନ ସେଇ ବିନ୍ଦୁଟିଏ ଆଉ ଅଭାବ କଷଣ, ଦୟନୀୟତା ସେଇ ବୃତ୍ତ ଭଳି ତାକୁ ଘେରି ରହିଛି। ଅସ୍ତ ସୂର୍ଯ୍ୟ ର ଆଭା" ଗଳ୍ପ ଟି ତତ୍କାଳୀନ ସମାଜ ରେ ପ୍ରତି ଘରେ ପ୍ରତି ଗ୍ରାମରେ ଘଟୁଥିବା ଏକ କାହାଣୀ ଟିଏ । ପାଠ ପଢ଼େଇ ସାରିବା ପାରେ ପିଲା ମାନେ ବାହାରେ ଚାକିରୀ କରି ପିତା ମାତା ଙ୍କର ଗୃହ ଆଗେ ତ୍ୟାଗ କରୁଥିବା ଘଟଣା ଏହି ସମାଜ ରେ ଅତି ସାଧାରଣ ହୋଇଗଲାଣି । "ସ୍ରୋତ" ଗଳ୍ପ ଏକ ଅନୁନ୍ନତ ସମ୍ପ୍ରଦାୟ କାହାଣୀ । ରାମୁ ତାର ବୁଢ଼ୀ ମା ଓ ମାନି । ବୁଢୀମା ଓ ମାନି ର ମୃତ୍ୟୁ ପରେ ରାମୁ ଏକୁଟିଆ ଜୀବନଯାପନ କରେ । "ପ୍ରତିକ୍ଷୀତ ଲଗ୍ନ" ଗଳ୍ପ ଟି ଉନ୍ନତ ସମ୍ପ୍ରଦାୟ ର ବ୍ୟକ୍ତିବିଶେଷ ଙ୍କ ଉପରେ ରଚିତ । ଗୋଟେ ଉନ୍ନତ ସମ୍ପ୍ରଦାୟ ର ବ୍ୟକ୍ତି କେବେ ବି ଅନୁନ୍ନତ ସମ୍ପ୍ରଦାୟ ର ବ୍ୟକ୍ତି ସହିତ ଅଧିକ ଦିନ ପର୍ଯ୍ୟନ୍ତ ଘନିଷ୍ଠ ହୋଇ ରହେନାହିଁ । ଏହି ଚିନ୍ତାଧାରା ର ବିପରୀତ ଏହି ଗଳ୍ପ ରେ ପ୍ରତିଫଳିତ ହୋଇଛି । "ରଜନୀ ଗନ୍ଧା" ତତ୍କାଳୀନ ସମାଜ ରେ ଝିଅ ମାନେ ବଞ୍ଚିବା ସତରେ କେଡ଼େ କଷ୍ଟକର, ଝିଅ ମାନଂକୁ କେତେ ବେଳେ ଭିଡ଼ ବସ୍ ରେ ସଂଘର୍ଷ କରିବାକୁ ପଡ଼େ ତ କେବେ ଶୁନ୍ ଶାନ୍ ରାସ୍ତାରେ ଯିବା ଆସିବା

ISSN NO.
2582-208X

ବେଳେ ଝିଅ ଟିଏ ଲଢ଼ିବା ତ ଦୂରର କଥା ନିଜକୁ ସୁରକ୍ଷା ଦେଇପାରିନଥାଏ ସେହି ସମନ୍ଧୀୟ କାହାଣୀ ଟିଏ ରଚିତ । "ରଙ୍ଗ ଛୁଆଁ" ଗଳ୍ପ ଟି କ୍ଷୁଦ୍ରଗଳ୍ପ ଅଟେ । ଏଥିରେ ମୁଖ୍ୟ ଚରିତ୍ର ହେଉଛନ୍ତି ଶୁଭ୍ରା । ନାରୀ ଟିଏ ଘର ଦ୍ଵାର କାମ, ସ୍ଵାମୀ ର କାମ, ପିଲା ଛୁଆ ଙ୍କର କାମ, ଓ ଶଯ୍ୟାଶାୟୀ ଶାଶୁ ଙ୍କର କାମ ରି କରି ଅତିଷ୍ଠ ହୋଇପଡୁଛି ଓ ଶେଷରେ ଶଯ୍ୟାଶାୟୀ ଶାଶୁ ଙ୍କୁ ନର୍ସିଙ୍ଗହୋମ୍ ରେ ଛାଡ଼ିଦେବାକୁ ସ୍ଵାମୀ ଙ୍କୁ ଅନୁରୋଧ କରିଛି । ପରେ ଅନୁତାପ କରିଛି । "ସ୍ଵପ୍ନ ଏକ ନୂଆ ବର୍ଷର.....ଗଳ୍ପ ଟି ଏକ ସାହସୀ ବାଳକ ଉପରେ ବର୍ଣ୍ଣିତ । ଏକ ପିତୃମାତୃହନ୍ତା ବାଳକ ରାଜୁ ଏକ ହୋଟେଲ ରେ କାମ କରି ପେଟ ପୋଷେ । ତାରି ବୟସ ର ପିଲାମାନେ ଦୁର୍ଗାପୂଜା ସମୟ ରେ ମେଳା ବୁଲୁଥିଲା ବେଳେ ରାଜୁ ଭାଗ୍ୟର ବିଡ଼ମ୍ବନା କୁ ନେଇ ଶୋଇ ରହି ଲୁହରେ ତକିଆ ଭିଜାଏ । ମାଲିକ ଠୁ ପଚାଶ ଟଙ୍କା ପାଇଁ ଖୁସିରେ ବୁଲିବାକୁ ବାହାରନ୍ତେ ଦୂରରୁ କିଛି ଦୁଷ୍ଟ ଲୋକ ଗୁଡ଼େ ଏକ ଝିଅ ଟି ର ସର୍ବସ୍ଵାନ୍ତ କରିବାକୁ ବସିଥିଲେ ରାଜୁ ବୟସ ର ଖିଆଲ ନ କରି ଝିଅ ଟି ର ଜୀବନ ବଂଚେଇବା ଘଟଣା ଗଳ୍ପ ରେ ଖୁବ ଚମତ୍କାର ହୋଇଛି । "ଚିତ୍ର ଲିପି" ଗଳ୍ପଟି ଏକ ସମ୍ଭ୍ରାନ୍ତ ଶ୍ରେଣୀୟ ଗଳ୍ପ । ଏହି ଗଳ୍ପ କୁ କାହାଣୀ ଗୁଚ୍ଛ ପ୍ରକ୍ରିୟା ରେ ରଚନା କରା ଯାଇଛି । ମୁଖ୍ୟ ଚରିତ୍ର ରେ ଅନୁରାଶ୍ରୀଙ୍କ ପରିଚୟ କାହାଣୀ, ଦ୍ଵିତୀୟ ରେ କାନ୍ତା ଓ ତାର ଅତୀତ ଓ ବର୍ତ୍ତମାନ ର କାହାଣୀ ରଚିତ । "ଜୀବନଧାରା" ଗଳ୍ପ ଟି ସାଧାରଣ ମଣିଷର ଜୀବନ, ସମ୍ପର୍କ ର ଜୁଆର ଭଟ୍ଟା, ସମ୍ପର୍କର ଅଙ୍କାବଙ୍କା ଗତି ସ୍ରୋତ, ମଣିଷ ର ଅସହାୟତା, ପାଖମଣିଷର ଦୁଃଖରେ କାତର ଆଉ ଜଣେ ପାଖମଣିଷ ର ମନ, ତାର ବିକଳତା ଭଳି କାହାଣୀକୁ ନେଇ ଗତିଶୀଳ । ଗଳ୍ପ ଟି ଦୁଃଖାନ୍ତକ, ହେଲେ ଆଧୁନିକ ଯୁଗର ନିଚ୍ଛକ ସତ୍ୟ କୁ ଦେଖାଏ । "ପ୍ରତୀକ୍ଷା" ଗଳ୍ପ ଟି ଜଣେ ସ୍ତ୍ରୀ ର କାହାଣୀ । ପ୍ରତୀକ୍ଷା ଗଳ୍ପ ଟି ସ୍ଵାମୀ ବିରହ ସହୁଥିବା ଏକ ନାରୀର କାହାଣୀ । ସ୍ଵାମୀ ସାନିଧ୍ୟ ପାଇବାକୁ ତାର ପ୍ରତୀକ୍ଷା ର ଅନ୍ତ ନାହିଁ ।

"ଅନ୍ଧାର ର ପ୍ରତିବିମ୍ବ" ଗଳ୍ପଟି ଜଣେ ନାରୀ, ସମାଜ ପ୍ରତି କର୍ତ୍ତବ୍ୟ ଓ ତାର ସ୍ତ୍ରୀତ୍ଵ ଭିତରେ ସଂଘର୍ଷ ର କାହାଣୀ । ମନରେ ଆଶା କରୁଥିବା ପ୍ରଚୁର ପ୍ରେମ ଆଉ ବଦଳରେ ମିଳୁଥିବା ଚରମ ଅବହେଳାର ତତଲା ଅସମ୍ମାନକୁ ସହିଯାଇ, ଦୃଢ଼ ନିଷ୍ଠାର ସହ ଜଣେ ନାରୀର କର୍ତ୍ତବ୍ୟ ଆଉ ପରେ ସମ୍ପୂର୍ଣ୍ଣରୂପେ ସମର୍ପିତା ସ୍ତ୍ରୀ ର ସେବାକାର୍ଯ୍ୟ ଦ୍ଵାରା ନିଜ ସ୍ଵାମୀ କୁ ମୃତ୍ୟୁମୁଖରୁ ଫେରାଇଆଣି ଜଣେ ଭଲମଣିଷ କରିପାରିଥିବା ନାରୀ ଚରିତ୍ରକୁ ଚିତ୍ରଣ କରାଯାଇଛି ।

ISSN NO.
2582-208X

ପରିଶେଷରେ, ଏହି ପୁସ୍ତକ ଟି ଏକ ପ୍ରକାର ଏ ସମସ୍ତ ଗଳ୍ପରେ ତତ୍କାଳୀନ ସମାଜ ର ଚିତ୍ର ପରିବେଷଣ କରି ବେଶ୍ ଚମତ୍କାର ସୃଷ୍ଟି କରିଛନ୍ତି । ଏ ସମସ୍ତ କ୍ଷୁଦ୍ରଗଳ୍ପ ଗୁଡ଼ିକ ର ବିଷୟବସ୍ତୁ ର ପ୍ରାୟଂଶ ସମାନତା ରହିଥିଲା ଶୈଳୀ ଦୃଷ୍ଟି ରୁ ପ୍ରେମ କାହାଣୀ, କାଳ୍ପନିକ, ସତ୍ୟାଧାରିତ, ଚରିତ୍ର ର ଅତୀତ ବର୍ଣ୍ଣନା, କାରୁଣ୍ୟବୋଧ, ଆଭିଜାତପୂର୍ଣ୍ଣ ଭାଷା ର ବ୍ୟବହାର, ରୋମାଣ୍ଟିକ୍, ପ୍ରକୃତି ବର୍ଣ୍ଣନା, ପ୍ରଧାନ କାହାଣୀ ରହିବା ସହିତ ଶାଖା କାହାଣୀ ର ବର୍ଣ୍ଣନା ଏ ସମସ୍ତ ରହିଥିଲା । ପାଠକ ମାନଙ୍କ ମଧ୍ୟରେ ଏହି ପୁସ୍ତକ ଟି ବେଶ୍ ଗ୍ରହଣୀୟ ହୋଇପାରିଛି କାରଣ ଏହାର ଚରିତ୍ର ଖୁବ୍ ଜୀବନ୍ତ ଓ ଉନ୍ନତ ସମ୍ପ୍ରଦାୟ ର ଭାବର ଉଚ୍ଚତା ପ୍ରାଣବନ୍ତ ଓ ହୃଦୟସ୍ପର୍ଶୀ । ଗଳ୍ପ ଲେଖିକା ଙ୍କ ର ଏହା ଶ୍ୱାଶତ କାଳଜୟୀ ମୂଲ୍ୟ ପ୍ରଦାନ କରୁଅଛି ।

ଅତିଥି ଅଧ୍ୟାପିକା,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ମାଆ ଗୋ ତ୍ରିପୁରା ସୁନ୍ଦରୀ



ଦେବାର୍ଚ୍ଚନ ମେହେର

ମାଆ ଗୋ ତ୍ରିପୁରା ସୁନ୍ଦରୀ,
ତିନି ପୁରରେ ବାସ ତୁମରି ।।

ବସିଛ ଜଗତକୁ ଧରି,
ନାମ ତୁମ ତ୍ରିପୁରା ସୁନ୍ଦରୀ ।।

ପ୍ରତି ପ୍ରାଣୀର ପ୍ରାଣ ଦାୟିନୀ,
ତୁହି ମାଆ ଗୋ ଜଗତ ଉଧାର କାରିଣୀ ।।

ମାଆ ଗୋ ଗାଳି କଲେ ତତେ ସହୁ,
ଗର୍ବ କଲେ ନ ସହୁ ।।

କ୍ଷଣକେ କରୁ ଭସ୍ମ ତୁହି,
ମାଆ ଗୋ ତ କୋପରେ ବଞ୍ଚି ନାହିଁ କେହି ।।

ମାଆ ଗୋ ଅପାର ବର ଦାୟିନୀ,
ପ୍ରତି ପ୍ରାଣୀର ଦୁଃଖ ହାରିଣୀ ।।

ISSN NO.
2582-208X

ତୁହି ମାଆ ଗୋ ଜଗତ ଜନନୀ,
ତୁହି ମାଗୋ ଆଦି ଶକ୍ତି ଠାକୁରାଣୀ।।

ମାଆ ଗୋ ତୁମ ପାଦ ପଦ୍ମେ କୋଟି ପ୍ରଣତି,
ଭୁଲ ଥିଲେ ମୋର କରିବ କ୍ଷମା
ମୁଁ ମୂଢ଼ ଅଜ୍ଞାନ କରେ ବିନତି।।

ଗ୍ରାମ - ବାପୁଜୀନଗର,ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ମେଘୁଆ ସଞ୍ଜ



ଲିନା ମହାନ୍ତ

ମନେପଡେ ଏଇ ମେଘୁଆ ସଞ୍ଜରେ
ତୁମ ସାଥେ କିଛି ସ୍ମୃତି,
ପାଶେ ଥିଲ ତୁମେ ଦେଇଥିଲ କଥା
ହାତେ ମୋର ହାତ ରଖି ।।

ସେଇ ସଞ୍ଜ ଅଛି ସେଇ ସ୍ମୃତି ଅଛି
ଖାଲି ପାଶେ ନାହଁ ତୁମେ,
କେମିତି ହଜିଲା କାହିଁକି ହଜିଲା
ସ୍ୱପ୍ନ ଯେତେ ଥିଲା ମନେ ।।

ଭାଗ୍ୟରେ ନଥିଲା କାହିଁକି ଆସିଲା
ଏତେ ସ୍ୱପ୍ନ ମନେ ମୋର,
ମେଘୁଆ ସଞ୍ଜଟି ଚାଲିଗଲା ଯେବେ
ଆଣିଦେଲା ଅନ୍ଧକାର ।।

ଜଗତସିଂହପୁର

ISSN NO.
2582-208X

# ରାତିର ରାଣୀ



ଲୀଳାବତୀ ପରିଡ଼ା

ଜହ୍ନ ଜୋଛନାର ପରଶେ ତାର ପାଖୁଡ଼ା ମେଲି,
କିରି କିରି ହସେ ଶେଫାଳୀ ମନ ଦରଜା ଖୋଲି।
କେଉଁ ଦୂର ବନ କାନନେ ଫୁଟି ଥାଉ ଯେ ତୁହି,
ବାସ ଛୁଟେ ଦିଗ ବିଦିଗ ଝୁରଇ ସାରା ମହୀ।
ନିରିମାଖି କୋମଳ ଅଙ୍ଗୀ କମନୀୟ ଯେ ତନୁ,
ଦେଖିଦେଲେ ଥରେ ପାଶୋରି ନ ହୁଏ ଜମା ମନୁ।
ଶେଫାଳୀ ଶେଫାଳିକା କିଏ ଗଙ୍ଗଶିଉଳି କହେ,
ରାତିର ରାଣୀ ତା ସୁଗନ୍ଧେ ଜନ ମନକୁ ମୋହେ।
ଭୁରୁ ଭୁରୁ ଆହା କି ମିଠା ବିତରି ଯାଏ ବାସ,
ଛୁଟି ଯାଏ ମୃଦୁ ମଳୟେ ସୁରଭି ଚଉ ପାଶ।
ଡେଙ୍ଗୁ ମ୍ୟାଲେରିଆ ବାତ ରୋଗର ନିଦାନ ପାଇଁ,
ଶେଫାଳୀ ଗଛକୁ ତିଆରି ଛନ୍ତି ଜଗତ ସାଇଁ।
ଅଳପ ଆୟୁଷ ପାଇ ସେ କେତେ ମହତ ସାଧି,
ସୁଗନ୍ଧ ବିତରେ ପୁଣି ସେ ଦୁରଇ ମହା ବ୍ୟାଧି।
ଧଳା ହଳଦିଆ ପାଖୁଡ଼ା ବୃନ୍ତ ଈଷତ୍ ନାଲି,
ରାତିକ ପାଇଁ ସେ କୁଣିଆଁ ସକାଳୁ ଯାଏ ଚାଲି।

ISSN NO.
2582-208X

ଆସିଲେ ଗଗନେ ସବିତା ମଉଳି ଯାଏ ଲାଜେ,
ଝରିଯାଏ ଝରା ଶେଫାଳୀ ରବି କିରଣ ତେଜେ।
ଅଳପ ଆୟୁଷ ସିନା ତା କେତେ ମହତ ଦାନ,
ଛୋଟହୋଇ ଯେହ୍ନେ ରଖିଲା ଧରମା ଜାତି ମାନ।
ହୋଇଥାଉ ଅବା ଜୀବନ କ୍ଷଣ ନିମିଷେ ଦଣ୍ଡ,
ସୁଗୁଣଥିଲେ ତା ହୁଅଇ ଜୀବନ ମାନ ଦଣ୍ଡ।
ଛୋଟକୂଅ ଟିଏ ହୋଇଣ ମେଣ୍ଟାଏ ଗ୍ରୀଷ୍ମ ତୃଷ୍ଣା,
ମରୁଭୂମି ସିନା ପ୍ରଶସ୍ତ ରଚଇ ମୃଗ ତୃଷ୍ଣା।
ନିଜ ସୁରଭି ମହକାଇ କରିଣ ନିଜ କର୍ମ,
ମାନବ ଜୀବନ ଦୁର୍ଲ୍ଲଭ କରିବା ସେବା ଧର୍ମ।

ଶିକ୍ଷୟିତ୍ରୀ
କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ମୋ.ନ -୯୮୭୧୯୪୫୭୨୬

ISSN NO.
2582-208X

# କର୍ମ ଫଳିବ



ଅଭିମନ୍ୟୁ କାନୁନଗୋ

କର କପାଳ ଏ ଭାଗ୍ୟ ଫଳକୁ
କରେ କପାଳ ଏ ନିନ୍ଦେ କାଳକୁ
କରି କର୍ମ ପ୍ରାପ୍ତ ପ୍ରାରବ୍ଧ ଫଳ
କୋବିଦ ବୋଲନ୍ତି ସେ କର୍ମ ଫଳ
କର୍ମ ଫଳିବ, ଅକର୍ମାକୁ କାହୁଁ ପ୍ରାପତ ହେବ ?

କଦମ୍ବ ମୂଳରେ ରାସ ରଚାଇ
କରେ ବେଣୁ ଅଙ୍ଗେ ଲେପ ଲଗାଇ
କେକୀ ପୁଛେ କରି ଶୀର ମଣ୍ଡନ
କଳାକାନ୍ତି ସମ ହେବ ଭାଜନ
କର୍ମ ଫଳିବ, ଜଟ ବିନା କାହୁଁ ବୃଷଭ ହେବ ?

କରି ବିଚରଣ ଚୌରାଅସିକୁ
କର୍ମେ ଏ ପ୍ରାପତ ନର ଶରୀକୁ
କୁକର୍ମରେ ଯେବେ ସଦା ରଟିବ
କାଞ୍ଚନ ବଦଳେ ଆତ୍ମ ହରିବ
କର୍ମ ଫଳିବ, ଜୀବ କାରିଣୀ କି ନର ଜନ୍ମିବ ?

ସଂଗ୍ରାହକ: ଡକ୍ଟର ଅଭିମନ୍ୟୁ କାନୁନଗୋ
ପ୍ରସାର ଭାରତୀ, ପୁରୀ / ଦୂରଭାଷ ୮୮୯୫୪୫୦୧୧୭

ISSN NO.
2582-208X

# ଗୀତାରେ ଧର୍ମର ସଜ୍ଞା



ଅମରନାଥ ବାରିକ

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମମ୍ ।
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟମୁଦୀରୟେତ୍ ॥
ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିମ୍ ।
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦମାଧବମ୍ ॥

ଶ୍ରୀମଦ୍ ଭଗବତ୍ ଗୀତାକୁ ଯେତେ ବଖାଣିଲେ ସମୟର ଅଭାବ ରହିଯିବ, ଏହା ପାଠ କରିବା ପାଇଁ କୌଣସି ଜାତି କିମ୍ବା ଧର୍ମର ଆବଶ୍ୟକ ପଡିନଥାଏ । କେବଳ ପବିତ୍ର ମନ ହିଁ ଯଥେଷ୍ଟ । ଗୀତାର ସାରମର୍ମ ବୁଝିବା ତେବେ ସହଜ ହୋଇଥାଏ, ଯେତେବେଳେ ବିଶ୍ୱାସ ଓ ଭକ୍ତି ଉତ୍ପନ୍ନ ହୁଏ । ଶବ୍ଦର ସଂଖ୍ୟା ସୀମିତ ରହିଥିବାରୁ ତଥାପି ସମ୍ୟକ ମାତ୍ର ଆଲୋଚ୍ୟ ପ୍ରସଙ୍ଗ ଓ ଶ୍ରୀମଦ୍ଭଗବତ ଗୀତାର ଅଂଶ ବିଶେଷ କୁ ନେଇ, ଗୀତାରେ ଧର୍ମର ସଜ୍ଞା କହିଲେ ସତ୍ତ୍ୱ, ରଜଃ, ତମଃ-ଏହି ତିନିଗୁଣକୁ ବୁଝାଏ ତଥା ସେମାନଙ୍କର ପାର୍ଥକ୍ୟ ବିଷୟରେ ଆଲୋଚନା କରିବାକୁ ଗଲେ ସତ୍ତ୍ୱ, ରଜଃ, ତମଃ-ଏହି ତିନିଗୁଣ ପ୍ରକୃତିରୁ ଜାତ ଏବଂ ଜୀବାତ୍ମାକୁ -ସଂସାରରେ ବାନ୍ଧି ରଖେ । ସତ୍ତ୍ୱ ଗୁଣର ଧର୍ମ ପ୍ରକାଶ ବା ଜ୍ଞାନ । ଏଥିରେ ମନୁଷ୍ୟ ସୁଖ ଭୋଗକରେ । ରଜଃ ଗୁଣର ଧର୍ମ ରାଗାତ୍ମକ । ତାହା ତୃଷ୍ଣା ଓ ଆସକ୍ତି ବଢାଏ ଏବଂ ଜୀବାତ୍ମାକୁ କର୍ମବନ୍ଧନରେ ପକାଏ । ତମଃ ଗୁଣର ଧର୍ମ ଅଜ୍ଞାନ ଓ ମୋହ । ତାହା ନିଦ୍ରା, ଆଳସ୍ୟ ଓ ପ୍ରମାଦ ବଢାଏ । ପ୍ରତ୍ୟେକ ଜୀବଠାରେ ଏହି ତିନୋଟିଯାକ ଗୁଣ ଥାଆନ୍ତି । ମନୁଷ୍ୟ ସତ୍ତ୍ୱଗୁଣର ଆଧିକ୍ୟରେ ସାତ୍ତ୍ୱିକ, ରଜଃ ଗୁଣର ଆଧିକ୍ୟରେ ରାଜସିକ ଓ ତମଃ ଗୁଣର ଆଧିକ୍ୟରେ ତାମସିକ ବୋଲି

ISSN NO.
2582-208X

କଥିତ ହୁଅନ୍ତି । ସତ୍ତ୍ୱ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ଜୀବାତ୍ମା ସ୍ୱର୍ଗାଦି ଉଚ୍ଚସ୍ଥାନ ଲାଭ କରେ । ରଜଃ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ମନୁଷ୍ୟ ଯୋନି ଏବଂ ତମଃ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ପଶୁପକ୍ଷୀ ପ୍ରଭୃତି ନୀଚ ଯୋନି ପ୍ରାପ୍ତ ହୁଏ ।

ସତ୍ତ୍ୱଗୁଣର ବୃଦ୍ଧିରେ ସ୍ୱର୍ଗଲାଭ ହୁଏ ସତ ହେଲେ ମୁକ୍ତି ମିଳେ ନାହିଁ । ତ୍ରିଗୁଣାତୀତ ହୋଇପାରିଲେ ଜୀବାତ୍ମା ମୁକ୍ତି ଲାଭ କରେ । ଦେହ ଥିବାଯାଏ ପ୍ରକୃତିର କାର୍ଯ୍ୟ ଚାଲିଥାଏ । ଯେଉଁ ବ୍ୟକ୍ତି ପ୍ରକୃତିର କାର୍ଯ୍ୟରେ ଉଦାସୀନ ହୋଇ ସୁଖଦୁଃଖରେ ସମ, ମାଟି ପଥର ସୁନାରେ ସମଜ୍ଞାନ (ନିର୍ଲୋଭ), ନିନ୍ଦା ପ୍ରଶଂସାରେ ସମ, ପ୍ରିୟ ଅପ୍ରିୟରେ ସମ, ଶତ୍ରୁମିତ୍ରରେ ସମ ତଥା ମାନ ଅପମାନରେ ସମଚିତ୍ତ ରହନ୍ତି ତାଙ୍କୁ ଗୁଣାତୀତ କୁହାଯାଏ । ଅଚଳା ଭକ୍ତିରେ ପରମେଶ୍ୱରଙ୍କର ଶରଣାପନ୍ନହେଲେ ବ୍ୟକ୍ତି ସହଜରେ ତ୍ରିଗୁଣାତୀତ ହୋଇପାରେ । ବାସୁଦେବ ଶ୍ରୀକୃଷ୍ଣ ନିର୍ଗୁଣ ବ୍ରହ୍ମଙ୍କର, ଅବ୍ୟୟମୋକ୍ଷର ସନାତନ ଧର୍ମର ଓ ସମସ୍ତ ସୁଖର ସାକାର ମୂର୍ତ୍ତି । ତାଙ୍କୁ ଅଚଳା ଭକ୍ତିରେ ପୂଜା ଅର୍ଚ୍ଚନା କଲେ ମନୁଷ୍ୟ ତ୍ରିଗୁଣାତୀତ ହୋଇ ମୁକ୍ତି ଲାଭ କରେ । ଯେଉଁମାନେ ଶ୍ରୀମଦ୍ ଭଗବତ ଗୀତା ପାଠ କରିଛନ୍ତି ସେମାନେ ସମସ୍ତେ ଜାଣିଛନ୍ତି ବା ଭଗବାନ୍ ଶ୍ରୀକୃଷ୍ଣ ନିଜେ କହିଛନ୍ତି ଯାହା ସର୍ବଶ୍ରେଷ୍ଠ ମୂଳକାରଣ ବା ଅବିନାଶୀ ଭାବ ତାହାହିଁ ବ୍ରହ୍ମତତ୍ତ୍ୱ । ସ୍ୱଭାବ ବା ମୂଳଭାବ ଜୀବ(ଆତ୍ମା) ରୂପରେ ଦେହ ମଧ୍ୟରେ ପ୍ରକାଶିତ-ତାହା ଅଧ୍ୟାତ୍ମତତ୍ତ୍ୱ । ବିଶ୍ୱସୃଷ୍ଟି ହିଁ କର୍ମ । ଭଗବାନଙ୍କ ସୃଷ୍ଟ ବିନଶ୍ୱର ଭାବ ହିଁ ଅଧିଭୂତ(ଦେହ ) । ଦେବତାମାନଙ୍କର ଅଧିପତି ଭୂତସ୍ରଷ୍ଟା ହିରଣ୍ୟ ଗର୍ଭ ବ୍ରହ୍ମା ହିଁ ଅଧିଦୈବ । ସୃଷ୍ଟିରକ୍ଷା ପାଇଁ ଜୀବ ଯେଉଁ କର୍ମ କରେ ତାହା ଯଜ୍ଞ ଏବଂ ନିଜେ ଭଗବାନ୍ ସମସ୍ତ ଜୀବ ମଧ୍ୟରେ ନିୟନ୍ତା ଓ ଫଳଦାତା ରୂପେରହିଛନ୍ତି-ସେ ହେଉଛନ୍ତି ଅଧିଯଜ୍ଞ ।

ପ୍ରଭୁଙ୍କର ଜନ୍ମ ନାହିଁ, ଆଦି ନାହିଁ, ଅନ୍ତ ବି ନାହିଁ । ତାଙ୍କୁ ଯେଉଁ ବ୍ୟକ୍ତି ସର୍ବଲୋକମହେଶ୍ୱର ବୋଲି ଜାଣନ୍ତି ସେ ସମସ୍ତ ପାପରୁ ମୁକ୍ତ ହୁଅନ୍ତି । ବୁଦ୍ଧି, ଜ୍ଞାନ, କ୍ଷମା, ଅସଂମୋହ, ସତ୍ୟ, ଦମ, ଶମ, ସୁଖ, ଦୁଃଖ ଭବ, ଅଭାବ, ଭୟ, ଅଭୟ, ଅହିଂସା, ସମତା, ତୁଷ୍ଟି, ତପ, ଦାନ, ଯଶ, ଅଯଶ-ଏ କୋଡିଏଟି ଭାବ ଜୀବମାନଙ୍କଠାରେ ଅଲଗା ଅଲଗା ଦେଖାଯାଇଥିଲେ ହେଁ ଏ ସବୁ ତାଙ୍କଠାରୁ ସୃଷ୍ଟ । ତାଙ୍କର ବିଭୂତି (ଐଶ୍ୱର୍ଯ୍ୟ) ଓ ଯୋଗ (କର୍ମକୌଶଳ) ଯେ ଯଥାର୍ଥ ଭାବରେ ଜାଣନ୍ତି, ସେ ପ୍ରକୃତରେ ତାଙ୍କୁ ଜାଣିପାରନ୍ତି । ସେ ସମସ୍ତ ଜଗତର ଉତ୍ପତ୍ତିର କାରଣ ଓ ତାଙ୍କଠାରୁ ସବୁ ଉତ୍ପତ୍ତି ହୋଇଅଛି ଏହା ଜାଣି ଜ୍ଞାନୀମାନେ ତାଙ୍କୁ ଉପାସନା କରନ୍ତି, ତାଙ୍କ

ISSN NO.
2582-208X

ବିଷୟରେ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି । ତାଙ୍କଠାରେ ସର୍ବଦା ଆସକ୍ତ ଚିତ୍ତ ବ୍ୟକ୍ତିମାନେ ପ୍ରୀତିପୂର୍ବକ ତାଙ୍କୁ ଭଜନ କରୁଥିବାରୁ ସେ ଆମମାନଙ୍କୁ ସଦବୁଦ୍ଧି ଦିଅନ୍ତି ଯାହା ଫଳରେ ଆମେମାନେ ମୁକ୍ତିଲାଭ କରନ୍ତି । ସେ ସମସ୍ତ ଜୀବମାନଙ୍କ ହୃଦୟରେ ଆତ୍ମା ଏବଂ ସମସ୍ତ ଜୀବଙ୍କର ଆଦି, ମଧ୍ୟ ଓ ଅନ୍ତ ବି । ସେ ଆଦିତ୍ୟମାନଙ୍କ ମଧ୍ୟରେ ବିଷ୍ଣୁ, ଜ୍ୟୋତିମାନଙ୍କ ମଧ୍ୟରେ ସୂର୍ଯ୍ୟ (ରବି), ବାୟୁମାନଙ୍କ ମଧ୍ୟରେ ମରୀଚ, ନକ୍ଷତ୍ରମାନଙ୍କ ମଧ୍ୟରେ ଶଶୀ, ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ, ଜୀବମାନଙ୍କ ମଧ୍ୟରେ ଚେତନା, ରୁଦ୍ରମାନଙ୍କ ମଧ୍ୟରେ ଶଙ୍କର,ପୁରୋଧାମାନଙ୍କ ମଧ୍ୟରେ ବୃହସ୍ପତି, ସରସିମାନଙ୍କ ମଧ୍ୟରେ ସାଗର, ମହର୍ଷିମାନଙ୍କ ମଧ୍ୟରେ ଭୃଗୁ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ସିଦ୍ଧମାନଙ୍କ ମଧ୍ୟରେ କପିଳ, ମୁନିମାନଙ୍କ ମଧ୍ୟରେ ବ୍ୟାସ, ବୃଷ୍ଣିମାନଙ୍କ ମଧ୍ୟରେ ବସୁଦେବଙ୍କ ପୁତ୍ର ବାସୁଦେବ, ପାଣ୍ଡବମାନଙ୍କ ମଧ୍ୟରେ ଅର୍ଜୁନ, ପଦମାନଙ୍କ ମଧ୍ୟରେ 'ଓଁ କାର, ଅକ୍ଷରମାନଙ୍କ ମଧ୍ୟରେ 'ଅ', ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମ (ବ୍ରହ୍ମ) ବିଦ୍ୟା, ଯଜ୍ଞମାନଙ୍କ ମଧ୍ୟରେ ଜପଯଜ୍ଞ, ସଂଯମକାରୀମାନଙ୍କ ମଧ୍ୟରେ ଯମ, ସର୍ବସଂହର୍ତ୍ତା ମୃତ୍ୟୁ ମଧ୍ୟ । ସମସ୍ତ ଜୀବମାନଙ୍କର ସେ ମୂଳକାରଣ ଅଟନ୍ତି । ସମସ୍ତ ଜୀବ ବା ବସ୍ତୁ ତାଙ୍କଠାରୁ ଉତ୍ପନ୍ନ ବା ତାଙ୍କଠାରେ ଅବସ୍ଥିତ । ତାଙ୍କ ବିଭୂତିର ବର୍ଣ୍ଣନା କରୁଥିଲେ ସରିବ ନାହିଁ । ଐଶ୍ୱର୍ଯ୍ୟଯୁକ୍ତ, ଶ୍ରୀଯୁକ୍ତ ବା ପ୍ରଭାବ ସମ୍ପନ୍ନ ଯେଉଁ ଯେଉଁ ଜୀବ ବା ପଦାର୍ଥ ଦେଖୁଛନ୍ତି ସେସବୁ ତାଙ୍କ ଅଂଶରୁ ସଂଭୂତ ।

ଶ୍ରୀମଦ୍ ଭଗବତ୍ ଗୀତାର ସମଗ୍ର ଗୀତା ଶାସ୍ତ୍ରର ତଥା ବେଦାର୍ଥର ସାରସଂକଳନ ବୋଲି ପୂଜ୍ୟପାଦ ଆଚାର୍ଯ୍ୟ ଶଙ୍କର ଓ ଶ୍ରୀଧର ସ୍ୱାମୀ କହିଛନ୍ତି । ଯେଉଁ ବ୍ୟକ୍ତି ଅନନ୍ୟ ଭାବରେ ଭଗବାନଙ୍କର ଉପାସନା କରିବେ ସେ ସଂସାରର ମାୟା ଜାଲକୁ ଛିନ୍ନ କରି ପାରିବେ । ତ୍ରିଗୁଣାତୀତ ନହେଲେ କେହି ମୁକ୍ତି ପାଇପାରିବେ ନାହିଁ । ଏ ସଂସାରକୁ ଗୋଟିଏ ଅଶ୍ୱତ୍ଥ ବୃକ୍ଷ ବୋଲି ଉପନିଷଦ ମାନଙ୍କରେ ମଧ୍ୟ ବର୍ଣ୍ଣିତ ଅଛି । ଏ ବୃକ୍ଷର ମୂଳ ଉର୍ଦ୍ଧ୍ୱରେ -ପରଂବ୍ରହ୍ମ ଏହାର ମୂଳ । ଏହାର ଶାଖା ସବୁ ଉପର ଓ ତଳ ଆଡେ ବିସ୍ତୃତ । ଦେବତାମାନେ, ମନୁଷ୍ୟମାନେ ଓ ନାନାପ୍ରକାର ପଶୁପକ୍ଷୀ ଏ ବୃକ୍ଷର ଶାକ୍ଷା ରୂପେ କଳ୍ପିତ ହୋଇଅଛି । ପତ୍ର ସାହାଯ୍ୟରେ ବୃକ୍ଷ ପୁଷ୍ଟିଲାଭ କଲାପରି ଏ ସଂସାର ବୃକ୍ଷ ବେଦସବୁର ନିର୍ଦ୍ଦେଶାନୁସାରେ କର୍ମାନୁଷ୍ଠାନ କରି ତିଷ୍ଠି ରହିଛି । ଯେତେକାଳ ଜୀବ ବିଷୟବାସନାର ମାୟାରେ ଆବଦ୍ଧଥାଏ, ସେତେଦିନ ଯାଏ ତାର ଜ୍ଞାନ ଲାଭ ହୁଏ ନାହିଁ । ତୀବ୍ର ବୈରାଗ୍ୟ ଦ୍ୱାରା ସଂସାରର ମାୟା

ISSN NO.
2582-208X

ଜାଲକୁ କାଟି ପାରିଲେ ମନୁଷ୍ୟ ପରମପଦ ଲାଭ କରିବାରେ ଅଗ୍ରସର ହୁଏ । ଜୀବାତ୍ମା ପରମାତ୍ମାଙ୍କ ଅଂଶ । କର୍ମଫଳ ଭୋଗ କରିବା ପାଇଁ ସେ ଉଚ୍ଚ ବା ନୀଚ ଯୋନି ଲାଭ କରେ । ସେ ମନ ଓ ଇନ୍ଦ୍ରିୟମାନଙ୍କ ସହିତ ପୁରାତନ ଶରୀର ତ୍ୟାଗ କରି ନୂତନ ଶରୀରକୁ ଯାଏ । ନୂତନ ଶରୀର ଲାଭକରି ପୁଣି ବିଷୟଭୋଗରେ ମାତିଯାଏ । ଜୀବାତ୍ମାର ଦେହ ତ୍ୟାଗ, ପୁନଃ ନୂତନ ଶରୀର ଲାଭ ଓ ଶରୀରରେ ଅବସ୍ଥାନ ମୂଢବ୍ୟକ୍ତିମାନେ ଜାଣି ପାରନ୍ତି ନାହିଁ, ଜ୍ଞାନୀବ୍ୟକ୍ତି ଜାଣିପାରନ୍ତି ।

ସୂର୍ଯ୍ୟଙ୍କର ଆଲୋକରେ ଜଗତ ଉଦ୍ଭାସିତ ହୁଏ । ସେହିପରି ଚନ୍ଦ୍ର ଓ ଅଗ୍ନିର ଆଲୋକରେ ମଧ୍ୟ। ମାତ୍ର ଏ ସମସ୍ତ ତେଜ ଜଗତକୁ ଧରି ରଖିଛନ୍ତି । ସେ ମଧ୍ୟ ପୃଥିବୀକୁ ଧାରଣ କରିବା ସଙ୍ଗେ ସଙ୍ଗେ ଔଷଧାଦିର ପୁଷ୍ଟି ବିଧାନ କରୁଛନ୍ତି - ଯାହା ଖାଇ ଜୀବଜଗତ ବଞ୍ଚିରହିଛି । ସେ ସମସ୍ତଙ୍କ ଦେହରେ ଜଠରାଗ୍ନି ରୂପରେ ସମସ୍ତ ଖାଦ୍ୟ ପଦାର୍ଥକୁ ହଜମ କରି ଶରୀରକୁ ପୁଷ୍ଟ କରୁଛନ୍ତି । ପରମାତ୍ମା ସମସ୍ତ ବେଦର ଜ୍ଞାତବ୍ୟ ତତ୍ତ୍ୱ, ବେଦାନ୍ତକୃତ୍ ଓ ବେଦବିତ୍ ଅଟନ୍ତି । ସମସ୍ତ ଭୂତଗଣ କ୍ଷରପୁରୁଷ ଏବଂ ସେମାନଙ୍କ ଶରୀରରେ ଥିବା ଆତ୍ମା ଅକ୍ଷର ପୁରୁଷ ଅଟନ୍ତି । ପରମାତ୍ମା କ୍ଷର ଓ ଅକ୍ଷର ପୁରୁଷଙ୍କଠାରୁ ଶ୍ରେଷ୍ଠ ଅଟନ୍ତି । ତାଙ୍କୁ ସମସ୍ତ ଲୋକ ଓ ସମସ୍ତ ବେଦରେ ପୁରୁଷୋତ୍ତମ କୁହାଯାଏ । ସେ ସମସ୍ତ ଜଗତର ରକ୍ଷକ, ପାଳକ, ଶାସକ ଅଟନ୍ତି । ମୋହତ୍ୟାଗ କରି ବୁଦ୍ଧିମାନ୍ ସାଧକ ପୁରୁଷୋତ୍ତମଙ୍କୁ ସର୍ବତୋଭାବରେ ପୂଜାକଲେ ସର୍ବଜ୍ଞ ଓ କୃତାର୍ଥ ହୋଇଥାନ୍ତି । ଏ ତ ଥିଲା ଗୀତାମୃତ ସ୍ୱୟଂ ମାଧବଙ୍କ ବାଣୀ । ଏତତ୍ ବ୍ୟତୀତ ମନୁଷ୍ୟକୁ କର୍ମ ଅନୁସାରେ ସଂସାରରେ ସମସ୍ତଙ୍କୁ ଆବଶ୍ୟକୀୟ ବିଭାଗ ବଣ୍ଟନ କରାଯାଇଥିଲା ଅଥବା ବୃତ୍ତି କରିବା ପାଇଁ ମାର୍ଗ ଦେଖାଇ ଦିଆଯାଇଥିଲା । ତାହା କୌଣସି ଜାତି କି ଧର୍ମ କୁ ନେଇ ନୁହେଁ, ବରଂ ସମାଜର କଲ୍ୟାଣ ଓ ମଙ୍ଗଳ ପାଇଁ । ଯେମିତି ବ୍ରାହ୍ମଣ କୁ ଦେବା ଦେବୀ ଙ୍କ ସେବା କରିବା ପାଇଁ, ଗୋପାଳ(ଗୌଡ) ଙ୍କୁ ଗୋମାତାଙ୍କ ସେବା କରିବା ପାଇଁ, ନାପିତ ଓ ଧୋବା ଙ୍କୁ ଜନ ସେବା କରିବା ପାଇଁ ଏମିତି ଆହୁରି ଅନେକ କିନ୍ତୁ ତାହା ପରବର୍ତ୍ତୀ କାଳରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଲୋକମାନେ ପୃଥକ୍ ପୃଥକ୍ ହୋଇଗଲେ । ଉଚ୍ଚ ନୀଚ ବାଛ ବିଚାର ମନୋଭାବ ପ୍ରବୃତି ଆସିଲା । ବେଳେବେଳେ ମନରେ ପ୍ରଶ୍ନ ଉଠେ ମୁଁ ନୀଚ ଜାତିର ଲୋକେ କାହିଁକି ହେଲି ? କିନ୍ତୁ ମନୁଷ୍ୟକୁ ସର୍ବଦା ଏହା ମନେ ରଖିବା ଉଚିତ୍ କି କେହି ଉଚ୍ଚ କି କେହି ନୀଚ ଜାତିର ନୁହେଁ ଆମ୍ଭେ ମାନେ ସମସ୍ତେ ଈଶ୍ୱରଙ୍କ ବରଦାନରୁ ସର୍ବଶ୍ରେଷ୍ଠ ପ୍ରାଣୀ ଅଟୁ। ପରମାତ୍ମା ସମସ୍ତ ଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । କେବଳ କର୍ମ ଘେନି ଫଳ ପ୍ରାପ୍ତ

ISSN NO.
2582-208X

ହୋଇଥାଏ ଆମ୍ଭମାନଙ୍କୁ । ଉଦାହରଣ ସ୍ୱରୂପ -:

ଭଗବାନଙ୍କୁ ଦିନେ ଅର୍ଜୁନ ପ୍ରଶ୍ନ କଲେ- ସମସ୍ତଙ୍କର ଶାସ୍ତ୍ର ଜ୍ଞାନ ନଥାଏ । ଅନ୍ୟମାନଙ୍କଠାରୁ ଶୁଣି ଯେଉଁ ବ୍ୟକ୍ତି ଶ୍ରଦ୍ଧାର ସହିତ ଉପାସନା କରନ୍ତି ତାଙ୍କୁ କ'ଣ କୁହାଯିବ- ସାତ୍ତ୍ୱିକ, ରାଜସିକ ଅଥବା ତାମସିକ ? ଏହି ଉତ୍ତର ପାଇଥିଲେ ସେ, ଜନ୍ମସଂସ୍କାର ବା ସାଧନାନୁସାରେ ବ୍ୟକ୍ତି ବିଶେଷର ଶ୍ରଦ୍ଧା ଭିନ୍ନ ହୋଇଥାଏ । ସାତ୍ତ୍ୱିକ ପ୍ରକୃତିର ବ୍ୟକ୍ତିମାନେ ଦେବତାମାନଙ୍କୁ ପୂଜା କରନ୍ତି, ରାଜସିକ ପ୍ରକୃତିର ବ୍ୟକ୍ତିମାନେ ଯକ୍ଷ ରାକ୍ଷସଙ୍କ ପୂଜା କରନ୍ତି ଏବଂ ତାମସିକ ପ୍ରକୃତିର ବ୍ୟକ୍ତିମାନେ ଭୂତପ୍ରେତାଦିର ପୂଜା କରନ୍ତି । ତାମସିକ ବ୍ୟକ୍ତିମାନେ ଦମ୍ଭ ଅହଂକାର ଓ ରାଗାନ୍ୱିତ ହୋଇ ଶରୀରକୁ କଷ୍ଟଦେଇ ନାନା ପ୍ରକାର ତପ ସାଧନା କରିଥାନ୍ତି । କିନ୍ତୁ ସିଦ୍ଧିଲାଭ କରିନପାରି ଦୁଃଖ ଭୋଗ କରିଥାନ୍ତି । ପ୍ରକୃତି ଭେଦରେ ମନୁଷ୍ୟର ପ୍ରିୟ ଆୟୁ, ବଳ, ସ୍ୱାସ୍ଥ୍ୟ, ସୁଖ ଓ ଆନନ୍ଦ ବର୍ଦ୍ଧକ ରସଯୁକ୍ତ, ସ୍ନେହସିକ୍ତ, ସାରବାନ୍ ଖାଦ୍ୟର ପ୍ରିୟ ଅଟନ୍ତି ।

ରାଜସ ପ୍ରକୃତିର ବ୍ୟକ୍ତି ଅତି କଟୁ, ଅତିଖଟା, ଅତି ଲୁଣିଆ, ଅତି ଗରମ, ଅତିତୀକ୍ଷ୍ଣ, ଅତି ରୁକ୍ଷ ଓ ଅତି ବିଦାହୀ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି । ତାମସିକ ବ୍ୟକ୍ତିମାନେ ରସହୀନ ଦୁର୍ଗନ୍ଧ, ବାସି ଅଇଁଠା ଓ ଅମେଧ୍ୟ ପ୍ରଭୃତି ଖାଦ୍ୟ ଖାଇବାକୁ ଭଲ ପାଆନ୍ତି । ସେହିପରି ଯଜ୍ଞ, ଦାନ ଓ ତପ ମଧ୍ୟ ତିନିପ୍ରକାର । ଶାରୀରିକ, ମାନସିକ ଓ ବାଚିକ ଭେଦରେ ତପ ମଧ୍ୟ ତିନି ପ୍ରକାର ହୁଏ। ଓଁ ତତ୍ ସତ୍ -- ଏହି ତିନୋଟି ଶବ୍ଦ ବ୍ରହ୍ମଙ୍କୁ ବୁଝାଏ । ଏଥିରୁ ବ୍ରାହ୍ମଣ, ବେଦ ଓ ଯଜ୍ଞର ସୃଷ୍ଟି । 'ଓଁ ବ୍ରହ୍ମଙ୍କର ଏହି ନାମ ଉଚ୍ଚାରଣ କରି ବ୍ରହ୍ମଜ୍ଞମାନେ ଧର୍ମାନୁଷ୍ଠାନ କରିଥାନ୍ତି। ସେହିଭଳି ମୁକ୍ତିକାମୀମାନେ 'ତତ୍' ଶବ୍ଦ ଉଚ୍ଚାରଣ କରି ନିଷ୍କାମ ଭାବରେ ସମସ୍ତ କର୍ମ କରିଥାନ୍ତି। 'ସତ୍' ଶବ୍ଦ ବ୍ରହ୍ମଙ୍କୁ ବୁଝାଏ । ଏଣୁ ଶୁଭକର୍ମମାନଙ୍କରେ ମଧ୍ୟ ଏହାର ବ୍ୟବହାର ପ୍ରଚଳିତ ଅଛି । ଶ୍ରଦ୍ଧା ବା ଆସ୍ତିକ୍ୟବୁଦ୍ଧି ସମସ୍ତ ଧର୍ମକାର୍ଯ୍ୟର ପ୍ରାଣସ୍ୱରୂପ । ଶ୍ରଦ୍ଧା ସହିତ ଅନୁଷ୍ଠିତ କର୍ମ ମଙ୍ଗଳଦାୟକ ହୋଇଥାଏ । ଅଶ୍ରଦ୍ଧାରେ କରାଯାଉଥିବା ଯଜ୍ଞ, ଦାନ ଓ ତପ ନିଷ୍ଫଳ ହୁଏ । ଅଶ୍ରଦ୍ଧ କର୍ମ ଇହଲୋକ ଓ ପରଲୋକ ଉଭୟରେ ଅସତ୍ ରୂପରେ ପ୍ରତିଷ୍ଠା ଲାଭ କରେ ।

ISSN NO.
2582-208X

ବ୍ରହ୍ମାନନ୍ଦଂ ପରମ ସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟମ୍
ଏକଂ ନିତ୍ୟ ବିମଳମଚଳଂ ସର୍ବଧୀ ସାକ୍ଷୀଭୂତମ୍
ଭାବାତୀତଂ ତ୍ରିଗୁଣରହିତଂ ସଦ୍ ଗୁରୁଂ ତ୍ୱଂ ନମାମି ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଅନ୍ଧ କରି ମୋତେ ଦେରେ କାଳିଆ



ବିଜୟ କୁମାର ସାହୁ

ଅନ୍ଧ କରି ମୋତେ ଦେରେ କାଳିଆ
ଅନ୍ଧ କରି ମୋତେ ଦେ .................
ପାପ ଆଖି ମୋର ନଷ୍ଟ ହୋଇଯାଉ
ନ ଦେଖିବି ଆଉ ମିଛ ଦୁନିଆ
ରେ କାଳିଆ ନ ଦେଖିବି ଆଉ ମିଛ ଦୁନିଆ
ଅନ୍ଧ କରି ମୋତେ ଦେରେ କାଳିଆ
ଅନ୍ଧ କରି ମୋତେ ଦେ .................
ମିଛ ଦୁନିଆର ସପନ ଯେତେ
ବାଉଳା କରୁଛି ମୋତେରେ କାଳିଆ
ବାଉଳା କରୁଛି ମୋତେ
ସପନ ବଣିକ ବେଶ ହୋଇ ପ୍ରଭୁ ୨
ସପନ ଖୋଜୁଛି ସପନ ବଜାରେ
କହରେ କାଳିଆ କହ କିଆଁ ୨
ଅନ୍ଧ କରି ମୋତେ ଦେରେ କାଳିଆ
ଅନ୍ଧ କରି ମୋତେ ଦେ .................
ସୁଖ ଖୋଜୁଥିଲି ମିଛ ଦୁନିଆରେ
କାଚକୁ କାଞ୍ଚନ ଭାବି
ରେ କାଳିଆ କାଚକୁ କାଞ୍ଚନ ଭାବି ୨
ମୃଗତୃଷ୍ଣା ପଛେ ଧାଇଁ ଧାଇଁ ପ୍ରଭୁ
ଶୋଷ ତ ମେଣ୍ଟିଲା ନାହିଁ
ରେ କାଳିଆ ଶୋଷ ତ ମେଣ୍ଟିଲା ନାହିଁ ୨

ISSN NO.
2582-208X

ଅନ୍ଧ କରି ମୋତେ ଦେରେ କାଳିଆ
ଅନ୍ଧ କରି ମୋତେ ଦେ ..................
ଦିନ ପ୍ରତିଦିନ ମରୁଛନ୍ତି ଏଠି
କେତେ ଭଙ୍ଗାଗଢା ଚାଲିଛି ବା ଏଠି
ତଥାପି ପ୍ରଭୁ ହେ ! ସବୁ ଦେଖିକରି ୨
ଆଶା ବୈତରଣୀ ନ ପାରିଲି ପାରି ୨
ମନୋରଥ ମୋ ଗଲା ମଉଳି
ରେ କାଳିଆ ମନୋରଥ ମୋ ଗଲା ମଉଳି
ଅନ୍ଧ କରି ମୋତେ ଦେରେ କାଳିଆ
ଅନ୍ଧ କରି ମୋତେ ଦେ ..................
ଜୀବନର ଦୀପ ଆଉ କେତେ ଦିନ
ଲିଭିବାକୁ ଅଛି କହ ଭଗବାନ ୨
ପାରୁନି ଆଉ ମୁଁ ପଥ ଚାଲିବାକୁ ୨
କିପରି ବା ପ୍ରଭୁ ହେବି ପାର
ରେ କାଳିଆ କିପରି ବା ପ୍ରଭୁ ହୋଇବି ପାର
ଅନ୍ଧ କରି ମୋତେ ଦେରେ କାଳିଆ
ଅନ୍ଧ କରି ମୋତେ ଦେ ..................
କରପତ୍ର ଯୋଡି ତୋତେରେ କାଳିଆ
ମାଗୁଛି କରୁଣା ଟିକେ ୨
ଅନ୍ତିମ ଯାତ୍ରାରେ ତୋ ହାତ ଧରି
ବାହୁଡିବି ମୁକ୍ତିପଥେ
ରେ କାଳିଆ ବାହୁଡିବି ମୁକ୍ତିପଥେ ୨
କହରେ କାଳିଆ ହେବୁନିକି ସାହା ୨
ମରମ ମୋ ଜାଲିଯାଏ
ରେ କାଳିଆ ମରମ ମୋ ଜାଲିଯାଏ
ଅନ୍ଧ କରି ମୋତେ ଦେରେ କାଳିଆ
ଅନ୍ଧ କରି ମୋତେ ଦେ ..................

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO.
2582-208X

# ମୋ ଗାଁରେ ଶୀତ



ପ୍ରଶାନ୍ତ କୁମାର ନାଥ

ମୋ ଗାଆଁରେ ଶୀତ ହସେ ମିଠା ହସ
ସୋରିଷ ଫୁଲର ଦେହେ
ଉତ୍ତରା ପବନ ଦେହକୁ ଥରାଇ
ଅଳପ ଗଳପ କହେ ।

ଫୁଲେଇ ଗେଣ୍ଡୁର ସଜ ଫୁଟା ହସ
ଶୀତରେ ସେ ଗୀତ ଗାଏ
ଶରଧାରେ ସ୍ନାନ କରେ କାକରରେ
ଦେହ ମନ ଭିଜୁଥାଏ ।

କେତେ ମିଠା ଜହ୍ନ ଲାଗେ ଶୂନ୍ ଶାନ୍
କୁହୁଡ଼ି କାକର ଝରେ
ମୋ ଗାଆଁ ମୁଣ୍ଡରୁ ଗାଆଁ ଦାଣ୍ଡ ଯାଏ
ଶୀତ ତା ରୂପକୁ ଧରେ ।

ମୋ ଗାଆଁରେ ଶୀତ ଡରେ ନାହିଁ କେବେ
ନିର୍ଭୟରେ ପଶି ଆସେ
ଦୁଇ ଧାରେ ନଦୀ କୂଳକୁ ସେ ହସି
ସକାଳ ସଂନ୍ଧ୍ୟାରେ ବସେ ।

ମୋ ଗାଆଁରେ ଶୀତ କେତେ ମନୋହର
ଦୁଇ ପ୍ରହରର ବେଳେ
କଅଁଳ ଖରାରେ ଖରା ପୁଉଁଥିଲେ
ଦେହକୁ ଆରାମ ମିଳେ ।

ମୋ ଗାଆଁରେ ଶୀତ ସବୁଠୁ ଶରସ
କନ୍ଥା କମ୍ବଳର ବେଶେ
ଘରେ ଘରେ ନିଆଁ ଉହ୍ଲେଇଁ ରୋଷଣୀ
ଉଷୁମ ପରଶ ହସେ । ।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଭବାନୀ ଅଷ୍ଟକମ୍



ଜୟନ୍ତୀ ଦେବୀ

ନ ତାତୋ ନ ମାତା ନ ବଂଧୁର୍ନ ଦାତା
ନ ପୁତ୍ରୋ ନ ପୁତ୍ରୀ ନ ଭୃତ୍ୟୋ ନ ଭର୍ତା
ନ ଜାୟା ନ ବିଦ୍ୟା ନ ବୃତ୍ତିର୍ମମୈବ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ‖ 1 ‖

ଭବାବ୍ଧିବପାରେ ମହାଦୁଃଖଭୀରୁ
ପପାତ ପ୍ରକାମୀ ପ୍ରଲୋଭୀ ପ୍ରମତ୍ତଃ
କୁସଂସାରପାଶପ୍ରବଦ୍ଧଃ ସଦାହଂ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ‖ 2 ‖

ନ ଜାନାମି ଦାନଂ ନ ଚ ଧ୍ୟାନୟୋଗଂ
ନ ଜାନାମି ତଂତ୍ରଂ ନ ଚ ସ୍ତୋତ୍ରମଂତ୍ରମ୍
ନ ଜାନାମି ପୂଜାଂ ନ ଚ ନ୍ୟାସୟୋଗଂ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ‖ 3 ‖

ନ ଜାନାମି ପୁଣ୍ୟଂ ନ ଜାନାମି ତୀର୍ଥଂ
ନ ଜାନାମି ମୁକ୍ତିଂ ଲୟଂ ବା କଦାଚିତ୍

ISSN NO.
2582-208X

ନ ଜାନାମି ଭକ୍ତିଂ ବ୍ରତଂ ବାପି ମାତଃ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ॥ 4 ॥

କୁକର୍ମୀ କୁସଂଗୀ କୁବୁଦ୍ଧିଃ କୁଦାସଃ
କୁଲାଚାରହୀନଃ କଦାଚାରଲୀନଃ
କୁଦୃଷ୍ଟିଃ କୁବାକ୍ୟପ୍ରବଂଧଃ ସଦାହଂ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ॥ 5 ॥

ପ୍ରଜେଶଂ ରମେଶଂ ମହେଶଂ ସୁରେଶଂ
ଦିନେଶଂ ନିଶୀଥେଶ୍ୱରଂ ବା କଦାଚିତ୍
ନ ଜାନାମି ଚାନ୍ୟତ୍ ସଦାହଂ ଶରଣ୍ୟେ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ॥ 6 ॥

ବିବାଦେ ବିଷାଦେ ପ୍ରମାଦେ ପ୍ରବାସେ
ଜଲେ ଚାନଲେ ପର୍ବତେ ଶତ୍ରୁମଧ୍ୟେ
ଅରଣ୍ୟେ ଶରଣ୍ୟେ ସଦା ମାଂ ପ୍ରପାହି
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ॥ 7 ॥

ଅନାଥୋ ଦରିଦ୍ରୋ ଜରାରୋଗଯୁକ୍ତୋ
ମହାକ୍ଷୀଣଦୀନଃ ସଦା ଜାଡ୍ୟବକ୍ତ୍ରଃ
ବିପତ୍ତୌ ପ୍ରବିଷ୍ଟଃ ପ୍ରନଷ୍ଟଃ ସଦାହଂ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ॥ 8 ॥

॥ ଇତି ଶ୍ରୀମଦାଦିଶଂକରାଚାର୍ଯ୍ୟବିରଚିତଂ ଭବାନ୍ୟଷ୍ଟକଂ ସଂପୂର୍ଣମ୍

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଯୁଗେ ଯୁଗେ ଦେବଶିଳ୍ପୀ- ବିଶ୍ୱକର୍ମା

ଭାଗ୍ୟଶ୍ରୀ ନନ୍ଦ

"ଦେବଶିଳ୍ପୀ ମହାଭାଗ
ଦେବାନାଂ କାର୍ଯ୍ୟସାଧକ ।
ବିଶ୍ୱକର୍ମନ୍ନମସ୍ତୁଭ୍ୟ
ସର୍ବାଭିଷ୍ଟ ପ୍ରଦାୟକ ॥"

ହେ ଦେବଶିଳ୍ପୀ, ମହାଭାଗ ଦେବତାମାନଙ୍କର କାରୁକାର୍ଯ୍ୟ ସାଧକ, ସର୍ବାଭିଷ୍ଟ ପ୍ରଦାନକାରୀ ହେ ବିଶ୍ୱକର୍ମନ୍, ତୁମକୁ ନମସ୍କାର ।

ବିଶ୍ୱକର୍ମା ବୈଦିକ ଓ ପୌରାଣିକ ଦେବତା । ବିଶ୍ୱକର୍ମାଙ୍କୁ ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତ୍ତା ବୋଲି ମଧ୍ୟ କୁହାଯାଏ। ବେଦର ସେହି ବିଶ୍ୱସ୍ରଷ୍ଟା ପୁରାଣର ସେହି ବିଶ୍ୱକର୍ମାଙ୍କୁ ସାଧାରଣତଃ ଆମେ ଦେବଶିଳ୍ପୀ ଭୂମିକାରେ ଦେଖିବାକୁ ପାଉ। 'କର୍ତ୍ତାଶିଳ୍ପ-ସହସ୍ରାଣମ୍' ସହସ୍ର ସହସ୍ର ଶିଳ୍ପର ସେ ଅଧିକର୍ତ୍ତା । ସେ 'ଦେବାନାଂ କାର୍ଯ୍ୟସାଧକଃ' – ଦେବତା ମାନଙ୍କର ଶିଳ୍ପ କାର୍ଯ୍ୟ ସାଧକ ।

ବିଶ୍ୱକର୍ମାଙ୍କ ଜନ୍ମ ସମ୍ବନ୍ଧରେ ବିଭିନ୍ନ ପୁରାଣ ଭିନ୍ନଭିନ୍ନ ମତଦିଅନ୍ତି । ପୁରାଣମତେ ସେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରେ ଯୋଗସିଦ୍ଧାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ। ବ୍ରହ୍ମବୈବର୍ତ୍ତ ପୁରାଣ କହେ ଯେ ,ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତ୍ତା । ବ୍ରହ୍ମାଙ୍କ ନାଭିଦେଶରୁ ବିଶ୍ୱକର୍ମାଙ୍କ ଜନ୍ମ । ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ ମଧ୍ୟ କଳ୍ପନାକରି ପୂଜା କରାଯାଏ । ବିଶ୍ୱକର୍ମା ରୂପକ ବ୍ରହ୍ମା ପ୍ରାଣୀ ଜଗତ ସୃଷ୍ଟି ପାଇଁ ୮୪ ଲକ୍ଷ ଯୋନି ଉତ୍ପନ୍ନ କରିଥିଲେ। ମାତ୍ର ବେଦରେ ବିଶ୍ୱକର୍ମାଙ୍କୁ ଅଜାତ ପୁରୁଷ ବା ସନାତନ ପୁରୁଷରୂପେ ବର୍ଣ୍ଣନା କରିଛି । ପ୍ରାଚୀନ ଗ୍ରନ୍ଥ, ଉପନିଷଦ, ବେଦ ଏବଂ ପୁରାଣ ଆଦି ଅବଲୋକନ କଲେ ଜଣାପଡ଼େ ଯେ, ବିଶ୍ୱକର୍ମା

ISSN NO.
2582-208X

ହେଉଛନ୍ତି ଶ୍ରେଷ୍ଠ ଶିଳ୍ପୀ ।ଆଦିକାଳରେ ବିଶ୍ୱକର୍ମା ତାଙ୍କର ବିଶିଷ୍ଟ ଶିଳ୍ପ, ଜ୍ଞାନ ଏବଂ ବିଜ୍ଞାନ ଗୁଣଯୋଗୁଁ ଦେବତା ଓ ମାନବ ଦ୍ୱାରା ପୂଜିତ ।

ଆମ ଧର୍ମଶାସ୍ତ୍ରୋ ତଥା ଗ୍ରନ୍ଥୋରେ ବିଶ୍ୱକର୍ମାଙ୍କ ପାଞ୍ଚ ସ୍ୱରୂପ ଅବା ଅବତାରର ବର୍ଣ୍ଣନାରହିଛି । ଯାହା ହେଉଛି ,ବିରାଟ ବିଶ୍ୱକର୍ମା- ସୃଷ୍ଟି ରଚେତା,

ଧର୍ମବଂଶୀ ବିଶ୍ୱକର୍ମା-ମହାନ ଶିଳ୍ପ ବିଜ୍ଞାନ ବିଧାତା ପ୍ରଭାତ ପୁତ୍ର ,

ଅଗ୍ନିବଂଶୀ ବିଶ୍ୱକର୍ମା-ଆଦି ବିଜ୍ଞାନ ବିଧାତା ବସୁ ପୁତ୍ର ,

ସୁଧନ୍ୱା ବିଶ୍ୱକର୍ମା-ମହାନ ଶିଳ୍ପଚାର୍ଯ୍ୟ ବିଜ୍ଞାନ ଜନ୍ମଦାତା ଋଷି ଅଥବୀଙ୍କ ପୁତ୍ର,

ଭୃଗୁବଂଶୀ ବିଶ୍ୱକର୍ମା- ଉତ୍କୃଷ୍ଟ ଶିଳ୍ପ ବିଜ୍ଞାନଚାର୍ଯ୍ୟ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର ।

ସ୍କନ୍ଦପୁରାଣ ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚମୁଖ । ଯାହାକି ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଋଷିଙ୍କ ମନ୍ତ୍ର ଦ୍ୱାରା ଉତ୍ପନ୍ନ ହୋଇଛି । ତାଙ୍କର ନାମ ହେଉଛି ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ । ଏମାନଙ୍କୁ ମଧ୍ୟ ପାଞ୍ଚପୁତ୍ର ବୋଲି ମଧ୍ୟ କୁହାଯାଏ ।

•ଋଷି ମନୁ ବିଶ୍ୱକର୍ମା -ତାଙ୍କର ଗୋତ୍ର ସାନଗ ବୋଲି କୁହାଯାଏ।ଏମାନେ ଲୁହା କାମର କାରିଗର ଅଟନ୍ତି । ଏମାନଙ୍କ ବଂଶଜ ଲୋହକାର ।

•ସନାତନ ଋଷି ମୟ - ଏମାନେ ହେଲେ ସନାତନ ଗୋତ୍ରର । ଯେଉଁମାନେ ବଢେଇ କାମର କାରିଗରୀ ସୃଷ୍ଟି କରିଥିଲେ । ଏମାନଙ୍କ ବଂଶଜଙ୍କୁ କାଷ୍ଠକାର ।

•ଅହଭୁନ ଋଷି ତ୍ୱଷ୍ଟା - ଏମାନଙ୍କ ଗୋତ୍ର ଅହଂଭନ । ଯେଉଁମାନଙ୍କ ବଂଶଜଙ୍କୁ ତାମ୍ରକ ରୂପେ ମନାଯାଏ। ଏମାନେ ତମ୍ବାର କାରିଗରୀ ।

•ପ୍ରୟତ୍ର ଋଷି ଶିଳ୍ପୀ - ଏମାନଙ୍କ ଅନ୍ୟ ନାମ ଶିଳ୍ପୀ, ଗୋତ୍ର ପ୍ରୟତ୍ର। ଯେଉଁମାନେ ଶିଳ୍ପକଳାର ଅଧିଷ୍ଠାତା ଅଟନ୍ତି । ଏମାନଙ୍କ ବଂଶଜଙ୍କୁ ମୂର୍ତ୍ତିକାର ବୋଲି କୁହାଯାଏ

•ଦେବଜ୍ଞ ଋଷି-ଏମାନଙ୍କ ଗୋତ୍ର ସୁର୍ପଣ । ଏମାନଙ୍କ ବଂଶଜ ହେଲେ ସ୍ୱର୍ଣ୍ଣକାର।

ISSN NO.
2582-208X

ବ୍ରହ୍ମବୈବର୍ତ୍ତ ପୁରାଣରେ ବିଶ୍ୱକର୍ମାଙ୍କ ବଂଶାନୁଚରିତ ବିବର୍ଣ୍ଣିତ ।ଉକ୍ତ ପୁରାଣରୁ ଜଣାଯାଏ ଯେ, ଘୃତାଚୀ ସ୍ୱର୍ଗବେଶ୍ୟା ହିଁ ବିଶ୍ୱକର୍ମାଙ୍କ ପତ୍ନୀ ଥିଲେ । 'ଅମର କୋଷ' ବର୍ଣ୍ଣନା ଅନୁସାରେ ସ୍ୱର୍ଗ ବେଶ୍ୟାମାନଙ୍କ ମଧ୍ୟରେ ଘୃତାଚୀ ଅନ୍ୟତମ ଥିଲେ ।

"ଘୃତାଚୀ ମେନକା ରମ୍ଭା
ଉର୍ବଶୀ ଚ ତିଲୋତମା"

ସୁକେଶୀ ମଞ୍ଜୁଘୋଷାଦ୍ୟା କଥ୍ୟନ୍ତେଦ୍ଦସ୍ୱରସୋ ବୁଧୈଃ ।" ବିଶ୍ୱକର୍ମା ଓ ଘୃତାଚୀ ଉଭୟ ଶାପଗ୍ରସ୍ତ ହୋଇ ଧରାଧାମରେ ଜନ୍ମ ଗ୍ରହଣ କରିଥିଲେ। ବିଶ୍ୱକର୍ମାଙ୍କ ଔରସରେ, ଦେବନର୍ତ୍ତକୀ ଘୃତାଚୀଙ୍କ ଗର୍ଭରୁ ଏହି ଶିଳ୍ପୀ ସଂପ୍ରଦାୟ ଜନ୍ମ ଗ୍ରହଣ କରିଥିଲେ। ଯେଉଁମାନେ ହେଲେ ମାଳାକାର, କର୍ମକାର, କାଂସ୍ୟକାର, ଶଙ୍ଖାକାର, ସୂତ୍ରଧର, କୁମ୍ଭକାର, ସ୍ୱର୍ଣ୍ଣକାର, ଚିତ୍ରକାର ପ୍ରଭୃତି । ଋଷି ଋତୁଧ୍ୱଜଙ୍କ ଠାରୁ ବର ଲାଭକରି ବିଶ୍ୱକର୍ମା, ଘୃତାଚୀଙ୍କ ଔରସରୁ 'ନଳ''ଙ୍କୁ ଜନ୍ମକରି ଶାପମୁକ୍ତ ହୋଇଥିଲେ । ବାନର ସେନାପତି ନଳ ଯେଉଁ ପଥରକୁ ସ୍ପର୍ଶ କରୁଥିଲେ ତାହା ପାଣିରେ ଭାସୁଥିଲା । ନଳଙ୍କ ସ୍ପର୍ଶରେ ଭାଷମାନ ପଥରଦ୍ୱାରା ରାମଚନ୍ଦ୍ର ସମୁଦ୍ରରେ ସେତୁବନ୍ଧ ବନ୍ଧାଇ ଲଙ୍କାଗଡ଼ରେ ପଂହଁଚିଥିଲେ ।

ବିଶ୍ୱକର୍ମା କେବଳ ନିଜେ ଶିଳ୍ପୀ ନୁହନ୍ତି, ସେ ଶିଳ୍ପୀ-ସମାଜର ସ୍ରଷ୍ଟା ବା ଜନ୍ମଦାତା।ପୁରାଣରେ ବିଶ୍ୱକର୍ମା ବିମାନ ନିର୍ମାତା,କାରୁକାର ଓ ଚିତ୍ରଶିଳ୍ପକାରକ। ସେ ଅଳଙ୍କାର ଓ ଭୂଷଣ ପ୍ରସ୍ତୁତକାରକ ଅଟନ୍ତି। କୁଞ୍ଜର ପର୍ବତରେ ଅବସ୍ଥିତ ଅଗସ୍ତ୍ୟଙ୍କ ଭବନ, କୁବେରଙ୍କ ଅଳକାପୁରୀ, ରାବଣର ସ୍ୱର୍ଣ୍ଣଲଙ୍କା, ଯଦୁପତି ଶ୍ରୀକୃଷ୍ଣଙ୍କର ସୁରକ୍ଷିତ ସୁରମ୍ୟ ଓ ସୁବ୍ୟବସ୍ଥିତ ରାଜଧାନୀ ଦ୍ୱାରକା ବିଶ୍ୱକର୍ମାଙ୍କ ବାସ୍ତୁବିଦ୍ୟା ଓ ନଗର ପରିକଳ୍ପନା ବିଷୟକ ଜ୍ଞାନର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ମତ୍ସ୍ୟପୁରାଣରେ ଉଲ୍ଲେଖ ଅଛି ଯେ, କୂପ ଓ ତଡ଼ାଗାଦି ଖନନ, ପ୍ରତିମାଦି ଗଠନ, ଗୃହ ଓ ଉଦ୍ୟାନର ପରିକଳ୍ପନା ସମସ୍ତ ଶିଳ୍ପର ଉଦ୍ଭାବକ ଓ କାର୍ଯ୍ୟକାରକ ବିଶ୍ୱକର୍ମା । ଦେବତାମାନଙ୍କ ପାଇଁ ନୂଆନୂଆ ମାରଣାସ୍ତ୍ର ବିଶ୍ୱକର୍ମା ପ୍ରସ୍ତୁତ କରିଛନ୍ତି । ଯେଉଁ ପ୍ରସିଦ୍ଧ ଧନୁ ସାହାଯ୍ୟରେ ଶଙ୍କର ତ୍ରିପୁରାସୁରକୁ ସଂହାର କରିଥିଲେ, ଯେଉଁ ଆୟତଧନୁର ଅମିତ ବିକ୍ରମରେ ପରଶୁରାମ ଏକୋଇଶଥର ପୃଥିବୀ ନିଃକ୍ଷେତ୍ରିୟ କରିଥିଲେ, ସେହି ଦୁଇଟି ଧନୁ ବିଶ୍ୱକର୍ମାଙ୍କ ଅସ୍ତ୍ର ନିର୍ମାଣ କାରଖାନାରେ ନିର୍ମାଣ

ISSN NO.
2582-208X

ହୋଇଥିଲା। କୁହାଯାଏ ଯେ, ସ୍ୱୟଂ ବିଶ୍ୱକର୍ମା ସୂର୍ଯ୍ୟଙ୍କୁ ମାପିକରି ଦୂରରେ ରଖିଛନ୍ତି, ଯଦ୍ୱାରା ସୂର୍ଯ୍ୟଙ୍କ ଉତ୍ତପ୍ତ କିରଣରେ ପୃଥିବୀ ଯେପରି ଧ୍ୱଂସ ହୋଇନଯାଏ । ସ୍କନ୍ଦପୁରାଣ ବର୍ଣ୍ଣନା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ବିଗ୍ରହ ଆଦି ସ୍ୱୟଂ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ । ଲକ୍ଷ୍ମୀ ପୁରାଣରୁ ମଧ୍ୟ ଜଣାଯାଏ ଯେ ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର । ଶ୍ରୀୟାଚଣ୍ଡାଲୁଣୀ ଘରକୁ ଜଗତ ଜନନୀ ମା' ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରରୁ ବାହାର କରିଦେଲେ ସେତେବେଳେ ମାଆ ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ଘର ନିର୍ମାଣ ପାଇଁ । ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ପାଇଁ ବୈକୁଣ୍ଠ ସମାନ ନଗର ନିର୍ମାଣ କରିଥିଲେ। ଭାଗବତ ରୁ ଜଣାଯାଏ ଯେ, ଯେବେ ସୁଦାମା ହାତରେ ଖୁଦଭଜା ନେଇ ପ୍ରିୟ ସଖା ଶ୍ରୀକୃଷ୍ଣଙ୍କୁ ଭେଟିବାକୁ ଯାଇଥିଲେ, ବନ୍ଧୁର ମନକଥା ବୁଝିପାରି ଶ୍ରୀକୃଷ୍ଣ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ, ସୁଦାମା ପାଇଁ ପ୍ରସାଦ ନିର୍ମାଣ କରି ଧନଧାନ୍ୟ ଗୋପଲକ୍ଷ୍ମୀରେ ଭରି ଦେବାପାଇଁ। ଦେବାଦେବୀଙ୍କ ବ୍ୟବାହାର୍ଯ୍ୟ ବସ୍ତୁ ଭଗବାନ ବିଶ୍ୱକର୍ମା ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ପାଣ୍ଡବପୁରୀ, ଇନ୍ଦ୍ରପ୍ରସ୍ଥ, ସୁଦାମାପୁରୀ, ଶିବମଣ୍ଡଳପୁରୀ ଆଦି ନିର୍ମାଣ କରିଥିଲେ । ପୁଷ୍ପକ ବିମାନ ନିର୍ମାଣ ତଥା ସମସ୍ତ ଦେବୀଙ୍କ ଭବନ ଏବଂ ସେମାନଙ୍କ ଦୈନିକ ଉପଯୋଗୀ ବସ୍ତୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲେ । କର୍ଣ୍ଣଙ୍କ କୁଣ୍ଡଳ, ବିଷ୍ଣୁ ଭଗବାନଙ୍କ ସୁଦର୍ଶନ ଚକ୍ର, ଶଙ୍କର ଭଗବାନଙ୍କ ତ୍ରିଶୂଳ ଓ ଯମରାଜଙ୍କ କାଳଦଣ୍ଡ ଇତ୍ୟାଦି ମଧ୍ୟ ନିର୍ମାଣ କରିଥିଲେ । ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ ।

ଭାଷ୍ୟକାର ଯାସ୍କ କହିଛନ୍ତି ବିଶ୍ୱକର୍ମା ସର୍ବସ୍ୱ କର୍ତ୍ତା । ଶୁକ୍ଳ ଯଜୁର୍ବେଦ ବିଶ୍ୱକର୍ମାଙ୍କୁ ଦକ୍ଷିଣା ବୋଲି କହିଛି । ଦକ୍ଷିଣ ଶବ୍ଦର ଅର୍ଥ ପ୍ରସନ୍ନ । ଋଷି ବିଶ୍ୱସ୍ରଷ୍ଟା ବିଶ୍ୱକର୍ମାଙ୍କ ପ୍ରସନ୍ନତା କାମନା କରିଛନ୍ତି । ଆଚାର୍ଯ୍ୟ ମହୀଧର କହିଛନ୍ତି ଦକ୍ଷିଣ ବିଶ୍ୱକର୍ମା ବାୟୁ - "ବିଶ୍ୱ କରୋତି ସର୍ବଂ ସୃଜୟନ୍ତୀ ବିଶ୍ୱକର୍ମା ବାୟୁରୟଂ ଦକ୍ଷିଣା, ଦକ୍ଷିଣସ୍ୟା ଦିଶି ଆର୍ଯ୍ୟାବର୍ତ୍ତାତ ଭୁୟୋ ବାତି ।" ବୃହଦେବଙ୍କ ମତରେ ବିଶ୍ୱକର୍ମା ବର୍ଷାକାଳୀନ ସୂର୍ଯ୍ୟ । ତାଙ୍କ ମତରେ ଗ୍ରୀଷ୍ମମାସ ଅତିକ୍ରାନ୍ତ ହେଲେ ଯାହାଙ୍କ ବ୍ୟତୀତ ପୃଥିବୀ ରହିପାରେନା, ଯିଏ ବିଶ୍ୱର କର୍ମ (କୃଷିକର୍ମ) ସୃଷ୍ଟି କରନ୍ତି ତାଙ୍କୁ ବିଶ୍ୱକର୍ମା କୁହାଯାଏ । "ବିଶ୍ୱ କର୍ମେଷ ତେନ ଶଃ'।

ISSN NO.
2582-208X

ସେଥିପାଇଁ ବର୍ଷା ଗମନେ ଭାଦ୍ରବ ସଂକ୍ରାନ୍ତିରେ ବିଶ୍ୱକର୍ମାଙ୍କ ପୂଜା ହୁଏ । ସେ ବର୍ଷାର ଦେବତା ଇନ୍ଦ୍ର ହୋଇଥିବାରୁ ତାଙ୍କର ବାହନ ହସ୍ତୀ ।

ଗଣେଷ ପୂଜାର ଅବ୍ୟବହିତ ପରେ ବା ପୂର୍ବରୁ, ଭାଦ୍ରବ ମାସ, କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମାଙ୍କ ଚତୁର୍ଭୁଜ ମୂର୍ତ୍ତି ପୂଜା ପାଳନ କରାଯାଏ । ଅତୀତରେ ଏ ମୂର୍ତ୍ତିପୂଜାର ପ୍ରଚଳନ ନଥିଲା, ତେଣୁ ଘଟପୂଜା ହେଉଥିଲା । ତାଛଡା କେତେକ ସ୍ଥାନରେ ଶାଳଗ୍ରାମକୁ ପୂଜା ମଧ୍ୟ କରାଯାଉଥିଲା । ଓଡ଼ିଶାର ସର୍ବତ୍ର ପ୍ରତ୍ୟେକ ଶିଳ୍ପ ପ୍ରଧାନ ଅଞ୍ଚଳରେ ଭଗବାନଙ୍କର ଚତୁର୍ଭୁଜ ମୂର୍ତ୍ତି ପୂଜା ପାଇଥାଏ । ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ କେଉଁ କେଉଁ ସ୍ଥାନରେ ମାର୍ତ୍ତୁଲ ବା ନିକିତି । ଦକ୍ଷିଣ ଉପର ହାତରେ ଚନ୍ଦ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଠାଣି ଦୃଷ୍ଟିଗୋଚର ହୁଏ । ବିଶ୍ୱକର୍ମାଙ୍କ ବର୍ଣ୍ଣ ଗୌରବର୍ଣ୍ଣ । ଭଗବାନ ବିଶ୍ୱକର୍ମାଙ୍କ ବାହନ କେତେକ ସ୍ଥଳରେ ହାତୀ ପୁଣି କେତେକ ସ୍ଥାନରେ ହଂସ । ଶିଳ୍ପପ୍ରଧାନ ଅଞ୍ଚଳ ଯଥା ନାଲକୋନଗର, ହୀରାକୁଦ, ପାରାଦ୍ୱୀପ ଓ ରାଉରକେଲା ଆଦି ସହର ତଥା ଓଡ଼ିଶାର ସର୍ବତ୍ର ପ୍ରତ୍ୟେକ ଶିଳ୍ପାନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ମୃଣ୍ମୟ ମୂର୍ତ୍ତି ପୂଜା କରାଯାଏ। ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳୀର ନିଦର୍ଶନ ସ୍ୱରୂପ ପ୍ରତ୍ୟେକ ବର୍ଷ ଏଇ ଉତ୍ସବ ପାଳନ କରାଯାଇଥାଏ ।

ଭି ଏସ ଏସ ନଗର
ମୋ - ୯୪୩୭୭୬୩୪୯୧

ISSN NO.
2582-208X

# ରାବଣ ଅଟେ ମୋ ନାମ



ଜୟନ୍ତ କୁମାର ମଲ୍ଲିକ୍

ରାବଣ ଅଟେ ମୋ ନାମ
ମୁଁ ଯେ ଲଙ୍କପତି
ତ୍ରିପୁର ବିଜୟୀ ବୀର
ମୁଁ ଯେ ମୁଢ଼ମତି ।
ବିଶ୍ରବା ଋଷି ମୋ ପିତା
କୈକେଶୀ ମୋ ମାତା
କୁମ୍ଭକର୍ଣ୍ଣ, ବିଭୀଷଣ
ଅଟନ୍ତି ମୋ ଭ୍ରାତା ॥
ରୂପବତୀ ମନ୍ଦୋଦରୀ
ଅଟେ ମହାରାଣୀ
ଶୂର୍ପଣଖା ମୋ ଭଉଣୀ
ଅଜବ ତା'ଠାଣି ।
ପାଞ୍ଚପୁତ୍ର ଏକ କନ୍ୟା
ମୋ ଔରସୁ ଜାତ
ଅଛି ମୋର ଦଶ ମୁଣ୍ଡ
କୋଡ଼ିଏଟି ହାତ ॥
ଦେବୀ ଲଙ୍କେଶ୍ୱରୀ ଠାରେ
ରଖି ମୁଁ ଭକତି
ହୋଇଛି ବିକ୍ରମ ଶାଳୀ
ଲଭିଛି ଶକତି ।

ISSN NO.
2582-208X

ଜାଣି ଜାଣି କରିଥିଲି
ଜାନକୀ ହରଣ
ରାମଙ୍କ ହାତରେ ଯେଣୁ
ଲେଖା ମୋ ମରଣ ।
ବାଧା ଦେବାରୁ ଜଟାୟୁ
ଡେଣା ଦେଲି କାଟି
ରକତରେ ଭିଜିଥିଲା
ସେକାଳେ ଯେ ମାଟି ।
ଥିଲି ଶ୍ରେଷ୍ଠ ଶିବ ଭକ୍ତ
ଶାସ୍ତ୍ରରେ ନିପୁଣ
ମନ୍ଦଗୁଣ ସାଥେ କିଛି
ଥିଲା ଭଲଗୁଣ ।
ଦେବତାମାନେ ମୋହର
ଥିଲେ ସେବାକାରୀ
ଥିଲି ଗର୍ବୀ ଅହଙ୍କାରୀ
କ୍ରୋଧୀ ଅତ୍ୟାଚାରୀ ।
ନଷ୍ଟ କରିଥିଲି ମୁଁ ଯେ
ନିଜ ପରିବାର
ନଥିଲା କାହାରି ହାତେ
କିଛି କରିବାର ।
ପ୍ରଭୁ ଶ୍ରୀରାମଙ୍କ ଶରେ
ଗଲା ମୋ ପରାଣ
ଅସୁର ଜନମୁ ମୁଁ ତ
ହେଲି ପରିତ୍ରାଣ ।

ଶୂରଡିହ ,ଦଶରଥପୁର , ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# ହେରାପଞ୍ଚମୀ



ହ୍ରିପତି ପ୍ରଧାନ

ବଡ଼ କପଟିଆ କାଳିଆ
କପଟକୁ ଆଚରି
ନେଲ ନାହିଁ ମାତା କମଳା
କାଳେ ଯିବଟି ହାରି (1)

ପଦ୍ମାଳୟା ସାଥେ ରହିଲେ
ମାଉଁସୀ ମା ବ୍ୟଞ୍ଜନ
ପାଇବନି କାଳେ ଭାବିଲ
ଦଗା ଦିଆ ମୋହନ (2)

ଶଙ୍କା ରହିଥିଲା ତୋ ମନେ
ହାତ ରାନ୍ଧଣା ଲକ୍ଷ୍ମୀ
ଭୁଞ୍ଜିଣ ଗୁଣ୍ଡିଚା କହିବେ
କିଛି ଦିନ ରହୁଟି (3)

ତୋ ଠାରୁ ସେନେହ ଅଧିକ
ପଦ୍ମା ପାଇବେ ବୋଲି
ଛାଡି ଚାଲିଗଲ ମାତାଙ୍କୁ
କପଟିଆ ମୂରଲୀ (4)

ତ୍ରେତୟାରେ ରାମ ରୂପରେ
ବନେ ସାଥେ ନେଇଛ
ଦୈତ୍ୟଙ୍କୁ ବିନାଶି ମହୀରେ
ପାପ ଭାରା ନାଶିଛ (5)

ସୀତାଙ୍କ ହରଣ ରାବଣ
-ମରଣଟି ହୋଇଲା
ନାମ ନେବେ କାଳେ ଇନ୍ଦିରା
ମନେ ଦକ ରହିଲା (6)

ଦ୍ୱାପରେ ରାଧିକା ତୁମରି
ପ୍ରେମେ ହୋଇଣ ବାଇ
ତୁମ ନାମ ଆଗୁ ଭକତ
ରାଧେକୃଷ୍ଣ ଭଜଇ (7)

ନୀଳ କନ୍ଦେ ବିଶ୍ୱ ଭକତ
ତବ ଦର୍ଶନ ସାରି
ଚାହିଁ ରହିଥାନ୍ତି ଅଭଡ଼ା
ସିନ୍ଧୁସୁତା ତିଆରି (8)

ISSN NO.
2582-208X

ଆନନ୍ଦ ବଜାରେ ବସିଣ
ଜାତି ଭେଦକୁ ଭୁଲି
ପ୍ରସାଦ ସାଉଁଟି ଖାଆନ୍ତି
ହେଜ ସଖାପାଞ୍ଚାଳୀ (୨)
ତ୍ରେତୟା ଅସତୀ ଦ୍ୱାପରେ
ପ୍ରେମ ବାୟାଣୀ କରି
ତଡି, ଛାଡି ଚାଲି ଯାଇଛ
ମନ ଯାଇନି ପୁରି (10)
ତବ ଇଛା ବିନା ଘଟଣା
ଘଟିବ କି? ବିଶ୍ୱରେ
ନାଟକୁ ଲଗାଇ ନାଟୁଆ
ନାଚୁ ଥେଇ ଥେଇରେ (11)
ଲୋକମାତା ଖ୍ୟାତ ପୂଜିତା
ସହି ପାରିଲ ନାହିଁ
ଯାନ ଭଙ୍ଗା ହେରା ପଞ୍ଚମୀ
ରଚି ଅଛ ଗୋସାଇଁ (12)
ତୁମ ମନ ବାଞ୍ଛା ପୂରଣ
କରିବାରେ ମା ରମା
ଯାନ ଭାଙ୍ଗି କଳି ହୁଡ଼ିକୁ
ବୋହି ଭାବି ସୁଷମା (13)
ମୁଁ ଅଧମ କାହୁଁ ଜାଣିବି
ତବ କୃତ ମହିମା
କର ଯୋଡି କରେ ଗୁହାରି
ପାପ କର ହେ କ୍ଷମା (14)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ପ୍ରିୟା ଗୋ ତୁମେ



ଜନ୍ମଜୟ ନାୟକ

ପ୍ରିୟା ଗୋ ତୁମେ ପାଗଳ କରିପାର
ପାଉଁଜି ରୁଣୁଝୁଣୁ ରେ,
ଯୋଜନ ଯୋଜନ ଦୂରୁ ସେ ଶବଦ
ଭାସି ଆସେ ପବନରେ।
ମୁଁ ଅନ୍ୟମନସ୍କ ହୁଏ,
ପାହାନ୍ତିଆ ସପନର ନାୟିକାକୁ
ପାଇବାକୁ ଝୁରୁଥାଏ।

ପ୍ରିୟା ଗୋ ତୁମ ହସ ଫିକା ଜୀବନେ
ଖୁସିର ରଙ୍ଗ ଭରଇ,
ଛାଡିଯିବନି କେବେ ହାତ ମୋହର
ଲୁହ ଉପହାର ଦେଇ।
ସାଜି ହୃଦୟ ସ୍ପନ୍ଦନ
ଶେଷନିଃଶ୍ୱାସ ଯାଏ ସାଥିରେ ଥାଅ
ତୁମକୁ ମୋ ରାଣ।

ପ୍ରିୟା ଗୋ ତୁମ ହଳଦୀମଖା ଦେହ
ମୋ ଠୁଁ ମୋତେ କରେ ଚୋରି,

ISSN NO.
2582-208X

ଯେତେ ଥର ଦେଖେ ଫେରେନି ନଜର
ସତେ ସରଗ ଅପ୍ସରୀ ।
ଚେହେରାର ଝଲକରେ
ଭିଜୁଥାଏ ହଜୁଥାଏ ଦେହମନ
ଲାଜଭରା ଚାହାଣିରେ ।

ପ୍ରିୟା ଗୋ ତୁମ ମାନଅଭିମାନରେ
ରାଗରୁଷାରେ ମୁଁ ଝୁମେ,
ମୋ ଭାବନାରେ ଆଉ କେହିବି ନାହିଁ
ରଙ୍ଗିଯାଏ ତୁମ ପ୍ରେମେ ।
ତୁମେ ପା ନୀଳନୟନା
ନିତି ସପନେ ଦିଅ ମିଠା ଦରଜ
ପାରେନି କରି ବର୍ଣ୍ଣନା ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ନିରବ ରାତି



ଜୟଲକ୍ଷ୍ମୀ ସେଠୀ

ଚା ... ଚା .... ଚା .... ଚା ପିଅନ୍ତୁ ।।। ଅତି ସୁନ୍ଦର ସ୍ୱାଦରେ ଭରା ଲେମ୍ବୁଟି । ପିଅନ୍ତୁନା ଦିଦି ।

ଚମକି ପଡିଲେ ପ୍ରମିଳା ଦେବୀ । ଚିତ୍କାର କରି ଉଠିଲେ ନା, ନା.... ହୋଇପାରିବ ନାହିଁ ।

କଣ ହୋଇପାରିବନି ଦିଦି? ଚା ବିକାଳି ପିଲା ପଚାରିଲେ ।

ଦେହ ଶୀତେଇ ଉଠିଲା ପ୍ରମିଳାଙ୍କର, ନାଇଁ, ନାଇଁ ସେ କିଛି ନୁହଁ । ସମସ୍ତେ ତଟକା ହୋଇ ଅନାଉଥାନ୍ତି । ଥରିଲା ମୁହଁକୁ ଝରକା ବାହାରକୁ କାଢି ଦେଖିଲେ, ବର୍ଷା ଭିତରେ ବିଶାଳ ରାତିଟା ନିଜସ୍ୱ ହଜାଇ ଦେଇଛି ଯେମିତି । ଭୟଙ୍କର ରାତିଟି ପୂରାପୂରି ନିରବ ହୋଇଯାଇଛି । ବାଲେଶ୍ୱର ପ୍ଲାଟଫର୍ମରେ ଓହ୍ଲେଇ ପଡି ଚାରିଆଡକୁ ଟିକିଏ ଆଖି ବୁଲାଇ ଦେଖିଲେ କାଳେ କିଏ ତାଙ୍କୁ ଦେଖୁଛନ୍ତି କି? ନା ନା.... ମତେ କିଏ ଯେ ଦେଖିବ । ମୋ ମନର ଭ୍ରମ ହୋଇପାରେ ।

ମା ଅଟୋରେ ଯିବେ ??

ହଁ, କେତେ ଟଙ୍କା ନେବୁ ??

ଆପଣ ଏକୁଟିଆ ଅଛ ।

ହୋଇପାରିବନି ଏକୁଟିଆ ଯିବିନି ! ଆଉ କାହାକୁ ଦେଖୁଛି ମା ଆପଣ ବସନ୍ତୁ ।

ISSN NO.
2582-208X

ଠିକ୍ ଅଛି ! ଚଟାପଟ ଅଟୋରେ ବସିଗଲେ ପ୍ରମିଳା ଦେବୀ । ଟୁରୁ ଟୁରୁ ବର୍ଷା ମଧ୍ୟ ଝରି ପଡୁଥିଲା ଆକାଶର ଛାତି ଚିରି । ଆଉ ଦୁଇଜଣ ଯିବାକୁ ରାଜି ଅଛନ୍ତି ମା, ଏବେ ଯିବତ !

ହୁଁ ଚାଲ ମତେ ଫକୀରମୋହନ ଗୋଲେଇ ପାଖରେ ଓହ୍ଲେଇ ଦେବୁ ।

ଠିକ୍ ଅଛି ମା! କଣ ହୋଇଛି କି ମା ? ଆପଣ ଏତେ ଡର ଡର ଲାଗୁଛନ୍ତି । କପାଳରେ ଝାଳ ବହି ପଡୁଛି ।

ନାଇଁ, ସେ କିଛି ନୁହଁ । ତମେ ଶୀଘ୍ର ଗାଡି ଚଳାଅ । ମୋ ଝିଅ ନଅଟା ବେଳେ ସ୍କୁଲ ଯିବ । ତାକୁ ଆଉ ଏକୁଟିଆ ଛାଡିବିନି । ମୁଁ ସବୁବେଳେ ତା ସାଙ୍ଗରେ ଯିବି । ଯେତେ କାମ ଥାଉ ପଛେ ।

କିଛି ତ ହୋଇଛି ମା । ଆପଣ ଚିନ୍ତାରେ ରହିଲା ପରି ପୁରା ଲାଗୁଛନ୍ତି ।

ହଁ ହଁ ତୁ ଚାଲ.... । ଆଉ କିଛି ପ୍ରମିଳା ଦେବୀ କହିପାରିଲେ ନାହିଁ । ଅଜଣା ଭୟ ଛାତିକୁ ଥରାଇ ଦେଉଥାଏ । ବିଚିତ୍ର ଦୁନିଆଁ । ଏଠାରେ ସମସ୍ତେ ପରାଧିନ ଜୀବନ ନେଇ ଦୌଡୁଛନ୍ତି । ମାନବିକତା ନଷ୍ଟ ହୋଇଯାଇଛି । ମଣିଷତ୍ୱ ଲୋପ ହୋଇଯାଇଛି । ସ୍ୱାଧୀନତାର ଡିଙ୍ଗୁରା ପିଟି ଶୋଷଣ ଲୁଣ୍ଠନ ଧର୍ଷଣରେ ପ୍ରଭୁତ୍ୱ ବିସ୍ତାର କରୁଛି । ସାରା ସହର ଆଜି ଜଳୁଛି ଅତି ହିଂସା ପରାୟଣ ହୋଇ । ହିମାଚଳ ଠାରୁ କୁମାରିକା ଯାଏ ଜଳୁଛି ଆତ୍ମିୟତା । ବିଶ୍ୱାସ, ପବିତ୍ରତା, ସଂସ୍କାର ଜାତି, ଧର୍ମକୁ ନେଇ ଚାଲିଛି ଚାରିଆଡେ ଯୁଦ୍ଧ । ଦ୍ୱାପରରେ ସିନା ଅଠର ଦିନରେ ମହାଭାରତ ଯୁଦ୍ଧ ସମାପ୍ତ କରି ସମସ୍ତ ଅଧର୍ମକୁ ବିନାଶ କରିଦେଇଥିଲେ ଭଗବାନ । ହେଲେ କଳି ଯୁଗରେ ଅଠର ସେକେଣ୍ଡ ବି ବାଦ ପଡୁନି । ଏମିତି କାହିଁକି ସୃଷ୍ଟିର ଲୀଳା ପ୍ରଭୁ ନାରୀମାନଙ୍କୁ କେତେ ଆଉ ନିର୍ଯ୍ୟାତନା ସହିବାକୁ ପଡିବ । ସଖି କ୍ରିଷ୍ଣା ପାଖେ ପାଖେ ରହି ସିନା ତାଙ୍କର ସମସ୍ତ ଅତ୍ୟାଚାରକୁ ଗୋଟେଇ ନେଇଥିଲେ ହେଲେ କଳିରେ ଏମିତି କାହିଁକି କାଳିଆ ଅଛି । ପ୍ରତି ମୁହୂର୍ତ୍ତରେ ଚାଲିଛି ମହାଭାରତ ଯୁଦ୍ଧ । ପ୍ରତି ମୁହୂର୍ତ୍ତରେ ଚାଲିଛି ବସ୍ତ୍ରହରଣ । ପ୍ରତି ମୁହୂର୍ତ୍ତରେ ଧର୍ଷଣ ଓ ହତ୍ୟା ଆଉ ଦେଖି ହେଉନାହିଁ ପ୍ରଭୁ । ନିଜ କଥା ଭାବି ବସିଲେ ଭୟଙ୍କର ଲାଗୁହି ଭବିଷ୍ୟତ । କୁସଂସ୍କାରର ଗଭୀର ଅନ୍ଧକାର ଅଟ୍ଟହାସ୍ୟ କରୁଛି ଅନେକ ଦୁଃଶାସନ, କଂସ, ରାବଣକୁ କୋଳରେ ଧରି । ନାରୀମାନେ ଯେମିତି ପଣ୍ୟଦ୍ରବ୍ୟ ସାଜିଛନ୍ତି ପୁରୁଷ ହାତରେ କିଣାବିକାର

ISSN NO.
2582-208X

ଖେଳ । ଶିଶୁଠାରୁ ବୃଦ୍ଧା ଯାଏ ସମସ୍ତେ ଆଜି ଅସୁରକ୍ଷିତ । ଆଜିର ଶିକ୍ଷିତ ସମାଜର ସଭ୍ୟତା ନୀରବ ହୋଇ ବିଦାରି ଦେଖୁଛି କେତେ କ୍ଷତାକ୍ତର ଲହୁକୁ । ସମ୍ବିଧାନ ରଚେ ସକ୍ରବ୍ୟୂହ । ଭୀଷ୍ମ ପରି ଶରଶଯ୍ୟା ହୁଏ ମାନବିକତା । ଜିଅନ୍ତା ରକ୍ତପିପାସୁ ମାଂସ ଗିଳିବାର ବର୍ବର କୁନି କୁନି କଢକୁ ଛିନଭିନ୍ ଚିରି ଶୋଷ ମେଣ୍ଟି ଫିଙ୍ଗିଦେଇଥାଏ ଅସନାକୁ । ବାଘଠାରୁ ଆହୁରି ଭୟଙ୍କର ସାଜେ ସେମାନଙ୍କ କାମୁକ ନଖର ଧାର । ମୂକ ପାଲଟିଯାଏ ଆଇନ ଗାନ୍ଧାରୀ ପରି ଆଖିରେ ଅନ୍ଧପୁଟୁଳି ବାନ୍ଧିଦେଇ ଆଦର୍ଶ ସୃଷ୍ଟି କରେ, ଯେମିତି ଅନେକ ଦୁର୍ଯ୍ୟୋଧନର ସମସ୍ତ ଅତ୍ୟାଚାରକୁ ସମ୍ମତି ପ୍ରଦାନ କରୁଛି ନିରବରେ । ଅସହ୍ୟ ଅସଭ୍ୟ କାମନାରେ କ୍ଷିପ୍ତ ହୋଇଉଠି ବିବେକର ତଣ୍ଟିଚିପେ ଦେହକୁ ବିଦାରି ବିଦାରି । ଦିବାଲୋକ, ଜନଗହଳି, ମା ର ଆଗରେ ଅବା ଚଳନ୍ତା ଗାଡିରେ । ତା ପରେ ସ୍ୱାର୍ଥର ହୋଇ ରୂପ ସୌଦାଗର କରେ । ଝୁଣି ଝୁଣି ପୋକ ପରି ଘାଆ ସୃଷ୍ଟି କରନ୍ତି ଅନେକ ବଡ ପଣ୍ଡାମାନେ । ଆଇନର ରକ୍ଷକ ଭକ୍ଷକ ସାଜନ୍ତି । ରାକ୍ଷସ ପ୍ରକୃତିରେ ନିର୍ଯ୍ୟାତନାର କୋଉଠି ଶେଷ ଭାବିଲେ ଆଖିରୁ ଅଭିମାନ ଲୁହ ଗୁଡାକ୍ ବହିଯାଉଛି । ଜଳ ଜଳ କରି ଦୃଶ୍ୟମାନ ହେଉଛି ନିରବ ରାତିର ଘଟଣା ଗୁଡାକ । କଣ ଅପରାଧ କରିଥିଲା? ଭୁବନେଶ୍ୱର ପ୍ଲାଟଫର୍ମରୁ ଚାରିଜଣ କଲେଜ ପଢିଆ ଝିଅ ଉଠିଲେ । କାନ୍ଧରେ ବ୍ୟାଗ ହାତରେ ମୋବାଇଲ ଧରି ଲୋକ ଗହଳି ଆଡେଇ ଆଡେଇ ଆସି ପ୍ରମିଳା ପାଖରେ ଠିଆ ହୋଇଥାନ୍ତି । ବସିବାକୁ ଜାଗା ନଥାଏ । ସମସ୍ତଙ୍କୁ ବିକଳ ହୋଇ କହୁଥାନ୍ତି ବସିବାକୁ ଦିଅ ଭାଇ । ସମସ୍ତେ ସେମାନଙ୍କ ଉତୁରା ଯୌବନକୁ ଆଖି ଜୋଖି ଦେଇଥାନ୍ତି ବସିବାକୁ ଜାଗା କିଏ ଦେବ ଯେ !

ଟିଟିଆଇ ଆସି କହିଲେ ତୁମେମାନେ ଟିକେଟ କାଟିଛ ?

ଏକ ସଙ୍ଗରେ କହିଲେ ଆମେ ସବୁ କଲେଜ ପିଲା ଟିକେଟ କଣ ହେବ? ଭାଇ ଟିକେ ବସିବାକୁ ଜାଗା ଦିଅ ।

ଟିକେଟ ନାହିଁ ପୁଣି ବସିବାକୁ ଜାଗା ଦିଅ । ମାଗଣାରେ ଏତେ କଥା ଜମାରୁ ହେବନାହିଁ କହିଲେ ଟି.ଟି.ଆଇ ।

ISSN NO.
2582-208X

ପୋଲିସ ରାଖେଲ ବର୍ମା ଆସୁ ଆସୁ କହିଲେ କଣ ହୋଇଛି? ଟିଟିଆଇ ପୋଲିସ କାନଭିତରେ କଣ ଫୁସଫାସ୍ କହିଦେଲା। ଆଚ୍ଛା ଠିକ୍ ଅଛି। ତମେଯାଅ, ଟିଟିଆଇକୁ ପୋଲିସ ବାବୁ କହିଲେ ।

ଝିଅକୁ ଦେଖି ରାଖେଲ ବର୍ମା କହିଲେ ମାଡାମ୍ ବସିବେ କି?

ହଁ ସାର୍ ପ୍ଲିଜ୍

ଆରେ ପ୍ଲିଜ୍ କାହିଁକି? ଆମରତ ସେବା କରିବା ଧର୍ମ। ଆମ ଚାକିରିର କର୍ତ୍ତବ୍ୟ। ମୁଁ ଜଣେ କର୍ତ୍ତବ୍ୟନିଷ୍ଠା କର୍ମଚାରି। ଆରବର୍ଷ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ପୁରସ୍କାର ବି ପାଇଛି। ଠିକ୍ ଅଛି ମୋ ସାଙ୍ଗରେ ଆସ। ଚାରିଜଣ ଯାକ ଝିଅ ଖୁସିରେ ନାଚି ଉଠିଲେ। ବସନ୍ତର ଯୌବନ ପିଟି ହେଉଛି ସେମାନଙ୍କ ଓଠ ତୁଠରେ ଯେମିତି! ପୋଲିସ ବାବୁଙ୍କର କଡା ସୁରକ୍ଷାରେ ଅନ୍ୟମାନଙ୍କୁ ବିଦ୍ରୁପ ଚାହାଣୀ ଲଗାଇ ଟାଣୁଥିଲେ ଯେମିତି, ବାସ୍ ତା ପରେ ବର୍ଷା ତାଣ୍ଡବ କହିଲେ ନସରେ। ସେ ଯେମିତି ନିରବ ରାତିର ଛାତିକୁ ଫଟାଇ ପକାଇବ।କଚାଡି ହୋଇପଡୁଥାଏ ତାର ଅସହାୟତା ଉପାୟହୀନ ହୋଇ ପୃଥିବୀର କୋଳକୁ ଚୁମ୍ବି ଯାଉଥାଏ। ବର୍ଷାର ତାଳେ ତାଳେ ଅନ୍ଧାର୍ ମାଡି ଆସୁଥାଏ, ଯେମିତି ମୂକୁଳା ହୋଇଯାଇଛି ରାତିର ସ୍ପନ୍ଦନ। ଦୁର୍ନୀତିର ବୁଢିଆଣୀ ଜାଲ ଚନ୍ଦିଦେଇଛି ଅନ୍ଧାରର ବଳାତ୍କାରକୁ। ହିଂସା, ଦ୍ୱେଷ, ଅହଂକାର କ୍ରୀତଦାସ ସଇତାନ ସାଜି ଆଖିଠାରମାରେ ଧରମକୁ। ଛଟପଟ ହେଉଥାଏ ପ୍ରତି ମୁହୂର୍ତ୍ତର ବାସ୍ନା। ଦେଖ ଆଜି ରକ୍ଷା ଭକ୍ଷକ ସାଜୁଛି ଭସ୍ମୀଭୂତ କରି ସମାଜର ଶୃଙ୍ଖଳାକୁ। ନିରାଶା ଦୁରାଶା ଦଗ୍ଧ ହୁଏ ହତାଶର ନିଆଁରେ।ଆର୍ତ୍ତନାଦ ଧ୍ୱନି ପିଟିହୁଏ ମଡା ଭୂଇଁ ମଶାଣି ପଦାରେ। ସଂଗ୍ରାମର ଗଣ ଦୌଡରେ ଦୌଡି ଦୌଡି ଥକିଯାଏ ହୃଦୟର ସ୍ୱପ୍ନ ସବୁ।

କ୍ରମଶଃ.....

ସଂଜୋଜିକା,ସମ୍ପାଦିକା, ଔପନ୍ୟାସିକା, ଗାଳ୍ପିକା,କବି
ଚୌଦ୍ୱାର, କଟକ

ISSN NO.
2582-208X

# ତମ କବିତା-ମୋ କବିତା

ଡ଼ ମାନସ ବେହେରା

ତମ କବିତା କବିତା ନୁହଁ
ସେଥିରେ ନାହିଁ ନଗ୍ନ ଚିତ୍ର
ତମ କବିତା କବିତା ନୁହଁ
ସେଥିରେ ନାହିଁ ଉଗ୍ର ପ୍ରେମର ବାସ୍ନା
ତମ କବିତା କବିତା ନୁହଁ
ସେଥିରେ ନାହିଁ ଯୁଦ୍ଧର ଉନ୍ମାଦନା
ତମ କବିତା କବିତା ନୁହଁ
ସେଥିରେ ନାହିଁ ଉଗ୍ର ଜାତୀୟତାବାଦର ଆହ୍ୱାନ
ତମ କବିତା କବିତା ନୁହଁ
ସେଥିରେ ନାହିଁ ଶୋଷଣର ଜୟଗାନ
ତମ କବିତା କବିତା କବିତା ନୁହଁ
ସେଥିରେ ନାହଁ ସ୍ୱାଧୀନତା ଉପରେ ତାନାଶାହୀ ଆକ୍ରମଣ

ମୋ କବିତା କବିତା
ସେଥିରେ ଅଛି ମୁକ୍ତିର ଆହ୍ୱାନ
ମୋ କବିତା କବିତା
ସେଥିରେ ଅଛି ମାନବିକତାର ଜୟଗାନ
ମୋ କବିତା କବିତା
ସେଥିରେ ଅଛି ଧାନ କଟାଳୀର ବାସ୍ନା
ମୋ କବିତା କବିତା

ISSN NO.
2582-208X

ସେଥିରେ ଅଛି ଫୁଲ ମିଂଜ୍ ତୋଳୁଥିବା ମହୁଲ ଫୁଲର ବାସ୍ନା
ମୋ କବିତା କବିତା
ସେଥିରେ ଅଛି ପଥର ଚିରି ଫୁଟିଥିବା ବଣୁଆ ଫୁଲର ବାସ୍ନା
ମୋ କବିତା କବିତା
ସେଥିରେ ଅଛି କେନ୍ଦୁ ପତ୍ର ଫଡିର ହିସାବ
ମୋ କବିତା କବିତା
ସେଥିରେ ଅଛି ଇଟାଭାଟି ଶ୍ରମିକର ସଂଗ୍ରାମ
ମୋ କବିତା କବିତା
ସେଥିରେ ଅଛି ଦାଦନ ଛୁଆର ପାଠ ନପଡିପାରିବାର କାହାଣୀ
ମୋ କବିତା କବିତା
ସେଥିରେ ଅଛି ୟୁକ୍ରେନ୍ ରେ କ୍ଷତାକ୍ତ ଶିଶୁର ଆର୍ତ୍ତନାଦ
ମୋ କବିତା କବିତା
ସେଥିରେ ଅଛି ଭିଡ ହିଂସା ବିରୋଧୀ ଆହ୍ୱାନ
ମୋ କବିତା କବିତା
ସେଥିରେ ଅଛି ହାଣ୍ଡିଆ ଖଟିରେ ଦନେଇ ଶବରର ନିଷ୍କପଟ ଚାହାଣୀ
ମୋ କବିତା କବିତା
ସେଥିରେ ଅଛି ଘିନୁଆମାନଙ୍କ କାହାଣୀ

ମୋ କବିତା ତମ କବିତାଠୁ
ବହୁ ଆଗରେ, ସୁନେଲି ସ୍ୱପ୍ନରେ ବିଭୋର,
ପାହାଡ ବୁକୁଚିରି ନୂତନ ସୂର୍ଯ୍ୟୋଦୟର
ଚିତ୍ରପଟ ଆଂକିବାରେ ମସଗୁଲ ॥

ISSN NO.
2582-208X

# ପାଗିଳ



ପ୍ରକାଶ ଚନ୍ଦ୍ର ପଣ୍ଡା

ଅପେକ୍ଷା କାହାପାଇଁ
କିଏ ଅବା ଆସିବ
କାହା କଥା ଭାବୁଛି
କିଏ ଆଉ ଫେରିବ ।
ବେଳେ ବେଳେ ହସୁଛି
ହସି ହସି ବସୁଛି
ବାରୁ ବାରୁ ହୋଇସେ
ଆଡୁ ସାଡୁ ଗପୁଛି ।
ଅର୍ଧନଗ୍ନ ଶରୀର
ଜିଣ୍ଣଶିଣ୍ଣ ଦିଶୁଛି
ଦେହର ହାଡା ସବୁ
ଗଣିହୋଇ ଯାଉଛି ।
କିଏ କହେ ପାଗିଳି
କିଏ କହେ ବାୟାଣି
ଅଲରା ମୁଣ୍ଡଚୁଟି
କାନ୍ଦ କାନ୍ଦ ଚାହାଁଣି ।
ମାର ମମତା ତାକୁ
ଅନ୍ଧ କରିଦେଇଛି
ମନେ ମନେ ପୁତ୍ରକୁ

ISSN NO.
2582-208X

ଏଣେତେଣେ ଖୋଜୁଛି ।
ଦେଶ ପାଇଁ ପୁଅଟା
ପ୍ରାଣ ବଳି ଦେଇଛି
ବରଗଛ ମୂଳରେ
ଆଜି ସିଏ ଶୋଇଛି ।
ଯେତେ ଡାକିଲେବି
କାହିଁକିବା ଉଠୁଛି
ହାତରେ ପୁଅ ଫଟୋ
ମୋଡି ମାଡି ଧରିଛି ।
ଆଖିରୁ ଅଶ୍ରୁଧାର
ନିରବରେ ବୋହୁଛି
ସମାଜର ଆଖିରେ
ପାଇଳି ଯେ ସାଜିଛି
ମୋଆଖିରେ ଦେବୀହୋଇ
ନିରବରେ ଶୋଇଛି
ଆଖିରୁ ମୋ ଲୁହଧାର
ନିରବରେ ବୋହୁଛି ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଆ କା ମା ବୈ......



ନୀଳମଣି ଗୁନ୍ଦ

ସରିତ ମାଗିଲା
ସୋଲ, ପଟୁଡଙ୍ଗା
ସାଗରକୁ ନେଇ ଦେବ
ଆଉ ସେ କହିଲା
ଜାଭା ବୁଲେଇଲେ
ସିଏ ଭାରି ଖୁସି ହେବ।

ଆ କା ମା ବୈ
ଗୁଆପାନ ଥୋଇ
ବନ୍ଦେଇଲେ ସାଧବାଣୀ
ମନେ ପଡିଯାଏ
ଆମରି ପୂରୁବ
ନଉବଣିଜ କାହାଣୀ।

ଗଡ଼ଗଡିଆରେ
ବାଲିଯାତ ହୁଏ
ଆଇ ଗପ  ମନେପଡ଼େ
ନାହିଁରେ ବୋଇତ

ISSN NO.
2582-208X

ଅତୀତ ବଣିଜ
ପତା ଭିଜି ଲୁହ ଗଢ଼େ ।

ମନ ହୁଏ ଥରେ
ସାଧବ ବେଶରେ
ନିଅନ୍ତି ବୋଇତ ବାହି
ଜାଭାରେ ଖୋଜନ୍ତି
ରହିଛନ୍ତି ଆଜି
କେତେ ମୋ  ଓଡ଼ିଆ ଭାଇ।

ଆମ ବଣିଜର
ଇତିହାସ କିଛି
ରହିଛି କି ତାଙ୍କ ପାଖେ
ଫେରିଆସିବାକୁ
ଓଡ଼ିଶା ମାଟିକୁ
ତାଙ୍କ ମନ କେତେ ଡାକେ।

କାର୍ତ୍ତିକ ପୂନେଇଁ
ଭାସିବରେ ଡଙ୍ଗା
ମନ ମୋ ଉଠିବ ନାଚି
ଗୁଆପାନ ତୋ'ର
ଧର୍ମଯାକ ମୋ'ର
କିଏ ଦେବ ଆହା ଯାଚି।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ- ୧୮

ପରଦିନ ମାଳତିର ସାଙ୍ଗ ନନ୍ଦିନୀ ସତ୍ୟକୁ ଉପହାସ କରି କହିଲା, "ତୁମେ ଯେଉଁ ସବୁ କାମ କରୁଛ କିଛି ଭଲ କରୁନ। ଗତକାଲି ରାତିରେ ଯଦି କିଛି ଅଘଟଣ ଘଟିଥା'ନ୍ତା ତେବେ ଆମେ ଦୁହେଁ ତ ଅପବାଦର ସମ୍ମୁଖୀନ ହୋଇଥା'ନ୍ତୁ ହେଲେ ତମର ଅବସ୍ଥା କ'ଣ ହୋଇଥା'ନ୍ତା କେବେ ଭାବିଛ ? ଏ ପ୍ରକାର ନିର୍ଜନ, ନିଃସ୍ତବ୍ଧ ସମୟରେ ଜଣେ ଚପଳ ଯୁବତୀକୁ ଭେଟିବାର ପରିଣାମ ଭାବିଛ ? ତା' ମାଆ-ବାପା, ଦାଦା-ଭାଇ ଜାଣିଲେ ତମର କ'ଣ ହେଇପାରେ ଚିନ୍ତା କରିଛ ? ଦୁଇ ଜଣଙ୍କ ମଧ୍ୟରେ ସମ୍ପର୍କ ପବିତ୍ର ଥିଲେ ବି ତାହା ଲୋକଲୋଚନରେ ଭିନ୍ନ ଜଣାପଡେ କେବେ ଭାବି ନାହଁ ? ପରସ୍ପର ଆପଣାର ହେଲେ ବି ତ ସମାଜର ଶୃଙ୍ଖଳିତ ନୀତିନିୟମ, ମାନସମ୍ମାନକୁ ଦେଖିବାକୁ ପଡେ ଏତିକି ଜଣା ନାହିଁ ତୁମକୁ ? ପୁଣି ତୁମ ଦୁହିଁଙ୍କ ମଧ୍ୟରେ ଯଦି ମନାନ୍ତର ଦେଖୁଛ ତେବେ କାହିଁକି ବୁଝି ପାରୁନ ? ଏଇ ପ୍ରକାର ଅଯଥା ପାଗଳାମୀରୁ କ'ଣ ମିଳିବ ତୁମକୁ?" ନନ୍ଦିନୀର କୌଣସି ପ୍ରଶ୍ନର ଉତ୍ତର ସତ୍ୟ ପାଖରେ ନଥିଲା। ଯିଏ ନିଜର ଭୁଲକୁ ସ୍ୱୀକାର କରେ ସେ ନିରବତା ଅଥବା କ୍ଷମା ପ୍ରାର୍ଥନାକୁ ଉଚିତ ମନେକରେ। ପରିସ୍ଥିତିର ଦାସ ହୋଇ ପରିବର୍ତ୍ତନ ହେବାକୁ ପଡେ। ତା'ନହେଲେ କେହି କେବେ ଅତି ଆପଣାର ବ୍ୟକ୍ତିକୁ ପର କରିଦେବ କି ? ଅନ୍ତତଃ ଏତିକି ତ ବୁଝିବା ଉଚିତ। ନନ୍ଦିନୀର ଅର୍ଥପୂର୍ଣ୍ଣ ଅନୁଚ୍ଛେଦ ଶ୍ରବଣ ପୂର୍ବକ ସରଳ ପ୍ରଶ୍ନର ଉତ୍ତର ପ୍ରେମାନ୍ଧମାନଙ୍କ ବ୍ୟତୀତ ଯେ କେହି ଦେଇଦେବ। ବେଳେବେଳେ ହୃଦୟ ଓ ବିବେକ ମଧ୍ୟରେ ଅନ୍ତର୍ଯୁଦ୍ଧ ହୋଇଥାଏ। ହୃଦୟ ଆବେଗର ବଶବର୍ତ୍ତୀ ହୋଇ ଅନ୍ଧ ହୋଇଯାଏ। ଦୁଃଖ କି କାତରତା ଦେଖି ତରଳି ଯାଏ। ପ୍ରିୟପାତ୍ରର ଅନ୍ତଃକୋଣରେ ଜାତ

ISSN NO.
2582-208X

କୋହ ଆଉ ଲୁହକୁ ନିଜର କରିନିଏ। ସଂସାରର ସମସ୍ତ କର୍ତ୍ତବ୍ୟ ଅବହେଳିତ ହୋଇଯାଏ। କିନ୍ତୁ ବିବେକ, ବୈଜ୍ଞାନିକ ଭାବାବେଗ ତଥା ଦୂରଦ୍ରଷ୍ଟା ଋଷି ଭଳି ଆଗପଛ ବିଚାର କରେ। ଭବିଷ୍ୟତର ପରିଣାମକୁ ଆକଳନ କରିପାରେ। ଯୌବନର ଅଳୀକ ସ୍ୱପ୍ନକୁ ପଦାଘାତ କରେ। ପୁଣି କହିଛି,"ତୁମେ କାହିଁକି ତା'କୁ ଦୋଷ ଦେଉଛ? ସେ କ'ଣ ତୁମକୁ ଦେଖି ଛେପ ପକାଏ? ତୁମର ତ ଭୁଲ। ସେ ରାସ୍ତାରେ ଯାଉଥିଲେ ତା' ପଛରେ ଯାଅ,ସେ ଲୋକମାନଙ୍କ ସହିତ ଥିଲେ ତା' ସହ କଥା ହୁଅ,ସେ ପାଣି ଆଣିବା ପାଇଁ ଗଲେ ତା'କୁ ଭେଟ। ଏମିତି କାହିଁକି କରୁଛ? ଲୋକେ ତା'କୁ କ'ଣ କହିବେ? ଏମିତି କ'ଣ ଭଲ ପାଆନ୍ତି? ଭଲ ପାଇବାର ଅର୍ଥ ଏହା ନୁହେଁ ଯେ ତା'କୁ ଲୋକଲୋଚନରେ ଉପହାସ କରିବା। ଭଲ ପାଇବା ଏହା ନୁହେଁ ଯେ ଲୋକମାନଙ୍କ ଠାରେ ତା'କୁ ଭଲ ପାଉଛି ବୋଲି ଦେଖେଇ ହେବା।" ନନ୍ଦିନୀର ଅନର୍ଗଳ ବକ୍ତବ୍ୟ ସତ୍ୟକୁ ସ୍ଥାଣୁ, ଜଡ କରିଦେଲା। ପ୍ରତିତ୍ତୋର ଦେବାର ସମୟ କି ସୁବିଧା ନଥିଲା କିମ୍ବା କହିବା ପାଇଁ ସାହସ ସଞ୍ଚୟ କରିନଥିଲା ସତ୍ୟ। ତେବେ ଭଲ ପାଇବାର ସଂଜ୍ଞା ଦେବାକୁ ଯାଇ କୁହାଯାଇପାରେ ଯେ ଦୁଇଟି ମନର ମିଳନ ହେଉଛି ପ୍ରେମ। ଜଣ ପ୍ରତି ଆର ଜଣର ସ୍ନେହ, ଶ୍ରଦ୍ଧା ହେଉଛି ଭଲ ପାଇବା। ଜଣକୁ ଘଡିଏ ନଦେଖିଲେ ବିଚଳିତ ହେବା ହେଉଛି ତା'ର ଲକ୍ଷଣ। ଜଣକର ହସଖୁସିରେ ଆଉ ଜଣେ ସମଭାଗୀ ହେବା ତା'ର ପ୍ରକୃତି। ନିଜର ପ୍ରିୟପାତ୍ରକୁ ଶୁଣିବା ହିଁ ପ୍ରେମର କର୍ତ୍ତବ୍ୟ। ଭଲ ପାଇବାର ଆଇନ ହେଲା ତୁମେ ଯାହାକୁ ଭଲ ପାଉଛ ତା'କୁ ସର୍ବଦା ସୁଖୀ କରାଇବା। ଏହା ସୃଜନକ୍ଷମ। ଏହା ପର୍ବତକୁ ହଟାଇ ଦିଏ। ଏହା ଦାତା ଓ ଗ୍ରହୀତାର ଜୀବନକୁ ବହୁଳ ଭାବରେ ଉନ୍ନତ କରାଏ। ଏକତ୍ର ହସିବାର ଦକ୍ଷତା ହେଉଛି ଏହାର ସାର କଥା।

ନାସ୍ତିକମାନଙ୍କ ମତରେ ଭଲ ପାଇବାର ସଂଜ୍ଞା ହେଉଛି ଏହାର ସମ୍ପୂର୍ଣ୍ଣ ବିପରୀତ। ସେମାନେ କହନ୍ତି, "ପ୍ରେମ ବା Love ଏପରି ଏକ ଶବ୍ଦ ଯାହା ଦୁଇଟି ସ୍ୱର ବର୍ଣ୍ଣ, ଦୁଇଟି ବ୍ୟଞ୍ଜନ ବର୍ଣ୍ଣ ଓ ଦୁଇଟି ମୂର୍ଖକୁ ନେଇ ଗଠିତ। ପ୍ରେମ ଅନ୍ଧ ଅଟେ। ଏହା ଗୋଟିଏ ଏମିତି ରୋଗ ଯାହାର ଔଷଧ କି ଆରୋଗ୍ୟ ଲାଭ କରିବାର କୌଣସି ସମ୍ଭାବନା ନାହିଁ। ଏହା ସତ୍ୟର ବିପରୀତ ଦିଗରେ ସ୍ୱାର୍ଥ ଯେ ଆମର ଶେଷ ଲକ୍ଷ୍ୟ ଏହି ଭ୍ରାନ୍ତ ଧାରଣା ଆଡକୁ ଗତି କରାଏ। ପ୍ରେମର ପ୍ରଥମ ଦୀର୍ଘ ଶ୍ୱାସ ହେଉଛି ବୁଦ୍ଧିର ଶେଷ। ମୋହମାୟା ବ୍ୟତୀତ ଏହା କିଛି ନୁହେଁ। ସଂସାରର ମାୟା ବନ୍ଧନରେ ଆବଦ୍ଧ ହୋଇ ଦୁଃଖରେ କାଳାତିପାତ

ISSN NO.
2582-208X

କରିବା ହିଁ ଏହାର ସାରମର୍ମ।" ତେବେ ମାଳତିର ସାଙ୍ଗ ମତରେ ସତ୍ୟବ୍ରତକୁ ମୂର୍ଖ ବୋଲି କହିବା କେତେ ଦୂର ଯୁକ୍ତିଯୁକ୍ତ, ବିଚାରଯୋଗ୍ୟ ଏବଂ ନାସ୍ତିକ ମତରେ ନନ୍ଦିନୀକୁ କ'ଣ କୁହାଯିବ ଏହା ଅନୁଭବ୍ୟ। ଏହି ଦିନ ଠାରୁ ମାଳତି ସହିତ ସତ୍ୟର ଦେଖା ହୋଇନାହିଁ। ତା'କୁ ଭୁଲିଯିବା ପାଇଁ ଅନେକ ପ୍ରୟାସ କରିଛି। ବ୍ୟସ୍ତତା ଭିତରେ ହୁଏତ ବିସ୍ମରଣ ହେଇଯିବ ଭାବି ବ୍ୟସ୍ତ ରହିଛି। ପୁସ୍ତକ ଅଧ୍ୟୟନ କରିଛି, ଘରର କାମଧନ୍ଦା କରିଛି। ବେଳେବେଳେ ଟି.ଭି. ଦେଖିଛି। ଜନ ସମାଗମେ ନିଜକୁ ହଜେଇ ଦେବାର ଚେଷ୍ଟା କରିଛି। ସାଙ୍ଗ ମେଳରେ ସମୟ ବିତାଇବାର ପ୍ରୟାସ କରିଛି। କିନ୍ତୁ ସବୁ ବ୍ୟର୍ଥ। ଏକ ମିନିଟ ପାଇଁ ମଧ୍ୟ ମାଳତି ତା'ର ମନପ୍ରାଣରୁ ଅନ୍ତର ହୋଇ ପାରିନି। ବହୁତ କଷ୍ଟରେ ଦିନଗୁଡିକ ବିତୁଛି। ତା' କଥା ଆପେ ଆପେ ମନେପଡି ଅଯଥା ଅନିଦ୍ରାରେ ରାତିଟା ପାହି ଯାଉଛି। ଅମାନିଆ ତତଲା ଲୁହ ଯେତେବେଳେ ଇଚ୍ଛା କଲେ ସେତେବେଳେ ଗଣ୍ଡଦେଶରେ ଧାରଧାର ବୋହି ଯାଉଛି। ଛାତିରେ ଉଠିଛି ଅଜସ୍ର କୋହ। ଶରୀର ନିଷ୍କ୍ରିୟ ଲାଗୁଛି। ଅଭିଶପ୍ତ ଜୀବନ ଭଳି ଲାଗୁଛି। ବିଚ୍ଛେଦ ଯେ କେତେ ହୃଦୟ ବିଦାରକ ସେ ଆଜି ଅନୁଭବ କରି ପାରିଛି। ହେଲେ କାହାକୁ ମଧ୍ୟ ନିଜ ହୃଦୟର ଗୋପନ ବ୍ୟଥା ପ୍ରକାଶ କରିପାରୁ ନାହିଁ। ବେଳେବେଳେ ନିର୍ଜନ ନଦୀ ତଟରେ ଏକାକୀ ଘଣ୍ଟା ଘଣ୍ଟା ବସି ରହୁଛି।

ଏବେ ନିଜକୁ ନିଜେ ସାନ୍ତ୍ୱନା ଦେଇ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ହୋଇଛି ସତ୍ୟ।ପାଠ ପଢାଇବାର ଗୁରୁ ଦାୟିତ୍ୱ ନେଇ କରିଛି ସଂଗ୍ରାମ। ଜୀବନର ପ୍ରତିଟି ମୁହୂର୍ତ୍ତରେ ଦେଖିଛି ସମସ୍ୟା। ହତାଶବୋଧ ଭିତରେ ଦୀର୍ଘ ନିଃଶ୍ୱାସ ଛାଡି ଭାଗ୍ୟକୁ କରିଛି ନିନ୍ଦା। ହସ୍ତରେଖାକୁ ବେଳେ ବେଳେ ନିରୀକ୍ଷଣ କରି ସୌଭାଗ୍ୟକୁ ଖୋଜି ବସିଛି ତା'ର। ମାତ୍ର ପାଇ ନାହିଁ। ଦୁର୍ଭାଗ୍ୟକୁ ଭାଗ୍ୟ ରେଖାଟି ମଧ୍ୟ କ୍ଷୀଣ ହୋଇ ଲୀନ ହେବାକୁ ବସିଛି।

ଏମିତି ସମୟ କାହିଁକି ଆଗମନ କଲା ସେ ଭାବିପାରେ ନାହିଁ। କାହିଁକି ମାଳତି ସହିତ ତା'ର ସମ୍ପର୍କର ସରଳ ସେତୁ ନିର୍ମାଣ ହୋଇଗଲା ବୁଝେ ନାହିଁ। କେବେ ଓ କେମିତି ତା'କୁ ଅଲକ୍ଷ୍ୟରେ ଭଲ ପାଇ ହେଇଗଲା ହିସାବ ରଖି ନାହିଁ। କାହିଁକି ଏତେ ନିଜର ହେଇଗଲା ଏବେ ବି ଜାଣେ ନାହିଁ। କୁହାଯାଏ ବନ୍ଧୁ ଆପେ ଆପେ ସୃଷ୍ଟି ହୁଏ ନାହିଁ, ତା'କୁ ଚିହ୍ନିବାକୁ ପଡେ। ମାତ୍ର ବ୍ୟକ୍ତିକୁ ଚିହ୍ନି ଭଲ ପାଆଯାଏ ନାହିଁ। ଏହା ଆପେ ଆପେ ହୋଇଯାଏ। ଜଣକୁ ଅନ୍ୟ ଜଣକର ରୂପ, ଗୁଣ ମୁଗ୍ଧ କରିଗଲେ ତା'କୁ ବାରମ୍ବାର ଦେଖିବାର ପ୍ରବଳ

ISSN NO.
2582-208X

ଇଚ୍ଛା ହୁଏ । ତା'ର କଥାବାର୍ତ୍ତା ଶୁଣିବାକୁ ବ୍ୟାକୁଳ ଲାଗେ । ଜୀବନର କେଉଁ ଏକ ଘଡିସନ୍ଧି ମୁହୂର୍ତ୍ତରେ ଜଣକର କିଛି ଧାଡି କି ମଧୁର ଆଚରଣ ଜୀବନର ଗତିପଥକୁ ପରିବର୍ତ୍ତନ କରିଦିଏ । ତାହା ଭଲ ପାଇବାର ବୀଜ ବପନ ପୂର୍ବକ ସବୁ ଦିନ ପାଇଁ ଛାପ ଛାଡିଯାଏ । କିଏ କେତେବେଳେ ଆପଣାର ହେଇଯାଏ ଯେ ବୁଝି ହୁଏ ନାହିଁ।

କିନ୍ତୁ ବିରହର ଅନ୍ତଃସ୍ୱରଟା ଆଗରୁ ଶୁଣିବାକୁ ମିଳେ । ବିଚ୍ଛେଦର ସତର୍କ ଘଣ୍ଟି ପୂର୍ବରୁ ବାଜି ଯାଏ। ବିପଦର ଆଭାସ ମିଳି ଯାଇଥାଏ ଅଜ୍ଞାତ ସାରରେ। ତଥାପି ବିଶ୍ୱାସ ହୁଏ ନାହିଁ। ଯେତେବେଳେ ବାସ୍ତବ ଜୀବନରେ ଏହା କ୍ରୁର ରୂପ ଧାରଣ କରେ ସେତେବେଳେ ତା'ର ଗତିରୋଧ କରିବା ଅସମ୍ଭବ ହୋଇଯାଏ। ପଙ୍ଗୁ, ଅଥର୍ବ, ସ୍ଥାଣୁ ରୂପେ ଶଯ୍ୟାଶାୟୀ ହେବାକୁ ପଡେ। ବିନା ଯୁଦ୍ଧରେ କାରାଗୃହେ ବନ୍ଦୀ ଭଳି ଲାଗେ । ବିନା ରକ୍ତପାତରେ ପରାଜୟ ମିଳିଯାଏ। ବିନା ପ୍ରତିସ୍ପର୍ଦ୍ଧୀରେ ସର୍ବସ୍ୱ ହରେଇ ଦିଆଯାଏ। ସାମଗ୍ରିକ ଭାବରେ କହିବାକୁ ଗଲେ ନିଜର ଅସ୍ତିତ୍ୱ ବିଷୟରେ ମଧ୍ୟ ଧାରଣା ମିଳେ ନାହିଁ।

କ୍ରମଶଃ ------

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଫଳାଫଳ



ନରଞ୍ଜନ ସାହୁ

ହାରିଗଲ ବୋଲି ଡରି ଯାଅନାହିଁ
ମନରେ ସାହସ ଆଣ
ଦୁନିଆକୁ ଦେଖି ଭୟ ନ କରିକି
ମନକୁ କରନ୍ତୁ ଟାଣ ।


ହାରିବା ଜିତିବା ଲାଗିଛି ସଂସାରେ
ଏ ତ ଦୁନିଆର ରୀତି
ହାରିଗଲେ କିମ୍ପା ମନରେ କରୁଛ
ଆଶଙ୍କାରେ ବଡ଼ ଭୀତି
ହାରିବା ଅଟଇ ଜିତିବା ସକାଶେ
ପ୍ରଥମ ପାହାଚ ଜାଣ ।

ପରିଶ୍ରମ କର ଅକ୍ଳାନ୍ତ ଭାବରେ
ବିଶ୍ରାମ ଲୋଡନା କେବେ
ସଫଳତା ଶୀର୍ଷ ନିଶ୍ଚିତ ଛୁଇଁବ
ବିଜୟ ହୋଇବ ତେବେ
ଦୁନିଆ କରିବ ଜୟଜୟକାର
ଖୁସିରେ ଫୁଟାଇ ବାଣ ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ପ୍ରଣବ ମୁଖାର୍ଜୀ ସ୍ମରଣେ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ଊଣିଶହ ପଞ୍ଚତ୍ରିଂଶ ମସିହାର
ଡିସେମ୍ବର ଏଗାରରେ
ମିରାଟି ସହରେ ଜନ୍ମିଲ ପ୍ରଣବ
ଅତି ଶରଧା ଭାବରେ ।

ମାଆ, ବାପାଙ୍କର ଥିଲ ଅଳିଅଳ
ସନ୍ତାନର ରୂପେ ତୁମେ
ତ୍ରୟୋଦଶ ରାଷ୍ଟ୍ରପତି ହୋଇଥିଲ
ଏହି ଭାରତର ଭୂମେ ।

ପଦ୍ମ ବିଭୂଷଣ, ଭାରତ ରତ୍ନକୁ
ଆପଣେଇ ନେଇଥିଲ
ସେଇଥିପାଇଁ ତ' ଏହି ଜଗତରେ
ତୁମେ ତହାନ୍ ହୋଇଲ ।

ଅର୍ଥ ମନ୍ତ୍ରୀ ଥିଲ ଚାରିବର୍ଷ ଯାଏଁ
ପ୍ରଣବ ତୁମେ କେନ୍ଦ୍ରରେ
ଇଣ୍ଡିଆନ୍ ନ୍ୟାସନାଲ୍ ସଭ୍ୟ ହୋଇ

ISSN NO.
2582-208X

ରହିଥିଲ ଆନନ୍ଦରେ ।

ଦି ହଜାର ବାର ମସିହାରୁ ତୁମେ
ମସିହା ଯାଏଁ ସତର
ପାଞ୍ଚ ବର୍ଷ କାଳ ରହିଲ ପ୍ରଣବ
ରାଷ୍ଟ୍ରପତି ଭାରତର ।

କଲିକତା ବିଶ୍ୱବିଦ୍ୟାଳୟେ ତୁମେ
ଏମ୍ .ଏ,ଏଲ୍.ଏଲ୍.ବି ପଢିଲ
ଶୁଭ୍ରା ମୁଖାର୍ଜୀଙ୍କୁ ବିବାହ କରିଣ
ସୁଖରେ ତୁମେ ରହିଲ ।

ଦୁଇ ହଜାର କୋଡ଼ିଏ ମସିହାର
ଅଗଷ୍ଟ ଏକତ୍ରିଂଶ ରେ
ନୂଆ ଦିଲ୍ଲୀ ଠାରେ ଆଖି ବୁଜିଦେଲ
ଚୌରାଅଶି ମସିହାରେ ।

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୭୩୭୨୯୯୪୫୪୫

ISSN NO.
2582-208X

# ଶବ୍ଦର ଲୁଚକାଳି



ଅମୃତନାରାୟଣ ଶତପଥୀ

ଶବ୍ଦର ଲୁଚକାଳି ଖେଳ,
ଇପ୍‌ସିତ କିଛି ଶବ୍ଦ ହୁଏ ନାହିଁ କହି,
କାରଣ ଜିହ୍ୱାଗ୍ରେ ବସତେ ଲକ୍ଷ୍ମୀ
ଜିହ୍ୱାରୁ ନିର୍ଗତ ଶବ୍ଦ ଧନୁ ତୀର ସମ ହୃଦୟକୁ
କରଇ ବିଚ୍ଛେଦ।
ଶବ୍ଦାଘାତମୃତବତ୍ କରେ
ସତରେ ଯେ ମନୁଷ୍ୟର ଶବ ବ୍ୟବଚ୍ଛେଦ।
ଅନ୍ୟ କିଛି ଶବ୍ଦ ପୁଣି ଆସଇ ମନ ମଧ୍ୟରେ
ଅନ୍ୟକୁ କରିବାକୁ ସାବଧାନ ପ୍ରାୟ,
କିନ୍ତୁ ଧିକ୍ ଏ ସଂସାର ଭଲ ଏଠି ଭେଲ,
ଚଳିବାକୁ ହେବ ଏଠି ସର୍ବଜ୍ଞ ସହଦେବ ହୋଇ,
ଯେତେ ଜ୍ଞାନ ବିବେକ ଥିଲେ ବି
ଉଚ୍ଚାରଣ କର ନାହିଁ ନପଚାରିବା ପର୍ଯ୍ୟନ୍ତ ।

ISSN NO.
2582-208X

ଗୁରୁ ଜ୍ଞାନ ଉଚ୍ଚାରଣ ଆଚରଣ ମଧ୍ୟେ ସମନ୍ୱୟ
ନହେଲେ ଅନେକ କିଛି କ୍ଷୟ ଧ୍ୱଂସ ଓ ବିଲୟ
ପୁଣି ଲୁଚକାଳି ଶବ୍ଦ ମଧ୍ୟ
ରକ୍ଷା କରେ ପ୍ରାଣ ଓ ପରିଚୟ
ମୌନ ରହିବା ଶକ୍ତି
ନିର୍ବିକାର ନିରାମୟ ପୁଣି ଜିତେନ୍ଦ୍ରିୟ ।

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନତା ପଣ୍ଡା

## ପରିବାର ରଜ୍ଜୁ

### (୨)

ରଜ ତ ଏବେ ଏବେ ଯାଇଚି । ପୁଣି କୋଉ ପରବ ପାଇଁ ବାପା, ନଖାଇ ନ ପିଇ ଏତେ ଜୋର ସୋର୍‌ରେ ମନ ତନ ଦେଇ ନାଗିଚନ୍ତି ମା ?

ଏଇଟା ବରଷକିଆ ପରବ ନୁଏଁ ଲୋ ମାଲୁ । ମଣିଷ ଜୀଇବା ଭିତେରେ ଥରୁଟେ ଆଇଥାଏ। ସିଏ ବି କେବଳ ବହୁ ପୁଣ୍ୟବାନମାନଙ୍କ ପାଇଁ । ତୋ ଜେଜେ ତ ଭଗବାନଙ୍କୁ ଭୋଉତୁ ପୂଜା କରନ୍ତି । ତେଣୁ ଆମ ସମତିଙ୍କ ପାଇଁ ଏଇଟା ଗୋଟେ ଆଶୀର୍ବାଦ । ହେଲେ ଏ କଥା ଯିମିତି ଜେଜେଙ୍କ କାନରେ ନ ପଡ଼େ । ସେଦିନ ତାଙ୍କୁ ଆମେ ତାଜୁବ କରିବା ।

ଘରୁକୁ କେଇ କୁଣିଆ ଆସୁଛନ୍ତି କି ବୋହୁ ? ଦିନରାତି ଲାଗି ସବୁ ଘରଗୁଡ଼ାକ ସଫା କରୋଉଚ । ସାବୀ, ଖୁବୀ ଧିଏଁ ଆଉଚନ୍ତି । ଖାଲି ସେ ଧିଏଁ ଥିଲେ କିଛି କଥା ନଥିଲା । ଜୋଇଁ ବାବୁ ତାଙ୍କ ବାପା, ମା' ଭୋଉଣୀମାନେ ବି ଆଉଚନ୍ତି । ଆଚ୍ଛା, ଆଚ୍ଛା... ସେଇଥିପାଇଁ ନୀଳ ବେସ୍ତ ରୋହୁଚି ।

ହଁ, ବୋହୁ ଠିକ୍ କହିଲୁ । ଯେତେହେଲେ ଝିଅ ଶାଶୁ ଘର । ସମୁଦି, ସମୁଦୁଣୀ ବି ଆସୁଚନ୍ତି । ଖୁବୀ ଶଶୁରଙ୍କ ଧିଅ ଖରାପ । ସେଇଥିପାଇଁ ଧିଏଁ ଆସିବେନି । ସାବି ଶାଶୁ ଶଶୁର ଆଉଚନ୍ତି । ନୀଳ ଏକା ହେଇ ଯାଉଚି । ସେ ନାଲାୟକକୁ ବି ଡାକି ଦୋଉନୁ ।

ISSN NO.
2582-208X

ମଧୁର ଏବେ କଲେଜରେ ପରୀକ୍ଷା ଚାଲିଚି । ପଅରିଦିନ ଆସିବ । ଦେଖିଲୁ, ଏ ଜାମାଟାରୁ ବୋତାମଟା ଛିଣ୍ଡିଗଲା । ମାଳ ହାତରେ ଛୁଞ୍ଚି ସୂତା ଦେଇ ପଠେଇଦେ । ବୋତାମଟା ଲଗେଇ ଦବ ।

ଏ ଜାମାଟା ଭୋଉତୁ ପୁରୁଣା ହେଇ ଗଲାଣି ବାପା । ମାଳ ତୁମ ପେଇଁ ଗୋଟେ ଭଲ ଜାମା ହାତରେ ତିଆରି କରୁଚି ! ସେଇଟା ପୁଣି କ'ଣ ଗୋଟେ ନୂଆ ନକଶାରେ କରୁଚି ।

ହଉ, କେତେଦିନ ହେଲାଣି କଚିରୀ ଘରୁକୁ ଯାଇନି । ଜମିଦାରୀ ଉଠିଯିବା ପରେ ଆଉ ସେ ଘରେ କ'ଣ ବା କାମ । ସେ ଘରୁଟାକୁ ବି ସଫା କରେଇ ଦବ ।

ଜମିଦାରୀ କୁଆଡ଼େ କିମିତି ଉଠିଗଲା ଜଜମ୍ ? ବୋଉ କୋଉଥେଲା ତେମେ ପଚାଶଟା ଗାଁରେ ବଡ଼ ଜମିଦାର ।

ଥିଲୁ । ଏବେ କପୁର ଉଡ଼ି ଯାଇଚି, ଖାଲି କନାଟା ପଡ଼ି ରଇଚି ମାଳ ।

ସେଇଟା କ'ଣ ଜଜମ୍ ?

ବୁଝେଇ ଦେବି, ଏବେ ଯା', ମା' ସାଙ୍ଗରେ କ'ଣ ଟିକିଏ କରି ଲାଗ । ଆଜି ମୁଁ ତୋ ହାତ ତିଆରି ଚା' ପିଇବି । ସେତିକି ବେଳେ ତତେ ସବୁ ବୁଝେଇଦେବି ।

ଉଠ ଜଜମ୍ ଚା' ଆଣିଚି । ତା ସାଙ୍ଗରେ ମୁଠାଏ ଭୁଜା ବି ହାତେରେ ତିଆରି କରି ଆଣିଚି।

ସତରେ ! ଆଣିଲୁ ଦିଟା ପାଟିରେ ପକାଏ ।

ମା' ଶିଖେଇ ଦେଇଚନ୍ତି ।

ISSN NO.
2582-208X

ଯିଏ ଶିଖୋଉ, କରି ଦେଖାଇଲା ଯିଏ ତା ପାଖକୁ ପ୍ରଶଂସା ଯିବ । ସବୁଦିନ ଏମିତି ଟିକିଏ ଟିକିଏ କରି ହାତ ବୁଲାଇଲେ ଦିନ କେଇଟାରେ ସବୁ ଶିଖିଯିବୁ ।

ସତ କୋହୁଛ ଜଜମ୍ । ମୁଁ ବି ଦିନେ ମା'ଙ୍କ ଭଳି ରନ୍ଧାବଢ଼ା ଶିଖିଯିବି ।

କାହିଁକି ନୁହେଁ । ତୋ ମା' କ'ଣ ପେଟୁରୁ ପଢ଼ି ଶିଖିଥିଲା । ଦେଖିଲୁ ମା' ବାହାରେ କିଏ ଡାକୁଛି । ନୀଳ ଆସିଗଲା ବୋଧେ ।

ଆରେ ମଧୁବାବୁ ତୁ ? ତୋ ମା' କୋହୁଥିଲା ପଅରିଦିନ ଆସିବୁ ।

ହଁ, ପଅରି ଦିନ ଗୋଟାଏ ଏକଷ୍ଟ୍ରା ପେପର ଥିଲା । ତାହା ବେଶୀ ଇମ୍ପୋଟାଣ୍ଟ ନୁହେଁ ବୋଲି କ୍ୟାନସଲ ହେଇଗଲା । ବାପା ଭଦ୍ରକ ଆସିଥିଲେ, ତେଣୁ ତାଙ୍କ ସଂଗେ ଚାଲି ଆସିଲି ।

ହଉ ବାବୁ, ଭଲ କଲ । ଘରୁକୁ ବହୁ କୁଣିଆମାନେ ଆସୁଛନ୍ତି । ଜମିଦାରୀ ଥିଲା, କଥା ଅଲଗାଥିଲା, 'ରେ' ବୋଲି କହି ଦେଲେ ଦଶଜଣ ଦୋଉଡ଼ି ଆସୁଥିଲେ । ତିନି ବରଷ ହେଲା ଘରଗୁଡ଼ାକ ବନ୍ଦ ପଡ଼ିଚି । କୋଉଠି ଅଳନ୍ଧୁ ତ କୋଉଠି ଉଇ ଧରିଲାଣି । ଧନ ନ ଥାଉ, ମାନ, ସମ୍ମାନ ତ ବଡ଼ କଥା । ବାପଟା ଏକା ଦହଗଞ୍ଜ ହୋଉଚି । ତା' ସାଂଗରେ ଲାଗି ଯା ।

ସେଇଥିପାଇଁ ତ ଆସିଛି ଜଜମ୍ । ତୁମେ ନିଶ୍ଚିନ୍ତ ରୁହ । ଦେଖିବ ଦିନ ଦିଇଟାରେ କିମିତି ଏ ଘର ସ୍ୱର୍ଗପୁରୀରେ ବଦଳି ଯିବ ।

ଆଉ ସେ ସରଗପୁରୀରେ ନେଇ ମତେ ବସେଇ ଦବୁ । ନାଲାୟକ କାହିଁକା ।

ଆସ ବାପା, ଆଜି ଟିକିଏ ଜଲ୍‌ଦି ଖାଇନେବା । ଦିନରେ ମଧୁ କ'ଣ ଦିଟା ନାକରେ କାନରେ ପସେଇ ଦେଇ ଆସିଛି ।

ISSN NO.
2582-208X

ହଉ ଚାଲ । ମୋ ଗାମୁଛାଟା କୋଉଠି ଅଛି ଦେଖିଲୁ ମାଳ ।

ଏଇ ତ ତୁମ ପାଖରେ ଜଜମ୍ । ଭୁଜା ପଡ଼ିଯିବ ବୋଲି ରଖିଥିଲ ।

ହଁ ତ ଲୋ ମାଳ । ଭୁଲି ଯାଉଛି । ବଅସ ହେଲାଣି । ସତୁରି ଟପିଲିଣି ।

ପଞ୍ଚସ୍ତରି ଛୁଇଁବ ଜଜମ୍ ।

ହଁରେ ବାବୁ, ଠିକ୍ କଇଲୁ । କେତେଦିନ ଆଉ ଜୀବନ ସାଙ୍ଗରେ ଯୁଝିବି । ମୋ ବୟସର ଆଉ କେହି ମୋ ଜାଣିବାରେ ନାହାନ୍ତି । ଦେଖ, ଆଉ କେତେଦିନ ।

ତୁମେ ଶହେ ଛୁଇଁବ ଜଜମ୍ । ଆମେ ତୁମର ଶତବାର୍ଷିକୀ ପାଳିବୁ । କେତେ ମଜା ଆସିବ କହିଲ । ରଜା ପୋଷାକ ପିନ୍ଧେଇ ତୁମ୍ଭକୁ ସିଂହାସନରେ ବସେଇବୁ । ଯାଉ ସେ ଜମିଦାରୀ। ତୁମେ ରାଜା ହେଇ ଆମ୍ଭକୁ ଶାସନ କରିବ ।

କଲେଜରେ ପାଠ ପଢ଼ା ହେଉଛି ନାଁ ବାଳୁଙ୍ଗା ମାନଙ୍କ ସାଂଗରେ ଏଇମିତି ଗମାତ କରୁଛୁ ! ଆ ମଧୁ, ଭାତ ଥଣ୍ଡା ହେଉଛି । ଜେଜେ ସାଂଗରେ କ'ଣ ଲଗେଇଚୁ !!!

ଆଜି ଜମିଦାରୀ କଥା ରଇଗଲା ଜଜମ୍ ।

ନାଁ... ବୀର ପୁଅ କଥା ଦେଇ ଭାଂଗେନା । ସମସ୍ତେ ଖାଇ ସାରିଲା ପରେ ମୋ ଗରମ କ୍ଷୀର ଗିଲାସକ ନେଇ ଆସି ମୋ ପାଖରେ ବସିବୁ । ସେତିକି ବେଳେ କଥା ହବା । ଜମିଦାରୀ ପ୍ରଥା ଆଜିର ନୁହେଁ ମୋଗଲମାନଙ୍କ କାଳରୁ ଏଇ ରାଜନୈତିକ ତଥା ସାମାଜିକ ପ୍ରଥା ଭାରତରେ ଚଳି ଆସୁଚି । ମୋଗଲ ସମୟ ତକ କୃଷକ ହିଁ ଜମିର ମାଲିକ ଥିଲା ଏବଂ ରାଜ୍ୟ କୃଷକମାନଙ୍କ ଠାରୁ କର ଆଦାୟ କରୁଥିଲା । ମୋଗଲମାନଙ୍କ ବାଦ୍ ବ୍ରିଟିଶମାନେ ଏହାକୁ ନିଜ ହସ୍ତଗତ କରିଥିଲେ । ଦେଶ ସ୍ୱାଧୀନ ହେବା ଉପରାନ୍ତେ ବ୍ରିଟିଶ୍‌ମାନଙ୍କୁ ଭାରତ ଛାଡ଼ିବାକୁ ହେଲା । ତେଣୁ ଜମିଦାରୀ ପ୍ରଥାର ସମ୍ପୂର୍ଣ୍ଣ ଉତ୍‌ଥାନ

ISSN NO.
2582-208X

୧୯୫୧ ମସିହା ଅକ୍ଟୋବର ଦୁଇ ତାରିଖ ଅର୍ଥାତ୍ ଗାନ୍ଧୀ ଜୟନ୍ତୀ ଦିନ ହୋଇଥିଲା । ଜମିଦାର ଅର୍ଥାତ୍ ଜମି ମାଲିକ । ଏଇ ପଦ ବଂଶାନୁଗତେ ଚାଲିଥିଲା । ଛୋଟ ଛୋଟ ଜାଗା, ଜିଲ୍ଲା ପ୍ରଭୃତିରେ ଭୂମିକର ସଂଗ୍ରହ କରି ସରକାରୀ ଖଜଣା ଖାତାରେ ଜମା କରିବା ଜମିଦାରର ପ୍ରଧାନ କାମ ଥିଲା । ଯେତିକି କର ଉପାର୍ଜନ ହେଉଥିଲା ତା'ର ଏଗାର ଭାଗରୁ ଭାଗେ ଜମିଦାରମାନଙ୍କୁ ପୁରସ୍କାର ସଦୃଶ ପ୍ରାପ୍ତ ହେଉଥିଲା । ଅନ୍ୟ ଏକ ଗୋଷ୍ଠୀ, ଯେଉଁମାନଙ୍କର ପଦବୀ ଥିଲା ଜାଗିରିଦାର । ଏମାନଙ୍କର କାମ ଥିଲା ନ୍ୟାୟ, ଶାସନ ଏବଂ ସେନା ସଂଗଠନ ଇତ୍ୟାଦି । ଏହା ବ୍ୟତୀତ କର ମଧ୍ୟ ଅସୁଲ କରୁଥିଲେ । ଏସବୁ ପାଇଁ ସେମାନଙ୍କୁ ଦରମା ଆକାରରେ ଅର୍ଥ ନୁହେଁ, କିଛି ରାଜସ୍ୱ ଜମି ଦିଆ ଯାଉଥିଲା । ଏହା ପ୍ରଥମ ଥର ପାଇଁ ୧୭୯୩ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରତିଷ୍ଠା ହୋଇଥିଲା । ଯାହାର ମୁଖ୍ୟ ଥିଲେ କରନୱାଲିସ । ସେଇ ସମୟରେ କର ଆଦାୟ ପାଇଁ ଦୁଇଟି ପ୍ରଥା ଗ୍ରହଣ କରାଯାଇଥିଲା । ରୋଟରୀ ପ୍ରଥା ଅର୍ଥାତ୍ କୃଷକମାନେ ନିଜେ ନିଜେ ଦେଶ ପାଣ୍ଠିରେ ଖଜଣା ଜମା କରୁଥିଲେ । ମହଲୱାରୀ ପ୍ରଥା ଅନୁସାରେ ଗାଁର କୌଣସି ମୁଖ୍ୟ ବ୍ୟକ୍ତି କୃଷକମାନଙ୍କଠାରୁ ଖଜଣା ଆଦାୟ କରୁଥିଲେ ।

ଏ ସବୁ ବିଷୟରେ ମୋର ଖୁବ୍ ଅଳ୍ପ ଧାରଣା ରହିଛି । ୟା ବିଷୟରେ କିଛି ବିସ୍ତାର ରୂପେ କୁହ ନା ।

ଆରେ, ନାଲାୟକ ତୁ ବି ଏଠି ବସିଛୁ ।

ଏଇଟା ତ ଶିଖିବା ବୟସ ଜଜମ୍ । ସ୍କୁଲ, କଲେଜ ହେଉ ବା ପରିବାର ଗୁରୁଜନଙ୍କଠାରୁ ହେଉ । କହିଲା ମଧୁ ।

ଭାରତରେ କ୍ଷତ୍ରିୟ ରାଜପୁତମାନଙ୍କର ଜମିଦାରୀ ଉପରେ ସବୁଠାରୁ ଅଧିକ ରାଜତ୍ୱ । ଭାରତର ପ୍ରାଚୀନ ବିଚାରଧାରା ଅନୁସାରେ ଭୂମି ସାର୍ବଜନିକ ସମ୍ପତ୍ତି ଥିଲା । ୟା ଉପରେ କାହାର ଅଧିକାର ନ ଥିଲା । ଏହା ପାଣି, ପବନ, ବାୟୁ, ଆଲୋକ ସଦୃଶ ପ୍ରକୃତିର ଉପହାର ରୂପେ ଗ୍ରହଣ କରାଯାଉଥିଲା । ଏଇ ମତାମତ ଆଜିର କୌଣସି ପ୍ରତିନିଧି ମାନଙ୍କର ନୁହେଁ ଜେମିନି, ମନୁ ପ୍ରଭୃତି ଋଷି ମହର୍ଷିମାନଙ୍କର ।

ISSN NO.
2582-208X

ଯ୍ଥା ପରେ ଆସିଥିଲା ମଧ୍ୟକାଳ, ମୁସଲମାନ ମାନଙ୍କର ଶାସନ । ସେ ସମୟରେ ମଧ୍ୟ ଭୂମି ଉପରେ କେହି ସ୍ୱାମୀତ୍ୱ ଜାହିର କରୁ ନ ଥିଲେ । ଆକବର କିଲା ଗଢ଼ିବା ନିମନ୍ତେ କୃଷକମାନଙ୍କଠାରୁ ଜମି କ୍ରୟ କରିଥିଲେ । ପରେ ପରେ ଆଉରଙ୍ଗଜେବ ମଧ୍ୟ ସେଇ ପଥ ଅନୁକରଣ କରିଥିଲେ । ଶାହାଜାହାନ ମତ ଦେଇଥିଲେ ଶାସକ କେବଳ କର ଅସୁଲ କରିବ । ତାଙ୍କ ଶାସନକାଳ ସମୟରେ କୃଷକମାନଙ୍କ ଅଧିକାରକୁ ବହୁ ଉଚ୍ଚ ସ୍ଥାନ ଦିଆ ଯାଉଥିଲା । ୧୭୦୭ ମସିହାରେ ଆଉରଙ୍ଗଜେବଙ୍କ ମୃତ୍ୟୁ ପରେ ପରେ କୃଷକମାନଙ୍କର ଅଧିକାର ଲୋପ ପାଇବାକୁ ଲାଗିଲା । କେନ୍ଦ୍ରୀୟ ସତ୍ତା ଶିଥିଳ ପଡ଼ିଲା ଏବଂ ଅରାଜକତା ସ୍ୱାର୍ଥ ଭାବନାର ପ୍ରାଦୁର୍ଭାବ ବଢ଼ିଲା । ଫଳତଃ କୃଷକ ବିଚାରାମାନେ ଗ୍ରାମର ଶକ୍ତିଶାଳୀ ମୁଖିଆ ବ୍ୟକ୍ତିର ସାହାଯ୍ୟ ଭିକ୍ଷା କଲେ । ୧୭୯୩ ମସିହାରେ ସ୍ଥାୟୀ ସେଟଲ୍‌ମେଣ୍ଟ ଆକ୍ଟ ପ୍ରଥମେ ବେଙ୍ଗଲ, ବିହାର, ଓଡ଼ିଶା ଏବଂ ବାରାଣସୀରେ ପ୍ରସାର ହୋଇଥିଲା । ସେଇ ସମୟରେ ଜମିଦାର ମାନଙ୍କୁ ଭୂମିର ଅଧିପତି ସଙ୍ଗେ ସଙ୍ଗେ କର ଆଦାୟ କରିବାର ଅଧିକାର ମଧ୍ୟ ଦିଆଯାଇଥିଲା । ଗରିବରୁ ଗରିବ ମାନଙ୍କ ଠାରୁ ମଧ୍ୟ କର ଆଦାୟ ଚାଲୁ ରହିଲା, ଆଜିର ପଦ୍ଧତି ଭଳି କେବଳ ସରକାରୀ ଚାକିରୀଆ ମାନଙ୍କ ଠାରୁ ନୁହେଁ, ପୂର୍ବରୁ ପ୍ରଚଳିତ କର ପ୍ରଥା ଯାହା କୌଣସି ମାଧ୍ୟମରେ ଦିଆଯାଇ ପାରୁ ଥିଲା ତାହା ପରିବର୍ତ୍ତନ କରାଯାଇ କେବଳ ଅର୍ଥ ଆକାରରେ ଗ୍ରହଣ କରାଯିବ ବୋଲି ଲାଗୁ ହେଲା । ଉକ୍ତ ଅର୍ଥର ଦଶଭାଗ ଇଷ୍ଟ ଇଣ୍ଡିଆ କମ୍ପାନୀ ଏବଂ ଏକ ଭାଗ ଜମିଦାରମାନଙ୍କ ମଧ୍ୟରେ ଭାଗ ହେବ ବୋଲି ନିଷ୍ପତ୍ତି ନିଆଗଲା । ୧୮୨୦ ମସିହାରେ ଦକ୍ଷିଣ ଭାରତରୁ ଥୋମାସ ମୁନରୋ ରୋଟାରୀ ପ୍ରଥା ଆରମ୍ଭ କଲେ । ଯାହା ବିସ୍ତାର ରୂପେ ମାଡ୍ରାସ, ବମ୍ବେ, ଆସାମର କେତୋଟି ସ୍ଥାନ, ପଞ୍ଜାବ, ଅବଧ, ଆଗ୍ରା ଏବଂ କୁର୍ଗରେ ପ୍ରଚଳିତ ହେଲା । ରୋଟାରୀ ସିଷ୍ଟମ ପ୍ରଥା ଅନୁସାରେ ପ୍ରଜାମାନଙ୍କୁ ଜମିର ଅଧିକାରୀ ଘୋଷଣା କରାଗଲା ଏବଂ ବ୍ରିଟିଶ ସରକାର ସେମାନଙ୍କଠାରୁ ଲଗାଣ ଅସୁଲ କଲେ । ଜମି ଶୁଖିଲା ପଡ଼ିଥିଲେ ୫୦ ପ୍ରତିଶତ ଏବଂ ଚାଷ ହୋଇଥିଲେ ୬୦ ପ୍ରତିଶତ କର ଘୋଷଣା କରାଗଲା । ମାତ୍ର ଦୁଃଖର ବିଷୟ ଏହି ଯେ ମନ ଇଚ୍ଛା କର ବୃଦ୍ଧି କରାଯାଉଥିଲା । ୧୮୧୯ ମସିହାରେ ମହଲୱାରୀ ପ୍ରଥା ସର୍ବପ୍ରଥମେ ହୋଲ୍ଟ ମୈକେଞ୍ଜୀଙ୍କ ଦ୍ୱାରା ଲାଗୁ ହେଲା । ଏହି ପ୍ରଥାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗାଁବାସୀ ମାନଙ୍କର ସ୍ୱତନ୍ତ୍ରତା ବଜାୟ ରଖିବା । ମହଲ ଅର୍ଥାତ୍ ଘର, ଜିଲ୍ଲା ପ୍ରଭୃତି । ଏହା ଅନୁସାରେ କେବଳ ଗ୍ରାମବାସୀ ନୁହନ୍ତି ଜମି ଅଧିକାରୀକୁ ମଧ୍ୟ କର ଭର୍ତ୍ତି କରିବାକୁ ପଡ଼ିବ ବୋଲି ଘୋଷଣା କରାଯାଇଥିଲା । ଉକ୍ତ ପ୍ରଥା ଉତ୍ତରପ୍ରଦେଶ, ନର୍ଥ ୱେଷ୍ଟ, ପଞ୍ଜାବ

ISSN NO.
2582-208X

ଏବଂ ମଧ୍ୟ ଭାରତ (ମଧ୍ୟ ପ୍ରଦେଶ ପ୍ରଭୃତି)ରେ ପ୍ରସାରିତ ହେଲା । କ୍ରମେ କ୍ରମେ ପ୍ରଥାରେ ବହୁ ଉତ୍‌ଥାନ ପତ୍ତନ ହୋଇଥିଲା । ଜମିଦାର ଅର୍ଥ ପାର୍ସି ଭାଷାରେ ସ୍ଥାନ ଅଧିକାରୀ ଅର୍ଥାତ୍ ଜମିର ସ୍ୱାମୀ ବା ମାଲିକ ।

ବାବର ଯେଉଁ ସମୟରେ ହିନ୍ଦୁସ୍ଥାନ ଜିତିଲେ, ସେତେବେଳେ ବହୁ ଉପାଧି ଯେମିତିକି ରାୟ, ରାଜ, ରାଣା, ରାଓ ରାଓ୍ୱତ ପ୍ରଭୃତି ପ୍ରଦାନ କରାଯାଉଥିଲା । ପରେ ପରେ ନୁରୁଲ ହୁସେନଙ୍କ ଦ୍ୱାରା ଏସବୁକୁ ତିନି ଭାଗରେ ବିଭକ୍ତ କରାଯାଇଥିଲା । ଉକ୍ତ ପ୍ରଥା ପୂର୍ବ ପାକିସ୍ତାନ (ବଙ୍ଗଳାଦେଶ)ରେ ୧୯୫୦ ଏବଂ ଭାରତରେ ୧୯୫୧ ମସିହାରେ ସମାପ୍ତ ହୋଇଥିଲା । ଏ ଯାବତ୍ ଏହା ପଶ୍ଚିମ ପାକିସ୍ତାନରେ ଚାଲୁ ରହିଚି ।

ମଧୁ, ମାଳ, ଯାଅ, ବହୁତ ରାତି ହେଲାଣି ଆଉ ଯାହା ଜାଣିବାର ଇଚ୍ଛା ମୁଁ ତୁମ ଦିହିଙ୍କୁ କହିଦେବି । ଜେଜେଙ୍କୁ ଶୋଇବା ପାଇଁ ଦିଅ । ତୁମେମାନେ ସିନା ଦିନ ଦଶଟା ଯାକେ ଶୋଇ ରହିବ, ଜଜମ୍ ତ ଭୋର ଚାରିଟାରୁ ଉଠିବେ । ମାଳକୁ ଉଠେଇ ଦେ ମଧୁ । ତା'ର ତ ଅଧରାତି ହେଇଗଲାଣି । ନୀଳମଣିଙ୍କ କଣ୍ଠସ୍ୱର ଶୁଣି ମାଳତୀକୁ ଗାଢ଼ ନିଦରୁ ଉଠାଇ ଭିତରକୁ ଡାକି ନେଇଗଲା ମଧୁ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ହୃଦୟ ତୁମକୁ ଝୁରେ



ଝରଣା ବାରିକ

ତମେ ଦେଇଗଲ ପ୍ରେମର ଭରଷା
ଅସରନ୍ତି ସ୍ୱପ୍ନ ମନେ
ଖୋଜୁଛି ତୁମକୁ ସହର ବଜାରେ
ଗ୍ରାମ ଗିରି ଘୋର ବନେ
ମନେ ବସା ଦେଲ କରି
ଲାଗେ ଯେ ଏମିତି ଅଶାନ୍ତ ସାଗରେ
ତମେ ମୋ ଜୀବନ ତରୀ ।

ଅସ୍ଥିର ହେଉଛି ମୋ ସରଳ ମନ
କାହିଁ ରହିଅଛ ଦୂରେ
ଗଲାପରେ ତୁମ ସ୍ମୃତିଟି ଭିଜାଏ
ମନ ମୋ ତୁମକୁ ଝୁରେ
ସାତ ଜନମର ସାଥୀ
ରଖିଚି ରଖିବି ହୃଦୟରେ ସାଇତି
ଦେଉଛି ଗୋ ପ୍ରତିଶ୍ରୁତି ।

ଆଜି ମୁଁ ନୀରବ ନାହିଁ ପ୍ରତିବାଦ
କୋହ ଭରା ହୃଦ ଛୁଟେ
ନିରୂଧିଷ୍ଟ ଆଜି ମୋ ପ୍ରେମର ସଂଜ୍ଞା
ଲୁହ ଧାରେ ଆଶା ଫୁଟେ
ତୁମେ ମୋ ଜୀବନ ଧାରା
ତୁମ ପାଇଁ ମୁହିଁ ଭୁଲି ଯାଇଅଛି
ସବୁ ଏ ଦୁନିଆ ସାରା ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ: 9556846932

ISSN NO.
2582-208X

# ଉପାସନା



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଲଖନଉ ଠାରେ
କଂଗ୍ରେସର ଏକ
ସମାବେଶ ହୋଇ ଥିଲା
ଏ ସମାବେଶରେ
ଗଂଗାଧରଂକର
ମୁଖ୍ୟ ଭୂମିକା ହିଁ ଥିଲା ।

ଭୋକ ଶୋଷ ସିଏ
ଭୁଲି ଯାଉଥିଲେ
କାମେ ରହୁଥିଲା ମନ
ସ୍ୱାଧୀନତା କଥା
ଚିନ୍ତା କରି କରି
କଟି ଯାଉ ଥିଲା ଦିନ ।

ସଭିଙ୍କ ପଛରେ
ସିଏ ହିଁ ଖାଆନ୍ତି
କର୍ମକର୍ତ୍ତା ପଚାରିଲେ
"ପୂଜା ଉପାସନା
ଭୁଲି ଯାଉଥିବେ
କାମେ ମନ ଲାଗିଗଲେ ?"

ବାଳ ଗଂଗାଧର
କହିଥିଲେ ତାଙ୍କୁ
"ପୂଜା ନୁହଁ ଉପାସନା
ସ୍ୱାଧୀନତା ପାଇଁ
କାମରେ ଲାଗିଛି
ତାହା ମୋର ଉପାସନା।

ମୋ ଭୋଜନ କଥା
ଆପଣଂକ ଚିନ୍ତା
ତାହା ଏକ ଉପାସନା
ତିଳକ ମାରିବା
ଘଣ୍ଟ ବଜାଇବା
ନୁହେଁ ମୋର ଉପାସନା।

ଭାରତ ମାତାର
ସ୍ୱାଧୀନତା ପାଇଁ
ଚିନ୍ତାଟା ଆମର ସିନା
ସେଥିପାଇଁ ଯେତେ
ପ୍ରଚେଷ୍ଟା ଆମର
ତାହା ଆମ ଉପାସନା।

ISSN NO.
2582-208X

ସଭିଙ୍କର ମନ
କେନ୍ଦ୍ରିଭୂତ ହେଲେ
ତାହା ହେବ ଉପାସନା
ସଫଳତା କେବେ
ମିଳିବ ବି ନାହିଁ
ଆମର ପ୍ରୟାସ ବିନା।

ପରସ୍ପର ମଧ୍ୟେ
ଏକତା ରହିଛି
ସ୍ୱାଧୀନତା ମିଳି ଯିବ
ଇଂରେଜ ଶାସକ
ଦେଶରୁ ଆମର
ଅବିଳମ୍ବେ ହଟିଯିବ। "

ମୋ ନଂ 9937462507

ISSN NO.
2582-208X

# କ'ଣ ସେ ନଈର ନାଁ



ବିଶ୍ୱନାଥ କର

କ'ଣ ସେ ନଈର ନାଁ
ଏ କୂଳ ପବନ ଯହିଁ ଆରକୂଳେ ବହେ
ଏ କୂଳ ର ଚାନ୍ଦ ଯହିଁ ଆର କୂଳେ ଉଏଁ
ଏ ତୁଠ ମଧୁର ବାସ୍ନା
ସେ ତୁଠରେ ମହମହ ବାସେ ।

କ'ଣ ସେ ନଈର ନାଁ
ପାଉଁଜ ଶବ୍ଦରେ ଯା'ର ନିଦ ଭାଙ୍ଗେ
ତରତର ହୋଇ ଆସୁଥିବା ରବିର ଗୋଲାପି କିରଣେ
ଘଞ୍ଚ ଜଙ୍ଗଲୀୟ ନୀରବତା ତୁଠ ପଥରରେ
ଘଷି ମାଜିହୁଏ
ଋତୁ ଶାଢୀ ବଦଳାଏ ।

ସେ ନଈର କୂଳେ କୂଳେ ତୁମ ଛବି ନାଚି ବୁଲୁଥାଏ
ପବନ ଲହଡିରେ
ତମ ଦିହ ଫଗୁଣ ଛୁଇଁ ଲେ
ଆର କୂଳ ଶୁଷ୍କ ବାଲିଶଯ୍ୟା ମଧୁଝର ଛୁଏଁ ।
ପାଣିର ଢେଉରେ ତମ ମୁହଁ ଦିଶେ ।

ISSN NO.
2582-208X

ନୂଆ ପବନରେ କୋଇଲି ର ସ୍ୱର
ତାଳଗଛ ଡାଳରେ ବାଇଚଢେଇ ର ଦୋଳି ଖେଳ
ପ୍ରଭାତର ନିରୋଳା ସମୟ
ମୋତେ ଗ୍ରାସେ ଜୀବନର ସ୍ୱପ୍ନ
କ୍ଷୀଣକଟି ନଈର ଚହଲା ପାଣିର କଳ କଳ ଶବ୍ଦ
ମୋ ହୃଦୟ ରେ ବସା ବାନ୍ଧେ
ତମ ତୁଠର ମହମହ ବାସ୍ନା
ମୋ କଫି କପ୍ ରେ ମିଶେ
ଝରକା ସେ ପାଖ ଫୁଲ ବଗିଚାରେ ଭାରି ଭାରି ବାସେ ।

କ'ଣ ସେ ନଈର ନାଁ
ଢେଉରେ ପକାଇ ଚିତା
ଚର୍ଚ୍ଚା କରେ
ଉତ୍ତାଳ ଜୁଆର ଘଷା ପଥରକୁ ଛୁଇଁ ଯିବା କଥା
ବରଗଛ ର ପତିବିମ୍ବକୁ  ଆକାଶ ଛୁଇଁବା କଥା
ଅନେକ ଦିନରୁ ପଚାରୁଥିବା ପ୍ରଶ୍ନର ଉତ୍ତର
ତମ ପାଖୁ ଫେରୁ ନଥିବା କଥା ।

କ'ଣ ସେ ନଈର ନାଁ
ଅନୁଭବ କରେ  ଯେ ମୋ ହୃଦୟର ଗଭୀରତା
ତମ ହସ ହସ ଆଖିର କଥା ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ଛତ୍ରପତି ଶିବାଜୀ ମହାରାଜଙ୍କ ରାଜ୍ୟାରୋହଣର ସାମାଜିକ - ରାଜନୈତିକ ପ୍ରଭାବ



ଅରୁଣ କୁମାର ତ୍ରିପାଠୀ

ଛତ୍ରପତି ଶିବାଜୀ ମହାରାଜ ଥିଲେ ଭାରତୀୟଙ୍କ ହୃତ ଗୌରବ ଏବଂ ଅସ୍ମିତାର ପ୍ରତୀକ । ସିଏ ଦୈବୀକୃପା ହେଉ ନତୁବା ବାହୁବଳର ପ୍ରଭାବ, ଭାରତଯେ ବିଦେଶୀ ଶାସନ କବଳରୁ କିଛିକାଂଶର ମୁକ୍ତ ହେଇ ନିଜର ସ୍ୱତନ୍ତ୍ର ସମ୍ମାନ ର ବୈଜୟନ୍ତି ଉଡ଼େଇବ, ସେହି ବିଶ୍ୱାସର ରାଷ୍ଟ୍ରଦୂତ ଥିଲେ ଶିବାଜୀ ମହାରାଜ । ଷୋଡ଼ଷ ଶତାବ୍ଦୀର ସେହି ପବିତ୍ର ଦ୍ୱିତୀୟା ତିଥି, ମଙ୍ଗଳ ରାତି ବୁଧୁ ପାହାନ୍ତିରେ ପୁରୁଷ ନକ୍ଷତ୍ର ପୁନର୍ବସୁରେ ତାଙ୍କର ହେଇଥିଲା ରାଜ୍ୟାଭିଷେକ । ଭାରତୀୟ ପରମ୍ପରାରେ କ୍ଷତ୍ରିୟ ସାଧାରଣତଃ ରାଜ ହେଉଥିଲେ କିନ୍ତୁ ଶିବାଜୀ ଥିଲେ ଜାତିରେ ଶୁଦ୍ର । ତାଙ୍କର ଜାତି ପରିବର୍ତ୍ତନ ନିମିତ୍ତ ସେହି ସମୟରେ ଏକ ପବିତ୍ର ଯଜ୍ଞର ଆୟୋଜନ କରାଯାଇଥିଲା, ଯେଉଁଠି ତତ୍କାଳୀନ ସମୟରେ ୩ କୋଟି ଟଙ୍କା ଖର୍ଚ୍ଚ ହେଇଥିଲା । ବିଷୟ ଯାହାବି ହେଉ ତାହାଙ୍କ ରାଜ୍ୟାଭିଷେକ ସହ ଏକ ନୂତନ ଯୁଗର ଅୟମାରମ୍ଭ ହୋଇଥିଲା । ତାହାର ରାଜନୈତିକ ଏବଂ ସାମାଜିକ ପ୍ରଭାବ ଆମ୍ଭେ ନିମ୍ନରେ ଆଲୋଚନା କରିବା କିନ୍ତୁ ପ୍ରଥମେ ଜାଣିନେବା ତାଙ୍କ ବିଷୟରେ କିଛି ମୌଳିକ ସୂଚନା ତଥା ତାଙ୍କ ପରିବାର ଏବଂ ସାମ୍ରାଜ୍ୟର ବିସ୍ତୃତି ସମ୍ବନ୍ଧରେ ।

ଶିବାଜୀ ମହାରାଜଙ୍କ ପୁରାନାମ ଥିଲା ଛତ୍ରପତି ଶିବାଜୀ ରାଜ ଶାହାଜୀ ରାଜ ଭୋସଲେ । ମହାରାଷ୍ଟ୍ରର ଶିବନେରୀ ଦୁର୍ଗରେ ୧୯ ଫେବୃୟାରୀ ୧୬୩୦ (ଫାଲ୍ଗୁନ କୃଷ୍ଣ ସପ୍ତମୀ) ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶାହାଜିରାଜ ଭୋସଲେ ଏବଂ ମାତାଙ୍କ ନାମ ଜିଜାମାତା ଶାହାଜୀରାଜ ଭୋସଲେ । ଶିବାଜୀଙ୍କ ଆଠଜଣ ରାଣୀ ଥିଲେ ଯାହାଙ୍କ ନାମ ହେଉଛି ସାଇବାଇ, ସୋୟାରବାଇ, ପୁତାଲା ବାଇ, ଗୁଣୱନ୍ତବାଇ, ସଗୁଣବାଇ, କାଶିବାଇ, ଲକ୍ଷ୍ମୀବାଇ ଏବଂ ସକ୍ୱାରବାଇ । ସାଇବାଇଙ୍କ ଠାରୁ ତାଙ୍କର ଗୋଟିଏ ପୁତ୍ର

ISSN NO.
2582-208X

ସମ୍ଭାଜୀ ଏବଂ ତିନୋଟି ଝିଅ ସଖୁବାଇ, ରାନୁବାଇ, ଅମ୍ବିକାବାଇ ଜନ୍ମ ହୋଇଥିଲେ । ସୋୟାରବାଇଙ୍କ ଠାରୁ ତାଙ୍କର ଗୋଟିଏ ପୁତ୍ର ରାଜାରାମ ଏବଂ ଦୀପାବାଇ ନାମରେ କନ୍ୟା ଜନ୍ମ ଗ୍ରହଣ କରିଥିଲେ । ସଗୁଣ ବାଇଙ୍କଠାରୁ ତାଙ୍କର ରାଜକୁଅଁର ବାଇ ନାମରେ ଏବଂ କମଳାବାଇ ନାମରେ ଝିଅଦ୍ୱୟ ଜନ୍ମଗ୍ରହଣ କରିଥିଲେ । ୩ ଏପ୍ରିଲ୍ ୧୬୮୦ (ଚୈତ୍ର ଶୁକ୍ଳ ପଞ୍ଚମୀ) ରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଶିବାଜୀଙ୍କ ନେତୃତ୍ୱରେ ମରାଠା ସାମ୍ରାଜ୍ୟ ଅନେକ ଦିଗରେ ପରିବ୍ୟାପ୍ତ ଭୌଗୋଳିକ ପରୀସିମା ଅକ୍ତିଆର କରିଥିଲା । ଦକ୍ଷିଣରେ ଅଧୁନା ତାମିଲନାଡୁ ଠାରୁ ଉତ୍ତରରେ ସତଲେଜ ନଦୀ (ଆଧୁନିକ ପଞ୍ଜାବ, ହିମାଚଳ ପ୍ରଦେଶ, ପାକିସ୍ଥାନ ଦେଇ ପ୍ରବାହିତ) ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଭାରତର କିଛି ଉତ୍ତର ପଶ୍ଚିମ ରାଜ୍ୟ ତଥା ଓଡ଼ିଶା ମଧ୍ୟ ସେ ଅକ୍ତିଆର କରିଥିଲେ । ସେ ତିନୋଟି ଐଶୀ ଗୁଣରେ ସମ୍ପୂର୍ଣ୍ଣ ଖଣ୍ଡା ବ୍ୟବହାର କରୁଥିଲେ ଯାହାର ନାମ ହେଲା ତୁଲଜା, ଭବାନୀ ଏବଂ ଜଗଦମ୍ବା । ଏଥିମଧ୍ୟରୁ ଜଗଦମ୍ବା ନାମକ ଖଣ୍ଡାଟି ତାଙ୍କ ତପସ୍ୟାରେ ପ୍ରୀତଃ ହେଇ ଦେବୀ ଦୁର୍ଗା ପ୍ରଦାନ କରିଥିବାର କିମ୍ବଦନ୍ତୀ ରହିଅଛି, ଯେଉଁ ନିମନ୍ତେ ସେ ଅଜୟ ଥିଲେ ।

ଆମେ ଛତ୍ରପତି ଶିବାଜୀଙ୍କ ରାଜ୍ୟ ଜୟ ଏବଂ ଆନୁସଙ୍ଗିକ ବିଧିବ୍ୟବସ୍ଥାକୁ ଯଦି ଜାଣିବା ତେବେ ଆମେ ଜାଣିପାରିବା କେଉଁସବୁ ସାମାଜିକ ଏବଂ ରାଜନୈତିକ ପ୍ରଭାବ ପଡ଼ିଥିଲା । ସେଥିର ମୁଖ୍ୟ ବିଭବ ଗୁଡ଼ିକ ହେଲା ମହିଳାଙ୍କ ସୁରକ୍ଷା, ମୁସଲିମଙ୍କ ସହ ଉତ୍ତମ ବ୍ୟବହାର, ନିର୍ଭିକ ରାଜ୍ୟ ପରିଚାଳନା ଏବଂ ପ୍ରକୃଷ୍ଟ ପ୍ରଶାସନିକ ବ୍ୟବସ୍ଥା । ତେବେ ସେହି ବିଷୟ ଅବଗତ ହେବା ନିମିତ୍ତ ଶିବାଜୀଙ୍କ ଜନ୍ମ ପରର ବୃତ୍ତାନ୍ତରୁ ଆଲୋଚନା ପ୍ରାରମ୍ଭ କରିବା ।

ଭାରତରେ ଶାସନ କରିଛନ୍ତି ଅନେକ ଶାସକ, କିନ୍ତୁ ଶିବାଜୀ ମହାରାଜଙ୍କ ନାମ ଶୁଣିଲେ ଆଜିବି ଆମ ଲୋମକୂପରେ ଶୀହରଣ ଖେଳିଯାଏ । ଆଜିବି ମହାରାଷ୍ଟ୍ରର ଅନେକ ସ୍ଥାନରେ ତାଙ୍କୁ ପୂଜା କରାଯାଏ । ଜୀଜାବାଇ ଏବଂ ଶାହାଜୀଙ୍କ ସନ୍ତାନ ଥିଲେ ଶିବାଜୀ ଯାହା ଆମେ ଆଗରୁ ଆଲୋଚନା କରିସାରିଛେ । ତାଙ୍କ ପିତା ମୋଗଲ୍ ସାମ୍ରାଜ୍ୟର ଦକ୍ଷିଣ ଭାଗର ସୁଲତାନ ଆଦିଲ୍ ଶାହାଙ୍କ ଅଧିନରେ କାର୍ଯ୍ୟ କରୁଥିଲେ । ଶିବାଜୀଙ୍କ ଜନ୍ମର କିଛି ବର୍ଷ ପରେ ତାଙ୍କ ବାପା ଶାହାଜୀ ଦ୍ୱିତୀୟ ବିବାହ କରିଥିଲେ ଏବଂ ଜୀଜାବାଇ ଏବଂ ତାଙ୍କୁ

ISSN NO.
2582-208X

ଜଣେ ବ୍ରାହ୍ମଣ ଯାହାଙ୍କ ନାମଥିଲା, ଦାଦାଜୀ ଖଣ୍ଡଦେଓ୍ବ, ତାଙ୍କ ତତ୍ତ୍ୱାବଧାନରେ ଅନ୍ୟସ୍ଥାନରେ ଛାଡ଼ି ଦେଇଥିଲେ । ଜୀଜାବାଇ ଯିଏକି ସ୍ୱାମୀଙ୍କ ଦ୍ୱାରା ଅବହେଳିତ ହେଇଥିଲେ କିନ୍ତୁ ମାନସିକ ସ୍ତରରେ ବହୁତ ଉନ୍ନତ ତଥା ଧାର୍ମିକ ଏବଂ ସାହାସୀ ଥିଲେ । ସେ ନିଜ ଶିଶୁକୁ ବୀରତ୍ୱ ଏବଂ ଆଧ୍ୟାତ୍ମିକତାର କାହାଣୀ ସବୁ ଶ୍ରବଣ କରେଇ ଜଣେ ନୀତିବାନ ମନୁଷ୍ୟ ଭାବେ ଗଢିଥିଲେ । ଏହି ସନ୍ଦର୍ଭରେ ମହାଦେବ ଗୋବିନ୍ଦ ରାଣାଡ଼େଙ୍କ ଗୋଟିଏ ଉକ୍ତି ଶିବାଜୀଙ୍କ ଉପଖ୍ୟାନ ଲେଖିବା ସମୟରୁ ଉଦ୍ଧାର କରାଯାଇପାରେ, "ଶିବାଜୀଙ୍କ ସମୁନ୍ନତ ଭବିଷ୍ୟତ ଗଠନରେ ଜୀଜାବାଇଙ୍କ ଏକ ପ୍ରମୁଖ ଭୂମିକା ରହିଥିଲା।" ଶିବାଜୀଙ୍କ ଆନୁଷ୍ଠାନିକ ଶିକ୍ଷା ସମ୍ବନ୍ଧରେ ଇତିହାସ ଯଦିଓ ନିରବ କିନ୍ତୁ ତାଙ୍କୁ ସାହାସୀ ଏବଂ ଦୁର୍ଦ୍ଧଶ କରିଗଢି ତୋଳିବାରେ ଏହି କାରଣଟି ଗୁରୁତ୍ୱପୂର୍ଣ୍ଣ ମନେ ହୁଏ । ତତ୍କାଳୀନ ଭାରତର ଶାସକ ମୋଗଲ୍ ଏବଂ ଆଫଗାନ ମାନଙ୍କୁ ସେ ବିଦେଶୀ ଭାବେ ଅଭିହିତ କରିଥିଲେ । ସେ ନିଜ ଅଦମ୍ୟ ସାହସରେ ଦେଶକୁ ବିଦେଶୀ ଆକ୍ରମଣକାରୀଙ୍କ କବଳରୁ ମୁକ୍ତ କରିବକୁ ପ୍ରାଣପଣେ ଉଦ୍ୟମ କରିଥିଲେ । ଜଣେ ରାଜା ପାଖକୁ ଆସୁଥିବା କ୍ଷମତା ଏବଂ ଅର୍ଥପ୍ରତି ସେ ଜମାରୁ ଲାଳାୟିତ ନଥିଲେ; ସେ କେବଳ ଚାହୁଁଥିଲେ ସ୍ୱରାଜ ଏବଂ ନିଜ ଦେଶରେ ନାଗରିକ ଖରାପ ବ୍ୟବହାର ପାଆନ୍ତୁ ନାହିଁ । ଯଦିଓ ଶିବଜୀଙ୍କ ପିତା ସେଠି କାର୍ଯ୍ୟ କରୁଥିଲେ କିନ୍ତୁ ମାତ୍ର ୧୫ ବର୍ଷ ବୟସରେ ସେ ଦାକ୍ଷିଣାତ୍ୟର ସୁଲତାନଙ୍କ କବଳରୁ ଗୋଟିଏ ଦୁର୍ଗ ବାହୁବଳରେ ଅକ୍ତିଆର କରିନେଇଥିଲେ । ଏହା ପରେ ପରେ ସେ ନିଜ ପରାକ୍ରମ ବଳରେ ରାଜଖର ନାମକ ସ୍ଥାନ ଗୋଟିଏ ଦୁର୍ଗ ନିର୍ମାଣ କରିଥିଲେ । କାଳକ୍ରମେ ଗୋଟିଏ ପରେ ଗୋଟିଏ ଦୁର୍ଗ ମୋଗଲଙ୍କ କବଳରୁ ଛଡ଼େଇ ନେଇଥିଲେ। ଶିବାଜୀଙ୍କ ଏହିଭଳି ପରାକ୍ରମକୁ ରୋକିବା ନିମନ୍ତେ ଆଦିଲ ଶାହା ତାଙ୍କ ପିତାଙ୍କୁ ୬ ବର୍ଷ ଧରି ବନ୍ଦୀ କରି ରଖିଲେ । ଏହି ଘଟଣା ପରେ ଶିବାଜୀଙ୍କ ପିତାଙ୍କୁ ଗୋଟିଏ ସର୍ତ୍ତ ଛାଡ଼ିବାକୁ ସେ ରାଜି ହୋଇଥିଲେ । ସେୟାଥିଲା ଶିବାଜୀଙ୍କ ଦାକ୍ଷିଣାତ୍ୟର ସୁଲତାନ ଏବଂ ସାମ୍ରାଜ୍ୟ ପ୍ରତି ଉତ୍ତମ ବ୍ୟବହାର । ଯଦିଓ ଆଦିଲ ଶାହାଙ୍କ କବଳରୁ ନିଜ ପିତାଙ୍କୁ ମୁକ୍ତି ନିମନ୍ତେ ସେ ବାହାର ଦେଖାଣିଆ ଭାବରେ ନିରବ ରହିଲେ କିନ୍ତୁ ଏତିକି ସମୟ ମଧ୍ୟରେ ସେ ଅର୍ଜିଥିବା ଦୁର୍ଗରେ ସୈନ୍ୟସାମନ୍ତଙ୍କୁ ସଜ୍ଜିତ କରି ସୁଶୃଙ୍ଖଳିତ ସେନାବାହିନୀ ଗଠନ କରିଥିଲେ । ପରିମାଣ ସ୍ୱରୂପ ୧୬୫୭ ରେ ଔରଙ୍ଗଜେବ୍ ଙ୍କ ସହ ଯୁଦ୍ଧ ହେଇଥିଲା । ଯଦିଓ ଶିବାଜୀ ଏଥିରେ ହାରିଗଲେ କିନ୍ତୁ ନିଜ ଦୁର୍ବଳ ଉତ୍ତରାଧିକାରୀଙ୍କ ଷଡ଼ଯନ୍ତ୍ରରେ ଗୃହଯୁଦ୍ଧ ସମାପ୍ତ କରୁ କରୁ ଔରାଙ୍ଗଜେବ୍ ଆଉ

ISSN NO.
2582-208X

ଦାକ୍ଷିଣାତ୍ୟ ଆଡ଼କୁ ଦୃଷ୍ଟି ନିକ୍ଷେପ କରିପାରିଲେ ନାହିଁ । ଶିବାଜୀ କୌଶଳକ୍ରମେ ସେଥିରୁ ଖସିଯାଇଥିଲେ । ଜନ୍ମଦିନ ଉପଲକ୍ଷେ ବଣ୍ଟନ ହେବା ନିମନ୍ତେ ଆସିଥିବା ଲଡୁ କୁଣ୍ଡିରେ ଲୁଚିକି ସେ ଖସି ଆସିଥିବାର କାହାଣୀ ଶୁଣିବାକୁ ମିଳେ । ଅପରପକ୍ଷରେ କିନ୍ତୁ ଆଦିଲ ଶାହାଙ୍କୁ ଶିବାଜୀଙ୍କ ଉପରେ ନଜର ରଖିବାକୁ ଆଦେଶ ମିଳିଥିଲା । ଆଦିଲ ଶାହା ନିଜର ପରାକ୍ରମୀ ସେନାପତୀ ଅଫଜଲ୍ ଖାଁ ଙ୍କୁ ଏଥିନିମନ୍ତେ ଆଦେଶ ଦେଇଥିଲେ । ଆଫଜଲ ଖାଁ ଶିବାଜୀଙ୍କୁ ଜୀବିତ ଅବା ମୃତ ଧରିବା ନିମନ୍ତେ ପୁରସ୍କାର ମାନ ଘୋଷଣା ସହ କଳ ବଳ କୌଶଳ ସବୁ ଲଗେଇ ଦେଇଥିଲେ । ଶିବାଜୀ ଯେତେବେଳେ କୌଣସି ଉପାୟରେ ଧରାପଡ଼ିଲେ ନାହିଁ ତେବେ ସେ କୁଟନୀତି ସର୍ଜନା କଲେ । ଏକ ବିରାଟ ଯଜ୍ଞ ତଥା ଧାର୍ମିକ ସଭାରେ ଯୋଗଦାନ ନିମିତ୍ତ ଜଣେ ମରାଠା ବ୍ରାହ୍ମଣ କ୍ରୀଷ୍ଣାଜୀ ଭାଷ୍କରଙ୍କ ହାତରେ ନିମନ୍ତ୍ରଣ ପଠେଇଲେ । କିନ୍ତୁ ଶିବାଜୀ ତାଙ୍କୁ ଧର୍ମର ଦ୍ୱାହି ଦେଲେ ଏବଂ ପ୍ରକୃତ ସତ୍ୟ କଣ ଜାଣିବାକୁ ଚାହିଁଲେ । ଦୂତର କର୍ତ୍ତବ୍ୟ କରିବା ସହ ସେ ଷଡଯନ୍ତ୍ର ସମ୍ପର୍କରେ ଆଭାଷ ଦେଲେ । ଶିବାଜୀ ଯିଏ ନିଜ ବିରତ୍ୱ ଏବଂ ସାହାସ ନିମନ୍ତେ ପ୍ରସିଦ୍ଧି ଅର୍ଜନ କରିଥିଲେ, ସେ ଜାଣିଥିଲେ ତାଙ୍କ ସହ କିଛି ବି ହେଇପାରେ କିନ୍ତୁ ସେ ପଛଘୁଞ୍ଚା ଦେଲେ ନାହିଁ । ଯଦିଓ ସେ ସାଧାରଣ ପରିପାଟିରେ ସଜ୍ଜିତ ଥିଲେ କିନ୍ତୁ ସେ ବାଘନଖ ସହ ଜାଗ୍ରତ ଥିଲେ। ଆଫଜଲ ଖାଁ ଶିବାଜୀଙ୍କ ତୁଳନାରେ ବହୁତ ଲମ୍ବା ଏବଂ ମୋଟା ଥିଲେ । ଶିବାଜୀଙ୍କୁ ଦେଖନ୍ତେ ସେ ନିଜ ହତିଆର ରେ ତାଙ୍କ ଗ୍ରୀବାଦେଶକୁ ପ୍ରହାର ଉଦ୍ୟମ କରନ୍ତେ ଶିବାଜୀ ନିଜକୁ ସୁରକ୍ଷିତ କରିବା ସହ ବାଘନଖ ସହାୟତାରେ ତାଙ୍କୁ ଅଚିରେ ହତ୍ୟା କରିଦେଲେ । ଶିବାଜୀଙ୍କ ସହ ଛଦ୍ମବେଶ ରେ ଥିବା ପ୍ରଧାନ ସୈନିକଙ୍କ ସହାୟତାରେ ସେହିଦିନ ବିଜାପୁର ଦୁର୍ଗ ଅକ୍ତିଆର ହେଇଥିବା ଦୁର୍ଦ୍ଧଷ ଆଫଜଲକୁ ହତ୍ୟା କରି । ଏଥିସହ ମରାଠା ସାମ୍ରାଜ୍ୟର ବିଜୟ ବୈଜୟନ୍ତି ଚତୁର୍ଦ୍ଦିଗରେ ବିସ୍ତାର ହେଲା । ବିଜୟର ଏମିତି ଅନେକ କାହାଣୀ ରହିଛି ଯାହା ବର୍ଣ୍ଣନା କଲେ ସମୟ ସରିଆସିବ କିନ୍ତୁ ସେ ଦୁର୍ବଳ ମୂହୂର୍ତ୍ତ ମାନଙ୍କରେ ନୀତିବାନ୍ ହେବା ଏବଂ ମାନବୀୟ ମୂଲ୍ୟବୋଧକୁ ସମ୍ମାନ ଦେବା ନ୍ୟାୟରେ ଅନ୍ୟ ନରପତିଙ୍କ ଠାରୁ ବାରି ହେଇପଡୁଥିଲେ । ସୈନିକ ମାନଙ୍କ ନିମନ୍ତେ ମଧ୍ୟ ସେ ନିୟମ ବନେଇଥିଲେ ଯଦ୍ୱାରା ସେମାନଙ୍କ ମଧ୍ୟ ନିତିନିୟମ ଏବଂ ମାନବୀୟ ମୂଲ୍ୟବୋଧ ଅପରିବର୍ତ୍ତିତ ରହୁଥିଲା । ନାରୀଙ୍କୁ ଯଦି କୌଣସି ସୈନିକ ଖରାପ ବ୍ୟବହାର କରୁଥିଲେ ତେବେ ସେମାନଙ୍କର ମୁଣ୍ଡକାଟ ହେବାର ବ୍ୟବସ୍ଥା ଥିଲା । ତାଙ୍କ ସୈନ୍ୟବାହିନୀରେ ସମସ୍ତ ଜାତିର ଲୋକ ରହୁଥିଲେ, ଏଭଳିକି ଅନେକ ମୁସଲିମ୍ ମଧ୍ୟ

ISSN NO.
2582-208X

ତାଙ୍କ ସେନାବାହୀନିରେ ଉଚ୍ଚ ପଦବୀରେ ରହିଥିଲେ । ଶତ୍ରୁ ଦଳରେ ଧରାପଡିଥିବା ମୂସଲିମ୍ ପୁରୁଷ ଏବଂ ସେମାନଙ୍କ ପରିଜନଙ୍କୁ ଉପଯୁକ୍ତ ବ୍ୟବହାର ପରିବେଷଣ କରୁଥିଲେ; କିନ୍ତୁ ସେୟା ହିନ୍ଦୁଙ୍କ ନିମନ୍ତେ ମୂସଲିମ୍ ଶାସକଙ୍କଦ୍ୱାରା କରା ଯାଉନଥିଲା । ଏଥିଯୋଗୁଁ ସେ ମୂସଲିମଙ୍କ ମଧ୍ୟରେ ଜହ୍ନମାମୁଁ ହେଇପାରିଥିଲେ । ତାଙ୍କ ସାମ୍ରାଜ୍ୟରେ ମିଶୁଥିବା ଅଞ୍ଚଳର ଭୌଗୋଳିକ ପରିସୀମା କେବଳ ନୁହଁ ସ୍ୱଇଚ୍ଛାରେ ନାଗରିକ ଗଣ ମଧ୍ୟ ତାଙ୍କର ବଶ୍ୟତା ସ୍ୱୀକାର କରୁଥିଲେ । ଶିବାଜୀଙ୍କ ପରାକ୍ରମରେ ପ୍ରଭାବିତ ହୋଇ ଦେଶୀୟ ରାଜାଗଣ ବିଦେଶୀ ଶାସନରୁ ମୁକ୍ତ ନିମନ୍ତେ ନିଜ ନିଜ ସ୍ତରରେ ଉଦ୍ୟମ ଜାରି ରଖିଲେ, ଯାହାଥିଲା ଭାରତ ନିମିତ୍ତ ସର୍ବଶ୍ରେଷ୍ଠ ରାଜନୈତିକ ଉପଲବ୍ଧି ।

ମହିଳାଙ୍କ ସୁରକ୍ଷା ପ୍ରତି ସେ ବିଶେଷ ଭାବେ ସଚେତନ ଥିଲେ । ଯୁଦ୍ଧରେ ଜୟପରେ ପରାଜିତ ସାମ୍ରାଜ୍ୟର ମହିଳାଙ୍କ ଆତ୍ମସମ୍ମାନ ଯେପରି ହାନି ନହେବ ସେଥିପ୍ରତି ସଚେତନ ରହିବାକୁ ନେ ନିଜ ଅନୁଗାମୀ ମାନଙ୍କୁ କହୁଥିଲେ ଏବଂ ତାହାର ନୀରିକ୍ଷଣ ନିଜେ କରୁଥିଲେ । ମହିଳାଙ୍କୁ ନିଜ ମାତା ଭଳି ସମ୍ମାନ ପ୍ରଦର୍ଶନ କରିବାକୁ କଠୋର ଆଦେଶ ଦେଇଥିଲେ ଏବଂ ବିରୋଧାଭାସ ସ୍ଥଳେ ଉଚିତ ଶାସ୍ତିବିଧାନ କରୁଥିଲେ । ଥରେ ସେ ଶୁଣିବାକୁ ପାଇଲେ ନିଜ ସାମ୍ରାଜ୍ୟର ଜଣେ ବୃଦ୍ଧ ମୁଖିଆ ଜଣେ କନ୍ୟା ସହ ଦୁଷ୍କର୍ମ କରିଛନ୍ତି; ସେ ତତକ୍ଷଣାତ ଆଦେଶ ଦେଲେ ସଂପୃକ୍ତ ବ୍ୟକ୍ତିର ଗୋଡ଼ ଏବଂ ହାତ କାଟିଦେବା ନିମିତ୍ତ । ସେହି ଦଣ୍ଡବିଧାନ ତାଙ୍କ ସାମ୍ରାଜ୍ୟରେ ନ୍ୟାୟର ଅଘୋଷିତ ରାଷ୍ଟ୍ରଦୂତ ହେଇପାରିଥିଲା । ପରାଧିନ ଭାରତରେ ଆମେ ଶୁଣିବାକୁ ପାଉଛେ ଡିସେମ୍ବର ୪, ୧୮୨୯ ରେ ଲର୍ଡ଼ ଉଇଲିଅୟମ୍ ବେଣ୍ଟିକ୍ ସତୀଦାହ ପ୍ରଥା ବନ୍ଦ କରେଇଥିଲେ, କିନ୍ତୁ ଏହାର ବହୁ ପୂର୍ବରୁ ଶିବାଜୀଙ୍କ ଶାସନରେ ସେୟା ଦେଖିବାକୁ ମିଳିଥିଲା । ପ୍ରଥମତଃ ସେ ନିଜ ପିତାଙ୍କ ଦେହାନ୍ତ ରେ ନିଜ ମାତାଙ୍କୁ ସେହି ଘୃଣ୍ୟକାର୍ଯ୍ୟରୁ ବିରତ ରଖିବା ସହ ସାମ୍ରାଜ୍ୟରେ ସେହି ଆଦେଶ ପାଳନ ଘୋଷଣା କରିଥିଲେ । ରାଜକାର୍ଯ୍ୟରେ ମହିଳାଙ୍କୁ ଯୋଗଦାନ କରିବା ଉଦ୍ଦେଶ୍ୟରେ ସେ ମହିଳା ପଞ୍ଚାୟତ ରଖିଥିଲେ । ସମସ୍ତ ମହିଳାଙ୍କ ଅଳି ଅର୍ଦ୍ଦଳି ସେଠି ଶୁଣାଯାଉଥିଲେ ।

ଶିବାଜୀ ସମସ୍ତ ଧର୍ମ ପ୍ରତି ସଦୟ ହେବା ନିମିତ୍ତ ଆଦେଶ ଦେଇଥିଲେ । ହିନ୍ଦୁ ଧର୍ମର ସନ୍ଥଙ୍କୁ ସେ ଆଦର କରିବା ସହ ଅନେକ ମୂସଲିମ ସାଧୁସନ୍ଥଙ୍କୁ ସମ୍ମାନିତ କରୁଥିଲେ । କୌଣସି ସାମ୍ରାଜ୍ୟ ଲୁଣ୍ଠନ ସମୟରେ ମସଜିଦ୍ ଏବଂ ମନ୍ଦିର ମାନଙ୍କୁ ସେଥିରୁ ବାଦ

ISSN NO.
2582-208X

ଦେବାକୁ କହିଥିଲେ । ସମସ୍ତ ଧର୍ମର ଧର୍ମଗ୍ରନ୍ଥକୁ ମଧ୍ୟ ସେ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ଧାର୍ମିକ ପକ୍ଷ୍ୟପାତ ଛାଡ଼ି ସମସ୍ତ ଧର୍ମାନୁଷ୍ଠାନ ମାନଙ୍କର ପରିଚାଳନା ନିମନ୍ତେ ସେ ଅନେକ ନିଷ୍କର ଭୂମି ଦାନ ଦେଇଥିଲେ । ସୁରତ ଜୟ ସମୟରେ ଖ୍ରୀଷ୍ଟିୟାନ ମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଥିଲେ । ଧାର୍ମିକ ବିଦ୍ୱେଷର ହୀନ ରାଜନୀତି ନଖେଳିବା ନିମନ୍ତେ ସେ ଆଦେଶ ଦେଇଥିଲେ । ତାଙ୍କ ଜଳବାହିନୀର ମୁଖ୍ୟ ଥିଲେ ଦୌଲତ ଖାନ୍ ଏବଂ ପଦାତିକ ବାହିନୀର ମୁଖିଆ ଥିଲେ ଇବ୍ରାହିମ୍ ଖାଁ । ଧର୍ମ ମନୁଷ୍ୟକୁ ଧାରଣ କରେ ଏବଂ ଧାର୍ମକି ଉଦାର ନୀତି ବଳରେ ଶିବାଜୀଙ୍କୁ ସମସ୍ତ ଧର୍ମର ପ୍ରଜା ସମ୍ମାନ ଜଣେଇଥିଲେ ଯାହା ରାଜନୈତିକ ଏକତା ଆଡ଼କୁ ବାଟକଢେଇ ନେବା ସହ ଏକ ସୁସ୍ଥ ପରମ୍ପରା ର ବିକାଶ କରେଇଥିଲା ।

ଶାସନ କାର୍ଯ୍ୟରେ ସେ ଆଠଜଣ ମନ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କରୁଥିଲେ ଯାହାଙ୍କୁ ଅଷ୍ଟପ୍ରଧାନ କୁହାଯାଉଥିଲା । ଜମି ମାନଙ୍କର ସେ ମାପ କରେଇଥିଲେ । ଭୂରାଜସ୍ୱ ଛଡ଼ା ସେ ଚୌଥ ଓ ସରଦେଶମୁଖୀ ନାମକ ଦୁଇଟି କର ଆଦାୟ କରୁଥିଲେ । ତାଙ୍କର ସୈନ୍ୟବାହିନୀ ସୁଶୃଙ୍ଖଳିତ ଓ ସୁସଙ୍ଗଠିତ ଥିଲା । ଯୁଦ୍ଧଯାତ୍ରାବେଳେ ସାଧାରଣ ନାଗରିକଙ୍କ ଉପରେ ଅତ୍ୟାଚାର ଓ ଶସ୍ୟକ୍ଷେତ୍ର ନଷ୍ଟ ନକରିବା ପାଇଁ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ, ଯାହା ମୋଗଲ ମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା ।

କୁହାଯାଏ ଆକବରଙ୍କ ହିନ୍ଦୁଙ୍କ ପ୍ରତି ସଦୟ ହେବା ଭାରତରେ ମୁସଲିମଙ୍କ ଶାସନକୁ ନୈତିକ ସ୍ୱୀକୃତିଦେଇଥିଲା; ଅନୁରୂପ ଶୈଳୀରେ ଶିବାଜୀ ତାଙ୍କ ସାମ୍ରାଜ୍ୟ ତଥା ଅକ୍ତିଆର କରିବାକୁ ଯାଉଥିବା ଅଖଣ୍ଡ ଭାରତରେ ସେୟା ପ୍ରାପ୍ତ ହେବାକୁ ଚାହୁଁଥିଲେ । ଏହି ସବୁ ଗୁଣ ତାଙ୍କୁ ଅନ୍ୟ ଶାସକଙ୍କ ଠାରୁ ଅଲଗା କରିଥିଲା ତଥା ଅଘୋଷିତ ରାଜନୈତିକ ଏବଂ ସାମାଜିକ ସଂସ୍କାର ସବୁ ଆଣିଥିଲା ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
ସମ୍ପର୍କ : +୯୧- ୯୦୭୮୮୩୮୬୨୭
E-Mail : arunkumar.tripathy31@gmail.com

ISSN NO.
2582-208X

# ଦେବୀ ଦଶଭୁଜା



ବିକାଶ କୁମାର ହୋତା

ଜୟ ଜୟ ଦୁର୍ଗା ଦୁର୍ଗତି ନାଶିନୀ
ମହିଷା ମର୍ଦ୍ଦିନୀ ମାଆ
ହୃଦ ସିଂହାସନେ ରହିଥାଅ ସଦା
ହେଉଥା ସଭିଙ୍କୁ ସାହା ।।(୧)
ନବରାତ୍ରୀ ଠାରୁ ଦଶହରା ଯାଏ
ବିଧି ନିର୍ଦ୍ଧାରିତ ପୂଜା
ମର୍ତ୍ତ୍ୟ ମଣ୍ଡଳରେ ଆବାହନ ତୁମ
ସ୍ୱାଗତ ମା ଦଶଭୁଜା ।।(୨)
ସବୁଠାରେ ଗାନ ତୁମରି ମହିମା
ଆସିଛି ପାର୍ବଣ ପର୍ବ
କରୁଣା କରିବ ସଭିଙ୍କୁ ମାଆ ଲୋ
ରଖିଥିବ ଦୟା ଭାବ ।।(୩)
ଗଗନ ପବନ ହୁଏ ପ୍ରକମ୍ପିତ
ତୁମ ଆଗମନେ ଆଜି
ଆକୁଳ ହୋଇଣ ଡ଼ାକୁଅଛୁ ସର୍ବେ
ତୁମରି ନାମକୁ ଭଜି ।।(୪)
ଆଲୋକ ମାଳାରେ ସୁସଜ୍ଜିତ ହୋଇ
ଦିଶେ କେଡ଼େ ମନଲୋଭା
କି ସୁନ୍ଦର ଆହାଃ ମଣ୍ଡପେ ବିରାଜେ
ଦେବୀ ଦୁର୍ଗାଙ୍କ ର ଶୋଭା ।।(୫)

ISSN NO.
2582-208X

ପୂରାଣେ ବର୍ଣ୍ଣିତ ତୁମ ଗାଥା ଯେତେ
ସମାଜକୁ ଶିକ୍ଷା ଦିଏ
ଚଉଦିଗ ଆଜି ଉତ୍ସବ ମୁଖର
ମନ ଆମ ମୋହିନିଏ ।।(୬)
ଦୁର୍ଗତି ସମୟେ ରକ୍ଷା କରିଥିଲ
ଶାନ୍ତ ଅଛି ଧରା ଆଜି
ଦେବତା କୁଳର ରକ୍ଷା କରିଥିଲ
ମହିଷା ମର୍ଦ୍ଦିନୀ ସାଜି ।।(୭)
ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ର
ରବଣର ବଦ୍ଧ ପାଇଁ
କୃପା ଲଭି ତୁମ ସୀତା ଉଦ୍ଧାରିଲେ
ଲଙ୍କା ର ପୁରୀ କୁ ଯାଇ ।।(୮)
ପାର୍ବଣ ର ପୂଜା ସମୃଦ୍ଧି ପରବ
ଶାରଦୀୟ ମହୋତ୍ସବ
ଆମରି ମନରେ ଅତୁଟ ରହୁ ହେ
ଶାନ୍ତି ମୈତ୍ରୀ ର ଭାବ ।।(୯)
ଆଜି ବି ଜୀବିତ ମଣିଷ ରୂପରେ
ରାବଣ ମହିଷା କେତେ
ଆସ ଆସ ମାଆ ଦୁଷ୍ଟଙ୍କୁ ବିନାଶ
ସନ୍ଥଙ୍କୁ ରଖ ଜଗତେ ।।(୧୦)
ପାଦ ପଦ୍ମେ ତବ ମୋହର ବିନତି
ନିଅ ପୁଣି ଅବତାର
ଦୁଃଖ,କଷ୍ଟ ଯେତେ ହର ଏ ସଂସାରୁ
ବିଶ୍ୱ କୁ ଉଦ୍ଧାର କର ।।(୧୧)

ଦକ୍ଷିଣକାଳୀ ରୋଡ଼
ବିଦ୍ୟାନଗର ଢେଙ୍କାନାଳ

ISSN NO.
2582-208X

# ଗାଁ କାନ୍ଦୁଛି



ନନ୍ଦିନୀ ରାଉତ

ହଜେଇ ଦେଇଛି ବୀର ପାଇକ ଙ୍କୁ
ହଜାଇ ଦେଇଛି ହଳ ଲଙ୍ଗଳ
ହଜିଛି ସେଦିନ ପଖାଳ କଂସା ଟା
ସ୍ୱାର୍ଥ ପାଇଁ ଆଜି ସର୍ବେ ବିକଳ.... 1

ହଜି ଯାଇ ଅଛି ବଇଁଶୀ ର ସ୍ୱର
ହଜେ ଗାଇଆଳ ବାହୁଡ଼ା ଗୀତ
ନୂଆ ବୋହୂ ମୁଣ୍ଡ ଓଢଣୀ ହଜିଛି
ହଜିଛି ମୋ ଗାଁ ମଧୁର ଗୀତ..... 2

ଆମ୍ବ ତୋଟା ଆଉ ବାଗୁଡ଼ି ଖେଳ ଟା
ବହୁତ ଦିନରୁ ଗଲାଣି ହଜି
ପୋଖରୀ ଗାଧୁଆ କଇଁ ଫୁଲ ତୋଳା
କେଉଁ ଠାରୁ ଆଉ ପାଉନି ଖୋଜି.... 3

ହଜି ଯାଇଅଛି ପକ୍ଷୀ ର କାକଳି
ହଜି ଯାଇ ଅଛି ମୋ ଛୋଟ ଘର
ହଜି ଯାଇଅଛି ପର୍ବ ପର୍ବାଣୀ ଯେ
ହଜି ଯାଇ ଅଛି ତୁଠ ପଥର.... 4

ISSN NO.
2582-208X

ଗାଁ, ର ନିଶାପ ପଂଚାୟତ ସବୁ
ଦୂରେଇ ଯାଇଛି ମୋ ଗାଁ ଠାରୁ
ଅଙ୍କା ବଙ୍କା ନଈ ଯାଉ ନାହିଁ ବହି
ନାହିଁ ମୋ ଗାଁ ରେ ଗାଈ କି ଗୋରୁ…5

ହଜି ଯାଇ ଅଛି ମୋ ଗାଁ ରୁ ସ୍ନେହ
ଭାଇ ଚାରା ପ୍ରୀତି ମମତା ମୋହ
ଦେଖି ଶୁଣି ଆଉ ପାରୁନି ମୁଁ ସହି
ତୁହାଇ ତୁହାଇ ଉଠୁଛି କୋହ… 6

ହଜାଇ ଦେଇଛି ଅମୂଲ୍ୟ ବନ୍ଧନ
ଲୁଚି ଲୁଚି ଆଜି କାନ୍ଦୁଛି ଗାଁ
ଗାଁ ନୁହେଁ ସିଏ ଆମ ପାଇଁ ପରା
ଅଟଇ ନିଜର ଆତ୍ମୀୟ ମାଆ…. 7

ବାଲିପଟ୍ଟା, ଅନୁଗୁଳ

ISSN NO.
2582-208X

# ମନକୁ କରିଛ ବଶ



ତାରାପ୍ରସାଦ ଜେନା

ଦୁଃଖ ଦରିଆରେ ଭାସୁଥିବା ଲୋକ
ମୁହଁରେ ଦେଇଛ ହସ
ସୁଖ ସାନ୍ତ୍ୱନାରେ ଭଲ ପାଇବାର
ବଢ଼ିଆ ରଖିଛ ଯଶ
......ଦୁଃଖ ଦରିଆରେ ଭାସୁଥିବା ଲୋକ..... ! ୦ !

ଲୁହ ଅଥଳରେ ବିଗିଡ଼ିଲି ନାହିଁ
ମୋହର ଭରସା ପାଇ
ବିଶ୍ୱାସରେ ମୋର ନିଃଶ୍ୱାସକୁ ନେଲି
ଡରୁନି ହତାଶା ଛାଇ,
ତୁମ ଶରଧାର ହାତ ଧରିବାରେ
ପ୍ରାଣ ମୋ ହୋଇଛି ତୋଷ
......ଦୁଃଖ ଦରିଆରେ ଭାସୁଥିବା ଲୋକ..... ! ୧ !

ରୂପଭେଦ ସବୁ ଗୁଣବତୀ ପାଇଁ
ଆଖିର ଆଗରେ ଅଛ
ସାଥି ବିନା ଲାଗେ ଆଜିକାଲି ମୋତେ
ସଲିଳ ବିହୁନେ ମାଛ,
ପରିଚୟ ହୀନେ ପରିଚୟ ଦେଲ

ISSN NO.
2582-208X

ରହିନି କଳଙ୍କ ଦୋଷ
......ଦୁଃଖ ଦରିଆରେ ଭାସୁଥିବା ଲୋକ..... ! ୨ !

ଗପ ବଢ଼ିବାରେ ଉପନ୍ୟାସେ ଆସି
ନାୟିକା ସାଜିଲ ସତେ
ଜୀବନର ଲକ୍ଷ୍ୟ ବାଟ କଢ଼ାଇଲ
ସାହାଯ୍ୟ ରଖିଲ କେତେ,
ଭାବ ଇଲାକାରେ ତୁମେ ବଇଭବ
ମନକୁ କରିଛ ବଶ
......ଦୁଃଖ ଦରିଆରେ ଭାସୁଥିବା ଲୋକ..... ! ୩ !

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ନାରୀ



କୁମରଲାଲ ରଣା

ଜନମ ଦେଲ ଯେ ଦୁଇ ପୁତ୍ର ଗୋଟି
ହୋଇଲ ମରତେ ଧନ୍ୟା
କରୁଣା ତୁମର ବିଛୁରିତ ହୋଇ
ଉପାଧିରେ ମହୀ କନ୍ୟା
ପ୍ରେମ ପାଇଁ ତୁମ କରୁଣା ଅଧିକ
ଓମ ରଖେ ଶାନ୍ତି ମାୟା ॥
ଏଇ ଜଗତର ପୁଣ୍ୟବତୀ ନାରୀ
ରଖିଛ ମହୀରେ ଦୟା॥
ପୁରୁଷ ବଳକୁ କରଟି କଲ୍ୟାଣ
ଦୂରବଳା ନାରୀ ହୋଇ
ଧନ୍ୟ ପୃଥିବୀର ମହନୀୟ ଗୁଣ
ଯଶ ଗାଉଅଛି ମହୀ॥
ପୁରୁଷର ତୁମେ ଅର୍ଦ୍ଧ ଅଙ୍ଗ ଅଟ
ଦିଅ ଅନଙ୍ଗ ବିଭୁତି।
ସେ ବିଭୁତି ଗୁଣେ ପୁରୁଷ ମାର୍ଜିତ
ଫୁଟାଇ ଅନଙ୍ଗ ଜ୍ୟୋତି॥

ମହୁଆଭଟା

ISSN NO.
2582-208X

# ଶିକ୍ଷକଟିଏ



କାଳପ୍ରସାଦ ମହାପାତ୍ର

ପଞ୍ଚମ ଶ୍ରେଣୀ କଥା ମନେପଡେ ଆମ ବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଉଥାଏ। ଆମ ବିଦ୍ୟାଳୟର ପ୍ରାୟ ୪୦ଜଣ ଛାତ୍ର ଛାତ୍ରୀଙ୍କ ଗହଣରେ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ନକୁଳ ରଣା ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥାଆନ୍ତି।

ଝିଅପିଲାମାନେ ଫୁଲ ଚନ୍ଦନ ଓ ଫୁଲମାଳ ଦେଇ ମହାପୁରୁଷ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରକୁ ସୁନ୍ଦର ଭାବରେ ସଜାଇ ଥାଆନ୍ତି। ଆମେ ପୁଅପିଲାଙ୍କ କାମ ହେଲା ବଜାର ରୁ ମିଠା, ସାରଙ୍କ ପାଇଁ ଲୁଙ୍ଗି , ଗଞ୍ଜି ଓ ଗାମୁଛା ଆଣି ରଖିଥାଉ। ସାର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ବିଷୟରେ କହିସାରିବା ପରେ ଆମେ ୩ଜଣ ପୁଅଝିଅ ଭାଷଣ ଦେଇସାରିବା ପରେ ଗାଁରେ ଚାଉଳ ଓ ପଇସା ମାଗିବା ପାଇଁ ଗାଁ ଭିତରକୁ ଯାଇ ଘର ଘର ବୁଲି ଚାଉଳ ସଂଗ୍ରହ କରବା ବେଳେ କ'ଣ ପାଇଁ ଚାଉଳ ମାଗୁଛ ପଚାରିବାରୁ ତାର ଉତ୍ତର ଦେବାକୁ ଯାଇ ଆମେ କହୁ ଆମର ଗରିବ ଶିକ୍ଷକମାନଙ୍କୁ ଆର୍ଥିକ ସାହାଯ୍ୟ ସହଯୋଗ ଦେବାପାଇଁ ଆଦାୟ କରୁଛୁ।

ଶିକ୍ଷକଟିଏ କ'ଣ ସତରେ ଗରିବ ? ଶିକ୍ଷକଟିଏ ଯେପରି କାମ କରେ । ସତରେ ନଖାଇ ଖାଇବାର ଅଭିନୟ କରେ। ବିରାଟ ସୌଧ ନିର୍ମାଣ କରି କୁଡିଆ ଘରେରହେ! ଡାକ୍ତର ଗଢି ଅଭାବରେ ପଡି ଦୂରାରୋଗ୍ୟରେ ମରେ । ରାଜନେତା ଗଢି ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ଥାଏ। ଶେଷରେ ସ୍ୱଳ୍ପ ପେନସନ ପାଇ ଜନ୍ମ ଦେଇ ଥିବା ପିଲାମାନଙ୍କର ଅତ୍ୟାଚାର ସହି ନ ପାରି ବୃଦ୍ଧାଶ୍ରମରେ ରହି କିମ୍ବା ଆତ୍ମହତ୍ୟା କରି ମରେ ।

ISSN NO.
2582-208X

# ତୁହି ମା ଭବାନୀ



ହରେରାମ ପଣ୍ଡା

ଜୟ ମାତା ଦୁର୍ଗେ ଦୁର୍ଗତି ନାଶିନୀ
ତୁହି ମାତା ଆଦ୍ୟାଶକ୍ତି,
ଅରକ୍ଷ ଜନଙ୍କୁ ଉଦ୍ଧାରିବା ପାଇଁ
ତୋର ମଙ୍ଗଳ ମୂରତି ।୦।

ତୋ ରୂପ ଦର୍ଶନେ ଭୁଲିଯାଏ ମନୁଁ
ସଂସାର ଜଞ୍ଜାଳ ଯେତେ,
ମାୟା ମରିଚୀକା ପଛରେ ପଡି ମୁଁ
ଅରଜିଲି ଅବା କେତେ,
ଜାଣି ଜାଣି ବାଟବଣା ହେଲି ସିନା
ହୋଇ କେଡେ ହୀନମତି ।୧।

ସଂସାର ନଉକା ଚଳାଉ ଥାଉ ମା
ଦୁଃଖ ସୁଖ ତୁହି ଦେଉ,
ଦୁଷ୍ଟଙ୍କୁ ବିନାଶି ସାଧୁଜନେ ସଦା
ସୁଖଶାନ୍ତି ଦେଇଥାଉ,
ଭାବକୁ ନିକଟ ଅଭାବକୁ ଦୂର
ଅରକ୍ଷ ଜନର ସାଥି ।୨।

ISSN NO.
2582-208X

ଆଲୁଅ ଅନ୍ଧାର ସୁଖଦୁଃଖ ଯେତେ
ସବୁ ତ ତୋର ଭିଆଣ,
ତୋର ମାୟା ଯେତେ ଦେବେ ଅଗୋଚର
ମୁହିଁ ତ ହୀନ ଅଜ୍ଞାନ,
ବଳ ଦେଏ ମାତ ଦୁଃଖୀର ସେବାରେ
ବଳୁ ସଦା ମୋର ମତି ।୩।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ - 9438065195

ISSN NO.
2582-208X

# ଇଏ ଦୁନିଆଁ ରୀତି



ଶିଶିର କୁମାର ପଣ୍ଡା

କହନା ବୋଉ ସେକଥା ଆଉ
ଜେଜିମା ଆମ ସିଏ
କିଛି ନମିଲୁ ପାଖରୁ ତା'ର
ଆଶିଷ ପରା ଦିଏ ।
ତାଆରି କୋଳେ ହୋଇଛି ବଡ଼
ଶରଧା କେତେ ପାଇ
ଏବେବି ମନେ ଅଛି ସେ କଥା
ଜମାରୁ ଭୁଲି ନାହିଁ ।
ହେଲାଣି ବୋଲି ବୟସ ତା'ର
ଛି ....ଛାକର କରୁ
କି ରୋଗ ଡେଇଁ ଯିବ ତୋ ପାଖେ
ଯୋଉଥି ପାଇଁ ଡରୁ ?
ଶୋଇବା ପାଇଁ ନାହିଁ ତା' ଘର
ରୋଷେଇ ଘରେ ଶୁଏ
ନାକ ଟେକୁଛୁ ନିଇତି ବୋଲି
ନିଜ ବାସନ ଧୁଏ ।
ଅସନା ହେଲେ ତା' ଲୁଗାପଟା
ଦଉନା କେବେ ହାତ
ଆମେ ଖାଉଛୁ ରାତିରେ ରୁଟି
ତା'ପାଇଁ ଖୁଦ ଭାତ !
ହେଉବି ଥିବ ତାହାର ଇଚ୍ଛା
ଖାଇବ ଭଲମନ୍ଦ
ତଡୁଛୁ ନିଜ ପାଖରୁ , କହି
ଦେହ ହେଉଛି ଗନ୍ଧ ।
ତମେବି ହେବ ଏମିତି ଦିନେ
ଯେସାକୁ ତେସା ନୀତି
କରମ ଯାହା ଭୋଗିବ ତାହା
ଇଏ ଦୁନିଆଁ ରୀତି ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୬୨୨୮

ISSN NO.
2582-208X



# ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ଓ ବିଶ୍ୱକର୍ମା

ସୁହାସିନୀ ବାରିକ୍

କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଶ୍ୱକର୍ମା ନିର୍ମାଣ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ ରାଜା ବାଙ୍କି ମୁହାଣରୁ ସଂଗ୍ରହ କରିଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀମାନଙ୍କୁ ଅଣାଇ କାମରେ ଲଗାଇଥିଲେ କିନ୍ତୁ ସେମାନଙ୍କ ନିହାଣ ମୁନରେ ସେ ଦାରୁ ଖୋଳାଯାଇ ପାରିଲା ନାହିଁ, ବରଂ ସେଗୁଡ଼ିକର ଧାର ଓଲଟି ଗଲା । ମୂର୍ତ୍ତି ଗଢ଼ିବାରେ ବିଫଳ ହୋଇ ସମସ୍ତେ ଫେରିବାରେ ଲାଗିଲେ ଓ ଦିନକୁ ଦିନ ରାଜା ରାଣୀଙ୍କ ମନରେ ଭାଳେଣି ପଡ଼ିଲା । କିଛିଦିନ ଗତ ହେବା ପରେ ଦିନେ ଜଣେ ବୁଢ଼ା ବଢ଼େଇ ଆସି ମୂର୍ତ୍ତି ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କଲା । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ଦିଆଗଲା । ବୁଢ଼ା ବଢ଼େଇର ସର୍ତ୍ତ ରଖିଲା ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ, ସେ ଉପବାସ ରହି ମୂର୍ତ୍ତି ନିର୍ମାଣ କରିବ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ କଲେ । ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । କିଛିଦିନପରେ ଭିତରୁ ଶବ୍ଦ ଆସିବା ବନ୍ଦ ହୋଇଯିବା ପରେ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛି ବୋଲି ସେ ଭାବିଲେ ଓ ରାଜାଙ୍କୁ ଦ୍ୱାର ଖୋଲିବାକୁ ଅନୁରୋଧ କଲେ । ଦ୍ୱାର ଉନ୍ମୁକ୍ତ କଲାପରେ ଦେଖାଗଲା ଯେ ବୁଢ଼ା ବଢ଼େଇ ଅନ୍ତର୍ଦ୍ଧ୍ୟାନ ହୋଇଯାଇଛି, ଅଛି କେବଳ ଦରଗଢ଼ା ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲାଯେ– "ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ମୁଁ ସେହି ରୂପରେ ହିଁ ଆବିର୍ଭାବ ହୋଇଛି, ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ । ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବଶିଳ୍ପୀ ବିଶ୍ୱକର୍ମା" ।

ISSN NO.
2582-208X

ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ ।

ସଂଗ୍ରାହିକା: ସୁହାସିନୀ ବାରିକ୍
ମହୁ, କେନ୍ଦ୍ରାପଡ଼ା, ଓଡ଼ିଶା
ପିନ୍ ୭୫୪୨୩୧

ISSN NO.
2582-208X

# ଶୀତ ସାୟନ୍ନ



ସୁହଂସ ଭୋଇ

ଅଂଶୁପତି ଭାନୁ ହେଲେ ଅଲ୍ପତନୁ
ଶୀତଳ ମଳୟ ଆସେ
ବିହଗ ସମୂହ ଫେରିଲେ ନିଳୟ
ଶୀତ ସାୟନ୍ନ ପ୍ରବେଶେ.....

ହଂସ ହଂସରାଳି ଜଳ କ୍ରୀଡାସାରି
ଚଳନ କରନ୍ତି ଗୃହେ
ଗୋଠ ଛାଡ଼ି ଧେନୁ ଗୋବତ୍ସ ସହିତ
ଆଗମନ ଗବାଳୟେ...

ନିରୁତାପ ଭୟ ଆଶଙ୍କା କରିଣ
କର୍ମଶୀଳ ବିଳ ଛାଡେ
ଗୃହକର୍ମ ସାରି ଚତୁରୀ ନାୟିକା
ରେଶମୀ ଚାଦର କାଢ଼େ....

ଅର୍ଦ୍ଧବସ୍ତ୍ର ଅଙ୍ଗେ ବାଳୁତ ବୁଲଇ
ଜାଡ ନ ମାଡ଼ଇ ପାଶ
ବିକଳେ ଜନନୀ ନ ଦେଖି କୁମର
ଡାକେ ସଞ୍ଜ ହେଲା ଆସ...

ISSN NO.
2582-208X

ମଙ୍ଗଳ ଆଳତି ପ୍ରଭୁ ନିତିକାନ୍ତି
ଶୁଭ ସାରଙ୍ଗର ନାଦ
ଦେବାଳୟ ପାଶ ହୋଇ ସମାବେଶ
ଭଜନ୍ତି ରାମ ଗୋବିନ୍ଦ...

ବୟସର ସଞ୍ଜ ହେଲେ ଉପନୀତ
ହଲାକତ କରେ ଶୀତ
ନିଆଁ କଢେଇକୁ ଆଶ୍ରା କରି ବୃଦ୍ଧ
ଅତୀତକୁ ଝୁରେ ସେ ତ.....

ପାନ ପାଣି ପିଠା ଶୀତ ଦିନେ ମିଠା
ଶୀତୁଆ ସଂଜରେ ମୁଢି
ଗରମ ଚା'ଆ ଟି ଶରୀର ର କୁ ଗଲେ
ଶୀତ ଯାଏ ଭୟେ ଛାଡ଼ି.....

ପହଣ୍ଡି, ବରଗଡ଼

ISSN NO.
2582-208X

# ଡେ଼ଙ୍ଗୁର ଭୟ

ପ୍ରଦୀପ୍ତ କୁମାର ଦାସ

ସବୁଠି ଆଜି ଡେ଼ଙ୍ଗୁର ଭୟ
ଆକ୍ରାନ୍ତଙ୍କ ସଂଖ୍ୟା ବଢ଼େ -
ଏହି ଖବର ଜାଣେ ଟିଭିରୁ
ସମ୍ବାଦପତ୍ରରୁ ପଢ଼େ,
ସବୁଠୁ ଭଲ ନଡ଼ିଆ ତେଲ
ଡେ଼ଙ୍ଗୁକୁ ରୋକିବା ପାଇଁ -
ଆଣ୍ଠୁ ତଳୁ ପାଦ ଯାଏଁତ ବୋଳିଲେ
ମଶା ପଳେଇବେ ଧାଇଁ,
ଏଡ଼ିସ ବଅଁସ ହୋଇବେ ହତାଶ
ନଡ଼ିଆ ତେଲକୁ ଡ଼ରିକି -
କାହାରିକୁ ଆଉ କାମୁଡ଼ିବେ ନାହିଁ
ଯିବେ ପୁରାପୁରି ତରିକି,
ସଭିଏଁ ପାଳନ କରିବ ନିଷ୍ଚୟ
ମୋର ଏ ଛୋଟିଆ କଥାକୁ-
ଭୀଷଣ ରୂପରେ ଡେ଼ଙ୍ଗୁ ଜର କାର
ଝୁଙ୍କାଇ ଦେବନି ମଥାକୁ ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

ISSN NO.
2582-208X

# ମଣିଷ ଜୀବନେ ସମୟ ନିୟନ୍ତ୍ରଣ



ସୁରମା ମିଶ୍ର

ଜଣାପଡ଼େ ନାହିଁ ସମୟ ସତରେ ଚାଁହୁଚାଁହୁଁ ଯାଏଚାଲି
ଦୁନିଆ ବଗିଚାରେ ଫୁଲକଢ଼ି ଆମେ
ଠାକୁର ଆମମାଳି
ପିଲାବେଳର ସେ ଅଭୁଲା ସମୟ
ମନେଆଙ୍କିଦିଏ ସ୍ମୃତି
ହସଖେଳ ସାଥେ ଥଟ୍ଟାମଜା ପୁଣି
ପାଠରେ ଥାଏବି ମତି
ପିତାମାତାଙ୍କର ସ୍ନେହ ସମ୍ବର୍ଦ୍ଧନା
ମମତାରେ ଥିଲା ଆକଟ
ଠାକୁରଙ୍କ ପ୍ରତି ଭକ୍ତିଭାବନାରେ
ଟଳିଯାଉଥିଲା ସଙ୍କଟ
ହସିହସାଇବା ନିଶାରେ
ମଣିଷ ପଣିଆ ଜଣାଯାଏ
ଛନ୍ଦକପଟ ଛଳନା ସମ୍ପର୍କର
ଦୁଃଖ ମାଡି ଆସିଥାଏ
ସମ୍ପ୍ରତି ଯୁଗରେ ହଜିଯାଉଅଛି
ସ୍ନେହସମ୍ମାନର ପ୍ରୀତି
ଭୟଲାଗେ  ବିଶୃଙ୍ଖଳ ସମାଜର
ଦେଖି ରୀତିନୀତି:
ଶିକ୍ଷାସହ ସଂସ୍କାର ଥିଲେ ଜୀବନ ହୋଇଯାଏ ଶୃଙ୍ଖଳିତ

ISSN NO.
2582-208X

ଈଶ୍ୱରଙ୍କ କୃପା ସାନ୍ନିଧ୍ୟରେ
ଉଜ୍ଜ୍ୱଳ ହୁଏ ଭବିଷ୍ୟତ
ଥରେ ଚାଲିଗଲେ ଅମୂଲ୍ୟ ସମୟ
ଫେରି ଆସେନାହିଁ ପୁଣି
ଶୂନ୍ୟତା ଭରିଦିଏ ଜୀବନରେ
ଅବଶୋଷକୁ ଡାକିଆଣି
ବ୍ୟସ୍ତ ଦୁନିଆରେ ମୋବାଇଲ
କରେ ଆଜି ଦୁରକୁ ନିକଟ
ତଥାପି କହୁଛି ଅବୁଝା ମଣିଷ
ମୋତେ ସମୟ ନିଅଣ୍ଟ
ତଥାପି କହୁଛି ଅବୁଝା ମଣିଷ
ମୋତେ ସମୟ ନିଅଣ୍ଟ.....

ଝାରସୁଗୁଡ଼ା

ISSN NO.
2582-208X

# ସତସଙ୍ଗ କଣ ?



ଡ. ଅର୍ଜୁନ ଚରଣ ବାରିକ୍

ଥରେ ନାରଦ ପଚାରିଲେ ଭଗବାନ ବିଷ୍ଣୁଙ୍କୁ, "ପ୍ରଭୁ ସତସଙ୍ଗ ମାନେ କଣ ? ମର୍ତ୍ତ୍ୟରେ ମଣିଷ ମାନେ ଆଜି କାଲି ସତସଙ୍ଗ ବହୁତ କରନ୍ତି। ମୁଁ ତ ସର୍ବଦା ଆପଣଙ୍କ ସଙ୍ଗ ଲାଭ କରୁଛି । ସେମାନଙ୍କ ସତସଙ୍ଗ ପୁଣି କଣ ?" ଶ୍ରୀ ବିଷ୍ଣୁ କହିଲେ, "ନାରଦ, ତୁମ୍ଭେ ଯାଅ ମର୍ତ୍ତ୍ୟର ନୈମିଷାରଣ୍ୟର ଏକ ବିରାଟ ଅଶ୍ୱତ୍ଥ ବୃକ୍ଷ କୋରଡ଼ରେ ଗୋଟିଏ ପକ୍ଷୀଶାବକ ଜନ୍ମ ନେବାକୁ ଯାଉଛି ତାକୁ ପଚାରିବ ଏହି ପ୍ରଶ୍ନ।" ନାରଦ ତୁରନ୍ତ ପ୍ରବେଶ କଲେ ଏହି ନୈମିଷାରଣ୍ୟରେ। ମୁନିଋଷିଙ୍କ ପାଇଁ ଉଦ୍ଦିଷ୍ଟ ଏହି ଅରଣ୍ୟରେ କଳିର ପ୍ରବେଶ ମଧ୍ୟ ନିଷେଧ । ଏହି ନିଘଞ୍ଚ ଅରଣ୍ୟରେ ବୃହତ୍ ଅଶ୍ୱତ୍ଥ ବୃକ୍ଷ ପାଖରେ ନାରଦ ଦେଖିଲେ କୋରଡ଼ ଭିତରୁ ସୁନ୍ଦର ପକ୍ଷୀଶାବକଟିଏ ସଦ୍ୟ ଜନ୍ମ ନେଇ ମୁଣ୍ଡ ଟେକୁଛି। ବିମୁଗ୍ଧ ନାରଦ ତାକୁ ପଚାରିଲେ "କୁହ ପକ୍ଷୀଶାବକ, ସତସଙ୍ଗ କଣ ?" ଶାବକଟି ଜନ୍ମ ନେଇ ଆଖି ଖୋଲି ପ୍ରଥମେ ନାରଦ ମୁନିଙ୍କୁ ଦେଖୁ ଦେଖୁ ଆଖି ବୁଜି ଦେଇଥିଲା ଓ ମରିଯାଇଥିଲା। ଅତ୍ୟନ୍ତ ଦୁଃଖିତ ଓ ଅପମାନିତ ନାରଦ ବିଷ୍ଣୁଙ୍କ ନିକଟକୁ ଆସି ଏପରି କରିବାର ଅଭିପ୍ରାୟ ପଚାରି ସତସଙ୍ଗର ଅର୍ଥ ପୁଣି ପଚାରିଥିଲେ। ବିଷ୍ଣୁ କହିଲେ ଏବେ  ତୁମ୍ଭେ ଦ୍ୱାରକା ଗ୍ରାମକୁ ଯାଅ। ସେଠାରେ ଜଣକ ଗୁହାଳରେ ଗାଈ ଶାବକଟିଏ ଜନ୍ମ ନେବ। ତାକୁ ଯାଇ ଏକଥା ପଚାରିବ ସିଏ ତୁମକୁ ଉତ୍ତର ଦେବ । ନାରଦ ବିଷ୍ଣୁଙ୍କୁ କହିଲେ "ଏହିପରି ମୋତେ ଶଙ୍କଟରେ ନ ପକାଇ ଦୟାକରି  ଆପଣ କହିଦିଅନ୍ତୁ ନା।" ବିଷ୍ଣୁ କହିଲେ "ଥରେ ପୁଣି ଯାଅ ସେଠାକୁ ଗାଭୀଶାବକକୁ ପଚାରିଲେ ସେ କହିଦେବ।" ନାରଦ ବାଧ୍ୟ ହୋଇ ଦ୍ୱାରକାର ସେହି ଗ୍ରାମରେ ପହଞ୍ଚି ଠାବକଲେ ଗଉଡ଼ ଜଣକର ଗୃହ, ଯେଉଁଠି ଆଜି ଗାଈଟିଏ ଜନ୍ମ ଦେବାକୁ ଯାଉଛି ବାଛୁରୀକୁ। ଗାଁ ଲୋକେ ଜଣେ ମୁନିଙ୍କୁ ଦେଖି ଆନନ୍ଦ ସହକାରେ ରୁଣ୍ଡ ହୋଇଗଲେ ବାଛୁରୀଟି ଜନ୍ମ ନେଲାବେଳେ। ନାରଦ ପଚାରିଲେ ଏହି ସୁନ୍ଦର ବାଛୁରୀଟିକୁ, "ସତସଙ୍ଗ

ISSN NO.
2582-208X

କଅଣ ?" ଇଏ ପୁଣି କଣ ହେଲା ? ବାଛୁରୀଟି ଆଖି ଖୋଲି ନାରଦଙ୍କୁ ଦେଖି ଜୀବନ ହରାଇ ବସିଲା। ଅତ୍ୟନ୍ତ ଅପମାନିତ ହୋଇ ନାରଦ ମୁନି ସେଠାରୁ କୌଶଳ କରି ଖସି ଆସିଲେ ବିଷ୍ଣୁଙ୍କ ନିକଟକୁ। ଏହିପରି ବାରମ୍ବାର ନିନ୍ଦିତ ନ କରି ତାଙ୍କ ପ୍ରଶ୍ନର ଉତ୍ତର ଚାହିଁଥିଲେ ଏବେ ଭଗବାନ ବିଷ୍ଣୁଙ୍କ ମୁଖରୁ। ଏଥର ବିଷ୍ଣୁ କହିଲେ, ବିଦର୍ଭର ରାଜ ଉଆସରେ ଜନ୍ମ ନେଉଥିବା ରାଜକୁମାରକୁ ପଚାର ସେ ଏହା କହିବ। ନାରଦ କିନ୍ତୁ ବିଲକୁଲ୍ ଆଉ ରାଜି ନୁହଁନ୍ତି ଏଥିରେ। ବିଷ୍ଣୁ ବାଧ୍ୟ କରିଥିଲେ ସେଠାକୁ ଯିବାପାଇଁ। ଅଗତ୍ୟା ନାରଦ ବିଦର୍ଭ ପହଞ୍ଚି ଭୟ-ପରବଶ ହୋଇ ଏବେ ରାଜ ଉଆସରେ ପ୍ରବେଶ କରି ଜନ୍ମ ନେଉଥିବା ଶିଶୁଟି ପାଖରେ ପହଞ୍ଚି ଏହି ପ୍ରଶ୍ନ ଉତ୍ଥାପନ କରନ୍ତେ ଶିଶୁଟି ନାରଦଙ୍କୁ ଆଗ ପ୍ରଣାମ କରି ଉତ୍ତର ଦେଇଥିଲା, "ଆପଣ ଏବେ ଯାଏଁ ବୁଝି ପାରିଲେନି ସତସଙ୍ଗର ଅର୍ଥ କ'ଣ ? ମୁଁ ପରା ସେହି ପକ୍ଷୀ ଶାବକ ନୈମିଷାରଣ୍ୟରେ ଜନ୍ମ ନେଉ ନେଉ ଆପଣଙ୍କୁ ଦର୍ଶନ କରିଥିଲି ବୋଲି ଗାଭୀଶାବକ ହୋଇପାରିଲି। ପୁଣି ଦ୍ୱାରକାରେ ଆପଣଙ୍କର ପ୍ରଥମ ସଙ୍ଗ ଲାଭ କରି ତତକ୍ଷଣାତ୍ ପଶୁ ଜନ୍ମରୁ ମୁକ୍ତି ପାଇଯାଇ ଉନ୍ନତ ଜନ୍ମ ପାଇ ରାଜକୁମାର ଭାବେ ଜନ୍ମ ନେଲି। ଏସବୁ ଆପଣଙ୍କ ସଙ୍ଗଲାଭରୁ ହିଁ ସମ୍ଭବପର ହୋଇଛି। ଏହା ହିଁ ତ ସତସଙ୍ଗ।"

ସଂଗ୍ରାହକ: ଡ. ଅର୍ଜୁନ ଚରଣ ବାରିକ୍
ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଚାଷ ଅଛି ଯାହାର



ଚିତ୍ତରଂଜନ ବେହେରା

ଚାଷ ଅଛି ଯାହାର
କେତେ ଦୁଃଖ ତାହାର
ଖଟି ଖଟି ଚାଷୀ ଅମଳ କରେ....
ମୂଲ୍ୟ ମିଳେ ନାହିଁ ତା ଶସ୍ୟର......

ଚାଷ ଅଛି ଯାହାର
ସମ୍ମାନ ନାହିଁ ତା ଅଧିକାର
ସରକାର ବି ସାବତ ପୁଅ ବୋଲି ଭାବନ୍ତି.....
ଦୁଃଖ ବୁଝନ୍ତି ନାହିଁ ତାଙ୍କର......

ଚାଷ ଅଛି ଯାହାର
ବୀମା ନାହିଁ ତା ଜୀବନର
କେବେ ଯଦି ଚାଷୀ ମୃତ୍ୟୁବରଣ କରେ....
ଲୁହରେ ଭାସନ୍ତି ତା ପରିବାର.......

ଚାଷ ଅଛି ଯାହାର
ପିଲା ଛୁଆ ହୁଅନ୍ତି ବେକାର
ଶହେ ରୁ ଦୁଇଜଣ ସଫଳ ହୁଅନ୍ତି....
ଏତିକିରେ ବାଃ ବାଃ କରନ୍ତି ସରକାର.......

ISSN NO.
2582-208X

ଚାଷ ଅଛି ଯାହାର
କାର୍ଯ୍ୟାଳୟ ରେ ସମ୍ମାନ ନାହିଁ ତାହାର
ଚାଷୀର ପୋଷାକ ଦେଖିଦେଲେ ବାବୁ....
କରେ ଚାକର ର ବ୍ୟବହାର.......

ଚାଷ ଅଛି ଯାହାର
ତା ଝିଅ ପାଇଁ ଅଭାବ ବର
ସମସ୍ତେ ସରକାରୀ ଚାକିରିଆ ଖୋଜନ୍ତି.....
ଚାଷୀ ପିଲା ପସନ୍ଦ ନାହିଁ ଝିଅ ବାପାର.......

ଚାଷ ଅଛି ଯାହାର
ତା ପୁଅ ପାଇଁ ବାହାଘର କଷ୍ଟକର
ଜ୍ୱାଇଁ କରନ୍ତି ନାହିଁ ଚାଷୀ ପୁଅ ବୋଲି....
ଖୋଜନ୍ତି ଚାକିରିଆ ଘର.......

ଚାଷ ଅଛି ଯାହାର
ଦୁନିଆ କୁ ଯୋଗାଏ ସେ ଆହାର
ଏ କଥା ଆମେ ଖୁସିରେ ଭୁଲି ଯାଉ....
ତାଙ୍କୁ କରୁ ନାହିଁ ଭଲ ବ୍ୟବହାର.....

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# କୃଷ୍ଣ ଲୀଳା



ମୋନାଲିସା ପାଣିଗ୍ରାହୀ

ମାଧବ କୃଷ୍ଣ ମୁରାରୀ ଅଟ ତୁମେ ସର୍ବ ଜଗତର ବିଶ୍ୱବିହାରୀ
ଧରିତ୍ରୀ ମାଆର ଶୁଣି ଗୁହାରୀ
ଆସିଲ ମର୍ତ୍ତ୍ୟ ମଣ୍ଡଳେ ଅବତରୀ
ପାପିର ପାପ ଭାରରୁ ରକ୍ଷା କରିବା ପାଇଁ  ହେଲ ଜନମ
ମଥୁରାର କାରାବାସରେ ହେଲ ଜନମ
ତାରିଲ ବାସୁଦେବ ଦେବକୀର ଦୁଃଖ ଦହନ ।

ଗୋପକୁ ଯାଇ ନନ୍ଦ ଯଶୋଦାଙ୍କୁ କରିଲା ଧନ୍ୟ
ଯଶୋଦାର ହେଲ ଜୀବର ଜୀବନ ।
ତୁମ ଲୀଳା ବଳେ ପାପି ପୁତନା ମଲା
ବକାସୁର ଅଘାସୁର କେତେ ସୁର ଯେ ଗଲେ
ପରେ ଯେ ଗଲା କଂସାସୁର ।

ଗୋପପୁରେ ଯାଇ ଗୋରୁ ଚରାଇ ନାମ ହେଲା ଗୋପାଳ
ବୃନ୍ଦାବନେ ଯାଇ ରାଇ ସଙ୍ଗେ କରିଲ ଲୀଳା ହେଲ ବୃନ୍ଦାବନବିହାରୀ
ସୋଳ ସହସ୍ର ଗୋପୀ ସାଙ୍ଗରେ କରିଲ ରାସ ହେ ରାସବିହରୀ
ମାଧବ କୃଷ୍ଣ ମୁରାରୀ ହେଲ ଶ୍ରୀରାଧାଙ୍କ ଜୀବନ ମାଳି
ଦେଖ ଦେଖ ବୃନ୍ଦାବନେ ସେ ବେଣୁପାଣି ।।

ପ୍ରେମର ମୂଳ ସୂତ୍ର ଦେଲ ସଂସାରକୁ ଶିଖାଇ
ସେଥିରେ ଥିଲେ ସାଂଗରେ ସେ ବ୍ରଜେଶ୍ୱରୀ

ISSN NO.
2582-208X

ରାଧାକୃଷ୍ଣ ଦୁହେଁ ହୋଇଲ ଏକ
ଏ ସଂସାର ଜାଣେ ତୁମ ପ୍ରେମର ଲୀଳା ।

ତୁମ ପ୍ରେମରେ ନାହିଁ ନାହିଁ ତ ସ୍ୱାର୍ଥ
ତୁମ ପାଦର ବିନ୍ଦେ କରୁଛି ପ୍ରଣିପାତ।
ରାଧା ପ୍ରେମରେ ହୋଇଲ ବାଇ ହେ କହେ଼ଂଇ
ରାଧା ବିନା ହେଲ ତୁମେ ଅଧା
ତୁମ ବିନା ହେଲେ ରାଧା ଅଧା
ଦୁହେଁ ମିଶି ହେଲ ରାଇ ଦାମୋଦର ।

ତୁମେ ପ୍ରେମ ତୁମେ ମୋର ପ୍ରୀତି ହେ ରାଧେ
ତୁମେ ମୋ ମନର ଦେବୀ ତୁମେ ପ୍ରିୟତମା ହେ ରାଧେ
ତୁମ ପ୍ରେମ ଲୀଳା ଜାଣିଲା ଜଗତ
ଦେଲ ଜଗତକୁ ବୁଝାଇ ପ୍ରେମର ମହତ୍ତ୍ୱ।

ରାଧା ଯେ ଅଟନ୍ତି ପ୍ରେମର ଦେବୀ
ତାଙ୍କ ପ୍ରେମ ବଳେ ସକଳ ଜଗତରେ ମିଳିଲା ପ୍ରେମର ସୁର।
କୃଷ୍ଣ ଯେ ଅଟନ୍ତି ବଂଶୀଧର
ସେ ବଂଶୀର ସ୍ୱର ଅଟନ୍ତି ସେ ରାଧାରାଣୀ ।

ସେଇ ବଂଶୀ ସାତ ସ୍ୱରରେ ବନ୍ଧା ଏ ଜୀବନ।
ତାଙ୍କ ପ୍ରେମର ଯେ ନାହିଁ ତ ଅନ୍ତ
ସେ ପ୍ରେମ ଯେ ଅଟେ ଅନନ୍ତ।
ସେଇ ରାଧାଗୋବିନ୍ଦଙ୍କ ପାଦ ତଳେ କରୁଛି ପ୍ରଣିପାତ।

"ରାଧେ ରାଧେ"

ନନ୍ଦପଡ଼ା, ସମ୍ବଲପୁର

ISSN NO.
2582-208X

# ବିଘ୍ନେଶ୍ୱର ଅଷ୍ଟୋତ୍ତର ଶତ ନାମ ସ୍ତୋତ୍ରମ୍



ଦେବଯାନୀ ବାରିକ୍

ବିନାୟକୋ ବିଘ୍ନରାଜୋ ଗୌରୀପୁତ୍ରୋ ଗଣେଶ୍ୱରଃ। ସ୍କଂଦାଗ୍ରଜୋଽବ୍ୟୟଃ ପୂତୋ ଦକ୍ଷୋଽଧ୍ୟକ୍ଷୋ ଦ୍ୱିଜପ୍ରିୟଃ ॥

ଅଗ୍ନିଗର୍ବଚ୍ଛିଦିଂଦ୍ରଶ୍ରୀପ୍ରଦୋ ବାଣୀପ୍ରଦୋଽବ୍ୟୟଃ ସର୍ବସିଦ୍ଧିପ୍ରଦ-ଶର୍ବତନୟଃ ଶର୍ବରୀପ୍ରିୟଃ ॥

ସର୍ବାତ୍ମକଃ ସୃଷ୍ଟିକର୍ତା ଦେବୋଽନେକାର୍ଚିତ ଶିବାଃ ଶୁଦ୍ଧୋ ବୁଦ୍ଧିପ୍ରିୟ-ଶାଂତୋ ବ୍ରହ୍ମଚାରୀ ଗଜାନନଃ ॥

ଦ୍ୱୈମାତ୍ରେୟୋ ମୁନିସ୍ତୁତ୍ୟୋ ଭକ୍ତବିଘ୍ନବିନାଶନଃ। ଏକଦଂତ-ଶ୍ଚତୁର୍ବାହୁ-ଶ୍ଚତୁର-ଶକ୍ତିସଂୟୁତଃ ॥

ଲଂବୋଦର-ଶର୍ପର୍ଣୋ ହର-ର୍ବ୍ରହ୍ମବିଦୁତ୍ତମଃ। କାଲୋ ଗ୍ରହପତିଃ କାମୀ ସୋମସୂର୍ୟାଗ୍ନିଲୋଚନଃ ॥

ପାଶାଂକୁଶଧର-ଶ୍ଚଂଡୋ ଗୁଣାତୀତୋ ନିରଂଜନଃ। ଅକଲ୍ମଷ-ସ୍ସ୍ୱୟଂସିଦ୍ଧ-ସ୍ସିଦ୍ଧାର୍ଚିତପଦାଂବୁଜଃ ॥

ବୀଜପୂରଫଲାସକ୍ତୋ ବରଦ-ଶ୍ଶାଶ୍ୱତଃ କୃତୀ। ବିଦ୍ୱତ୍ ପ୍ରିୟୋ ବୀତଭୟୋ ଗଦୀ ଚକ୍ରୀକ୍ଷୁଚାପଧୃତ୍ ॥

ISSN NO.
2582-208X

ଶ୍ରୀଦୋଽଜ ଉତ୍ପଲକରଃ ଶ୍ରୀପତିଃ ସ୍ତୁତିହର୍ଷିତଃ। କୁଲାଦ୍ରିଭେତ୍ତା ଜଟିଲଃ କଲିକଲ୍ମଷନାଶନଃ ॥

ଚଂଦ୍ରଚୂଡାମଣିଃ କାଂତଃ ପାପହାରୀ ସମାହିତଃ । ଅଶ୍ରିତ-ଶ୍ରୀକର-ସ୍ସୌମ୍ୟୋ ଭକ୍ତବାଂଛିତଦାୟକଃ ॥

ଶାଂତଃ କୈବଲ୍ୟସୁଖଦ-ସ୍ସଚ୍ଚିଦାନଂଦବିଗ୍ରହଃ । ଜ୍ଞାନୀ ଦୟାୟୁତୋ ଦାଂତୋ ବ୍ରହ୍ମଦ୍ୱେଷବିବର୍ଜିତଃ ॥

ପ୍ରମତ୍ତଦୈତ୍ୟଭୟଦଃ ଶ୍ରୀକଂଠୋ ବିବୁଧେଶ୍ୱରଃ । ରମାର୍ଚିତୋ ନିଧି-ର୍ନାଗରାଜୟଜ୍ଞୋପବୀତବାନ୍ ॥

ସ୍ଥୂଲକଂଠଃ ସ୍ୱୟଂକର୍ତା ସାମଘୋଷପ୍ରିୟଃ ପରଃ । ସ୍ଥୂଲତୁଂଡୋଽଗ୍ରଣୀ-ର୍ଧୀରୋ ବାଗୀଶଃ-ସିଦ୍ଧିଦାୟକଃ ॥

ଦୂର୍ବାବିଲ୍ୱପ୍ରିୟୋଽବ୍ୟକ୍ତମୂର୍ତି-ରଦ୍ଭୁତମୂର୍ତିମାନ୍। ଶୈଲେଂଦ୍ରତନୁଜୋତ୍ସଂଗଖେଲନୋତ୍ସୁକମାନସଃ॥

ସ୍ୱଲାବଣ୍ୟସୁଧାସାରଜିତମନ୍ମଥବିଗ୍ରହଃ। ସମସ୍ତଜଗଦାଧାରୋ ମାୟୀ ମୂଷକବାହନଃ ॥

ହୃଷ୍ଟ-ସ୍ତୁଷ୍ଟ ପ୍ରସନ୍ନାତ୍ମା ସର୍ବସିଦ୍ଧିପ୍ରଦାୟକଃ। ଅଷ୍ଟୋତ୍ତରଶତେନୈବଂ ନାମ୍ନାଂ ବିଘ୍ନେଶ୍ୱରଂ ବିଭୁମ୍ ॥

ତୁଷ୍ଟାବ ଶଂକରଃ ପୁତ୍ରଂ ତ୍ରିପୁରଂ ହଂତୁମୁଦ୍ୟତଃ। ୟଃ ପୂଜୟେଦନେନୈବ ଭକ୍ତ୍ୟା ସିଦ୍ଧିବିନାୟକମ୍ ॥

ଦୂର୍ବାଦଳୈ-ର୍ବିଲ୍ୱପତ୍ରୈଃ ପୁଷ୍ପୈର୍ବା ଚଂଦନାକ୍ଷତୈଃ। ସର୍ବାନ୍କାମାନବାପ୍ନୋତି ସର୍ବବିଘ୍ନୈଃ ପ୍ରମୁଚ୍ୟତେ॥

ଇତି ବିଘ୍ନେଶ୍ୱରାଷ୍ଟୋତ୍ତର ଶତନାମସ୍ତୋତ୍ରଂ ସଂପୂର୍ଣମ୍

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଲି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ନୀଳାଚଳ ନିବାସୀ



ସତ୍ୟନାରାୟଣ ମିଶ୍ର

ମତେ କରିଦେ କାଳିଆ ନୀଳାଚଳ ନିବାସୀ
ତୋର ଦରଶନ ଲାଗି ଆସିବି ନିତି।।
ଦେଖୁଥିବି ଭକତଙ୍କ ଜନ ଗହଳି
ଶୁଣୁଥିବି ଜୟ ଜଗନ୍ନାଥ ବୋବାଳି
ଯାଉଥିବି ଭାବ ସମୁଦର ରେ ବୁଡି
ଝରୁଥିବ ନୟନ ରୁ ଲୋତକ ବାରି
ନେଉଥିବି ଛଡାଫୁଲ ଛଡା ତୁଳସୀ ।।
ଭୋକ ହେଲେ ଭୁଂଜୁଥିବି ଅବଢ଼ା ଭାତ
ଶୋଷ ହେଲେ ପିଇନେବି ତୋରାଣି ଟଙ୍କ
ନିରୀମାଲ୍ୟ ଘେନୁଥିବି ଭକତି ଭରେ
ଭଜୁଥିବି ନାମ ତୋର ସଞ୍ଜ ସକାଳେ
ବାର ମାସେ ତେର ଯାତ ପାରିବି ଦେଖି ।।
ଗରୁଡ଼ ପଛରୁ ତୋର କଳା ମୁରତି
ଚାହିଁ ବାହୁଡିବି ଘରେ ନିଇତି ନିତି
ବାଇଶି ପାହଚେ ଦଣ୍ଡେ ଯିବି ରେ ବସି
କଳପ ବଟ କୁ ଥିବି ଦୁରୁ ନିରେଖି
କୋଟି ଜନମ ର ପାପ ଯିବ ରେ ହଟି।।

ସିନ୍ଧେକେଲ୍ ବଲାଙ୍ଗୀର/9583605915

ISSN NO.
2582-208X

# ପାର୍ବଣ ଫେରିଛି



ରାମ ଚନ୍ଦ୍ର ପ୍ରଧାନ

ଏ ପୁଣ୍ୟ ଧରାକୁ ପାର୍ବଣ ଫେରିଛି
ଶାରଦିୟ ବାର୍ତ୍ତା ନେଇ
ଗାଆଁରୁ ସହର ପଡ଼ୁଛି ଉଠୁଛି
ଖୁସିରେ ବିଭୋର ହୋଇ ।
ଭୂମି ଠାରୁ ଭୂମା ଖୁସିରେ ନାଚୁଛି
ମାଆଙ୍କ ଆଶିଷ ଲଭି
ପାର୍ବଣ ମେଳାରେ ଚମକ ଖେଳୁଛି
ଢୋଲର ଶବଦ ଶୁଭି ।
ମହା ଆଡ଼ମ୍ବରେ ପୂଜା କରିବାକୁ
ଆଦିଶକ୍ତି ଦଶଭୁଜା
ପୂଜା ମଣ୍ଡପରେ ପ୍ରସ୍ତୁତ ଚାଲିଛି
କାହିଁ କେତେ ସାଜସଜ୍ଜା ।
ଅପସରି ଯିବ ଅମା ଅନ୍ଧକାର
ପାପୀ ତପି ଯିବେ ତରି
ଜନ ସମୁଦ୍ରରେ ଖୁସିର ଲହରୀ
ଡାକୁଥିବ ହାତ ଠାରି ।

କୃପା ବରଷିବ ସବୁରି ଜୀବନେ
ଭରିବ ମନେ ଆଗ୍ରହ
ନାଚ ଗୀତ ସାଥେ ଖୁସି ମଜା ହେବ
ଦେଖି ମାଆଙ୍କ ବିଗ୍ରହ ।
ସଭିଙ୍କ ତୁଣ୍ଡରେ ଗୁଞ୍ଜରିତ ହେବ
ମାଆଙ୍କ ପବିତ୍ର ନାମ
ପାର୍ବଣ ଋତୁଟା ସଫଳ ହୋଇବ
ଧନ୍ୟ ହେବ ଧରାଧାମ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

### ପଞ୍ଚମ ଅଧାୟ

### ରାଗ-ବସନ୍ତ ବରାଡ଼ି

ପିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱ ଅବଧାନେ ସାଧିଲି ନିଶ୍ଚଳ ସମାଧି
ଜନ୍ମନେଲା ତହିଁ ନିର୍ଗୁଣ ମାର୍ଗରେ କୃଷ୍ଣ ରସ ସୁଧା ବାରିଧି
ରାଜନ, ଧ୍ୟାନକର ଆମ୍ଭ ବଚନ
ପୁଣ୍ୟ ଭାଗବତ ଶ୍ରବଣେ ତୁମର ଶୁଦ୍ଧ ହେବ ତନୁ ପରାଣ ।୬ ।

ଚଣ୍ଡାବେଗେ ବହେ କାଳର ତଟିନୀ ସରବ ପ୍ରାଣୀଙ୍କୁ ଭସାଇ
କରମ ବିଧାନେ ଅଭନ୍ତି କଷଣ ତୁଚ୍ଛାରେ ଲୋତକ ଗଡାଇ
ଈଶ୍ୱର, ନିର୍ବିକାର ସେ ଯେ ଅନନ୍ତ
ଯା ଅନ୍ତ ବିକ୍ଷଣେ ବ୍ରହ୍ମାଦି ଦେବତା ଖୋଜି ହୋଇଗଲେ ନୟାନ୍ତ ।୭ ।

କୋଟିଏ ବ୍ରହ୍ମାଣ୍ଡ ଉତ୍ପତ୍ତି ପ୍ରଳୟ ତାହାଙ୍କ କାୟାରେ ବିଲୀନ
ଗୋଲୋକ ବିହାରୀ ସର୍ବଘଟେ ପୂରି ଲକ୍ଷଣେ ଭରନ୍ତି ସପନ
ସଂକ୍ଷେପି, ଲୀଳା ପୁରୁଷଙ୍କ ମହିମା
ଅସମର୍ଥ ଯହିଁ ବିବୁଧନିକର ଲୀଳାବତାରଙ୍କ ଗରିମା ।୮ ।

ଭବ ପାରାବାର ଉଦ୍ଧାର ନିମିତ୍ତ ବିଷ୍ଣୁ ନାମସୁଧା ତରଣୀ
ସଚ୍ଚିଦାନନ୍ଦଙ୍କ ନାମ ସଂକୀର୍ତ୍ତନ ଭଜମନ ଦିବାରଜନୀ
ଅମୃତ, ଭାଗବତ ବାଣୀ ମହତ
ଘନ ତମସାରୁ ଆଲୋକିତ ପଥେ ପ୍ରାଣୀଙ୍କୁ କରାଇ ପ୍ରବୃତ୍ତ ।୯ ।

ISSN NO.
2582-208X

ଚରେ ତପକୁ ଭକତି ମାର୍ଗରେ ସ୍ଥିରକରି ଉପବେଶନ
କ୍ଷଣିକରେ ଲୋକ ହୋଇଯାଏ ତାର ଭବ ବ୍ୟୟ ଦୁଃଖ କଷଣ
ମହର୍ଷି, ଉତ୍କଣ୍ଠା ଉପୁଜେ ପରାଣେ
ବେନିକର ଯୋଡି ପରୀକ୍ଷ ନୃପତି ବିନୟେ ଭାଷିଲେ ଲୋଚନେ ।୧୦ ।

ଟୀକା:
ତନୁ - ଶରୀର
ତରଣୀ - ଡଙ୍ଗା
ତମସା ଓ- ଅନ୍ଧକାର
ଚଣ୍ଡା - କ୍ରୋଧାନ୍ୱିତ
ଘନ - ଗାଢ

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# କେତେ ଦୁଃଖ ଲେଖିଛ ମୋ କପାଳେ ?



ଅନନ୍ତ କୁମାର

କେତେ ଦୁଃଖ ଲେଖିଛୁରେ କାଳିଆ
ଏ ଅଧମର ଭାଗ୍ୟେ
କେତେ ଲୁହ ଭରିଛୁରେ କାଳିଆ
ଏ ଦୀନହୀନ ନୟନେ,
ଦୁଃଖ ଭୋଗି ଭୋଗି ଥକି ଗଲିଣି
ସହିବାକୁ ଶକ୍ତି ନାହିଁ।
ଲୁହ ଝରି ଝରି ଆଖି ଶୁଖି ଗଲାଣି
ଝରିବାକୁ ଲୁହ ନାହିଁ।
ସଞ୍ଜରୁ ସକାଳ କେତେ ଗୁହାରି କରିବି
ତ ଆଗେ ମଥା ପିଟି
ଦିବସରୁ ନିଶି କେତେ ଲୁହ ଝରାଇବି
ତ ପାଦ ତଳେ ବସି ।
ଏତେ ଡାକି ଡାକି ଯଦି ରହିଲି ଦୁଃଖୀ
କି ପାଇଁ ଆଉ ତତେ ଡାକିବି ।
ଏତେ ଝୁରି ଝୁରି ଯଦି ନ ଦେଲୁ ଖୁସି
କି ପାଇଁ ଆଉ ତତେ ଝୁରିବି ।
ଦୁଃଖ ଯଦି ଲେଖା ମୋ କପାଳେ
ଭୋଗିବି ସବୁ ଜନମେ ।

ISSN NO.
2582-208X

କାନ୍ଦିବା ଯଦି ଲେଖା ମୋ ଭାଗ୍ୟରେ
କାନ୍ଦୁଥିବି ସବୁ ଦିନେ।
ଦୋଷ କେବେ ଦେବି ନାହିଁ କାଳିଆ
ଦୁଃଖ ମୋର ଲାଘବ କଲନି ବୋଲି।
ଅଭିମାନ କେବେ କରିବି ନାହିଁ
ଓଠେ ହସ ଟିକେ ଦେଲ ନାହିଁ ବୋଲି।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ,
ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X

# ତରୁଣ ମନର ପରିଣାମ



ଅବିନାଶ ସାହୁ

ବିଦ୍ୟାଦାତ୍ରୀ ମା' ବୀଣାପାଣିଙ୍କ ଧରାବତରଣ ପାଇଁ ସାରା ରାଜ୍ୟ ବେଶ୍ ଚଳଚଞ୍ଚଳ। ତେଣୁ ଗାଁ ଠାରୁ ସହର ସବୁଠି ଆରାଧନାର ପରିବେଶ ସରଗରମ ଥାଏ। ସମଗ୍ର ରାଜ୍ୟ ଭଳି ଏକ ମହାବିଦ୍ୟାଳୟରେ ମା' ବାକ୍ୟଦେବୀଙ୍କ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିବାକୁ ଅଳ୍ପ କିଛିଦିନ ବାକିଥାଏ। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବୈଠକରେ ନିର୍ଦ୍ଦିଷ୍ଟ ଚାନ୍ଦା ପ୍ରଦାନ କରିବାପାଇଁ ସହମତି ପ୍ରକାଶ ପାଇଲା। ଏହି ବୈଠକରେ +୩ ଶେଷ ବର୍ଷର ସମସ୍ତ ଆଦାୟ ଟଙ୍କା ହରିଶ୍ ରଖିବ ଏବଂ +୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ସମସ୍ତ ଟଙ୍କା ସ୍ମିତା ଆଦାୟ କରି ହରିଶକୁ ପ୍ରଦାନ କରିବ। ଏଣୁ ଉଭୟ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ଭଳି ମନେହୁଏ। ପ୍ରତି ଦୁଇ ଦିନ ଅନ୍ତରରେ ସ୍ମିତା ଟଙ୍କା ନେଇ ହରିଶ୍ କୁ ଦେବାବେଳେ କେତେବେଳେ ଯେ ସେ ହରିଶ୍ ମଧ୍ୟରେ ନିଜକୁ ଅନୁଭବ କରିଛି ତାହା ମଧ୍ୟ ଅଜଣା। କ୍ରମେ ସ୍ମିତା ନିଜ ଉପରୁ ନିୟନ୍ତ୍ରଣ ହରାଇ ହରିଶକୁ ଭଲପାଇ ବସିଲା କିନ୍ତୁ ହରିଶକୁ ଏ ଘଟଣା ଜ୍ଞାତ ନଥାଏ।

ମା' ଙ୍କର ପୂଜା ସମୟ ଆସି ଉପନୀତ ହେଲା ଏବଂ ସମସ୍ତଙ୍କ ସହଯୋଗରେ ପୂଜା କାର୍ଯ୍ୟ ମଧ୍ୟ ସମୟ ନିର୍ଘଣ୍ଟ ଅନୁଯାଇ ଅବିଳମ୍ବେ ଆଗକୁ ବଢୁଥାଏ। ଏହି ସମୟରେ ପୂଜାରୀ ନନା ପୁଷ୍ପାଞ୍ଜଳି ଦେବା ପାଇଁ ସମସ୍ତଙ୍କୁ ଡାକିଲେ। ହରିଶ୍ ଆଉ ସ୍ମିତା ଏଥିରୁ ବାଦ ବା ପଡ଼ିବେ କିପରି ? ତେଣୁ ସେମାନେ ମଧ୍ୟ ଗଲେ, ଉଭୟ ମିଶି ଏକା ସମୟରେ ମା' ଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରି ମୁଣ୍ଡ ନୁଆଇଁ ଆଶୀର୍ବାଦ ଭିକ୍ଷା କରିବା ବେଳେ ପୂଜାରୀ ନନା ଉଭୟଙ୍କୁ କଲ୍ୟାଣ କଲେ ଏବଂ ମା' ଙ୍କ ପୂଜା କାର୍ଯ୍ୟ ଯଥା ବିଧିରେ ସମ୍ପାଦିତ ହେଲା।

ISSN NO.
2582-208X

ଏଣେ ସ୍ମିତା ତ ହରିଶ୍ ପ୍ରେମରେ ପୁରା ଆତ୍ମବିଭୋର ହୋଇପଡିଥାଏ। ତେଣୁ ସେ ସମୟ ସୁଯୋଗ ଦେଖି ହରିଶ୍ କୁ ତା' ମନ କଥା ଜଣାଇ - "ମୁଁ ତୁମକୁ ଭଲପାଏ" ବୋଲି ପ୍ରସ୍ତାବ ଦେଇଦେଲା। ହରିଶ୍ ଏହା ଶୁଣି ହଡ଼ବଡ଼େଇ ଗଲା ଏବଂ ସ୍ମିତାକୁ ବୁଝାଇ କହିଲା- ଦେଖ ସ୍ମିତା ତୁମେ କଣ ଆଉ ମୁଁ କଣ ଏକଥା ସମସ୍ତେ ଜାଣନ୍ତି ! ତୁମେ ପାଠ ପଢ଼ିବା ପାଇଁ ମହାବିଦ୍ୟାଳୟକୁ ଆସୁଛ କାର୍ ରେ ଏବଂ ମୁଁ ଆସୁଛି ସାଇକେଲ୍ ରେ, ତୁମର କେତେ ବଡ଼ ବଡ଼ କୋଠାଘର ଆଉ ଆମର ଅଛି ଭଙ୍ଗା ଦଦରା ଚାଳଘର କୁଡ଼ିଆ ସେଥିରେ ପୁଣି ଠାଏ ଠାଏ ଦିନରେ ସୂର୍ଯ୍ୟ ଆଉ ରାତିରେ ତାରାମାନେ ଦିଶନ୍ତି। ତୁମେ ନିତି କେତେ କଅଣ ଭଲମନ୍ଦ ଖାଉଥିବ ଆଉ ମୁଁ ଖାଉଛି ଶାଗ ପଖାଳ। ତୁମ ବାପା ଜଣେ ନାଁ କରା ଡାକ୍ତର ଆଉ ମୋ ବାପା ମାମୁଲି ଖଟିଖିଆ ଦିନମଜୁରିଆ। ତେଣୁ ଏହା କୌଣସି ପକ୍ଷେ ସମ୍ଭବ ନୁହେଁ। ତୁମେ ମୋତେ ତୁମ ମନରୁ କାଢ଼ିଦିଅ, ପାଠପଢ଼ିବା ପାଇଁ ଆସୁଛ ପାଠ ପଢ଼ି ନିଜକୁ ସଫଳତା ଆଡ଼କୁ ଆଗେଇ ନିଅ।

ମା' ଙ୍କର ପୂଜା ସରିବାର ଦୁଇ ଦିନ ପରେ ବିସର୍ଜନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହେଲା। ବିରାଟ ପଟୁଆର ସହ ମାଆଙ୍କ ପ୍ରତିମାକୁ ନେଇ ସମସ୍ତ ଛାତ୍ରଛାତ୍ରୀ ଏକ ପୁଷ୍କରିଣୀ କୂଳକୁ ଗଲେ। ସେଠାରେ ମା' ସରସ୍ୱତୀଙ୍କୁ ଶେଷ ଅର୍ଚ୍ଚନା ନିମନ୍ତେ ଦୀପକୁ ପ୍ରସ୍ତୁତ କଲେ ମାତ୍ର ଦୀପ ପ୍ରଜ୍ୱଳନ ପାଇଁ ଦିଆସିଲିର ଆବଶ୍ୟକତା ପଡ଼ିଲା କିନ୍ତୁ ଦିଆସିଲି ଆଣିବାକୁ କାହାର ବି ମନେନଥାଏ। ସେମାନେ ଯାଇଥିବା ସ୍ଥାନ ନିକଟରେ ସ୍ମିତାର ଘର ହୋଇଥିବାରୁ ହରିଶ୍ ସ୍ମିତାକୁ ଦିଆସିଲି ଆଣିବା ପାଇଁ ଅନୁରୋଧ କରିବା ମାତ୍ରେ ସ୍ମିତା ସଙ୍ଗେ ସଙ୍ଗେ ଘରକୁ ଯାଇ ଦିଆସିଲି ନେଇଆସିଛି। ସ୍ମିତା ଯେତେବେଳେ ଘରକୁ ଗଲା ତାଙ୍କ ଘରଲୋକ ଜାଣିବାକୁ ପାଇଲେ ଯେ ତାଙ୍କ ଘର ପାଖରେ ମା' ଙ୍କୁ ମେଲାଣି ଦିଆଯିବା ପାଇଁ ବ୍ୟବସ୍ଥା ହୋଇଛି ତେଣୁ ସେମାନେ ସମସ୍ତେ ଛାତ ଉପରକୁ ଯାଇ ବିସର୍ଜନର ସମସ୍ତ ନୀତିକୁ ସ୍ୱଚକ୍ଷୁରେ ଦେଖୁଥାନ୍ତି। ଏହା ସ୍ମିତାକୁ ଜଣା ନଥାଏ।

ପୂର୍ବରୁ କେବେ ବି ନୃତ୍ୟ କରିନଥିବା ହରିଶ୍ ସ୍ମିତାର ବାଧ୍ୟ ବାଧକତା ଯୋଗୁଁ ସେଦିନ ନୃତ୍ୟ କରିଥିଲା। ସେଦିନ ମେଲାଣି ସମୟରେ ସବୁ ପିଲା ମାନଙ୍କ ସହ ସ୍ମିତା ଏବଂ ହରିଶ୍ ଗୀତର ତାଳେ ତାଳେ ଖୁବ୍ ଝୁମିଥିଲେ। ଏସବୁ ସ୍ମିତାର ପରିବାର ଦେଖିବା ପରେ ତାଙ୍କ ମନରେ ସନ୍ଦେହ ଜାତ ହେଲା। ଏସବୁ ଘଟଣା ବିଷୟରେ ସ୍ମିତାର ବାପା ଯାଇ

ISSN NO.
2582-208X

ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବଗତ କରାଇଲେ। ଅଧ୍ୟକ୍ଷ ମଧ୍ୟ ସ୍ମିତାର ବାପାଙ୍କୁ କହିଲେ ଯେ – ସ୍ମିତା ଏଇ କିଛିଦିନ ହେବ ପୁରା ବଦଳି ଯାଇଛି। ଏହି କଥା ଶୁଣିବା ପରେ ତାଙ୍କ ମନରେ ସନ୍ଦେହ ଆହୁରି ଘନୀଭୂତ ହେଲା। ତେଣୁ ସେ ଘରକୁ ଆସି ସ୍ମିତାକୁ ତାଗିଦ କଲେ। ବାପାଙ୍କ କଥାକୁ ସ୍ମିତା ତିଳେ ହେଲେ ଖାତିର୍ କଲା ନାହିଁ। ଏହା ଦେଖିବା ପରେ ସ୍ମିତାର ଭାଇ ଯାଇ ସ୍ମିତା ସହ ନ ମିଶିବା ପାଇଁ ହରିଶକୁ କହିଆସିଲେ।

ସ୍ମିତାର ଭାଇ ହରିଶକୁ ସିନା ମନାକରି ଆସିଲେ, ହେଲେ କିଛିଦିନ ପରେ ସେମାନେ ଲକ୍ଷ୍ୟ କଲେ ସ୍ମିତାର ବିଶୃଙ୍ଖଳା ଦିନକୁ ଦିନ ଚରମସୀମା ଆଡ଼କୁ ଗତି କରୁଛି। ସେହି ଦିନ ଠାରୁ ସେମାନେ ସ୍ମିତାକୁ ମହାବିଦ୍ୟାଳୟକୁ ନ ଛାଡ଼ି ତାକୁ ଗୋଟିଏ ପ୍ରକୋଷ୍ଠ ମଧ୍ୟରେ ତାଲା ପକାଇ ରଖିଦେଲେ। ସେ ଗୋଟିଏ ସ୍ଥାନରେ ବନ୍ଦୀ ହୋଇ ରହିବା ଫଳରେ ଚିନ୍ତା କରି କରି ଦିନ କେଇଟା ମଧ୍ୟରେ କଳା କାଠ ପଡ଼ି ପୁରା ଶୁଖିଗଲା। ପୂର୍ବରୁ ଥିବା ଗୋଟିଏ ଚାଉଳରେ ଗଢ଼ା ଶରୀରର ସୌନ୍ଦର୍ଯ୍ୟ ପୁରାପୁରି ଫିକା ପଡ଼ିଯାଇଥିଲା।

ଏମିତି କିଛି ଦିନ ଗଲା ପରେ ଝିଅର ଏପରି ଅବସ୍ଥା ଦେଖି ବାପାଙ୍କ ହୃଦୟରେ ଝିଅ ପ୍ରତି ଥିବା ଅହେତୁକ ଶ୍ରଦ୍ଧା ଭାବ ପୁଣି ଜାଗ୍ରତ ହୋଇଉଠିଲା। ସେ ସ୍ମିତାକୁ ବୁଝାସୁଝା କରି ପୁନର୍ବାର ମହାବିଦ୍ୟାଳୟକୁ ଯିବା ପାଇଁ ଅନୁମତି ଦେଲେ।

ସ୍ମିତା ହରିଶକୁ ଅହେତୁକ ଭଲପାଇବା କଥାଟା ମହାବିଦ୍ୟାଳୟ ସାରା ପ୍ରଘଟ ହୋଇ ଯାଇଥାଏ। ସ୍ମିତା ଯେତେବେଳେ ମହାବିଦ୍ୟାଳୟକୁ ପୁନଃର୍ବାର ଗଲା ସମସ୍ତେ ତାକୁ ଭଲଭାବରେ ଚିହ୍ନି ପାରିଲେ ନାହିଁ। ହରିଶ୍ ସ୍ମିତାକୁ ଚିହ୍ନି ପାରିଲା, ତୁମେ ଏତେଦିନ ଯାଏଁ କୁଆଡ଼େ ଯାଇଥିଲ ? ହରିଶ୍ ଆସି ସ୍ମିତାକୁ ପଚାରିଲା। ସ୍ମିତା ଉତ୍ତର ଦେବାକୁ ଯାଇ ତା ସହ ଘଟିଥିବା ଘଟଣା ସବୁ କୋହଭରା କଣ୍ଠରେ ହରିଶ୍ ଆଗରେ ପ୍ରକାଶ କଲା। ସ୍ମିତାଠାରୁ ସବୁ ଜାଣିବା ପରେ ହରିଶ୍ ଦୁଃଖରେ ମ୍ରିୟମାଣ ହେବାସହ ନିଜକୁ ଧିକାର ମନେକଲା। ସେହି ସମୟ ଠାରୁ ସ୍ମିତା ପ୍ରତି ହରିଶ୍ ର ଦୁର୍ବଳତା ଆସିଲା।

ଦିନ କେଇଟା ବିତିଲା ପରେ ମହାବିଦ୍ୟାଳୟରେ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଦୁଇ ଚାରିଜଣ ଆସି ସ୍ମିତାକୁ ପଚାରିଲେ – ତୁ ହରିଶ୍ ପାଇଁ କ'ଣ କରିପାରବୁ ?

ISSN NO.
2582-208X

ହରିଶ୍ ପାଇଁ ନିଜ ଜୀବନକୁ ଦରକାର ପଡ଼ିଲେ ଜଳାଞ୍ଜଳି ଦେଇଦେବି ବୋଲି ସ୍ମିତା ନିସଙ୍କୋଚରେ ନିଜ ମତାମତ ପ୍ରକାଶ କଲା। ସ୍ମିତା ଠାରୁ ଏହିକଥା ଶୁଣିବା ପରେ ସାଙ୍ଗମାନେ ମିଶି ହରିଶ୍ ଏବଂ ସ୍ମିତାକୁ ଅନ୍ୟତ୍ର ପଠାଇ ଦେବାକୁ ଯୋଜନା କଲେ। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ସ୍ମିତା ଏବଂ ହରିଶକୁ ବାହାର ରାଜ୍ୟକୁ ପଠାଇ ଦେବାରେ ସାଙ୍ଗମାନେ ସଫଳ ହେଲେ। ସ୍ମିତା ଅନ୍ୟତ୍ର କେଉଁଆଡ଼େ ଚାଲିଯାଇଥିବା ଖବର ଶୁଣି ସ୍ମିତାର ବାପା ରାଜ୍ୟ ସାରା ବିପୁଳ ଟଙ୍କା ଖର୍ଚ୍ଚ କରି ସ୍ମିତାକୁ ଖୋଜିବାରେ ଲାଗିପଡ଼ିଲେ ଏବଂ ଏହା ସହ ଥାନାକୁ ଯାଇ ଏ ସଂକ୍ରାନ୍ତୀୟ ବିଷୟ ଥାନା ଅଧିକାରୀଙ୍କୁ ଜଣାଇ ଏକ ଏତଲା ଦେଇ ଆସିଲେ। ଫଳରେ ଆରକ୍ଷୀ ବାହିନୀ ମଧ୍ୟ ସ୍ମିତାକୁ ଖୋଜିବାରେ ତା' ବାପାଙ୍କୁ ସହଯୋଗ କଲେ। ମାତ୍ର ସ୍ମିତାର କୌଣସି ଅନୁସନ୍ଧାନ ନ ପାଇ ଶେଷରେ ନିରାଶ ହେଲେ।

ସ୍ମିତା ଆଉ ହରିଶ୍ ସିନା ଅନ୍ୟ ରାଜ୍ୟକୁ ପଳାଇଗଲେ ହେଲେ ସେମାନେ ସେଠାରେ ଚଳିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଲେ। ଏମିତି ଦିନ ବି ଆସିଲା ସେମାନେ ଖାଦ୍ୟାଭାବରୁ କୋଉଦିନ ଓଳିଏ ତ ଆଉ କୋଉଦିନ ଖଣ୍ଡେ ରୁଟି ଖାଇ ନିଜକୁ ଚଳାଇନେଲେ। ହରିଶର ମାମୁଁ କୌଣସି ସୂତ୍ରରୁ ସେମାନଙ୍କର ଅନୁସନ୍ଧାନ ପାଇ ଉଭୟଙ୍କ ସହ ଯୋଗାଯୋଗ କଲେ ଏବଂ ସେ ଦୁଇ ଜଣଙ୍କୁ ହରିଶ୍ ଘରକୁ ଫେରାଇ ଆଣିବାରେ ସମର୍ଥ ହେଲେ। ହରିଶ୍ ଘରେ ସିନା ସ୍ମିତାକୁ ସମସ୍ତେ ଗ୍ରହଣ କରିନେଲେ ମାତ୍ର ସ୍ମିତାର ବାପା ଯେଉଁ ଏତଲା ଥାନାରେ ଦେଇଥିଲେ ସେହି ଏତଲା ଆଧାରରେ ଥାନା ଅଧିକାରୀ ଆସି ହରିଶକୁ ହାଜତକୁ ନେଇଗଲେ। ହରିଶ୍ ହାଜତକୁ ଯିବା ପରେ ସ୍ମିତା ଗର୍ଭବତୀ ଅଛି ବୋଲି ଥାନା ବାବୁ ଜାଣିବାକୁ ପାଇଲେ। ଏହା ଶୁଣିବା ମାତ୍ରେ ଥାନା ଅଧିକାରୀ ଜଣକ ହରିଶ ଓ ସ୍ମିତାର ବୟସ ତଦାରଖ କରିବାରୁ ଜାଣିଲେ ଯେ, ଉଭୟ ଆଇନ ଅନୁଯାଇ ବିବାହ ପାଇଁ ଯୋଗ୍ୟ ହୋଇସାରିଛନ୍ତି ତେଣୁ ଉଭୟେ ଉଭୟଙ୍କ ସହମତିରେ ନିଜ ନିଷ୍ପତ୍ତି ନେଇପାରିବେ। ଏଣୁ ନିଜ ମଣିଷ ପଣିଆ ଦୃଷ୍ଟିରୁ ଥାନାରେ ରୁଜୁ ହୋଇଥିବା ମାମଲାଟିକୁ ରଦ୍ଦ କରି ହରିଶକୁ ହାଜତରୁ ବାହାର କରିବାରେ ଥାନା ବାବୁ ଯେଉଁ ସହଯୋଗ କଲେ ତାଙ୍କ ଅବଦାନ ଅତୁଳନୀୟ।............

ବାହାଡ଼ାଝୋଲ୍, ନୟାଗଡ଼
ଦୂରଭାଷ - ୯୩୪୮୪୦୫୮୪୦

ISSN NO.
2582-208X

# ଧର୍ମ ସ୍ତମ୍ଭ



ମନୋରଞ୍ଜନ ସୁରୁଜାଲ

ସ୍ଥାବର ସମ୍ପତ୍ତି ଧନ କୋଠା ବାଡ଼ି
ଭାବିଛୁ ମିତ୍ର ପରି କି,
କାହା ପାଇଁ ଧନ ସଞ୍ଚୁଛୁରେ ମନ
କି ନେବୁ ଆର ପାରି କି ?
ମାଣ ମାଣ ଜମି ଗୁଣ୍ଠ ଗୁଣ୍ଠ ଜମି
ଏତିକି କାହିଁକି ଲୋଡ଼ା,
ସମୁଦାୟ ଜମି ତିନି ହାତ ଅଧେ
ପୋତା ହବୁ କିବା ପୋଡା ।
ଅରଜି ଦେଇଛୁ ଯେତକ ଖଜଣା
ତୋ ଅନ୍ତେ ହୋଇବ ପର,
ମରି ଗଲା ପରେ ମାଡ ଗାଳି ହେବେ
ଖାଇବେ ଚୋର ତସ୍କର ।
ବିଦେଶରେ ପୁଅ ପଢି ବଡ଼ ଲାଟ
ତା ପାଇଁ ସହିଛୁ ଦୁଃଖ,
କାନ୍ଧ ଦେବା ପାଇଁ ନଥିବ ପାଖରେ
ଦେଖିବନି ମାଲା ମୁଖ ।
ପିନ୍ଧିବାକୁ ଲୁଗା ଦାମିକା ଦାମିକା
ଦେହ ସଜାଇବା ଇଚ୍ଛା,

ISSN NO.
2582-208X

କନା ଛେକା ଖଣ୍ଡେ ରହିବ କି ଦେହେ
ମଣିବୁ ସବୁକୁ ତୁଚ୍ଛା ।
ଶରୀର ସୌନ୍ଦର୍ଯ୍ୟ ପାଇଁ କି କେତେ ଯେ
କରୁଅଛୁ ପ୍ରସାଧନ,
ଖାଇବା ପିଇବା ଜିହ୍ୱା ଲାଳସାରେ
କିସମ କିସମ ମନ ।
ଶେଷ ସମୟରେ ଅଲୋଡ଼ା ଯେତକ
ଇନ୍ଦ୍ରିୟ ହେବ ଅବଶ,
ଜୀବନ ଦୀପକ ତୈଳ ଆୟୁ ସରି
ରହିବ କି ଭାଗଶେଷ ।
ଧର୍ମ ସ୍ତମ୍ଭ ଗୋଟି ପୋତିଛନ୍ତି ବିହି
ଧାରଣ କରେ ଭୂଲୋକ,
ଧର୍ମ ଧନ ସିନା ତୋର ପଛେ ପଛେ
ବାହୁଡ଼ିବ ପରଲୋକ ।
ଭୌତିକ ଜଗତ ମାୟା ଇଶାରାରେ
ପଡନା ମୋହ ପଛର,
ସଞ୍ଚି ଧର୍ମ ଧନ ଅରଜନେ ପୂଣ୍ୟ
ପାର୍ଥିବ ସୁଖ ସଂସାର ।
କର୍ପୁର ପରିକା ଆତ୍ମା ଦେହ ଛାଡି
ବାହାରି ଯିବ ଶୟନେ,
ପାହାଚ ଚଢ଼ିବ ଜୀବ ମୋକ୍ଷ ଧାମ
ଧରମ ପ୍ରତାପ ବଳେ ।

ସୌଜନ୍ୟ ସମ୍ପାଦକ :-ପ୍ରୀତି ପ୍ରଣତି
ଆଇଁଲ୍ ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଜଣେ ଯଦି ଆସନ୍ତା



ସିଦ୍ଧେଶ୍ୱର ତ୍ରିପାଠୀ

ଏଘର ସବୁ ଚିକି ଚିକି ଦିସନ୍ତାସତରେ
ଜାମା ପଟା ପରିଷ୍କାର ରହନ୍ତେ
ଇସ୍ତ୍ରୀ ଦିଆ ଆଟାଚି ଭିତରେ।

ମହ ମହ ବାସି ଉଠନ୍ତା
ରୋଷେଇ ଘର
ଦିନ ଠାରୁ ରାତି
ଲାଗନ୍ତାବି ଆହୁରି ସୁନ୍ଦର ।

ଚଉରା ମୂଳେ ସଞ୍ଜ ସକାଳେ
ଦୀପ ଉଠନ୍ତା ଜଳି
ବୁଢା ବୁଢ଼ୀଙ୍କ ସେବା କରିସେ
ଦିନ ବିତାନ୍ତା ହସି ଖେଳି ।

ଦେହ ଠୁ ମନ ଏଇ ଜୀବନ
ସବୁ ଯାଆନ୍ତା ମିଶି
ନୂଆ ଅତିଥି ଆସିଲା ପରେ
ସର୍ବେ ହୁଅନ୍ତି ଖୁସି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ନିରବ ଯନ୍ତ୍ରଣା



ସୁରଜନୀ ପ୍ରଧାନ

ଶୁଣିଛକି କେବେ ନିରବ କ୍ରନ୍ଦନ
କେତେ ତାର ଅନ୍ତସ୍ୱର
ଦେଖିଛକି କେବେ ନିରୀହ ଆଖିର
ଅଶ୍ରୁ ସ୍ରୋତସ୍ୱିନୀ ଧାର ।।

ଗାଇଛକି କେବେ ବିରହ ରାଗିଣୀ
ବେଦନାରେ ଭରା କୋହ
ଜଳିଛକି କେବେ ଛଳନା ନିଆଁରେ
କେତେ ତାର ଅନ୍ତର୍ଦାହ ।।

ଖାଇଛକି କେବେ କଠୋର ଆଘାତ
ସହିବାର ସୀମା ପାର
ଛାତି ତଳେ ଥିବା ଅସହ୍ୟ ଯନ୍ତ୍ରଣା
ହୃଦୟର ହାହାକାର ।।

ଖେଳିଛକି କେବେ କାହା ମନ ସଙ୍ଗେ
ପ୍ରତାରଣା ଭରି ଦେଇ
ଚାଲିଛକି କେବେ ଅମଡା ବାଟରେ
ଲହୁ ଓ ଲୁହାଣ ହୋଇ ।।

ବହଳ ଅନ୍ଧାରେ ଶୁଣିଛକି କେବେ
ଗୁମୁରି ଗୁମୁରି କାନ୍ଦ
ବୁକୁ ଫଟାଇକି  ଚିତ୍କାର କରୁଛି
ଚକୋରୀ ର ଆର୍ତ୍ତନାଦ ।।

କୁସୁପୁର, ଗୋପ ,ପୁରୀ
ସମ୍ପର୍କ 7008260516

ISSN NO.
2582-208X

# ବିଘ୍ନରାଜ ଶ୍ରୀ ଗଣେଶ

ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ବକ୍ରତୁଣ୍ଡ ମହାକାୟ
ସୂର୍ଯ୍ୟ କୋଟି ସମପ୍ରଭ।
ନିର୍ବିଘ୍ନମ୍ କୁରମେ ଦେବ
ସର୍ବ କାର୍ଯ୍ୟେଷୁ ସର୍ବଦା ।।

ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜ ଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ ଦାନ ଦେଲେ। ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇ ଆଦେଶ ଦେଇ ସ୍ନାନ କରିବାକୁ ଗଲେ । ଠିକ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରନ୍ତେ, ବାଳକ ଗଣେଶ ଆପଣା ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ । ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଶିର ଛେଦନ କଲେ । ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଅଛି । ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତରଦିଗକୁ ମୁଣ୍ଡକରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ । ଏ ମହାଦେବଙ୍କ ପ୍ରମଥ ଗଣର ସେନାପତି। ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ । ରକ୍ତ ଚନ୍ଦ୍ର, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ । ଏହାଙ୍କର ଗଜମସ୍ତକ, ଏକଦନ୍ତ, ଥନ୍ତଲ ପେଟ ଓ ସାପ ପଇତା । ଏହାଙ୍କର ବାହନ ମୂଷା।

ସଂଗ୍ରାହିକା: ଲକ୍ଷ୍ମୀପ୍ରିୟା ବିଶ୍ୱାଳ
ଗ୍ରାମ, ମହୁ, ପୋଷ୍ଟ ମହୁ,ଥାନା-ଆଲ,
ଜିଲ୍ଲା,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଖଣ୍ଡିଆ ଭୂତ



ମୁକେଶ କୁମାର ସାହୁ

ବାହାଳର ଉପର ଆଣ୍ଟଆଡେ
କାଲି ମହୁଲ ଗୋଟାଉଥିଲି ମହୁଲର ଝାରେ,
ଯାହା କେବେ ଭାବିବାର ଥିବାର
ଦିନେ ଭାବି ନ ଥିଲି ତାହା
ଅକୁହା ବେଦନାରେ ବାଧ୍ୟ ଘାରି ହେବାର ଦୁର୍ଦ୍ଦଶାରେ,
ଧୋବ ଫରଫର ରସରସିଆ ବହଳ ମହୁଲ ପରସ୍ତ ବି
କି ଲାଗୁଥିଲା କେଉଁ ଜିଅନ୍ତା ଦାନବର "ଆଁ" ହେଇ !
ନାଲିନାଲି କଅଁଳି ଛିଣ୍ଡା-ପତରର ଲହଲହ ଜିହ୍ୱା !
ଗ୍ରାସି ନେଉଥିବାର ଭୟଙ୍କର-
ଜୋର ଜବରଦସ୍ତି ଭାବନାରେ !
ଉକୁବୁକୁ ଅଣନିଃଶ୍ୱାସୀ ପ୍ରାୟ ଭାବୁଥିଲି
ଆପଣା ସମ୍ପର୍କମାନଙ୍କର ଆତଙ୍କିତ ଆୟୁଷର କଥା,
ଖାଲି ମଧୁରମଧୁର ପ୍ରତ୍ୟାଶାରେ ସବୁ ପ୍ରଶ୍ୱାସମାନଙ୍କର
ମୁହଁ ଆଗର ପ୍ରଶସ୍ତି ଗାନ ଓ ପିଠି ପାଖର ବିଷବାନ୍ତି,
ଲାଳସାର ତାମସାରେ କେତେ ଉତ୍ସାହିତ-ନିଷ୍ଠତା,
ଅନେକ ଅଜଣା ଅହଂକାରର ଅନ୍ତରାଳେ
କେତେ ନିଃର୍ଲଜ ଅନ୍ତରଙ୍ଗ ବିଶ୍ୱାସଘାତକତା !
ଈର୍ଷା ଆଉ ସ୍ୱାର୍ଥର ଅଦେଖା ଦୁର୍ଗନ୍ଧ ନିଃଶ୍ୱାସରେ

ISSN NO.
2582-208X

ମଧୁର ରକ୍ତର ସମ୍ବନ୍ଧମାନଙ୍କର ହତ୍ୟା ସମ୍ବାଦ ଦେବା
ଏତେ ଯେ ସହଜ ବୋଲି କେବେ ଭାବି ନ ଥିଲି !
ଭାବୁଥିଲି ସମ୍ପର୍କ ସବୁ ଚିର ମଧୁର ବୋଲି,
ହେଲେ ଜାଣିଲି କେବଳ ସମ୍ପର୍କମାନଙ୍କର-
ନାମର ହିଁ ମାଧୁରୀ ଆଉ ଗାରିମା ଥାଏ;
କିନ୍ତୁ ନ ଥାଏ ସିନା ମଣିଷର ମାନ-ମର୍ଯ୍ୟାଦା କି ଅନୁଚିନ୍ତା,
ଥାଏ ନାହିଁ ଆପଣାପଣର ସମ୍ମାନ କି ଲୋଭ କି ଭୟ !
ଥାଏ ନାହିଁ ଭାବର ବନ୍ଧନ ତୁଟିବାର ସନ୍ତାପ କି ଅନୁତାପ !
ଥାଏ ଖାଲି ଉପୁରି କଅଁଳ-ନକଲି-
ସେନେହ-ମମତାର କଠୋର ବାସ୍ତବତା
ଆଉ ବେଳେବେଳେ ତାହାର ଅପୂର୍ବ-ଆଶ୍ଚର୍ଯ୍ୟ-ଷଡ଼ଯନ୍ତ୍ର !

(୧)

ସମୟୋପଗତେ କେବେକେବେ
ସଗର୍ବେ ନିର୍ମମ ଭାବେ ନିଭେଇଥିବା
କେତେକେତେ ଅସତ୍ୟ ଓ ଅନ୍ୟାୟର
ଅକ୍ଷୟ-ପରାକାଷ୍ଠାକୁ
ଘୋଡେଇ ଲୁଚେଇବାର ଶତ ଚେଷ୍ଟା ଭିତରେ,
ପୁଣି କେତେକେତେ ଥର ମିଛୁଆ ହେବାର ସୌଭାଗ୍ୟରେ
ବୋଧେ ଏତେଏତେ ଥର ଆତ୍ମାଭିମାନର ଆତ୍ମହତ୍ୟା !! ?
ଲାଗିଲା ସତରେ ଏଠି
ଖୁବ୍ ସହଜରେ ଲେଖା ଯାଇପାରେ
ସେଇ ପିଲାଟି ଦିନରୁ ଚିହ୍ନାଚିହ୍ନା ହାତ-ପାଦ ଆଉ
ମୁଖାପିନ୍ଧା-ବେସରମ ମୁହଁମାନଙ୍କର
ଛଳ କପଟର କାହାଣୀ !
ଏତିକି ଭାବିଲା ବେଳକୁ ହଠାତ୍ ମାଡ଼ି ଆସିଲା

ISSN NO.
2582-208X

ପଶ୍ଚିମରୁ ପ୍ରଚଣ୍ଡ ପବନର ନଭଶ୍ଚୁମ୍ବୀ ଭଉଁରୀ !
ଅନାୟସେ କେତେ ଶୁଖା-କଞ୍ଚା, ବିଶାଳ-କ୍ଷୁଦ୍ର -
କେତେ କାଟି-କୁଟା-ଗଛ-ଲତା-ବାଡ଼-ଚାଳ-
ଗୋଡି-ମାଟି-ଧୂଳି-ବାଲି-ପାଉଁଶ,
ପୁଣି ଅଜସ୍ର କୀଟ-ପତଙ୍ଗ-ସରୀସୃପ,
ଆଉ କେତେକେତେ ନଳିତା ଓ ବିଲାତିର କିଆରୀ
ଶୂନ୍ୟରେ ଭସାଇ ନେଇ ଛିନ୍ନଛତ୍ର କରିକରି,
ରୁଦ୍ରତର ରୂପରେ ଓପାଡି ଉଡ଼େଇ ନେଇ ପୁଣି
ଫୋପାଡି ଦେଲା ଦୂରେ ଗମ୍ଭାରି ଓ ବମ୍ବୁର ଗଛ -
ପଲକରେ ଚୁର୍ ମାର୍ - ଧୂମ୍ରାଭ ସବୁ ଦିଗ !!

(୨)

ମହୁଲର ମୂଳେ ଜାକିଜୁକି ହେଇ ଦେଖିଥିଲି ମୁହିଁ କାଲି
ହାଲକା ପବନ ଟିକିଏର ସାମାନ୍ୟ ଭଉଁରୀରୁ,
ସତେ କି କେଉଁ ଦାରୁଣ ଦୁଃଖରୁ ଜାତ ଆତ୍ମ-ପ୍ରତ୍ୟୟରେ,
କେଉଁ ଦାନବୀୟ ଅନ୍ୟାୟର ବିରୁଦ୍ଧରେ କି
ନିରନ୍ତର-ସଂଘର୍ଷରତ-କ୍ରମ-ବିକଶିତ-ଅପ୍ରତିହତ-
ଅଜେୟ ସେ ଶକ୍ତି-ତାଣ୍ଡବମୟ ପ୍ରଚଣ୍ଡ-ଖଣ୍ଡିଆ ଭୂତ !!!
କ୍ରମେକ୍ରମେ ମନ୍ଥର-ଶାନ୍ତ ହେଇ ଲିଭିଗଲା ଶୂନ୍ୟଆଡେ ।
ଲାଗିଲା ସତେ କି
ଏତେ ନିଷ୍ଠୁରତା ବି ଜୀବନରେ ଜରୁରୀ !
ଅଧର୍ମ-ଅନୀତିର କ୍ରୁର ପ୍ରକୋପରେ,
ଅନ୍ୟାୟ-ଅତ୍ୟାଚାରର ନିର୍ମମ ପ୍ରହାରରେ
ଯେବେ ଜନ୍ମେ ଅନ୍ଧ-ଅପ୍ରତିରୋଧ-କ୍ରୋଧ,
ଆୟତ୍ତରେ ହୁଏ ସେ ପ୍ରଖର-ଦୃଢ଼ ମନୋବଳ
ଆଉ ସେଥିରୁ ସହନଶୀଳତାର ଅମାପ ସାମର୍ଥ୍ୟ ଘେନି
ସବୁ ପରମ ଗ୍ଲାନି ମାନଙ୍କର

ISSN NO.
2582-208X

ନିର୍ଦ୍ଦୟ ହତ୍ୟା କରି ହୁଏ ଅନ୍ତରରେ !
ତହୁଁ ସହ୍ୟତାରୁ ଧୈର୍ଯ୍ୟ ମିଳେ ଆଉ
ତହିଁରୁ ତ୍ୟାଗ ଯେ ସେନେହ-ସମ୍ମାନ-ଭୟ ପରି-
ତମାମ୍ ମୋହ-ମାୟା ତୁଟିଯାଏ;
କିନ୍ତୁ ବେଳେବେଳେ ମିଳେ ଦୁଃଖରେ ମୁମୂର୍ଷୁ ନୀରିହତା,
ତେବେ କାନ୍ଦିବାର କିଛି ମୂଲ୍ୟ ନ ଥାଏ,
କାରଣ ଲୁହରେ କାହା ମନର ମଇଳା ପୋଛିବା
ଏତେ ସହଜ ନୁହେଁ ।
ପଦ-ମର୍ଯ୍ୟାଦା-ଧନ-ସମ୍ପତ୍ତିର
ସାମାନ୍ୟ ଟିକେ ସ୍ୱାର୍ଥ ପାଇଁ
ଜନନୀ ଜଠରର ରକତର ଆପଣାମାନଙ୍କ-
ରକତ ଝରେଇବାକୁ ଟାଣ ହାତମୁଠାମାନେ
ପଇସା ଓ କ୍ଷମତାର ଦଦରା ବନ୍ଧୁକ ଧରି
ଡର ଆଉ ଧମକର ହୀନତର ଖେଳ ଖେଳୁଥିବା,
ସବୁ ଅନ୍ୟାୟ ଓ ଅସତ୍ୟର ଗୁପ୍ତ ପୂଜାରୀ ସାଜି
ନିରୀହ ଓ ନିର୍ଦ୍ଦୋଷର ଅଧିକାର ସହ ସାଲିସ କରି
ମିଛ ଲାଞ୍ଛନାରେ ସରଳର ସ୍ୱାଭିମାନକୁ ଟିହାଇ
ଅମାନୁଷିକତାର ସୀମା ଟପିଥିବା ତୁଚ୍ଛମାନଙ୍କ ଆଗେ,
ସତ୍ୟ ଓ ନ୍ୟାୟର କୁରାଢି ଟେକି ନିର୍ଭୟରେ
ଦମ୍ଭ ଧରି ଛିଡା ହେଲେ ପ୍ରତିରୋଧେ,
ପ୍ରତିଭାତ ହେବାକୁ ହୁଏ ନୃଶଂସ-ପଞ୍ଚାସ୍ୟ ଅବା
କେଉଁ ଦୁଇଧାରୀ ଛାତି-ଚିରା-ଖଡ୍ଗ ପରି ଆଉ
ଦେଖି ହୁଏ ସବୁ କଳୁଷିତ ଜୀବନମାନଙ୍କର
ଶଙ୍କିତ-ସ୍ୱେଦ-ଧୌତ-ଚାହାଣୀମାନଙ୍କରେ
ନିରାଶ୍ରୟ-ବ୍ୟର୍ଥତାର ଚିହ୍ନ,
ସ୍ୱୀକୃତ-ପରାଜୟ ଆଖିମାନଙ୍କର ସଦୟ ପ୍ରାଣଭିକ୍ଷା !

ISSN NO.
2582-208X

ଆଉ ଦେଖିହୁଏ ସେଇ କ୍ଷଣରେ ନିରୀହ ଦିଶୁଥିବା -
ପାପୀ ଚେହେରାମାନଙ୍କରେ ଲାଲ ସରସର ସରମ ।

(୩)

କିନ୍ତୁ ତ୍ୟାଗରୁ ଯେବେ ପୁଣି ଜାତ ହୁଏ ସତ୍ ସାହସ ଆଉ
ତହିଁରୁ ଉତ୍ପନ୍ନ ହୁଏ ଅସୀମ-ମହା-ପରାକ୍ରମ,
ତେବେ ଚିରି ଫୋପାଡି ଦେଇ ହୁଏ ସବୁ
ଅସାର-ସ୍ୱାର୍ଥସାର-ସମ୍ପର୍କର ଭିତିରି ପ୍ରବଞ୍ଚନା ଯେତେ ,
ସବୁ ଅଣ୍ଟି ଛୁରୀର ଧାର ଭାଙ୍ଗି ଦେବାକୁ ଆଉ
ସକଳ ମାନବୀୟ ସ୍ୱାର୍ଥପରତା ଓ
ଅହଙ୍କାରକୁ ଖିନ୍ ଭିନ୍ କରି
ମୁହ୍ୟମାନ ମନମାନଙ୍କର ବିଷ ନାଶ କରି ଦେବାକୁ ।
ଆତ୍ମୀୟ-ବିଶ୍ୱାସଘାତର ବର୍ବର କ୍ରୀଡ଼ାରେ
ଅସହ୍ୟ ହେବାର ବି ବେଳ ଥାଏ !
ଆସେ ଯେବେ ନାହି ଡିଏଁ !
ହୁଏ କଲିଜା ଫଡଫଡ-
ଡମଡମ ହୃଦ-ଡମ୍ବରୁ !!
ସେତେବେଳେ ନିର୍ଦ୍ଦୟ ହେବାକୁ ହୁଏ ଯଥାର୍ଥରେ ;
ତେଣୁ ଖଣ୍ଡିଆ ଭୂତ ପରି ହେବାକୁ ହେବ
ବେଳେ ବେଳେ ଉନ୍ମତ୍ତ ତାଣ୍ଡବ ରଚିବାକୁ ହେବ !
ନୁହେଁ ତ ଏ ଅପରାଧ-
ସତ୍ୟ ଓ ନ୍ୟାୟ ପାଇଁ ରକ୍ତ ବୁହାଇବା ଅଟେ- ଧର୍ମଯୁଦ୍ଧ !
ଆପେ ଆପେ ଜାତ ହୁଏ ଏଠି ବୀରୋତ୍ସାହ-ବରାଭୟ !
ତେଣୁ ଯାବତୀୟ ନାରକୀୟତାର କ୍ଷୟ କରିବାକୁ,
ଦୁଇମୁହାଁ ବିଷଦାନ୍ତଧାରୀ ସ୍ୱାର୍ଥପରମାନଙ୍କୁ ନିଷ୍ପ୍ରାଣ କରି,
ଅନ୍ୟାୟକୁ ଦେଖି ସହି ଚୁପ୍ ଚାପ୍ ରହୁଥିବା
ଭଦ୍ର-ଭୁଖା-ଧୂର୍ତ୍ତ-ମତଲବୀମାନଙ୍କୁ ବି କରି ନଙ୍ଗଲା,

ISSN NO.
2582-208X

ସର୍ବୋପରି ସାଧୁତାର ମୁଖୋଟା ତଳେ ଥିବା
ସବୁ ବିଧର୍ମୀମାନଙ୍କର ଜଟା ଝିଙ୍କିଝିଙ୍କି,
ଗଳା ଘୋଟି ଯେତେ ଅଧର୍ମର -
ଅଲୋଡା ସବୁକୁ ବି କବର ଦେବା ପାଇଁ
ଉଢ଼େଇ ନେଇ ଅଫେରା ମହାଶୂନ୍ୟକୁ,
ଅନ୍ତିମରେ ରକ୍ତମୁଖା ଆପଣାକୁ ପୁଣି ଧୀରେ ଧୀରେ
ମୁକ୍ତ-ମରୁତର ପ୍ରଶାନ୍ତ-ସ୍ରୋତେ ସଂତୃପ୍ତେ ବିଲୟ କରି
ପ୍ରକୃତିର ଅବା ବିଧାତାର ସୁନିର୍ଦ୍ଧିଷ୍ଟ ବିଧି ପାଳିବାକୁ ।

(୪)

ପୂରେନା , ପଦ୍ମପୁର , ବରଗଡ଼
ଫୋ- ୭୩୭୦୯୮୩୭୪୫

ISSN NO.
2582-208X

# ପ୍ରଣୟର ଅଭିଳାଷ

ପ୍ରସନ୍ନ କୁମାର ମେହେର

ବନେ ଉପବନେ ନିର୍ଜନ କାନନେ
ନାୟକ ନାୟିକା ସାଥେ
କେଡ଼େ ମନୋରମ ଦୃଶ୍ୟ ଅନୁପମ
ବିହରନ୍ତି ହୃଦଗତେ ।

ରାଧେକୃଷ୍ଣ ସାଥେ କୃପାମୟୀ ହାତେ
ବାହୁ ବନ୍ଧନର ମେଳେ
ପ୍ରକୃତିର ଶୋଭା ଦିଶେ ମନଲୋଭା
ପ୍ରୀତି ପ୍ରଣୟର ଭଲେ।

ସବୁଜିମା ଦ୍ରୁମ ମନ ହୁଏ ବ୍ୟୋମ
ପ୍ରକୃତିର ଅପରୂପ
ଅରଣ୍ୟ ସୁଷମା କିଣି ନିଏ ଜମା
ଖୋଲା ଆକାଶର ଭୂପ ।

ପ୍ରେମ ପ୍ରଣୟିନୀ ପ୍ରେମର ରାଗିଣୀ
ସୁହାଗ ସିନ୍ଦୂର ନାଇ
ମନର ମାନସୀ ପତିର ରୂପସୀ
ପତିବ୍ରତା ହୃଦେ ବହି ।

ISSN NO.
2582-208X

ତେଜଭରା ବାଣୀ ମନ ନିଏ କିଣି
ଅହ୍ୟ ସୁଲକ୍ଷଣୀ ବଧୂ
ସୁଖ ଦୁଃଖ ବାଟେ ସଂସାର ର ହାଟେ
ଦାମ୍ପତ୍ୟର ସଦ୍ୟ ବନ୍ଧୁ ।

ଅନ୍ତରର କଥା ଅନ୍ତରର ବ୍ୟଥା
ଖୋଲାଖୋଲି ହେବା ଆଶେ
ନିର୍ଜନ ଅରଣ୍ୟେ ମୁକତ ଗଗନେ
ପ୍ରଣୟର ଅଭିଳାଷେ ।

ଦିଗଶିର୍, ଡୁଙ୍ଗୁରିପାଲି,
ସୁବର୍ଣ୍ଣପୁର ମୋ-୯୭୭୭୯୭୧୩୭୬

ISSN NO.
2582-208X

# ଗଙ୍ଗାଧର ମେହେର



ରିତେଶ ସାହୁ

୧୮୬୨ ଅଗଷ୍ଟ ୯ ତାରିଖରେ ଜନ୍ମ ତୁମର
ବରଗଡ଼ ଜିଲ୍ଲାସ୍ଥିତ ବରପାଲି ଗ୍ରାମରେ,
ବାପା ଚୈତନ୍ୟ ଓ ମାତା ଶାନ୍ତି ଦେବୀ ଜନ୍ମ ଦେଇ
ଦୁନିଆଁରେ ପରିଚିତ କରାଇଲେ ଗଙ୍ଗାଧର ନାମରେ ।।

ପଢାଶୁଣା ସହିତ ମାଁ ବାପାଙ୍କୁ କରୁଥିଲ ସାହାଯ୍ୟ
ତାଙ୍କ ସହିତ କରି କି ଲୁଗା ବୁଣା କାମ,
ଯେତେବେଳେ ସରସ୍ୱତୀ ମାତା କଲେ ଦୟା
ସେହିଦିନଠାରୁ ଚଲାଇଲ ତୁମେ କଲମ ।।

ବାଲ୍ୟକାଳରୁ କଲମ ଧରି ଲେଖିବା ଆରମ୍ଭ କଲ
ତୁମେ କେତେ କାବ୍ୟ କବିତା ରଚନା,
ସେ ମଧ୍ୟରେ ଇନ୍ଦୁମତୀ, ପ୍ରଣୟବଲ୍ଲରୀ, କୀଚକବଧ
ତପସ୍ୱିନୀ ସଂଗେ ସଂଗେ ଆଉ କେତେ ନାଁ।।

ସମ୍ବଲ ମାଟିର ଗୁଣ ଗାଇ ତୁମେ
ନାମ ପାଇଲ ସ୍ୱଭାବକବି, ପ୍ରକୃତିକବି,
ସୁଖଦୁଃଖର ଜୀବନ ଭିତରେ କାବ୍ୟକବିତା ବର୍ଣ୍ଣନା କରି
ରଖିଗଲ ସମସ୍ତଙ୍କ ଆଖିରେ ତୁମର ଛବି।।

ISSN NO.
2582-208X

ତୁମ କଲମରୁ ଝରାଇଲ ସ୍ୱର୍ଗର ଅମୃତର ଧାରା
ରଖିଗଲ ଓଡ଼ିଆ ସାହିତ୍ୟରେ କବିତ୍ୱର ଚିହ୍ନ,
ଦେଶବାସୀଙ୍କର ହୃଦୟରେ ଜାଗା କରି
ରଖିଗଲ ତୁମେ ତୁମରି ନାଁ।

ସାପଲହର, ବରଗଡ଼

ISSN NO.
2582-208X

# ଜୀବନର ମାନେ ନାହିଁ...



ଶିଶିର କୁମାର ସାମଲ

ପ୍ରଶ୍ନ କରେ ଆଜି ନିଜେ ମୁଁ ନିଜକୁ
କାହିଁ ହେଲୁ ଆନମନା,
ଉତ୍ତରରେ କିଛି ମିଳେନା ଜବାବ
କାରଣ ଖୋଜି ପାଏନା ॥
ଭ୍ରମ ଥିଲା କିବା ଥିଲା ଅଭିଶାପ
ପାରେନାହିଁ କିଛି ଜାଣି,
ଯାଯାବର ପରି ମନ ଘୁରିବୁଲେ
ଏଇ ମୋ ଜୀବନ କାହାଣୀ ॥
ଆଶା ଅସୁମାରୀ ସବୁ ଯାଏ ମରି
ମିଳେନା କିଛି ସାହାରା,
ମରୁଭୂମି ପଥେ ତୃଷାର୍ଥ ବାଟୋଇ
ଜଳବୁନ୍ଦେ କୁ ଆଶରା ॥
କଲମ ଚାହୁଁଛି ଆଗକୁ ଲେଖିବ
ଧୋକା ଦେଇଦିଏ ସାହି,
ଅଧା ଲେଖା ଯେବେ କାହାଣୀଟି ରୁହେ
ଜୀବନର ମାନେ ନାହିଁ ॥

ସମୟ ସ୍ରୋତରେ ଭାସୁଛି ଜୀବନ
ଆଶ୍ରା ଟିକେ କେହି ନାହିଁ,
ମେଲାଣି ଦିଅ ହେ ଏଇ ଜୀବନରୁ
ଆହେ ଜଗତ ଗୋସାଇଁ ॥

କଣ୍ଟିପୁର, ବିଞ୍ଝାରପୁର, ଯାଜପୁର

ISSN NO.
2582-208X

# ସମ୍ପର୍କ ଓ ଯୋଗାଯୋଗ



ଅଧ୍ୟାପକ ଅବିନାଶ ବାରିକ୍

ନିୟୁୟର୍କ ସହର ରେ ଜଣେ ସନ୍ୟାସୀ ପତ୍ରକାର ସମ୍ମିଳନୀରେ ଇଣ୍ଟରଭିଉ ଦେଉଥିଲେ। ଜଣେ ପତ୍ରକାର ପ୍ରଶ୍ନ କଲେ, "ସାର, ଆପଣଙ୍କ ଶେଷ ଭାଷଣ ରେ ସମ୍ପର୍କ ଓ ଯୋଗାଯୋଗ ମଧ୍ୟରେ ଯେଉଁ ପାର୍ଥକ୍ୟ ଉପରେ ବିଚାର ବ୍ୟକ୍ତ କଲେ, ମୋର କାହିଁକି କିଛିଟା ସନ୍ଦେହ ରହିଗଲା। କଣ ଆପଣ ଏହାକୁ ଟିକେ ସରଳ ଭାବରେ ବୁଝାଇ ଦେଇ ପାରିବେ କି ?"

ସନ୍ୟାସୀ ଟିକେ ହସିଦେଇ ପତ୍ରକାରଙ୍କୁ ପଚାରିଲେ। "ଆପଣ କଣ ନିଉୟର୍କ ସହରରେ ରୁହନ୍ତି ?"

ପତ୍ରକାର: "Yeah..."

ସନ୍ୟାସୀ: "ଆପଣଙ୍କ ଘରେ କିଏ କିଏ ଅଛନ୍ତି ?"

ପତ୍ରକାରଙ୍କୁ ସନ୍ୟାସୀଙ୍କ ପ୍ରଶ୍ନ କାହିଁକି ଅଡୁଆ ଲାଗିଲା। ସେ ଭାବିଲେ ଏ ଭଳି ବ୍ୟକ୍ତିଗତ ପ୍ରଶ୍ନ ପଚାରିବାର ଯଥାର୍ଥତା କଣ ଅଛି? ବୋଧହୁଏ ସନ୍ୟାସୀ ମୋ ପ୍ରଶ୍ନ କୁ ଏଡାଇ ଦେବାକୁ ବସିଛନ୍ତି।

ISSN NO.
2582-208X

ହେଲା, ପତ୍ରକାର ଉତ୍ତର ଦେଲେ: "ମୋ ମା ଆରପାରି ରେ, ଘରେ ବାପା ଓ ତିନି ଭାଇ ତଥା ଜଣେ ବିବାହିତା ଭଉଣୀ।"

ସନ୍ୟାସୀ ପୁଣି ପଚାରିଲେ,"କଣ ଆପଣ, ଆପଣଙ୍କ ବାପାଙ୍କ ସହ କଥାବାର୍ତ୍ତା କରନ୍ତି ?"

ଏଥର ପତ୍ରକାର ଟିକେ ରାଗିଗଲେ।

ସନ୍ୟାସୀ ପୁଣି ପଚାରିଲେ,"ବାପାଙ୍କ ସହ ଶେଷ ଦେଖା କେବେ ହୋଇଥିଲା"।

ପତ୍ରକାର କ୍ରୋଧକୁ ମନ ମଧ୍ୟେ ଚାପି ରଖି ଉତ୍ତର ଦେଲେ, "ବୋଧହୁଏ ଗୋଟିଏ ମାସ ପୂର୍ବେ"

ସନ୍ୟାସୀ : "କଣ ଆପଣ ଭାଇ ଭଉଣୀଙ୍କୁ ପ୍ରାୟ ଦେଖା ସାକ୍ଷାତ କରନ୍ତି। ଯଦି ହଁ, ତାହାହେଲେ ଗୋଟିଏ ପରିବାର ଭଳି ଶେଷଥର କେବେ ମିଳି ମିଶି ରହିଥିଲେ।

ସନ୍ୟାସୀଙ୍କ ବାରମ୍ବାର ପ୍ରଶ୍ନବାଣ ରେ ପତ୍ରକାର ଝାଳନାଳ ହୋଇଗଲେ। ବୁଝି ପାରିଲେନି ସାକ୍ଷାତକାର ସେ ନେଉଛନ୍ତି ନା ସନ୍ୟାସୀ।

"ଓଃ ହୋ" ଦୀର୍ଘ ଶ୍ୱାସ ଛାଡ଼ି ପତ୍ରକାର ଉତ୍ତର ଦେଲେ: "ଦୁଇ ବର୍ଷ ପୂର୍ବେ, ବଡ଼ଦିନ ଉତ୍ସବ ରେ"

ସନ୍ୟାସୀ ନ ଛାଡ଼ନ୍ତି, "କେତେଦିନ ସମସ୍ତେ ସାଙ୍ଗ ହୋଇ ରହିଥିଲେ"

ପତ୍ରକାରଙ୍କ ଆଖି ରୁ ଦୁଇ ଟୋପା ଲୁହ ବୋହି ପଡିଲା, ରୁମାଲ ରେ ଲୁହ ପୋଛି କହିଲେ:"ତିନି ଦିନ"

ISSN NO.
2582-208X

ସନ୍ୟାସୀ:"ସେଥିରୁ କେତୋଟି ମୁହୂର୍ତ୍ତ ଆପଣ ଭାଇ, ଭଉଣୀ, ବାପାଙ୍କ ସହ ଅତିବାହିତ କଲେ ମନେ ଅଛି କି ?"।

ପତ୍ରକାର ଲଜ୍ଜ୍ୟା ରେ କିଛି ନ କହି ମୁଣ୍ଡ ପାତି ଲେଖିବାକୁ ଲାଗିଲେ।

ସନ୍ୟାସୀ:"କଣ ଆପଣ ବାପାଙ୍କ ସହିତ ଜଳଖିଆ, ଲଞ୍ଚ ବା ଡିନର କରିଥିଲେ, କଣ ବାପାଙ୍କୁ ପଚାରି ଥିଲେ କିପରି ଅଛନ୍ତି, ମା ଙ୍କ ମୃତ୍ୟୁ ପରେ କିପରି ସମୟ କଟାଉଛନ୍ତି ?"

ପତ୍ରକାର ଆଉ କୋହ ସମ୍ଭାଳି ନପାରି ଭୋ ଭୋ କାନ୍ଦି ଉଠିଲେ।

ସନ୍ୟାସୀ ତତକ୍ଷଣାତ ପତ୍ରକାରଙ୍କ ହାତ ଧରି କାନ୍ଧ ଆଉଁସି ସାନ୍ତ୍ୱନା ଦେଇ କହିଲେ, "ଦୁଃଖ କରନା କି ଲଜ୍ଜ୍ୟା ବୋଧ କରନା। ଆପଣଙ୍କ ମନରେ କଷ୍ଟ ଦେବା ମୋର ଆଦୌ ଉଦ୍ଦେଶ୍ୟ ନଥିଲା। ମୁଁ ଦୁଃଖିତ। କିନ୍ତୁ କଣ କରିବି ଏହାହିଁ ଥିଲା ଆପଣଙ୍କ ପ୍ରଶ୍ନ ର ଉତ୍ତର।"

ଆପଣ ପିତାଙ୍କ ସହ କେବଳ ସଂପର୍କ ରେ ଅଛନ୍ତି କିନ୍ତୁ ଆପଣଙ୍କ ତାଙ୍କ ସହ କୌଣସି ଯୋଗାଯୋଗ ନାହିଁ।

"କଂନେକ୍ସନ ସର୍ବଦା ହୃଦୟ ର ହୃଦୟ ସହ, ଆତ୍ମା ର ଆତ୍ମା ସହିତ ହୋଇ ଥାଏ। ସାଙ୍ଗରେ ବସିବା, ବାଣ୍ଟି କୁଂଟି ଖାଇବା, ପରସ୍ପର ପରସ୍ପର କୁ ସାହାଯ୍ୟ କରିବା, ଆଖି ମିଳାଇ, କାନ୍ଧ ରେ ହାତ ରଖି, ଏକସଙ୍ଗେ ବସି କଥାବାର୍ତ୍ତା ହେବା। ଆପଣ ଆପଣଙ୍କ ପିତା ଭାଇ ଭଉଣୀ ଙ୍କ contact ରେ ତ ସବୁବେଳେ ଅଛନ୍ତି। କିନ୍ତୁ ଆପଣମାନେ ପରସ୍ପର connection ରେ ନାହାଁନ୍ତି।

ପତ୍ରକାର ଜଣକ ଲୁହ ପୋଛି କହିଲେ,"ମୋତେ ଆଜି ଗୋଟିଏ ସୁନ୍ଦର ଅବିସ୍ମରଣୀୟ ଶିକ୍ଷା ଦେବା ପାଇଁ ଆପଣଙ୍କୁ ଧନ୍ୟବାଦ।"

ISSN NO.
2582-208X

ସେ ସନ୍ୟାସୀ ଜଣକ ଆଉ କେହି ନୁହଁନ୍ତି। ସେ ଥିଲେ, ଭାରତର ପ୍ରକୃତ ଜାଗରଣର ପ୍ରଧାନ ପୁରୋଧା - ସ୍ୱାମୀ ବିବେକାନନ୍ଦ । ସୁଖ ଅବା ଦୁଃଖ, ସମୟ ହେଉ ବା ଅସମୟ, ବନ୍ଧୁ ବା ସମ୍ପର୍କୀୟଙ୍କ ଘରେ ଦରକାର ବେଳେ ପହଂଚିବା ଆବଶ୍ୟକ, ତେବେହିଁ ହୃଦୟ ର connection ର ମହତ୍ତ୍ୱ ଜଣା ପଡେ। ଚଣକ୍ୟ କହିଥିଲେ "ରାଜଦ୍ୱାରେ ଶ୍ମଶାନେ ଚ ଯ ତିଷ୍ଠନ୍ତି ସ ବାନ୍ଧବ।"

ଆଜି ଏ ଡିଜିଟାଲ ଯୁଗରେ facebookଓ whatsapମାଧ୍ୟମରେ ଆମେ ହଜାର ହଜାରଙ୍କ ଅସମୀପ ସମ୍ପର୍କରେ ରେ ଅଛୁ। କଣ ସମସ୍ତେ ବନ୍ଧୁ? କଣ ସମସ୍ତଙ୍କ ପାଇଁ ହୃଦୟ ର କଂନେକ୍ସନ ଥାଏ, ହୃଦୟ କାନ୍ଦେ?

ପିଲାବେଳ କଥା ମନେ ପଡେ, ମାମୁଁ ଘର, ପିଉସୀ ଘର ଯିବା କଥା ଶୁଣିଲେ ରାତିରେ ନିଦ ହୁଏ ନାହିଁ। କାଲି ଭଳି, କୋଶ କୋଶ ବାଟ ଲାଗେ, ହେଇ... ଦେଖା ଯାଉଚି। କିନ୍ତୁ ଆଜି ବନ୍ଧୁ ବାନ୍ଧବଙ୍କ ସହ contact ତ ଅଛୁ କିନ୍ତୁ ସେ connection କାହିଁ? ଆଜିକା ପିଲାଙ୍କୁ ଭଲମନ୍ଦ ରେ ବନ୍ଧୁ ଘରକୁ ଟିକେ ବୁଲି ଆସିବାକୁ କହିଲେ ଉତ୍ତର ଆସିବ ସମୟ ନାହିଁ। ହଁ ସମୟ ଅଛି, ମଲ ରେ, ମଲ୍ଟିପ୍ଲେକ୍ସ ରେ ମୁଭି ଦେଖିବାକୁ ସମୟ ଅଛି, ଲଂ ଡ୍ରାଇଭ ରେ କାର ଚଳାଇ ଯିବାକୁ। ଆଉ ଆମେ। ଆମର ତ ୟା ଭିତରେ

ବର୍ଷ ବଢ଼ିଛି,
ବୟସ ବଢିଛି।
ଧନ ବଢିଛି,
ମାନ ବଢିଛି।
ଜ୍ଞାନ ବଢିଛି,
ସମ୍ମାନ ବଢିଛି।
ଯୋଗ୍ୟତା ବଢ଼ିଛି,
ଲୋକପ୍ରିୟତା ବଢ଼ିଛି
ସଂପର୍କ ର ସୀମା ବଢ଼ିଛି
କିନ୍ତୁ ହୃଦୟ ର ଶୂନ୍ୟତା ମଧ୍ୟ ବଢ଼ିଛି।

ISSN NO.
2582-208X

ଏହାର କାରଣ ପରସ୍ପର ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ର ଅଭାବ। କଂନେକ୍ସନ ବା ପରସ୍ପର ଯୋଗାଯୋଗ ରୁ ଆତ୍ମୀୟତା ବଢେ। ପରିବାର ହେଉ ବା ସମ୍ପର୍କରେ ଥିବା ବ୍ୟକ୍ତିମାନଙ୍କ ସହିତ ଆମର ବ୍ୟବହାର ଆତ୍ମୀୟତାରେ ପରିପୂର୍ଣ୍ଣ ଓ ମଧୁର ହେବା ଦରକାର । ପରିବାରରେ ମାଆ, ବାପା, ପୁଅ, ଝିଅ, ଭାଇ, ଭଉଣୀଙ୍କ ସହିତ ମଧ୍ୟ ଆମର ସମ୍ପର୍କ ନିଶ୍ଚିତ ଭାବରେ ମଧୁର ଓ ନ୍ୟାୟପୂର୍ଣ୍ଣ ହେବା ଉଚିତ । ଅନ୍ୟଥା ବାହାର ଲୋକଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନା କେମିତି କରିବା।ଏହା କେବଳ ପରସ୍ପର ଦୁଇ ପଦ ମଧୁର ବଚନ, ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ,ଫୋନ ମାଧ୍ୟମ ରେ ହେଉନା କାହିଁକି, ସମ୍ଭବ। ଶାସ୍ତ୍ର କହେ, ପୃଥ୍ୱୀବ୍ୟାମଂ ତ୍ରିଣି ରତ୍ନାନିଂ ଜଲମଂ, ଅର୍ଣ୍ଣମଂ, ଶୁଭାସିତମଂ।

ପୁଣି,
ବଚନେ କିଂ ଦାରିଦ୍ରତା
ଦେଉଥିବ ଯେତେ, ପାଉଥିବ ସେତେ
ଶୁଭ ବଚନ ର ମହାନତା।

ବ୍ୟବହାରରେ ମଧୁର ବଚନ ଆଣିବା ପାଇଁ ଆମର ଆତ୍ମ ବୃତିର ପରିଶୋଧନ ଆବଶ୍ୟକ । ଈର୍ଷା, ଦ୍ୱେଷ, ପ୍ରତିଶୋଧପରାୟଣତା ଆଦି କଳୁଷିତ ଭାବନାକୁ ମନରୁ ନିଷ୍କାସନ କରିବା ଦରକାର । ଚିତ୍ତ ବୃତ୍ତିରୁ କଳୁଷିତ ବିଚାର ଗୁଡିକର ନିବୃତ୍ତି ଆସିଲେ, ମଧୁର ବଚନ ସ୍ୱତଃସ୍ଫୁର୍ତ୍ତ ପରିବେଷିତ ହେବ। ଏଠାରୁ ଯେଉଁ ଆତ୍ମୀୟତା ଆସିବ, ତାହା ହୃଦୟର ଗଭୀରତା କୁ ସ୍ପର୍ଶ କରିବ। ଜଣକ ଆଖିରୁ ଲୁହ ଧାର ବହିଲେ, ଅନ୍ୟ ଆଖିରେ ନିଶ୍ଚିତ ସିକ୍ତତା ଆସିବ।

ଏହା ହୃଦୟ ର ସଂପର୍କ ନୁହେଁ, ବରଂ ଯୋଗାଯୋଗ ।

କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଆମେ ଏବେ ଆମର ନୁହଁ

ଦୀନବନ୍ଧୁ ବେଜ

ଆଶା ଥିଲା ବର୍ଷା
ହେଉପଛେ ଆଦିନିଆ
ବର୍ଷିଯାଉ ଫୁଲ ବର୍ଷାହୋଇ,
ପ୍ରକଟ ହେବ ଇଶ୍ୱରୀୟ ସତ୍ତା
କୀଟ ପତଙ୍ଗ ତରୁତୃଣ
ଅଖିଳ ବ୍ରହ୍ମାଣ୍ଡର ସୂକ୍ଷ୍ମାତିସୂକ୍ଷ୍ମ
ଅପେକ୍ଷିତ ପାଇଁ ତାଙ୍କରି ମମତା ।
ତାଙ୍କପାଇଁ ଗତିଶୀଳ ହୁଏ
ସଭିଁଙ୍କର ଜୀବନୀ ନାଟିକା,
ଭବ୍ୟ ଦିବ୍ୟ ଆୟୋଜନରେ
ତୁମେ ଦିଶିଯାଅ ଅବାଞ୍ଚିତ ହୋଇ,
ତୁମ ରୂପରଙ୍ଗ ବେଶଭୂଷାରେ
ତୁମେ ଥାଅ ଥାଏ ବାସ୍ନା ତୁମତ୍ୱର,
ସେଥିପାଇଁ ତ ବର୍ଷକରେ ଦିନେ...
ସତ୍ତା ଜାଗିଉଠେ କୋଣେକୋଣେ,
ଧନୀ ଗରିବ ହୁଅନ୍ତି ଏକାକାର
ଯେଉଁଠି ଖୋଜିଲେ ଫୁଟିଉଠେ
ରାମନାମ ମାଟି ପାଣିପବନର ।
ହେଲେ କାହିଁ ସେ ସୌଭାଗ୍ୟ
କାହିଁ ସେଦିନର ରାମରାଜ୍ୟ କଥା
ରାମରାଜ୍ୟରେ ରାବଣ ପାର୍ଦୁଭାବ

ISSN NO.
2582-208X

କରୁଛନ୍ତି ପାଦେ ପାଦେ ଷଡ଼ଯନ୍ତ୍ର,
ଫୁଲ ବଦଳରେ ପଥର ବର୍ଷା...
ଭାଇଚାରା ବଦଳରେ ହିଂସା...
ଦ୍ୱେଶ ଘୃଣା ଛୁଉଁଛି ଶିଖର ଉତ୍ତୁଙ୍ଗ
ସ୍ନେହ ଶ୍ରଦ୍ଧା ସଦିଚ୍ଛା ବିରୋଧରେ
ଏହା କେଉଁ ସ୍ୱାର୍ଥମେଧ ଯଜ୍ଞ.....!
କି ଆହୁତି କି ହବନ ହେବ ଧର୍ମର
ନୈଷ୍ଠିକତା ମାପଯନ୍ତ୍ର ଅତିବ ପ୍ରବଳ
ଭାବର ଅଭାବ ମାନବ ବାଦର ।
ସବୁ କିଛି ବକବାସ ବସା ବାନ୍ଧିଛି
ସଂକିର୍ଣ୍ଣତା ଅର୍ଗଳୀରେ ଇନ୍ଦ୍ରଜାଲ,
ଅବା ବୁଡ଼ିଆଣୀ ଜାଲ ଘେରାବନ୍ଦୀ
ପର ଲଗା ଉଇପରି କରୁଛନ୍ତି
ନିଜହାତେ ନିଜତ୍ୱର ଛାରଖାର ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ଶୀତ ତୁମେ



ଦୁଷ୍ମନ୍ତ ବେହେରା

ଆଗମନ ଅପେକ୍ଷା ରେ ଆସିଛ ଶୀତ
ସୂର୍ଯ୍ୟ କିରଣେ କାକର ଠୋପାରେ
ଦିଶୁଥିଲା ତୁମ ଦେହ ଝଲସି
କହୁଥିଲା ଲାଜୁଆ ତୁମ ମୁହଁ ।।

ମୁଁ ଯେ ତୁମକୁ ଦେଖି ଲାଜେଇ
ଯାଉଥିଲା ଜାଡି ଯାଉଥିଲା ଦେହ
ସୁନ୍ଦର ଯୌବନେ ହାତ ମାରି
କହୁଥିଲା ଶୀତୁଆ ବାଃ ପବନ ।।

ଅନୁଭୁତି ତୁମର ଜଡାଏ ସତେ
ଦେହ ଯୌବନ ମନ
ଘୋଡାଏ ତୁମକୁ ମୋ ସୁନ୍ଦରତା
ଜାଡି ଯାଉଛିରେ ମୋ ଶରୀର ।।

ଲାଜକୁଳୀ ପରି ଲୁଚି ଯାଉଥିଲି
ଦେଖି ଶୀତ ଛାଟ ତୁମକୁ
ଘର ଲୋକ ମୋତେ କହୁଥିଲେ
ଡରକୁରା ଟିଏ ଦେଖ ।।

ISSN NO.
2582-208X

ଶୀତୁଆ ରାତି ପାହାନ୍ତିଆ ରେ
ଫୁଟି ଅଛି ମୁଁ ଫୁଲ
ସକାଳ ଦେଖି ମୁରୁକି ହସି
ମନେ ଖେଳି ହସି ଦିଅ ହସେ ।।

ଥର ଥର ଶୀତ ଆଣେ ପୂଜାପାଠ
ମେଳା ମହୋତ୍ସବ ଆଣି
ଦୀପ ଧୁପ ପୁଣ୍ୟ ଧର୍ମ ଦର୍ଶନ
ଶୀତ ସକାଳ କୋଳେ ।।

ମେଘୁଆ ପାଗରେ ଲୁଚକାଳି ଖେଳେ
ସୂର୍ଯ୍ୟ ର ସୁନେଲୀ କିରଣ
ରାତି ଧ୍ୱସରେ ଜହ୍ନ ତାରା ତୁମେ
ଛବି ଆଙ୍କି ଦିଅ ମନେ ।।

ଝଳଶୀ ରାଣୀ ଝଲଶୀ ଉଠେ
ଖେତ ଦେଖି ହସି ଦିଏ ହସ
ଚଷା ଦେଖି ହସି ଉଠେ
ତୁମ ଦେହେ ସତେ ସ୍ୱର୍ଣ୍ଣ।।

ଆଖି ଦେଖି ଶୀତ ତୁମକୁ ଲାଜେଇ
କହେ ଦେହ ହୁଏ ସକସକ
ଶୀତ ତୁମେ ବଡ ଶୀତୁଆ ପବନ
ଶୀତ ତୁମେ ଶୀତ ଶୀତ ।।

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# କବି



ସୁଧୀର ମେହେର

ଯାକୁ ନେଇ
କବିତା ଲେଖିବି ବୋଲି ଭାବିଥିଲି,
ସେ ଫୁରର୍ ହେଇଯାଇଛି ଅଧ ବାଟରୁ

କୁଆଡେ କବିମାନେ ଖୁବ୍ ଖିଆଲି,
ବୁଝନ୍ତିନାହିଁ ଘର ଦୁଆର,
ତେଲଲୁଣର ସଂସାର.....
ସ୍ୱପ୍ନ ଛଡା ଏମାନେ ଦେଇ ପାରନ୍ତିନି କିଛିବି

ଜୀବନଟିତ ଜୀଇଁବା ଆଇଁ
କେତେ କଣ ଲୋଡା,
ଗୋଟେ ଆଲିଶାନ୍ ଘର...
ଗୋଟେ କାର୍...
ଗୋଟେ ମଖମଲି ଶେଯ...

କେଜାଣି
ବନ୍ଦ ଝରକା ଫାଙ୍କରୁ ବି ଏମାନେ
କେମିତି ଆଙ୍କିଦେଇ ପାରନ୍ତି ଆକାଶର
ଅନୁପମ ଚିତ୍ର,

ISSN NO.
2582-208X

ପେଟରେ ଓଦାକନା ଦେଇ ବି
ଦେଖିପାରନ୍ତି ରଜାଝିଅର ସ୍ୱପ୍ନ !

ପାଗଳ,
ଏମାନେ ଜଣେ ଜଣେ ମସ୍ତବଡ ପାଗଳ

ସତରେ କଣ
କବିମାନେ ପାଗଳ ?
କବିମାନଙ୍କଠୁ ଭଲା କିଏ ଆଉ ଅଧିକ
ଭଲ ପାଇପାରେ!

ଭଲ ପାଇବା
ନୁହେଁ କି ଗୋଟେ ପାଗଳପଣ !

ISSN NO.
2582-208X

# ଭାଗବତ କଥା - ୪

## (ଧାରାବାହିକ)



ନରେନ୍ଦ୍ର ପ୍ରସାଦ ବେହେରା

### ନାରଦମହର୍ଷି ଧ୍ରୁବଙ୍କୁ କ ଉପଦେଶ ଦେଇଥିଲେ

ଦିନେ ସୃଷ୍ଟିକର୍ତ୍ତା ବ୍ରହ୍ମା ନୂତନ ରୂପ ଧାରଣ କଲେ । ଦେଖୁ ଦେଖୁ ତାଙ୍କର ଏହି ନୂତନ ଦେହଟି ଦୁଇଭାଗରେ ବିଭକ୍ତ ହୋଇଗଲା । ଗୋଟିଏ ଭାଗପୁରୁଷ ଆଉ ଅନ୍ୟ ଭାଗଟି ସ୍ତ୍ରୀ। ପୁରୁଷ ହେଲେ ମନୁ ଓ ଶତରୂପା ତାଙ୍କର ସ୍ତ୍ରୀ । ମନୁ ଓ ଶତରୂପାଙ୍କ ଔରସରୁ ଦୁଇଟି ପୁତ୍ର ଜନ୍ମ ହେଲେ, ଗୋଟିକର ନାମ ଉତ୍ତାନପାଦ ଓ ଅନ୍ୟଟିର ନାମ ପ୍ରିୟବ୍ରତ ।

ଉତ୍ତାନପାଦ ରାଜା ହେଲେ । ତାଙ୍କର ଦୁଇଜଣ ରାଣୀ ଥିଲେ, ସୁରୁଚି ଓ ସୁନୀତି । ସୁରୁଚି ଓ ସୁନୀତି ଦୁଇଟି ପୁତ୍ର ଜନ୍ମ କଲେ । ସୁରୁଚିଙ୍କ ପୁତ୍ରର ନାମ ଥିଲା ଉତ୍ତମ ଓ ସୁନୀତି ଙ୍କ ପୁତ୍ରର ନାମ ଧ୍ରୁବ । ରାଜା ଉତ୍ତାନପାଦ ସୁରୁଚିଙ୍କୁ ବେଶୀ ଭଲ ପାଉଥିଲେ । ତେଣୁ ସୁରୁଚିଙ୍କ ପୁତ୍ର ଉତ୍ତମକୁ କୋଳରେ ଧରି ସିଂହାସନରେ ବସୁଥିଲେ । ଦିନେ ଉତ୍ତାନପାଦ ସିଂହାସନରେ ବସିଥିବା ସମୟରେ ଧ୍ରୁବ ପିତାଙ୍କ କୋଳରେ ବସିବାକୁ ଯାଉଥିବା ଦେଖି,ଅନ୍ୟ ମାତା ସୁରୁଚି କହିଲେ ହେ ବାଳକ,ରାଜସିଂହାସନରେ ବସିବା ପାଇଁ ତୋର କୌଣସି ଅଧିକାର ନାହିଁ । ଶ୍ରୀହରିଙ୍କୁ ଡାକ, ଯଦି ପରଜନ୍ମରେ ମୋର ପୁଅ ହୋଇ ଜନ୍ମ ହେବୁ, ତାହେଲେ ରାଜସିଂହାସନରେ ବସିବାର ଅଧିକାର ପାଇବୁ ।

ବିମାତାଙ୍କର ଏହି ତିରସ୍କାର ଶୁଣି ଧ୍ରୁବ କାନ୍ଦି କାନ୍ଦି ମା'ଙ୍କ ନିକଟରେ ସବୁ କଥା କହିଲା । ସୁନୀତି ପୁତ୍ରକୁ କୋଳକୁ ନେଇ ସାନ୍ତ୍ୱନା ଦେଇ କହିଲେ, ପୁତ୍ର, ତୁ ନିଜକୁ ଅପରାଧୀ ବୋଲି

ISSN NO.
2582-208X

ମନେ କରୁଛୁ କାହିଁକି ? ଏକାନ୍ତ ଭାବରେ ଶ୍ରୀହରିଙ୍କୁ ଡାକ । ସେ କୃପା କଲେ ତୁ ରାଜସିଂହାସନ ଅବଶ୍ୟ ପାଇବୁ । ମୁନିଋଷିମାନେ ଯାହାଙ୍କୁ ବନ୍ଦନା କରନ୍ତି, ତୁ ସେହି ଶ୍ରୀହରିଙ୍କୁ ତୋର ମନର କଥା ଜଣାଇଲେ,ସେ ତୋର ଡାକ ଶୁଣିବେ ।

ବାଳକ ଧ୍ରୁବ ମା'ଙ୍କ କଥାରେ ବିଶ୍ବାସ କରି ରାଜପୁରୀ ତ୍ୟାଗ କଲେ ଏବଂ ଘନ ଅରଣ୍ୟ ମଧ୍ୟରେ ପ୍ରବେଶ କରି ଶ୍ରୀହରିଙ୍କୁ ଡାକିବାକୁ ଲାଗିଲେ । ଏହି ସମୟରେ ଦେବର୍ଷି ନାରଦ ଆସି ବାଳକ ନିକଟରେ ଉପସ୍ଥିତ ହେଲେ ଏବଂ କହିଲେ, ପୁତ୍ର, ବିନା ତପସ୍ୟାରେ କଅଣ ଶ୍ରୀହରିଙ୍କୁ ତୁ ପାଇବୁ ? ତୁ ଏତେ ଛୋଟ ପିଲା, ତପସ୍ୟା କରିବା ବଡ଼ କଠିନ ବ୍ୟାପାର । ତୁ ପାରିବୁ ନାହିଁ । ଏଥିରୁ ନିବୃତ ହୋଇ ତୁ ଘରକୁ ଫେରିଯାଆ । ଧ୍ରୁବ ଏହା ଶୁଣି ଉତ୍ତର ଦେଲେ- ହେ ପ୍ରଭୁ । ଆପଣଙ୍କର ଏହି ଉପଦେଶ ମୋର ଅଶାନ୍ତ ହୃଦୟ ମଧ୍ୟରେ ପ୍ରବେଶ କରିପାରୁ ନାହିଁ । ମୁଁ ଶ୍ରୀହରିଙ୍କ ଦର୍ଶନ ଚାହେଁ । ମୋର ଅନ୍ୟ କିଛି ଲୋଡ଼ା ନାହିଁ। ଆପଣ ମୋତେ ବତାଇ ଦିଅନ୍ତୁ,ମୁଁ କିପରି ତାଙ୍କ ଦର୍ଶନ ଲାଭ କରିବି ।

ବାଳକର ଉତ୍ତରରେ ସନ୍ତୁଷ୍ଟ ହୋଇ ଦେବର୍ଷି ନାରଦ କହିଲେ, ବତ୍ସ, ତୁମେ ଠିକ୍ କହିଛ । ଶ୍ରୀହରିଙ୍କ ଚରଣ ବନ୍ଦନା ହିଁ ତାଙ୍କୁ ପାଇବାର ଏକମାତ୍ର ପଥ । ତୁମେ ଯମୁନାତୀରରେ ଥିବା ମଧୁବନକୁ ଯାଇ ସେଠାରେ ଅବସ୍ଥାନ କର । ତୁମେ "ଓଁ ନମୋ ଭଗବତେ ବାସୁଦେବାୟ"ମନ୍ତ୍ରଟି ଜପକର । ଧ୍ରୁବଙ୍କୁ ଏହି ଉପଦେଶ ଓ ମନ୍ତ୍ରଟି ପ୍ରଦାନ କରି ନାରଦ ଅନ୍ତର୍ହିତ ହୋଇଗଲେ ।

ନାରଦଙ୍କ ଉପଦେଶ ଅନୁସାରେ ଧ୍ରୁବ ମଧୁବନରେ ଉପସ୍ଥିତ ହୋଇ କଠୋର ତପସ୍ୟାରେ ନିମଗ୍ନ ହେଲେ । ବାଳକର ନିଷ୍ଠା ଓ ତପସ୍ୟାରେ ସନ୍ତୁଷ୍ଟ ହୋଇ ଶ୍ରୀହରି ଦର୍ଶନ ଦେଲେ । ବାଳକ ସମ୍ମୁଖରେ ଶ୍ରୀହରି ବିରାଜମାନ ହେଲେ । ଭଗବାନଙ୍କର ମନମୋହନ ରୂପ ଦେଖି ଧ୍ରୁବ ମୁଗ୍ଧ ହୋଇ ତାଙ୍କର ଶ୍ରୀଚରଣରେ ନିଜକୁ ନିବେଦନ କଲେ । ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ଶ୍ରୀହରି ଧ୍ରୁବଙ୍କର କପୋଳଦେଶ ସ୍ପର୍ଶ କରି ଆର୍ଶୀବାଦ ଦେଲେ ଏବଂ କହିଲେ, ହେ ବତ୍ସ ! ତୁମେ ପିତାଙ୍କର ସିଂହାସନ ଲାଭ କରି ବହୁକାଳ ଧରି ରାଜ୍ୟ ଶାସନ କରିବ । ଏ ଜୀବନ ପରେ ତୁମେ ସ୍ୱର୍ଗଲୋକରେ ସ୍ଥାନ ପାଇବ ଏବଂ ଏହା ତୁମରି ନାମ ଅନୁସାରେ ଧ୍ରୁବଲୋକ ବୋଲି କଥିତ ହେବ ।

ISSN NO.
2582-208X

ଧ୍ରୁବ ଭଗବତ୍ ଚିତ୍ତରେ ଶ୍ରୀହରିଙ୍କ ଚରଣ ବନ୍ଦନା କରି କହିଲେ-ପ୍ରଭୁ,ଆଜି ମୋର ବାସନା ସିଦ୍ଧ ହେଲା । ପିତାଙ୍କର ସିଂହାସନ ଅପେକ୍ଷା ଆପଣଙ୍କ ଶ୍ରୀଚରଣ ମୋର ଧ୍ୟେୟ ହୋଇ ରହିଥାଉ । ଭଗବାନ ଅନ୍ତର୍ହିତ ହୋଇଯିବା ପରେ ଧ୍ରୁବ ନିଜ ରାଜ୍ୟକୁ ଫେରି ଆସିଲେ । ପୁତ୍ର ଫେରି ଆସିବା ଦେଖି ରାଜା ଅତ୍ୟନ୍ତ ଆନନ୍ଦିତ ହେଲେ । ଇତିପୂର୍ବରୁ ନାରଦ ମୁଖରୁ ସେ ପୁତ୍ରର ସାଧନା ଓ ସିଦ୍ଧିଲାଭ କଥା ଶୁଣିଥିଲେ । କଠୋର ତପସ୍ୟାବଳରେ ପୁତ୍ର ଶ୍ରୀହରିଙ୍କ ଦର୍ଶନ ପାଇଛି ଜାଣି ପିତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଧ୍ରୁବ ଯୌବନରେ ପଦାର୍ପଣ କରନ୍ତେ, ରାଜା ଉତ୍ତାନପାଦ ପୁତ୍ରକୁ ରାଜସିଂହାସନରେ ଅଭିଷିକ୍ତ କରି ତପସ୍ୟା ନିମନ୍ତେ ବନଗମନ କଲେ ।

ଧ୍ରୁବ ସିଂହାସନରେ ଅଭିଷିକ୍ତ ହୋଇ ଶ୍ରୀହରିଙ୍କୁ ସ୍ମରଣ ମନନ କରି ସୁଚାରୁରୂପେ ରାଜ୍ୟ ଶାସନ କଲେ । ଦିନେ ତାଙ୍କର ଭାଇ ଉତ୍ତମ ମୃଗୟା କରିବାକୁ ଯାଇ ବନ ମଧ୍ୟରେ ଏକ ଯକ୍ଷର ଆକ୍ରମଣରେ ପ୍ରାଣ ହରାଇଲେ ଏବଂ ବିମାତା ସୁରୁଚି ପୁତ୍ର ଶୋକରେ ଅଧରା ହୋଇ ଶେଷରେ ପ୍ରାଣତ୍ୟାଗ କଲେ । ଧ୍ରୁବ ମହାରାଜା ବହୁକାଳ ରାଜ୍ୟ ଶାସନ କରିବା ପରେ ପୁତ୍ରକୁ ରାଜ୍ୟ ଦାନ କରି ତପସ୍ୟା ନିମନ୍ତେ ବଦ୍ରିକାଶ୍ରମ ଗମନ କଲେ । ଶ୍ରୀହରିଙ୍କ ଧ୍ୟାନରେ ନିମଗ୍ନ ରହି ଧ୍ରୁବ ଦେହତ୍ୟାଗ କରନ୍ତେ ବିଷ୍ଣୁଦୂତମାନେ ତାଙ୍କୁ ପୂର୍ବନିର୍ଦ୍ଦିଷ୍ଟ ଧ୍ରୁବ ଲୋକକୁ ନେଇଗଲେ । ଆଜି ମଧ୍ୟ ଆକାଶରେ ଧ୍ରୁବତାରା ବିରାଜମାନ ରହି ଏହି ମହାତ୍ମାକଥା ମନେ ପକାଇଦିଏ ।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଉମା ମହେଶ୍ୱର ସ୍ତୋତ୍ରମ୍



ଅଧ୍ୟାପିକା ରୋଜାଲିନ୍ ବାରିକ୍

ନମଃ ଶିବାଭ୍ୟାଂ ନବଯୌବନାଭ୍ୟାଂ
ପରସ୍ପରାଶ୍ଲିଷ୍ଟବପୁର୍ଧରାଭ୍ୟାମ୍ ।
ନଗେଂଦ୍ରକନ୍ୟାବୃଷକେତନାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 1 ॥

ନମଃ ଶିବାଭ୍ୟାଂ ସରସୋତ୍ସବାଭ୍ୟାଂ
ନମସ୍କୃତାଭୀଷ୍ଟବରପ୍ରଦାଭ୍ୟାମ୍ ।
ନାରାୟଣେନାର୍ଚିତପାଦୁକାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 2 ॥

ନମଃ ଶିବାଭ୍ୟାଂ ବୃଷବାହନାଭ୍ୟାଂ
ବିରିଂଚିବିଷ୍ଣ୍ୱିଂଦ୍ରସୁପୂଜିତାଭ୍ୟାମ୍ ।
ବିଭୂତିପାଟୀରବିଲେପନାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 3 ॥

ନମଃ ଶିବାଭ୍ୟାଂ ଜଗଦୀଶ୍ୱରାଭ୍ୟାଂ
ଜଗତ୍ପତିଭ୍ୟାଂ ଜୟବିଗ୍ରହାଭ୍ୟାମ୍ ।

ISSN NO.
2582-208X

ଜଂଭାରିମୁଖ୍ୟୈରଭିବଂଦିତାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 4 ॥

ନମଃ ଶିବାଭ୍ୟାଂ ପରମୌଷଧାଭ୍ୟାଂ
ପଂଚାକ୍ଷରୀପଂଜରରଂଜିତାଭ୍ୟାମ୍ ।
ପ୍ରପଂଚସୃଷ୍ଟିସ୍ଥିତିସଂହୃତାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 5 ॥

ନମଃ ଶିବାଭ୍ୟାମତିସୁଂଦରାଭ୍ୟାଂ
ଅତ୍ୟଂତମାସକ୍ତହୃଦଂବୁଜାଭ୍ୟାମ୍ ।
ଅଶେଷଲୋକୈକହିତଂକରାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 6 ॥

ନମଃ ଶିବାଭ୍ୟାଂ କଲିନାଶନାଭ୍ୟାଂ
କଂକାଳକଲ୍ୟାଣବପୁର୍ଧରାଭ୍ୟାମ୍ ।
କୈଲାସଶୈଲସ୍ଥିତଦେବତାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 7 ॥

ନମଃ ଶିବାଭ୍ୟାମଶୁଭାପହାଭ୍ୟାଂ
ଅଶେଷଲୋକୈକବିଶେଷିତାଭ୍ୟାମ୍ ।
ଅକୁଂଠିତାଭ୍ୟାଂ ସ୍ମୃତିସଂଭୃତାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ ୪ ॥

ନମଃ ଶିବାଭ୍ୟାଂ ରଥବାହନାଭ୍ୟାଂ
ରବୀଂଦୁବୈଶ୍ୱାନରଲୋଚନାଭ୍ୟାମ୍ ।

ISSN NO.
2582-208X

ରାକାଶଶାଂକାଭମୁଖାମ୍ବୁଜାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ ୨ ॥

ନମଃ ଶିବାଭ୍ୟାଂ ଜଟିଲଂଧରାଭ୍ୟାଂ
ଜରାମୃତିଭ୍ୟାଂ ଚ ବିବର୍ଜିତାଭ୍ୟାମ୍ ।
ଜନାର୍ଦନାବ୍ଜୋଦ୍ଭବପୂଜିତାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 10 ॥

ନମଃ ଶିବାଭ୍ୟାଂ ବିଷମେକ୍ଷଣାଭ୍ୟାଂ
ବିଲ୍ୱଚ୍ଛଦାମଲ୍ଲିକଦାମଭୃଦ୍ଭ୍ୟାମ୍ ।
ଶୋଭାବତୀଶାଂତବତୀଶ୍ୱରାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 11 ॥

ନମଃ ଶିବାଭ୍ୟାଂ ପଶୁପାଲକାଭ୍ୟାଂ
ଜଗତ୍ରୟୀରକ୍ଷଣବଦ୍ଧହୃଦ୍ଭ୍ୟାମ୍ ।
ସମସ୍ତଦେବାସୁରପୂଜିତାଭ୍ୟାଂ
ନମୋ ନମଃ ଶଂକରପାର୍ବତୀଭ୍ୟାମ୍ ॥ 12 ॥

ସ୍ତୋତ୍ରଂ ତ୍ରିସଂଧ୍ୟଂ ଶିବପାର୍ବତୀଭ୍ୟାଂ
ଭକ୍ତ୍ୟା ପଠେଦ୍ଦ୍ୱାଦଶକଂ ନରୋ ଯଃ ।
ସ ସର୍ବସୌଭାଗ୍ୟଫଲାନି
ଭୁଂକ୍ତେ ଶତାୟୁରାଂତେ ଶିବଲୋକମେତି ॥ 13 ॥

ସଂଗ୍ରାହୀକା: ଅଧ୍ୟାପିକା ରେ୍ଜାଲିନ୍ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X


# କୁମ୍ଭକର୍ଣ୍ଣର ପ୍ରଶ୍ନ

ବିନୟାନନ୍ଦ ବସ୍ତ୍ରସ୍ୟ

ଅପ୍ରତ୍ୟାଶିତ ଅନୁଦେଶ
ଆଦେଶର ବଶବର୍ତ୍ତୀ
ଅନୁବନ୍ଧିତ ନିୟମକୁ ଅବଜ୍ଞାରେ ନିଦ୍ରାଭଗ୍ନ
ଅର୍ଦ୍ଧନିମିଳିତ ଚକ୍ଷୁରେ
ଅବଶିଷ୍ଟ ନିଦ୍ରା ତନ୍ଦ୍ରାରେ ବିବଶିତ କୁମ୍ଭକର୍ଣ୍ଣ ପ୍ରଶ୍ନବାଚୀ ଅନ୍ତର
ବିଳାପର ବିଚ୍ଛେଦର ଅହଂକାରର
ଆବେଶ ଭିତରେ ଦଶାନନର ଛାମୁକୁ
ଆଚ୍ଛାଦିତ କରୁଥିଲା ପ୍ରଶ୍ନ ପରେ ପ୍ରଶ୍ନ,

କାହିଁକି ହେ ଭ୍ରାତା !
ନାରୀ ଅପହରଣର ଧୃଷ୍ଟତା ତୁମର ?
ଯତିବେଶ ଧାରଣ ?
ଭବିଷ୍ୟତର ସାଧୁ ସମାଜକୁ ନିନ୍ଦିତ କରାଇବାର ହୀନ ମାନସିକତା ?
କାହିଁକି ଅକ୍ଷୟକୁମାରର ଅକାଳ ମୃତ୍ୟୁ ?
କାହିଁ ବିଭୀଷଣ ?
କାହିଁପାଇଁ ମନ୍ଦୋଦରୀର ପ୍ରାର୍ଥନା ଅନୁନୟକୁ ଅବମାନନା ? ? ?
ଅସମୟରେ ମୋର ନିଦ୍ରାଭଗ୍ନ ? ?

ସ୍ଥିର ରକ୍ତ ନୟନ ଦଶଗ୍ରୀବ
ମୁକ୍ତିରମନ୍ତ୍ର ଜପିବାରେ ବ୍ୟଗ୍ର ବ୍ୟସ୍ତ ବିବ୍ରତ।

ISSN NO.
2582-208X

ଉତ୍ତର ଶୁଣିବାକୁ ଧୈର୍ଯ୍ୟ ରଖିବାକୁ
ନିର୍ଦ୍ଦେଶ ଦେଇ ଉତ୍ତରର ଛତ୍ର ଢାଙ୍କିଦେଲା କୁମ୍ଭକର୍ଣ୍ଣର କର୍ଣ୍ଣଗହ୍ୱରରେ,

ବଶିଷ୍ଠଙ୍କ ନିର୍ଦ୍ଦେଶ ଅପ୍ରୌଢା କୁମାରୀ ଧର୍ମର ଅନିୟମିତତାର ଉପଚାର,
ଜନକ ନନ୍ଦିନୀଙ୍କୁ ଅଶୋକବନର ଉପଚାର,
ଛଦ୍ମବେଶୀ ଆତ୍ମଘୋଷିତ ସାଧୁଙ୍କୁ ସାବଧାନୀ,
ଦେବତାଙ୍କ ବିନା ଅମରତ୍ୱର ପ୍ରମାଣ,
ଭ୍ରାତୃମୁକ୍ତିର ବିରୋଧ କରୁଥିବା ବିଭୀଷଣ,
ଲଙ୍କାକୁ ଶ୍ରୀ ଯୁକ୍ତ କରାଇ ରାକ୍ଷସ ଗଣଙ୍କ ସାଲୁକ୍ୟ ସାମିପ୍ୟ ସାଜୁଯ୍ୟ ମୁକ୍ତି
ସହ ଆମ ଦୁହିଁଙ୍କର ଅଭିଶପ୍ତ ଜୀବନର
ଅବସାନ ମୋର ମୂଳ ଲକ୍ଷ୍ୟ ଥିଲା ।
ଆଉ କେତେ ଦିନ କୁମ୍ଭକର୍ଣ୍ଣ,
ରାମ ବନବାସ ଠାରୁ ଆମ୍ଭ ପତ୍ନୀ
ମନ୍ଥରା ବେଶୀର ମହାନିର୍ବାଣ କଣ ତୋର ଇଛା ନୁହେଁ ? ? ?
ଆଉ ବିଳମ୍ବ କାହିଁକି ରେ ଭାଇ ? ?
ଯଦ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ........

ଖୋର୍ଦ୍ଧା

ISSN NO.
2582-208X

# ସର୍ବଦେବ କୃତ ଶ୍ରୀ ଲକ୍ଷ୍ମୀ ସ୍ତୋତ୍ରମ୍



ଅଭିଲାଶ ବାରିକ୍

କ୍ଷମସ୍ୱ ଭଗବତ୍ୟଂବ କ୍ଷମା ଶୀଳେ ପରାତ୍ପରେ। ଶୁଦ୍ଧ ସତ୍ୱ ସ୍ୱରୂପେଚ କୋପାଦି ପରି ବର୍ଜିତେ॥

ଉପମେ ସର୍ବ ସାଧ୍ୱୀନାଂ ଦେବୀନାଂ ଦେବ ପୂଜିତେ। ତ୍ୱୟା ବିନା ଜଗତ୍ସର୍ବଂ ମୃତ ତୁଲ୍ୟଂଚ ନିଷ୍ଫଲମ୍।

ସର୍ବ ସଂପତ୍ସ୍ୱରୂପାତ୍ୱଂ ସର୍ବେଷାଂ ସର୍ବ ରୂପିଣୀ। ରାସେଶ୍ୱର୍ୟ୍ୟଧି ଦେବୀତ୍ୱଂ ତ୍ୱତ୍କଳାଃ ସର୍ବୟୋଷିତଃ॥

କୈଲାସେ ପାର୍ବତୀ ତ୍ୱଂଚ କ୍ଷୀରୋଧେ ସିଂଧୁ କନ୍ୟକା। ସ୍ୱର୍ଗେଚ ସ୍ୱର୍ଗ ଲକ୍ଷ୍ମୀ ସ୍ତ୍ୱଂ ମର୍ତ୍ୟ ଲକ୍ଷ୍ମୀଶ୍ଚ ଭୂତଲେ॥

ବୈକୁଂଠେଚ ମହାଲକ୍ଷ୍ମୀଃ ଦେବଦେବୀ ସରସ୍ୱତୀ। ଗଂଗାଚ ତୁଳସୀତ୍ୱଂଚ ସାବିତ୍ରୀ ବ୍ରହ୍ମ ଲୋକତଃ॥

କୃଷ୍ଣ ପ୍ରାଣାଧି ଦେବୀତ୍ୱଂ ଗୋଲୋକେ ରାଧିକା ସ୍ୱୟମ୍। ରାସେ ରାସେଶ୍ୱରୀ ତ୍ୱଂଚ ବୃଂଦା ବୃଂଦାବନେ ବନେ॥

କୃଷ୍ଣ ପ୍ରିୟା ତ୍ୱଂ ଭାଂଡୀରେ ଚଂଦ୍ରା ଚଂଦନ କାନନେ। ବିରଜା ଚଂପକ ବନେ ଶତ ଶୃଂଗେଚ ସୁଂଦରୀ।

ISSN NO.
2582-208X

ପଦ୍ମାବତୀ ପଦ୍ମ ବନେ ମାଲତୀ ମାଲତୀ ବନେ। କୁଂଦ ଦଂତୀ କୁଂଦବନେ ସୁଶୀଲା କେତକୀ ବନେ॥

କଦଂବ ମାଲା ତ୍ୱଂ ଦେବୀ କଦଂବ କାନନେ2ପିଚ। ରାଜଲକ୍ଷ୍ମୀଃ ରାଜ ଗେହେ ଗୃହଲକ୍ଷ୍ମୀ ର୍ଗୃହେ ଗୃହେ॥

ଇତ୍ୟୁକ୍ତ୍ୱା ଦେବତାସ୍ସର୍ବାଃ ମୁନୟୋ ମନବସ୍ତଥା। ରୂରୂଦୁର୍ନ ମ୍ରବଦନାଃ ଶୁଷ୍କ କଂଠୋଷ୍ଠ ତାଲୁକାଃ॥

ଇତି ଲକ୍ଷ୍ମୀ ସ୍ତବଂ ପୁଣ୍ୟ ସର୍ବଦେବୈଃ କୃତଂ ଶୁଭମ୍। ୟଃ ପଠେତ୍ପ୍ରାତରୁତ୍ଥାୟ ସର୍ବୈସର୍ବଂ ଲଭେଦ୍ଧ୍ରୁବମ୍॥

ଅଭାର୍ୟୋ ଲଭତେ ଭାର୍ୟାଂ ବିନୀତାଂ ସୁସୁତାଂ ସତୀମ୍। ସୁଶୀଲାଂ ସୁଂଦରୀଂ ରମ୍ୟାମତି ସୁପ୍ରିୟବାଦିନୀମ୍॥

ପୁତ୍ର ପୌତ୍ର ବତୀଂ ଶୁଦ୍ଧାଂ କୁଲଜାଂ କୋମଲାଂ ବରାମ୍। ଅପୁତ୍ରୋ ଲଭତେ ପୁତ୍ରଂ ବୈଷ୍ଣବଂ ଚିରଜୀବିନମ୍॥

ପରମୈଶ୍ୱର୍ୟ ୟୁକ୍ତଂଚ ବିଦ୍ୟାବଂତଂ ୟଶସ୍ୱିନମ୍। ଭ୍ରଷ୍ଟରାଜ୍ୟୋ ଲଭେଦ୍ରାଜ୍ୟଂ ଭ୍ରଷ୍ଟ ଶ୍ରୀର୍ଲଭେତେ ଶ୍ରିୟମ୍॥ *

ହତ ବଂଧୁର୍ଲଭେଦ୍ବଂଧୁଂ ଧନ ଭ୍ରଷ୍ଟୋ ଧନଂ ଲଭେତ୍॥ କୀର୍ତି ହୀନୋ ଲଭେତ୍କୀର୍ତିଂ ପ୍ରତିଷ୍ଠାଂଚ ଲଭେଦ୍ଧ୍ରୁବମ୍॥

ସର୍ବ ମଂଗଳଦଂ ସ୍ତୋତ୍ରଂ ଶୋକ ସଂତାପ ନାଶନମ୍। ହର୍ଷାନଂଦକରଂ ଶାଶ୍ୱଦ୍ଧର୍ମ ମୋକ୍ଷ ସୁହୃତ୍ପ୍ରଦମ୍॥

ଇତି ସର୍ବ ଦେବ କୃତ ଲକ୍ଷ୍ମୀ ସ୍ତୋତ୍ରଂ ସଂପୂର୍ଣମ୍ ॥

ସଂଗ୍ରାହକ :ଅଭିଳାଶ ବାରିକ୍
ଏ.ବି.ପି.ଏମ, ନମତରୁ,
ରାଜକନକା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସନ୍ଧ୍ୟା ସକାଳ ଠାରୁ ଭଲ, ବିଶ୍ରାମ ଜଗିଥାଏ



ଡୁଇଟ୍ ଡେଭିଡ ଫିଲିପ

ସନ୍ଧ୍ୟା ସକାଳ ଠାରୁ ଭଲ,
ବିଶ୍ରାମ ଜଗିଥାଏ ।

ସନ୍ଧ୍ୟା ମନକୁ ଆସେନା,
ବିତିଗଲା ଘଟଣା ଗୁଡ଼ିକ ଆଣେ,
ପ୍ରତ୍ୟେକ ଟିକ୍ ଟିକ ଶବ୍ଦ ଯାହା ଗଣି ହୁଏନା ତାପରେ ଆସେ,

କେହି କେହି ଗଣନ୍ତି ଓ ଗଣିବା ଶିଖାନ୍ତି, ସେମାନେ ଐତିହାସିକ, ଆମ ଗୁରୁ, ସମୟ ତାଙ୍କ ଠି ହାର ମାନେ, ସେମାନେ ଜୟୀ ।
ସନ୍ଧ୍ୟା ତାଙ୍କଠି ହାରିଛି ।

ଜିତିଲା ବାଲା ଆଜି ସନ୍ଧ୍ୟାରେ,
ସକାଳକୁ କହୁଛି, ନଗଣିକି ଆସିଲେ ବିଶ୍ରାମ କାହିଁକି କରିବୁ ?

ସନ୍ଧ୍ୟା ସକାଳ ଠାରୁ ଭଲ,
ବିଶ୍ରାମ, ଜଗିଥାଏ,

ସନ୍ଧ୍ୟା ସକାଳ ଠାରୁ ଭଲ
ବିଶ୍ରାମ, ଜଗିଥାଏ,

(ଅବସର ପ୍ରାପ୍ତଙ୍କୁ ସମର୍ପିତ)

ଆଇନ ଜିବୀ ଓ ସମାଜ ସେବୀ
ଭବାନୀପାଟଣା, କଳାହାଣ୍ଡି

ISSN NO.
2582-208X

# ଆସ୍ତିକତା ଓ ନାସ୍ତିକତା ଉପରେ ଯୁକ୍ତି ତର୍କ



ବାଲ୍ମୀକ ନାୟକ

ସମଗ୍ର ପୃଥିବୀରେ ପ୍ରାୟ ୪୨୦୦ ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ଧର୍ମ ଅଛି । ସେହି ଅନୁସାରେ ଦେବୀ-ଦେବତା ମଧ୍ୟ ଅଛନ୍ତି । ଦେବୀ-ଦେବତାଙ୍କୁ ବିଶ୍ୱାସ କରୁଥିବା ଜନସଂଖ୍ୟା ବି ବହୁତ ଅଧିକ । ତଥାପି ପୃଥିବୀରେ ଏମିତି ବି ଲୋକ ଅଛନ୍ତି ଯେଉଁମାନେ କୌଣସି ଦେବୀ-ଦେବତାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁନାହାନ୍ତି । ଦେବୀ-ଦେବତାଙ୍କୁ ବିଶ୍ୱାସ କରୁଥିବା ଲୋକମାନଙ୍କୁ ଆସ୍ତିକ କୁହାଯାଏ ଏବଂ ବିଶ୍ୱାସ କରୁନଥିବା ଲୋକମାନଙ୍କୁ ନାସ୍ତିକ କୁହାଯାଏ। ଏହି ଦୁଇ ଗୋଷ୍ଠୀର ବିଶ୍ୱାସ ଓ ବିଚାରଧାରା ଭିନ୍ନ ହୋଇ ଥିବାରୁ ସବୁବେଳେ ଯୁକ୍ତି ତର୍କ ଲାଗି ରହିଛି । ମୁହଁର ଯୁକ୍ତି ତର୍କ ବେଳେ ବେଳେ ହାତା-ହାତି ପର୍ଯ୍ୟନ୍ତ ଚାଲିଯାଏ । ହିଂସା ଯୋଗୁଁ ନରସଂହାର ବି ହୋଇଥାଏ । ସଂସାରରେ କାଳ୍ପନିକ ଦୈବୀ ଅବଧାରଣା ସୃଷ୍ଟି ହୋଇ ନଥିଲେ ଆସ୍ତିକ ଓ ନାସ୍ତିକ ବି ନଥା'ନ୍ତେ । ସମସ୍ତ ମଣିଷଙ୍କ ବିଚାରଧାରା ମାନବବାଦୀ ଓ ବିଜ୍ଞାନବାଦୀ ହୋଇଥା'ନ୍ତା ।

ଆସ୍ତିକମାନେ ଈଶ୍ୱର, ଆଲ୍ଲା ଓ ଗଡ଼ ଅଛନ୍ତି ବୋଲି ଦାବି କରୁଛନ୍ତି ଏବଂ ନାସ୍ତିକମାନେ ସେହି ଦାବିକୁ ଅସ୍ୱୀକାର କରୁଛନ୍ତି । ନାସ୍ତିକମାନଙ୍କଦାବି ହେଉଛି- ଯିଏ ଅଛି ବୋଲି ଦାବି କରୁଛି, ପ୍ରମାଣ ଦେବା ବି ତାଙ୍କର କର୍ତ୍ତବ୍ୟ । ଧରନ୍ତୁ ମୁଁ କହିବି - "ମୋ ପାଖରେ ଗୋଟିଏ ଚମତ୍କାରୀ ପକ୍ଷୀ ଲାଗିଥିବା ଘୋଡା ଅଛି । ସେ ଆକାଶରେ ଉଡ଼ିପାରିବ ଏବଂ ଭୂମିରେ ବି ଦୌଡ଼ି ପାରିବ ।" ମୋ କଥାକୁ ହୁଏତ କିଛି ଲୋକ ଚମତ୍କାର ଭାବି ବିଶ୍ୱାସ କରି ପାରନ୍ତି କିନ୍ତୁ ତର୍କଶୀଳ ବ୍ୟକ୍ତିମାନେ ପଚାରିବେ, ତୁମର ଘୋଡ଼ା କେଉଁଠି ଅଛି ଦେଖାଅ ? ମୁଁ ତ ଦେଖାଇ ପାରିବି ନାହିଁ ତଥାପି ମୁଁ ଯଦି ଲୋକମାନଙ୍କୁ ବିଶ୍ୱାସ କରିବାପାଇଁ ଅନେକ ପ୍ରକାର

ISSN NO.
2582-208X

ମନଗଢ଼ା ମିଛ କାହାଣୀ ଶୁଣାଇବି । ମୋର ମିଛ ଦିନେ ନା ଦିନେ ଧରା ପଡ଼ିଯିବ । ସେହିଭଳି ଆସ୍ତିକମାନଙ୍କ ଦାବି ମଧ୍ୟ ଦିନେ ତର୍କ ଆଗରେ ମିଥ୍ୟା ପ୍ରମାଣିତ ହେଉଛି।

ଦେଶ ବିଦେଶରେ କିଛି ନାସ୍ତିକ ବ୍ୟକ୍ତି ହିଁ ନିଜର ତର୍କଶୀଳ ବୁଦ୍ଧି ପ୍ରୟୋଗ କରି ମାନବ ସଭ୍ୟତା, ବୈଜ୍ଞାନିକ ଉପଲବ୍ଧି ଓ ପ୍ରଯୁକ୍ତି ବିଦ୍ୟାର ବିକାଶ କରି ପାରିଛନ୍ତି । ସେମାନେ ଯଦି ଆଦିମାନବଙ୍କ ଅଜ୍ଞତା ଯୋଗୁଁ ସୃଷ୍ଟି ହୋଇଥିବା କାଳ୍ପନିକ ଦେବୀ-ଦେବତାଙ୍କ ଅବଧାରଣାରେ ଛନ୍ଦି ହୋଇ ରହିଥା'ନ୍ତେ ତେବେ ଆଜିର ଆଧୁନିକ ତଥା ବୈଜ୍ଞାନିକ ଯୁଗରେ ପହଞ୍ଚିବା କେବେ ସମ୍ଭବ ହୋଇ ନଥା'ନ୍ତା । ନିମ୍ନରେ କିଛି ମୁକ୍ତ ଚିନ୍ତକ, ଦାର୍ଶନିକ, ଲେଖକ, ବୈଜ୍ଞାନିକ ଓ ନିରୀଶ୍ୱରବାଦୀ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିବା ଉଚିତ ହେବ ।

୧. ଭାରତରେ ଜନ୍ମ ଗ୍ରହଣ କରିଥିବା ଋଷି ଚାର୍ବାକ କହିଛନ୍ତି - "ଈଶ୍ୱର ବିଶ୍ୱାସ ଏକ ରୁଗଣ ବିଚାର । ଏହାଦ୍ୱାରା ମାନବତାର କୌଣସି କଲ୍ୟାଣ ହୋଇ ପାରିବ ନାହିଁ ।"ସେ ଈଶ୍ୱର ସତ୍ତାକୁ ଅସ୍ୱୀକାର କରିଥିଲେ ।

୨. ଭାରତର ଅନ୍ୟତମ ଯୋଗ୍ୟ ସନ୍ତାନ ଗୌତମ ବୁଦ୍ଧ କହିଛନ୍ତି- ଭଗବାନ ନାମକ କୌଣସି ବସ୍ତୁ ନାହିଁ । ଭଗବାନଙ୍କୁ ଖୋଜିବା ପାଇଁ ସମୟ ନଷ୍ଟ କରନାହିଁ । ସତ୍ୟ ହିଁ ସବୁ କିଛି । ସତ୍ୟର ସନ୍ଧାନ କର । "ଅତଃ ଦିପୋ ଭବ" ନିଜର ଦୀପ ନିଜେ ହୁଅ । ବୁଦ୍ଧଙ୍କ ନିରୀଶ୍ୱରବାଦୀ ସିଦ୍ଧାନ୍ତ ଅନେକ ଦେଶର ଜୀବନ ଦର୍ଶନ ହୋଇଯାଇଛି । ଭାରତ ବୁଦ୍ଧଙ୍କ ଦେଶ ବୋଲି ସମସ୍ତେ ମାନୁଛନ୍ତି ।

୩. ଅଜିତ କେଶକମ୍ବଲ ବୁଦ୍ଧଙ୍କ ସମକାଳୀନ ବିଖ୍ୟାତ ତୀର୍ଥଙ୍କର ଥିଲେ । ତ୍ରିପିଟକ ଗ୍ରନ୍ଥରେ ତାଙ୍କର ବିଚାର ଅନେକ ସ୍ଥାନରେ ଉଲ୍ଲେଖ ଅଛି । ସେ କହିଛନ୍ତି -ପୂଜା ପ୍ରାର୍ଥନା, ଦାନ, ଯଜ୍ଞ ଆଦି କରିବା ଆବଶ୍ୟକ ନାହିଁ । ଲୋକ-ପରଲୋକ ସବୁ ମିଥ୍ୟା ।

୪. ତାମିଲନାଡୁର ଏରୋଡ଼ ସହରରେ ଜନ୍ମ ହୋଇଥିବା (୧୭.୦୯.୧୮୭୯ - ୨୪.୧୨.୧୯୭୩) ମହାନ ଦାର୍ଶନିକ, ମୁକ୍ତ ଚିନ୍ତକ ଓ ସମାଜ ସେବକ ଇ.ଭି.ରାମସ୍ୱାମୀ ପେରିୟାର କହିଛନ୍ତି -"ଈଶ୍ୱର ନାହିଁ । ଧୂର୍ତ୍ତମାନେ ଈଶ୍ୱରକୁ ସୃଷ୍ଟି କରିଛନ୍ତି । ଗୁଣ୍ଡାମାନେ ତାକୁ ବ୍ୟବହାର କରୁଛନ୍ତି ଏବଂ ମୂର୍ଖମାନେ ତାକୁ ପୂଜା କରୁଛନ୍ତି ।"

ISSN NO.
2582-208X

୫. କେରଳରେ ଜନ୍ମ ହୋଇଥିବା ବାସବା ପ୍ରେମାନନ୍ଦ (୧୭.୦୨.୧୯୩୦ – ୦୪.୧୦.୨୦୦୯)ଜଣେ ଉଚ୍ଚ କୋଟିର ଦାର୍ଶନିକ ଏବଂ ବିଜ୍ଞାନ ମନସ୍କ ବ୍ୟକ୍ତିଥିଲେ। ସେ କହିଛନ୍ତି – ଦୁନିଆରେ ଚମତ୍କାର ବୋଲି କିଛି ନାହିଁ । ସେ ଦେଶ ବିଦେଶରେ ବୁଲି ବୁଲି ପାଖଣ୍ଡି ସାଧୁ, ସନ୍ନ୍ୟାସୀ, ବାବା, ତାନ୍ତ୍ରିକ ଓ ଜ୍ୟୋତିଷଙ୍କ ଚମତ୍କାରୀ ଦାବିକୁ ପରଦାଫାସ କରିଥିଲେ । ତାଙ୍କର ଅକାଟ୍ୟ ଯୁକ୍ତି ଓ ତର୍କ ଆଗରେ କୌଣସି ଧର୍ମଗୁରୁ ସାମନା କରି ପାରୁନଥିଲେ । ପୁଟପର୍ତ୍ତିର ସତ୍ୟସାଇ ବାବା, ପ୍ରେମାନନ୍ଦଙ୍କୁ ସାକ୍ଷାତ କରିବାକୁ ମନା କରିଦେଇଥିଲେ । ତୁମେ ଯେଉଁ ସବୁ ଚମତ୍କାର ଲୋକମାନଙ୍କୁ ଦେଖାଉଛ ମୋ ଆଗରେ କରି ଦେଖାଅ ବୋଲି ପ୍ରେମାନନ୍ଦ ତାଙ୍କୁ ଚ୍ୟାଲେଞ୍ଜ କରିଥିଲେ ।

୬.ଭାରତୀୟ ପ୍ରଫେସର ଶ୍ରୀଲଙ୍କାରେ ଅଧ୍ୟାପନା କରୁଥିବାଏ. ଟି କୁଭୁର(୧୦.୦୪.୧୮୯୮ – ୧୮.୦୯.୧୯୭୮)ସମସ୍ତ ସାଧୁ, ସନ୍ନ୍ୟାସୀ, ତାନ୍ତ୍ରିକ, ବାବା, ଜ୍ୟୋତିଷ ଓ ସ୍ୱୟଂଭୂ ଭଗବାନଙ୍କୁ ଚ୍ୟାଲେଞ୍ଜ କରିଥିଲେଯେ ତାଙ୍କ ଦ୍ୱାରା ପ୍ରସ୍ତୁତ ୨୨ ଗୋଟି ପ୍ରଶ୍ନରୁ ଯକୌଣସି ଗୋଟିଏ ପ୍ରମାଣିତ କରିଦେଲେ ତାଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ଦେବେ । ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ କେହି ଜଣେ ବି ଚ୍ୟାଲେଞ୍ଜ ସ୍ୱୀକାର କରିନଥିଲେ । ଆଜି ବି ହରିୟାଣା ସ୍ଥିତ ତର୍କଶୀଳ ସୋସାଇଟି ଦ୍ୱାରା ସେହି ଚ୍ୟାଲେଞ୍ଜ ରହିଛି । ପୁରସ୍କାର ରାଶି ଏକ କୋଟି ଟଙ୍କା ହୋଇ ଯାଇଛି । ଆଜି ପର୍ଯ୍ୟନ୍ତ କେହି ଚ୍ୟାଲେଞ୍ଜ ସ୍ୱୀକାର କରିନାହାନ୍ତି ।

୭.କର୍ଣ୍ଣାଟକର ମାଙ୍ଗାଲୁରୁ ସହରରେ ୦୫.୦୨.୧୯୫୧ ତାରିଖରେ ଜନ୍ମ ଗ୍ରହଣ କରିଥିବା, କସ୍ତୁରବା ମେଡିକାଲ କଲେଜର ବାଇଓକେମିଷ୍ଟ୍ରି ପ୍ରଫେସର ନରେନ୍ଦ୍ର ନାୟକ ଜଣେ ଉଚ୍ଚ କୋଟିର ବିଜ୍ଞାନମନସ୍କ ତର୍କଶୀଳ ବ୍ୟକ୍ତି । ପ୍ରେମାନନ୍ଦଙ୍କ ହେତୁବାଦୀ ବିଚାରଧାରାରେ ପ୍ରଭାବିତ ହୋଇ ସେ ମଧ୍ୟ ଦେଶ ବିଦେଶରେ ବୁଲି ବୁଲି ଅନେକ ତଥାକଥିତ ସ୍ୱୟଂଭୂ ଗଡ଼ମ୍ୟାନ, ଧର୍ମଗୁରୁ, ବାବା, ସାଧୁ, ସନ୍ନ୍ୟାସୀ, ତାନ୍ତ୍ରିକ, ଜ୍ୟୋତିଷମାନଙ୍କ ଚମତ୍କାରୀ ବିଦ୍ୟାର ପରଦାଫାସ କରୁଛନ୍ତି । ଲୋକମାନଙ୍କ ମନରୁ ଭିତ୍ତିହୀନ ବିଶ୍ୱାସ ଏବଂ ଅହେତୁକ ଭୟ ଦୂରକରି ବୈଜ୍ଞାନିକ ଚିନ୍ତନ ଜାଗ୍ରତ କରିବା ପାଇଁ ସେ ତର୍କସଙ୍ଗତ, ତଥ୍ୟ ଭିତ୍ତିକ ଓ ବୈଜ୍ଞାନିକ ପ୍ରମାଣ ଦେଇ ବୁଝାଇବାକୁ ପ୍ରୟାସ କରୁଛନ୍ତି । ସେ ଭାରତୀୟ ହେତୁବାଦୀ ସଂଘର (ଫେଡେରେସନ ଅଫ ଇଣ୍ଡିଆନ ରାସନାଲିଷ୍ଟ ଏସୋସିଏସନ)ସ ଭାପତି ଅଛନ୍ତି । ଭାରତର ସମସ୍ତ ରାଜ୍ୟର ହେତୁବାଦୀ ସଙ୍ଗଠନ ଏହି ସଂଘର ସଦସ୍ୟ ଅଛନ୍ତି ।

ISSN NO.
2582-208X

୮. ସୁକୁରାତ ଜଣେ ପ୍ରାଚୀନ ୟୁନାନୀ ଦାର୍ଶନିକ ଥିଲେ । (ଖ୍ରୀଷ୍ଟପୂର୍ବ ୪୭୦) ସେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଦୃଢ଼ତାର ସହିତ ଅସ୍ୱୀକାର କରିଥିବାରୁ ଧର୍ମଗୁରୁମାନେ ତାଙ୍କୁ ବିଷ ପାନକରି ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିଲେ ।ସେ କହିଛନ୍ତି -"ଈଶ୍ୱର କେବଳ ଶୋଷଣର ଏକ ନାମ ।"

୯. ଇବନ୍ ରଶଦ ସ୍ପେନ ଦେଶର ଗୋଟିଏ ମୁସଲମାନ ପରିବାରରେଜନ୍ମ ଗ୍ରହଣ କରିଥିଲେ । (୧୧.୦୪.୧୧୨୬ - ୧୦.୧୨.୧୧୯୮) ସେ ଦର୍ଶନ, ଚିକିତ୍ସା, ଖଗୋଳ ଓ ଇସଲାମ ନ୍ୟାୟଶାସ୍ତ୍ରରେ ନିପୁଣ ଥିଲେ । ଇବନ୍ ରଶଦକୋରାନରେ ଲେଖା ଥିବା କିଛି ତଥ୍ୟକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ ।ସେ ଇସଲାମକୁ ଗୋଟିଏ ରାଜନୈତିକ ସଙ୍ଗଠନ ବୋଲି କହିଥିଲେ । ସେହି କାରଣରୁ ମୁସଲମାନ ଧର୍ମ ଗୁରୁମାନେ ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ । ସେ ନିର୍ଭିକ ଭାବେ ନିଜର ଦର୍ଶନ ଶାସ୍ତ୍ର ଓ ତର୍କଶୀଳ ବୁଦ୍ଧି ଦ୍ୱାରା ଧର୍ମ ଗୁରୁମାନଙ୍କୁ ପରାସ୍ତ କରିଥିଲେ ।

୧୦.କୋପରନିକସ ପୋଲାଣ୍ଡରେ ଜନ୍ମ ଗ୍ରହଣ କରିଥିଲେ । (୧୯.୦୨.୧୪୭୩ - ୨୪.୦୫.୧୫୪୩) ସେ ଜଣେ ଖଗୋଳ ଶାସ୍ତ୍ରୀ ଓ ଗଣିତଜ୍ଞ ଥିଲେ । ଖ୍ରୀଷ୍ଟିୟାନ ଧର୍ମଗୁରୁ କହୁଥିଲେ - ଆମର ଧର୍ମଗ୍ରନ୍ଥ ବାଇବେଲ ଅନୁସାରେ ପୃଥିବୀ ସ୍ଥିର ଏବଂ ସୂର୍ଯ୍ୟ ପୃଥିବୀ ଚାରି ପାଖରେ ଘୁରି ବୁଲୁଛି । କୋପରନିକସ ନିଜର ଗଭୀର ଗବେଷଣା ଦ୍ୱାରା ଜାଣି ପାରିଲେ ଯେ ପୃଥିବୀ ସହିତ ଅନ୍ୟ ସମସ୍ତ ଗ୍ରହ ସୂର୍ଯ୍ୟ ଚାରି ପାଖରେ ଘୁରି ବୁଲୁଛନ୍ତି । ସୌରଜଗତର କେନ୍ଦ୍ର ପୃଥିବୀ ନୁହେଁ, ସୂର୍ଯ୍ୟ ଅଟେ । ସେହି କାରଣରୁ ଧର୍ମଗୁରୁମାନେତାଙ୍କୁ ତୀବ୍ର ବିରୋଧ କରୁଥିଲେ । ସେ ଲେଖିଥିବା ସିଦ୍ଧାନ୍ତ ଗୁଡିକ ପ୍ରକାଶିତ ହୋଇ ପାରୁନଥିଲା ।

୧୧.ଗ୍ୟାଲିଲିଓ ଗେଲିଲୀ ଇଟାଲୀରେ ଜନ୍ମ ଗ୍ରହଣ କରିଥିଲେ । (୧୫.୦୨.୧୫୬୪ - ୦୮.୦୧.୧୬୪୨) ସେ ଜଣେ ପ୍ରତିଭାଶାଳୀ ବୈଜ୍ଞାନିକ ଏବଂ ଆବିଷ୍କାରକ ଥିଲେ । ସେ ଗୋଟିଏ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ତିଆରି କରି ଆକାଶକୁ ନିରୀକ୍ଷଣ କରି ଜାଣି ପାରିଲେ ଯେ ପୃଥିବୀ ସୌରଜଗତର କେନ୍ଦ୍ରରେ ନାହିଁ ବରଂ ସୂର୍ଯ୍ୟର ଚାରି ପଟେ ପୃଥିବୀ ସହିତ ଆହୁରି ଅନେକ ଗ୍ରହ ନକ୍ଷତ୍ର ଘୁରି ବୁଲୁଛନ୍ତି । ଆଗରୁ କୋପର ନିକସ ମଧ୍ୟ ଏହି କଥା କହିଥିଲେ । ଗ୍ୟାଲିଲିଓ ଆହୁରି ଅନେକ ବୈଜ୍ଞାନିକ ଯନ୍ତ୍ର ଉଦ୍ଭାବନ କରିଥିଲେ ।

ISSN NO.
2582-208X

ତଥାପି ତାଙ୍କର ବୈଜ୍ଞାନିକ ସିଦ୍ଧାନ୍ତ ଧାର୍ମିକ ମାନ୍ୟତାକୁ ଖଣ୍ଡନ କରୁଥିବାରୁ ଧର୍ମଗୁରୁମାନେ ତାଙ୍କୁ ଆଜୀବନ କାରାଗାରରେ ବନ୍ଦୀ କରି ରଖିଥିଲେ ।

୧୨. ଜର୍ଦାନୋ ବ୍ରୁନୋ ଇଟାଲୀରେ ଜନ୍ମ ଗ୍ରହଣ କରିଥିଲେ (୧୫୪୮ - ୧୭.୦୨.୧୬୦୦) ସେ ଜଣେ ଭୌତିକ ଶାସ୍ତ୍ରୀ, ଖଗୋଳ ଶାସ୍ତ୍ରୀ ଓ ଗଣିତଜ୍ଞ ଥିଲେ । ସେ ବହୁତ ପରିଶ୍ରମ କରି ଗବେଷଣା ଦ୍ୱାରା ଜାଣି ପାରିଥିଲେ ଯେ ରାତି ଓ ଦିନ କିପରି ହେଉଛି? ଋତୁ ପରିବର୍ତ୍ତନ କିପରି ହେଉଛି ? ପୃଥିବୀ ଚେପେଟା ନୁହେଁ ଗୋଲ । ସୌରଜଗତର କେନ୍ଦ୍ର ପୃଥିବୀ ନୁହେଁ ସୂର୍ଯ୍ୟ । ସେ କୋପର ନିକସଙ୍କ ସିଦ୍ଧାନ୍ତକୁ ସମର୍ଥନ କରୁଥିଲେ । ସେଇଥିପାଇଁ ଚର୍ଚ୍ଚର ଧର୍ମାନ୍ଧ ପାଦ୍ରୀମାନେ ଆମ ଧର୍ମଗ୍ରନ୍ଥକୁ ବିରୋଧ କରୁଛି କହି ବ୍ରୁନୋଙ୍କୁ ଅମାନବୀୟ ରୂପେ ରାସ୍ତା ଉପରେ ସର୍ବ ସମ୍ମୁଖରେ କେରାସିନ ଢାଳି ଜୀବନ୍ତ ଜାଳି ଦେଇଥିଲେ । ପରବର୍ତ୍ତୀ କାଳରେ ତାଙ୍କର ସିଦ୍ଧାନ୍ତ ସତ୍ୟ ପ୍ରମାଣିତ ହୋଇଥିଲା ।

୧୩. ସାର ଫ୍ରାନସିସ ବେକନ ଲଣ୍ଡନରେ ଜନ୍ମ ଗ୍ରହଣ କରିଥିଲେ । (୨୨.୦୧.୧୫୬୧ - ୦୯.୦୪.୧୬୨୬) ଆଧୁନିକ ଯୁଗର ସେ ଜଣେ ମହାନ ଦାର୍ଶନିକ ଥିଲେ । ସେ କହିଥିଲେ - ଇଶ୍ୱର ଓ ଧର୍ମଶାସ୍ତ୍ର ଉପରେ ଅତିଶୟ ଆସ୍ଥା ରଖିବା ଦ୍ୱାରା ମଣିଷର ସ୍ୱତନ୍ତ୍ର ବିଚାର ବାଧା ପ୍ରାପ୍ତ ହୋଇଥାଏ । ନାସ୍ତିକତା ବ୍ୟକ୍ତିକୁ ବିଚାର, ଦର୍ଶନ ଏବଂ ସ୍ୱାଭାବିକ ନିଷ୍ଠା ପ୍ରଦାନ କରିଥାଏ । ପ୍ରକୃତିକୁ ପରୀକ୍ଷା ନିରୀକ୍ଷା କରିବାର ପ୍ରେରଣା ଦେଇଥାଏ ।

୧୪.ଏହି ଶତାବ୍ଦୀର ମହାନ ବୈଜ୍ଞାନିକ ଷ୍ଟିଫେନ ହକିନ୍ସ ଇଂଲଣ୍ଡରେ ଜନ୍ମ ଗ୍ରହଣ କରିଥିଲେ (୦୮.୦୧.୧୯୪୨ - ୧୪.୦୩.୨୦୧୮) ସେ ପୃଥିବୀର ଜଣେ ବିରଳ ପ୍ରତିଭାଶାଳୀ ବୈଜ୍ଞାନିକ ଥିଲେ । ସେ ଏବଂ ଅନ୍ୟ ସହଯୋଗୀ ବୈଜ୍ଞାନିକ ମାନେ ଆବିଷ୍କାର କରିଥିବା ସୁକ୍ଷ୍ମ କଣିକାର ମୂଳ ନାମ 'ହ୍ଡ଼ିଗସ ବୋଷନ ପାର୍ଟିକଲ'କୁ 'ଗଡ଼ ପାର୍ଟିକଲ'କହି ସାରା ପୃଥିବୀର ଆସ୍ତିକମାନେ ଖୁବ ହୋହାଲ୍ଲା କରିଥିଲେ । ଆସ୍ତିକମାନେ କହିଲେ - ଭଗବାନ ନାହାନ୍ତି ବୋଲି ଯେଉଁମାନେ କହୁଛନ୍ତି ଦେଖ ବୈଜ୍ଞାନିକମାନେ 'ଇଶ୍ୱର କଣିକା' ଖୋଜି ବାହାର କରିଦେଲେ । ଶେଷ ଜୀବନଟି ବିକଳାଙ୍ଗ ଅବସ୍ଥାରେ ରହି ମଧ୍ୟ ତାଙ୍କର ଅଭୂତପୂର୍ବ ବୈଜ୍ଞାନିକ ଉପଲବ୍ଧିକୁ ସାରା ସଂସାର ସମ୍ମାନର ସହ ସ୍ୱୀକାର କରିଛି । ତାଙ୍କ ବ୍ୟକ୍ତିତ୍ୱର ଗୋଟିଏ ବିଶେଷ ଗୁଣ ହେଉଛି ସେ ନିରୀଶ୍ୱରବାଦୀ ଥିଲେ । ତାଙ୍କର ତିନି ଗୋଟି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ସେ ଅନେକ ଗାଣିତିକ ତଥ୍ୟ ପ୍ରକାଶ କରିଛନ୍ତି । ପ୍ରଶ୍ନ

ISSN NO.
2582-208X

ଗୁଡିକ ହେଉଛି – ବିଶ୍ୱ କେଉଁଠୁ ଆସଛି ? ବିଶ୍ୱ କିପରି ଏବଂ କାହିଁକି ଗଠନ ହୋଇଛି ? ଏହା କ'ଣ କେବେ ନଷ୍ଟ ହୋଇଯିବ, ଯଦି ହଁ ତେବେ କିପରି ହେବ? ତାଙ୍କର ଅନ୍ତିମ ପୁସ୍ତକ "ଡୁ ଆଇ ହେଭ ଫେଇଥ ?" ରେ ସେ ଲେଖିଛନ୍ତି – "କୌଣସି ଈଶ୍ୱର ନାହିଁ । ବିଶ୍ୱବ୍ରହ୍ମାଣ୍ଡକୁ କେହି ବି ନିୟନ୍ତ୍ରଣ କରେ ନାହିଁ ।”

ନାସ୍ତିକମାନଙ୍କ ତାଲିକାରେ ନାମ ଖୋଜିଲେ ବହୁତ ଲମ୍ବା ହେବ । ସମଗ୍ର ମାନବ ସମାଜ ପାଇଁ ଗୋଟିଏ ଭଲ ଖବର ହେଉଛି – ଆଜିର ସମୟରେ ଅଳ୍ପ କିଛି ଦେଶ ବ୍ୟତୀତ ଅଧିକାଂଶ ଦେଶର ଲୋକମାନେ ନିରୀଶ୍ୱରବାଦୀ ବା (ନନ ବିଲିଭର) ହେବାକୁ ପସନ୍ଦ କଲେଣି । ୧୦ଗୋଟି ଦେଶରେ ନିରୀଶ୍ୱରବାଦୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି । ୧.ଚୀନ, ୨. ଜାପାନ, ୩.ସ୍ୱୀଡନ, ୪.ୟୁନାଇଟେଡ଼ କିଙ୍ଗଡମ, ୫. ବେଲଜିୟମ, ୬.ଇଷ୍ଟୋନିଆ, ୭.ଅଷ୍ଟ୍ରେଲିଆ, ୮. ନରୱେ, ୯. ଡେନମାର୍କ, ୧୦. ଚେକରିପବ୍ଲିକ ।ଭାରତରେ ମଧ୍ୟ ଏହାର ଭଲ ପ୍ରଭାବ ଦେଖିବାକୁ ମିଳୁଛି । ଭବିଷ୍ୟତରେ ଜନଗଣନା ହେଲେ ନିରୀଶ୍ୱର ବାଦୀଙ୍କ ପ୍ରକୃତ ସଂଖ୍ୟା ଜଣା ପଡିବ । ଗୋଟିଏ ଆକଳନ ଅନୁସାରେ ପୃଥିବୀର ମୋଟ ଜନସଂଖ୍ୟାର ନିରୀଶ୍ୱରବାଦୀଙ୍କ ଜନସଂଖ୍ୟା ତୃତୀୟ ସ୍ଥାନରେ ପହଞ୍ଚି ଗଲାଣି । ଗୁଗୁଲ ସର୍ଚ୍ଚ କରି ଜାଣି ପାରିବେ । ଆଉ ଗୋଟିଏ ମହତ୍ୱପୂର୍ଣ୍ଣ କଥା ହେଉଛି – ପୃଥିବୀର ଇତିହାସ ଅନୁସାରେ ଆଜି ପର୍ଯ୍ୟନ୍ତ ଯେତେ ଯୁଦ୍ଧ ହୋଇଛି ତା'ର ମୂଳ କାରଣ ହେଉଛି ନିଜର ଧର୍ମର ସୁରକ୍ଷା । ଗୋଟିଏ ଧର୍ମସମ୍ପ୍ରଦାୟର ଲୋକମାନେ ଅନ୍ୟ ଏକ ଧର୍ମସମ୍ପ୍ରଦାୟ ସହିତ ଅସ୍ତ୍ର-ଶସ୍ତ୍ର ନେଇ ଯୁଦ୍ଧ କରିଛନ୍ତି । ଲକ୍ଷ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇବା ପରେ ଯିଏ ଜିତିଲା ତାଙ୍କ ଧର୍ମର ପ୍ରତିଷ୍ଠା ବୃଦ୍ଧି ପାଇଲା । ଏହାର ବିପରୀତ ନାସ୍ତିକମାନେ କେବେ କେଉଁଠି ଅସ୍ତିକମାନଙ୍କ ଉପରେ ଅସ୍ତ୍ର ଶସ୍ତ୍ର ନେଇ ଆକ୍ରମଣ କରିନାହାନ୍ତି କିମ୍ବା ଯୁଦ୍ଧ କରିନାହାନ୍ତି । ଲୋକମାନଙ୍କ ମନର ବିଚାରକୁ ପରିବର୍ତ୍ତନ କରି ଜିତିବା ପାଇଁ ନାସ୍ତିକମାନଙ୍କର ଅସ୍ତ୍ର ହେଉଛି 'ତର୍କଶାସ୍ତ୍ର' । ଯେଉଁ କଟ୍ଟର ଧାର୍ମିକମାନେ ତର୍କ ବୁଝିବାକୁ ଚାହାନ୍ତି ନାହିଁ, ସେମାନଙ୍କୁ କେହି ବାଧ୍ୟ କରନ୍ତି ନାହିଁ । କିନ୍ତୁ ଆସ୍ତିକ ଯଦି କେବେ ନିଜେ ଠକି ହୁଏ କିମ୍ବା ଧୋକା ଖାଏ ତେବେ ସେ ଅଧ୍ୟାତ୍ମବାଦକୁ ତ୍ୟାଗ କରି ନାସ୍ତିକ ହୋଇଯାଏ ।

ମୋ : ୯୪୮୨୦୧୬୨୬୦

ISSN NO.
2582-208X

# ଜଗତେ ନଥାନ୍ତା ଦୁଃଖ



ଦାସ କମଳ କୁମାର

ପହଡ ଖୋଲ ହେ କାଳିଆ ସାଆନ୍ତ
ରହିଛନ୍ତି ଭକ୍ତ ଜଗି ।
କରି ଦରଶନ ହୋଇବେ ବିଭୋର
ଦେଖି ତୋର ଚକାଆଖି ।।
ଏତେ ଡେରି କାହିଁ କର ମହାପ୍ରଭୁ
ସତେ ରାତି ଶୋଇନାହଁ ।
ଜଗତର ଦୁଃଖ କେତେ ବା ବୁଝିବ
ଆହେ ପ୍ରଭୁ ଦୟାମୟ ।।
ଟିକିଏ ଦୁଃଖରେ ଆମେ ଭାଙ୍ଗିପଡୁ
ତୋତେ ଦୋଷ ଦେଇ ଦେଉ ।
ବ୍ରହ୍ମାଣ୍ଡର ଦୁଃଖ ନିଜ ମୁଣ୍ଡେ ନେଇ
ରାତିରେ ନିଜେ ନଶୋଉ ।।
ମୁହିଁ ଛାରହିନ ନାହିଁ ମୋର ଜ୍ଞାନ
ନ ଧରିବ ମୋର କଥା ।
ମୋର ନିଦ ନେଇ କାଳିଆ ସାଆନ୍ତ
ପକା ତୁମ ଆଖି ପତା।।
ଏମିତି କାଳିଆ ହୁଅନ୍ତାନି ସଦା
ଜଗତେ ନଥାନ୍ତା ଦୁଃଖ ।
ବିନା ପହଡରେ ଆନନ୍ଦେ ଶୁଅନ୍ତ
ଭକ୍ତଙ୍କ ନଥାନ୍ତା ଦେଖା ।।

ISSN NO.
2582-208X

ମୋ ପରି କପଟି ନଯାଆନ୍ତୁ କେବେ
ତୋର ନିଦ ଭାଙ୍ଗିବାକୁ ।
ବିନା ସ୍ୱାର୍ଥେ ତୋତେ ଭଲ ପାଏ ଯିଏ
ଯାଆନ୍ତୁ ତୋ ମନ୍ଦିରକୁ ।।
( ଜୟ ଜଗନ୍ନାଥ )

ଗୋବିନ୍ଦପୁର,ମାର୍ଥାପୁର

ISSN NO.
2582-208X

# ସ୍ୱପ୍ନର ନାୟିକା



କମଳାକାନ୍ତ ମହାନନ୍ଦ

ହେ ମୋର ସ୍ୱପ୍ନର ନାୟିକା
କେବେ ହେବ ମୋ ଅପେକ୍ଷାର ଅନ୍ତ
କେବେ ଆସିବ ସାମ୍ନାକୁ
ବାସ୍ତବରେ ଥରେ ଦେଖିବାକୁ
ବ୍ୟାକୁଳ ହୁଏ ମୋ ବେନି ନୟନ,
ଚପଳା ମତି ପ୍ରିୟା ଗୋ ତୁମେ
ବୁଝ ନାହିଁ ଏ ପ୍ରେମିକର ମନ ।
ତୁମ ବିନା ଜୀବନଟା ଆଜି
ଲାଗେ ସତେ କି ମୂଲ୍ୟହୀନ ।
ସ୍ୱପ୍ନରେ ସେଇ କିଛି ଟା ମୁହୂର୍ତ୍ତ
ତୁମ ସାଥେ ଚାଲିଯାଏ ବହୁ ଦୂରକୁ,
ସାଥୀ ହୋଇ ଟାଣି ନିଅ ମତେ
ଜାଣେନା କେଉଁ ଅଜଣା ସହରକୁ ।

ହଠାତ୍ ପୁଣି ସବୁ ମଳିନ ପଡିଯାଏ
ରାତିର ସେଇ କିଟିମିଟି ଅନ୍ଧାର ଭିତରେ
କେବେ ବସନ୍ତ ନେଇ ମୋ ପାଇଁ ଆସ
ତ କେବେ ବୈଶାଖର ପ୍ରଚଣ୍ଡ ଖରା,
ସ୍ୱପ୍ନ ନାୟିକା ଗୋ ଚାଲିଯାଅ ତୁମେ
ବାସ୍ତବରେ କେବେ ଦିଅନାହିଁ ଧରା ।

ବାଦିପାଲି, ବିଜେପୁର, ବରଗଡ
ମୋ- ୭୬୮୨୮୩୭୬୪୪

ISSN NO.
2582-208X

# ସପନ



ଶିବରାମ ସାହୁ

କଳ୍ପନାର
ପ୍ରସ୍ଫୁଟିତ ପଥରେ
ଭାବନାର
ମହୁରୀ ବଜାଇ
ଦିନବାର
ତିଥି ନଦେଖି
ଶରୀର ଟିକିଏ
ଥକା ମାରୁ ମାରୁ
ତମାମ ଦିନର
ଘଟିଥିବା ଘଟଣା
ସବୁ ମନ ମସ୍ତିଷ୍କରେ
ଏକତ୍ର ହୁଏ ନିରନ୍ତର
ଖୋଲା ଆଖି ଦ୍ୱୟର
ପଲକ ପଡିଲା ପରେ
ନିଦ୍ରାରେ ଯୁଡୁବୁଡୁ
ସମଗ୍ର ଶରୀର
ନିର୍ଜନ ସ୍ଥାନରୁ ଆସି
ନିଶବ୍ଦ ରାତିର
ନିଘୋଡ଼ ନିଦରେ
ମାଡ଼ିଆସେ ଅବିଳମ୍ବେ
ଅନୁପମା ଅଭିମାନୀ
ଅଜସ୍ର ସପନ ହୋଇ ।

ଶିବରାମ ସାହୁ, ଆର.କେ.କଲୋନୀ
ନବରଂଗପୁର-୯୯୩୭୬୫୩୩୬୧

ISSN NO.
2582-208X

# ଦୁର୍ଗା ପଂଚ ରତ୍ନମ୍



ମାଳତୀ ଦେବୀ

ତେ ଧ୍ୟାନଯୋଗାନୁଗତା ଅପଶ୍ୟନ୍ ତ୍ୱାମେବ ଦେବୀଂ ସ୍ୱଗୁଣୈର୍ନିଗୂଢାମ୍। ତ୍ୱମେବ ଶକ୍ତିଃ ପରମେଶ୍ୱରସ୍ୟ ମାଂ ପାହି ସର୍ବେଶ୍ୱରି ମୋକ୍ଷଦାତ୍ରି ॥ 1 ॥

ଦେବାତ୍ମଶକ୍ତିଃ ଶ୍ରୁତିବାକ୍ୟଗୀତା ମହର୍ଷିଲୋକସ୍ୟ ପୁରଃ ପ୍ରସନ୍ନା। ଗୁହା ପରଂ ବ୍ୟୋମ ସତଃ ପ୍ରତିଷ୍ଠା ମାଂ ପାହି ସର୍ବେଶ୍ୱରି ମୋକ୍ଷଦାତ୍ରି ॥ 2 ॥

ପରାସ୍ୟ ଶକ୍ତିଃ ବିବିଧୈବ ଶ୍ରୂୟସେ ଶ୍ୱେତାଶ୍ୱବାକ୍ୟୋଦିତଦେବି ଦୁର୍ଗେ । ସ୍ୱାଭାବିକୀ ଜ୍ଞାନବଲକ୍ରିୟା ତେ ମାଂ ପାହି ସର୍ବେଶ୍ୱରି ମୋକ୍ଷଦାତ୍ରି ॥ 3 ॥

ଦେବାତ୍ମଶବ୍ଦେନ ଶିବାତ୍ମଭୂତା ୟତ୍କୂର୍ମବାୟବ୍ୟବଚୋବିବୃତ୍ୟା ତ୍ୱଂ ପାଶବିଚ୍ଛେଦକରୀ ପ୍ରସିଦ୍ଧା ମାଂ ପାହି ସର୍ବେଶ୍ୱରି ମୋକ୍ଷଦାତ୍ରି ॥ 4 ॥

ତ୍ୱଂ ବ୍ରହ୍ମପୁଚ୍ଛା ବିବିଧା ମୟୂରୀ ବ୍ରହ୍ମପ୍ରତିଷ୍ଠାସ୍ୟୁପଦିଷ୍ଟଗୀତା ।ଜ୍ଞାନସ୍ୱରୂପାତ୍ମତୟାଖିଲାନାଂ ମାଂ ପାହି ସର୍ବେଶ୍ୱରି ମୋକ୍ଷଦାତ୍ରି ॥ 5 ॥

ଇତି ପରମପୂଜ୍ୟ ଶ୍ରୀ ଚଂଦ୍ରଶେଖରେଂଦ୍ର ସରସ୍ୱତୀ ସ୍ୱାମି କୃତଂ ଦୁର୍ଗା ପଂଚରତ୍ନଂ ସଂପୂର୍ଣମ୍

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର, ଲେକାପଦା, ଆଳି,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# କିସମିସ୍ ର ପାଣି



ଡ. ଅଭିମନ୍ୟୁ କାନୁନଗୋ

କିସମିସ୍ ର ପାଣି ଅମୃତ ସହ ସମାନ, ନିୟମିତ ପିଇଲେ ମିଳେ ଏହି 11ଟି ଆଶ୍ଚର୍ଯ୍ୟଜନକ ଫାଇଦା, ପୁରୁଷମାନଙ୍କ ପାଇଁ ଏକ ବରଦାନ ।

ସବୁଠୁ ଅଧିକ ପସନ୍ଦ କରାଯାଉଥିବା Dry Fruits ମଧ୍ୟରୁ କିସମିସ୍ ହେଉଛି ଅନ୍ୟତମ । ପାରମ୍ପାରିକ ମିଠା ପ୍ରସ୍ତୁତିରେ ଆମେ ସାଧାରଣତଃ ଏହାକୁ ବ୍ୟବହାର କରୁ କିମ୍ବା ଏହି Dry Fruitsର ସ୍ୱାଦକୁ କେବଳ ଏହାର ଚମତ୍କାର ସ୍ୱାଦ ପାଇଁ ଚାଖିବାକୁ ପସନ୍ଦ କରୁ । କିନ୍ତୁ ଆପଣ ଜାଣନ୍ତି କି ଏହି Dry Fruits ମଧ୍ୟ ସୁସ୍ଥ ଅଟେ ? ଯଦି ଆପଣ କିସମିସ୍ ଖାଇବାକୁ ପସନ୍ଦ କରନ୍ତି ନାହିଁ, ତେବେ କିସମିସ୍ ପାଣି ପିଇବା ଶରୀରକୁ ଏହାର ଚମତ୍କାର ଉପକାର ସହିତ ଇନ୍ଧନ ଦେବା ପାଇଁ ଏକ ଭଲ ଉପାୟ । ହୃଦୟର ସ୍ୱାସ୍ଥ୍ୟ ଉନ୍ନତିଠାରୁ ଆରମ୍ଭ କରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପର୍ଯ୍ୟନ୍ତ କିସମିସ୍ ଜଳର କିଛି ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାର ଅଛି । କିସମିସ୍ ପାଣି ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରଖିବାରେ ସାହାଯ୍ୟ କରେ । କିସମିସ୍ ପାଣି ପିଇବା ଏକ ଶତାବ୍ଦୀ ପୁରୁଣା ପ୍ରତିକାର ଅଟେ ଯାହା ସ୍ୱାସ୍ଥ୍ୟ ଏବଂ ଯକୃତ ସମ୍ବନ୍ଧୀୟ ସମସ୍ୟାର ଚିକିତ୍ସା ପାଇଁ ବ୍ୟବହୃତ ହୁଏ । ଏହି ଆର୍ଟିକିଲ୍ ମାଧ୍ୟମରେ, ଆମେ ଆପଣଙ୍କୁ କହିବୁ କି ଆପଣ କିପରି ଘରେ କିସମିସ୍ ପାଣି ତିଆରି କରିପାରିବେ ଏବଂ ଏହାକୁ ପ୍ରତିଦିନ ପିଇବାର ଲାଭ କ'ଣ ?

ISSN NO.
2582-208X

କିସମିସ୍ ପାଣି ପିଇବାର ଲାଭ :

1. କିସମିସ୍ ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀରରୁ ସମସ୍ତ କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାରିବାରେ ସାହାଯ୍ୟ କରିଥାଏ । ଏହି ଡ୍ରିଙ୍କ ଯକୃତର ବାୟୋକେମିକାଲ୍ ପ୍ରକ୍ରିୟାରେ ଉନ୍ନତି ଆଣେ ଏବଂ ଆପଣଙ୍କ ରକ୍ତକୁ ସଫା କରିବାରେ ସାହାଯ୍ୟ କରେ । ଏହା ସହଜରେ ଆପଣଙ୍କ ଯକୃତକୁ ଡିଟକ୍ସ କରିଥାଏ ।

2. କିସମିସ୍ ପାଣିରେ ଆଣ୍ଟିଅକ୍ସିଡାଣ୍ଟ ଥାଏ ଯାହାକି ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । କରୋନାଭାଇରସ କାରଣରୁ ରୋଗ ପ୍ରତିରୋଧକ ଶକ୍ତିରେ ଉନ୍ନତି ଆଣିବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ, ତେଣୁ ଏହି ଭାଇରସକୁ ଏଡାଇବା ପାଇଁ କିସମିସ୍ ଜଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରନ୍ତୁ ।

3. ଯଦି ଆପଣ ସେହି ମହିଳାମାନଙ୍କ ମଧ୍ୟରୁ ଜଣେ, ଯେଉଁମାନେ ଅମ୍ଳତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ କିସମିସ୍ ପାଣି ପିଇବା ଆପଣଙ୍କ ପାଇଁ ଏକ ଭଲ ସମାଧାନ । ଏହି ପାଣି ଆପଣଙ୍କ ପେଟରେ ଥିବା ଏସିଡ୍ କୁ ନିୟନ୍ତ୍ରଣ କରିଥାଏ ।

4. କିସମିସରେ ଉପସ୍ଥିତ ଥିବା ଆଣ୍ଟିଅକ୍ସିଡାଣ୍ଟ ଆପଣଙ୍କ ଶରୀରକୁ ଫ୍ରି ରେଡିକଲରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ ଯାହା କର୍କଟ ରୋଗ ସୃଷ୍ଟି କରିପାରେ ।

5. କିସମିସ୍ ପାଣି ଆପଣଙ୍କ ରକ୍ତକୁ ଶୁଦ୍ଧ କରିବା ପାଇଁ କାମ କରେ ଏବଂ ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ । ଏହା ଆପଣଙ୍କ ଶରୀରରୁ ଖରାପ କୋଲେଷ୍ଟ୍ରଲକୁ ଦୂର କରିଥାଏ ଏବଂ ଏହା ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ ।

6. କିସମିସରେ ଫାଇବର ଥାଏ ଯାହା ଆପଣଙ୍କ ହଜମ ପ୍ରକ୍ରିୟା ପାଇଁ ବହୁତ ଭଲ ଅଟେ । କିସମିସ୍ ପାଣି ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ । ଏହା ହଜମ ସମ୍ବନ୍ଧୀୟ ସମସ୍ୟାକୁ

ISSN NO.
2582-208X

କୋଷ୍ଠକାଠିନ୍ୟ ଏବଂ ଅଦୃଶ୍ୟତା ଭଳି ଦୂରେଇ ରଖେ । ନିୟମିତ ଭାବେ ଏହି ପାଣି ପିଇବା ଦ୍ୱାରା ପେଟକୁ ସହଜରେ ସଫା କରିବାରେ ସାହାଯ୍ୟ କରିଥାଏ ।

7. ସକାଳେ କିସମିସ୍ ପାଣି ପିଇବା ମଧ୍ୟ ଆପଣଙ୍କୁ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । କିସମିସ୍ ଫ୍ରୁକଟୋଜ ଏବଂ ଗ୍ଲୁକୋଜରେ ଭରପୂର ଅଟେ ଯାହା ଆପଣଙ୍କୁ ଶକ୍ତିରେ ପରିପୂର୍ଣ୍ଣ ରଖେ । ସେଗୁଡ଼ିକରେ ଫାଇବର ମଧ୍ୟ ଥାଏ ଯାହାକି ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ କରେ ।

8. ଅଧିକାଂଶ ଭାରତୀୟ ମହିଳାଙ୍କଠାରେ ଆଇରନ ଅଭାବ ଦେଖାଯାଏ, କିସମିସ୍ ପାଣି ପିଇବା ଏହିପରି ମହିଳାଙ୍କ ପାଇଁ ଲାଭଦାୟକ ହୋଇପାରେ । କିସମିସ୍ ଆଇରନରେ ଭରପୂର ଏବଂ ଶରୀରରେ ରକ୍ତ ଯୋଗାଣରେ ସାହାଯ୍ୟ କରିଥାଏ । ଏହା ରକ୍ତହୀନତାକୁ ରୋକିଥାଏ ।

9. କିସମିସରେ ଥିବା ପୋଟାସିୟମ ଆପଣଙ୍କ ଶରୀରର ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

10. କିସମିସରେ ବୋରନ୍ ନାମକ ଏକ ଉପାଦାନ ମିଳିଥାଏ ଯାହା ହାଡ ତିଆରି କରିବାରେ ସାହାଯ୍ୟ କରେ । କିସମିସରେ କ୍ୟାଲସିୟମ ମଧ୍ୟ ଥାଏ ଯାହା ଆପଣଙ୍କ ହାଡ ପାଇଁ ବହୁତ ଭଲ । କିସମିସ୍ ପାଣି ପିଇବା ଦ୍ୱାରା ଆପଣଙ୍କ ହାଡର ଶକ୍ତି ବୃଦ୍ଧି ହୋଇଥାଏ ।

11. 2ଟି କିସମିସକୁ ମହୁ ସହିତ ରାତିରେ ଭିଜେଇ ରଖନ୍ତୁ, ସମ୍ଭୋଗର 2ଘଣ୍ଟା ପୂର୍ବରୁ ପିଇଲେ ମିଳିବ ଆଶ୍ଚର୍ଯ୍ୟଜନକ ଫାଇଦା । ପାର୍ଟନରକୁ କରିପାରିବେ ସନ୍ତୁଷ୍ଟ ।

ସଂଗ୍ରାହକ: ଡା. ଅଭିମନ୍ୟୁ କାନୁନଗୋ
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ମଖାନା ଖିରି



ଗ୍ରେଜାଲିନ୍ ବାରିକ୍

ବିଭିନ୍ନ ପ୍ରକାରର ଖିରି ବନେଇ ଥିବେ ଆଉ ଖାଇଥିବେ । ହେଲେ ମଖାନା ଖିରି ଅନ୍ୟତମ ଆଉ ବହୁତ ସ୍ୱାଦିଷ୍ଟ । ଏହି ଖିରି ବନେଇବା ବହୁତ ସହଜ ହୋଇଥାଏ । ମଖାନା ଖିରି ବହୁତ ସ୍ୱାସ୍ଥ୍ୟକର ହୋଇଥାଏ । ଡାଏଟରେ ଥିବା ବ୍ୟକ୍ତି ମଧ୍ୟ ଖାଇ ପାରିବେ । ପ୍ରାୟତଃ ସମସ୍ତେ ବ୍ରତ ଓ ଉପବାସ କରିଥାନ୍ତି । ସେମାନେ ଏହି ମଖାନା ଖିରି ଭଗବାନ ଭୋଳାନାଥଙ୍କୁ ପ୍ରସାଦ ଭାବେ ଲଗାଇପାରିବେ ।

## ଆବଶ୍ୟକ ସାମଗ୍ରୀ :

ଘିଅ – ୧ ବଡ ଚାମଚ
ମଖନା – ୧୦୦ ଗ୍ରା.ମ
କାଜୁ – ୫୦ ଗ୍ରା.ମ
ଗୁଜୁରାତି ଗୁଣ୍ଡ – ୧ ବଡ ଚାମଚ
ଖିର – ୫୦୦ ଗ୍ରା.ମ
ଚିନି –୧୦୦ ଗ୍ରା.ମ

## ପ୍ରସ୍ତୁତି ପ୍ରଣାଳୀ:

ମଖାନା ଖିରି ବନେଇବା ପାଇଁ ପ୍ରଥମେ ମଖାନା ନିଅନ୍ତୁ । ଏହା ପରେ ଗ୍ୟାସ ଲଗାଇ କଢେଇରେ ଘିଅ ନିଅନ୍ତୁ । ଘିଅ ଗରମ ହେବା ପରେ ସେଥିରେ ମଖାନା ଓ କାଜୁ ପକାନ୍ତୁ, ଏହାକୁ ଭଲ ଭାବରେ ଭାଜନ୍ତୁ । ତାହା ପରେ ମଖାନା ଓ କାଜୁକୁ ଭଲ ଭାବେ ଥଣ୍ଡା ହେବାକୁ ଦିଅନ୍ତୁ । ଥଣ୍ଡା ହେବା ପରେ ଗ୍ରାଇଣ୍ଡରରେ ମଖାନା, କାଜୁ ଓ ଗୁଜୁରାତି ଗୁଣ୍ଡ

ISSN NO.
2582-208X

ପକାଇ ଭଲ ଭାବେ ମିକ୍ସ କରିଦିଅନ୍ତୁ ।ଏହା ପରେ ଏକ ପାତ୍ର ନିଅନ୍ତୁ ସେଥିରେ ଖିରିକୁ ଭଲ ଭାବେ ଫୁଟାନ୍ତୁ, ଖିରି ଭଲ ଭାବେ ଫୁଟିବା ପରେ ସେଥିରେ ଚିନି ଓ ମଖାନା ପକାଇ ଦିଅନ୍ତୁ ଆଉ ଭଲ ଭାବେ ଫୁଟିବା ସହିତ ଗାଢା ହେବାକୁ ଦିଅନ୍ତୁ । ଯେବେ ଖିରି ଗାଢା ହୋଇଗଲେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ମଖାନା ଖିରି ।

ମଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଆଏଲା ନୂଆଁଖାଇ



ବବଲି ତ୍ରିପାଠୀ

ପଶ୍ଚିମ ଓଡିଶାର ଶିଘା ତିହାର
ସବକୁ ମୋର ନୂଆଁଖାଇ ଜୁହାର
ନୂଆଁ ଧାନ କେ ନୂଆଁ ପିନ୍ଧନ
ଇଥି ମନାସନ ଉସତ୍ ଆନନ୍ଦ
ପିଲାନୁ ବୁଢା ଯିଏ ଯାହିଁ ଥିଲେ
ଘରକ୍ ଆଏସନ୍ ଧାଇଁ
ଦେଖ ଆଏଲା ରେ ନୂଆଁଖାଇ....
ଦେଖ ଆଏଲା ରେ ନୂଆଁଖାଇ....

ନୂଆଁଖାଇର ଉର୍ଧେଁ ମାଆ ବୁହେନ ମିଶି
ଘରକେ କଲେନ ସଫା ସୁତରା
ଇ ପରବ ଟା ଚଲି ଆସିଛେ
ଆମର୍ ଅଜାଆଇ ପୁରସା ପୁରସା
ପିଠାମଡା ସାଙ୍ଗେ ଆରସା
କରସୁ କେତେ ମେନମଏନସା
ଖାଏମା ଆସରେ ଭାଇ
ଦେଖ ଆଏଲା ରେ ନୂଆଁଖାଇ....
ଦେଖ ଆଏଲା ରେ ନୂଆଁଖାଇ ।

ISSN NO.
2582-208X

ମହୁଲ ପତର୍ କୁରେ ପତର୍
ଖାଲି ଦନା ଟିପି କଲେନ ବତର
ନୂଆଁ ଖଏବାର୍ ଲାଗି
ଦନା ଦନା କରି ନୂଆଁ ଧରି କରି
ଘରର୍ ମୁଖିଆ ଦେଶିରେ ବାଢ଼ି
ସଭେ ଖାଏସନ୍ ମିଶିକରି
ଦେଖ ଆଏଲା ରେ ନୂଆଁଖାଇ....
ଦେଖ ଆଏଲା ରେ ନୂଆଁଖାଇ ।

ନୂଆଁଖାଇ ସାରି ଇଷ୍ଟଦେବୀ କେ
ସଭେ ମାରସନ୍ ମୁଡିଆ
ଇଥି ନାଇଁ ରହେ ଭେଦ୍ ଭାବ୍
ଇଟା ପଶ୍ଚିମ ଓଡିଶାର୍ ତିହାର
ସମଲେଇ ମାଆର୍ ପହାତଲେ ଅଏଜ୍
ମାରୁଛେ ରେ ମୁଇଁ ମୁଡିଆ
ମାରୁଛେ ରେ ମୁଇଁ ମୁଡିଆ ॥

ସତମଲ୍

ISSN NO.
2582-208X

# ନୂଆଁଖାଇ



ସାଇପ୍ରସାଦ ସାହୁ

ରାଜୁ ଯେନ୍ ଦିନୁ ନଉକିରି ପାଏଲା ବିହା ବର୍ ପନ୍ ହେଇ କରି ସହରେ ଘର୍ ଭଡ଼ା ନେଇ କରି ରହୁଛେ । କୁଟୁମ୍ ବଏଲେ ତାର୍ ସିଆନୀ ରାଏମତୀ ଆର୍ ପିଲା ଦୁଇଟା ରୋସନ୍ ଆର୍ ରୋହନ୍ । ଦୁଇ ପିଲାକେ ପାଞ୍ଚ ସାତ୍ ବଛର୍ ଲେଖେନ୍ ହେଉଛେ । ପିଲାମାନେ ବି.ସି.ଏସ୍ . ଇଂଗ୍ ଲିସ୍ ମିଡିଅମ୍ ଇସ୍କୁଲ୍ ନେ ପଢୁଛନ୍ । ପିଲାମାନ୍ କର୍ ପାଠ୍ ପଢା ଲାଗି ରାଜୁ ନିଜର୍ ଜନମ୍ ଗାଁକେ ଜହ ନାଇଁ ଆସେ । ହେ ତିହାର୍ ବାହାର୍ କେ କୁଟୁମ୍ ଧରି କରି ନୂଆଁଖାଇ ନାଇଁ ହେଲେ ପୁଷ୍ ପୁନିକେ ନେହେତ କେନ୍ ଯାନିଯାତ୍ରା କେ ଆଏସନ୍। ଦୁଇ ଚାଏର୍ ଦିନ୍ ରହି କରି ଫେର୍ ସହର୍ କେ ପଲାସନ୍ । ରାଜିନ୍ଦ୍ର ବାବୁ ତାକର୍ ପୁଓ ରାଜୁକେ ଫୁନ୍ କରି ବମ୍ବେନୁ କୁଟୁମ୍ ବସିଆ ଗାଁକେ ଆସ ଆରୁ ନୂଆଁ ଖାଇକରି ଯିବ ବୋଲି କହିଛନ୍ । ରାଜୁ ଯେ ତାର୍ ବାଆ କେ କହେସି ଯେ – ଆମର୍ କମ୍ପାନୀଥି ଛୁଟି ନାଇଁ ମିଲ୍ ବାର୍ ଗୋ କେନ୍ତା କର୍‌ମି । ଡାଇରେକ୍ଟର୍ ଆଜ୍ଞାକର୍ ପାଖ୍ କେ ରାଜୁ ଯାଇ କରି ଆମର୍ ବଡ୍ ଖା ତିହାର୍ ନୂଆଁଖାଇ ବାବ୍ ଦେ କହେଲା ପରେ ତାକେ ଚାଏର୍ ଦିନ୍ ର ଛୁଟି ମିଲି ଯାଏସି । ରାଜୁ ଉଷତ୍ ହେଇଯାଏସି ଆର୍ ଘର୍ କେ ଯିବାର୍ ଲାଗି ପ୍ରସ୍ତୁତ୍ ହେସି । ଇ ବଛରର୍ ନୂଆଁଖାଇ ତିହାର୍ ଥି କୁଟୁମ୍ ବସିଆକେ ଧରି କରି ନିଜର୍ ଜନମ୍ ମାଏଟ୍ କେ ରାଜୁ ଆଇଛେ । ନୂଆଁଖାଇ ଲାଗି ସବୁଆଡ଼େ ଗହଗହ ମହମହ। ସମ୍ କିରର୍ ଘର୍ ଲିପା ପୋଛା ହେଇ କରି ଚକ୍ ଚକେଇ ଯାଉଛେ । ରାଜିନ୍ଦ୍ର ବାବୁଙ୍କର୍ ଘର୍ ଭିଲ୍ ସଫାସୁତୁର୍ ହେଇ କରି ବଡା ଉଷତ୍ ଆନନ୍ଦ୍ ଲାଗୁଥେ । ଇ ବଛର୍ ରାଜୁ ନୂଆଁଖାଇ ଥି ଗାଁ କେ ଆସିଛେ ବୋଲି ରାଜିନ୍ଦ୍ର ବାବୁଙ୍କର୍ ଖୁସି କହେଲେ ନାଇଁ ସରେ। ପୂଜା ପାଠ୍ ସର୍ ଲା କେ କୁଟୁମ୍ ବସିଆ ସଭେ ନୂଆଁଖାଏବାର୍ ଲାଗି ବସିଛନ୍ । ଇ

ISSN NO.
2582-208X

ସମିଆଥି ରାଜିନ୍ଦ୍ର ବାବୁଙ୍କର୍ ନାତି ରୋସନ୍ ଜିଦ୍ ଧଏଲା , ମୁଇଁ ତଲେ ବସି କରି ନୂଆଁ ନାଇ ଖାଏଁ । ଭୂଇଁ ନେ ବସ୍ ବାର୍ କେ ମତେ ଭଲ୍ ନାଇଁ ଲାଗେ । ରାଜିନ୍ଦ୍ର ବାବୁ ପଚରାଲେ ମୋର୍ ନାତି କେ କାଏଁ ହେଲା ? ବହ ରାଏମତୀ କହେଲେ - ଭୂଇଁ ଥି ଗୋବର୍ ଘଁଷା ହେଇଛେ ବୋଲି ଚକା ମାରି କରି ନାଇଁ ବସେଁ କହୁଛେ ବାପା । ଆସନ୍ ଦେଇ ଦିଅ ମୋର୍ ନାତି କେ । ଆସନ୍ ଉପ୍ ରେ ମୋର୍ ନାତି ବସ୍ ବା ଯେ ତାର୍ ଡିସ୍ କୋ ଫଟା ଜିନ୍ସ୍ ପେଁଟ୍ ଟା । ରାଜିନ୍ଦ୍ର ବାବୁ ମଜାକ୍ ଥି ତାଙ୍କର୍ ନାତି ରୋସନ୍ କେ ଏନ୍ତା ବୋଲି କହିଦେସନ୍ । ରାଜିନ୍ଦ୍ର ବାବୁଙ୍କର୍ ସିଆନୀ ଶୁଭାସିନୀ କହେଲେ - ମୋର୍ ନାତିର୍ ନୂଆଁ ଜିନ୍ସ୍ ପେଁଟ୍ କେ ଫଟା ପେଁଟ୍ କେନ୍ତା କହିଦେସ ଗୋ । ଆଏଜ୍ କାଲିର୍ ଷ୍ଟାଇଲ୍ ଆଏ ହୋ ଇଟା ବୁଝଲ ତ । ତୁମେ ରହିଥ ହେ ଧୂତି ଗାମ୍ ଛା ଜମାନା ଥି । ଯୁଗ୍ ବଦ୍ ଲି ଗଲାନ । ରାଏମତୀ ରୋସନ୍ କେ ଭୁର୍ ତେଇ କରି ତଲେ ବସେଇଥିସନ୍ । ଫେର୍ କାଁଣା ହେଲା ଯେ ଉଦୁର୍ ମାତ୍ ହେଇ ବସ୍ ଲା । କାଁଣା ହେଲା ମୋର୍ ନାତି କେ । ମୋର୍ ନାତିର୍ ଲାଗି କାଁଣା ଦରକାର ବୋଲି ଶୁଭାସିନୀ ଭୁଆସେନ୍ ରାଏମତୀ କେ ପଚରାଲେ । ରାଏମତୀ କହେଲେ - ଅ ଗୋ ମାଆ ଇତାର କଥା ନାଇଁ କହନ , ଇ ପତରର ଖଲି ଦନା ଥି ନାଇଁ ଖାଏଁ ବୋଲି ଅରଷ୍ଟି କରୁଛେ । କେନ୍ ତା ପିଲାଟେ ବୋ ଇଟା ବେଡାଟେ କାହିଁର୍ ଗୁଟେ । ଏ ପୁତା , ହେନ୍ ତା ନାଇଁ କରନ୍ ଗୋ ପୁତା । ଆଏଜ୍ ସଭେ ନୂଆଁ ଖଲି ଦନା ଥି ନୂଆଁ ଖାଏ ସନ୍ । ଇଥିରର୍ ଲାଗି ପରେ କାହିଁ କେତେ ଦୂରୁ ସଭେ ଦେଶ୍ ବିଦେଶ୍ ଛାଡି ନିଜର୍ ଗାଁ ମାଆ ପାଶ୍ କେ ନର୍ ଦି ଆଏସନ୍ । ଆମର୍ ମାଟିର୍ ବଡ୍ ଖା ତିହାର୍ ଆଏ ଇଟା । ନୂଆଁଖାଇ ହେଉଛେ ଆମର୍ ପଶ୍ଚିମ ଓଡିଶାର୍ ସବୁନୁ ବଡ୍ ଖା ଆର୍ କୃଷିଭିତ୍ତିକ ପରବ୍ । ଇ ତିହାର୍ ଫି ବଛର୍ ଭୁଦୋ ମାସର୍ ଉଜଲ୍ ପଖେଁ ପଞ୍ଚମୀ ଦିନ ମାନ୍ ସନ୍ । ନୂଆଁଖାଇ ଦିନେ ମାଁ ସମଲେଇନୁ ପହେଲା ନୂଆଁ ଧାନର୍ ଭୋଗ୍ ଲାଗ୍ ସି । ଗାଁର୍ ଲୁକେ ଗାଁ ଖୁଏଲ୍ ସଫା ସୁତର୍ କରିଥିସନ୍ । ସମ୍ବଲପୁରର୍ ବରହମପୁରା ମନ୍ଦିରର ଗୁନୀ ଜ୍ଞାନୀ ପଁଡିତମାନେ ଆଗତୁରା ଲଗନ ପାଗନ ବେଲାଘଡି ପାଁଜି ଦେଖି ଶୁଭ ଦିନ୍ ବାର୍ ବାହାର୍ କରିଥିସନ୍ । ଚାଷୀ ତାର୍ ବଛର୍ ଟାକର୍ ପହେଲା ଫସଲ୍ କେ ମାଁ ସମଲେଇ ପାହାଁତଲେ ଗହଗହ ମନେ ସଅଁପି ଦେଇଥିସି । ତେହେରୁ ଯାଏକ୍ ସଭେ ନୂଆଁ ଅରନ୍ ପ୍ରସାଦ୍ ପାଏସନ୍ । କାହିଁ କେତେ କାଲୁ ପୂରବାପାତି ଦିନୁ ଇ ତିହାର୍ କେ ମାନ୍ ତେଲ୍ ଆସୁଛୁଁ, ଇଟା ଆମର୍ ପରମ୍ପରା ଆଏ । ତୋର୍ ମମି ଆର୍ ଡେଡ଼ି କିଛି ନାଇଁ ଶିଖେଇ କାଏଁ ବୋ ? ତୁଇ ପରେ ଇଂଗ୍ ଲିସ୍ ମିଡିଅମ୍ ଇସ୍କୁଲ୍ ନେ ପଢୁଛୁ ପରେ, ବେଡା

ISSN NO.
2582-208X

ପିଲାଟେ ବୋ ମୋର୍ ନାତି । ଗାଁଥି ରହେଲେ କେନ ମାଆ ବୁଆ ବୋଲି ଡାକ୍ ଦେତେ । ବମ୍ବେ ସହରେ ତ ମମି ଡାଡି । ଏ ରାଜୁ ମୋର୍ ନାତି କେ କେନ୍ତା ଜ୍ଞାନ ଦଉଛ ବୋ ? ସହର୍ କେ ଗଲାକେ ସହରିଆ ହେଇଯଉଛ । ଆମର୍ ନୂଆଁଖାଇ , ପୁଷ୍ ପୁନି ଭଲିଆ ବଡ୍ ଖା ତିହାର୍ ବାବ୍ ଦେ ଆର୍ ଆମର୍ ପରମ୍ପରା ବାବ୍ ଦେ ମୋର୍ ନାତି ଦୁଇଟାକେ କିଛି ଜ୍ଞାନ ଦିଅ । ନାଇଁ ହେଲେ ଭୁଲି ଯିବେ ଇ ମାନେ ଆମର୍ ସଂସ୍କୃତି, ପରମ୍ପରା ଆର୍ ଚାଲିଚଲନ୍ କେ । ଇହାଦେ ଗଲା ବେଲ୍ କେ ମୋର୍ ନାତି କେ ମୋର୍ ପାଶେ ଛାଡି ଯିବ ତ ଗା । ଏତ୍ କି ବେଲ୍ କେ ରାଜୁ ବମ୍ବେନେ ଗଲା ବଛର୍ ନୂଆଁ ଖାଏଲା କଥା କେ ଭାବୁ ଥାଏ । ଗଲା ବଛର୍ ଏନ୍ତା ଦିନେ ଘିନି ଆନିଥିଲା ରୂପାର୍ ଥାଲି ଲେଖେଁ ଚକ୍ ଚକେଇ ଯଉଥିବାର୍ ଇଷ୍ଟିଲ୍ ପ୍ଲେଟ୍, ଇଷ୍ଟିଲ୍ ଗିନା ଆର୍ ରକମ୍ ରକମ୍ ଜିନିଷ୍ । ଗାଁଥି ରହେଲେ ଗାଁଅଲିଆ ଆର୍ ସହରେ ରହେଲେ ସହରିଆ । ଗାଁର୍ ଚାଲିଚଲନ କେ ଭୁଲି ଯାଇକରି ସହରିଆ ବାଗିର୍ ଡାଇନିଂ ଟେବୁଲ୍ ଆର୍ ଚଉକି ଥି ବସି କରି କୁଟୁମ୍ ବସିଆ ସଭେ ନୂଆଁ ଖାଇଥିଲେ । ଯେନ୍ କଥାକେ ପାଞ୍ଚ ବଛରର୍ ରୋସନ୍ ଠିକ୍ ସୋର୍ ରଖିଥିଲା । କହେସନ୍ ଯେ ଛୁଆମାନକର୍ ମନେରଖ୍ ବାର୍ ପାଓ୍ୱାର୍ ଖୋବ୍ ଥିସି । ରୋସନ୍ ଭି ବନେ ସୋର୍ ରଖିଥିଲା। ଗଲା ବଛରର୍ ନୂଆଁଖାଇ କଥା ତାର୍ ବୁଢୀମାଆ ଶୁଭାସିନୀକେ କହିଦେଇଥିଲା ରୋସନ୍ । ଇ ସମିଆଁଥି ରାଜୁର୍ ମୁହୁଁ ନୁ କିଛି କଥା ନାଇଁ ବାହାରିଲା । ରାଜୁ ତୁମ୍ ପରି ଦେଇଥେ । ରାଜିନ୍ଦ୍ର ବାବୁ କହେଲେ, ଦୁନିଆ ବଦ୍ ଲି ଗଲାନ ସତ୍ ଆଏ । ହେଲେ ଆମର୍ ସଂସ୍କୃତି, ପରମ୍ପରା ଆର୍ ଚାଲିଚଲନ୍ କେ ବୁଡେଇ ନାଇଁ ଦିଅ । ସହର୍ କେ ଗଲାକେ ପରମ୍ପରା ଆର୍ ତିହାର୍ କେ ପାଶରି ଦେଉଛ । ଆଏଜ୍ ପରେ ଆମର୍ ବଡ୍ ଖା ତିହାର୍ ନୂଆଁଖାଇ । ବଚେଂଇ କରି ରଖ ଆମର୍ ଚାଲିଚଲନ, ସଂସ୍କୃତି ଆର୍ ପରମ୍ପରାକେ । ପିଲାଛୁଆମାନ୍ କୁ ଆମର୍ ସଂସ୍କୃତି ଉପରେ ସଦ୍ ଜ୍ଞାନ ଦିଅ । ପଛେ ଯଉଥିବ ନ ପାଶ୍ଚାତ୍ ସଭ୍ୟତା ଫାଲ୍ କେ । ଏତ୍ କି କଥା ସୁନି କରି ରାଜୁ ଅକାଭୋଦ୍ ହେଇଯାଏସି ।

ସିନ୍ଧେକେଲ୍, ବଲାଙ୍ଗୀର
ମୋ. - ୯୯୩୭୦୩୪୭୪୨

ISSN NO.
2582-208X

# ଯଶୋଦା-କାହ୍ନା



ସନ୍ତୋଷ କୁମାର ବେହେରା

ଆରେ ଆଆ ରେ କାହ୍ନୁମୋର, ନାଇଁ ଯାଏଁ ଗୋ ମା ମୋର
ଆରେ ଆଆ, ଡାକୁଛିରେ ତୋର ଯଶୋଦା ମାଆ
ଲବଣୀ ଖାଇବୁ ଦଉଡିଆ,ସାଙ୍ଗରେ ବଳିଆ ଡାକିକି ଆ
ବେଲ ହେଲାନ ଉଛୁର, ଆରେ ଆଆରେ କାହ୍ନୁ ମୋର
ଆଜି ଭାଙ୍ଗିବି ଲାଡ ତୋର,ନାଇଁ ଯାଏଁ ଗୋ ମାଁ ମୋର
(କୃଷ୍ଣ )-ମାଗୋ***
ପେଟେ ମୋର ଭୋକ ନାଇଁ ,ଡାକୁଛୁ ମା କାହିଁପାଇଁ
ସୁଦାମା ସୁବଳ ମିଶି, ଖେଳୁଛୁଁ ଗୋ ସାଙ୍ଗ ହୋଇ
ରଡି ରଡି ଡାକୁ କେତେ, ଭଲ ନାଇଁ ପଉ ମୋତେ
ତୁଛାକେ ରାଗୁଛୁ ଏତେ, କହୁଛୁ ଯାହାକେ ଯେତେ
(ଯଶୋଦା) ବାବୁରେ****

କାଏଁଜେ ସାଧୁଛୁ ମୋତେ, କେତେ ମୁଇଁ ବୁଝାମି ତୋତେ
ଗୋପର୍ ଗୋପୀମାନେ ଯେତେ,ସଭେତ କହୁଛନ୍ ମୋତେ
ପିଲାଙ୍କ ସାଙ୍ଗରେ ମିଶି--ଘରେ ଚୋରି କରୁ ପଶି
ଦହି ଖାଉ ହସି ହସି--କହିଲେ ଯାଉ ତୁ ରୁସି
କଥା ମାନି ଯା, ରଙ୍କୁଣି ରତନ ଟିକେ ବୁଝିଯା
କାହିଁକିରେ ବାବୁ ହେଉ ଅବୁଝା,
ଦେଖିକରି ସବୁ ମାରିବେ ମଜା--ବେଲ ହେଲାନ ଉଛୁର,

ISSN NO.
2582-208X

ଆରେ ଆଆରେ କାହ୍ନୁ ମୋର, ନାଇଁ ଯାଏଁ ଗୋ ମାଆ ମୋର
(କୃଷ୍ଣ )ମାଗୋ****

କିଏ କହୁଛେ ମା ତୋତେ***ତାହା ମିଛ ସବୁ ଯେତେ
ଆରୁ ରାଗ ନାହିଁ ମୋତେ**ମିଛ ସହେବି ମୁଁ କେତେ
ଆମ ଘରେ କାଣା ନାଇଁ*** ଚୋରି କରିଯିବି ମୁହିଁ
କିଏ କହୁଛେଗୋ ତୋତେ***ଧରି ଆନି ଦେ ତାହାକେ
(ଗୋପୀ) --ମିଛୁଆ ମିଛୁଆ ମିଛୁଆ
ଆରେ ମିଛୁଆ, ଭାଙ୍ଗି ଦେଲୁ ତୁଇ ଦହି ମାଠିଆ
ମିଛୁଆରେତୁହି ନଟକୁଟିଆ,ତୁଇତରେ ଗୁଟେ ଅଲାଜୁକିଆ
ଟିକେ ଲାଜ ନାଇଁ ତୋର---ଆରେ ଆଆରେ କାହ୍ନୁ ମୋର
ନାଇଁ ଯାଏଁ ଗୋ ମାଆଁ ମୋର
(ଯଶୋଦା) ବାବୁରେ ****
କେତେ ଆରୁ ଠକବୁ ମୋତେ**ଲାଜନାହିଁ ତୋତେ ଟିକେ
ଗୋପର୍ ଗୋପୀମାନେ ଯେତେ**କହୁଛନ୍ କାଏଁ ମିଛ ତୋତେ

ତୋତେ ମୁଇଁ ଛାଡିବି ନାଇଁ***ଯିବୁ ଆଜି ତୁଇ କାହିଁ
ଗଛରେ ବାନ୍ଧିବି ମୁଇଁ***ଠକୁ ଅଛୁ ମୋତେ ତୁଇ
(କୃଷ୍ଣ ) ମାଗୋ****
ଛାଡିଦେ ଛାଡି ଦେ ମୋତେ, କଥା ଦଉଛେଁଗୋ ତୋତେ
ନାଇଁହୁଏଁ ଏନ୍ତା କେବେ, ପିଟ୍ ବୁ ମାଗୋ ଦେଖୁବୁ ଯେବେ
ନାଇଁ ବାନ୍ଧ୍ ଗଛେ ମୋତେ--ମୁଡିଆ ମାରୁଛେଁ ତୋତେ
ଗାଲି ଦେ ଦେବୁ ଯେତେ--ଢାପି ଦେଗୋ ତୋ ପଣତେ
ମାଆ ଗୋ ମାଆ,ରାଗ ଗର ଗର ହେଉଛୁ କିଆଁ
ମୁଇଁ ପରା ଅଟେଁ ତୋଅରି ଛୁଆ,ଲିଭେଇ ଦେ ତୋର ରାଗର ନିଆଁ,
ସୁନା ମାଆ ପରା ମୋର, ଆରେ ଆଆରେ ଧନମୋର,ଯାଉଛେଁ ଗୋ ମାଆ ମୋର

କପସିଲ୍, ତୁଷୁର୍, ବଲଙ୍ଗିର
ମୋବା:--୭୭୩୫୭୧୫୧୦୭

ISSN NO.
2582-208X

# ନୂଆଖାଇ

ପ୍ରେମାଞ୍ଜଳ ମେହେର

ଭୂଦୋ ମାସେ ଆସାଲ୍ ନୂଆଖାଇ
ମିଳମିଶି ଖାଏମା ସବୁ ଭାଇ
ନୂଆ ଖାଇ ଆସବା ବଲି କରି
ମାଁ ବଡମା ଘରଦୁଆର ଲିପି କରି
ଜଗି ରହିଛନ ସେ ଦିନ୍ କେ ଉସତ୍ ହେଇକରି
ଛୁଆମାନେ ସଜବାଜ ହୋଉଛନ୍ ନୂଆଖାଇର ଲାଗେ
ବାପା ମାନକେ କହେସନ୍ ନୂଆ ଜାମା ଘିନବାର ଲାଗି
ଜାମା ନ ଘେନ ଦେଲେ ବି ମନକେ ନକରି ଊଣା
ଖାଇ ଦେସନ୍ ଫିରବି ଚୁରକୁଣା
ଦେଶ ବିଦେଶ ରେ ଯେତେ ଥିସନ
ନୂଆଖାଇ ଲାଗି ନଜର ଗାଁ କେ ଆଏସନ୍
ନୂଆଖାଇ ଏନ୍ତା ପରବଟେ
ସବକେ କରିଦେସି ଗୁଟେ
ସମଲେଇ ମାଁ କେ ଲଗେଇ ଭୋଗ
ଆମେ କରସୁ ନୂଆଖାଇ ର ଉପଭୋଗ
ପିଠା ମଡା ଖାଇ ଖାଇ କରି
ଭାଇ ପେଟ ଜାଏସି ପୁରି
ନୂଆଖାଇ ସାରଲ୍ ପରେ ହେମୁଁ ଜୁହାର ଭେଟ
ଜୁହାର କରି ନହୁଏ ବାହାରି ଯାଇଥିବା ଯେ ପେଟ
ସାନମାନେ କରସନ ବଡ ମାନକେ ଜୁହାର
ଇଟା ତରେ ଭାଇ ନୂଆଖାଇ ତିହାର ॥

ମୋ: 8144076894

ISSN NO.
2582-208X

# ଫୁଲ୍ ଗୁଟେ ମତେ କରିଦିଅ ପର୍ଭୁ



ମାନସ ରଞ୍ଜନ ସାହୁ

ଫୁଲଗୁଟେ ମତେକରିଦିଅ ପର୍ଭୁ
ତୁମର୍ ଦୁଆର୍ କେ ଜିମିମୁଇଁ ।
ଜତନ୍ କରିମତେ ଭକତ୍ ତୁଲ୍ ବେ କେତେ
ଗଲ୍‌ର୍ ହାର୍ ହେଇଥିମି ।୧।
ତମର୍ ମୁହୁଁ ଆଗେ ଥିମିମୁଇଁ ପର୍ଭୁ
ଶାନ୍ ତି ସୁଖେ  ଥିମିଇଭବୁଁ
ସୁଦୟ୍ଯା କରିଥିବ ନର୍ଦୟ୍ଯା ନେଇକର୍ ବ
ତମର୍ ନାମ୍ ଗାଉଥିମି ।୨।
ଜେନ୍ ଥିକେନେବ ଜିମିମୁଇଁପର୍ଭୁ
ଜୀବନ୍ ସଅଁପି ଥିମିପାଦେସବୁ
ତମ୍ କେ ଛାଡ଼ିକରି  ରହେମିକେନ୍ତାକରି
ତମର୍ ତଲେରହିଥିମି ।୩।
ସତ୍ ଜ୍ଞାନ୍ ହୁର୍ଦେ ଭରିଦିଅପର୍ଭୁ
କୁ ଜ୍ଞାନ୍ ହୃର୍ଦେ ପୁଡ଼ିଯଉସବୁ
ତମେମର୍ ହର୍ତାକର୍ତାବିଧାତା
କହିଦେନ ମୁଇଁସବୁ ।୪।

ଟିଟିଲ୍‌ଗଡ ଜି ବଲ୍‌ଙ୍ଗୀର
ମୋ 8456873053

ISSN NO.
2582-208X

# ଗନ୍ଧର୍ ମୁହୁଁ



ଗଜାନନ ମିଶ୍ର

ବାବୁ ବାବୁ,
ଟୁପା ଡାବୁ।
ଇଆଡକେ ଆଏଲେ
ସେଆଡକେ ଯିବୁ।
ଆଏଖ ବୁଜିକରି
ନାକ ଲଂବାବୁ।

ସଉ ବାବୁ
ପତର ଗାବୁ।
ପନିର ଖାଏବୁ ?
ପେଡା ଗିଲବୁ ?
ଉତରିବୁ କି ଚଢବୁ!
ରକତ୍ ଉକଲାବୁ!

ଭାବିଥିଲୁ ଏନ୍ତା ଖାପି ହେବୁ!
ସହିରହି ଥିଲେ ସରଗ ଦେଖବୁ!

ବାବୁ, ଏ ବାବୁ!
ଘରଘାଟ୍ କେନ ?
ବୁଆ ମା କିଏ ?
ଭାଗ୍ ଟୁରା, ନେଇଁ ଦେଖା
ରେ ଗବଡୋ, ଗନ୍ଧରା ମୁହୁଁ!

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ମୁରଦାର୍



ସୁନୀଲ କୁମାର ଅଗସ୍ତି

ଲୋକମାନେ ଲୋକ ମାନକଁର୍
ସମକିରର୍ କା'ଯେ ଦୁଆର୍ ଖୁଲା,
ଆ'ଦେ ବଛର୍ ଚାଏର୍ କୁଏର୍ ହେସି ନ'
ତବଭି ଭୋକର୍ ପେଟେ ଗୁଲ୍ ଗୁଲା
ଆଏ ଇଟା ଲୋକ୍ ଦରବାରର୍ ମହା ହିସାବ୍ ?
ଚାଲିଛେ ଭରଦର୍ ମାହାଲିଆ ବେପାର୍
ଶିକ୍ଷା ଆର୍ ବେମାର୍ ନା'ଥିଁ
ଇ'ଫାଲେ ଶିକ୍ଷା ନରକ୍ ଗାମୀ
ଗାଗରେ ନାଇଁ ବଫୁ ହେଲା ନ' ଖାର୍,
ଶିକ୍ଷା ର୍ ନାଁ' ଥିଁ କିସମ୍ କିସମ୍ ବେପାର୍
ଇଟା ଆଏ ତ' ଲୋକ୍ ଦରବାରର୍ ହିସାବ୍,,
ଇ' ଦରବାରେ
ସଭେଁ ତ' ଦିଶୁଛନ୍ ଏକା ଏକା
ବିରହି ଆଁଟେ ହେଇଛନ୍ ଠୋଲ୍
ସତେ ତ' ଚୋର୍ ସାଁକାର୍ ମିତା ମାରସାଦ୍
ଇ'ଫାଲେ ସମକିରର୍ ମୁହେଁ ଗୁଟେ ଭାବ୍
ଇହାଛିନ୍ "ଗଣତନ୍ତ୍ର" ଆଏ ଅବଗି ମୁରଦାର୍,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ନଜେ ତିଆରି କରିବା ମିଶି ଖାଇବା



ଡ଼ଃ ରଞ୍ଜିତ କୁମାର ସାହୁ

ବାପୁନୁ ମନ ଦୁଃଖରେ ବସିଥାଏ I ସନ୍ଧ୍ୟାରେ ବାହାରକୁ କକାଙ୍କ ସହ ବୁଲାବୁଲି କରି ଚାଟ ଖାଇବା କାର୍ଯ୍ୟକ୍ରମଟି ଅକସ୍ମାତ ବାତିଲ ହୋଇଗଲା I କକା ବାଡିରୁ ତଟକା ପରିବା ସଂଗ୍ରହ କରୁଥିବା ବେଳେ ଗୋଡ ଖସି ଆହତ ହୋଇ ଯାଇଛନ୍ତି I ଗଭୀର ଆଘାତ ନ ହେଲେ ମଧ୍ୟ ଚଲା ବୁଲା ଲାଗି କିଛି ଦିନ ଯାଏଁ ସକ୍ଷମ ହେବେ ନାହିଁ I ସନ୍ଧ୍ୟା ବେଳରେ ଟିକିଏ ପାଟି ସୁଆଦିଆ ଜିନିଷ ନ ଖାଇଲେ ଛୁଟିଦିନଟି ଭଲରେ କଟିଲା ଭଳି ମନେ ହୁଏ ନାହିଁ I ବୋଉ କାମରେ ବ୍ୟସ୍ତ ଅଛନ୍ତି ତେଣୁ ତାଙ୍କୁ କହି କିଛି ଲାଭ ହେବନି I କାହିଁକି କେଜାଣି ଚାଟ କଥା ଭାବିଲା ବେଳକୁ ଭୋକ ଅଧିକ ଲାଗୁଛି I କଣ କରିବ କିଛି ନ ବୁଝି ପାରି ଶେଷରେ କକାଙ୍କ ପାଖରେ ହାଜର ହୋଇଗଲା I କକା ନିଶ୍ଚୟ କିଛି ଗୋଟିଏ ପ୍ରବନ୍ଧ କରିବେ ଖାଇବା ଲାଗି I

ବାପୁନୁର କଥା ଶୁଣି କକା କିଛି ସମୟ ପାଇଁ ଭାବିଲେ I ସାମ୍ନାରେ ଥୁଆ ହୋଇଥିଲା ବାଡିରୁ ଆସିଥିବା ତଟକା ପରିବା ସବୁ I ଅନ୍ୟ ମାନଙ୍କ ଭଳି କକା ନୁହଁନ୍ତି I ସେ ପାଠ ପଢା ଆଉ ବାହାର କାମ ବ୍ୟତୀତ ବୋଉଙ୍କୁ ମଧ୍ୟ ସାହାଯ୍ୟ କରନ୍ତି ତାଙ୍କ କାମରେ I ବାହାରରୁ ଚାଟ ମଗେଇବା ଲାଗି ଭାବୁ ଭାବୁ ତାଙ୍କ ମୁଣ୍ଡକୁ ଗୋଟିଏ ଉପାୟ ଜୁଟିଲା I ବାପୁନୁକୁ କହିଲେ, "ଗଲୁ ଦେଖିଲୁ ବୋଉ ରୋଷେଇ ଘରେ କଣ ସବୁ ରଖିଛନ୍ତି I"

ବାପୁନୁ ଫେରିକି କହିଲା, "ଖାଲି ଯାହା ଭାତ, ଡାଲି ଆଉ ତରକାରୀ ଅଛି I ଆଉ ଗୋଟିଏ ପାତ୍ରରେ ଗଜା ମୁଗ ପଡ଼ିଛି I ଫ୍ରିଜରେ ମଧ୍ୟ ଖାଲି ଆପେଲ କେତୋଟି ଅଛି I"

ISSN NO.
2582-208X

"କିଛି ଅସୁବିଧା ନାହିଁ, ମୋର ମନେ ଅଛି ଘରେ ସବୁ ମସଲା ଅଛି । ନନାଙ୍କ ଆସିବା ବେଳ ମଧ୍ୟ ହୋଇଗଲାଣି । ଚାଲେ ଆମେ କିଛି ତିଆରି  କରିବା," କହି ଧୀରେ ଧୀରେ କକା ଡ଼ାଇନିଙ୍ଗ ହଲକୁ ମାଡିଗଲେ । ସେଠି ଟେବୁଲ ଉପରେ ବସି କହିଲେ, "ଏଥର ଯାହା  ସବୁ କହିବି ଏଠାକୁ ନେଇ ଆସିବୁ ।"

ବାପୁନୁ କିଛି ବୁଝି ପାରୁ ନଥାଏ କିନ୍ତୁ ଅନ୍ୟ ଉପାୟ ମଧ୍ୟ ନଥିଲା । କକା ତାହା ହାତକୁ କିଛି ଗାଜର, ପିଆଜ, ଟମାଟୋ, ଲଙ୍କା, ଲେମ୍ବୁ ଆଉ ଧନିଆ ପତ୍ର ଗୋଟିଏ ପାଛିଆରେ ଧରେଇ ଦେଇ କହିଲେ, "ଏ ସବୁ ନେଇ ଭଲ ଭାବରେ ଧୋଇକି ଆଣେ । ଆସିଲା ବେଳକୁ  ରୋଷେଇ ଘରୁ ଛୁରୀ ଆଉ ଅନ୍ୟ ସବୁ ଉପକରଣ ନେଇ ଆସିବୁ ।"

ବାପୁନୁ  ମୁଣ୍ଡ ଟୁଙ୍ଗାରି ଚାଲିଗଲା । ମନେ ମନେ ଚିଡି ଯାଇ ଥାଏ ମଧ୍ୟ । ସିଏ ତ ଭାବୁଥିଲା କକା ବାହାର ରୁ କିଛି ଅର୍ଡର କରିବେ, କିନ୍ତୁ କକା ତ ସବୁ କଣ ତିଆରି କରିବା କାର୍ଯ୍ୟକ୍ରମ କଲେଣି । ଏତିକି ବେଳେ କକାଙ୍କ ସାଙ୍ଗ ଲିପୁନ କକା ମଧ୍ୟ ଆସିଗଲେ । କକାଙ୍କ ଦୁର୍ଘଟଣା କଥା ଶୁଣି ତାଙ୍କୁ ଦେଖିବାକୁ ଆସିଥିଲେ ।  ବାପୁନୁ ସବୁ ଜିନିଷ ଆଣି କକାଙ୍କ ଆଗରେ ଥୋଇଦେଲା ।

ସାମ୍ନାରେ ଥିବା ପରିବା  ସବୁ ଦେଖି ଲିପୁନ କକା କହିଲେ, "ଆରେ, କେତେ ତଟକା ପରିବା ସବୁ ହେଇଛି, ଇଛା ହେଉଛି ଏଇନେ କଞ୍ଚାରେ  ଖାଇଯିବି । "

"ବ୍ୟବସ୍ଥା ଚାଲିଛି, ଟିକିଏ ସାହାଯ୍ୟ କରେ, ଖାଇବୁ," କହି କକା  ଲିପୁନ କକାଙ୍କୁ ଗାଜର ଗୁଡିକ ଧରେଇ ଦେଇ, ତାକୁ କୋରିବାକୁ କହିଲେ । ନିଜେ ବସି ଅନ୍ୟ ସବୁ ଜିନିଷକୁ ଛୋଟ ଛୋଟ କରି କାଟିବାକୁ ଲାଗିଲେ । ଅଳ୍ପ ସମୟରେ ଗୋଟିଏ ପାତ୍ରରେ ସବୁ ଗୁଡିକ ମିଶେଇଦେଇ କହିଲେ, "ଏଥର ଯାଆ  ଗଜା ମୁଗ ଗୁଡିକ ଧୋଇକି ଆଣେ । "

ବାପୁନୁ ଗଜା ମୁଗ ଆଣିଲା ପରେ  ତାହାକୁ ମିଶେଇ ଲେମ୍ବୁ ରସ ଆଉ ଲୁଣ ଦେଇ ଭଲ ଭାବରେ ମିଶେଇ ଦେଲେ ।

ISSN NO.
2582-208X



"ଏଥିରେ ବାରମଜା କିଛି ମିଶୁ," କହି ଲିପୁନ କକା ସାଥିରେ ଆଣିଥିବା ମିଠା ଆଉ ବାରମଜା କକାଙ୍କୁ ଧରେଇ ଦେଲେ ।

"ନିଶ୍ଚୟ ଏଥର ଆହୁରି ମଜା ଆସିବ," କହି କକା ସେଥିରୁ ମଧ୍ୟ କିଛି ମିଶେଇ ଦେଲେ।

ବାପୂନୁ ସମସ୍ତଙ୍କ ପାଇଁ ପ୍ଲେଟ ନେଇ ଆସିଲା ।

ଏତିକିବେଳେ ବୋଉ ନିଜ କାମ ସାରିକି ତଳକୁ ଆସି ସବୁ ଦେଖି କହିଲେ, "ବଢ଼ିଆ କାମ କଲ । ମୁଁ ଯାଏ କିଛି ମସଲା ନେଇ ଆସେ ଏଥିରେ ଦେବା ।"

କବାଟରେ ଘଣ୍ଟି ଶବ୍ଦ ଶୁଣି ବାପୂନୁ ଯାଇ ଦେଖିଲା ବାପା ହାଜର ହୋଇଥିଲେ ।

"କକା କେମିତି ଅଛି ?" ବାପା ପଚାରିଲେ ।

ISSN NO.
2582-208X

"ବ୍ୟସ୍ତ ଅଛନ୍ତି, କଣ ଗୋଟିଏ ମିଶା ମିଶି ଚଲେଇଛନ୍ତି," କହି ବାପୁନୁ ଚାଲିଗଲା । ବୋଉ କିଛି ସମୟ ମଧ୍ୟରେ ଚାହା ଧରି ଆସିଗଲା । ମସଲା ମିଶେଇଲା ପରେ ବୋଉ ସମସ୍ତଙ୍କ ଲାଗି ଚାଟ ବାଢ଼ିଦେଲେ ।

ଗୋଟିଏ ଚାମୁଚ ଖାଇଲା ପରେ ବାପୂନୁ ଅଟକି ପାରିଲା ନାହିଁ, ଚାହୁଁ ଚାହୁଁ ପୁରା ପ୍ଲେଟ ଖାଲି କରି ବୋଉ ଆଡକୁ ଚାହିଁଲା ।

ବୋଉ କହିଲେ, "କିରେ ତୋତେ ତ ଗଜା ମୁଗ ପସନ୍ଦ ନୁହେଁ । ମୁଁ ସକାଳୁ ଗୁଡ ସହିତ ଦେଲେ ମୁହଁ ମୋଡୁ । ଏବେ କଣ କକା ଦେଲାରୁ ଗବ ଗବ ଖାଇ ଚାଲିଛୁ ?"



ଲିପୁନ କକା କହିଲେ, "ଆଶ୍ଚର୍ଯ୍ୟ କଥା ବାପୁନୁ ତୁ ଗଜା ମୁଗ ପସନ୍ଦ କରୁନୁ ! ଆମେ ଖାଉଥିବା ସବୁ ପ୍ରକାର ଶସ୍ୟ ମଧ୍ୟରେ ମୁଗ ଏକ ଶ୍ରେଷ୍ଠ ଡାଲି ଜାତୀୟ ଖାଦ୍ୟ । ଗଜା ମୁଗ ଆହୁରି ଶ୍ରେୟସ୍କର । ସମ୍ପୂର୍ଣ୍ଣ ବିହନରୁ ସୃଷ୍ଟି ହୋଇଥିବାରୁ ଏଥିରେ ବୃହତ ପରିମାଣରେ ତନ୍ତୁ ଥାଏ ଯାହା ପାଚନରେ ସହାୟକ ହୁଏ । ସଜ ଗଜା ଭିଟାମିନ ସି, ଭିଟାମିନ "ବି" ଏବଂ ଭିଟାମିନ "କେ" ରେ ପରିପୂର୍ଣ୍ଣ ଯାହା ସ୍ୱାସ୍ଥ୍ୟ ପାଇଁ ହିତକାରୀ

ISSN NO.
2582-208X

ଏବଂ ଏହା ଆଖିକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ବିଭିନ୍ନ ପ୍ରକାର ଧାତୁ ଏବଂ ଲୌହ ଥିବା ଯୋଗୁଁ ଏହା ରକ୍ତହୀନତା ଦୂର କରିବାରେ ସାହାଯ୍ୟ କରେ । ଏଥିରେ ଥିବା ଆଣ୍ଟି ଅକ୍ସିଡେଣ୍ଟ ଶରୀରରେ ସୃଷ୍ଟି ହେଉଥିବା ଏକ ଶ୍ରେଷ୍ଠ ବା କ୍ଷତିକାରକ ଅଣୁ  ସବୁକୁ କ୍ଷୟ କରିବାରେ ସାହାଯ୍ୟ କରେ । ଏଥିରେ ଥିବା ପୃଷ୍ଟିସାର ସହଜରେ ଜୀର୍ଣ୍ଣ ହୋଇଯାଏ ଏବଂ ଏହାର ନିୟମିତ ସେବନ ଦ୍ୱାରା ଶରୀରର ଅଧିକ ଓଜନ ହ୍ରାସ କରାଯାଇ ପାରେ । ଏହା କ୍ଷତିକାରକ କୋଲେଷ୍ଟେରୋଲ କୁ କମାଇ  ଏବଂ ହିତକର କୋଲେଷ୍ଟ୍ରେରୋଲ ବଢ଼ାଇ ହୃଦୟର ଏବଂ ରକ୍ତ ସଞ୍ଚାଳନ ପ୍ରଣାଳୀର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ସିଦ୍ଧ ହୁଏ । ଖରା ଦିନେ ଏହା ଅଂଶୁଘାତ କମେଇବାରେ ସାହାଯ୍ୟ କରେ । ଏହା ଛଡ଼ା ଏହା ଚାଟ ର ସ୍ୱାଦ ବଢ଼େଇଦିଏ ।"

"ମୁଁ କଣ ଏତେ କଥା ଜାଣିଥିଲି କି ? ମୋତେ ଗୁଡ ସହିତ ଭଲ ଲାଗେନି ସକାଳୁ ସକାଳୁ," ବାପୁନୁ କହିଲା ।

"ତାହା ହେଲେ ମୁଁ ସବୁଦିନ ଆସିବି ଆଉ ଏମିତି ଚାଟ କରି ଆମେ  ଖାଇବା ।  ନିଜେ ତିଆରି କରିବା, ପଇସା  ବି ବଞ୍ଚିଯିବ ଆଉ ଗପସପ ବି ହେଇଯିବ । କଣ କହୁଛୁ ? ଏବେ ତ ତୋ କକା ଅନେକ ଦିନ ଯାଏଁ ବାହାରକୁ ଯାଇ ପାରିବେନି !" ଲିପୁନ କକା କହିଲେ ।

ବାପୁନୁ କଣ ଉତ୍ତର ଦେବାଜାଣି ପାରୁନଥିଲା । ଏତିକିବେଳେ ବୋଉ ଆଉ କିଛି ଚାଟ ତା ଆଡକୁ ବଢ଼େଇଦେଲେ । ବାପୁନୁକୁ ଉତ୍ତର ନଦେବା ବାହାନା ମିଳିଗଲା । ସଙ୍ଗେ ସଙ୍ଗେ ମୁହଁରେ ଚାମୁଚଟିଏ ଚାଟ ଭର୍ତ୍ତି କରି ଚୋବେଇବାରେ ଲାଗିଲା ।

ସମସ୍ତେ  ହସିଲେ ଆଉ ଅନ୍ୟ କଥା ବାର୍ତ୍ତା ରେ ଲାଗି ଗଲେ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଆଶିଷ ପାଇଛି ଫଳ ଦୋକାନୀ



ଦୀନବନ୍ଧୁ ପୋଇ

ଗଣେଶଙ୍କ ପୂଜା ପାଞ୍ଜିରେ ଦେଖିକି
ଫଳ ଦୋକାନୀ ଯେ ହସୁଛି
ପାଚିଲା ଫଳକୁ ସଜେଇ ବସିଛି
ମହମହ ଖାଲି ବାସୁଛି ।
ଭକତିଆ ଯେତେ ଅଛନ୍ତି ଯେ କେତେ
ଫଳ ଦୋକାନୀଟି ଜାଣିଛି
ଭୋଗ ପାଇଁ ନେବେ ମନା ନ କରିବେ
ଏକଥାଟି ସିଏ ବୁଝିଛି ।
କେ ନେବ ନଡ଼ିଆ ଆଉ ଯେ କଦଳୀ
ମାସକ ଆଗରୁ ଆଣିଛି
ପୁରୁଣା ବେପାରୀ କରି ସେ ବିକିରି
ଗ୍ରାହକ ମନକୁ ଜିଣିଛି ।
କଦଳୀ ଡର୍ଜନ ତିରିଶି ଟଙ୍କାକୁ
ପୂର୍ବ ସପ୍ତାହରେ ବିକିଛି
ପୂଜା ସପ୍ତାହରେ ବିକିଲା ଦିଗୁଣ
ଗଣେଶ ଆଶିଷ ପାଇଛି ।
ସେଓ କିଲୋ ଥିଲା ଶହେ ଟଙ୍କା ଭଲା
ଏବେ ମନଇଛା କସୁଛି
ଉପର ଠାଉରିଆ ଭକ୍ତି ରସ ବହେ

ISSN NO.
2582-208X

ଭିତରେ ଭକତ କାନ୍ଦୁଛି ।
କେତେ ଯେ ଆଶିଷ ଦେଇଛ ଗଣେଶ
ଦୋକାନୀ ଟି ସତେ ପାଇଛି
ତୁମ ପୁତ୍ର ଲାଭ ଶୁଭ ତା ପାଖରେ
ସବୁଦିନ ବାନ୍ଧି ରଖିଛି ।
ଟଙ୍କାକ ଭୋଗକୁ ପାଞ୍ଚଟଙ୍କା ନେଇ
ଦୋକାନୀ ସୁଖରେ ରହିଛି
ଯିଏ ଠକି ନେଲା ସିଏ ଖୁସି ହେଲା
ଭକତ ଚାପରେ ରହୁଛି ।
ପାଉ ସଦଜ୍ଞାନ ଏ ବେପାରୀ ଜନ
ଆଗକୁ ଏପରି ନ କରୁ
ନ କଲେ ଏମିତି ଦୁଃଖି ହେବେ ଭକ୍ତ
କମିବ ବି ତୁମ ଭୋଗରୁ ।

କରମୂଳ, ମହିମାଗାଦି, ଢେଙ୍କାନାଳ
ଦୂରଭାଷ_୯୯୩୮୮୦୨୪୧୨

ISSN NO.
2582-208X

# ଟିକି ପିଲା ମୁଁ



ଯଜ୍ଞଦତ୍ତ ସାମନ୍ତରାୟ

ଟିକି ପିଲା ମୁଁ ପଢଇ ପାଠ
ଭଲ ପଢି କହେ ଉତ୍ତମ ଚାଟ ।
ଟିକି ପିଲା ମୁଁ କହଇ ସତ
ଗୁରୁଜନ ପାଦେ ମୋ ମଥା ନତ ।
ଟିକି ପିଲା ମୁଁ ସେବାରେ ମନ
ପରକୁ ମଣଇ ଆପଣା ଜନ ।
ଟିକି ପିଲା ମୁଁ କଅଁଳ କଢି
ଭଲ କାମେ ସଦା ଚାଲଇ ବଢି ।
ଟିକି ପିଲା ମୁଁ କହଇ କଥା
କାହା ମନେ କେବେ ଦିଏନି ବ୍ୟଥା ।
ଟିକି ପିଲା ମୁଁ ଭାବନି ଛୋଟ
ସବୁ କାମ କରେ ମୁଁ ଚଟାପଟ ।
ଟିକି ପିଲା ମୁଁ ହୋଇବି ବଡ
ଭଲ କାମ କରି ଜିଣିବି ଗଡ ।

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ: ୯୩୩୭୪୪୯୨୪

ISSN NO.
2582-208X

# ଟିକି ଝରଣା



ଅମରନାଥ ବାରିକ

ଟିକି ଝରଣାରେ ଟିକି ଝରଣା
ଶବଦ ତୋହର କି ମନ ଜିଣା ।
ପରବତୁ ପରା ତୋହର ଜାତ
କାନନ ରାଣୀର ତୁହି ପଣତ ।
ତୋ' ପାଇଁ ସୁନ୍ଦର ଏଇ ମରତ
ତୋ' ଜଳ ଶୀତଳ ମଧୁ ଅମୃତ ।
କେତେ ଜୀବଙ୍କର ତୋଷ୍ଟା ମେଣ୍ଟାଉ
କାହିଁ କେତେ ଦୂର ତୁ ବୋହିଥାଉ ।
ଏହି ଶକାସରେ ତୋ'ର ଜନମ
ତୋ ପାଖରେ ନାହିଁ ଜାତି ଧରମ ।
ସେ ଲାଗିରେ ତୋତେ କୋଟି ସଲାମ
ତେଣୁ ତୁ ପ୍ରାଣୀଙ୍କ ପରମ ପ୍ରେମ ।
ବୃକ୍ଷ ଲତା ରାଜି ତୋର ପରଶେ
ଦିଶନ୍ତି ସବୁଜ ସୁନ୍ଦର ବେଶେ ।
ନଦ ନଦୀ ନାଳ ଦେହରେ ଯାଇ
ମିଶିଅଛୁ ସ୍ୱଚ୍ଛ ଶୋଭା ଟି ପାଇଁ ।

ISSN NO.
2582-208X

ବିଧାତା ଅନଳ ଗୁଣଟି ଦେଇ
ଗଢିଛିରେ ତୋତେ ସଭିଙ୍କ ପାଇଁ ।
ତୁ ଟିକି ଝରଣା ବଡ଼ ଜୀବନ
ସେଥିପାଇଁ ଆମ ଦେଶ ମହାନ ।
ଝରଣା ମାଳିନୀ ଭାରତ ମାଆ
ଦେଶ ବିଦେଶ ରେ ହୁଏ ତା ନାଁଆ ।
ମିଳିଥାଏ ଆମ ଭାରତେ ଯାହା
ନଥାଏରେ କେଉଁ ଦେଶରେ ତାହା ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ -
## ଅକ୍ଟୋବର ସମୀକ୍ଷା



ଦେବଯାନୀ ସ୍ୱାଇଁ

ସିଂହ ବାହିନୀ, ଅଭୟ ଦାୟିନୀ, ଦୁର୍ଗତି ନାଶିନୀ, ମା' ଦୁର୍ଗାଙ୍କର ସୁନ୍ଦର ପ୍ରତିଛବି ନେଇ ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦେବୀପୂଜାର ସମ୍ୟକ୍ ଐତିହାସିକ କାହାଣୀ ଉଲ୍ଲେଖ କରିଛନ୍ତି।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ଭରି ରହିଛି ବିଭିନ୍ନ ପ୍ରସଙ୍ଗ ଉପରେ ଗଳ୍ପ ଓ କବିତାର ଆଲେଖ୍ୟ।

ପ୍ରଥମ ଗଳ୍ପ, ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି. ଏଫ୍. ଓ. ଅସୀମ, ସମୁଦ୍ରକୂଳିଆ ଏକ ଶୋମ୍ପେନ ବସ୍ତିକୁ ଯାଇ ସେଠାରେ ଶୋମ୍ପେନ ମାନଙ୍କ ପ୍ରତିଟି ବ୍ୟବହାରକୁ ବଡ ଧ୍ୟାନର ସହ ଲକ୍ଷ୍ୟ କରି, ନିଜ ମନରେ ଆଙ୍କି ଥିବା ଅରଣ୍ୟର ଆଦିମ ମାନବର ଚିତ୍ର ସହିତ ତୁଳନା କରୁଛନ୍ତି। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍" ରେ, ଅଭିର ଛାତ୍ରବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ଯୋଗୁଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ।

ISSN NO.
2582-208X

"ଅନ୍ତରଙ୍ଗ ବନ୍ଧୁ" ସହିତ କେତେ ଭି ମନୋମାଳିନ୍ୟ ହେଲେ କେଉଁ ଏକ ସୂତ୍ରରୁ ପୁଣି ସମ୍ପର୍କ ବାନ୍ଧି ହେଇଯାଏ। "ନାରୀ ଓ ଲୋକଗୀତ" - ଦୁଇଟି ଯାକ ଆମ ବିଭବ କହିଲେ ଅତ୍ୟୁକ୍ତି ହେବ ନାହିଁ। "ଜାନକୀ ମାଉସୀ" ଙ୍କ ଭଳି ଅନେକ ଦେବୀ ସୀତା ଆଜି ଏକାକୀ ଭାଗ୍ୟକୁ ଆଦରି ବନବାସ କାଟୁଛନ୍ତି। ପୂଜା ବୋତଲରୁ "ଗଙ୍ଗାଜଳ" ଯେମିତି କେବେ ବି ଶୂନ୍ୟ ହୁଏନି, ଆମ ସମସ୍ତଙ୍କର ଭଗବାନଙ୍କ ଉପରେ ଆସ୍ଥା ଓ ବିଶ୍ୱାସର ଅନ୍ତ ହୁଏନି। ଏକ ସୁନ୍ଦର ମତ ବ୍ୟକ୍ତ କରିଛନ୍ତି ଲେଖକ, "ଲଳିତ ନିବନ୍ଧ- ସୁନ୍ଦରତା" ରେ : ଆମ ଚାରିପାଖରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ ଭରି ରହିଛି, ହେଲେ ପ୍ରକୃତ ସୌନ୍ଦର୍ଯ୍ୟ ନିହିତ ରହିଥାଏ ଦର୍ଶକର ଆଖିରେ। ଶିକ୍ଷଣୀୟ ଉପସ୍ଥାପନା- "ଶିଶୁ କିଶୋର ମାନଙ୍କର ବୟସସୂଚୀ ଓ ପଠନ ରୁଚିରେ ଉପନ୍ୟାସର ସ୍ଥାନ", ପୁଣି ରହିଛି "ଏକଲବ୍ୟ" ପରି ବିରଳ ଶିଷ୍ୟ ଓ "କଳାର ମହିମା"। ଆମ ଗୌରବ, "ସ୍ୱପ୍ନ ଓ ସଂକଳ୍ପର ଅନୁରଣନ: ଉତ୍କଳ ପ୍ରଦେଶ"। ଲେଖିକାଙ୍କ ର ଏକ ସୁନ୍ଦର ଉକ୍ତି- ନିଜର "ଅସମ୍ପୂର୍ଣ୍ଣତା" କୁ ବାରମ୍ବାର ନ ପରଖି ସେହି ଅସମ୍ପୂର୍ଣ୍ଣତା ଭିତରେ ସମ୍ପୂର୍ଣ୍ଣତା ହାସଲ କରିପାରିଲେ ହିଁ ମନୁଷ୍ୟ ଜୀବନ ସାର୍ଥକ ହୋଇଥାଏ। ସୁନ୍ଦର ସଂଗ୍ରହଣ- "ଜଗନ୍ନାଥ ଙ୍କ ଛପନ ଭୋଗ"। "ଆଲେଖ- ଭ୍ରମ ଧାରଣା" ରେ ଗାଳ୍ପିକଙ୍କ ଉପସ୍ଥାପନା ଖୁବ୍ ସଠିକ: ଝିଅ ପୁଅ ପ୍ରତି ଥିବା ଆମ ମନର ଭ୍ରମକୁ ଦୂର କରି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା। ବିଶିଷ୍ଟ ବ୍ୟକ୍ତି ଓ ତାଙ୍କ କୃତି ଆଧାରିତ, "ପ୍ରତିଭାଧାରୀ ପରେଶ"। ଆଜି ବିଲୁପ୍ତ ମୁଖରେ ଅନେକ ଉଦ୍ଭିଦ, ଜନ୍ତୁ ପ୍ରଜାତି ସହିତ ରହିଛି ନିରୀହ ଆଦିବାସି ଜନଜାତି, ଯେଉଁ ମାନ ଙ୍କ ପାଖରେ ଲୁଚି ରହିଛି ପ୍ରକୃତି ବିଜ୍ଞାନ ଓ କୌଶଳ। ତେଣୁ "ପୃଥିବୀ ପାଇଁ ଏକ ସମାଧାନ, ଆଦିବାସୀ ଜୀବନ ଓ ଜୀବିକା"। ଆସ ଏଥର "ମୋହ", କାମ, କ୍ରୋଧ, ଲୋଭ ଠାରୁ ଦୂରରେ ରହି ପରସ୍ପର ସହିତ ବନ୍ଧୁତା ସୂତ୍ରରେ ବାନ୍ଧି ହେଇଯିବା।

ମା' ର ବନ୍ଦନାରେ କବିତାର ଆରମ୍ଭ। "ଦୁର୍ଗତି ନାଶିନୀ", "ଦୁର୍ଗା ଦୁର୍ଗତି ନାଶିନୀ", ସିଂହବାହିନୀ ଅଭୟଦାୟିନୀ ମାଆ, ବରଷାଇ ଦିଅ ତୁମ କୃପା ଦୟା, ଭକତଙ୍କୁ ହୁଅ ସାହା। "ଆସିଅଛି ନୂଆଖାଇ"- ମିଳିମିଶି ଆସ ଭକତି ଭାବରେ ପୂଜିବା ମା' ସମଲେଇ। "ଜୟ ଜଗନ୍ନାଥ କାଳିଆ ସାଆନ୍ତ", "ହେ ଚକାନୟନ", "ସମର୍ପଣ" କରେ ନିଜକୁ ମୁଁ ତୋ ପାଖେ, "ମୁକତିର ପଥ ଦେଖା କାଳିଆ"!! ଚାଲ ଟିକେ "ଗୀତା ମହାତ୍ମ୍ୟ" କୁ ବୁଝି ସମସ୍ତେ ମିଶି କରିବା "ଶ୍ରୀକୃଷ୍ଣ ସ୍ତୁତି"।

ISSN NO.
2582-208X

"ପରିବର୍ତ୍ତନର ସମୟ ଆସିଛି", "କରୁ ନାହିଁ ପ୍ରଶ୍ନ ଆଜି"- ତୁଠ ପଥର ପରି ନିସ୍ତବ୍ଧ ମୁଁ ସାଜି, "ଅଜ୍ଞତା ହିଁ ଅହଂକାର"ର ଜନନୀ। ସବୁ ଯନ୍ତ୍ରଠାରୁ ବଡ ଯନ୍ତ୍ର ଯିଏ ନାମ ତାର "ଷଡଯନ୍ତ୍ର", ଆଶାରେ ଜଳେ ଗରିବ ସ୍ୱପ୍ନ, ଭାଗ୍ୟର ସାଥେ କର୍ମ, ମନର ବଳ କହି ହେଉଥାଇ, ତଥାପି "ମୁଁ ବି ଯୋଗ୍ୟ"। "ଝିଅ" ଜନମ ତ ପର ଘରକୁ, କାହିଁକି ଏ ନିଷ୍ଠୁର ବିଧାନ କଲାତ ବିହି!! "ତୁମେ ନାରୀ", ବହୁରୂପୀ, ବହୁ ଅବତାରଧାରୀ, ସମାଜରୁ ଅଶାନ୍ତି, କଳୁଷତା ଦିଅ ଦୂର କରି। "ଜହ୍ନ ରାଇଜକୁ ଚିଠି", "ରାଜଧାନୀରେ ହଜିଗଲାଣି ବସନ୍ତ"- ମାଘ ମାସଟାରେ ଚାଳିଶି ଡିଗିରୀ ତାତି।

"ଶେଷ ଶ୍ରାବଣ"ରେ ବିଦାୟ ନିଅଇ ବର୍ଷା, ଦେଇ ଜଗଜ୍ଜନନୀ ଙ୍କ ବାର୍ତ୍ତା। "ବାରିବାହ"- ବିମୁଖ ନ ହୋଇ ଫେଡଦାହ, "ଶରତ ସମ୍ଭାର"- ମହୀ ହୋଇଲା ମନୋହର। "ନିର୍ବିକାର" ଭାବେ ଉପକାର କରୁଥାଇ ପାଦପ, ପୁଣି ବଦାନ୍ୟେ ବାଣ୍ଟଇ "ଧ୍ୱାନ୍ତରି" ଧରାରେ ଜୀବନ।

"ସୂର୍ଯ୍ୟ ରଙ୍ଗର ରଜା", ମନ ବୁଝେନା "ତୁମ ବିନା", "ମନ ଖୋଜେ" - ପ୍ରୀତି ମଗ୍ନା। ଆକାଶରେ ଦେଖି "ବରଷା ବିଭବ" ମନରେ ଲାଗିଛି ପର, ଝରି ଯାଆନ୍ତା କି ବରଷା ଅସାରେ, ଝୁମନ୍ତା ପାଦ ନୁପୁର। "ପ୍ରଥମ ଦେଖା"- ବୁଝି ପାରି ନ ଥିଲି ମନର ସୀମାରେଖା। "ଅଭୁଲା ଅଲିଭା ସେ ଶ୍ରାବଣ ରାତି"- ଉଙ୍କି ମାରେ ମନ ଗହନେ ଭିଜା ଭିଜା ସ୍ମୃତି। ଆସିବାକୁ ମୋତେ କହିଥିଲ ବୋଲି ସାରା ରାତି ଥିଲି ଚେଇଁ, "ଆସିଲନି ତୁମେ" ରାତି ପାହି ଗଲା ଅପେକ୍ଷାରେ ଚାହିଁ ଚାହିଁ। "କାଗଜ ଡଙ୍ଗାରେ" କାଗଜ ଡଙ୍ଗା, ମୋ ପ୍ରିୟା ସହରକୁ ତୁ ଭାସି ଯା !!। "ଲୁହ"- ସେତ ସୁପ୍ତ ବେଦନାର କୋହ, ତାର ଦ୍ୱିତୀୟା ଚାନ୍ଦର ଓଠ ଧାରେ- ମଧୁ ଝରେ ସତେ ସେ "ଅମୃତାଘାତ"ରେ।

"ନ୍ୟାୟ" ଦେବୀ ଆଜି ଅନ୍ଧ ହୋଇ ଅଛି ଆଖିରେ ପୁଟୁଳି ବାନ୍ଧି, ସଂପର୍କର ଡୋର ଛିନ୍ନଭିନ୍ନ ହୁଏ ପ୍ରଜ୍ଜ୍ୱଳନ ହେଲେ "ସନ୍ଦେହ"ର ବହ୍ନି। ଏ "ଧରା ରଙ୍ଗମଂଚେ ଆମେ କଳାକାର", ଧରମ ଧନକୁ କରୁଥା "ପାଥେୟ", "ଜୀବନର ପଥ"- ବହୁ ଦୂର ପଥ, "ନିଶ୍ୱାସକୁ ନାହିଁ ବିଶ୍ୱାସ"। "କହିବାକୁ ତ ଅଛି ଅନେକ କିଛି"- ଭଗ୍ନ ମୁଖଶାଳାରେ ଲୁଚିଥିବା ସବୁ ସମୟର ସନ୍ତକ। ହେ "ସୀମାନ୍ତ ପ୍ରହରୀ", ତୁମ ପାଦ ତଳେ ନତ ଏ ମସ୍ତକ!!

ISSN NO.
2582-208X

"କବିତା ଗୋ ତୁମେ"- ରସର ଲାବଣ୍ୟ ଲୀଳା, ଏତିକିରେ ରହୁଚି ଏଥର, ପୁଣି ଆରଥରକୁ ପଢ଼ିବା ତୁମ ଲଳିତ ଶବ୍ଦର ମାଳା।

ସ୍ୱାସ୍ଥ୍ୟ ବିଭାଗରେ ରହିଛି, "ଡେଙ୍ଗୁ ଜ୍ୱର ଓ ତାର ପ୍ରତିକାର" ସହିତ "ସେଓ ଓ କମଳାରେ ଔଷଧିୟ ଗୁଣ"।

ନବରାତ୍ର ବ୍ରତ ଯୋଗୁଁ ଆମ ହାଣ୍ଡିଶାଳରେ କେବଳ "ପିପର ମଶରୁମ୍" ବନାଯାଇଛି।

ଶିଶୁ ବିଭାଗରେ ରହଛି ମଜାଳିଆ ଗପ "ସପେଟାର ବଡ ଭାଇ" ମାମେ ଓ ଶିକ୍ଷଣୀୟ ଗପ "ଜନ୍ମଦିନ"। ଏଥି ସହିତ "ଜଳ ହିଁ ଜୀବନ", "ମୋ ମାମୁଁ ଘର" ଓ ଆସରେ ପିଲେ "ସଂଖ୍ୟା କ୍ରମରେ ଶିଖିବା" ଏକରୁ ଦଶ ଭଳି ସୁନ୍ଦର କବିତା। କୁନି "ଆଦବିକା" ତାର କୁନି ହାତରେ ଶରତ ଋତୁର ଆଗମନରେ ପରିବେଶର ଦୃଶ୍ୟକୁ ସୁନ୍ଦର ଭାବେ ଆଙ୍କି ଦେଇଛନ୍ତି।

ପର୍ବପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ଆମ ଜାତି, ଧର୍ମର ସବୁଠୁ ବଡ ପର୍ବ ଦଶହରା। ପବିତ୍ର ଦଶହରା ଅବସରରେ ବେଦାନ୍ତୀ ପରିବାରର ସମସ୍ତ ସଦସ୍ୟଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୯/୧୧/୨୦୨୩ | ଗୋବତ୍ସ ଦ୍ୱାଦଶୀ, ରମା ଏକାଦଶୀ |
| ୧୧/୧୧/୨୦୨୩ | ଧନ୍ୱନ୍ତରୀ ଜୟନ୍ତୀ |
| ୧୨/୧୧/୨୦୨୩ | ଶ୍ୟାମାକାଳୀ ପୂଜା, ଦୀପାବଳୀ |
| ୧୩/୧୧/୨୦୨୩ | ଅମାବାସ୍ୟା, ପର୍ୟାଶ୍ରାଦ୍ଧ |
| ୧୪/୧୧/୨୦୨୩ | ଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ଶିଶୁ ଦିବସ, ନେହେରୁଙ୍କ ଜୟନ୍ତୀ |
| ୧୫/୧୧/୨୦୨୩ | ଯମ ଓ ଭାତୃ ଦ୍ୱିତୀୟା |
| ୧୭/୧୧/୨୦୨୩ | ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା, ନାଗ ଚତୁର୍ଥୀ |
| ୧୯/୧୧/୨୦୨୩ | ଷୋଳଶାସନ ଅମୃତମଣୋହି ଭୋଗ |
| ୨୦/୧୧/୨୦୨୩ | ଗୋଷ୍ଠାଷ୍ଟମୀ |
| ୨୧/୧୧/୨୦୨୩ | ଅଁଳା ନବମୀ, ଶ୍ରୀରାଧାଙ୍କ ପାଦ ଦର୍ଶନ |
| ୨୨/୧୧/୨୦୨୩ | ଶ୍ରୀ କୃଷ୍ଣଙ୍କ ଶରଦ୍ରାସାଧିବାସ |
| ୨୪/୧୧/୨୦୨୩ | ଗରୁଡ ଦ୍ୱାଦଶୀ ଓ ତୁଳସୀ ବିବାହ |
| ୨୫/୧୧/୨୦୨୩ | ଶିବଉତଥାପନ, ବଡଓଷା |
| ୨୭/୧୧/୨୦୨୩ | ରାସ ପୂର୍ଣ୍ଣିମା, ବାଲିଯାତ୍ରା ଓ କାର୍ତ୍ତିକେଶ୍ୱର ପୂଜା |
| ୨୮/୧୧/୨୦୨୩ | ଛାଡଖାଇ |
| ୩୦/୧୧/୨୦୨୩ | ମାର୍ଗଶୀର ଗୁରୁବାର |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଅକ୍ଟୋବର ମାସର ବିଜେତାଙ୍କ ନାମ



ISSN NO.
2582-208X

ଆସ କଏ ଖାଇବ ହୋ
ଆମ ଓଡିଶା ଚାଇଜର ମିଠା
ଛେନାପୋଡ, ରସାବଳ, ଛେନାଗଜା
ସନ୍ଦେସ, ରସାବଳୀ ଆଉ ଛେନାଗଜା
ଖାଇଯାଅ ଖାଇଯାଅ ସ୍ୱଇଛାରେ
ମିଳବନ ଏହା ଓଡିଶା ବାହାରେ

ମଳୟ ରଞ୍ଜନ ନାୟକ, ବାନ୍ଦ୍ରା, ମୁମ୍ବାଇ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତ୍ରୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**